ଜୁଲାଇ ୨୦୨୧ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in




New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ତୃତୀୟ ବର୍ଷ : ୯ମ ସଂଖ୍ୟା, ଜୁଲାଇ ୨୦୨୧ ■ Vol-3, Issue : 9, July 2021



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : ***rebati.rebati2018@gmail.com***
: ***rebati.edit2020@gmail.com***

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୂ ଚୀ ପ ତ୍ର

୩ୟ ବର୍ଷ ୯ମ ସଂଖ୍ୟା । ଜୁଲାଇ ୨୦୨୧ ।

ଭେଦ୍ଵତୀ
ଆମ ମାଟିର ସର




୯ ସମ୍ପାଦକୀୟ : ଏକକ ପରିବାର ... : ସୁବାସିନୀ ଜେନା





୨୩
ମାନନୀୟେଷୁ : ବହି ବଗିଚାର ବାୟାରଜା:
ମନୋଜ କୁମାର ମେହେର

୩୮
ପର୍ଯ୍ୟଟନ : ବର୍ଲିନ୍‌ର ବିବିଧତା :
ସୌରଭ ରଞ୍ଜନ ମହାପାତ୍ର

୪୪
ଭ୍ରମଣ କାହାଣୀ : ହାଇଦ୍ରାବାଦ୍‌ର ହୀରା:
ଲକ୍ଷ୍ମୀପ୍ରିୟା ଓଝା

୫୦
ଅବଲୋକନ : ଅମ୍ବାପଲ୍ଲୀର ଅନ୍ତର୍ଦାହ :
ମଣୀନ୍ଦ୍ର କୁମାର ମେହେର

୫୪ ଦ୍ଵି-ପ୍ରଚ୍ଛଦ : ସୁକୀର୍ତ୍ତି କର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୮ ସମକାଳ କବିତା : ଫନୀ ମହାନ୍ତି
୫୯ : ରାଧାରଂଜନ ପଟ୍ଟନାୟକ
୬୦ : ମାନସ ରଞ୍ଜନ ମହାପାତ୍ର
୬୧ : ସୁଧା ଦାଶ
୬୨ : ବାଦଲ ମହାନ୍ତି
୬୩ : ଦେବାଶିଷ ପାତ୍ର
୬୪ : ସସ୍ମିତା ମେହେର
୬୫ : ନଳିନୀ କୁମାର ପାଣିଗ୍ରାହୀ
୬୬ : ଲିପ୍‌ସା ପଟେଲ
















୬୭ ଚରିତ-ଉପନ୍ୟାସ : **ପବିତ୍ର ମୋହନ ଦାଶ**

୭୩ ଆତ୍ମଜୀବନୀ : **ଜୟନ୍ତୀ ରଥ**

୭୭ ପ୍ରସଙ୍ଗ:କବିତା : **ଈପ୍‌ସିତା ଷଡ଼ଙ୍ଗୀ**

୮୩ ପୁଷ୍ପବିତାନ : **ଶ୍ୱେତା ରାଉତ**

୮୮ କଥା-କାହାଣୀ : **ଆଲୋକ କୁମାର ବାରିକ**

୯୫ ପଛ-ଝର୍କା : **ନେତାଜୀ ଅଭିନନ୍ଦନ**

୧୦୦ ଆଇନକାନୁନ : **ସ୍ନିଗ୍ଧା ତ୍ରିପାଠୀ**





## ନିୟମିତ ବିଭାଗ


୯୮ ଫ୍ୟାଶନ୍ : **ସ୍ୱାଗତିକା ସେଠୀ**

୧୦୧ ରୋଷେଇଶାଳ : **ରୋନାଲିସା ପଣ୍ଡା**

୧୦୩ : **ସ୍ୱାତୀଦୀପା ସ୍ୱାଇଁ**









ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ସୋନାଲି ପରିଡ଼ା**
ଉଚ୍ଚତା : **୫ ଫୁଟ୍ ୫ ଇଞ୍ଚ୍**
ଶିକ୍ଷା : **ପିଏଚ୍‌ଡ଼ି (ଅଣୁଜୀବ ବିଜ୍ଞାନ) ଶେଷ ବର୍ଷ**
ବୃତ୍ତି : **ସିନିୟର୍ ରିସର୍ଚ୍ଚ ଫେଲୋ, ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ରେଶ୍‌ୱାଟର୍ ଆକ୍ୱାକଲ୍‌ଚର୍, ଭୁବନେଶ୍ୱର**
ପ୍ରଚ୍ଛଦ ଫଟୋଗ୍ରାଫି : **ସୁଭାଶିଷ ସାହୁ ଓ ଶରତ ପରିଡ଼ା**
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ**
ମେକ୍‌ଅପ୍ : **ସ୍ରିଷ୍ଟି ସୁମନ** , କଷ୍ଟ୍ୟୁମ୍ : **ସୁମନ ପରିଡ଼ା**

**ମଲାଟ କଥା** : ରିମ୍‌ଝିମ୍ ବର୍ଷାର ତାଳେ ତାଳେ କିଏ ବା ମନେ ପକାଏନା ବର୍ଷାଋତୁର ସେଇସବୁ ମଧୁର ମୁହୂର୍ତ୍ତମାନଙ୍କୁ! ବର୍ଷାର ଆଗମନ ମାତ୍ରେ ଶୁଷ୍କ ମାଟି ଯେମିତି ଶୀତଳିତ ହୋଇଯାଏ, ଠିକ୍ ସେମିତି ମାନବସମାଜ ମଧ୍ୟ ବର୍ଷାର ଛୁଆଁରେ ପୁଲକିତ ହେଇ ଉଠେ । ବିଶେଷ କରି ବର୍ଷାଦିନେ କାଗଜଡଙ୍ଗା ଭସାଇବାର ସେଇ ଅନୁଭବ ନିଆରା । ପିଲାଦିନକୁ ମନେ ପକାଇବା ପାଇଁ ଏଥର 'ରେବତୀ' ତୋଳି ଧରିବାକୁ ପ୍ରୟାସ କରିଛି କାଗଜଡ଼ଙ୍ଗା ଭସେଇବାର ପ୍ରତୀକ, ଏ ମାସର ପ୍ରଚ୍ଛଦରେ ।


୧୦୫ ଶେଷପୃଷ୍ଠା : **ଲେଖକର ଲକ୍ଷ୍ୟ : କୃଷ୍ଣ କୁମାର ମହାନ୍ତି**

# ମତ-ଅମତ




## ସମ୍ପାଦକୀୟ ପୃଷ୍ଠାର ଶୂନ୍ୟସ୍ଥାନ ପାଖରେ ଅଟକିଲି

● ହାତରେ ନଧରିଲେ ପତ୍ରିକା ପଢ଼ିବାର ଆନନ୍ଦ ମୁଁ ପାଇ ପାରେନାହିଁ । ତଥାପି ଅନେକ ସମୟ ବସି ପଢ଼ିଲି କମ୍ପ୍ୟୁଟର୍‌ରେ । ଆଖି ଝାପ୍‌ସା ହେଉଥାଏ ବାରମ୍ବାର । 'ରେବତୀ'ରେ ପ୍ରକାଶିତ ଆମର ଅତ୍ୟନ୍ତ ପ୍ରିୟ ମଣିଷ ମନୋଜ ଦାସଙ୍କ ପ୍ରତି ଅପରିସୀମ ଶ୍ରଦ୍ଧା ଓ ଭଲପାଇବାର ନିଦର୍ଶନ ଯୋଗୁଁ କି ମୋର ଦୁର୍ବଳ ଦୃଷ୍ଟିଶକ୍ତି ଯୋଗୁଁ ଜାଣିନି । ସମ୍ପାଦକୀୟ ପୃଷ୍ଠାରେ କିଛି ସମୟ ଅଟକିଲି 'ହେ ମହାମାନବ, ଘେନ ପ୍ରଣତି' ପାଖରେ । ସମ୍ପାଦିକାଙ୍କ ସହିତ ମୋର ମଧ୍ୟ ପ୍ରଣତି ନିବେଦନ କଲି ସେହି ମହାମାନବଙ୍କୁ । ମହକିତ ମନୋଜ (୧)ରେ ଡକ୍ଟର ସୁବାସ ଚନ୍ଦ୍ର ପାତ୍ରଙ୍କର ଆଲଖ୍ୟଟି ଖୁବ୍ ଭଲ ଲାଗିଲା । ପ୍ରଣାମ ଯୁଗପୁରୁଷ: ପ୍ରସଙ୍ଗ(୨)ରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ସ୍ମୃତି ଅର୍ଘ୍ୟ ଖୁବ୍ ଆନ୍ତରିକ ଶ୍ରଦ୍ଧା ଓ ସମ୍ମାନର ଅଭିବ୍ୟକ୍ତି । ମନୋଜୀୟ ମୁହୂର୍ତ୍ତରେ ମନୋଜ ଦାସଙ୍କୁ ନେଇ ଲେଖିଥିବା ମୋର ଲେଖାଟିକୁ ପ୍ରକାଶ କରିଥିବାରୁ ଅନେକ ଧନ୍ୟବାଦ ଓ କୃତଜ୍ଞତା । ଜଣେ ପାଠିକାର ଦୃଷ୍ଟି ନେଇ ପ୍ରସଙ୍ଗଟିକୁ ଆଉଥରେ ପଢ଼ିବା ପରେ ମନେହେଲା ଆହା କେତେ ଶ୍ରଦ୍ଧା ଆଉ ଭଲ ପାଇଠବାର ଐଶ୍ୱର୍ଯ୍ୟରେ ଆମ ଜୀବନକୁ ସେ ଧନ୍ୟ କରିଛନ୍ତି ସତେ ! ତାଙ୍କ ବିଷୟରେ ଯେତିକି ଲେଖିଛି ବହୁତ କମ । ଆହୁରି ଅନେକ କଥା ରହିଗଲା ସ୍ମୃତିର ସମ୍ପଦ ହୋଇ । ପୁଣି କେବେ ଲେଖିବି ସେସବୁ । 'ଶେଷପୃଷ୍ଠା'ରେ ମଧ୍ୟ ପୂଜ୍ୟ ମନୋଜ ଦାସଙ୍କ ପ୍ରତି ଅସୁମାରୀ ଶ୍ରଦ୍ଧା ଓ ସମ୍ମାନ ଗୁନ୍ଥା ହେଇଛି ପ୍ରତିଟି ଶବ୍ଦରେ । ତାଙ୍କର ମହାନତା, ବିନମ୍ରତା ଏବଂ ସରଳତା ଅତୁଳନୀୟ । ତାଙ୍କର ଆଚରଣ ଆଉ ଉଚ୍ଚାରଣରେ ଆଦୌ ପାର୍ଥକ୍ୟ ନଥିଲା । ଚିର ନମସ୍ୟ ସେ । ଜୟନ୍ତୀ ରଥଙ୍କର ଜୀବନଧର୍ମୀ ପ୍ରାୟୋପନ୍ୟାସ ଅୟମାରମ୍ଭ ଖୁବ୍ ଭଲ ଲାଗିଲା । ଏହି ବିଷୟ ଉପରେ ତାଙ୍କ ଭଳି ଆଉ କେହି ହୁଏତ ଲେଖି ପାରିବେ ନାହିଁ । ପରବର୍ତ୍ତୀ ଅଧ୍ୟାୟକୁ ଅପେକ୍ଷା ରହିଲା । ଡକ୍ଟର ମଣୀନ୍ଦ୍ର କୁମାର ମେହେରଙ୍କ ହରିସିଂଙ୍କ ଚିଠି ଖୁବ୍ ଛୁଇଁଗଲା ମନକୁ । କଥାସମ୍ରାଟ ଫକୀରମୋହନଙ୍କ ଗଳ୍ପ ଚରିତ୍ରମାନଙ୍କୁ ଏଭଳି ଭାବରେ ଉପସ୍ଥାପିତ କରିବାର ପ୍ରୟାସ ବେଶ୍ ଭଲ ଲାଗିଲା । ମଥୁରାର ମନ୍ଦିର, ପୁଷ୍ପବିତାନ ଇତ୍ୟାଦି ଲେଖା ଉପରେ ଆଖି ପକେଇଛି ମାତ୍ର । କିନ୍ତୁ ଭଲ ଭାବରେ ପଢ଼ିବାର ସୁଯୋଗ ଦେଲାନି ମୋ ଆଖି । ସେତିକିରେ ବନ୍ଦ୍ କଲି ପଢ଼ିବା । ଯେତିକି ବି ପଢ଼ିଲି, ସେ ବିଷୟରେ କିଛି ଲେଖିବା ଉଚିତ୍ ଭାବି ଜଣାଇଲି । ଅନେକ ଶୁଭେଚ୍ଛା ସମଗ୍ର 'ରେବତୀ' ପରିବାରକୁ । ଏଇ ଆତଙ୍କର ବାତାବରଣରୁ ଖୁବ ଶୀଘ୍ର ଆମକୁ ମୁକ୍ତି ମିଳୁ । ଆମର ସୁନ୍ଦର ସ୍ୱାଭାବିକ ଜୀବନ ଲେଉଟି ଆସୁ ।

**ପ୍ରବୀଣା ମହାନ୍ତି**, ୩୦୫, ଲୋମାନି ଭିଲ୍ଲା, ଗୋଠପାଟଣା, ଭୁବନେଶ୍ୱର-୭୫୧୦୨୯

## 'ରେବତୀ'ର ସମୁଦାୟ କବିତା ସୁନିର୍ବାଚିତ

● 'ରେବତୀ'ର ମଇ ସଂଖ୍ୟା ଇ-ପତ୍ରିକା ଆଜି ପଢ଼ିବା ଆରମ୍ଭ କରିଛି । ପ୍ରଥମେ 'ଲେଖକର ଲୌକିକତା' ସଂପାଦକୀୟ ପଢ଼ି ମୁଗ୍ଧ ହେଲି । କୃଷ୍ଣ କୁମାର ମହାନ୍ତିଙ୍କ ସମୟୋପଯୋଗୀ ଭାବଗର୍ଭକ ଆଲୋଚନା ସଂପାଦକୀୟକୁ ଉଚ୍ଚକୋଟୀର କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସମକାଳ କବିତା ପୃଷ୍ଠାରେ ଧନଞ୍ଜୟ ସ୍ୱାଇଁଙ୍କ ଠାରୁ ନିରାକାର ଦାସଙ୍କ ପର୍ଯ୍ୟନ୍ତ ୧୨ଟି ସୁନିର୍ବାଚିତ କବିତା ମନକୁ ଆଚ୍ଛନ୍ନ କଲା । ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଦ୍ରୌପଦୀ କାବ୍ୟ ପୃଷ୍ଠାରେ ତାଙ୍କ କବିତା ଖୁବ୍ ଛୁଇଁଲା ମନକୁ । ସମସ୍ତ କବିଙ୍କୁ ତଥା ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କୁ ଅଜସ୍ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । 'ରେବତୀ'ର ଏ ସଂଖ୍ୟାରେ ପ୍ରକାଶିତ ଯଶସ୍ୱୀ ସାରସ୍ୱତ ସାଧକ ପଦ୍ମଭୂଷଣ ମନୋଜ ଦାସଙ୍କ ଉପରେ ଲିଖିତ ପ୍ରସଙ୍ଗ ଏ ସଂଖ୍ୟାର ମୁଖ୍ୟ ଆକର୍ଷଣ । କ୍ରମଶଃ 'ରେବତୀ'ର ସମସ୍ତ ଲେଖା ପଢ଼ି ମତାମତ ପ୍ରଦାନ କରିବି ।

**ସୌଭାଗ୍ୟବନ୍ତ ମହାରଣା**, ସମ୍ବଲପୁର

## ନେତାଜୀ ଅଭିନନ୍ଦନଙ୍କ ଆଲେଖ ଭଲ ଲାଗିଲା

● ଜୁନ ସଂଖ୍ୟା 'ରେବତୀ'ର ସମ୍ପାଦକୀୟ ସମାଜରେ ନାରୀଙ୍କ ଅନ୍ୟ ଏକ ମହତ୍ତ୍ୱ ପ୍ରତି ସଚେତନ କରାଏ । ଅନେକ କିଛି ଜାଣିହେଲା 'ତପସ୍ୟାଧାମ' ବିଷୟରେ । ଯଦିଓ ଦେଖିଥିଲି ଜାଣି ନଥିଲି ଏତେ କଥା । ଦିବଂଗତ ପ୍ରତିଭାବାନ କବି ବସନ୍ତ ମୁଦୁଲିଙ୍କ ସମ୍ବନ୍ଧରେ ଆଲେଖଟି ଭଲ ହେଇଛି । କବି ଦୃଷ୍ଟିରେ ଆଉ ଜଣେ କବିଙ୍କ ସଂପର୍କିତ ଆଲୋଚନା ସବୁବେଳେ ଭଲ ହେଇଥାଏ । ଏହାର ଲେଖକ କବି ସୌଭାଗ୍ୟବନ୍ତ ମହାରଣାଙ୍କୁ ମୋର ଧନ୍ୟବାଦ । ବାପା ଭାବରେ ସୁସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ଜାଣିଲି ପୁଅ ନେତାଜୀ ଅଭିନନ୍ଦନଙ୍କ ଲେଖାରେ । 'ରେବତୀ'ରେ ଅନେକ ମନଛୁଆଁ କବିତା ଏଥର । ଭଲ ଲାଗିଲା । ସଂଗ୍ରହାଳୟ ଉପରେ ଲେଖାଟି ଉପାଦେୟ । 'ପୁଷ୍ପ-ବିତାନ'ରେ ମନ୍ଦାର ମନ୍ଦାର ପରି ସୁନ୍ଦର । ତଥ୍ୟଭିତ୍ତିକ ଲେଖା । ଲେଖିକାଙ୍କୁ ଏପରି ଗବେଷଣାମୂଳକ ଉପସ୍ଥାପନା ପାଇଁ ଧନ୍ୟବାଦ । 'ଦାସେ ଆପଣେ'ଙ୍କୁ ଅପେକ୍ଷା ଥାଏ ସବୁଥର । ପବିତ୍ର କୁମାର ଦାଶଙ୍କ ସ୍ପର୍ଶ ବି ଦେଖି ହୁଏ । 'ଲେଖକର ଧର୍ମ' ଗୋଟିଏ ପ୍ରାସଙ୍ଗିକ ବିଷୟ । ଭଲ ଭାବରେ ସଚେତନ କରାଇଛନ୍ତି ଲେଖକଙ୍କୁ । ଅଳଙ୍କରଣ ବହୁତ ଭଲ ହେଇଛି ।

ସୁଶୀଲ କୁମାର ପାଣିଗ୍ରାହୀ, ସମ୍ବଲପୁର

## 'ରେବତୀ'ରେ ମନୋଜ ଦାସଙ୍କ ସମ୍ପର୍କିତ ତିନୋଟି ଆଲେଖ୍ୟ ହୃଦୟସ୍ପର୍ଶୀ

● ମଇ ସଂଖ୍ୟାଟି ଅନ୍‌ଲାଇନ୍‌ରୁ ପଢ଼ିଲି । ପ୍ରଥମେ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା'ରୁ ଆରମ୍ଭ କଲି । ବ୍ୟବହାର ଓ ଆଚରଣରେ ବହୁ ପତିତ ଲେଖକ ଅଛନ୍ତି । ସେମାନଙ୍କ ପ୍ରତି ବିଦ୍ୱେଷ ନଥିଲେ ବି ଶ୍ରଦ୍ଧା ରହେ ନାହିଁ । ମନୋଜ ଦାସଙ୍କ ସମ୍ପର୍କରେ ତିନିଟି ପ୍ରସଙ୍ଗ ହୃଦୟସ୍ପର୍ଶୀ । ଜୟନ୍ତୀ ରଥଙ୍କ ଆତ୍ମାନୁଭବ ବହୁ ତଥ୍ୟ ପ୍ରଦାନ କଲା । ଚରିତ ଉପନ୍ୟାସ, ହରିସିଂଙ୍କ ଚିଠି, ମଥୁରାର ମନ୍ଦିର (ମୁଁ ସେ ସ୍ଥାନ ଦର୍ଶନର ସୁଯୋଗ ପାଇଛି)ର ଚମତ୍କାର ବିନ୍ୟାସ । ଦ୍ୱିତୀଚନ୍ଦ୍ର ସାହୁ, ଶ୍ୱେତା ରାଉତ ଓ ମୀନା ସ୍ୱାଇଁଙ୍କ ଆଲେଖ୍ୟ ସବୁବେଳେ ଭଲ ଲାଗେ । ସିନ୍ଧୁ ସେନ୍‌ଙ୍କ ଗପଟି ସୁନ୍ଦର, ଅପତ୍ୟ ଜୁଡୁବୁଡୁ । କିନ୍ତୁ କିଡ୍‌ନି ଦାନ କରି ଈପ୍‌ସିତା କଣ ସୁସ୍ଥ ଥିଲେ ଯେ ପିଲାର ଅପରେସନ୍ ବେଳେ ବାରଣ୍ଡାରେ ଷ୍ଟାଚ୍ୟୁ ଭଳି ଠିଆ ହେଇଥିଲେ ! ଟିକେ ଅସ୍ପଷ୍ଟ ରହିଲା । କବିତାଗୁଡ଼ିକ ସୁନିର୍ବାଚିତ ଓ ସୁନ୍ଦର । ସମସ୍ତ ସ୍ରଷ୍ଟାଙ୍କୁ ମୋର ଯଥାମାନ୍ୟ ।

ରବି ପଣ୍ଡା, ପ୍ଲଟ୍ ନଂ ୩୫୩୪, କପିଳପ୍ରସାଦ, ଭୁବନେଶ୍ୱର-୭୫୧୦୦୨

## 'ରେବତୀ'ର 'ଶେଷକଥା' ପ୍ରଥମେ ପଢେ

● 'ରେବତୀ' ପଢ଼ିଲି । ସମ୍ପାଦକୀୟଠୁ ଶେଷକଥା, କବିତା ବିଭାଗରେ ମଞ୍ଜରୀତ କବିତାମାନ ହୃଦୟକୁ ସ୍ପର୍ଶ କଲା । ଏଥରର 'ରେବତୀ' ମନୋଜୀୟ ମହକରେ ପରିପୂର୍ଣ୍ଣ । ଅବଶ୍ୟ 'ରେବତୀ'ର ପୂର୍ଣ୍ଣାବୟବ ରୂପକୁ ଯେପରି ବାରମ୍ବାର ପଢୁଥିଲି ସେଥିରେ ଅବଶୋଷ ରହିଲା । କଣ କରାଯାଇପାରେ ବର୍ତ୍ତମାନର ଅବସ୍ଥା ଏପରି ଯେ ସମୟ ଆଗରେ ମୁଣ୍ଡ ନୁଆଁଇବାକୁ ପଡୁଛି । ତଥାପି 'ରେବତୀ' ମୁଦ୍ରିତ ରୂପେ ନବାହାରିବା ଅପେକ୍ଷା ଡିଜିଟାଇଜେସନ୍‌ରେ ବାହାରିବା ଶ୍ରେୟସ୍କର । 'ଶେଷକଥା' ଭଲ ଲାଗିଲା । ପ୍ରକୃତରେ ଲେଖକର ହୃଦୟରେ ମହାନତା, ନମ୍ରତା ଏବଂ ତପସ୍ୱୀୟ ଗୁଣ ହିଁ ଲେଖକକୁ ମହାନ କରେ ।

**ପ୍ରମୀଳା ଶତପଥୀ**, ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର-୭୫୬୦୫୬

## ସମ୍ପାଦକୀୟକୁ ଶୂନ୍ୟରଖିବା ମନୋଜ ଦାସଙ୍କୁ ଯଥାର୍ଥ ଶ୍ରଦ୍ଧାଞ୍ଜଳି

● 'ରେବତୀ'ର ମଇ ମାସ ଇ-ସଂସ୍କରଣଟିକୁ ଆମ ସମସ୍ତଙ୍କର ପ୍ରିୟ ଗାଳ୍ପିକ, ପଦ୍ମଭୂଷଣ ଶ୍ରୀଯୁକ୍ତ ମନୋଜ ଦାସଙ୍କୁ ଉତ୍ସର୍ଗ କରି ଓ ସମ୍ପାଦକୀୟଟିକୁ ଶୂନ୍ୟ ରଖି ଯଥାର୍ଥ ଶ୍ରଦ୍ଧାଞ୍ଜଳି ଦିଆ ଯାଇଛି ବୋଲି ମୋର ମନେହୁଏ । ମତାମତ ପୃଷ୍ଠାରେ ଗୋଟିଏ ମତ ପାଖରେ ଅଟକିଗଲି । ତାହା ବ୍ୟକ୍ତିଗତ ହୋଇଥିଲେ ମଧ୍ୟ ସାର୍ବଜନୀନ ହୋଇଥିବାରୁ ମତଟି ରଖୁଛି । ମାଟିକୁ ଭଲପାଇବା- ଏ ତ ଆଦର୍ଶ ଓ ସ୍ୱାଭିମାନର କଥା । କିନ୍ତୁ ସମ୍ପାଦକ ତାଙ୍କ ମାଟିର ଶିଳ୍ପୀମାନଙ୍କୁ ନେଇ ସାହିତ୍ୟ କୋଣାର୍କ ଗଢ଼ିବା କଥା ପଢ଼ି ମନେ ପଡ଼ିଲା କୋଣାର୍କର ଅଙ୍ଗେ ଅଙ୍ଗେ ଉତ୍କଳୀ ଶିଳ୍ପୀ ସମାଜର ନିହାଣର ସ୍ପର୍ଶ ଯଦି ତାହା ଆଞ୍ଚଳିକ ଶିଳ୍ପୀଙ୍କର ହାତଗଢ଼ା ହେଇଥାଆନ୍ତା ତେବେ ତାହା ବୋଧହୁଏ ବିଶ୍ୱବିଦିତ ହୋଇନଥାନ୍ତା । 'କୁଳବୃଦ୍ଧ' ମଧୁସୂଦନ 'କଟକବୃକ୍ଷ' ହୋଇଥାନ୍ତେ, 'ଉତ୍କଳମଣି' ଗୋପବନ୍ଧୁ ସୁଆଣ୍ଡୋ ମଣି' ହୋଇଥାଆନ୍ତେ । ବିଭାଜନର ମଞ୍ଜିଟି ପୋତି ପାରିଲେ ବୋଲି ଏ ମାଟିରେ ଶହଶହ ବର୍ଷ ଧ'ରି ଆଫଗାନ, ମୋଗଲ ଓ ବ୍ରିଟିଶ୍ ଶାସନ କରିଗଲେ । ସାହିତ୍ୟିକ ବିଭାଜନ ସ୍ପୃହଣୀୟ ନୁହେଁ, 'ରେବତୀ' ପତ୍ରିକାଟି ବୃହତ୍ ପାଠକ ସମାଜ ପାଖରେ ପହଞ୍ଚୁ ଓ ଏହାର ମର୍ଯ୍ୟାଦାବନ୍ତ ଗାରିମା ରକ୍ଷା କରୁ । ଆମ ଆଞ୍ଚଳିକ୍ ବିଭେଦରୁ ଆଉ ଜଣେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଜନ୍ମ ନନିଅନ୍ତୁ । 'ସେ ନିଜେ ହିଁ ତାଙ୍କର ପରିଚୟ, ତାଙ୍କ ପରିଚୟ କାହାର ପ୍ରଶସ୍ତି, ଆଲୋଚନାର ଅପେକ୍ଷା ରଖେ ନାହିଁ ।' ଶ୍ରୀଯୁକ୍ତ ମନୋଜ ଦାସଙ୍କ ସଂପର୍କରେ ଏତିକି କହିବି । ତେବେ 'ଭିନ୍ନ ମଣିଷ ମନୋଜ ଦାସ', 'ପ୍ରଣାମ ଯୁଗ ପୁରୁଷ', 'ମନୋଜୀୟ ମୁହୂର୍ତ୍ତ' ତାଙ୍କ ପରି ବିରାଟ ବ୍ୟକ୍ତିତ୍ୱ ସଂପର୍କରେ ଶ୍ରଦ୍ଧାଶୀଳ ଆଲେଖ୍ୟ । ସମସ୍ତ ଲେଖକ ଖୁବ୍ ସୁନ୍ଦର ଭାବରେ ତାଙ୍କ ଚରିତ୍ରର ଅନାବିଷ୍କୃତ ଦିଗ ଓ ଆଲୋକିତ ପାର୍ଶ୍ୱକୁ ଆଲୋଚନା କରିଛନ୍ତି । ସମସ୍ତଙ୍କୁ ଧନ୍ୟବାଦ । ହରି ସିଂହ ବହୁବର୍ଷ ଧରି ଆମ ହୃଦୟର ଗଭୀର ପ୍ରବେଶରେ ଅଶ୍ରୁତର୍ପଣ କରୁଥିବା ଏକ ପିତାର ଚରିତ୍ର । ଶ୍ରୀଯୁକ୍ତ ମଣୀନ୍ଦ୍ର ମେହେର୍ ଲେଖକଙ୍କ କହି ପାରିନଥିବା ଗନ୍ତବ୍ୟକୁ କୁହାଇଛନ୍ତି ଚରିତ୍ର ମାଧ୍ୟମରେ । ଚମତ୍କାର ଉପସ୍ଥାପନା । ଗଳ୍ପଟି ସରଳ ଓ ଭାବୋଦ୍ଦୀପକ । ଧାରାବାହିକ ଉପନ୍ୟାସ 'ଦାସେ ଆପଣେ' ସବୁଥର ପରି ମନୋଜ୍ଞ । ଜୟନ୍ତୀ ରଥଙ୍କ ଅଭିଜ୍ଞତା ପୂର୍ଣ୍ଣ ଆଲୋଚନା ପଢ଼ିବା ଅପେକ୍ଷାରେ ରହିଲି । ଭ୍ରମଣ କାହାଣୀ ଓ ଫ୍ୟାଶନ୍, ରୋଷେଇ, ସ୍ୱାସ୍ଥ୍ୟ ଇତ୍ୟାଦି ଆକର୍ଷଣୀୟ ବିଭାଗ । କବିତା ବିଭାଗର ପ୍ରତ୍ୟେକ କବିତା ମନଛୁଆଁ । କିଛି କବିତା ମୋତେ ବେଶୀ ଭଲ ଲାଗିଛି । ହୋଇଥାଇପାରେ ତାହା ବ୍ୟକ୍ତିଗତ ଦୃଷ୍ଟିକୋଣ ଓ ପସନ୍ଦର କଥା । 'ଶେଷପୃଷ୍ଠା'ରେ 'ଲେଖକର ଲୌକିକତା' ଏକ ଜୀବନାଦର୍ଶର ବ୍ୟାଖ୍ୟା । ଶିଷ୍ଟତା ଓ ସଂସ୍କାର ଜନ୍ମାନ୍ତର ସିଦ୍ଧି । ଯେପରି ବହୁ ଋଷିପ୍ରତିମ ଲେଖକ ଅଛନ୍ତି ସେହିପରି କିଛି ଲୌକିକତାହୀନ ବ୍ୟକ୍ତି ଥିବା ଅତି ବିଚିତ୍ର ନୁହେଁ । ଶେଷରେ 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା, ସମ୍ପାଦନାମଣ୍ଡଳୀ, ଲେଖକଓ ପାଠକଙ୍କୁ ମୋର ଶୁଭେଚ୍ଛା ।

**ସୌଭାଗିନୀ ପରିଡ଼ା,** ଆଲ୍‌ବାହ, ସାଉଦି ଆରବ

## 'ରେବତୀ'ର କବିତା ଓ ଫିଚର୍ ବିଭାଗ ଉଚ୍ଚକୋଟୀର

●ପଦ୍ମଭୂଷଣ, ଗୋଟିଏ ଚୈତନ୍ୟ ଜାଗରଣର ସୂତ୍ରଧର, ଗୋଟିଏ ଯୁଗର ପ୍ରବର୍ତ୍ତକ ଏବଂ କାଳାନ୍ତରରେ ସେହି ଯୁଗଚେତନାର ଜାଗ୍ରତ ପ୍ରହରୀ ମନୋଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ରେବତୀ'ର ମଇ ୨୦୨୧ ସଂଖ୍ୟା ସୁଖପାଠ୍ୟ । କବିତାରେ ଧନଞ୍ଜୟ ସ୍ୱାଇଁ, ସଂଜିତ୍ କୁମାର ବଳ, ସିତାଂଶୁ ଲେଙ୍କା, ଅମିୟ ରଂଜନ ମହାପାତ୍ର, ଚିତ୍ତରଂଜନ ନାୟକ, ନିରାକାର ଦାସ ଆଦି ଭଲ ଲାଗିଲେ । ଉଭୟ କବିତା ଓ ଆଲେଖ୍ୟମାନେ ଉଚ୍ଚକୋଟୀର । 'ମହକିତ ମନୋଜ' ବେଶ୍ ତଥ୍ୟ ଭିତ୍ତିକ ଓ ନିଛକ । ପ୍ରବୀଣା ମହାନ୍ତିଙ୍କ 'ମନୋଜୀୟ ମୁହୂର୍ତ୍ତ' ଭଲ ଲାଗିଲା । ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ 'ଦ୍ରୌପଦୀ' ଏକ ସୁନ୍ଦର ଧାରାବାହିକ କାବ୍ୟ ସଂଯୋଜନା । କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' ଆତ୍ମସମୀକ୍ଷଣର ଅପେକ୍ଷା ରଖେ ପ୍ରତ୍ୟେକ କବି / ଲେଖକଙ୍କ ଠାରୁ ।

**କିଶୋର ପାଣିଗ୍ରାହୀ,** ବିରୁହାଁ, ଜାହାଙ୍ଗୀର, ଭଦ୍ରକ

## ମୀନା ସ୍ୱାଇଁଙ୍କ ଆଲେଖ୍ୟଟି ଗବେଷଣାତ୍ମକ ହୋଇଛି

● ଚଳିତ ମାସ 'ରେବତୀ' ପତ୍ରିକାରୁ ଗାଳ୍ପିକା ମୀନା ସ୍ୱାଇଁଙ୍କର ଆଲେଖ୍ୟ 'ବନ୍ଧୁର ପଥରେ ବନ୍ଧୁଗାଁ' ପଢ଼ିଲି । ଏହି ଲେଖା ନିଶ୍ଚିତ ଭାବରେ ଏକ ଗବେଷଣାତ୍ମକ ଲେଖା । କୋରାପୁଟ ଅଂଚଳର ମାଓ କବଳିତ ସରକାରୀ ସୁବିଧା ଅପହଂଚ ଇଲାକା 'ବନ୍ଧୁଗାଁ'ରେ ହେଉଥିବା ଲେମନ୍ ଗ୍ରାସ୍ ଚାଷ ଓ ଚାଷୀର ସମସ୍ୟା ସହିତ ଏକ ସମ୍ଭାବନାକୁ ଦର୍ଶେଇଛନ୍ତି ଲେଖିକା । କେବଳ ଲେମନ୍ ଗ୍ରାସ୍ ବାବଦରେ ନୁହଁ ସମ୍ପୂର୍ଣ୍ଣ ଏକ ଅଂଚଳର ସାମାଜିକ, ଭୌଗୋଳିକ, ଆର୍ଥିକ, ଧାର୍ମିକ ସ୍ଥିତି, ସ୍ଥାନୀୟତା, ଇତିହାସ, ଅତୀତ, ଲୋକ ବିଶ୍ୱାସ ସହିତ ଆଜିର ପରିସ୍ଥିତି ସବୁର ଏକ ସୁନ୍ଦର ତର୍ଜମା ହୋଇଛି । ଏହାକୁ କେବଳ ଲେମନ୍ ଗ୍ରାସ୍ ଭିତରେ ସୀମିତ ନରଖି ସେ ଏକ ଚିନ୍ତାଶୀଳ ଲେଖକର ପରିଚୟ ଦେଇଛନ୍ତି । ବହୁତ କଥା ଜାଣିହେଲା, ଯାହା ଟିଭିରେ ଦେଖୁଥିଲୁ ଓ ଯାହା ଦେଖି ପାରୁନଥିଲୁ ସବୁ । ଲେଖିକା ମୀନା ସ୍ୱାଇଁଙ୍କୁ ଧନ୍ୟବାଦ ।

**କ୍ଷୀରୋଦ ବିହାରୀ ବିଶ୍ୱାଳ,** ନୂଆପୁର, କଲ୍ୟାଣୀ, ବାଲେଶ୍ୱର

## ମଣୀନ୍ଦ୍ର ମେହେରଙ୍କ ଆଲେଖ 'ରେବତୀ'ର ଅନ୍ୟତମ ଆକର୍ଷଣ

● ଜୁନ୍ ଡିଜିଟାଲ୍ ସଂସ୍କରଣ 'ରେବତୀ'ର ଉଭୟ ପ୍ରଚ୍ଛଦ ଓ ଦ୍ୱି-ପ୍ରଚ୍ଛଦ ଖୁବ୍ ସୁନ୍ଦର । ଗୋଟିକରେ ପ୍ରକୃତିକୁ ସ୍ୱାଗତ ଓ ଅନ୍ୟଟିରେ ପରମ୍ପରାକୁ ସମ୍ମାନ, ଏକ ନିଆରା ପରିକଳ୍ପନା । ସମ୍ପାଦକୀୟରେ ଯୌଥ ପରିବାରର ଉପାଦେୟତା ଓ 'ଶେଷପୃଷ୍ଠା'ରେ 'ଲେଖକର ଧର୍ମ'କୁ ନେଇ ଉଚ୍ଚକୋଟୀର ଆଲୋଚନା । ଯେଉଁ ବେଦନାକୁ ନେଇ ସହଯୋଗୀ ସମ୍ପାଦକ 'ଶେଷପୃଷ୍ଠା'ର ଅବତାରଣା କରିଛନ୍ତି, ଲେଖକମାନେ ତାହା ବୁଝିବା ଜରୁରୀ । କବି ବସନ୍ତ ମୁଦୁଲିଙ୍କ କାବ୍ୟସ୍ୱରକୁ ନେଇ ବରେଣ୍ୟ କବି ସୌଭାଗ୍ୟବନ୍ତ ମହାରଣାଙ୍କ ଆଲେଖ୍ୟ ଖୁବ୍ ସୁନ୍ଦର । ନେତାଜୀ ଅଭିନନ୍ଦନ ନିୟମିତ ପୃଷ୍ଠା ବଦଳରେ 'ମୋ ବାପା' ପୃଷ୍ଠାରେ ସମ ପରିମାଣରେ ବିହ୍ୱଳ କଲେ । ପ୍ରଖ୍ୟାତ କଥାକାର ନିତ୍ୟାନନ୍ଦ ମହାପାତ୍ରଙ୍କ ଅନାଲୋଚିତ 'କବିପ୍ରିୟାସୁ'କୁ ଲୋକାଭିମୁଖୀ କରିବା ପାଇଁ ଡକ୍ଟର ବେଣୁଧର ପାଢ଼ୀ ଓ 'ରେବତୀ' ସମ୍ପାଦନା ମଣ୍ଡଳୀର ସୁନ୍ଦର ପ୍ରୟାସ ପାଇଁ ସାଧୁବାଦ । ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେରଙ୍କର 'ଅବଲୋକନ' ପୃଷ୍ଠା ଏବେ 'ରେବତୀ'ର ଅନ୍ୟତମ ଆକର୍ଷଣ । ଆମେ ସମସ୍ତେ ପଢ଼ିଛୁ ସେ ଚିଠି, ହେଲେ କି ଚମତ୍କାର ଭାବେ ଖୋଲି ଧରିଛନ୍ତି ସେ ଚିଠି ଓ ଚରିତ୍ରମାନଙ୍କୁ ଆମ ଆଗରେ, ଡକ୍ଟର ମେହେର ! ଜୟନ୍ତୀ ରଥ ମାଡ଼ାମ୍‌ଙ୍କ ଆତ୍ମଜୀବନୀ ମୂଳକ ଆଲେଖ୍ୟ ଆମ ସଂସ୍କୃତି ସହିତ ନିବିଡ଼ କରାଉଛି ପାଠକଙ୍କୁ । 'ପୁଷ୍ପବିତାନ'ରେ ଏଥର 'ମନ୍ଦାରର ମହାତ୍ମ୍ୟ'କୁ ସୁନ୍ଦର ଉପସ୍ଥାପନା କରିଛନ୍ତି ଲେଖିକା ଶ୍ୱେତା ରାଉତ । 'ସମକାଳ କବିତା' ପୃଷ୍ଠାର ପ୍ରତ୍ୟେକ କବିତା ମନଛୁଆଁ । ପ୍ରିୟ କବି ତ୍ରିନାଥ ସିଂହଙ୍କର 'ସହସ୍ର କୋଶ ଦୂରରେ ଭିଟାମାଟି'ର ଆଦ୍ୟ ପଙ୍କ୍ତି, 'ଗୋଟେ ଦରପୋଡ଼ା ରୁଟିର..'ରୁ ଆରମ୍ଭ କରି ଯୁବକବି ବାବୁଲୁ ପଧାନଙ୍କର 'ତଥାପି ମଣିଷ' ('ତମେ ଯଦି ମାଗୁଛ ମୋ ଜନ୍ମଜାତକ.../ ଶେଷ ପଙ୍କ୍ତି: ମୁଁ ବାଉଁଶ, ତଥାପି ମଣିଷ...) ଓ ଯୀଶୁକ୍ରୀଷ୍ଟ ଦାସଙ୍କର 'ଆହ୍ୱାନ' (ପଚାର ତାକୁ ମନ୍ଦିର ବ୍ୟତୀତ ଆଉ କିଛି ଠିକଣା ଅଛି କି ତା'ର ?) ସମବେତ ଭାବରେ ଗୋଟିଏ ଚମତ୍କାର କବିତା ଗୁଚ୍ଛ । 'ରେବତୀ'ରେ ମୋର ପ୍ରିୟତମ ପୃଷ୍ଠା ହେଉଛି ପବିତ୍ର ମୋହନ ଦାଶଙ୍କର 'ଦାସେ ଆପଣେ' । ଉତ୍କଳମଣିଙ୍କ ଜୀବନର କେତେକେତେ ଅନାଲୋଚିତ ପୃଷ୍ଠାକୁ ସୁନ୍ଦର ଭାବେ ସଜେଇଥାନ୍ତି ଔପନ୍ୟାସିକ । କଥାକାର ବିଜୟ ନାୟକଙ୍କ ଗଳ୍ପ 'ମିଠା, ଧୁମ୍ ମିଠା'ରେ ନିଛକ ଗ୍ରାମ୍ୟ ଭାଷାର ପ୍ରୟୋଗ ଭଲ ଲାଗିଲା । ପ୍ରତ୍ୟାଶା ଧଳଙ୍କ ଗଳ୍ପ 'ଆତ୍ମଜା'ର ବିଷୟବସ୍ତୁ ଖୁବ୍ ଗମ୍ଭୀର । 'ଜୀବନଜୀବିକା'ରେ 'କିଆଫୁଲର କଥା', 'ଜନଜୀବନ'ରେ 'ଡିବ୍‌ବତୀୟ ତୀର୍ଥସ୍ଥଳ' ଓ 'ଦିବ୍ୟ ଅନୁଭବ'ରେ 'ତପସ୍ୟାର ତପୋଭୂମି' ସୁନ୍ଦର ଆଲେଖ୍ୟ । ଶେଷରେ, ଏଭଳି ଏକ ସଂକଟମୟ ସମୟରେ ଆମ ପାଖରେ 'ରେବତୀ'ର ଡିଜିଟାଲ୍ ସଂସ୍କରଣ ପହଞ୍ଚାଇବା ପାଇଁ ସମ୍ପାଦନା ମଣ୍ଡଳୀଙ୍କୁ ସାଧୁବାଦ ।

ପ୍ରତ୍ୟୁଷ ପଣ୍ଡା, ୪ଡ଼ି/୧୪୬୯, ସେକ୍ଟର-୯, ସିଡ଼ିଏ, କଟକ-୭୫୩୦୧୪

ବିଶେଷ ମତ

# କବି ପ୍ରତୀକ୍ଷା ଜେନାଙ୍କ 'ସେ ମୋତେ ଜହ୍ନ କୁହେ' : ଏକ ପାଠକୀୟ ପରିଚର୍ଚ୍ଚା


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର



▲ ଶିଶିର ବେହେରା

କବିତା ଲେଖିବା ପାଇଁ ଲୋଡ଼ା ନାହିଁ ବୌଦ୍ଧିକ ଆବେଶ; ନିରବ ମୁହୂର୍ତ୍ତ ହିଁ ଯଥେଷ୍ଟ । କବି-ସୃଜନୀର ମୂଳପ୍ରେରଣା ନିରବତା । ସ୍ନାୟୁ ଉତ୍ତେଜକ ପରିବେଶ ବା ମଗଜମଥିତ ଗୈରିକ-ଛଦ୍ମତା ଏଥିରେ ନଥାଏ । ବରଂ ମୁଖରିତ ଭିତରୁ ମୁକୁଳି ଆସି ନିରବରେ ଅନ୍ତଃସତ୍ତାକୁ ଭେଟିବା ହିଁ କବିର କବିତ୍ୱ । ସାଂପ୍ରତିକ ଓଡ଼ିଆ କବିତାରେ ବହୁ ପରୀକ୍ଷା-ବାଦ-ପ୍ରୟୋଗ ରୀତିର ପ୍ରାରୂପକୁ ଦେଖିହୁଏ । ଯୁବପିଢ଼ିର କବିଗଣ ସମୟ ଓ ସମାଜକୁ ନାନାଦିଗରୁ ଆଙ୍କିବାରେ ମଧ୍ୟ ସମର୍ଥ । ମାତ୍ର, ସାବଲୀଳ ଅବବୋଧକୁ ନୂତନ ଶିଳ୍ପରୀତିରେ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି କବି **ପ୍ରତୀକ୍ଷା ଜେନା** । ତାଙ୍କ କବିତାରେ ଅବ୍ୟକ୍ତ-ଅନିଭୋଗ ସମୟ ଓ ଯନ୍ତ୍ରଣାର ନିରବ ସ୍ୱର ଉଚ୍ଚାରିତ ହୋଇଛି ତୀବ୍ର ପ୍ରତିବାଦହୀନ ଅଥଚ ପ୍ରତିକୂଳ ପରିସ୍ଥିତି ମଧ୍ୟ ଦେଇ । ଶବ୍ଦର ଆଟୋପ ନୁହେଁ, ବରଂ ମୋହାବେଶ କୋମଳ ପ୍ରତିଧ୍ୱନି ତାଙ୍କ କବିସତ୍ତାକୁ ଉନ୍ମୁଖ କରାଇବାକୁ ଚେଷ୍ଟା କରିଛି । 'ରେବତୀ'ର ଅପ୍ରେଲ୍ ୨୦୨୧ ସଂଖ୍ୟାରେ ପ୍ରକାଶିତ କବି ପ୍ରତୀକ୍ଷାଙ୍କ 'ସେ ମତେ ଜହ୍ନ କୁହେ' କବିତାଟି ମୋ ପାଠକୀୟ ପ୍ରତିକ୍ରିୟାର ହେତୁ । କବିତାର ଭାଷା-ଭାବର ପୁଙ୍ଖାନୁପୁଙ୍ଖ ଆଲୋଚନା ନହେଲେ ହେଁ, କବି ପ୍ରତିଭାର ମୂଲ୍ୟାୟନର ପ୍ରୟାସ କରା ଯାଇଛି ଏଥିରେ ।

ନିରବକୁ ମୁଖରିତ କରିବା ଏବଂ ମୁଖରିତ ଭିତରେ ଶାନ୍ତ ଭାବଭୂମିଟିକୁ ଅଣ୍ଡାଳି ନିଏ କବି । କିନ୍ତୁ, ପରିସ୍ଥିତି ନିର୍ଭର ମଣିଷର ଯନ୍ତ୍ରଣାକୁ କବିତା-ଶିଳ୍ପର ନିର୍ମିତି-ନିର୍ମାଣରେ ରୂପାୟିତ କରିପାରେ କବି । 'ସେ ମୋତେ ଜହ୍ନ କୁହେ'ର ଭାବଭୂମି ଏହି ସତ୍ତା ଉପରେ ପର୍ଯ୍ୟବସିତ । ଭୋଗୁଥିବା ଜୀବନର ବାସ୍ତବତା ଓ ନିର୍ବାକ୍-ଶ୍ୱାସରୋଧୀ ଯନ୍ତ୍ରଣାର ପ୍ରତିଧ୍ୱନି କବିତାର ମୂଳ ପ୍ରତିପାଦ୍ୟ । ଗୋଟିଏ ପଙ୍କ୍ତି ଏହି ପରିପ୍ରେକ୍ଷୀରେ: "ଗୋଟିଏ ପ୍ରଶସ୍ତ ମଇଦାନ୍ ପାଲଟି ଯାଉ ଛାତି,/ଖଣ୍ଡ ଖଣ୍ଡ ବିଭକ୍ତ ହେଉ / କିଏ ଗଲା ଅବା ଫେରି ଆସିଲା ଛାଇ ଲେଉଟାଣିରେ / କେଉଁ ପକ୍ଷୀର କୂଜନ କ୍ଷତ ହୋଇ ବିଦାରିଲା ଜୀବନର ସମୂହ ପୃଷ୍ଠା ଓ / ଡ଼େଣାଝାଡ଼ି ଉଡ଼ିଗଲା ଗୋଧୂଳିରେ/ କେଉଁ ନଦୀ ରକ୍ତଧାର ହେଇ ବହିଗଲା ଶିରାରେ ଶିରାରେ ।"

ଛାତିର ମଇଦାନ୍ ଖଣ୍ଡଖଣ୍ଡ ହେବା, ପକ୍ଷୀର କୂଜନ କ୍ଷତ ହୋଇ ବିଦାରିବା, ରକ୍ତଧାର ହୋଇ ନଦୀ ବୋହିଯିବା ଭିତରେ ଏକ ନିରବ ଯନ୍ତ୍ରଣାର ସ୍ୱରକୁ ମାର୍ମିକ ଭାବରେ ପ୍ରକାଶ କରିଛନ୍ତି କବି ଜେନା । କବିତା ଯେହେତୁ କବି ପ୍ରତିଭାର ମୁକ୍ତ ନିଃଶ୍ୱାସ ଓ ଶୁଦ୍ଧ ଆତ୍ମା, ତେଣୁ ସକଳ ଅନୁଶୋଚନା ଓ ଦାବ ଦହନ ସେହି ଆତ୍ମାରୁ ଉସୁରି ଆସିଛି କବିତାରେ; କିନ୍ତୁ ନିରବ ବ୍ୟାକୁଳତାରେ । 'ଜହ୍ନ'ର ପ୍ରତୀକତା ଭିତରେ କ୍ଷୟବୋଧର ରୂପକଳ୍ପଟି ଜୀବନ୍ତ ହୋଇଛି । ଅନ୍ୟ ଆଖିରେ ସେ ଜହ୍ନ, ସୌନ୍ଦର୍ଯ୍ୟ ପ୍ରତିପାଦ୍ୟ ବସ୍ତୁ । ମାତ୍ର ଜ୍ୟୋସ୍ନା ବିଞ୍ଚି ବିଞ୍ଚି ନିଜକୁ ତରଳାଇ ଦେଉଥିବା ତାର କୋମଳ ତନୁ ଏବଂ ଦ୍ୱିଧାବିଭକ୍ତ ଅବସାଦର ବାଦ ଉହାଡ଼ରେ ନିଜକୁ ସଜାଡ଼ି ନେବା ହିଁ ଜହ୍ନର ନିୟତି । ନାରୀମନସ୍ତତ୍ତ୍ୱର ନିରୋଳା-ନିରବତାର ଅନ୍ତର୍ଜ୍ୱାଳା ହେଉଛି ଏହି କବିତା । ଏହି ସ୍ୱର ମଧ୍ୟ ତାଙ୍କର ଅନ୍ୟ ଏକ କବିତାରେ ଅନୁରଣିତ: "ଛାତି ମୋର ଜହ୍ନାରାତି / ସବୁଶୀତଳ, ସବୁ ସିକ୍ତ / ଭୁଲିଯାଉଚି ଦିନତମାମ୍‌ର ଅଶ୍ରୁ / ଭୁଲିଯାଉଚି / ଥୋପାଥୋପା ବିଷାକ୍ତ ଫୁଲର ମହୁ / ଭୁଲିଯାଉଚି ମୋ ଛାତି ସଂଲଗ୍ନ ଶୂନ୍ୟ ସ୍ଥାନଟିରେ / ଚିତ୍ରେଇ ଯିବାର ଥିଲା ପ୍ରେମ / ଭୁଲି ଯାଉଚି ସଭ୍ୟତା ଗଢ଼ିବାର ଥିଲା ଏଇ ଶେଷ ଜନ୍ମରେ ।" (ଆତ୍ମାରିମ୍‌ରେ ମାଛ)

ପ୍ରତୀକ୍ଷାଙ୍କ କବିତାରେ ନାରୀଜୀବନର ହାହୁତାଶ୍ମି ନାହିଁ ସତ; ମାତ୍ର ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇଛି ତାଙ୍କ ନିରବ ପ୍ରତିବାଦ । କୋହଭରା ଆକୁତିରେ ସେ ନିଜକୁ ସମର୍ପି ଦେଇନାହାନ୍ତି । ବ୍ୟବସ୍ଥିତ ଛଦ୍ମ-ବ୍ୟକ୍ତିତ୍ୱର ବ୍ୟକ୍ତିଗତ ସ୍ଥିତିକୁ ସେ ଉନ୍ମୋଚିତ କରିଛନ୍ତି କବିତାର ଧାଡ଼ିରେ । ନିଜକୁ ଉଜେଇଁ ଦେଇ, ଦୁଃଖ-ଯନ୍ତ୍ରଣାରେ କାକୁସ୍ଥ ଜୀବନର ଚିତ୍ରକଳ୍ପ ଆଙ୍କିଛନ୍ତି କବି- "ମୁଁ ମୁଣ୍ଡପୋତି ଠିଆ ହୋଇଛି ଠିକ୍ ସେଇଠି, / ଯେଉଁଠି ମୋ ପାଦର ବୁଢ଼ା ଆଙ୍ଗୁଳି ପାଖକୁ ଲାଗି / ମଳାଏ ମାଟିରେ ଖୋଳା ସରିଚି ମୋର ଶବାଗାର ।"

କବି ପ୍ରତୀକ୍ଷାଙ୍କ କବିତାରେ ନାରୀ ମନସ୍ତତ୍ତ୍ୱ ଅପେକ୍ଷା ତାଙ୍କ ଶିଳ୍ପଭାବନାର ପ୍ରସଙ୍ଗ ମଧ୍ୟ ଗୁରୁତ୍ୱ ଲାଭ କରିଛି । ପ୍ରସଙ୍ଗକୁ ଶୈଳ୍ପୀକ ରୀତିରେ ଚିତ୍ରଧର୍ମୀ ଭାଷାରେ ପ୍ରକାଶ କରିବାରେ ସେ ସଫଳ ହୋଇଛନ୍ତି ବୋଲି ମନେହୁଏ । କବିମାନେ ଶବ୍ଦ ମାଧ୍ୟମରେ ସେହି କଥାକୁ ପ୍ରକାଶ କରିଥାନ୍ତି, ଯାହା ଗତାନୁଗତିକ ଜୀବନର ଭାଷା ଠାରୁ ଅନେକ ମାତ୍ରାରେ ଭିନ୍ନ । ଯାହାକୁ ନୀରବତାର ଅନେକ ଉଚ୍ଚତାରେ ସ୍ଥାନିତ କରା ଯାଇପାରେ । ତେଣୁ ବିଷୟବସ୍ତୁକୁ ଭାବର ଉପଯୋଗୀ କରିବା ପାଇଁ କବିଙ୍କୁ ବାହାର ଜଗତରୁ ଶବ୍ଦ ନିର୍ବାଚନ କରିବାକୁ ହୁଏ । ଯାହାକୁ ନେଇ ସେ ଚିତ୍ରକଳ୍ପ ନିର୍ମାଣ କରେ, ତାହାକୁ ଅନୁଭୂତି ମାଧ୍ୟମରେ ବୁଝାଇବାକୁ ଚେଷ୍ଟା କରେ । ସେଥିପାଇଁ ପାଶ୍ଚାତ୍ୟ ସମୀକ୍ଷକ ଜାଁପଲ୍ ସାର୍ତ୍ତ୍ର କହିଛନ୍ତି: "Its sonority, its length, its masculine or feminine entings, its visual aspect compose for him (sic) a face of flesh which represents rather than express meaning. Inversely, as the meaning its realized, the physical aspect of the world is reflected within it, and its, in its turn, functions as an image of the verbal body."

ପ୍ରତୀକ୍ଷା ଜେନାଙ୍କ କବିତାରେ ଏହି ଶିଳ୍ପ-ପ୍ରକରଣର ଧାରାଟି ଅତ୍ୟନ୍ତ ସ୍ୱଷ୍ଟ । ତେଣୁ ନିଜ କାବ୍ୟ-ଆତ୍ମାର ସ୍ୱର ତାଙ୍କ କବିତାରେ ଗୁଞ୍ଜରିତ ହୋଇଛି ନିରବତା ଭିତରେ । ଜହ୍ନର ପ୍ରତୀକତା ମଧ୍ୟରେ ସେ ଜ୍ୟୋସ୍ନାମୟୀ ନାରୀର ସର୍ବାର୍ପିତ ସେବା-ସୌନ୍ଦର୍ଯ୍ୟରେ ଯେପରି ପ୍ରକାଶ କରିଛନ୍ତି; ସେହିପରି ଏକ ନାରୀ ମନସ୍ତତ୍ତ୍ୱକୁ ଶିଳ୍ପରୀତି ମଧ୍ୟ ଦେଇ ପ୍ରୟୋଗମାନ୍ୟତା ଦେଇ ପାରିଛନ୍ତି । ପ୍ରତିବାଦ ତୀବ୍ର ହୋଇ ନାହିଁ, ମାତ୍ର ପ୍ରତିରୋଧ ପାଇଁ ସାହସ ବଳାଇଛନ୍ତି କବିତାର ଶେଷରେ: "ଯିଏ ମୋତେ ଯାବୁଡ଼ି ଧରି ଦୁର୍ବଳ କରୁଚି କ୍ଷଣୁ କ୍ଷଣ / ସେ ପ୍ରେମ ହେଲେ ବି / ଗୁଳି ମାର । x x x ପାହୁଣ୍ଡେ ଚାଲିଲା ପରେ ଢଳିଯାଉ ଜହ୍ନ / ଏ ଆକାଶ ଅଜହ୍ନ ବି ହେଉ / ନିଜ ମର୍ଜିରେ ହେଉ ।"

ଏହି ମନସ୍ତତ୍ତ୍ୱର ସୁନ୍ଦର ବ୍ୟାଖ୍ୟା କରିଛନ୍ତି ସିଗ୍‌ମଣ୍ଡ୍ ଫ୍ରୟେଡ଼୍ । ସେ କହିଛନ୍ତି- "ମନଃ ସମୀକ୍ଷଣର ପ୍ରୟୋଗ କୌଶଳ ଉନ୍ନତ ହେଲେ,

ବ୍ୟକ୍ତିତ୍ୱ ଜନିତ ଭ୍ରାନ୍ତି ଓ ନ୍ୟୂନତାର ଆଉ ବିଶେଷ ଗୁରୁତ୍ୱ ରହେ ନାହିଁ ।" ସେଥିପାଇଁ କବି ଜେନାଙ୍କ କାବ୍ୟାତ୍ମା ନିରବତା ଭିତରେ 'ନିଜ ମର୍ଜିରେ' ଜୀବନ ଜିଇବା ପାଇଁ ଆହ୍ୱାନ କରିପାରିଛନ୍ତି । ତାଙ୍କର ପ୍ରାୟ କବିତାରେ ଏହି 'ଜହ୍ନ' ହିଁ ତାଙ୍କ ନାରୀମନସ୍ତତ୍ତ୍ୱର ପ୍ରତୀକତା କରିଛି । ଯେପରି:

(କ) କୁଆଡ଼େ ଗଲା / ଏତେସବୁ କୋଳାହଳ ଆଲୋକ ସଜ୍ଜା / କେଉଁଠି ନିଶୂନ୍ ହୋଇଗଲା ସମ୍ଭାବ୍ୟ ଜହ୍ନାରିତ ଟିଏ । (ପାହିଲା ବେଳକୁ ରାତି)

(ଖ) ଆଜି ରାତିର ଜହ୍ନ ଠିକ୍ ରୁଟି ପରି / ମୋ' ଅଭ୍ୟସ୍ତ ହାତରେ ପ୍ରତିଦିନ / ରୁଟି ବେଲିଲା ବେଳେ ଛାଁକୁ ଛାଁ ଆଙ୍କି ହେଇଯାଏ ଜହ୍ନ / ଅଥଚ ଜହ୍ନକୁ ଖଣ୍ଡଖଣ୍ଡ କରି / ଦୁଧରେ ଗୋଳେଇ ଖାଇବାକୁ ଦେଇ ପାରିନି ମୋ ଶିଶକୁ / ସେ ଭୋକିଲା ଶୋଇଚି । (ଧାନର ଆତ୍ମକାହାଣୀ)

ଏସବୁ ଇଚ୍ଛାକୃତ ନୁହେଁ, ସ୍ୱତଃପ୍ରବୃତ୍ତ । କବିତାରେ ନିଜକୁ ଓ ନିଜ ଅବବୋଧକୁ ଅତି ସରଳ-ସହଜ ଭାବରେ ପ୍ରକାଶ କରିପାରିଛନ୍ତି କବି ପ୍ରତୀକ୍ଷା ଜେନା । 'ଜହ୍ନ'ର ପ୍ରତୀକତା ଓ ଜହ୍ନରାତିର ଚିତ୍ରକଳ୍ପ ଭିତରେ ତାଙ୍କ ନାରୀସତ୍ତାର ଭିନ୍ନ ଭିନ୍ନ ଆବେଦନଗୁଡ଼ିକ ଶିଳ୍ପକଳାରେ ବେଶ୍ ସମୃଦ୍ଧ । ତାଙ୍କ କବିତାରେ ମୋଟାମୋଟି ଭାବରେ ଏକ ନିରବ ସ୍ୱର ଓ ତଦ୍‌ଜନିତ କୋମଳ ପ୍ରତିବାଦ ଶୁଣିବାକୁ ମିଳିଥାଏ । କବି ମଧ୍ୟ ତାଙ୍କର ଏକ ଲେଖାରେ ନିଜକୁ ସ୍ପଷ୍ଟ କରି ଦେଇଛନ୍ତି- "ପ୍ରତି ମୁହୂର୍ତ୍ତରେ ଭୋଗି ଚାଲିଛନ୍ତି ବିଚ୍ଛେଦ, ସ୍ୱଇଚ୍ଛାରେ । ଯେମିତି ଏହାର ସ୍ୱତ୍ୱାଧିକାର ମୁଁ ପୂର୍ବଜନ୍ମରୁ ପାଇଛି କୋଉ ପାପର ପ୍ରାୟଶ୍ଚିତ ସ୍ୱରୂପ । **x x x** ଗହଳିରେ ବି' ଖୁବ୍ ଏକଲା ଥାଏ ମୁଁ । **x x x** ନିଃସଙ୍ଗତାକୁ ମୁଁ ଭଲପାଏ । ସେଥିଲାଗି ତାକୁ ଆହ୍ୱାନ କରେ, ସଂଖୋଳେ, ଛାତିରେ ଲଗେଇ ରଖି ସ୍ପନ୍ଦନ ପରି ଅନୁଭବ କରେ ।" (**ମୁଁ କାହିଁକି ଲେଖେ, 'ଧ୍ୱନି ପ୍ରତିଧ୍ୱନି', ୧୭ ନଭେମ୍ବର ୨୦୧୩**)

ସେଥିଲାଗି କବି ପ୍ରତୀକ୍ଷାଙ୍କ କବିତାରେ ମୁହୂର୍ତ୍ତ ଗୁଡ଼ିକ ଭିନ୍ନ ଶିଳ୍ପରୀତିରେ ପ୍ରକାଶିତ । ନିରବତା ଭିତରେ ଜୀବନ ସଙ୍ଗୀତ ଗାଇବାରେ ତାଙ୍କ କଳାତ୍ମକ-ଯୁବପ୍ରାଣ କବିତାରେ ପ୍ରତିଫଳିତ । କେହି 'ଜହ୍ନ' କହୁ ବା ନକହୁ କବି କିନ୍ତୁ ଜହ୍ନ ହେବେ ନିଜ ସର୍ତ୍ତରେ, ନିଜ ମର୍ଜିରେ । ଯେତେବେଳେ ସେହି ଇଚ୍ଛାରେ ବାଧା ଆସିବ, ସେ ତାର ଆଭାସକୁ ରୂପଦେବେ ନିରବତାର ନମ୍ର-ପ୍ରତିବାଦରେ । କେବଳ ସମୟର ଆହ୍ୱାନକୁ ଅପେକ୍ଷା । କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ କହିଲେ: "ସମୟ ଯଦି ଏସେଛେ ତବେ ସମନ ଯେନ ପାଇ / ନିଭୃତକ୍ଷନ୍ ଏ ଆପନ୍ ମନେ ଗାଇ । / ଆଭାସ୍ ଯତ ବେଡ଼ାୟ ଘୁରେ ମନେ / ଅଶ୍ରୁଘନ କୁହେଳିକାୟ ଲୁକାୟ କୋନେ କୋନେ / ଆଜ୍‌କେ ତାରା ପଡୁକ୍ ଧରା ମିଲୁକ୍ ପୂରବୀତେ / ଏକ୍‌ଟି ସଂଗୀତେ ।" (ଅବସାନ)

ସେହିପିର କବି ପ୍ରତୀକ୍ଷା ଜେନା ଅଶ୍ରୁଘନ କୁହେଳିକା ଭିତରେ ସମୟର ନିଭୃତ କୋଣରୁ ମୁକୁଳିବାକୁ ଚେଷ୍ଟା କରିଛନ୍ତି । ନିରବ ସଂଗୀତରେ ତାଙ୍କ କବିତାକୁ ମୁଖରିତ କରାଇଛନ୍ତି । ସେଥିପାଇଁ ନିରବରେ ଜହ୍ନ ପାଲଟିବାରେ ସେ ବିଶ୍ୱାସୀ ।



▶ ଡଃ ପ୍ରତୀକ୍ଷା ଜେନା

ପରିଚର୍ଚ୍ଚା-୨

# ଫନୀ ମହାନ୍ତିଙ୍କ କବିତା 'କଥା ତ ନଥିଲା'

'କଥା ତ ନଥିଲା' ଶୀର୍ଷକ ହିଁ ସର୍ତ୍ତବିହୀନ ସର୍ତ୍ତରେ ବନ୍ଧା 'ଫନୀୟ' କାବ୍ୟ ପରମ୍ପରାର ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର । ଆକାଶକୁ ଅର୍ଥାତ୍ ଶୂନ୍ୟକୁ ଅର୍ଥାତ୍ ପରିବ୍ୟାପ୍ତ ପୂର୍ଣ୍ଣତାକୁ ଲମ୍ବିଥିବା ନିଶୁଣୀର ଶେଷତମ ପାହାଚ ବି କାହାର ଖର ନିଃଶ୍ୱାସରେ ପଦ୍ମବନ ଦହନ ପରି ଭସ୍ମୀଭୂତ ହୁଏ । ସେହି ପୂର୍ଣ୍ଣତା ହିଁ ତ ସୃଷ୍ଟିର ଆରମ୍ଭ କାଳ, ଆଦିମ ଆନନ୍ଦର ଉଶ୍ୱାସ । ତେଣୁକରି ତ ଆକାଶର ଆତୁର ଓଠରେ ପ୍ରେମର ଶେଷ ଚୁମ୍ବନ ଦେଇ ପରିପୂର୍ଣ୍ଣ ହେବାର ଓଁକାର ଉଚ୍ଚାରିବି ବୋଲି ଯୋଉ ଶେଷତମ ପାହାଚରେ ପାଦ ଥାପିଲି, ମୁଁ କଣ ଜାଣିଥିଲି ଉଲ୍‌କାଟିଏ ହୋଇ ଖସି ପଡ଼ିବାର ନିୟତିକୁ ଆଦରିବି ବୋଲି, ଏମିତି ତ କିଛି କଥା ନ ଥିଲା !

ବେଳେବେଳେ ପ୍ରଣୟର ପାଟଟିଏ ବୁଣୁଥିବା ବାନ୍ଧକଳାର ବିନ୍ଧାଣି ତା ହୃଦୟର ସମସ୍ତ ପୁଞ୍ଜିଭୂତ ବେଦନାକୁ ଉଦୟଭାନୁର ଲାଲିମାରେ ରଙ୍ଗେଇ ରୂପ ଦିଏ ଯେଉଁ କମନୀୟ ସୋରାଏ ପଣତର ଇନ୍ଦ୍ରଧନୁ, ସେଇଟା ହିଁ ଡାଙ୍କିଦିଏ କୋଣାର୍କ ନଗ୍ନ ନଟୀର ସୂକ୍ଷ୍ମ ତନୁ । ଏମିତି ଏକ ରୂପ ଦେବାକୁ ହେବ ବୋଲି ସେମିତି କିଛି ସର୍ତ୍ତ ବି ନ ଥିଲା, ବୋଧହୁଏ ସେଇଥି ପାଇଁ ନାରୀ ନଗ୍ନତାର ନବଗୁଞ୍ଜାର ବେଶକୁ ରୂପ ଦିଏ ଶିଳ୍ପୀ, କବି,ଚିତ୍ରକର, କଳାକାର, ତାର ନିହଣରେ, ଶ୍ୟାମଳ ଶବ୍ଦରେ, ରଙ୍ଗତୂଳୀର ଛଟାରେ ଅବା ଅଭିନୟର ବୈଚିତ୍ର୍ୟରେ ।

ହଁ ତ ଏମିତି କିଛି କଥା ନ ଥିଲା, ସ୍ୱଚ୍ଛ ନୀଳିମାର ଆକାଶ ତଳେ, ଜହ୍ନମଖା ରାତିର କୋଳରେ, ଗୋଟିଏ ପରିପୂର୍ଣ୍ଣ ଜୀବନ ଜିଇବାର ସ୍ୱପ୍ନରେ ଆମେ ବିଭୋର ଥିଲା ବେଳେ, କ୍ଷୁଧା ଓ ତୃଷାକୁ ଭୁଲି, ମଧୁବନରୁ ମଧୁ ଆହରଣ କରିବାର ମହାର୍ଘ ସମୟରେ, ଅଧବାଟରେ ହାତ ଛାଡ଼ି ଦେବାର ବେଦନାକ୍ତ ମୁହୂର୍ତ୍ତକୁ କେମିତି ସାମ୍ନା କରିବି, ଏହାର ତ କିଛି ସର୍ତ୍ତ ହିଁ ନ ଥିଲା ।

ହେ ମୋର ପ୍ରଣୟିନୀ ! ପ୍ରେମ ହିଁ ତ ହେଉଛି ମୋ ଜୀବନ ଇତିହାସର ଚମତ୍କାର ଅଧ୍ୟାୟ । ତାର ପରିପୂର୍ଣ୍ଣତା, ତାର ପରିବ୍ୟାପ୍ତି, ତାର ମାର୍ମିକ ଅବବୋଧ ସମ୍ପର୍କରେ ମୋତେ ହିଁ ପଚାର, କେମିତି ତାରି ଭିତରେ ଭରିଛି ମୋର ନୈରାଶ୍ୟ, ଲହୁ ଲୁହରେ ସଂଚିତ ମୋର ପ୍ରେମ ପ୍ରାଚୁର୍ଯ୍ୟ ବି, ଜୀବନ ଡ଼ାଏରୀର କୋଉ ଫର୍ଦ୍ଦରେ ଏବେ ବି ମୋ ପ୍ରଣୟର ଶେଷ ଗୀତ ସ୍ୱରହୀନ ହୋଇ ପଡ଼ିରହିଛି, ଶାଗୁଆ ପାନପତ୍ର ପରି, ପ୍ରେମିଳ ହୃଦୟର କୋଉ ନିଭୃତ ନୀଳୟରେ ଏବେ ବି ମୋର ପ୍ରଥମ ପ୍ରେମର ମିଠାମିଠା ସ୍ପନ୍ଦନ, ଧକଧକ ହୋଇ ମଧୁ ଗୁଞ୍ଜରଣ ସଂଚାର କରେ, ତୁମ ପ୍ରେମର କୁହୁକ ରଙ୍ଗରେ ରଙ୍ଗାୟିତ ଯୋଉ ମଧୁମୟ ଚିତ୍ରପଟ, ଏବେ ବି ତାହା ମାନସପଟରେ ଅମ୍ଳାନ- କିନ୍ତୁ ହେ ପ୍ରିୟତମା ! ଏମିତି ତ କିଛି ଘଟିବାର କଣ୍ଟ ନ ଥିଲା ।

ପ୍ରେମ ନିବେଦନର କାରୁଣ୍ୟ ଠାରୁ, ପ୍ରେମ ବିରହରେ ଜର୍ଜରିତ କବିପ୍ରାଣ ଆହୁରି ମର୍ମସ୍ପର୍ଶୀ, ସରିନଥିବା ନିର୍ବାତ ସମୟକୁ, କବି କଲମମୂନରେ ଠପ୍ କରି ରହିଯା ବୋଲି ଯୋଉ ମିନତିର ସ୍ୱର ଉଚ୍ଚାରଣ କରେ, ପାହିନଥିବା ବିହ୍ୱଳ ରଜନୀକୁ ବିରହୀ ପ୍ରାଣରେ ଅପେକ୍ଷା କରିବାର ଅନୁରାଗ ଭରା ଅନୁରୋଧ, ଗହନ ନୀରବତାର ଅସମାପ୍ତ ମନ୍ତ୍ରପାଠକୁ ଧୈର୍ଯ୍ୟ ଧରିବାର ପ୍ରାର୍ଥନା କରେ, ଆଉ ସେ ଯୋଉ ଅପେକ୍ଷମାଣ ମୁହୂର୍ତ୍ତ, ତାହାରି ଭିତରେ କବି ଟିକିଏ ହୋଇଯାଏ ସାଂସାରିକ, ପ୍ରଣୟର ହିଲ୍ଲୋଳ ଭିତରେ ସେ ଶୁଣେ, ସାମାଜିକ ବ୍ୟବସ୍ଥାର ଦାୟିତ୍ୱ । ଏକ ମୁକ୍ତ, ଶୁଦ୍ଧ ହିଁ ପ୍ରେମ ପ୍ରଣବ ଜୀବନର ସାରବତ୍ତା.. ଏହି ନ୍ୟାୟରେ ପ୍ରେମିକାକୁ ଅପେକ୍ଷା କରିବାର ମନ୍ତ୍ର ଦେଇ, ଧୈର୍ଯ୍ୟ ଧରିବାରେ ଥାଏ ଯୋଉ ପ୍ରେମାଲିଙ୍ଗନର ଅଦ୍ଭୁତ ମାଦକତା, କବି ତାହାର ଯୋଉ ସ୍ୱପ୍ନ ବାଣ୍ଟିଛନ୍ତି, ତାହା ହିଁ ଫନୀୟ ରୋମାଣ୍ଟିକ୍ ଚେତନାର ଦାର୍ଶନିକ ଅବବୋଧ.... ଏମିତି କିଛି 'କଥା ତ ନଥିଲା' ମାନେ ହିଁ କଥା ଥିଲା, ସର୍ତ୍ତ ନଥିଲା ମାନେ ହିଁ ସର୍ତ୍ତ ଥିଲା । ପ୍ରିୟ କବି ଫନୀ ମହାନ୍ତିଙ୍କ ଏହି ଶାବ୍ଦିକ ଆବେଗ ହିଁ ପ୍ରୀତି ପ୍ରଣୟର ମୁଗ୍ଧ ଅନୁରାଗ । ତେଣୁ ଏହି ପ୍ରୀତିପର୍ଣ୍ଣା କବିତାରେ ସମ୍ମାନନୀୟ କବିଙ୍କ ଅନୁଚିନ୍ତା ଏକ ବିସ୍ମୟ...ଯେମିତି ପ୍ରେମ, ପ୍ରଣୟ, ପ୍ରୀତି, ସ୍ନେହ, ମମତା... ଏଇମାନେ ହିଁ ଜୀବନ ମନ୍ଦିରର ସୁନ୍ଦରତମ କାରୁକାର୍ଯ୍ୟ ଆଉ ପ୍ରେମିକା, ପ୍ରେମିକ ହିଁ ସେ ମନ୍ଦିରର ଅଧିଷ୍ଠିତ ଈଶ୍ୱରୀ ଈଶ୍ୱର...ଏମିତି ଏକ ଚମତ୍କାର କବିତା 'ରେବତୀ' ପୃଷ୍ଠାରେ ପାଠକଙ୍କୁ ଭେଟି ଦେଇ ଥିବାରୁ, ଆପଣଙ୍କୁ ପ୍ରଣାମ ।

**ମୀନକେତନ ପଶାୟତ**, ଏଫ୍‌ଏଲ୍-୧୧, ବାସନ୍ତୀ ନଗର, ରାଉରକେଲା

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍‌ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।

ସମ୍ପର୍କ: ସମ୍ପାଦିକା, 'ରେବତୀ',
ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com
: rebati.edit2020@gmail.com

# ଏକକ ପରିବାର ଓ ନାରୀ

ନାରୀର ପ୍ରମୁଖ ଭୂମିକା ପରିବାର ଗଠନରେ ରହିଥିବା ବେଳେ, ସାମ୍ପ୍ରତିକ ସମୟର ଆହ୍ୱାନ କ୍ରମେ ପରିବାରବାଦରେ ପରିବର୍ତ୍ତନ ଆସିଛି । ସେହି କ୍ରମରେ ନାରୀର ଭୂମିକା ମଧ୍ୟ ପରିବର୍ତ୍ତିତ । ବିବାହ ଭଳି ଏକ ସାମାଜିକ ପ୍ରଥା ଅନୁସାରେ ନାରୀଟିଏ ତା'ର ମନପସନ୍ଦର କିମ୍ବା ସ୍ଥଳ ବିଶେଷର ବାପାମାଆ ଏବଂ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ଚୟନ କରାଯାଇଥିବା ପୁରୁଷଟିକୁ ବିବାହ କରି ପରିବାର ଭିତରକୁ ପ୍ରବେଶ କରେ । ଏଥିସହିତ ସେ ପରିବାରର ଆଭ୍ୟନ୍ତରୀଣ ଦାୟଦାୟିତ୍ୱକୁ ମଧ୍ୟ ବରଣ କରିଥାଏ । ନାରୀର ଭୂମିକା ହିଁ ପରିବାରର ପରିଚୟକୁ ପ୍ରସାରିତ କରେ । ପୁରୁଷଟି ଆର୍ଥିକ ଆବଶ୍ୟକତା ଏବଂ ଅନ୍ୟାନ୍ୟ କିଛି ବାହ୍ୟ ଦାୟିତ୍ୱ ଗ୍ରହଣ କରିବା ସହିତ ସାମଗ୍ରିକ ଭାବରେ ପରିବାରର ଜଣେ ପ୍ରମୁଖ ସଦସ୍ୟ ହୋଇ କାଳାତିପାତ କରେ । ତେବେ ସମୟ ବଦଳିବା ସହିତ ଆମର ସଂଯୁକ୍ତ ପରିବାରର ପରମ୍ପରା ମଧ୍ୟ ବଦଳି ଯାଇଛି । ସଂପୃକ୍ତ ପରିବାରରୁ ବାହାରି ଆସି ଛୋଟ ଛୋଟ ଭାଗରେ ବିଭକ୍ତ କିଛି ପରିବାର ହିଁ ଏବେ ଏକକ ପରିବାର ନାମରେ ନାମିତ । ଆଉ ଏଇ ଏକକ ପରିବାର ହିଁ ଆଜିର ସମୟରେ ସବୁଠୁ ବେଶି ସଫଳ ବୋଲି ଆମର ଧାରଣା । ଏଇ ସଫଳତା ପଛରେ ଜଣେ ନାରୀର ହିଁ ହାତ ଥାଏ, ଯାହାକୁ ଆମେ ଏକକ ପରିବାରର ପ୍ରଧାନ ଅଙ୍ଗ ବୋଲି ଧରିଥାଉଁ ।

ଗୋଟିଏ ପରିବାର ପଛରେ ଏକାଧିକ ପିଢ଼ି ବା ଜେନେରେସନ୍‌ର ଅବଦାନ ନିହିତ ଥାଏ । ପିଢ଼ି ପରେ ପିଢ଼ି ଏକତ୍ର ବସବାସ ଦ୍ୱାରା ହିଁ ଆଜିର ଏଇ ଏକକ ପରିବାର ସୃଷ୍ଟି । ଏକକ ପରିବାରରେ କେବଳ ଗୋଟିଏ ପିଢ଼ି କିମ୍ବା ଖୁବ୍ ବେଶିରେ ଦୁଇଟି ପିଢ଼ି ବସବାସ କରିବା ଦେଖାଯାଏ । ଏହି ଏକକ ପରିବାର, ଯାହାକୁ ଆମେ ଇଂରାଜିରେ ମାଇକ୍ରୋ ଫ୍ୟାମିଲି ବୋଲି କହୁଛୁ, ଏହା ଅନ୍ୟ ଅର୍ଥରେ ସୁଖୀ ପରିବାର ବୋଲି ଧରାଯାଏ । ଏକଦା ସଂଯୁକ୍ତ ପରିବାରରେ ଏକତ୍ର ଅନେକ ପିଢ଼ିର ସଦସ୍ୟସଦସ୍ୟା ଗୋଟିଏ ଛାତ ତଳେ ରହୁଥିବା ବେଳେ ମତମତାନ୍ତର ରହିବା କଥାଟି ପ୍ରାୟତଃ ଶୁଣା ଯାଉନଥିଲା । କିନ୍ତୁ ସେଇ ଏକମାତ୍ର କାରଣକୁ ଅସ୍ତ୍ର କରି ସଂଯୁକ୍ତ ପରିବାର ଭାଙ୍ଗି ଛୋଟ ଛୋଟ ପରିବାର ଗଢ଼ି ଉଠିଲା । ଏହା ପଛରେ ଯେଉଁ ଯୁକ୍ତିଟି ରହିଲା, ତାହା ହେଲା, ପରିବାର ଛୋଟ ହେଲେ ସୁଖ ଓ ଶାନ୍ତି ବୃଦ୍ଧି ପାଇବ ଏବଂ ପରିବାରରେ ପିଲାଟି ଅଧିକ ଯତ୍ନଶୀଳତାରେ ବଢ଼ିବ । କିନ୍ତୁ ଆଜିର ସମୟରେ ଏକକ ପରିବାର କେଉଁପରି ଅବସ୍ଥାରେ ଅଛି ତାହା ସମସ୍ତଙ୍କୁ ଊଣା ଅଧିକ ଜଣା । କହିବା ନିଷ୍ପ୍ରୟୋଜନ ।

ପରିବାର ଏକକ ହେଉ କି ସଂଯୁକ୍ତ, ନାରୀର ସିଂହଭାଗ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । ପରିବାର ସଦସ୍ୟଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥାଠୁ ଆରମ୍ଭ କରି ପିଲାଙ୍କ ଲାଳନପାଳନ ସହିତ ଗୃହକର୍ମ ଇତ୍ୟାଦିରେ ନାରୀ ହିଁ ସଂପୃକ୍ତ ଥାଏ ବେଶିଭାଗ । ଯଦିଓ ଏକକ ପରିବାରରେ ଏବେଏବେ ପୁରୁଷମାନେ ମଧ୍ୟ ରୋଷେଇବାସ ଏବଂ କିଛି କିଛି ଗୃହକର୍ମରେ ନିଜକୁ ନିୟୋଜିତ କରିବା ଦେଖାଯାଏ, ତଥାପି ଏହା ସମୁଦ୍ରକୁ ଶଙ୍ଖେ ପରି । ନାରୀ ହିଁ ଏସବୁ ପାଇଁ ଯେମିତି ତିଆରି । ସଂଯୁକ୍ତ ପରିବାରରୁ ଭିନ୍ନେ ହୋଇ ଛୋଟ ଛୋଟ ଏକକ ପରିବାର ଗଢ଼ି ବସବାସ କରିବା ବେଳେ କେତେକ ସମସ୍ୟା ମଧ୍ୟ ଦୃଷ୍ଟିଗୋଚର ହୁଏ । ସଂଯୁକ୍ତ ପରିବାରରେ କାହାରି ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ଅନ୍ୟମାନେ ମିଳିମିଶି ସେବା ଶୁଶ୍ରୂଷା କରୁଥିବା ବେଳେ ଏକକ ପରିବାରରେ ଏଇ କଥାଟି ସମସ୍ୟା ସୃଷ୍ଟି କରେ । ଅଧିକାଂଶ ଏକକ ପରିବାରରେ ସ୍ୱାମୀ ଓ ସ୍ତ୍ରୀ ଉଭୟେ ଚାକିରି କରିଥାନ୍ତି ଭିନ୍ନ ଭିନ୍ନ ସ୍ଥାନରେ । ତେଣୁ କୌଣସି କାରଣରୁ ଜଣକୁ କିମ୍ବା ଦୁଇଜଣକୁ ଏକତ୍ର ସ୍ୱାସ୍ଥ୍ୟଗତ ଜଟିଳ ସମସ୍ୟା ଦେଖାଦେଲେ, ସମସ୍ୟା ଉପୁଜେ । କେହି କାହାରିକୁ ସେବାଶୁଶ୍ରୂଷା କରିବା ସମ୍ଭବପର ହୁଏ ନାହିଁ । ଏଣେ ପରିବାରର ଆର୍ଥିକ ମାନଦଣ୍ଡଟିକୁ ମଧ୍ୟ ଦେଖିବାକୁ ପଡ଼ିଥାଏ । ସେଥିପାଇଁ ଅନେକ ସମୟରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଛୋଟମୋଟ ମନୋମାଳିନ୍ୟ ମଧ୍ୟ ଦେଖା ଦେଇଥାଏ ।

ସେହିପରି ଯୌଥ ପରିବାରରେ ଭିନ୍ନ ଭିନ୍ନ କାର୍ଯ୍ୟଦକ୍ଷତା ବିଶିଷ୍ଟ ଏକାଧିକ ସଦସ୍ୟ ଥିବା କାରଣରୁ ଭିନ୍ନ ଭିନ୍ନ କାର୍ଯ୍ୟ ବାଣ୍ଟି ହୋଇଯାଉଥିବା ବେଳେ ଏକକ ପରିବାରରେ ସେପରି ହୁଏ ନାହିଁ । ନାରୀ ସଦସ୍ୟମାନେ ମଧ୍ୟ ଯୌଥ ପରିବାରରେ ମିଳିମିଶି ରନ୍ଧନ କାର୍ଯ୍ୟ, ଗୃହକାର୍ଯ୍ୟ କରୁଥିବା ଦୃଷ୍ଟିରୁ ଜଣକ ଉପରେ ଅତ୍ୟଧିକ ଚାପ ପଡୁନଥିବା ବେଳେ ଏକକ ପରିବାରରେ କିନ୍ତୁ ଜଣକୁ ହିଁ ସବୁ କରିବାକୁ ପଡ଼େ । ଫଳରେ ବିରକ୍ତିଭାବ ଓ ଚିଡ଼ଚିଡ଼ା ସ୍ୱଭାବ ଉତ୍ପନ୍ନ ହୁଏ ।

ଆଉ ଗୋଟିଏ କଥା ଯୌଥ ପରିବାରରେ ବେଶ୍ ସୁନ୍ଦର ଭାବେ ଘଟିଥାଏ, ଯାହା ଏକକ ପରିବାରରେ ଦେଖା ଯାଏ ନାହିଁ । କୌଣସି ନବଜାତ ଶିଶୁଟିଏ ଯୌଥ ପରିବାରରେ ଯେଉଁ ଯତ୍ନ, ଆଦର ଓ ସ୍ନେହରେ ବଡ଼ ହୋଇଥାଏ, ଏକକ ପରିବାରରେ ସେତିକି ମିଳେ ନାହିଁ । ସେଥିପାଇଁ ଏକକ ପରିବାରରେ ପିଲାଟିଏ ନିଃସଙ୍ଗତା ସହିତ ଜନ୍ମରୁ ହିଁ ବଡ଼ ହୋଇଥାଏ । ଏହା ତା'ର ମାନସିକ ଓ ବୌଦ୍ଧିକ ବିକାଶରେ ବାଧକ ହୁଏ ।

ଏକକ ପରିବାର ସୁଖୀ ପରିବାର- ଏ ସ୍ଲୋଗାନ୍ କେବଳ ସ୍ଲୋଗାନ୍‌ରେ ନରହି ଏହାକୁ କିପରି ବାସ୍ତବାୟିତ କରିହେବ, ସେ ଦିଗରେ ଅଧୁନା ପ୍ରତିଷ୍ଠିତ 'ଏକକ ପରିବାର'ର ଦୁଇଜଣିଆ ବା ତିନିଜଣିଆ ସଦସ୍ୟମାନେ ଭଲଭାବେ ଭାବିବାର ସମୟ ଉପନୀତ ହୋଇଛି ।

ସମ୍ପାଦିକା



ସାବଧାନ ! ସାବଧାନ !! ସାବଧାନ !!!

# ରେଳପଥ ନିଯୁକ୍ତି ଦଲାଲ / ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ

## ସାର୍ବଜନିକ ବିଜ୍ଞପ୍ତି

**ସତର୍କ ରୁହନ୍ତୁ !**

ରେଳପଥରେ ନିଯୁକ୍ତି ପାଇଁ କୌଣସି ବେଆଇନ୍ ମାର୍ଗ ଆପଣାନ୍ତୁ ନାହିଁ

**ମନେରଖନ୍ତୁ !**

କେବଳ ଯୋଗ୍ୟତା (Merit) ହିଁ ଆପଣଙ୍କୁ ରେଳପଥରେ ଚାକିରି ଦେଇପାରିବ ।

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକ ମାନଙ୍କ ପ୍ରତି ସତର୍କ ରୁହନ୍ତୁ ।
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି ।
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ ।
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ ।

ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ :

**www.rrbbs.gov.in | www.rrcbbs.org.in**

ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ ।

**ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ**
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : sdgm@ecor.railnet.gov.in

**ମୁଖ୍ୟ ଜନ ସମ୍ପର୍କ ଅଧିକାରୀ**
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : cpro@ecor.railnet.gov.in


**ହେଲ୍ପଲାଇନ୍ ନଂ. 8455885031**
ଟେଲିଫୋନ ନଂ. 0674-2300230
0674-2301475
ଫାକ୍ସ ନଂ. 0674-2301328

**ପୂର୍ବ ତଟ ରେଳପଥ**
ଆପଣଙ୍କ ପାଇଁ ଆମେ ଯତ୍ନବାନ

PR-47/M/21-22

ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ :
www.twitter/@EastCoastRail
www.facebook/@EASTCOASTRailway1

# ବହି-ବଗିଚାର
# ବାୟାରଜା



# କବି ଜୟନ୍ତ ମହାପାତ୍ର : ବିଦ୍ରୋହର ଏକ କମନୀୟ ସ୍ୱର

ସାରା ବିଶ୍ୱରେ ଭାରତୀୟ ଇଂରାଜୀ କବି ଭାବେ ଓଡ଼ିଶାର ଏକମାତ୍ର କବି **ଜୟନ୍ତ ମହାପାତ୍ର**ଙ୍କ ପ୍ରସିଦ୍ଧି ଅବିସମ୍ବାଦିତ । ଦେଶର ଇଂରାଜୀ କବି ଭାବେ ଏ.କେ. ରାମାନୁଜନ୍, ଆର୍. ପାର୍ଥସାରଥି ଓ କମଳା ଦାସଙ୍କ କ୍ରମରେ ଜୟନ୍ତ ଏକ ଅଭିନବ ସଂଯୋଗ । ଦ୍ୱିଭାଷିକ କବି ସାଙ୍ଗକୁ ଅନୁବାଦକ, ସମାଲୋଚକ ଓ ପତ୍ରିକା ସମ୍ପାଦକ ଭାବେ ମଧ୍ୟ ତାଙ୍କର ସୁଖ୍ୟାତି ରହିଛି । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ଏକାଡେମୀ ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ 'ଫେଲୋସିପ୍' ଲାଭ କରିବାରେ ସେ ହେଉଛନ୍ତି ଦେଶର ପ୍ରଥମ ଇଂରାଜୀ କବି । ଓଡ଼ିଶା ଓ ତା'ର ସଂସ୍କୃତିକୁ ନେଇ କବିତାରେ ସେ ଯେଉଁ ଅସ୍ମିତାର ପରିଚୟ ଦେଇ ଅନ୍ତର୍ଜାତୀୟ ସ୍ତରରେ ଗରିମା ବଢ଼ାଇଛନ୍ତି, ସେଥିପାଇଁ ଜୟନ୍ତ ସର୍ବଦା ନମସ୍ୟ ହୋଇ ରହିବେ । ଏକ ମାନବବାଦୀ କରୁଣ ବିଦ୍ରୋହର ସ୍ୱର

## ବଗିଚାର ନାଁ



ତାଙ୍କ କବିତାରେ ତୀବ୍ର । ବଞ୍ଚିତ, ଅବହେଳିତ ଓ ଉପେକ୍ଷିତଙ୍କୁ କବିତାରେ ପ୍ରମୁଖତାର ସହିତ ସ୍ଥାନ ଦେବାରେ ତାଙ୍କର ଅବଦାନ ଅତୁଳନୀୟ । ଶିଶୁତ୍ୱଭରା ହୃଦୟବତ୍ତା ଘେନି ବିବେକବାନ ହୋଇ ଜୟନ୍ତ ସରଳତା, ସତ୍ୟନିଷ୍ଠତା, ସଚ୍ଚୋଟତାର ସହ ଯେଉଁ କାବ୍ୟସୌଧ ନିର୍ମାଣ କରିଛନ୍ତି, ତାହା ତାଙ୍କୁ ମହାନ କରିଛି । ଗଭୀର ପୀଡ଼ନ, ସାମାଜିକ ସତ୍ୟ ଓ ନାନା କାରୁଣିକତା ଭିତରେ ମାନବିକ ଆବେଦନଟି ଧ୍ରୁବ ହୋଇ ଛିଡ଼ା ହୁଏ ତାଙ୍କ କବିତାରେ । ପ୍ରତିବାଦର ସ୍ୱର ଯେ ଏତେ କୋମଳ ହୋଇପାରେ, ତାହା ଜୟନ୍ତଙ୍କ କବିତା ପାଠ କଲେ ଅବିଶ୍ୱସନୀୟ ସତ୍ୟ ପରି ମନେହୁଏ । ହଁ, କବିତା ତଥା ସାହିତ୍ୟ ପଥରେ ଏକାଏକା ଚାଲି ସେ ଯେଉଁ ଏକ ଅନନ୍ୟ ଉଚ୍ଚତାକୁ ସ୍ପର୍ଶ କରିଛନ୍ତି, ତାହା ତାଙ୍କର ଅସାଧାରଣ ସାହିତ୍ୟ ସାଧନାର ଫଳଶ୍ରୁତି ଓ ଏକାନ୍ତ ଉଦାହରଣୀୟ । ନୀରବ ଓ ନୀରବତାରେ ଚାଲିଥାଏ ତାଙ୍କର କବିତାଯାତ୍ରା । ଏଇ ମଇ ମାସ ନିଦାଘକାଳର ଏକ କରୋନା ଆତଙ୍କିତ ସକାଳବେଳାରେ କବି **ଜୟନ୍ତ ମହାପାତ୍ରଙ୍କୁ** କଟକ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନରେ ସାକ୍ଷାତ କରିବାର ଅନ୍ତରଙ୍ଗ ଆୟୋଜନ କରିଥିଲା 'ରେବତୀ' । ଆମ ସମୟର ପ୍ରଖର ଯୁବକବି **ମନୋଜ ମେହେର** ଏଇ ଏକ୍ସକ୍ଲୁସିଭ୍ ସାକ୍ଷାତକାରର ଆୟୋଜନକୁ ଦେଇଥିଲେ ସାକାର ରୂପ ।

# ତିନିକୋଣିଆ



# ମନୋଜ କୁମାର ମେହେର

'ସମାଜ' କାର୍ଯ୍ୟାଳୟ,
ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୭୫୩୦୦୧
ଫୋନ : ୯୪୩୮୭୦୫୨୫୬



ଫଟୋ ସୌଜନ୍ୟ : ଲେଖକ, ଶାନ୍ତିସୁଧା ଓ ଶୁଭମ
ମୁଖ୍ୟପୃଷ୍ଠ ଚିତ୍ର : ସଂଜୟ ରାଉଳ


ଭାରତବର୍ଷର ଜଣେ କିମ୍ବଦନ୍ତୀ ସେ । ବିଶ୍ୱବିଦିତ ତାଙ୍କ କବିପଣ । ସାମ୍ପ୍ରତିକ ଓଡ଼ିଆ ଓ ଇଂଲିଶ୍ କବିତା କ୍ଷେତ୍ରରେ ସ୍ନେହ ଓ ସମ୍ବେଦନାର କବି ଭାବରେ ପରିଚିତି ଥିଲେ ହେଁ କରୁଣ ବିଦ୍ରୋହର ସ୍ୱର ତୋଳିବାରେ ସମକାଳର ସେ ଜଣେ ଅସାମାନ୍ୟ କାବ୍ୟଶିଳ୍ପୀ । ଆବେଗ ଓ ବାସ୍ତବତାର ଏକ ଅଦ୍ୱିତୀୟ ସମ୍ମିଶ୍ରଣ ସେ । ନିଜର ପୀଡ଼ା ଓ ଅସହାୟତାକୁ ଅନାବରଣ କରିବାରେ ବର୍ତ୍ତମାନର କାବ୍ୟଶିଳ୍ପୀଙ୍କ ପରିପ୍ରେକ୍ଷୀରେ ସେ ଅନନ୍ୟ ଓ ଅସାଧାରଣ । ମୁଖାପେକ୍ଷିନତାର ଦୂରରେ ରହି ନିଜର ଅସଲ ଛବିକୁ ଅଙ୍କନ କରୁଥିବା ସେ ବିବେକ ଓ ହୃଦୟର କବି । ମାଟିର କବି । ଓଡ଼ିଶା ହେଉଛି ତାଙ୍କର ଆକାଶ ଓ ସମୁଦ୍ର । ହଁ, ଆମେ କହୁଛୁ ଦ୍ୱିଭାଷୀ କବି ଜୟନ୍ତ ମହାପାତ୍ରଙ୍କ କଥା । ତାଙ୍କ ନାମ ହିଁ ଯଥେଷ୍ଟ ।

ଜୟନ୍ତଙ୍କ କବିତା ରଚନା ରୀତିର ବଡ଼ ବୈଚିତ୍ର୍ୟ ହେଉଛି ଯେ ସେ ଇଂରାଜୀ କବିତା ଲେଖିବାବେଳେ ବିବେକର ବାଣୀ ଏବଂ ଓଡ଼ିଆରେ କବିତା ଲେଖିବାବେଳେ ହୃଦୟର ଡାକ ଶୁଣି ଲେଖି ଥାଆନ୍ତି ବୋଲି ପ୍ରତୀୟମାନ ହୁଏ । ତାଙ୍କର ବିବେକ ଓ ହୃଦୟ କେତେବେଳେ ଏକାକାର ଓ ଦ୍ୱିଧାବିଭକ୍ତ ହୁଏ- ତାହାକୁ କଳିବା ସହଜସାଧ୍ୟ ନୁହେଁ । ତାଙ୍କ ଇଂରାଜୀ



▲ଲେଖକ ମନୋଜ କୁମାର ମେହେର



▲ସହଧର୍ମିଣୀ ରୁନୁଙ୍କ ସହ କବି ଜୟନ୍ତ ମହାପାତ୍ର

କବିତାର ପ୍ରତ୍ୟେକ ଧାଡ଼ି ଓ ଷ୍ଟାଞ୍ଜା ଏକାନ୍ତ ଭାବେ ସୂକ୍ଷ୍ମାତିସୂକ୍ଷ୍ମ ଓ ଶିଳ୍ପବିଭବରେ ଭରା । ଓଡ଼ିଆରେ କବିତା ଲେଖିବା ତାଙ୍କ ପାଇଁ ଇଂରାଜୀ କାବ୍ୟାଦର୍ଶର ଅନୁପୂରକ । ଇଂରାଜୀରେ କବିତା ଲେଖିଲାବେଳେ ଯେପରି ମାନସର ଗଭୀରତାକୁ ଯାଇ ନିଭୃତତମ ଦିଗଗୁଡ଼ିକର ଅନ୍ୱେଷଣ କରିପାରନ୍ତି, ଓଡ଼ିଆରେ ସେମିତି ହୁଏନି । ଇଂରାଜୀ ପ୍ରତି ତାଙ୍କର ପ୍ରେମ ଅସରନ୍ତି । ଇଂରାଜୀ ଶବ୍ଦ ସହ ତାଙ୍କର ସୃଜନାତ୍ମକ ଭଙ୍ଗାଗଢ଼ା ଖେଳ ହୁଏ, ନଚେଇ ପାରନ୍ତି, ଦୌଡ଼ାଇ ପାରନ୍ତି ଭାଷାକୁ, ସେଥିରେ ପାଆନ୍ତି ଆନନ୍ଦ । ଇଂରାଜୀରେ କବିତା ଲେଖିବାବେଳେ ସୂକ୍ଷ୍ମ କାରିଗରୀ ଶବ୍ଦ ଭାରୀ ଓଜନରେ ଲଦି ନହେବା ଯାଏ କ୍ଷାନ୍ତ ହୁଅନ୍ତି ନାହିଁ । ବିଶେଷକରି ଇଂରାଜୀ କବିତାରେ ସେ କଳାତ୍ମକତା ପ୍ରତି ଦାୟବଦ୍ଧ ଥିବାବେଳେ ଓଡ଼ିଆ କବିତାରେ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ । 'ସମାଜ ଓ ଜୀବନ ପାଇଁ କବିତା' ଅର୍ଥସୂତ୍ରରେ ସେ ମନର ପରିଭାଷାକୁ ପରିପୁଷ୍ଟ କରନ୍ତି ଏବଂ ସମାଜିକ ପ୍ରତିବଦ୍ଧତାର ପରିଚୟ ଦିଅନ୍ତି । ବଞ୍ଚିତ, ଅସହାୟ, ଉପେକ୍ଷିତଙ୍କ ପ୍ରତି ତାଙ୍କର ଦରଦ ଅପରିସୀମ । ତାଙ୍କ କବିତାରେ ସୀମାହୀନ ଭାବେ ଦାୟବଦ୍ଧତା ଉତ୍‌କୀର୍ଣ୍ଣ । ଅତଏବ ସମାଜ ସଚେତନ ଜୟନ୍ତଙ୍କ କବିତାରେ ଦାୟବଦ୍ଧତାର ଜୁଳୁଜୁଳିଆ ପୋକ ସର୍ବଦା ଦେଖିବାକୁ ମିଳିଥାଏ ।

ବୃତ୍ତି ଦୃଷ୍ଟିକୋଣରୁ ଯଦି ଦେଖାଯାଏ ଜୟନ୍ତ ପଦାର୍ଥ ବିଜ୍ଞାନର ଅଧ୍ୟାପକ । ସାଧାରଣରେ ପଦାର୍ଥ ବିଜ୍ଞାନ ଓ କବିତାକୁ ପରସ୍ପରର ବିରୋଧାଭାସିକ ବିବେଚନା କରା ଯାଇଥାଏ । ପଦାର୍ଥ ବିଜ୍ଞାନ ଓ କବିତାର ସମନ୍ୱୟକୁ ଅନେକ ସହଜରେ ଗ୍ରହଣ କରି ପାରନ୍ତିନି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କବିତା ଓ ପଦାର୍ଥବିଜ୍ଞାନକୁ ସୂକ୍ଷ୍ମତମ ସ୍ତରରେ ଜୟନ୍ତ ଏକ ଓ ଅଭିନ୍ନ ବିବେଚନା କରନ୍ତି । ତାଙ୍କ ପାଇଁ ପଦାର୍ଥ ବିଜ୍ଞାନ ହେଉଛି ମେଧାଶକ୍ତିର କବିତା ଏବଂ କବିତା ହେଉଛି ମାନବିକ ଆବେଗର ବିଜ୍ଞାନ । କବିତା ଓ ପଦାର୍ଥ ବିଜ୍ଞାନ ମଧ୍ୟରେ କିଛି ବିରୋଧାଭାସ ନାହିଁ ।

ଓଡ଼ିଶାର କିମ୍ବଦନ୍ତୀ, ଇତିହାସ, ପରମ୍ପରା, ସଂସ୍କୃତି ଓ ଧର୍ମଧାରା ଆଦିକୁ ନେଇ ଜୟନ୍ତଙ୍କ କବିତା ଗଢ଼ି ଉଠିଛି । ତାଙ୍କର କବିତା ଅତୀତ ଓଡ଼ିଶାର ଇତିହାସକୁ ରୋମନ୍ଥନ କରେ, ବର୍ତ୍ତମାନକୁ ତର୍ଜମା କରେ । ତାଙ୍କ କବିତାର ସ୍ୱର ଯଦିଓ ମୁଖ୍ୟତଃ ଓଡ଼ିଶାର ସମସ୍ୟାରାଜିକୁ ନେଇ ପର୍ଯ୍ୟବସିତ ତଥାପି ସେ ଜାତୀୟ କିମ୍ବା ଆନ୍ତର୍ଜାତୀୟ ସମସ୍ୟା ସହିତ ନିଜକୁ ବିଜଡ଼ିତ ରଖିଛନ୍ତି । ନକ୍ସଲ ଆନ୍ଦୋଳନ, ଗୁରୁରାଟର ସାମ୍ପ୍ରଦାୟିକ ଦଙ୍ଗା, ନିକାରାଗୁଆ ଓ ଜେରୁଜେଲମ୍‌ର ହିଂସାଠୁ ଆରମ୍ଭ କରି ଜାତି, ଧର୍ମ ଓ ରାଜନୀତିକୁ ନେଇ ଚାଲିଥିବା ବିସଙ୍ଗତିସବୁ ତାଙ୍କ କବିପ୍ରାଣକୁ ଦୋହଲାଇଛି ।

ଜୟନ୍ତଙ୍କ ଇଂରାଜୀ କବିତା ଉପରେ ଯଦି ବିହଙ୍ଗାବଲୋକନ କରିବା, ସମାଜର ପ୍ରତ୍ୟେକ ସମସ୍ୟା ସହିତ କବି ଓ କବିତା ଜଡ଼ିତ ରହିବା ଉଚିତ- ଏପରି ଏକ ବିଚାରଧାରା ସହିତ ସେ ସମାନ୍ତରାଳ ଗତି କରି ଚାଲିଛନ୍ତି । ଅନ୍ୟପକ୍ଷରେ କହିବାକୁ ଗଲେ ଜୟନ୍ତଙ୍କ ଚାରିଆଡ଼ର ସମାଜ କେବଳ ବନ୍ଦୀ ଓ ବାହାନାରେ ପୂରି ରହିଥିବା

ଏକ ବଜାର । ନଜର ଉଠାଇଲେ ସହର ଆଡ଼କୁ ସେଠି ଦେଖନ୍ତି କେବଳ କ୍ରୟ ଓ ମୁଖାର ବିପଣୀ । ପ୍ରକୃତିର କ୍ଷୟ ଓ ସାମାଜିକ ଅବକ୍ଷୟ ଏବଂ ତତ୍‌ଜନିତ ସନ୍ତୁଳନର ସଙ୍କଟାପନ୍ନତାରେ କବି ଚିନ୍ତିତ । ହେଲେ ପ୍ରଶ୍ନ ପଚାରିବାକୁ ସାହସ ପାଉ ନାହାନ୍ତି । ଭୂମଣ୍ଡଳୀକରଣର ପ୍ରଭାବରେ ଆମେ କିପରି ନିଜସ୍ୱତା ଓ ସତ୍ତା ହରାଉଛୁ ଏବଂ ବଜାରସର୍ବସ୍ୱ ହୋଇଯାଉଛୁ, ତାହା ତାଙ୍କ କବିମନକୁ ବିଚଳିତ କରିଛି । ଜୟନ୍ତଙ୍କ ଚରିତ୍ର, ଦୃଶ୍ୟ, ସ୍ଥାନ ଓ ଶବ୍ଦଗୁଡ଼ିକୁ ନିରେଖିଲେ ତାଙ୍କର ବ୍ୟାପକତାକୁ ସହଜରେ ଠଉରାଇ ହୁଏ ।

'ଏ କଣ୍ଟ୍ରି' କବିତାରେ ଗୋଟିଏ ପକ୍ଷରେ ନକ୍ସଲ୍ ଝିଅର ହାତରେ ଛୁରୀ ଓ ଅନ୍ୟପକ୍ଷରେ ପୂର୍ଣ୍ଣ ଯୌବନପ୍ରାପ୍ତି ପୂର୍ବରୁ ଝରିପଡୁଥିବା ଝିଅମାନଙ୍କର ବ୍ୟଥା ଓ ବେଦନା ସମାନ୍ତରାଳ ଭାବେ ଗତି କରିଛି । ଜୀବନର ମୁଖ୍ୟସ୍ରୋତରୁ କିପରି ଆଶାକଢ଼ିଗୁଡ଼ିକ ମଉଳି ଯାଉଛନ୍ତି, ତାହାକୁ ଦର୍ଶାଇଛନ୍ତି । 'ଭିଲେଜ୍ ଇଭ୍‌ନିଂ'କବିତାରେ ଶ୍ରମଜୀବୀ ଅହଲ୍ୟାର ଦୈନ୍ୟତା ଓ ଅସହାୟତାକୁ ଚିତ୍ରଣ କରାଯାଇଛି । ବାଳଶ୍ରମିକ, ବେଶ୍ୟାବୃତ୍ତି ଆଦି ସାମାଜିକ କଳଙ୍କ କିପରି ମଣିଷ ପାଇଁ ଅଭିଶାପ; ଦାରିଦ୍ର୍ୟ, ଶୋଷଣ, ପ୍ରବଞ୍ଚନା କିପରି ସାଧାରଣ ଜୀବନକୁ ନଷ୍ଟଭ୍ରଷ୍ଟ କରିଥାଏ ସେସବୁର ଚିତ୍ର ପ୍ରତିଭାତ । 'ଏଗେନ୍, ୱାକିଂ ବାଇ ଦ ରିଭରସ୍'ରେ ନଦୀ ଜୀବନରେଖା ହୋଇଥିବା ବେଳେ ଏଠାକାର ଅଧିବାସୀ କିପରି ନଦୀ ପରି ପ୍ରବହମାନ ହୋଇନପାରି ଦାରିଦ୍ର୍ୟର ତାଡ଼ନାରେ ନିଷ୍ପେସିତ ତାହାର ଛବି ଦିଆ ଯାଇଛି । 'ଦ ଲଷ୍ଟ୍ ଚିଲ୍‌ଡ୍ରେନ୍ ଅଫ୍ ଆମେରିକା'ରେ ଜଣେ ଅସହାୟ ଗରିବ ଝିଅ କିପରି ବାରମ୍ବାର ସବୁବର୍ଗର ଲୋକଙ୍କ ଦ୍ୱାରା ଶୋଷିତ, ଧର୍ଷିତ ହୋଇଥାଏ ଏବଂ ଗରିବର ଝିଅ ସମସ୍ତଙ୍କର ଶାଳୀ ପରି ବ୍ୟବହାର ପାଏ, ତାହାର କରୁଣ ପ୍ରତିବେଦନ ରହିଛି । ମନ୍ଦିର ବେଢା, ସିନେମାହଲ୍‌ର ପଶ୍ଚାତ୍‌ଭାଗ (ଅବା ଯେକୌଣସି ଜାଗା) କିପରି ଅସୁରକ୍ଷିତ ଓ ବିପଦସଙ୍କୁଳ ତାହାକୁ ମଧ ଦର୍ଶାଇବାକୁ ପଛାଇ ନାହାନ୍ତି । 'ଡେଥ୍‌ସ୍ ୱାଇଲ୍ଡ୍ ଲ୍ୟାଣ୍ଡ୍' କବିତାର ମର୍ମବେଦନା ଭୟଙ୍କର । ତାଙ୍କ ଭାଷାରେ 'ଆଜିର ପୁରୁଷ କେବଳ ଦୁଇଟି କଥା ଜାଣିଛି- ନିଃସହାୟ ମହିଳାକୁ ଧର୍ଷଣ ଓ ହତ୍ୟା କରିବା ।' 'ଦ ଲ୍ୟାଣ୍ଡ୍ ଦ୍ୟାଟ୍ ଇଜ୍ ନଟ୍'ରେ ଧର୍ମ ନାଁରେ ହିଂସା, ଶୋଷଣକୁ ତୀବ୍ର କଟାକ୍ଷ କରାଯାଇଛି । ଧର୍ମପୀଠଗୁଡ଼ିକ କିପରି ରକ୍ତର ଉତ୍ସ ହୋଇ ଉଠିଛି, ଧର୍ମ ନାଁରେ ରାଜନୀତି କିପରି ସାମାଜିକ ଜୀବନକୁ କଳୁଷିତ କରିଦେଉଛି ତା'ର ନଗ୍ନଛବି ଅଙ୍କିତ ହୋଇଛି । 'ଦ ଷ୍ଟ୍ରାଉଟିଂ ଗ୍ରାସ୍'କବିତାରେ ଜଣେ ସ୍ତ୍ରୀ ସକଳ କର୍ତ୍ତବ୍ୟ ଓ ସହନଶୀଳତା ସତ୍ତ୍ୱେ ଅକାରଣରେ ଯେପରି ସ୍ୱାମୀ ଠାରୁ ମାଡ଼, ଗାଳି ଖାଉଛି, ତାହା ଚିତ୍ରିତ ହୋଇଛି । ଏ ସବୁକୁ ଜୟନ୍ତ ସାମାଜିକ ବିକୃତି ବିବେଚନା କରିଛନ୍ତି । 'କୋଣାର୍କ' କବିତାରେ ଦର୍ଶାଇବାକୁ ଚାହିଁଛନ୍ତି ଓଡ଼ିଶାରେ, ଓଡ଼ିଶା ମାଟିରେ ମୋର ଚେର ରହିଛି, ସେଠି ରହିଛି ମୋର ଇତିହାସ ଆଉ ରହିଛି ମୋର ଆରମ୍ଭ ଓ ଶେଷ । 'ଡନ୍ ଆଟ୍ ପୁରୀ' କବିତାରେ ଓଡ଼ିଆ ଜାତି ଓ ଓଡ଼ିଆଙ୍କ ନିଗୂଢ଼ କଥା ଅଙ୍କିତ । ପ୍ରତ୍ୟେକ ହିନ୍ଦୁ ଓଡ଼ିଆଙ୍କର ଶେଷଇଚ୍ଛା ପୁରୀ ସ୍ୱର୍ଗଦ୍ୱାର ଠାରେ, ତାହା ସେ ଅନୁଭବ କରିଛନ୍ତି । ଓଡ଼ିଆ ଜାତିର ଜନଜୀବନକୁ କିପରି ଜଗନ୍ନାଥ ପ୍ରଭାବିତ କରିଥାଆନ୍ତି ତାହାକୁ ଅନାବରଣ କରିଛନ୍ତି।

# କବିତା ମୋ ପାଇଁ ପ୍ରାର୍ଥନା : କବି ଜୟନ୍ତ ମହାପାତ୍ର




**ଗୋଟିଏ କବିତା ଲେଖିବା ପାଇଁ ଆପଣ ନିଜକୁ କିପରି ପ୍ରସ୍ତୁତ କରନ୍ତି ? ଗୋଟିଏ କବିତାକୁ ଜନ୍ମ ଦେବା ଭିତରେ ଆପଣ କେଉଁ କେଉଁ ପ୍ରକ୍ରିୟା ଦେଇ ଗତି କରିଥାଆନ୍ତି ? ସେ ସମ୍ପର୍କରେ କିଛି କହିବେ ?**

ପ୍ରତ୍ୟେକ କବିତାର ଇତିହାସ ଓ ଭାଗ୍ୟ ଅଲଗା । ବିଭିନ୍ନ ଗତିପଥ ହେଇ ଏହାର ଉନ୍ମେଷ ଓ ପରିସମାପ୍ତି ଘଟିଥାଏ । ଧରାଯାଉ, ମୁଁ ମୋର ଜେଜେବାପାଙ୍କ ଉପରେ କବିତା ଲେଖିଲି । ତା' ପାଇଁ ମୋତେ ଦୀର୍ଘପ୍ରସ୍ତୁତି ଦରକାର ହୋଇଥିଲା । କିପରି ଆରମ୍ଭ କରିବି, ଏହାର କିପରି ରୂପରେଖ ହେବ, ତା'ର ନକ୍ସା ତିଆରି କରିବା ପାଇଁ ଦୁଇବର୍ଷ ମାନସିକ ସ୍ତରରେ ମୁଁ ପ୍ରସ୍ତୁତ ହେଉଥିଲି । ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପରି ବିଭିନ୍ନ ପର୍ଯ୍ୟାୟରେ ତା'କୁ ମରାମତି ଓ ବିକଶିତ କରିବାକୁ ହୋଇଥାଏ । ଯେତେବେଳେ କବିତାର ପ୍ରଥମ ଧାଡ଼ି ଆସେ ପରବର୍ତ୍ତୀ ଧାଡ଼ି କ'ଣ ହେବ ଜାଣିବା ମୁସ୍କିଲ । ଏଣୁ ଅନ୍ଧାର ଭିତରେ ଆଲୁଅ ଖୋଜିବା ପରି ଲଏ । ମସ୍ତିଷ୍କ ଏପରି ଗୋଟିଏ କମ୍ପ୍ୟୁଟର ଯିଏ ଗୋଟିଏ କ୍ଷଣରେ ୬୦ ବର୍ଷ ବା ହଜାର ବର୍ଷ ତଳକୁ ଭାବନା-ଚିନ୍ତନକୁ ନେଇ ମଧ ଇତିହାସକୁ ଘାଣ୍ଟି ପକାଇଥାଏ । ଏକ ଅନ୍ଧକାରର ଏ ଯାତ୍ରାରେ ଶେଷକୁ ପହଞ୍ଚିଲେ ମଧ ଜାଣିହୁଏ ନାହିଁ ଯେ କେଉଁଠି ପହଞ୍ଚିଲି । ତେବେ କବିତା ଲେଖି ସାରିବା ପରେ ଏହାର କବାଟ ଝର୍କା ଖୋଲିଦେବା ପରେ ଯଦି କବିତା ଭିତରକୁ ଅନୁକୂଳ ବାତାୟନ ଓ ଆଲୁଅ ପ୍ରବେଶ କରୁଛି, ବୁଝି ନେବାକୁ ହେବ ଏହା ଏକ ସାର୍ଥକ ସୃଷ୍ଟି ହୋଇପାରିଲା । କବିତାରେ ନିଚ୍ଛକ ବୋଲି କିଛି ନାହିଁ । ଅପୂର୍ଣ୍ଣତାରେ ହିଁ ସନ୍ତୁଷ୍ଟି ଖୋଜିବାକୁ, ପାଇବାକୁ ହୋଇଥାଏ । ମୋ ପାଇଁ କବିତା ଅନନ୍ୟ ପ୍ରାର୍ଥନା ଓ ପ୍ରତିବାଦ । କବିତାଟିଏ ଲେଖିସାରିଲେ ମୋତେ ଲାଗେ ପଖାଳଖିଆ ଜୀବନରୁ ଟିକିଏ ଉପରକୁ ଉଠି ପାରିଛି । ଆଜି ଲେଖୁଥିବା କବିତା ଲେଖା ଶେଷ ହେବାବେଳକୁ ଲାଗେ ଆସନ୍ତାକାଲି ଏମିତି କବିତାଟିଏ ଲେଖି ପାରିବି ତ !

**ଆପଣଙ୍କର ପିଲାଦିନ କେମିତି ଥିଲା । ସେ ସମୟରେ ପାଇଥିବା ମାନସିକ ଯାତନା ଓ ପୀଡ଼ା ସମ୍ପର୍କରେ କିଛି କୁହନ୍ତୁ ?**

ମୋର ପିଲାଦିନ ଆଦୌ ସୁଖକର ନ ଥିଲା । ସ୍କୁଲ୍ ମୋ ପାଇଁ ଏକ ଅସୁଖକର ସ୍ଥାନ ଥିଲା । ମୁଁ ଶ୍ରେଣୀର ସବୁଠୁ ସାନପିଲା ଥିଲି ଓ ଗରିବ ଥିଲି । ଘରେ ମଧ ନାନା ଭାବେ ମୁଁ ଅସୁଖୀ ଥିଲି । ଏହାର କାରଣ ଅନେକ । ପ୍ରଥମତଃ ମୋର ବାପା ଅଧିକାଂଶ ସମୟ ବାହାରେ ରହୁଥିବାରୁ ଘରର ବଡ଼ପୁଅ ହିସାବରେ ମୋତେ ଯାବତୀୟ କଥା ବୁଝିବାକୁ ପଡୁଥିଲା । ସେଥିପାଇଁ ମାଆଙ୍କ ସହିତ ମୋର

ତେବେ ଜୟନ୍ତଙ୍କ ଜନାଦ୍ଭୁତ କବିତା ହେଉଛି 'ରିଲେସନ୍‌ସିପ୍' । ଏଥିରେ ଓଡ଼ିଶାର ଅତୀତ ଗୌରବକୁ ରୋମନ୍ଥନ କରାଯାଇଛି । ଜଣେ ଖାଣ୍ଟି ଓଡ଼ିଆ ଭାବେ ଭାରତୀୟ ଇଂରାଜୀ କବିତା କ୍ଷେତ୍ରରେ ଜୟନ୍ତ ଯେଉଁ ପଦଚିହ୍ନ ଛାଡ଼ିଛନ୍ତି, ତାହା ତାଙ୍କୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଏ । ଇଂରାଜୀ କବିତାରେ ଓଡ଼ିଆ ସ୍ୱାଭିମାନ ପାଇଁ କବି ଜୟନ୍ତ ସର୍ବଦା ସ୍ମରଣୀୟ ରହିବେ ।

ଖୁବ୍ ବିଳମ୍ବରେ ଓଡ଼ିଆ କବିତା କ୍ଷେତ୍ରରେ ଜୟନ୍ତଙ୍କ ପ୍ରବେଶ ଘଟିଛି । ତାଙ୍କ ସମସାମୟିକ ଏପରିକି ଅନୁଜ କବିମାନେ ଓଡ଼ିଆ କବିତା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରି ଏକପ୍ରକାର କାବ୍ୟିକ ଶିଥିଳତା ଆଡ଼କୁ ଗତି କରୁଥିବା ବେଳେ ତାଙ୍କର ପ୍ରଥମ ଓଡ଼ିଆ କାବ୍ୟଗ୍ରନ୍ଥ 'ବଳି' ପ୍ରକାଶ ପାଏ ୧୯୯୩ରେ । ପରେ ପରେ 'କହିବି ଗୋଟିଏ କଥା'(୧୯୯୫), 'ବାୟାରଜା'(୧୯୯୭), ଓ 'ଟିକିଏ ଛାଇ'(୨୦୦୧) ଆଦି ପ୍ରକାଶ ପାଏ । ଉଲ୍ଲେଖନୀୟ ବିଷୟ ଏହା ଯେ ୧୯୬୦ରୁ ୧୯୯୦ ଭିତରେ ଓଡ଼ିଆ କବିତାରେ ଯେତେପ୍ରକାର ପରୀକ୍ଷାନିରୀକ୍ଷା ଚାଲିଥିଲା, ସେତେବେଳେ ଜୟନ୍ତ ଇଂରାଜୀ କବିତା ରଚନାରେ ନିଜକୁ ପୂର୍ଣ୍ଣପ୍ରାଣରେ ମନୋନିବେଶ ରଖିଥିଲେ । ଏଣୁକରି ତାଙ୍କୁ ସମକାଳର ପ୍ରମୁଖ ଓଡ଼ିଆ କାବ୍ୟଶିଳ୍ପୀଙ୍କ ପ୍ରେକ୍ଷାପଟରେ ଆକଳନ ବା ତୁଳନାତ୍ମକ ବିଚାର କରିବାର ବିଶେଷ ଅବକାଶ ନାହିଁ । ଆବେଗ, ହୃଦୟବତ୍ତା ଓ ଆତ୍ମର କାବ୍ୟକାର ଭାବେ ସେ ଯେପରି ନିଜକୁ ଅନନ୍ୟ କରି ଗଢ଼ି ତୋଳିଛନ୍ତି ଏବଂ ସମ୍ବେଦନା, ବିଦ୍ରୋହ ଓ ସରଳତାର ଭାଷ୍ୟ ପ୍ରସ୍ତୁତ କରିଛନ୍ତି, ତାହା ତାଙ୍କୁ ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଏ ।

ଦେଖିବାକୁ ଗଲେ, ସ୍ୱାଧୀନୋତ୍ତର କାବ୍ୟସାଧକମାନେ ଗୋଟିଏ ପକ୍ଷରେ ପାଶ୍ଚାତ୍ୟ ସାହିତ୍ୟ, ବିଶେଷକରି ଏଲିଟିୟ ପ୍ରଭାବରେ ହତାଶାବୋଧ, ମୃତ୍ୟୁଚେତନା, ନିଃସଙ୍ଗତାବୋଧ, ବିଚ୍ଛିନ୍ନତାବାଦ, ଶୂନ୍ୟତାବୋଧ, ସ୍ଥିତିବାଦ ଆଦିର ଚିତ୍ରଣ ଦିଗରେ ମଗ୍ନ ରହିଲେ । ତା'ଛଡ଼ା, ଚିତ୍ରକଳ୍ପ, ପ୍ରତୀକ, ରୂପକ, ଆର୍କଟାଇପ୍ ନାଁରେ ନିହାତି ବ୍ୟକ୍ତିଗତ ଅନୁଭବ ଓ ଅଚିହ୍ନା ଜଟିଳ ଭାବାବେଗର ଛବି ଅଙ୍କନ କରି ବସିଲେ । ଶୂନ୍ୟତାବୋଧ, ନିଃସଙ୍ଗତା, ବିଷାଦବାଦ, ମୃତ୍ୟୁଚେତନା, ମିଥ୍ ବା ପ୍ରତୀକ ଆଦିକୁ ଅବଲମ୍ବନ କରି କବିତା ଲେଖିବା ଖରାପ ନୁହେଁ; କିନ୍ତୁ କବିତାରେ ନିଜ ଚତୁଃପାର୍ଶ୍ୱରେ ଘଟି ଯାଉଥିବା କ୍ରୁର ବାସ୍ତବତାକୁ ସ୍ଥାନ ନ ଦେବା ଏବଂ ଜୀବନ ସମସ୍ୟା ଠାରୁ ପଳାୟନ କରିବା ହେଉଛି ବିଡ଼ମ୍ବନାର ବିଷୟ । ପ୍ରଚଳିତ ବ୍ୟବସ୍ଥାର ବିସଙ୍ଗତି ଉପରେ ନିରବ ରହିବା ଦୁର୍ଭାଗ୍ୟଜନକ । ରୀତିଯୁଗୀୟ କାବ୍ୟକବିତାରେ ମିଥ୍‌ଧର୍ମୀ ଯେତେସବୁ ଘଟଣାବଳୀ, ବିଷୟବସ୍ତୁର ଅବତାରଣା ହୋଇଛି ତହିଁର ସାର୍ଥକ ସ୍ରଷ୍ଟିମାନଙ୍କରେ ତତ୍‌କାଳୀନ କାବ୍ୟସାଧକମାନେ ମିଥ୍‌ରୁ ମିଥ୍‌କୁ ମୁକ୍ତି ଦେଇ ସ୍ୱକୀୟ ମିଥ୍ ସୃଷ୍ଟି କରିଛନ୍ତି, ହାତ ପାଆନ୍ତାର ଘଟଣାରାଜି ଓ ଜୀବନପ୍ରବାହକୁ ଜୀବନ୍ତ ଭାବରେ ଫୁଟାଇଛନ୍ତି । ଫଳରେ ସେହି ସୃଷ୍ଟିଗୁଡ଼ିକ, ମିଥ୍‌ଧର୍ମିତା ନିକଟରେ ଅଟକି ନରହି ସ୍ୱକୀୟଗୁଣରେ ଗରୀୟାନ ହୋଇପାରିଛି । ଉଦାହରଣ ସ୍ୱରୂପ- ଗୋପାଳକୃଷ୍ଣଙ୍କ 'ଉଠିଲୁ ଏଡ଼େ ବେଗି କାହିଁକିରେ ଦୁଃଖିଧନ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ଧୀରେ


ସମ୍ପର୍କଟି ସେହିପରି ହୋଇପାରିନାହିଁ, ଯାହା ମୁଁ ଚାହୁଁଥିଲି । ଏହା ଏଥିପାଇଁ ଘଟିଲା ଯେ ମୋତେ ଘର ଠାରୁ ଦୂରକୁ ଯିବାକୁ ପଡୁଥିଲା ଅନେକ ସମୟରେ । ଆଜି ଏ କଥା ପ୍ରକାଶ କରିବାରେ ସାମାନ୍ୟ ସଙ୍କୋଚବୋଧ କରୁନାହିଁ ଯେ ଏକଦା ବୟସର ରାସ୍ତାକଡ଼ରେ ମଧ୍ୟ ମୁଁ ଶୋଇଛି । ବାପାଙ୍କ ପାଇଁ ପୁଣି ଫେରି ଆସିଛି । ଏହି ସବୁ ଛୋଟଛୋଟ ପୁଞ୍ଜିଭୂତ ଦୁଃଖକୁ ନେଇ ମୋର ଆଦ୍ୟକାଳ ପରିପୁଷ୍ଟ ।



**ଆପଣ ବେଶ୍ ବିଳମ୍ବରେ ଅର୍ଥାତ ପ୍ରାୟ ୩୭ ବର୍ଷ ବୟସ ବେଳକୁ ଲେଖାଲେଖି ଆରମ୍ଭ କଲେ, କାହିଁକି ? ଗପ ନ ଲେଖି କବିତା ଲେଖିବା ପଛର ରହସ୍ୟ କ'ଣ ?**



ମୁଁ ପ୍ରଥମେ ଲେଖାଲେଖି ଆରମ୍ଭ କରିଥିଲି ଇଂରାଜୀରେ, ୧୮ ବର୍ଷ ବୟସ ବେଳକୁ । ଦୁଇଟି ଗପ ଲେଖିଥିଲି । ମୁମ୍ବଇରୁ ପ୍ରକାଶ ପାଉଥିବା ସି.ଆର. ମାଣ୍ଡେ ସମ୍ପାଦିତ 'ଇଲୁଷ୍ଟ୍ରେଟେଡ୍ ୱିକ୍‌ଲି' ପତ୍ରିକାକୁ ପଠାଇଥିଲି । ତାହା ଅମନୋନୀତ ହୋଇ ଫେରି ଆସିଥିଲା । ପରେ ଆଉ ଲେଖାଲେଖିରେ ମନ ଦେଲି ନାହିଁ । ୨୦ ବର୍ଷ ବେଳକୁ ବିବାହ କଲି । ଅଧ୍ୟାପନା ଜୀବନ ଆରମ୍ଭ ହେଲା । ଗବେଷଣା ଦିଗକୁ ବି ମନ ଦେଇଥିଲି । ସଫଳ ହେଲି ନାହିଁ । ଏହାର ପ୍ରାୟ ପନ୍ଦର ବର୍ଷ ପରେ ନିସିମ୍ ଏଜିକେଲ୍‌ଙ୍କୁ 'ଇଲୁଷ୍ଟ୍ରେଟେଡ୍ ୱିକ୍‌ଲି' ପାଇଁ ଦୁଇଟି କବିତା ପଠାଇଥିଲି । ତାହା ଯଥାଶୀଘ୍ର ପ୍ରକାଶ ପାଇବା ଏବଂ ଏଜିକେଲ୍‌ଙ୍କ ସ୍ୱତନ୍ତ୍ର ଆଶ୍ୱାସନା ବାଣୀ ପାଇ ମୁଁ ମୋର ପ୍ରତ୍ୟୟବୋଧ ଫେରି ପାଇଲି । ଏହା ପରେ 'କ୍ରିଟିକାଲ୍ କ୍ୱାର୍ଟର୍‌ଲି'ରେ ମୋର ଦୁଇଟି କବିତା ଏକକାଳୀନ ପ୍ରକାଶ ପାଇଲା । ଏହା ସେଠାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇ ପ୍ରକାଶ ପାଇଲା ଏବଂ ସାହିତ୍ୟ ପତ୍ରିକାର ସମ୍ପାଦକ ତଥା କବିଲେଖକମାନେ ମୋ ଆଡ଼କୁ ଅନାଇଲେ । ୧୯୬୭ରେ କଲିକତାରୁ ପ୍ରକାଶିତ 'ଲେଭେଣ୍ଟ' ପତ୍ରିକାରେ ତିନିଟି ଛୋଟଛୋଟ କବିତା ଏକତ୍ର ପ୍ରକାଶ ପାଇଲା । ପରେ ଆମେରିକାର 'ସାଉଥ୍ ଆଣ୍ଡ ୱେଷ୍ଟ' ପତ୍ରିକାରେ 'ଲୋନ୍‌ଲିନେସ୍' କବିତା ସହିତ ଦିଲ୍ଲୀରୁ ପ୍ରକାଶିତ 'ଥଟ୍' ଓ 'କାରାଭାନ୍'ରେ ମଧ୍ୟ ଦୁଇଟି କବିତା ପ୍ରକାଶ ପାଇଲା । ପରେ ପରେ ପୋଏଟ୍ରି, କ୍ରିଟିକାଲ୍ କ୍ୱାର୍ଟର୍‌ଲି, ସି ସିୱାନି ରିଭ୍ୟୁ, କ୍ରିଟିକଲ୍ କ୍ୱାର୍ଟରଲି, ଟାଇମ୍‌ସ୍ ଲିଟରାରୀ ସପ୍ଲିମେଣ୍ଟ ଆଦି ପତ୍ରିକାରେ ମୋ କବିତା ପକାଶ ପାଇଲା । ୧୯୭୬-୭୭ରେ ଆଇଓ୍ୱା ଇଣ୍ଟରନେସ୍‌ନାଲ୍ ରାଇଟିଂ ପ୍ରୋଗ୍ରାମରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଲି । ବୃହତ୍ତର ଇଂରାଜୀ କବିଗୋଷ୍ଠୀରେ ଅନ୍ତର୍ଭୁକ୍ତ ହେଲି ଓ ସ୍ୱୀକୃତି ମିଳିଲା । ୧୯୭୧ରେ ମୋର ପ୍ରଥମ କବିତା ପୁସ୍ତକ 'କ୍ଲୋକ୍ ଦ ସ୍କାଏ' ପ୍ରକାଶ ପାଇଲା । ୧୯୭୫ରେ ମିଳିଲା 'ଜାକବ୍ ଗ୍ଲାଡ୍ ଷ୍ଟାଇନ୍ ଆୱାର୍ଡ' । କବିତା ଲେଖାର ପାଞ୍ଚ ସାତ ବର୍ଷରେ ଏହି ସମ୍ମାନ ଲାଭ କୌଣସି କବିଙ୍କ ପାଇଁ ବିରଳ ତଥା ଅନ୍ୟ ଲେଖକଙ୍କ ପାଇଁ ଈର୍ଷଣୀୟ ଥିଲା । ଏହାପରଠୁ ଆଉ ଅଟକି ନାହିଁ । ପ୍ରଥମେ ପ୍ରଥମେ ଯେବେ କବିତା ଲେଖା ଆରମ୍ଭ କଲି ମୁଁ ଜାଣି ନଥିଲି କବିତା କ'ଣ । ମୋର ପ୍ରଥମ ଇଂରାଜୀ କବିତା ପୁସ୍ତକ ଯେତେବେଳେ ପ୍ରକାଶ ପାଇଲା, ସମସ୍ତେ କହିଲେ ଏ କ'ଣ ଲେଖିଛ । କେତେକ ତ କହିଲେ ଏ କବିତା ନୁହଁ । ମନ କଷ୍ଟ ହେଲା । ନିଜକୁ ପୁଣି ବୁଝାଇଲି: ଲୋକେ ତ ଏମିତି କେତେ କ'ଣ କହିବେ । ପୁଣି ଚେଷ୍ଟା କଲି ଆହୁରି ଭଲ ଲେଖିବାକୁ । ଅନାଟକ ଲେଖାଲେଖି ଆଡ଼କୁ ମନ ବଳିଲା । ହେଲେ ଏଥର ଗପ ନୁହେଁ, କବିତା । ହୁଏ ତ ମୁଁ ଉପନ୍ୟାସ ଲେଖିଥିଲେ ଅଧିକ ପାରିଶ୍ରମିକ ପାଇଥାଆନ୍ତି କିମ୍ବା ରୋଜଗାର କରିପାରିଥାଆନ୍ତି । କାରଣ ମୋର ଇଂରାଜୀ ଗଦ୍ୟ ଖୁବ୍ ଭଲ । କିନ୍ତୁ କଲି ନାହିଁ; ଅର୍ଥ ଉପାର୍ଜନ ମୋର ଲକ୍ଷ୍ୟ ନ ଥିଲା । ମୋ ପାଇଁ ନିଜକୁ ପରିପ୍ରକାଶର ଶ୍ରେଷ୍ଠ ମାଧ୍ୟମ କବିତା । ଏଥିରେ ହିଁ ମୁଁ ନିଜକୁ ସ୍ୱଚ୍ଛନ୍ଦ ଓ ବଳିଷ୍ଠ ଭାବେ ପରିପ୍ରକାଶ କରିପାରେ, ମୋତେ ଖୁସି ମିଳେ ।



**ଇଂରାଜୀ ଭାଷା ସାହିତ୍ୟ ପ୍ରତି ଆପଣଙ୍କର ଅନୁରାଗ ବଢ଼ିବାର ମୁଖ୍ୟ କାରଣ କ'ଣ ?**



ଏଥିରେ ମୋର କିଛି ବାହାଦୁରୀ ନାହିଁ । ବାପା ମାଇନର୍ ସ୍କୁଲ୍‌ର ସ୍ୱଳ୍ପ ବେତନଭୋଗୀ ହେଡ୍‌ମାଷ୍ଟର୍ ଥିଲେ । ପରେ ସବ୍‌ଇନ୍ସପେକ୍ଟର୍ ଅଫ୍ ସ୍କୁଲ ପଦକୁ ଉନ୍ନୀତ ହୋଇଥିଲେ । ମୋତେ ଇଂରାଜୀ ଶିକ୍ଷା ଦେବା ପାଇଁ ସେ ୟୁରୋପିଆନ୍ ପ୍ରୋଟେଷ୍ଟାଣ୍ଟ୍ ସ୍କୁଲ୍ (ବର୍ତ୍ତମାନର ଷ୍ଟୁଅର୍ଟ)ରେ ପଢ଼େଇଲେ । ଯୁଆଡ଼େ ଗଲେ ମୋତେ ନେଇକି ଯାଆନ୍ତି । ମୋତେ ପବ୍ଲିକ୍ ଲାଇବ୍ରେରୀରେ ଛାଡ଼ି ଦିଅନ୍ତି । ପୁସ୍ତକ ଗହଣରେ ନିଜକୁ ମୁଁ ହଜାଇ ଦେଉଥିଲି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବହିପଢ଼ା ଭିତରେ ମୁଁ ଏକ ସ୍ୱାଧୀନତାକୁ ଖୋଜି ପାଇଲି, ଯାହା

ଘେନ କାନନରେ’, ଭକ୍ତଚରଣ ଦାସଙ୍କ ‘ଆରେ ବାବୁ ଶ୍ୟାମଘନ’ ବା ସାରଳା ଦାସଙ୍କ ‘ରକ୍ତନଦୀ ସନ୍ତରଣ’ କବିତାକୁ ଅନୁଶୀଳନ କଲେ ଜଣାଯାଏ ବ୍ୟାସଦେବକୃତ ମୂଳ ମହାଭାରତ ବା କୌଣସି ପ୍ରାନ୍ତୀୟ କବିଙ୍କ ମହାଭାରତରେ ଏପରି ଘଟଣାରାଜି ନାହିଁ । ଏହା ସମ୍ପୂର୍ଣ୍ଣ ଭାବେ କବିକୃତ ଏବଂ ଦୈନନ୍ଦିନ ଜୀବନର ଘଟଣା ପ୍ରବାହରୁ ଆହୃତ । ଏହି ସବୁ କବିତା ପାଠ କଲେ ବା ଶୁଣିଲେ ମୂଳକଥାର ସତ୍ୟତା ଥାଉ ବା ନଥାଉ ତା’କୁ ଗୁରୁତ୍ୱ ନଦେଇ ଏହାକୁ ହିଁ ସତ୍ୟ ବୋଲି ମାନିବାକୁ ନାଚାର ହେଉ ଓ ଆମର ଜୀବନରେ ଘଟୁଥିବା ଦୃଶ୍ୟରାଜି ଚଳଚଞ୍ଚଳ ହୁଏ । ଏବର କୌଣସି ଅତ୍ୟାଧୁନିକ କବି ମିଥିଧର୍ମୀ କାବ୍ୟ-କବିତା ଲେଖି ଏତାଦୃଶ ସ୍ୱକୀୟମିଥ୍ ସୃଷ୍ଟି କରିଥିବା ଦୃଷ୍ଟାନ୍ତ ଖୋଜିଲେ ହତାଶ ହେବାକୁ ହୁଏ । ଯେଉଁ କାଁଭାଁ କୃତି ଉପରେ ସ୍ୱକୀୟତା ଦାବି ହେଉଛି ତାହାର ଭିତ୍ତି ଦୁର୍ବଳ ।

ତେବେ ସେ ଯାହା ହେଉ, ୧୯୬୫-୯୦ ମଧ୍ୟରେ ରଚିତ ଓଡ଼ିଆ କବିତାରେ ଯେ ଜନସାଧାରଣଙ୍କ ସୁଖଦୁଃଖ, ପ୍ରେମ, ଦ୍ୱନ୍ଦ୍ୱ, ସଂଘର୍ଷକୁ ଏକରକମ ଉପେକ୍ଷା କରାଯାଇଛି ଏବଂ ପ୍ରଚଳିତ ବ୍ୟବସ୍ଥା ବିରୋଧରେ ଠୋସ୍ ସ୍ୱର ନାହିଁ, ଏହା ଖୁବ୍ ସ୍ପଷ୍ଟ । ସାମାଜିକ ଅଙ୍ଗୀକାରବଦ୍ଧତା କିମ୍ବା ରାଜନୈତିକ ଅବବୋଧ ଦିଶାରେ ମଧ୍ୟ କବିମାନେ କାମଚଳା ପଦକ୍ଷେପ ନେଇଛନ୍ତି । ଯେଉଁଠି ମାନବବାଦ ଓ ଜୀବନର ଜୟଗାନ କରାଯାଇଛି ତାହା ବେଶ୍ ଦାର୍ଶନିକସୁଲଭ, ରହସ୍ୟବାଦୀ-ଅତିଇନ୍ଦ୍ରିୟବାଦୀ ଓ କଳ୍ପନାଆଶ୍ରିତ । ମୋଟ ଉପରେ କହିବାକୁ ଗଲେ ଏହି କାଳଖଣ୍ଡର ଅନେକ ତଥାକଥିତ ଉଲ୍ଲେଖନୀୟ କବିତା ସମାଜକୁ ଦିଗ୍‌ଦର୍ଶନ ଦେବାରେ ଏକରମକ ବିଫଳ । ହୃଦୟବାନ ଅପେକ୍ଷା ବହୁ ବିବେକବାନ କବି ଆମକୁ ମିଳିଲେ । ବୌଦ୍ଧିକତାର ପୋଷାକ ପିନ୍ଧି ଯିଏ ଯେଝା ବାଟରେ ସୁବିଧାବାଦି ଓ ଯଥାସ୍ଥିତିବାଦୀ ହୋଇ ଜନଗଣଙ୍କ ଜୀବନ ଓ ସମସ୍ୟା ଠାରୁ ଦୂରେଇ ରହିଲେ । ଫଳରେ କବିତା ଉପରଠାଉରିଆ ଓ ଅଯଥା ଭାରାକ୍ରାନ୍ତ ଲାଗିଲା, ହୋଇଗଲା ବି ବ୍ୟକ୍ତିସର୍ବସ୍ୱ-ଆତ୍ମକୈନ୍ଦ୍ରିକ ଏବଂ ମସ୍ତିଷ୍କିଆ । ସୁତରାଂ, ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ ଓ ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାରେ ଗଣକବି ପରମ୍ପରାର ପରିସମାପ୍ତି ଘଟି ଯାଇଛି । ସଚ୍ଚିଦାନନ୍ଦ ରାଉତରାୟଙ୍କ ପରେ ସେହି ଦର୍ଜାର ଜଣେ ଆଦର୍ଶସ୍ଥାନୀୟ କବି ଆମ ପାଖରେ ନାହାନ୍ତି ।

ଏ ଅନୁସଙ୍ଗରେ ଗୋଟିଏ କଥା ନ କହିଲେ କଥାଟା ଅପୂର୍ଣ୍ଣ ରହିଯିବ । ତାହାହେଲା, ଓଡ଼ିଆ ସମାଲୋଚକମାନେ କୃତିର ପ୍ରକୃତ ମୂଲ୍ୟାୟନ ଦିଗରେ ଧ୍ୟାନ ନ ଦେଇ ବ୍ୟକ୍ତିବନ୍ଦନା-ଆରାଧନା ଜରିଆରେ ପାଣ୍ଡିତ୍ୟ ପ୍ରଦର୍ଶନ କରିବା ଯୋଗୁଁ ଓଡ଼ିଆ କବିତା ପାଇଁ ଏହା ସବୁଠାରୁ କାଳ ହେଲା । ସମାଲୋଚକଙ୍କ ଏହି ସ୍ତବପାଠ କବିଙ୍କ ପାଇଁ ସାମୟିକ ଫାଇଦା ଓ ସ୍ୱୀକୃତି ମିଳିଲା ସତ; କିନ୍ତୁ ତାହା ଆଜି ସେମାନଙ୍କ ପାଇଁ ଦୁର୍ଭାଗ୍ୟରେ ପରିଣତ ହୋଇଛି । ଅନ୍ୟପକ୍ଷରେ, କବିମାନେ ଯାହା ଲେଖି ଦେଉଥିଲେ ତାହା ଭାଟ ସମାଲୋଚକ ମିଛଟାରେ ସାହିତ୍ୟ କୈବଲ୍ୟ ବିବେଚନା କଲେ, ମହିମାମଣ୍ଡିତ କଲେ । ଫଳରେ ଧ୍ୱଜାଧାରୀ କବିକୁଳ ତାହାକୁ ସତ୍ୟ ମନେକରି ପରୀକ୍ଷାନିରୀକ୍ଷା ନାମରେ ସ୍ୱେଚ୍ଛାଚାରିତା ଆରମ୍ଭ କରିଦେଲେ । ଏ ପର୍ଯ୍ୟନ୍ତ ଜୀବିତ ଓଡ଼ିଆ କବିଙ୍କ ସାହିତ୍ୟକୃତି ଉପରେ ନିରପେକ୍ଷ ଆଲୋଚନା, ମୂଲ୍ୟାୟନ ହୋଇନାହିଁ, ଆମକୁ ଏକ ପ୍ରକାର ଅନ୍ଧକାର ଭିତରେ ରଖି ଦିଆଯାଇଛି ଏବଂ ମିଛ ସାହିତ୍ୟଈଶ୍ୱରଙ୍କୁ ଆରାଧନା କରିବା ପରମ୍ପରା (ପ୍ରହସନ !)ରେ ପରିଣତ ହୋଇଯାଇଛି । ଆଜି ଆମେ ଅନ୍ଧକାର ଭିତରେ ରହିଛୁ, ଆମ ପାଖରେ ସ୍ୱାଧୀନୋତ୍ତର ଓଡ଼ିଆ କବିତା ବା ସାହିତ୍ୟର ଇତିହାସ ନାହିଁ । ମନେହୁଏ ଡକ୍ଟର ମାୟାଧର ମାନସିଂହଙ୍କ ପରେ ସତେ ଯେମିତି ଓଡ଼ିଆ ସାହିତ୍ୟର ଇତିହାସ ଲେଖା ବନ୍ଦ ହୋଇଯାଇଛି !!

ଏ ସତ୍ତ୍ୱେ ସମକାଳର ପ୍ରମୁଖ କବିଙ୍କୁ କେବଳ ନିନ୍ଦା କରିବା ଏବଂ କବିତାର ଦୁର୍ବଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଅପରାଧ ପରି ମନେହେବ । ସଚ୍ଚି ରାଉତରାୟ ମୁକ୍ତଛନ୍ଦର ଯେଉଁ କବିତା ପ୍ରବର୍ତ୍ତନ କଲେ, ପରବର୍ତ୍ତୀ ପିଢ଼ିର କବିମାନେ ତା’କୁ ଗତିଶୀଳ ଓ କାବ୍ୟିକ ଆନ୍ଦୋଳନକୁ ତୀବ୍ର କରିବାରେ ଅବଶ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ମୁକ୍ତଛନ୍ଦର କବିତାକୁ ଓଡ଼ିଶା ପରି ରାଜ୍ୟରେ ଚଳମାନ କରିବା ଏବଂ ଲୋକେ ତା’କୁ ଗ୍ରହଣ କରନ୍ତୁ ବା ନ କରନ୍ତୁ ସକଳ ବିରୋଧାଭାସ, ଅସନ୍ତୋଷ, ଆରୋପ,




ପ୍ରତ୍ୟାରୋପ ସତ୍ତ୍ୱେ ନିଜ ନିଜର କାବ୍ୟଯାତ୍ରା ବଳବତ୍ତର ରଖିବା କମ୍ ବଡ଼ କଥା ନୁହେଁ । ହଁ, ଭାରତବର୍ଷରେ ପ୍ରାନ୍ତୀୟ ଭାଷାର ସାହିତ୍ୟରେ ଯେତେ ପ୍ରକାର ପରୀକ୍ଷାନିରୀକ୍ଷା, କାବ୍ୟିକ ଆନ୍ଦୋଳନ ଆଦି ଘଟିଛି ଏହି କାଳଖଣ୍ଡର ପ୍ରମୁଖ ଓଡ଼ିଆକବିମାନେ କେଉଁଥିରେ ପଛେଇ ନାହାନ୍ତି; ବରଂ ପରୀକ୍ଷାନିରୀକ୍ଷା କ୍ଷେତ୍ରରେ ଖୁବ୍ ଅଗ୍ରଣୀ, ମୁକ୍ତ ଓ ଦୃପ୍ତ । ଗୋଟିଏ ଦୃଷ୍ଟିରୁ ବିଚାର କଲେ ଅନ୍ୟ ପ୍ରାନ୍ତୀୟ ଭାଷାର କବିମାନେ ଅଦ୍ୟାବଧି ପାରମ୍ପରିକତା, ଛନ୍ଦଧର୍ମିତା ଓ ଗୀତିଧର୍ମିତାରୁ ପୁରାପୂରି ମୁକୁଳି ପାରିନଥିବା ସ୍ଥଳେ ଓଡ଼ିଆ କବି ଶୈଳ୍ପିକ-ଶବ୍ଦଗତ-ବିଷୟବସ୍ତୁ ଲୀଳାଖେଳାରେ ହିନ୍ଦୀ, ବଙ୍ଗଳା ଭାଷାର କବିଙ୍କଠାରୁ ମଧ୍ୟ ଆଗୁଆ, ଏହା ଦୃଢ଼ତାର ସହିତ କୁହାଯାଇପାରେ ।


ଏ ପ୍ରେକ୍ଷାପଟରେ କିନ୍ତୁ ଜୟନ୍ତ ମହାପାତ୍ର ନିଆରା । ଯେତେବେଳେ ସେ ଓଡ଼ିଆ କବିତା ଲେଖି ବସିଲେ ଆରମ୍ଭରୁ ହିଁ ତାଙ୍କ କବିତାରେ ଅବହେଳିତ, ଦଳିତ, ବଞ୍ଚିତ ମଣିଷର ଜୀବନଧାରା, ଆଶା, ଆକାଂକ୍ଷା ସର୍ବୋପରି ନିଜ ମାଟି, ପାଣି ଓ ପବନର କଥା ଖୁବ୍ ଅନ୍ତରଙ୍ଗ ଭାବେ ପ୍ରକାଶ ପାଇଲା । ତଥାକଥିତ ପ୍ରଗତିବାଦୀ କବିତାର ସ୍ଲୋଗାନ ଓ ପ୍ରୟୋଗବାଦୀ କବିତାର ଶାବ୍ଦିକ-ଆଳଙ୍କାରିକ ଆଟୋପ-କୋଳାହଳ ବଦଳରେ ଶୁଣିବାକୁ ମିଳିଲା ଆତ୍ମିକ ସ୍ୱରଟିଏ । ସାମାଜିକ ପ୍ରତିବଦ୍ଧତା, ରାଜନୈତିକ ଅବବୋଧ ଓ ଜନବାଦୀ ଆଦର୍ଶକୁ ନେଇ କବିତାରେ ସେ ଯେଉଁ ସ୍ପର୍ଶ, ସମ୍ବେଦନଶୀଳ ଓ ସ୍ନେହଶୀଳ ଛବି ଦେଲେ ତାହା ଗୋଟାପଣେ କ୍ରୋଧ ଓ ଯନ୍ତ୍ରଣାର ଏକ ଚମତ୍କାର ସମ୍ମିଶ୍ରଣ ଘଟି କରୁଣ ବିଦ୍ରୋହର ସୂତ୍ରପାତ ହେଲା । ଅନ୍ୟପକ୍ଷରେ ନୈସର୍ଗିକତା, ସ୍ୱଚ୍ଛନ୍ଦତା ଓ ଜାନ୍ତବତା ପ୍ରତି ଉନ୍ମୁଖ ରହି ସେ ବାସ୍ତବତାର ମୂଳକୁ ଖୋଜିବା ପାଇଁ ନିଜ ପାଖରେ ସତ୍ୟଶୀଳ ହେବା ଫଳରେ ପ୍ରଥମଥର ପାଇଁ ସାମ୍ପ୍ରତିକ ଓଡ଼ିଆ କବିତାରେ ବିଦ୍ରୋହର ଏକ କରୁଣ ପଦଧ୍ୱନି ଏତେ ତୀବ୍ର ଭାବେ ଜୟନ୍ତଙ୍କ କବିତାରେ ହିଁ ଶୁଭାଗଲା । ତା'ଛଡ଼ା ଦୁଃସ୍ଥିତିରେ ବଞ୍ଚି ରହିବାର ଆତ୍ମପ୍ରତ୍ୟୟ ସୃଷ୍ଟି ଏବଂ ସମାଜର ସାମ୍ପ୍ରତିକ ସ୍ଥିତିର ସ୍ନେହଶୀଳତାରେ ଭଲପାଇବାପଣର ବପନ ଦିଗରେ ଜୟନ୍ତ 'ମୁଁ'ତ୍ୱର ଗୋଲକଧନ୍ଦାରେ ନ ମାତି ଜୀବନଭିତ୍ତିକ ସ୍ୱରଧ୍ୱନିର ଅର୍କେଷ୍ଟ୍ରା ରଚିଲେ । ଗୁରୁତ୍ୱହୀନ ଘଟଣା ଓ ଚରିତ୍ରମାନଙ୍କୁ କବିତାରେ ଦେଲେ ମର୍ଯ୍ୟାଦା ।

ଜୟନ୍ତଙ୍କ କାବ୍ୟଦୃଷ୍ଟି ଉପରେ ନଜର ପକାଇଲେ ଗୋଟିଏ କଥା ସ୍ପଷ୍ଟ ହୋଇଯାଏ ଯେ ସେ ଓଡ଼ିଶାକୁ ନିଜର କାବ୍ୟଭୂମି ବା ବିନ୍ଦୁ ଭାବେ ନେଇ ବିଶ୍ୱଦୃଷ୍ଟିକୁ ପ୍ରସାରିତ କରିଛନ୍ତି । ଓଡ଼ିଶାର ସଂସ୍କୃତି, ରାଜନୀତି, ଇତିହାସ, ପରମ୍ପରା, ଗରିବୀ, ସାମାଜିକ ବୈଷମ୍ୟକୁ କବିତାରେ ଜୀବନ୍ତ ଭାବେ ଚିତ୍ରଣ କରିଛନ୍ତି । ଭୂମଣ୍ଡଳୀକରଣର ଅଂଶବିଶେଷ ଭାବେ ନିଜକୁ ଅଙ୍କନ କରିଛନ୍ତି । ପରିବର୍ତ୍ତିତ ସମୟ ସହ ନିଜକୁ ଖାପ ଖୁଆଇ ଚାଲିଥିଲେ ହେଁ ପିଢ଼ିଭିତ୍ତିକ ଫାଙ୍କକୁ ସୂତାଖିଅରେ ଝୁଲାଇ ଦେଇ ନାହାନ୍ତି । ସମତାର ରଜ୍ଜୁରେ ବାନ୍ଧି ରଖିଛନ୍ତି । ମଧ୍ୟବିତ୍ତର ଜୀବନ ମାନସିକ ସ୍ତରରେ କିପରି ଗୋଲାମ ହୋଇ ଯାଇଛି, ତା'କୁ ମଧ୍ୟ ଦର୍ଶାଇବାରେ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ସମାଜ ପ୍ରତି ତାଙ୍କର ଦାୟବଦ୍ଧତା ଅପରିସୀମ । ତେବେ ଏହା ମଧ୍ୟ ସେ ସଚେତନ ଯେ ସୀମିତତା ହିଁ ତା'ର ପରିସୀମା । କବିଟିଏ


ମୋତେ ପରବର୍ତ୍ତୀ ସମୟରେ ନିଜକୁ ଆବିଷ୍କାର କରିବାରେ ସହାୟକ ହୋଇଛି । ପୁସ୍ତକ ସହିତ ଏକାଏକା ବିତାଇବାରେ ମୁଁ ନିଜକୁ ଖୋଜି ପାଇଛି ଏବଂ ତାହା ମୋତେ ଆନନ୍ଦ ଦେଇଛି ।

ଅନ୍ୟପକ୍ଷରେ, ସ୍କୁଲରେ ମୁଁ ପାଇଗଲି ଜଣେ ବ୍ରିଟିଶ ପ୍ରଧାନଶିକ୍ଷକ ପି.ଟି. ରବର୍ଟସ୍‌ଙ୍କୁ । ତାଙ୍କର ଇଂରାଜୀ କହିବାର ଶୈଳୀ, ଭାଷାନୁରାଗ ଓ ସାହିତ୍ୟପ୍ରୀତି ମୋତେ ବେଶ୍ ପ୍ରଭାବ ପକାଇଥିଲା । ସେ ଭଲ ଇଂରାଜୀ ଲେଖିବା, ପଢ଼ିବା ପାଇଁ ଉତ୍ସାହିତ କଲେ । ମୁଁ ପୁସ୍ତକ ପଢ଼ାପଢ଼ି ବିଶେଷକରି ଗପ, ଉପନ୍ୟାସ ପଢ଼ା ପ୍ରତି ଅଧିକ ମନୋନିବେଶ କରିବା ସହ ଇଂରାଜୀ ଭାଷାକୁ ଭଲ ଭାବେ ଆୟତ୍ତ କରିବା ଦିଗରେ ଧ୍ୟାନ ଦେଲି । ସେତେବେଳେ ମୁଁ ଏଚ୍ ରିଡେର ହଗାର୍ଡ଼, ଏଡଗର ଭାଇସ ବୁରାହ ଓ ୱାଟର ସ୍କଟ୍‌ଙ୍କ ଉପନ୍ୟାସ ପଢ଼ି ସାରିଥିଲି । ମୂଳରୁ ଇଂରାଜୀ ଶିକ୍ଷା ପାଇବା କାରଣରୁ ମୁଁ ଇଂରାଜୀରେ ଲେଖି ପାରୁଛି । ମୋର ଭାବନା, କଳ୍ପନା, ସ୍ୱପ୍ନ ଓ ବାସ୍ତବତା ଆଦି ସବୁ ଇଂରାଜୀରେ ହେଲା । କହିବାକୁ ଗଲେ ମୁଁ ଇଂରାଜୀରେ ବଞ୍ଚିଲି । ଇଂରାଜୀ ଭାଷାକୁ ମୁଁ ଏପଟ ସେପଟ କରିପାରିଲି, ନଚେଇ ପାରିଲି, ଦୌଡ଼େଇ ପାରିଲି । ଭଲ କବିତା ହେଲା କି ନାହିଁ କହି ପାରୁନାହିଁ । ଏ ସବୁ ସତ୍ତ୍ୱେ ସତ କହିବାକୁ ଗଲେ ମୁଁ ଇଂରାଜୀରେ ଲେଖିଲି ସିନା, ଇଂରାଜୀ କବି ଭାବେ ମଧ୍ୟ ପ୍ରତିଷ୍ଠିତ ହେଲେ ମୁଁ ନିଜକୁ ସର୍ବଦା ଓଡ଼ିଆ କବି, ଲେଖକ ବିବେଚନା କରିଥାଏ ।





**ହଁ, ଆପଣ ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ର ଓ ଅଧ୍ୟାପକ । ପ୍ରାରମ୍ଭିକ ପର୍ଯ୍ୟାୟରେ ଆପଣଙ୍କ ଇଂରାଜୀରେ କବିତା ଲେଖିବା ଏବଂ ପ୍ରସିଦ୍ଧି ଅର୍ଜନକୁ ଓଡ଼ିଶାର ଇଂରାଜୀ ଅଧ୍ୟାପକ, ପ୍ରଫେସର ଓ ନାମୀଦାମୀ ଲେଖକ ମହଲରେ ପ୍ରତିକ୍ରିୟା କେମିତି ଥିଲା ?**


ମୁଁ ଭାଷାସାହିତ୍ୟ କିମ୍ବା କବିତା ସ୍ୱତନ୍ତ୍ର ବିଭାଗର ଛାତ୍ର ନ ଥିଲି; ବରଂ ମୁଁ ପଦାର୍ଥ ବିଜ୍ଞାନ ପଢ଼ିଛି ଏବଂ ପଢ଼ାଇଛି । ତେଣୁ କବିତାର ତତ୍ତ୍ୱ ବାବଦରେ ମୁଁ ଅଜ୍ଞ । ସେ ବାବଦରେ ମୋର ଧାରଣା ଅତି ସୀମିତ । ପ୍ରଥମେ ମୁଁ ଯେତେବେଳେ ଇଂରାଜୀରେ ଲେଖିବା ଆରମ୍ଭ କଲି ଅନେକ ମୋତେ ଥଟ୍ଟା କଲେ । କେତେକ କହିଲେ ପଦାର୍ଥ ବିଜ୍ଞାନର ଛାତ୍ର ଇଂରାଜୀରେ କବିତା ! ପୁଣି ଛପା ହେଉଛି ବାହାରେ । ମୁଁ ଜାଣିନି । ଏସବୁ ଈଶ୍ୱରଙ୍କ କୃପା । ବିଶେଷକରି ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକମାନେ ମୋତେ ବହୁ ହେୟଜ୍ଞାନ କରିଛନ୍ତି । ସେତେବେଳେ ଉଚ୍ଚଶିକ୍ଷା ବିଭାଗର ଡିପିଆଇ ମଧ୍ୟ ମୋ ଉପରେ ରାଗ ରଖିଥିଲେ । ପଦାର୍ଥ ବିଜ୍ଞାନର ଅଧ୍ୟାପକ ହୋଇ ଇଂରାଜୀ ଲେଖୁଛି ଏବଂ ବାହାରେ ପ୍ରକାଶ ପାଉଛି, ଏହାକୁ ସହଜରେ ଗ୍ରହଣ କରି ପାରୁନଥିଲେ । ମୋର ମନେହେଉଛି ଏକ ମାଟ୍ରିକ ପରୀକ୍ଷା କେନ୍ଦ୍ର ଯେଉଁଠି ସବୁଠୁ ବେଶି କପି ହେଉଥିଲା, ମୋତେ କେନ୍ଦ୍ରୀୟ ସୁପରିନ୍‌ଟେଣ୍ଡେଣ୍ଟ କରି ପଠାଇଥିଲେ । ଜବରଦସ୍ତି ସେଠାକୁ ମୋତେ ପଠା ଯାଇଥିଲା । ସେଠାକୁ ଯାଇ ଭଲରେ କାମ କରି ଆସିଲି । କାହିଁକି ମୋ ପ୍ରତି ଏ ପ୍ରକାର ଅବିଚାର ହେଲା ମୁଁ ଜାଣିନି । କବିତା ଜଗତରେ ମୁଁ ରହିଲି ଏବଂ ତିଷ୍ଠିଲି । ଏହା ମୋର ଏକା ଏକା ଉଦ୍ୟମରେ ହୋଇ ନାହିଁ । ମୁଁ ଭାବେ ତା' ପଛରେ ବହୁ ଅଦୃଶ୍ୟ ଶକ୍ତି ତଥା ପ୍ରେରଣା ରହିଛି ।


**ବିଭିନ୍ନ ଆନ୍ତର୍ଜାତିକ ପତ୍ରିକାରେ ଆପଣଙ୍କ କବିତା ପ୍ରକାଶ ପାଇବା ପରେ ଆପଣଙ୍କୁ କବିତା ପାଠୋତ୍ସବ ଓ କର୍ମଶାଳାରେ ଯୋଗ ଦେବା ପାଇଁ ବିଦେଶରୁ ଆମନ୍ତ୍ରଣ ମିଳିଲା । ଆପଣଙ୍କ ପ୍ରଥମ ବିଦେଶ ଗସ୍ତ ଓ ସେଠାକାର ଲବ୍ଧପ୍ରତିଷ୍ଠ କବିଲେଖକଙ୍କ ସହିତ ନିଜକୁ କେମିତି ଦେଖିଲେ ?**

କଲମ ଧରି ସ୍ୱର ଉତ୍ତୋଳନ କରିବା ଛଡ଼ା ଅଧିକ କିଛି କରିପାରେ ନାହିଁ । ଅସହାୟତାକୁ ନିଜର ଏକ ପ୍ରମୁଖ ଅସ୍ତ୍ର ଭାବେ ମଧ୍ୟ ସେ ବ୍ୟବହାର କରିଛନ୍ତି ।

ଶୈଳ୍ପିକ ଦୃଷ୍ଟିରୁ ଦେଖିଲେ, କଥାକୁହା ଶୈଳୀକୁ ହିଁ ଜୟନ୍ତ ନିଜ ବକ୍ତବ୍ୟର ମାଧ୍ୟମ ହିସାବରେ ବ୍ୟବହାର କରିଛନ୍ତି । ଅନ୍ତର୍ଛନ୍ଦ, ବ୍ୟଙ୍ଗ, ବିଦ୍ରୂପ ଓ ବର୍ଣ୍ଣନାରେ ଅନନ୍ୟ ସରଳତା ହେଉଛି ତାଙ୍କ ଶବ୍ଦ କାରିଗରୀର ଉଲ୍ଲେଖନୀୟ ଦିଗ । ସର୍ବପ୍ରଥମେ ସ୍ପଷ୍ଟ କରିଦେବା ସମୀଚିନ ମହେ ହୁଏ ଯେ 'ବଳି'ଠାରୁ 'ଟିକିଏ ଛାଇ'ର ଦୂରତ୍ୱ ବେଶି ନୁହେଁ । ଆତ୍ମିକ ଦହନର ଗୋଟିଏ ଗାଉଁଲି ବାଟ ଦେଇ ଜୟନ୍ତ ନିଜର କାବ୍ୟଯାତ୍ରା ଜାରି ରଖିଛନ୍ତି । ଅବଶ୍ୟ, ଏଇଠି କବିଙ୍କଠି ଡେଣା ଓ ସ୍ପନ୍ଦନକୁ ସ୍ୱର୍ଦ୍ଧାର ଉଡ଼ାଣ ଭାବେ ମଧ୍ୟ ବିଚାର କରା ଯାଇପାରେ; କିନ୍ତୁ ସେ ଅନୁଭବଉର୍ମିଳ ଓ ଆନ୍ତରିକତାପୂର୍ଣ୍ଣ ପୃଷ୍ଠଭୂମିରେ ଯେଉଁ ସ୍ୱକୀୟ ପଦଚିହ୍ନ ଆଙ୍କି ଯାଇଛନ୍ତି ତାହା ତାତ୍ପର୍ଯ୍ୟପୂର୍ଣ୍ଣ । ତାଙ୍କ କବିତାଗ୍ରନ୍ଥଗୁଡ଼ିକର ନାମକରଣ ଓ କବିତାର ସ୍ୱରରୁ ଅନୁମେୟ ହୁଏ ଯେ 'ମୁଁ' ତାଙ୍କ ପାଇଁ କେତେବେଳେ ବଡ଼ କଥା ନୁହେଁ, ନିଜକୁ ନିର୍ଲିପ୍ତତା ଓ ବ୍ୟାପ୍ତିର ସମୁଦ୍ରକୂଳରେ ଅବଗାହନ କରାଇଛନ୍ତି । ଯାହା କରିବା ନିହାତି ଜରୁରୀ ଏବଂ ଯାହା କହିଲେ ସମାଜ ଓ ପ୍ରାଣୀର ମଙ୍ଗଳ ହେବ ସେଥିପ୍ରତି ମଧ୍ୟ ରଖିଛନ୍ତି ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ । 'ମୁଁ'କୁ ସେ ଉହ୍ୟବିମ୍ବିତ ଆତ୍ମଚାରୀ ଭାବେ ବ୍ୟବହାର କରି ନିଜ ଛାଇର ଆଶ୍ଳେଷ ଦେଇ ପ୍ରଜାପତୀୟ ଉଡ଼ାଣ ଜାରି ରଖିଛନ୍ତି । ବିଶୁଦ୍ଧ ପାଗଳାମୀ, ଶିଶୁତ୍ୱ ଓ ଖିଆଲି ଢଙ୍ଗ ତାଙ୍କଠି ତୀବ୍ର ଥିବାରୁ ଜୀବନର ସହଜିଆ ଗଣିତ ଆଡ଼କୁ ସବୁବେଳେ ତାଙ୍କର ପ୍ରଥମ ନଜର ଯାଇଛି । ସୁତରାଂ ଏହି ପ୍ରବନ୍ଧରେ ଜୟନ୍ତଙ୍କ ସାମଗ୍ରିକ କାବ୍ୟକୃତିକୁ ଭିତ୍ତିକରି ତାଙ୍କର ପଦଚିହ୍ନକୁ ଚିହ୍ନଟ କରାଯିବାର ପ୍ରୟାସ ହୋଇଛି । ଏହାକୁ ତାଙ୍କ କବିତାର ଏକ ଉଚ୍ଛ୍ୱସିତ ପାଠକୀୟ ପ୍ରତିକ୍ରିୟା କହିବା ଅଧିକ ସମୀଚୀନ ମନେହେବ ।

## ଦଳିତ ଅସ୍ମିତାର ଫୁଲଝରି

ଦଳିତ ଅସ୍ମିତାଦର୍ଶକୁ ପାଥେୟ କରି ଗୁଜରାଟ, ମହାରାଷ୍ଟ୍ର, କେରଳ, ବିହାର ଆଦି ରାଜ୍ୟରେ ଦଳିତ ଲେଖକମାନେ ଆନ୍ଦୋଳନ କରିଛନ୍ତି । ଏହା ବିଶେଷଭାବେ ଜନମୁଖୀ ହେବା ସହ କବିତାର ଭାଷାରେ ସାରଲ୍ୟ ଆଣି ପାରିଛି । ଆମର ଦୁର୍ଭାଗ୍ୟ ଓଡ଼ିଶା ଏକ ପଛୁଆ, ଦଳିତ ଓ ଆଦିବାସୀବହୁଳ ରାଜ୍ୟ ହୋଇଥିଲେ ହେଁ ଦଳିତମାନଙ୍କ କଥା-ବ୍ୟଥାକୁ ନେଇ ଲେଖକମାନେ ସଂଘବଦ୍ଧ ହୋଇ ଆନ୍ଦୋଳନର ସୂତ୍ରପାତ ଘଟାଇ ପାରି ନାହାନ୍ତି । ସାରଳା ଦାସ, ସାଲବେଗ, ଭୀମଭୋଇଙ୍କଠୁ ଆରମ୍ଭ କରି ସଚ୍ଚି ରାଉତରାୟ, ଆଶୁତୋଷ ପରିଡ଼ା, ବାସୁଦେବ ସୁନାନୀ, ପୀତାମ୍ବର ତରାଇ ପ୍ରମୁଖ, ଅଖିଳ ନାୟକ ଅସ୍ପୃଶ୍ୟତା ଓ ଦଳିତ ଉପରେ କବିତା ଲେଖିଛନ୍ତି, କିନ୍ତୁ ତାହା ଆନ୍ଦୋଳନର ରୂପ ନେଇ ପାରିନାହିଁ । ତେବେ, କବି ଜୟନ୍ତ ମହାପାତ୍ରଙ୍କ ଦଳିତ ପରିଚର୍ଯ୍ୟା, ଅସ୍ପୃଶ୍ୟ ପରିଚର୍ଯ୍ୟା ବ୍ୟାପକ ରୂପ ନେଇ ପାରିନଥିଲେ ହେଁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । 'ଖୋଳତାଡ଼' ଓ 'ଆଉ ଶେଷରେ ଛୁଆଁଅଛୁଆ କଥା' କବିତା ଖୁବ୍ ପ୍ରଭାବଶାଳୀ ।


"ବହୁତ କଷ୍ଟ ଲାଗେ /ଆଜି ଯେବେ ଭାବେ ଯେ ସେଦିନ / ତମେ ମୋ ଶବ ପାଖେ ପାଖେ



ବିଶ୍ୱର ଏକ ସମ୍ଭ୍ରାନ୍ତ ପତ୍ରିକା 'ପୋଏଟ୍ରି ଚିକାଗୋ'ରେ ୧୯୭୩ରୁ କ୍ରମାଗତ ଭାବେ ମୋର କବିତା ପ୍ରକାଶ ପାଇଥିଲା । ସେହି ପତ୍ରିକା ତରଫରୁ ମୋତେ 'ଜାକବ୍ ଗ୍ଲାଡଷ୍ଟୋନ୍ ପୁରସ୍କାର' ସହ ଆମେରିକାରେ ଚାରି ମାସ ରହିବାର ସୁଯୋଗ ମିଳିଥିଲା । ବିଶ୍ୱର ପ୍ରଖ୍ୟାତ ୨୨ ଜଣ କବିଙ୍କ ସହ ମିଶିବାର ଅବସର ପାଇଲି । ସେମାନଙ୍କ ସମ୍ମୁଖରେ ମୁଁ ଭକୁଆ ଭଳିଆ ଥିଲି । ସେମାନଙ୍କ କବିତା ବିଷୟରେ ତର୍କବିତର୍କ ଓ ଆଲୋଚନାଦି ଦେଖି ନିଜକୁ ଛୋଟ ଭାବୁଥିଲି । ହେଲେ ଏହା ମଧ୍ୟ ହୃଦ୍‌ବୋଧ ହେଉଥିଲା ଯେ ସେମାନେ ଲେଖୁଥିବା କବିତା ତୁଳନାରେ ମୋ କବିତା କିଛି କମ୍ ନୁହେଁ । ଭାଷା ଅଲଗା, କବିତା ସେଇ ସମାନ । ହୁଏତ କେଉଁଠି କେଉଁଠି ମୋ କବିତା ବେଶି ଉଜ୍ଜ୍ୱଳ । ଆହୁରି ଭଲ କବିତା ଲେଖିବା ପାଇଁ ଆତ୍ମବିଶ୍ୱାସ ଓ ମନୋବଳ ଦୃଢ଼ ହୋଇଗଲା ।

**ଦେଶର ଜଣେ ଅନନ୍ୟ ଅସାଧାରଣ ଦ୍ୱିଭାଷିକ କବି ଭାବେ ଆପଣଙ୍କ ଖ୍ୟାତି ଅବିସମ୍ବାଦିତ । ଆପଣଙ୍କ ଇଂରାଜୀ କବିତାର ଭାବ, ଭାଷା ଓ ଶୈଳୀ ଏବଂ ଗଠନଗତ ଶିଳ୍ପବିଭବ ସମୃଦ୍ଧଶାଳୀ ଓ ନିଜପଣର ବାନା ଉଡ଼ାଉ ଥିବାବେଳେ ଓଡ଼ିଆ କବିତାର ଭାଷାସୌଷ୍ଠବ ସହଜ ଓ ସରଳ ମନେହୁଏ । ଏପରି କାହିଁକି ? ଦ୍ୱିଭାଷିକ କବି ହେବାର ସୁବିଧା ଓ ଅସୁବିଧା ସମ୍ପର୍କରେ କିଛି କହିବେ କି ? ନା' ସେମିତି କିଛି ନାହିଁ !!**

ଇଂରାଜୀରେ ମୋର ଲେଖିବାର ଅଭିଳାଷ ଥିଲା ଏଥିପାଇଁ ଯେ ଇଂରାଜୀ ଭାଷାରେ ମୋର ଟିକିଏ ବେଶି ଆୟତ୍ତ ଥିଲା । ମୁଁ ସେହି ଭାଷାଟିକୁ ପିଲାଟି ଦିନରୁ ଏତେ ପଢ଼ିଥିଲି ଯେ ଆଉ କୌଣସି ଭାଷା ବିଷୟରେ ଭାବୁ ବିନ ଥିଲି । ମୋତେ ଯେତେବେଳେ ୩୬-୩୭ ବର୍ଷ ହେଲା ମୁଁ ଇଂରାଜୀରେ ଲେଖାଲେଖି କଲି ଏବଂ ଛପାଇଲି । ସବୁ ଦେଶରେ ମୋର କବିତା ପ୍ରକାଶ ପାଇଲା । ଆନ୍ତର୍ଜାତିକ ସ୍ତରର ଅନେକ ମର୍ଯ୍ୟାଦାଜନକ ପୁରସ୍କାର ପାଇଲି । ୧୯୮୧ରେ ମୋର କବିତା ସଂକଳନ 'ରିଲେସନ୍‌ସିପ୍' ଇଂରାଜୀ କବିତା ପୁସ୍ତକ ଭାବେ ପ୍ରଥମଥର ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା । ସେହି ସମୟରେ ମୋର ହୃଦ୍‌ବୋଧ ହେଲା ଯେ ମୁଁ ଯାହାସବୁ ଲେଖୁଛି ମୋର ଆଖପାଖରୁ କେହି ତା' ବିଷୟରେ ଜାଣି ପାରୁନାହାନ୍ତି । ମୋର ହୃଦୟରେ, ମନରେ ବଡ଼ ଫାଙ୍କା ରହିଲା, ଗର୍ତ୍ତ ରହିଗଲା; କାରଣ ମୁଁ ଯାହା ଦେଖିଲି ମୋର ଚାରିପାଖରେ ଯିଏ ପାନବାଲା ଅଛି, ସାଇକଲବାଲା ଅଛି, ମୋତେ ଯିଏ ଆସି ଖବରକାଗଜ ଦେଉଛି ସେମାନେ ଜାଣିଲେ ନାହିଁ ଯେ ମୁଁ କବିତା ଲେଖୁଛି, ଲେଖକ ବୋଲି । ମୋର ଇଚ୍ଛା ହେଲା ମୁଁ ଯାହା ଲେଖିଛି ମୋର ପାଖପଡ଼ୋଶୀ ଏବଂ ମୋର ପରିଧିରେ ଆତଯାତମାନେ ଜାଣନ୍ତୁ । ସେଥିପାଇଁ ମୁଁ ଓଡ଼ିଆରେ ଲେଖିବା ଆରମ୍ଭ କଲି । ଏହି ସମୟରେ ଏକ ଓଡ଼ିଆ ସାହିତ୍ୟ ପତ୍ରିକାରେ ଏକକାଳୀନ ଦଶଟି ଓଡ଼ିଆ କବିତା ପ୍ରକାଶ ପାଇଲା । ସେଥିରେ ପାନବାଲା, ସାଇକେଲ୍ ଫିଟର୍ ଏବଂ ଝୁମ୍ପୁଡ଼ିବସ୍ତିର ସୀତାଅମ୍ମାଙ୍କ ପରି ଦୁଃଖୀରଂକୀଙ୍କୁ ସ୍ଥାନ ଦେଇଥିଲି । ମୋର ଏହି କାବ୍ୟିକ ସ୍ୱରକୁ ଅନେକ ସ୍ୱାଗତ କଲେ, କହିଲେ ଏହା ନିଆରା । ପୂର୍ବରୁ ଓଡ଼ିଆ ବରିଷ୍ଠ କବିଙ୍କ କବିତାରେ ଏପରି ବଞ୍ଚିତଙ୍କ ସ୍ୱର ଏତେ ତୀବ୍ର ହୋଇ ଶୁଭି ନ ଥିଲା । ପରେ ମୁଁ ଓଡ଼ିଆରେ କବିତା ଲେଖିବା ଦିଗରେ ଅଧିକ ମନ ଦେଲି । ଦ୍ୱିଭାଷୀ କବି ହେବା କଥା ଯାହା କହୁଛ, ଏହାଦ୍ୱାରା ମୁଁ ଅସୁବିଧା ଅନୁଭବ କରିନାହିଁ । ମୁଁ ଇଂରାଜୀରେ ଯାହା ଲେଖି ପାରିଲି ନାହିଁ, ତା'କୁ ଓଡ଼ିଆରେ ଖୁବ୍ ସହଜରେ ଏବଂ ଖୁସିରେ ଲେଖି ପାରିଲି । ମୋର ଓଡ଼ିଆ କବିତାରେ ଏତେ ବୌଦ୍ଧିକତା ନାହିଁ, ଏତେ



ଛିଡ଼ା ହେବା ବେଳେ / ମନେ ମନେ କେମିତି କହି ହେଉଥିବ / ଘରକ ଫେରି / ତମକୁ ଆଗେ ଗାଧେଇବାକୁ ହେବ ।" (ଆଉ ଶେଷରେ ଛୁଆଁ ଅଛୁଆଁ କଥା : 'କହିବି ଗୋଟିଏ କଥା')

କିମ୍ବା

"ରାଜୁ ମୋର ନାଁ । / ହଁ ରାଜୁ । ଖାଲି ରାଜୁ । / ସାଙ୍ଗିଆ ? ସାଙ୍ଗିଆ ନେଇ କ'ଣ ଅଛି ? / ପଚାରୁଛ ଯଦି, ହଉ ଲେଖିଦିଅ କିଛି... / ସାମଲ, ଡମ, ବେହେରା, ଯାହା କିଛି ଇଚ୍ଛା ତମର / କ'ଣ ମହାପାତ୍ର ଲେଖିଦେଲେ କିଛି ବଦଳିଯିବ ? / ନା' ପଟ୍ଟନାୟକ ବା ତ୍ରିପାଠୀ ?

+ + + + + + + + + +

ସୁଇପର ମୁଁ, ରାସ୍ତା ନର୍ଦ୍ଦମାରେ ମଇଳାରେ / ଘୁଅ ଗୋବରରେ ମୋର କାମ / ସେ ଘୁଅ ଚିପୁଡ଼ିଲେ ମୋ ପିଲାଙ୍କ ଭାତ ବାହାରେ / ଓ ନର୍ଦ୍ଦମାପଙ୍କରୁ ପଢ଼ା ସିଲେଟଖଡ଼ି ।" (ଖୋଳତାଡ଼ : 'ବଳି')

ଜାତିଭିତ୍ତିକ ପ୍ରଥା ଏକ ସମ୍ପୂର୍ଣ୍ଣ ମନୁଷ୍ୟକୃତ ବୀଭତ୍ସ ପରମ୍ପରା । ଏହା ସମାଜ ପାଇଁ ବିଷମଞ୍ଜି ସଦୃଶ । ଏଥିରେ ଅତିଷ୍ଠ ହୋଇ କବି କହନ୍ତି:


"ସାଙ୍ଗିଆ ? ସାଙ୍ଗିଆ ନେଇ କ'ଣ ଅଛି ? / ପଚାରୁଛ ଯଦି, ହଉ ଲେଖିଦିଅ କିଛି.. / ସାମଲ,ଡମ, ବେହେରା, ଯାହା କିଛି ଇଚ୍ଛା ତମର / କ'ଣ ମହାପାତ୍ର ଲେଖିଦେଲେ କିଛି ବଦଳିଯିବ ? / ନା' ପଟ୍ଟନାୟକ ବା ତ୍ରିପାଠୀ ?(ଖୋଳତାଳ, 'ବଳି')

ଏଠାରେ ଗୋଟିଏ କଥା କହିବା ସମୀଚୀନ ମନେହୁଏ । ତାହା ହେଲା- ସମ୍ପ୍ରତି ଦଳିତ, ବଞ୍ଚିତ, ଅସହାୟଙ୍କୁ ନେଇ କବି-ଲେଖକମାନେ ଅତିଶୟ ମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇ ତଥାକଥିତ ସବର୍ଣ୍ଣଙ୍କ ଉପରେ ଆକ୍ରୋଶମୂଳକ ଆକ୍ରମଣ କରୁଛନ୍ତି, ଦଳିତ ଇତିହାସ ବିଜଡ଼ିତ ଦାର୍ଶନିକସୁଲଭ ଓ ପୋଥିବାଇଗଣଧର୍ମୀ ଘଷରା କଥା କହିବାକୁ ପ୍ରାଧାନ୍ୟ ଦେଉଛନ୍ତି । ଯୁଗଚାହିଦା ଅନୁସାରେ ଦଳିତମାନଙ୍କର ମୌଳିକ ସମସ୍ୟା, ନ୍ୟାର୍ଯ୍ୟଦାବିକୁ ଉତ୍‌ଥାପିତ କରିବା ସହ ସେମାନଙ୍କର ସ୍ୱପ୍ନ, ତିତିକ୍ଷା, ବିଚାର, ଆଦର୍ଶ, ମହାନୁଭବତା ସର୍ବୋପରି ସୁକୁମାର ଭାବକୁ ସାହିତ୍ୟରେ ଅଧିକରୁ ଅଧିକ ରୂପାୟିତ କଲେ ଦଳିତମାନେ ଉପକୃତ ହୋଇ ପାରିବେ, ସେମାନଙ୍କର ଗୌରବ ବୃଦ୍ଧି ପାଇବ, ସେ ସାହିତ୍ୟ ହୋଇପାରିବ ସର୍ବସାଧାରଣଙ୍କ ସାହିତ୍ୟ । ଅବଶ୍ୟ, ଜୟନ୍ତଙ୍କ କବିତାରେ ଏପରି ଉଗ୍ର ପ୍ରତିକ୍ରିୟା ନାହିଁ । ମାତ୍ର ସେ ଯେ ଦଳିତମାନେ କିପରି ସ୍ୱାବଲମ୍ବୀ, ଶିକ୍ଷିତ ଓ ସ୍ୱଅଧିକାର ଉପରେ ସଚେତନ ହେବେ ଏ କଥାକୁ ଜୋର୍ ଦେଇ କହିଛନ୍ତି ଏହାକୁ ଗ୍ରହଣ କରି ହେବ ନାହିଁ । ସମ୍ବେଦନା ଓ ବିଦ୍ରୋହର ଭାଷ୍ୟ ନିର୍ମାଣ କରି ଇନ୍ଦ୍ରଧନୁବିମ୍ବିତ ଚାବୁକ୍ ପ୍ରହାର କରିଛନ୍ତି ।

## ବିଦ୍ରୋହର କମନୀୟ କକ୍ଷଭୂମି

ଜାତି, ଧର୍ମ, ରାଜନୀତି ହେଉ କି ସାମାଜିକ ଅବ୍ୟବସ୍ଥା, ଅନୀତି, ଦୁର୍ନୀତି ଆଜିର କବିତାରେ ଏସବୁ ବିରୋଧରେ ପ୍ରଗତିଶୀଳ ଓ ବାମପନ୍ଥୀ ସ୍ୱର ଶୁଭୁଛି, ହେଲେ ଅନେକାଂଶରେ ସେଗୁଡ଼ିକ ସ୍ଲୋଗାନଧର୍ମୀ, ଅତ୍ୟନ୍ତ କର୍କଷ । ଦେଖିବାକୁ ଗଲେ ଧର୍ମ, ଜାତି ଓ ରାଜନୀତିକ ଅସଙ୍ଗତି ବିରୋଧରେ ଅନେକ କବି ନୀରବ ଥିବାବେଳେ କେତେକ କୌଶଳ କ୍ରମେ ନିଜ ନିଜର ପ୍ରତିବାଦ ଓ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଜାତିଗତ ବୈଷମ୍ୟ ହେଉ କି ଧର୍ମଗତ ହିଂସା, ସାମ୍ପ୍ରଦାୟିକତା, ଧର୍ମାନ୍ଧତା ଏପରିକି ରାଜନୈତିକ ଦାଓପେଞ୍ଚ, ଜୟନ୍ତ ହିଁ ପ୍ରଥମ ଥର ପାଇଁ ଏତେ ସ୍ପଷ୍ଟରେ କମନୀୟ ଓ କରୁଣ ଭାବରେ ବିଦ୍ରୋହର ସୂତ୍ରପାତ ଘଟାଇଛନ୍ତି । ବାବୁଗିରି, ସାମନ୍ତବାଦୀ ପ୍ରଥା, ପୁଞ୍ଜିବାଦୀ ସାମ୍ରାଜ୍ୟ, ଦଲାଲଗିରି ମନୋଭାବ ଆଦି ବିରୋଧରେ ଅନେକ ତଥାକଥିତ ମୂର୍ଦ୍ଧନ୍ୟ କବି ସିଧାସଳଖ କବିତା ନ ଲେଖି ରୂପକ, ପ୍ରତୀକ, ଚିତ୍ରକଳ୍ପ ଜରିଆରେ ପରୀକ୍ଷାନିରୀକ୍ଷାଧର୍ମୀ କବିତା ଲେଖିଥିବା ବେଳେ ଜୟନ୍ତ ଏସବୁ ଅନର୍ଥକାରୀ ଅପାଦାନରେ ନମାତି ସିଧାସଳଖ ଓ ବ୍ୟାପକ ଭାବେ ହାତପାଆନ୍ତାର ଘଟଣାପ୍ରବାହରୁ କାବ୍ୟଭାଷ୍ୟ ପ୍ରସ୍ତୁତ କରିଛନ୍ତି । ଚୁଲିହାଣ୍ଡି କଥା ଠାରୁ ଆରମ୍ଭ କରି ପୃଥିବୀର କଥାକୁ ନୀରବ ପ୍ରତିବାଦ ଜରିଆରେ କିପରି ବ୍ୟକ୍ତ କରିଛନ୍ତି ଦେଖନ୍ତୁ ।

"ସ୍ୱପ୍ନ ସଙ୍ଗେ ତାର ଯାଏ ଆସେ କ'ଣ ? /



ନା' ଡଙ୍କେଲ୍ ନା' ଗ୍ୟାଟ୍ ନେଇ ତର୍କବିତର୍କର ? / ନା' ସୁସ୍ମିତା ସେନର ହସର ? / ନା' କାଶ୍ମିରରେ ଲାଗି ରହିଥିବା ଆତଙ୍କରେ ? / କୁଆଡ଼େ ବି ଯାଇ ନାଇଁ ମାମା ଏ ଜାଗାଛାଡ଼ି ଆଜିଯାଏ / ଦୋଷ ଦେଇ ନାହିଁ କାହାକୁ, ସରକାରଙ୍କୁ ବା ବିଜୁବାବୁଙ୍କୁ / ଚତୁର ହେବାକୁ କେବେ ଚେଷ୍ଟା କରିନାହିଁ / ସବୁତକ ଦୋଷ ଗାଳିମାଡ଼ ପଡ଼ିଛି କେବଳ / ସାତପିଲା ଜନ୍ମ କରିଥିବା ତାରି ସ୍ୱୀଟି ଉପରେ ।" (ମାମା- 'କହିବି ଗୋଟିଏ କଥା')

## ବୈଷ୍ଣବୀୟ ସ୍ୱରର ଗୁଣୁଗୁଣୁ ଚିତ୍ରପଟ

ବୈଷ୍ଣବ ଜନ ତାଙ୍କୁ କୁହାଯାଏ ଯିଏ ଅନ୍ୟର ପୀଡ଼ାକୁ ଦେଖିପାରନ୍ତି, ବୁଝିପାରନ୍ତି ଏବଂ ପୀଡ଼ା ଲାଘବ ପାଇଁ ନିଜ ପରିସର ଭିତରେ-ବାହାରେ ଯଥୋଚିତ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତି । ଅନ୍ୟ ପ୍ରତି ସମବେଦନା ଜଣାଇବା ଏବଂ ଅନ୍ୟର ଦୁଃଖରେ ସହଭାଗୀ ହେବା ମଧ୍ୟ କମ୍ କଥା ବଡ଼ ଗୁଣ ନୁହେଁ । କିନ୍ତୁ ମାନ୍ତ୍ରିକ ଉଚ୍ଚାରଣ କରି ଆଚରଣରେ ଚୁପ୍ ସଇତାନର ଭୂମିକା ଗ୍ରହଣ କରୁଥିବା ସାହିତ୍ୟ ଈଶ୍ୱରଙ୍କ ଭିଡ଼ ଆମ ସାହିତ୍ୟ ଜଗତରେ ବର୍ତ୍ତମାନ । ଏଣୁ ଅସଲ ସାହିତ୍ୟ ଈଶ୍ୱର କିଏ ? ଏବଂ କାହା ସ୍ୱର ପ୍ରକୃତ ସନ୍ନ୍ୟାସୀର ସ୍ୱର ତା'କୁ ଠାବ କରିବା ଅତ୍ୟନ୍ତ କଠିଣ ବ୍ୟାପାର ।

ଅନ୍ୟପକ୍ଷରେ ସାହିତ୍ୟ ଈଶ୍ୱରମାନଙ୍କ ମୁଖାପେକ୍ଷୀନତା ଯୋଗୁଁ ଏବଂ ସାଧାରଣ ଆଖିରେ ତାଙ୍କୁ ଚିହ୍ନି ହେଉନଥିବାରୁ ସେମାନେ Falsehood (ମିଥ୍ୟାଚାର) ଭିତରେ ବଞ୍ଚିବାଟାକୁ ଶ୍ରେୟ ମନେକରନ୍ତି, ନିଜକୁ ନିଜେ ମର୍ଜିର ମାଲିକ ବୋଲାଇ ବିଶ୍ୱକର୍ମାଙ୍କଠୁ ବଳି ନିଜକୁ ତୁଳନା କରନ୍ତି । ଏପରି ମନୋଭାବ ସାହିତ୍ୟ ପରିବେଶକୁ କଳୁଷିତ କରିଦିଏ । ଏହାର ଯେତେ ନିନ୍ଦା କଲେ ବି କମ୍ ହେବ । ଏ ଦିଶାରେ କିନ୍ତୁ ଜୟନ୍ତ ମହାପାତ୍ର ଅନ୍ୟର ଦୁଃଖରେ ଦରଦୀ ହୋଇ ସମ୍ବେଦନା ପ୍ରକଟ କରିବା ଓ ଖୁବ୍ ସାଦାସିଧା ଭାବେ କୌଣସି ଚରିତ୍ରରେ ଚରିତ୍ରୀଭୂତ ହେବା ଅଶ୍ୱାସନାର ବିଷୟ । ପୃଥିବୀର କୌଣସି ସ୍ଥାନରେ କୌଣସି ପ୍ରକାର ଦୁର୍ବିପାକ, ଦୁର୍ଘଟଣା, ବିପର୍ଯ୍ୟୟ ଘଟୁ ବା ହିଂସା, ଦଙ୍ଗା, ଯୁଦ୍ଧ, ବିଭୀଷିକା ସଂଘଟିତ



ଗଭୀରତା ନାହିଁ । ମୁଁ ସାଧାରଣ ଲୋକଙ୍କ ପାଇଁ ଲେଖିଛି ଓଡ଼ିଆ ଯେତିକି ସମସ୍ତେ ଜାଣି ପାରିବେ, ସାଧାରଣ ଲୋକ ପଢ଼ି ପାରିବେ । ବଡ଼ବଡ଼ ଲେଖକ, କବିତାର ଗବେଷକଙ୍କ ପାଇଁ କବିତା ଲେଖି ନାହିଁ ମୋଟେ ।

**ଓଡ଼ିଆ ସାହିତ୍ୟର ଜଣେ ନିଷ୍ଠାପର ଅନୁବାଦକ ଭାବେ ଆପଣ ଅସଂଖ୍ୟ କବିତା ଅନୁବାଦ କରିଛନ୍ତି । ସେ ଭିତରେ ଆପଣଙ୍କ ଅନୂଦିତ ନାରାୟଣ ଅବଧୂତ ସ୍ୱାମୀଙ୍କ 'ରୁଦ୍ର ସୁଧାନିଧି', ଫକିରମୋହନ ସେନାପତିଙ୍କ 'ରେବତୀ' ଓ ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଆଦି ଅନ୍ତର୍ଭୁକ୍ତ । ବିଷୟଗତ ଚୟନକୁ ଦେଖିଲେ ଏ ସମସ୍ତଙ୍କ ଭିତରେ ଏପରି ବୈଚିତ୍ର୍ୟ ଯେ ଗୋଟିଏ ଆକାଶରୁ ଆଉ ଗୋଟିଏ ଆକାଶକୁ ଆଖି ପହଁରାଇବାକୁ ହୁଏ । ଏଗୁଡ଼ିକର ସାହିତ୍ୟ ଭାବଭୂମି ଓ କାବ୍ୟାଦର୍ଶ ପୂରାପୂରି ଭିନ୍ନ । ସମ୍ପୂର୍ଣ୍ଣ ଅଲଗା ଅଲଗା ଭାବଭୂମିର ସୃଷ୍ଟିକୁ ଆପଣ ଅନୁବାଦ କରିବାର ଦୁଃସାହସିକତା ଦେଖାଇଛନ୍ତି । ଏହି ସବୁ କୃତିଗୁଡ଼ିକର କ'ଣ ସବୁ ବିଶେଷତ୍ୱ ଦେଖି ଆପଣ ଅନୁସୃଜନ ଦିଗରେ ମନୋନିବେଶ କଲେ ?**

**ଅନୁବାଦ କରିବା ଦ୍ୱାରା ସୃଜନଶୀଳତା ବାଧାପ୍ରାପ୍ତ ହୁଏ କି ? ଅଦ୍ୟାବଧି ଆପଣ କରିଥିବା ଅନୁବାଦ ଭିତରେ ଏପରି ଏକ ଅନୁଭୂତିର କଥା କୁହନ୍ତୁ ଯାହା ଆପଣଙ୍କୁ ପୁଲକିତ କରିଛି, ମୁଗ୍ଧଚକିତ କରିଛି ।**

ମୋତେ ଭଲ ଲାଗିଲା ମାନେ ଅନୁବାଦ କରେ । ସେ କବିଙ୍କୁ ଜାଣେ, ନ ଜାଣେ, ତାଙ୍କ ସହ ମୋର ଅନ୍ତରଙ୍ଗତା ଥାଉ ନ ଥାଉ ସେଥିରେ ମୋର କୌଣସି ସମ୍ପର୍କ ନାହିଁ । କିଛିଦିନ ତଳେ ପ୍ରଜ୍ଞାପ୍ରଭା କୁଅଁର ନାମକ ଜଣେ ଝିଅର 'ମାଆ' ଶୀର୍ଷକର ଏକ କବିତା ପଢିଲି । ମୋତେ ଭଲ ଲାଗିଲା । ମୁଁ ନଭେମ୍ବର ୨୦୨୦ ସଂଖ୍ୟା 'ଚନ୍ଦ୍ରଭାଗା'ରେ ଅନୁବାଦ କରି ଛାପିଲି । ପତ୍ରିକାଟି ତାଙ୍କ ପାଖକୁ ପଠାଇ ଦେଇଥିଲି । ପରେ ମୁଁ ଜାଣିଲି ସେ ଝିଅଟି କିଏ ।

ଅନୁବାଦ କରିବା ଦ୍ୱାରା ପ୍ରଥମେ ତ ମୋତେ ଗୋଟିଏ କୃତିକୁ ପଢ଼ିବାର ଅବକାଶ ମିଳେ । ତାହା ଉଲ୍ଲେଖନୀୟ ହୋଇଥିଲେ ତା' ଦ୍ୱାରା ଉଦ୍‌ବୁଦ୍ଧ ହୁଏ ଏବଂ ଲେଖିବାର ଅନୁପ୍ରେରଣା ଲାଭ କରେ । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟ ଅନୁବାଦ କରିବା ସମୟରେ ବହୁତ କଷ୍ଟ ହୋଇଥିଲା । କାରଣ ସେ ଯେଉଁ ଅଳଙ୍କାର ମାଧ୍ୟମ ଦେଇ କାବ୍ୟିକ ଉତ୍କର୍ଷ ପ୍ରତିପାଦନ କରିଛନ୍ତି ତା'କୁ ଅନୁବାଦରେ ଫୁଟେଇବା ମୋ ପକ୍ଷରେ ଅସମ୍ଭବ ହୋଇ ଉଠିଥିଲା । ଆତ୍ମସନ୍ତୁଷ୍ଟି ପାଇଛି ବି । ତା'ର ମୂଳ ଭାବକୁ ଖିଅ କରି ଅନୁସୃଜନ କରିଥିଲି ମାତ୍ର । 'ରୁଦ୍ରସୁଧାନିଧି'କୁ ଅନୁବାଦ କରିବା ପାଇଁ ମନ ବଳାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ମୋର ପୂର୍ବପୁରୁଷମାନେ ରହି ରହି ଆସିଲେ । ସେମାନେ ଜଗନ୍ନାଥ ମନ୍ଦିର ଯାଇଥିଲେ । ମୁଁ ସିନା ଯାଉନି । ସେମାନେ ଯାହାଯାହା ଛାଡ଼ି ଯାଇଛନ୍ତି, ତାଙ୍କର ରକ୍ତରେ ମୋର ରକ୍ତ ବି ରହିଛି । ମୁଁ ଭାବୁଛି ତା'କୁ କେମିତି ଛାଡ଼ିକି ରହିବି । ମୁଁ ମୋର ଓଡ଼ିଆ ମୂଳ(ଗ୍ରାସ୍‌ରୁଟ୍) ଛାଡ଼ି ପାରିବିନି । ମୋତେ ଯେଉଁଠି ଭଲ ଲାଗିଲା ମୁଁ ତାହା କରିଛି ।

**ଆପଣଙ୍କ କବିତାକୁ ଅନୁଶୀଳନ କଲେ ଓଡ଼ିଆ ମାଟିର ବାସ୍ନା ଉକୁଟି ଉଠେ । ଓଡ଼ିଆ ଜନଜୀବନ ଓ ସଂସ୍କୃତିର କଥାକୁ ଜୀବନ୍ତ ଓ ବଳିଷ୍ଠ ଭାବେ ନାନ୍ଦନିକ ରୂପ ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ ଯେଉଁ ସମୟରେ ଓଡ଼ିଶାର ଆପଣଙ୍କ ସମସାମୟିକ କବି ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବରେ କବିତା ରଚନାରେ ପୂରାଦମ୍‌ରେ ମାତିଥିଲେ ଆପଣ ସେଇ ସ୍ରୋତରେ ଭାସିଗଲେ ନାହିଁ । ଏହା ସମ୍ଭବ ହେଲା କେମିତି ?**

ଇଂରାଜୀ ସାହିତ୍ୟର ପ୍ରଭାବ ଯେ ମୋ କବିତାରେ ପଡ଼ି ନାହିଁ ଏମିତି ନୁହେଁ । ତେବେ ମୁଁ ମୋର ଅନୁଭବ ପ୍ରତି ଦାୟବଦ୍ଧ ହେବା ସହ ମୋତେ ମୋର ଚାରିପାଖରେ ଯାହା ସବୁ ଦିଶିଲା, ଶୁଭିଲା ତା'କୁ କବିତାରେ କହିବା ଦିଗରେ ବ୍ରତୀ ରହିଲି । ଅତଏବ ନିଜ ମାଟି, ମାଟି, ପବନର ଛବି ଦେବାରେ ନିଜକୁ ମୁଁ ମନୋନିବେଶ କଲି ଏବଂ ଛୋଟରୁ ଛୋଟ କଥାକୁ ଅତି ଗୁରୁତ୍ୱପୂର୍ଣ୍ଣ ମନେ କରି ସ୍ଥାନ ଦେଇଛି । ଓଡ଼ିଶା ମୋର ଜନ୍ମଭୂମି-ଏହାର ମାଟି, ପାଣି, ପବନରେ ମୁଁ ବଢ଼ିଛି ଓ ତା'କୁ ନେଇ ମୋର କବିତା (ସାହିତ୍ୟ) ଗଢ଼ି ଉଠିଛି । ମୋର ଜନ୍ମମାଟିର ଅତୀତ ଓ ବର୍ତ୍ତମାନକୁ ନେଇ ମୁଁ କବିତା ରଚନା କରିଥାଏ ।

**ଇଂରାଜୀ କବିତା ପାଇଁ ଆପଣ ବାହାରେ ଯେତିକି ଶ୍ରଦ୍ଧା, ସମ୍ମାନ ଓ ସ୍ୱୀକୃତି ପାଇଛନ୍ତି, ଓଡ଼ିଆ କବିତା ଲେଖି ମଧ୍ୟ ନିଜ ମାଟିରେ ସେତିକି ପାଇନାହାନ୍ତି । ଆପଣଙ୍କ ଓଡ଼ିଆ କବିତାର ଭାଷା ଦୁର୍ବଳ ବୋଲି**

ହେଉ ନିଜର ସ୍ୱାଭାବିକ ପ୍ରତିକ୍ରିୟାରେ ଜୟନ୍ତଙ୍କ ବୈଷ୍ଣବଜନର ସ୍ୱର ତୀବ୍ର । ବିଶେଷକରି, କାହାର ସର୍ବନାଶ ହେଲେ କିଏ ପୁଷମାସ ମନାଉଥିବା କିମ୍ବା ଗୋଟିଏ ସ୍ଥାନରେ ତ୍ରାହିତ୍ରାହି ଡାକ ପଡୁଥିବା ବେଳେ ଅନ୍ୟସ୍ଥାନରେ ହର୍ଷଉଲ୍ଲାସରେ ମାତାଲ ହେବାଟାକୁ ସେ ବରଦାସ୍ତ କରିପାରନ୍ତି ନାହିଁ । ଛୋଟକଥାର ଦୁଃଖ, ଭୋକ କମଣ୍ଡଳୁ, ଓଡ଼ିଶା ୧୯୯୪, ତିଥି, ଆଜି, ବାଘ ଆଦି କବିତା ଏହାର ମୂକସାକ୍ଷୀ । ସ୍ୱଚ୍ଛମନ ଓ ସତ୍‌ଇଚ୍ଛାର କିଛି ମୂଲ୍ୟ ରହୁନଥିବାରୁ ମ୍ରିୟମାଣ ହୁଅନ୍ତି ଜୟନ୍ତ, ଜୀବନ ବି ଧିକ୍କାର ଲାଗେ । ତେବେ ବୈଷ୍ଣବଜନର ସ୍ୱରରେ ମଧ ବ୍ୟଙ୍ଗ ଓ ବିଦ୍ରୂପକୁ କିପରି ଚମତ୍କାର ଫୁଟାଯାଇ ପାରିଛି ଲକ୍ଷ୍ୟ କରନ୍ତୁ:

"ସେଦିନ ଚାରିଶହ ପିଲା ଜଳିପୋଡ଼ି ଗଲେ ହରିଆନାରେ / କିନ୍ତୁ କାହିଁ ମତେ ତ ସେମିତି କିଛି ଲାଗିଲା ନାହିଁ ? / ସେତେବେଳେ ବରଯାତ୍ରୀ ଗୋଟିଏ ବେଶ୍ ଜାକଜମକରେ ବାଜାବଜାଇ / ମାତାଲ୍ ହୋଇ ନାଚି ନାଚି ମୋ ଘର ଦେଇ ଗଲେ ।" (ଛୋଟ କଥାର ଦୁଃଖ- 'ବାୟାରଜା')

## ଦେଖିବ, ଶୁଣିବ ନା ଅନୁଭବ କରିବ !

ଜୟନ୍ତ ଆମ ସମୟର ଏପରି ଜଣେ କବି ଯିଏ ପରମ୍ପରା, ଇତିହାସ ଓ ପୂର୍ବଧାରଣାକୁ ଗୁରୁତ୍ୱ ଦେବା ସହ ନିଜ ଚାରିପଟେ ଘଟି ଯାଉଥିବା ଘଟଣା, ଚିତ୍ରରାଜିକୁ କବିତାରେ ପ୍ରମୁଖତାର ସହିତ ସ୍ଥାନ ଦେଇଥାନ୍ତି । ସେ ଭୌଗୋଳିକ ଦାୟରେ ବନ୍ଧା । ମାଟିବାସ୍ନାର କଥା କହିବା ସଙ୍ଗେ ସଙ୍ଗେ ସାମ୍ପ୍ରତିକ ରାଜନୈତିକ-ଅର୍ଥନୈତିକ-ସାମାଜିକ ପ୍ରତିବଦ୍ଧତାକୁ ଅର୍ଥପୂର୍ଣ୍ଣ ଭାବେ ଆତ୍ମୀୟ-ପରିଚିତତାର ଆଶ୍ଳେଷ ଦେଇ କାବ୍ୟିକ କାନ୍‌ଭାସ୍‌ରେ ସଜାଇ ଥାଆନ୍ତି । ଫଳରେ ତାଙ୍କ କବିତାକୁ ଦେଖିହୁଏ, ଶୁଣି ହୁଏ, ଅନୁଭବ କରିହୁଏ । ମାମା ସାଇକେଲ ମେକାନିକ୍ ହେଉ କି ରାଜୁ ସୁଇପର୍, ହାଡ଼ିଆଣୀ ସୀତା, ଏପରିକି ଷ୍ଟେନ୍‌ସପୋଡ଼ି ଘଟଣା, ଜୟନ୍ତ ସେସବୁ ଚରିତ୍ରକୁ କବିତାରେ ସ୍ଥାନ ଦେଇଛନ୍ତି । ଅନେକରେ ମଣିଷପଣିଆ ଓ ସ୍ନେହଶୀଳତାର ଛାପ ସ୍ପଷ୍ଟ । ଏଣୁକରି, ତାଙ୍କ କବିତାରେ ମଣିଷର ଗନ୍ଧ ବାରିବା ପାଇଁ ଡଗର୍‌ମ୍ୟାନ୍ ବା ଆଲ୍‌ସିସିଆନ୍‌ମାନଙ୍କ ସାହାଯ୍ୟ ଦରକାର ପଡ଼େ ନାହିଁ । ନିତିଦିନିଆ ଜୀବନଚର୍ଯ୍ୟାରେ ଘଟୁଥିବା ଦୃଶ୍ୟରାଜିକୁ ଜୀବନ୍ତ ଭାବେ 'ଘାସ କଅଁଳିବା କଥା', 'ଘର ତିଆରି କଥା', 'ସକାଳୁ ସକାଳୁ' ଶୀର୍ଷକ କବିତାରେ ଖୁବ୍ ଜୀବନ୍ତ ଓ ମର୍ମସ୍ପର୍ଶୀ ଭାବେ ଚିତ୍ରଣ କରିଛନ୍ତି ।

"ଗୋଟିଏ ଗାଁର ଗୋଟିଏ ବୋହୂ । / କିନ୍ତୁ ଆହରି ଅନେକ ଗାଁ କରି । / ସଞ୍ଜ ହେଲେ ପୁଅଝିଅଙ୍କୁ ପିଠା ବାଢ଼ି ଦେଇ / ଥକ୍କା ମାରି ବସିଯାଏ । / ପେଟ ଭିତରେ କାମୁଡ଼ି ହେଲା ପରି ତାରି ଅଭିମାନ । / ଗିରସ୍ତଠୁ ମଝିମଝିରେ ପିଟା ଖାଉଥାଏ । / ଶାଶୁଶ୍ୱଶୁରଙ୍କ ସରି ଆସୁଥିବା ଦେହ ଭିତରେ / ନିଜେ ଉବୁଟୁବୁ ହୁଏ । / କିନ୍ତୁ ପିଲାଏ ଯେତେବେଳେ ଖାଇ ବସନ୍ତି / ସମସ୍ତଙ୍କୁ କେମିତି ତା'ଦେହରୁ ଘାସ / କଅଁଳିବା ପରି ଲାଗେ ।" (ଘାସ କଅଁଳିବା କଥା- 'କହିବି ଗୋଟିଏ କଥା')

କିମ୍ବା

"ସକାଳୁ ସକାଳୁ ଭଜମୋହନ ବାବୁ ଆସିଗଲେଣି / ତାଙ୍କ ପୁଅର ଫିଜିକ୍ସ ପେପରରେ ନମ୍ବର / ବଢ଼ାଇବା ପାଇଁ କହିବାକୁ : / ପିଲାଟା ନହେଲେ ଇଞ୍ଜିନିଅରିଂ କଲେଜରେ / ସିଟ୍

**ସମାଲୋଚକ ମହଲରେ ଚର୍ଚ୍ଚା ହୁଏ । ଶିଳ୍ପଗତ ସୌଷ୍ଠବ ମଧ ଉନ୍ନତ ନ ଥିବା କୁହାଯାଏ । ଏ ସମ୍ପର୍କରେ କ'ଣ କହିବାକୁ ଚାହିବେ ?**

ବୋଧେ ମୋ କବିତା ସମସ୍ତଙ୍କୁ ଭଲ ଲାଗୁନାହିଁ । ମୋ କବିତାରେ କିଛି ତ୍ରୁଟି ରହି ଯାଇଥାଇପାରେ । ମୁଁ ଜାଣେ, ଇଂରାଜୀ ତୁଳନାରେ ଓଡ଼ିଆ ଭାଷା ଉପରେ ମୋର ସେତେ ବେଶି ଅକ୍ତିଆର ନାହିଁ; କିନ୍ତୁ ଓଡ଼ିଆରେ ଲେଖିଲେ ସମସ୍ତଙ୍କ ପାଇଁ ଲେଖୁଛି ଭଳିଆ ଲାଗେ । ଇଂରାଜୀରେ ଲେଖିଲେ କେବଳ ବୁଦ୍ଧିଜୀବୀଙ୍କ ପାଇଁ ଲେଖୁଛି ଭଳିଆ ଲାଗେ । ଅନେକ ଦିନ ତଳେ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା 'ଜୟନ୍ତ ଯାହା ଜାଣେ ନାହିଁ' । ସେ ପ୍ରବନ୍ଧ ଲେଖିଥିଲେ ପ୍ରକାଶ ମହାପାତ୍ର । ପରେ ମୁଁ ଜାଣିଲି ସେ ପ୍ରତିଷ୍ଠିତ କଥାକାର ଓ ଶିଳ୍ପୀ, ଏବେ ଏବେ ସେ ପ୍ରକାଶକ ମଧ । ସେ ଯଦି ଲେଖିଲେ ମୁଁ ଭଲ ଲେଖୁନି, ଜାଣିନି କିଛି ଓଡ଼ିଆ ସାହିତ୍ୟ ବିଷୟରେ, ଏଥିପାଇଁ ମୁଁ କେବେ କିଛି କହିନି ।

**ଜଣେ ବୈଶ୍ୱିକ ଏବଂ ଭାରତୀୟ ଇଂରାଜୀ କବି ଭାବେ ଆପଣ ନିଜକୁ କିପରି ଅଲଗା କରିବାକୁ ଚାହିଁବେ ? ଭାରତୀୟ ଇଂରାଜୀ କବିତା ଓ ବିଶ୍ୱ ଇଂରାଜୀ କବିତା ବୋଲି କିଛି ଭିନ୍ନ ଅଛି କି ? ଆପଣଙ୍କୁ କିଏ ଭାରତୀୟ ଇଂରାଜୀ କବି କହିଲେ କେମିତି ଲାଗେ ?**

ସମସ୍ତେ କହନ୍ତି ଭାରତୀୟ ଇଂରାଜୀ କବି । ଥରେ ମୋତେ ଜଣେ ପଚାରିଥିଲେ ଆପଣ କ'ଣ ନିଜକୁ ଭାରତୀୟ ଇଂରାଜୀ କବି ବୋଲି ପରିଚୟ ଦେବାକୁ ଚାହାନ୍ତି ? ମୁଁ କହିଲି ନାହିଁ । ମୁଁ ନିଜକୁ ଇଂରାଜୀରେ ଲେଖୁଥିବା ଜଣେ ବିଶ୍ୱର କବି ବୋଲି ନିଜକୁ ଭାବେ । କାରଣ ବଡ଼ବଡ଼ ପତ୍ରିକାରେ ଆମେରିକୀୟ ଓ ବ୍ରିଟିଶ୍ କବିଙ୍କ ସାଙ୍ଗରେ ମୋର କବିତା ଏକାଠି ବାହାରେ । ସେଥିରେ କିଛି ଉଲ୍ଲେଖ ହୁଏ ନାହିଁ ଯେ ମୁଁ ଭାରତର କବି ବୋଲି । ଏଣୁ ଏଠାରେ ମୋତେ ଭାରତୀୟ ଇଂରାଜୀ କବି କହିବାର କଛି ଅର୍ଥ ରହିଲାନି; କିନ୍ତୁ ସମସ୍ତେ କହନ୍ତି ମୁଁ ଭାରତୀୟ ଇଂରାଜୀ କବି ।

**ଭାରତୀୟ ଇଂରାଜୀ କବିତାରେ ମଧ ଆଞ୍ଚଳିକବାଦ ଦେଖାଯାଉଛି । ଏହାକୁ ଆପଣ କେମିତି ଦେଖନ୍ତି ?**

ମୋର ପ୍ରଥମ ପର୍ଯ୍ୟାୟର ସବୁ କବିତା ଓଡ଼ିଶାକୁ ନେଇ । ଆଜିଯାଏଁ ଓଡ଼ିଶା ଉପରେ ମୋର କବିତା ଲେଖା ଚାଲିଛି । ପ୍ରଥମ ପର୍ଯ୍ୟାୟରେ ମୁଁ ଯେଉଁ ଓଡ଼ିଶାରେ କବିତା ଲେଖିଥିଲି ୧୯୬୫ରୁ ୭୭ ଯାଏଁ ସବୁ ଓଡ଼ିଶା ଉପରେ ଆଧାରିତ । ପୁରୀ, କଟକ ଉପରେ ଲେଖା ସବୁ ସେ ସମୟରେ ବ୍ରିଟିଶ ଓ ଆମେରିକୀୟ ବଡ଼ବଡ଼ ପତ୍ରିକାରେ ପ୍ରକାଶ ପାଇଥିଲା । କେମିତି ପ୍ରକାଶ ପାଇଲା ? କବିତାରେ ନିଶ୍ଚୟ କିଛି ଥିବ ! ମୋର ଇଚ୍ଛା ଥିଲା ବିଶ୍ୱବାସୀ ଓଡ଼ିଶାର କଳା, ପରମ୍ପରା, ଐତିହ୍ୟ, ସଂସ୍କୃତି ବିଷୟରେ ଜାଣନ୍ତୁ । ଆଜି ଯଦି ମୋର କିଛି ପରିଚୟ ବା ନାଁ ହୋଇଛି, ସେସବୁ ଓଡ଼ିଶା ପାଇଁ ହିଁ ହୋଇଛି ।



**କୋଣାର୍କ ଶୀର୍ଷକରେ ଆପଣଙ୍କର ଏକ ପ୍ରସିଦ୍ଧ କବିତା ରହିଛି । ପୁରୀକୁ ଆପଣ କେମିତି ଦେଖନ୍ତି ?**

ପାଇପାରିବ ନାହିଁ ।


+ + + + + + +

ସକାଳୁ ସକାଳୁ ଜୋତ୍ରାରୁ ତିନିକିଲୋ ଗୋଟିଏ / ସଜ ରୋହି ଆଣି ସାରିଲେଣି / ବାକି ଆଡ୍‌ଭାନ୍ସ ସିନେମା କାଟିବାକୁ / ସୁର ସାଇକେଲ୍‌ରେ ବାହାରି ଗଲାଣି ।" (ସକାଳୁ ସକାଳୁ- 'ବଳି')

## ବିଶୁଦ୍ଧ ଖିଆଲିପଣ ଓ ଶିଶୁତ୍ୱ

କିନ୍ତୁ ଜୟନ୍ତଙ୍କ ଆତ୍ମିକ ଉତ୍ତରଣର ଅର୍ଥ ଇନ୍ଦ୍ରିୟ, ଅତିନ୍ଦ୍ରିୟ ବା ବାଦ-ଦର୍ଶନ ଉପରେ ପ୍ରତିଷ୍ଠିତ ନୁହେଁ । କେବଳ ଅନ୍ୟକୁ ଭଲପାଇବା, ନିଃସର୍ତ୍ତ ଭଲପାଇବା ଏବଂ ନିଜ ଚାରିପଟେ ପ୍ରତ୍ୟେକଟି ସମସ୍ୟାରେ ନିଜକୁ ସାମିଲ କରି ତାହାର ପରିପୂର୍ତ୍ତି ପାଇଁ ସକଳ ସମ୍ଭାବନାର ଦ୍ୱାର ଫିଟାଇବାଟାକୁ ତାଙ୍କର ଆତ୍ମିକ ଉତ୍ତରଣର ଅବଲମ୍ବନ ବୋଲି କୁହାଯାଇପାରେ । 'ବଳି', 'ବାୟାରଜା', 'ଟିକିଏ ଛାଇ', 'କହିବି ଗୋଟିଏ କଥା'ର ଅନ୍ତଃସ୍ୱରକୁ ଅନୁଶୀଳନ କଲେ ଜୟନ୍ତଙ୍କ ଏକ ବିଶୁଦ୍ଧ ଖିଆଲିପଣ ଓ ଶିଶୁତ୍ୱ ହିଁ ତାଙ୍କୁ ଆତ୍ମିକ କ୍ରମବିକାଶ ପାଇଁ ଅବସର ସୃଷ୍ଟି କରୁଛନ୍ତି ଓ ସେ ଖୁବ୍ ଅନାୟାସରେ ମାଟି ଓ ଆକାଶ ମଧ୍ୟରେ ସୂକ୍ଷ୍ମ ଯୋଗସୂତ୍ର ସ୍ଥାପନ କରି ଜୀବନ ଜିଜ୍ଞାସାର କଥା-ଗାଥା-ବ୍ୟଥା ବଖାଣ କରି ଚାଲିଛନ୍ତି । କୌଣସି ମୁହୂର୍ତ୍ତରେ କାହାକୁ ବି ପ୍ରେମ କରା ଯାଇପାରେ- ଏପରି ଚିନ୍ତନ ଉପରେ ସେ ଆସ୍ଥାଶୀଳ । ଏଥିପାଇଁ ସେ ଉଦ୍‌ଘୋଷଣା କରିଛନ୍ତି- 'ଜୀବନକୁ ଭଲପାଇବାର କିଛି ନିର୍ଦ୍ଦିଷ୍ଟ ସମୟ ନଥାଏ, ଜୀବନସାରା' । ଆତ୍ମଶୁଦ୍ଧିକରଣ ଓ ବିକାଶ ପାଇଁ ସହଜ ସରଳ ହେବାର ଅନିବାର୍ଯ୍ୟତାକୁ କିପରି ପରିଚର୍ଯ୍ୟା କରିଛନ୍ତି ଲକ୍ଷ୍ୟ କରାଯାଉ-

"କିଏ ଟିକିଏ କାହାକୁ ଭଲପାଇଲେ / ବଞ୍ଚିବାର ମୋହକୁ / ଭଲପାଇବା କେମିତି ସମର୍ଥନ କରେ / ମନେହୁଏ ଏଇ ଛୋଟ କଥାଟି / ମଣିଷ କରିପାରେ ମତେ / ତୁମ ପାଇଁ ।" (ଭଲପାଇବ ସାଦାସିଧା ଭାବେ- 'ବଳି')




'ରେବତୀ' ୨୦୨୧ ଅପ୍ରେଲ୍ ସଂଖ୍ୟାରେ ମୋର 'ପୁରୀ' ଶୀର୍ଷକରେ ଗୋଟିଏ କବିତା ପ୍ରକାଶ ପାଇଛି । ପୁରୀ ଉପରେ ମୋର ଅନେକ କବିତା ରହିଛି । ମୁଁ ଯେତେବେଳେ ଛୋଟ ଥିଲି, ବାପା ମୋତେ ପୁରୀ ନେଇ ବୁଲେଇ କରି ଆଣିଲେ । ମୁଁ ପୁରୀରେ ହଜି ଯାଇଥିଲି । ମୋତେ ଖୋଜିଖୋଜି ଗୋଟିଏ ମଠରୁ ପାଇଲେ । ସେତେବେଳେ ମୋର ବୟସ ପାଞ୍ଚ । ମୁଁ ଜାଣେନି ପୁରୀ ସହିତ ମୋର କେମିତି ସମ୍ପର୍କ ରହିଛି । ସମ୍ପର୍କ ସବୁକୁ କହି ହେବ ନାହିଁ ।

**ଆପଣଙ୍କ କେଉଁ ଲେଖା ଆପଣଙ୍କୁ ବେଶି ପରିତୃପ୍ତି ଦେଇଛି ?**


ମୋର କବିତା ବହି 'ରିଲେସନ୍‌ସିପ୍' । ଏହା ଏକ କାବ୍ୟ । ମୋର କୌଣସି ଲେଖାକୁ ନେଇ ମୁଁ ବିଶେଷ ତୃପ୍ତ ନୁହେଁ । କଲିକତାରୁ 'ଲେଭାଣ୍ଟ୍' ଓ ଆମେରିକାରୁ 'ସାଉଥ୍ ଆଣ୍ଡ୍ ୱେଷ୍ଟ୍' ପତ୍ରିକାରେ ଇଂରାଜୀରେ ମୋର ଗୁଡ଼ାଏ ଲେଖା ପ୍ରକାଶ ପାଇଛି ଓ ପାଠକୀୟ ଆଦୃତି ପାଇଛି ।



**ପଲ୍ଲୀଭିତ୍ତିକ ସହର କଟକରେ ଆପଣଙ୍କ ଜନ୍ମ । ବଢ଼ିଛନ୍ତି ଏବଂ ଜୀବନର ସାୟାହ୍ନରେ ମଧ ଏଠାରେ ହିଁ ଅଛନ୍ତି । ଇଂରାଜୀ କବିତା ବା ସାହିତ୍ୟ ପାଇଁ ଏଠାରେ ଅନୁକୂଳ ପରିବେଶ ଏବଂ ଭିତ୍ତିଭୂମି ନାହିଁ । ତଥାପି ଏ ମାଟିରେ ହିଁ କାମୁଡ଼ି ରହି ଆପଣ ସଦର୍ପ ଦଣ୍ଡାୟମାନ ଏବଂ ଚଳପ୍ରଚଳ । ଚାହିଁଥିଲେ ଆପଣ ଦେଶ ବା ବିଦେଶର କୌଣସି ସ୍ଥାନକୁ ଅନାୟାସରେ ସାଧନା ଭୂମି ଭାବେ ବରଣ କରି ପାରିଥାଆନ୍ତେ । ହେଲେ କଟକ ହିଁ ଆପଣଙ୍କ ଆଦ୍ୟ ଓ ଶେଷ ପ୍ରେମିକା ପରି ମନେହେଉଛି । ହଁ, ଏଇଠି ଆଉ ଗୋଟିଏ କଥା ମଧ, ପ୍ରାକ୍ ସ୍ୱାଧୀନତା କାଳରୁ ଆପଣ କଟକକୁ ଦେଖି ଆସୁଛନ୍ତି । ଏବେ ବହୁ ବାଙ୍କ ଦେଇ କଟକରେ ମହାନଗରୀ ସଂସ୍କୃତି ପ୍ରବେଶ କରିଛି ଏବଂ ବହୁ ପରିବର୍ତ୍ତନ ଦେଖା ଦେଇଛି । ଆଶ୍ଚର୍ଯ୍ୟ, ଆତ୍ମିକ ଦିଗରୁ ଆପଣ ବିଶେଷ ବଦଳି ନାହାନ୍ତି । କଟକ ପ୍ରତି ଆପଣଙ୍କ ଅନୁରକ୍ତି ଓ ଦୁର୍ବଳତା ସମ୍ପର୍କରେ ଅଧିକ କିଛି କୁହନ୍ତୁ ?**

ଧୂଳିଧୂସରିତ କଟକ ମାଟିରେ ମୋର ଜନ୍ମ । ପିଲାଦିନେ ଏଠାରେ ଗୁରୁଣ୍ଡି ଗୁରୁଣ୍ଡି ମାଟି ଖାଇଛି । ଏହା ଦିଲ୍ଲୀ ପରି ସହର ଆଦୌ ନୁହେଁ । ଜଣେ ଯୁବତୀ ଅନାୟାସରେ କେତେବେଳେ ବି ସହର ଭିତରେ ଯାତାୟାତ କରୁଛି । କେତେବେଳେ କେଉଁ ସ୍କୁଲପିଲା ସାଇକଲ୍ ବା ସ୍କୁଟିରେ ପଡ଼ିଗଲେ ପାଖ ଦୋକାନୀ ବା ପଥଚାରୀ ରୁଣ୍ଡ ହୋଇ ଯାଉଛନ୍ତି । ଘରକୁ ପହଞ୍ଚାଇ ଦେଉଛନ୍ତି କିମ୍ବା ଡାକ୍ତରଖାନା ନେଇ ଯାଉଛନ୍ତି । ଏପରି ଘଟଣା ପ୍ରତ୍ୟହ ସହରରେ ଘଟୁଛି । ଏଠାକାର ଭାଇଚାରାର ଜବାବ ନାହିଁ ।

ସେଦିନର କଟକ ଆଜିର କଟକ ଭିତରେ ବହୁ ଫରକ । ଏବେ ଖାଲି ଘର, ଘର ଆଉ ଘର । ସେଦିନ ୧୮ ଟଙ୍କାରେ କଣିଥିବା ସାଇକେଲ୍ ଓ ଆଜିର ସମୟ ଭିତରେ ସୃଷ୍ଟି ହୋଇଛି ବିରାଟ ଫାଙ୍କ । ସହରସାରା ଗଛବୃକ୍ଷ ଭରି ରହିଥିଲା । ଏକ ବଡ଼ ସବୁଜବନାନୀ ଭରା ଗାଁ ପରି ଲାଗୁଥିଲା । ଏବେ ସହର ମଝିରେ ବଡ଼ ଗଛଟିଏ ଖୋଜି ପାଇବା ମୁସ୍କିଲ୍ । ସେତେବେଳେ ବକ୍ସିବଜାର, ରାଣୀହାଟ, ଚୌଧୁରୀବଜାର,ଚାନ୍ଦିନୀଚୌକରେ ବଜାର ଥିଲା । ଚୌଧୁରୀ ବଜାର, ବିନୋଦବିହାରୀରେ ଦୁର୍ଗାପୂଜା ହେଉଥିଲା । ସେତେବେଳେ ବାପାଙ୍କ ସହ ବୁଲି ବୁଲି ମେଢ଼ ଦେଖିବାର ଅନୁଭୂତି ନିଆରା ଥିଲା । ଏବେ ବି



## ଗାଁର କବି ସହରର କବି

ଜୟନ୍ତ ମହାପାତ୍ର ଯେତିକି ଗାଁର କବି ସେତିକି ସହରର କବି । ଗାଆଁର ସରଳତା, ସ୍ୱାଭାବିକତା, ସ୍ୱଚ୍ଛନ୍ଦତା ଓ ସହରର ଜଟିଳତା, ଅବକ୍ଷୟମୁଖିନତା, ମୁଖାପେକ୍ଷିନତା, ପଣ୍ୟଧର୍ମିତାର ଜୀବନଛନ୍ଦକୁ ନେଇ ସେ ରଚନ୍ତି ପ୍ରତ୍ୟୟବୋଧର ଲିରିକ୍ । ତେବେ, ଗାଆଁର ଅଭାବି ମଣିଷ ଓ ସହରତଳି ଅଞ୍ଚଳର ଅବହେଳିତ ମଣିଷଙ୍କ ପ୍ରତି ତାଙ୍କର ଦରଦ ଅପରିସୀମ । ସହରରେ ବି କଳାହାଣ୍ଡି, ଇଥୋପିଆ, ଥର୍ ରହିଛି ଏ କଥାର ସତ୍ୟତାକୁ ହାଡ଼େ ହାଡ଼େ ଅନୁଭବ କରନ୍ତି । କୂଅରେ ବୁଡ଼ି ଯାଇଥିବା ଗରାଟିଏ, କୋରାପୁଟ ଜିଲ୍ଲାର କୌଣସି ଗାଆଁରେ ଏକ ସନ୍ଧ୍ୟା, ଉଣେଇଶ ଚାଳିଶ ବା ବୟାଳିଶ ହୋଇପାରେ, ଘାସ କଅଁଳିବା କଥା, ପିଲାଦିନ, କଳାହାଣ୍ଡିରେ ଶୀତଦିନିଆ ସନ୍ଧ୍ୟା ଶୀର୍ଷକ କବିତାର ଗାଆଁର ଛବି ଏବଂ ଏଇ ସହର କଥା, ଭୋକ, ସତ କ'ଣ ମିଛ କ'ଣ, ଶୂନ୍ୟ ସହର, ଆଜି ଶୀର୍ଷକ କବିତାର ସହର ଜୀବନର ଛବି ମଧ୍ୟରେ ଏକ ତୁଳନାତ୍ମକ ବିଚାର କଲେ ଭଲପାଇବା-ସମ୍ବେଦନା ଓ ବିଦ୍ରୂପ-ଘୃଣାର ବିଚିତ୍ର ସମ୍ମିଶ୍ରଣ ଘଟିଛି ।

କବି କଟକସ୍ଥିତ ତିନିକୋଣିଆ ବଗିଚା ଅଞ୍ଚଳର ବାସିନ୍ଦା । କଟକ ହେଉଛି ପଲ୍ଲୀଭିତ୍ତିକ ସହର । ତିନିକୋଣିଆ ବଗିଚାଠୁ ଅଳ୍ପବାଟ ଗଲେ ପଟାପୋଲ ଅବସ୍ଥିତ । ପଟାପୋଲରେ ମୁଖ୍ୟତଃ ଖଟିଖିଆ ଓ ମଜଦୁର୍ ଶ୍ରେଣୀର ଲୋକ ବସବାସ କରନ୍ତି, ଯାହାକୁ ସହରୀ ଲୋକଙ୍କ ଭାଷାରେ 'ସ୍ଲମ୍ ଏରିଆ' କୁହାଯାଇପାରେ । ଏଠିକାର ଲୋକଙ୍କ ଦୈନ୍ୟ, ଦୁଃଖ, ଅଭାବ, ସଂଘର୍ଷ, ଦ୍ୱନ୍ଦ୍ୱ, ପ୍ରେମ- କବିଙ୍କୁ ବିଶେଷ ଭାବେ ପ୍ରଭାବିତ ଓ ବ୍ୟଥିତ କରିଛି । ଏଇଠୁ ମିଳିଛି ତାଙ୍କୁ ଅନେକ କାବ୍ୟିକ ଉପଦାନ, ସେ ରାଜୁ ସୁଇପର୍ ହେଉ କି ସୀତା ମାଆ ।

## ନିଛକ ଓଡ଼ିଆ କବି

କବି ଜୟନ୍ତ ମହାପାତ୍ର ହେଉଛନ୍ତି ନିଛକ ଓଡ଼ିଆ କବି । ଓଡ଼ିଆ ମାଟି, ପାଣି, ପବନ ଓ ଆକାଶ ସାଙ୍ଗକୁ ଓଡ଼ିଆଙ୍କ କଥା କହିବା ତାଙ୍କ ପାଇଁ ଯେତେ ଗୁରୁତ୍ୱପୂର୍ଣ୍ଣ, ଓଡ଼ିଆ ପରମ୍ପରା, ଐତିହ୍ୟ ପରି ପ୍ରଥାସିଦ୍ଧ ବିଷୟ ସେତେଟା ମାନ୍ୟତା ଦାବି କରି ପାରେ ନାହିଁ । ମୁଖ୍ୟତଃ ଓଡ଼ିଆ ଜନଜୀବନର ଛବି ତାଙ୍କ କବିତାରେ ଉତ୍କୀର୍ଣ୍ଣ । ଏସବୁ କହିବାର ତାତ୍ପର୍ଯ୍ୟ ଏହି ଯେ ଜୟନ୍ତ ମୁଖ୍ୟତଃ ପଦାର୍ଥ ବିଜ୍ଞାନର ଛାତ୍ର ହୋଇ ପରାଧୀନ ଭାରତବର୍ଷରେ ଇଂରାଜୀ ମିଡିୟମ୍ ସ୍କୁଲରେ ପାଠ ପଢ଼ି, ଇଂରାଜୀ କବି ଭାବେ ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ପାଇଥିଲେ ହେଁ ଓଡ଼ିଆ ମାଟି ଉପରେ ହିଁ ଠିଆ ହୋଇଛନ୍ତି ଏବଂ ସେଇଠି ତାଙ୍କର ଲୀଳାଖେଳା । ନିଜକୁ ସେ ସବୁବେଳେ ଓଡ଼ିଆ ଭାବରେ ଓ ଓଡ଼ିଶାବାସୀ ଭାବେ କବିତାରେ ବେଶ୍ ଚିତ୍ରିତ କରିଛନ୍ତି । ସମକାଳର ପ୍ରମୁଖ ଓଡ଼ିଆ କବିଙ୍କ ଅନେକ କବିତାରେ ଓଡ଼ିଆ ମାଟିର ବାସ୍ନା ଓ ମଣିଷର ଛବି ଦୁଷ୍କର ହୋଇପଡ଼ିଥିବା ବେଳେ ଜୟନ୍ତ ଓଡ଼ିଆ ଭାବରେ ହିଁ ସ୍ୱାଭିମାନକୁ ବଜାୟ ରଖିବା ବାସ୍ତବିକ ଉଲ୍ଲେଖନୀୟ । ଓଡ଼ିଆ ଭାବେ ତାଙ୍କୁ କିଏ ହେୟଜ୍ଞାନ କଲେ ବରଦାସ୍ତ କରି ପାରିନ୍ତି ନାହିଁ ।

"ପାଟଣା ବିଶ୍ୱବିଦ୍ୟାଳୟରେ ପଢ଼ିଲା ବେଳେ / ମୋ ବିହାରୀ ସାଙ୍ଗମାନେ କହନ୍ତି : ଜୟନ୍ତ / ତୋ'ଘର ଓଡ଼ିଶାରେ ନା'? / ସେଇଠି ପରା ଲୋକେ କୌଶଳ ଜାଣନ୍ତି ? / ଯେଉଁ କୌଶଳକୁ ମଗଧର ଅଶୋକ / ଛିନଛତର କରି ଦେଇଥିଲେ ଯୁଗଯୁଗ ପାଇଁ ? / ଆରେ, ତମେ ସବୁ ଭାତଖିଆ ଗୁଡ଼ା / ଆଉ କ'ଣ କରିପାରନ୍ତ ?" **(ଭାତ : କହିବି ଗୋଟିଏ କଥା)**



▼ମନୋଜ ମେହେରଙ୍କ ପୁଅ ଓ ପତ୍ନୀଙ୍କ ସହ କବି ଜୟନ୍ତ ମହାପାତ୍ର



## ବଞ୍ଚିବ ତ କବିତା ବଞ୍ଚିବ

କବିତା ବଞ୍ଚିବା ଓ କବିତାରେ ଦହି ହେବା ଜୟନ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ । କିନ୍ତୁ ସାମ୍ପ୍ରତିକ କବି ଓ କବିତା ପ୍ରତି ତାଙ୍କର ଏତେଟା ଆସ୍ଥା ନାହିଁ । କାରଣ, କବିମାନଙ୍କ ଆଚରଣ ଓ ଉଚ୍ଚାରଣ ଭିତରେ ଥିବା ଫରକ, ସାହିତ୍ୟିକଙ୍କ ମୁଖାପେକ୍ଷୀନତା ସାହିତ୍ୟ ପାଇଁ ଯେତିକି ଶୁଭଙ୍କର ହୋଇପାରୁ ନାହିଁ ସମାଜକୁ ଭୁଲ୍ ସଂକେତ ଦେଉଛି । ସେହିପରି କବିତାରେ ଅଧିକ ଚାଲାଖି ଦେଖାଇ ହେବାଟାକୁ ଗ୍ରହଣ କରିପାରୁ ନାହାନ୍ତି । କବି ଚାତୁରୀରେ କାରୁକାମଭରା ତଥାକଥିତ ଆଧୁନିକ କବିତା କିପରି ଜନମାନସଠୁ ଦୂରେଇ ଯାଇ ଉପରଠାଉରିଆ ଓ ପୋଷାକୀ ହୋଇ ଯାଉଛି ତାହାକୁ ଦର୍ଶାଇଛନ୍ତି । କବିତାରେ ମାନବୀୟ ଗୁଣ ଓ ମୂଲ୍ୟବୋଧର ଘୋର ଅଭାବ ଦେଖା ଦେଉଥିବାରୁ ସେ ବ୍ୟଥିତ । ଆଜି କବିତାର ଧାଡ଼ି ଗୋଟିଏ ହୋଇଛି ଛୋଟା, କବିତା ପ୍ରତି, ସେମିତି କିଛି ମୁଣ୍ଡେଇ ନାହିଁ କବି, କବିଙ୍କ କଥା ଶୀର୍ଷକ କବିତାରେ ଏହା ସ୍ପଷ୍ଟ । ହେଲେ କବି ଏକା ଯେ ସମାଜକୁ ବଦଳେଇ ଦେବ ଏବଂ ମଣିଷ ଭିତରେ ଭରିଦେବ ମଣିଷପଣିଆ, ଏ କଥାକୁ ଖଣ୍ଡନ କରି ଏକ ସାମୂହିକ କାର୍ଯ୍ୟ ଏବଂ ପ୍ରତ୍ୟେକ ସ୍ତରର ବ୍ୟକ୍ତିବିଶେଷ, ସରକାର ନିଜ ଭିତରେ-ବାହାରେ ପୂର୍ଣ୍ଣ ସଚେତନ ହେଲେ ଯାଇ କିଛି ହୋଇପାରିବ ବୋଲି ମତାବତାରଣା କରିଛନ୍ତି । ଆଜିର ଅନେକ ମୁର୍ଦ୍ଧନ୍ୟ ଓଡ଼ିଆ କବି ନିଜ କବିତା ଓ ସମକାଳର କବିତାର ଭବିଷ୍ୟତ ନେଇ ଖୁବ୍ ପାଣ୍ଡିତ୍ୟପୂର୍ଣ୍ଣ ଓ ସାରଗର୍ଭିକ ଅଭିଭାଷଣ ଦେଉଥିବା ବେଳେ ଜୟନ୍ତ ପ୍ରତିରୂପ ମତପୋଷଣ କରନ୍ତି । ତାଙ୍କ ଭାଷାରେ-

"ଧୀରେ ଧୀରେ ପତଳା ହୋଇ ଯାଉଛନ୍ତି କବିମାନେ / ସେମାନଙ୍କ କବିତା ଭଳି- ସେହି ପରମ୍ପରା ରହିଛି । ହେଲେ ବଦଳି ଯାଇଛି ଢାଞ୍ଚାରେ ଓ ଆମ ଖିଆଲରେ । ହଁ, ବାହାରେ ରହିବା କଥା ଯେଉଁ କହୁଛ, ମୋତେ ଦେଶବିଦେଶର ପ୍ରସିଦ୍ଧ ସ୍ଥାନରେ ରହିବା ପାଇଁ ଅନେକ ସୁଯୋଗ ମିଳିଥିଲା । ବାହାରେ ଚାହିଁଥିଲେ ରହି ପାରିଥାଆନ୍ତି, ମୁଁ ମୋଟେ ରହିନି । ମୋର ସାଙ୍ଗମାନେ ଅନେକ ରହି ଯାଇଛନ୍ତି । ସେମାନେ ସେଠି ନାଁ କରି ପାରିନାହାନ୍ତି । ମୁଁ କଟକରେ ରହି, ମୋର କେହି ନଥାଇ ମଧ୍ୟ ଈଶ୍ୱରଙ୍କ ଉପରେ ନିର୍ଭର କରି ଯାହା କରିଛି ।

**ଆପଣଙ୍କ ଇଂରାଜୀ କବିତା ପୁସ୍ତକ 'ରିଲେସନସିପ୍'(୧୯୮୦) ଭାରତୀୟ ଇଂରାଜୀ କବିତାକ୍ଷେତ୍ରରେ ଏକ ମାଇଲ ଖୁଣ୍ଟା । ଏହା ପରେ ଆପଣ ଅନେକ କବିତା ପୁସ୍ତକ ରଚନା କରିଥିଲେ ହେଁ 'ରିଲେସନ୍‌ସିପ୍' ଯେପରି ପାଠକୀୟ ଶ୍ରଦ୍ଧା ଲଭିଛି, ଅନ୍ୟମାନେ ସେପରି ପାଇ ପାରିନାହାନ୍ତି । ଏଥିନେଇ ଆପଣଙ୍କ କି ଅଭିମତ ରହିଛି ?**

ପ୍ରଥମେ ପ୍ରଥମେ ଯଦି କୌଣସି କବିଙ୍କର ଉଚ୍ଚମାନର ପୁସ୍ତକ ପ୍ରକାଶ ପାଇଲା, ସମାଲୋଚକ, ଅଧ୍ୟାପକମାନେ ବହୁତ ଟେକାଟେକି, ପ୍ରଶଂସା କରନ୍ତି । 'ରିଲେସନ୍‌ସିପ୍' କ୍ଷେତ୍ରରେ ତାହା ହୋଇ ନାହିଁ । ତା' ପୂର୍ବରୁ ମୋର କବିତା ପୁସ୍ତକ ପ୍ରକାଶ ପାଇଥିଲା 'ରେନ୍ ଅଫ୍ ଲାଇଫ୍' ଆମେରିକାରେ । ତାହା ବହୁ ପ୍ରଶଂସିତ ହୋଇଥିଲା । ସେ ବହି ପରେ ମଧ୍ୟ ଅନେକ ବହି ବାହାରିଛି । ସବୁ ଗୋଟିଏ ଗୋଟିଏ ଅଲଗା ପ୍ରକାରର ଉଦ୍ୟମ । ସେସବୁ ପାଇଁ ସମୀକ୍ଷା କରି ପ୍ରକାଶ କରିବାକୁ ହୋଇଥାଏ । ସମୀକ୍ଷା ପାଇଁ ମୁଁ ପଠାଇ ପାରିନାହିଁ ସବୁବେଳେ । ବୟସ ହେବାରୁ ମଧ୍ୟ ପଠାଇବାର ଆଗ୍ରହ କମିଗଲା । ମୁଁ ସେସବୁକୁ ଅଧିକ ଗୁରୁତ୍ୱ ଦେଇ ନାହିଁ, କରି ପାରିନାହିଁ । ନଚେତ୍ ନିଶ୍ଚୟ ସମୀକ୍ଷା ପ୍ରକାଶ ପାଇଥାଆନ୍ତା । ତେବେ ଲେଖାଲେଖିରୁ ମୁଁ କେବେ ବିରତ ରହି ନାହିଁ, କବିତା ସାଧନାକୁ ପ୍ରାଥମିକତା ଦେଇ ଆତ୍ମମଗ୍ନ ହୋଇ ଲେଖି ଚାଲିଛି । ସାଧନାରେ ମୁଁ କିଛି କମ୍ କରିନାହିଁ ।

**ଅନେକ କ୍ଷେତ୍ରରେ ପ୍ରଭାବଶାଳୀ-କ୍ଷମତାଶାଳୀ କବି ଲେଖକଙ୍କ ଗୌଣ କୃତୀର ଅନେକ ପ୍ରଶସ୍ତିସୂଚକ ଆଲୋଚନା ହୋଇଥାଏ । କମ୍ ପ୍ରଭାବଶଳଳୀ ଲେଖକଙ୍କ ଉଚ୍ଚକୋଟୀର ରଚନାର ମଧ୍ୟ ଉପଯୁକ୍ତ ମୂଲ୍ୟାୟନ ହୁଏ ନାହିଁ । ଏ ପରିପ୍ରେକ୍ଷୀରେ ଦେଖିଲେ ବିଶେଷକରି ଦେଶରେ ଆପଣଙ୍କ କବିତାକୁ ନେଇ ଯେତେସବୁ ଚର୍ଚ୍ଚା ହୋଇଛି ସେଥିରେ ଗଠନମୂଳକ ସମାଲୋଚନାର ଅଭାବ ଦର୍ଶାଯାଇଛି । କେତେକ ସମାଲୋଚକ ଆପଣଙ୍କ କବିତାର ଦୁର୍ବଳ ଦିଗକୁ ଅଧିକ ଅନାବରଣ କରିଛନ୍ତି । ଆପଣ କେଉଁ ପ୍ରକାର ସମାଲୋଚନାକୁ ପସନ୍ଦ କରନ୍ତି ?**

ଏ ଉପରେ ମୁଁ କିଛି କହି ପାରିବିନି । ତମେ ଯାହା କହିଲ ସବୁ ସତ କଥା । ପ୍ରଭାବଶାଳୀ ଲେଖକଙ୍କ ନିମ୍ନମାନର କୃତୀ ଉପରେ ଅନେକ ପ୍ରଶଂସାସୂଚକ ଆଲୋଚନା ବାହାରିଛି । କାହିଁକି ବାହାରିଛି, କ'ଣ ପାଇଁ ବାହାରିଛି ତାହା ଭିନ୍ନ କଥା । ସେସବୁ ଉପରେ ତର୍ଜମା ନ କଲେ ଭଲ । ମୁଁ ଯାହା ଲେଖିଛି ତାହା ଯଦି ଭଲ ହୋଇଛି ଏବଂ କିଏ ଭଲ କହିଲା, ସେଥିରେ ମୁଁ ବେଶ୍ ଖୁସି । ଅନ୍ୟମାନଙ୍କ ଲେଖା ଉପରେ ମୁଁ ଏତେ ଦୃଷ୍ଟି ନ ଦେଇ ନିଜ ଲେଖା ଉପରେ ନିବଦ୍ଧ ହୁଏ । ମୋର ଲେଖା କିପରି ଆହୁରି ଭଲ ହେବ, ତା' ଉପରେ ଅଧିକ ଧ୍ୟାନ ଦିଏ ।

**ସ୍ୱାଭାବିକ ଭାବେ ଦେଖିଲେ ଆପଣ ଶାନ୍ତଶିଷ୍ଟ ଓ ଶିଶୁସୁଲଭ; କିନ୍ତୁ ଆପଣଙ୍କଠି ସର୍ବଦା ଯୁବସୁଲଭତା ଦେଖିବାକୁ ମିଳିଥାଏ । ସଭାସମିତି କମ୍ ଯାଆନ୍ତି । ଭାଷଣବାଜିରୁ ଖୁବ୍ ଦୂରରେ । ଭଲବକ୍ତା ଆପଣ ଆଦୌ ନୁହନ୍ତି । ଲାଜକୁଳା ପ୍ରକୃତିର । ଆପଣଙ୍କ ପାଖରେ କେହି କେବେ ବଡ଼ଲୋକୀ ହାବଭାବ କେହି ଦେଖିନାହାନ୍ତି । ଏକଦା ସ୍କୁଟିରେ ଓ ରିକ୍ସା ଧରି ସହରରେ ପ୍ରାୟ ବୁଲୁଥିଲେ । କାହା ବାଇକ୍ ପଛରେ ବସି ଯିବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ଖାଦ୍ୟପେୟ, ପୋଷାକପରିଚ୍ଛଦ ସବୁକିଛି ସାଦାସିଧା । ଆପଣଙ୍କ ଘରକୁ ଦେଖିଲେ ଏକ ଗାଆଁର ଘର ପରି ଲାଗେ । ରିମଡେଲିଂ ମଧ୍ୟ କରିନାହାନ୍ତି । ଭଲ ବ୍ରାଣ୍ଡ୍‌ର କାର୍ କିଣିବାର ସାମର୍ଥ୍ୟ ଥିଲେ ହେଁ ବ୍ୟକ୍ତିଗତ ଗାଡ଼ି ରଖି ନାହାନ୍ତି । ଗୋଟିଏ ସାଧାରଣତ୍ୱ ଭିତରେ ଅସାଧାରଣତ୍ୱର ଅପୂର୍ବ ସମନ୍ୱୟ ଘଟିଛ ଆପଣଙ୍କ ବ୍ୟକ୍ତିତ୍ୱରେ । କ'ଣ କହିବେ ?**

ପିଲାବେଳେ ମୁଁ ସ୍ୱପ୍ନ ଦେଖି ଆସୁଥିଲି । ଯୁବକ ଅବସ୍ଥାରେ ମଧ୍ୟ ସ୍ୱପ୍ନ ଦେଖି ଆସିଛି । ସାୟାହ୍ନରେ ମଧ୍ୟ ସ୍ୱପ୍ନ ଦେଖୁଛି । ସେମିତି ସ୍ୱପ୍ନ ଦେଖି ଦେଖି ହିଁ ବଞ୍ଚୁଛି । ଏଇଟା କିଛି ବ୍ୟତିକ୍ରମ ନୁହେଁ । କବିତା ଲେଖିଛି ବୋଲି ମୁଁ

ଲେଖାର ଅଳଙ୍କାର ବି / କୁଆଡ଼େ ଯିବ ଉଭେଇ କିଛିଦିନ ପରେ ।” **(କବିଙ୍କ କଥା- ‘ଟିକିଏ ଛାଇ)**


## ତରୁଣ କବି ଓ ଜୟନ୍ତ ମହାପାତ୍ର


ଅଶୀ ଦଶକ ପରେ ପରେ ସମକାଳର ବରିଷ୍ଠ କବିମାନଙ୍କ ଘରବାହୁଡ଼ା ପର୍ବ ଆରମ୍ଭ ହୋଇ ସେମାନେ ନିଜ ମାଟି, ପାଣି, ପବନ ଓ ଆକାଶର କଥା କହି ଚାଲିଲେ ହେଁ ଏହା ଯେ କୃତ୍ରିମ ଓ କ୍ଲାନ୍ତିଦାୟକ, ଏହା କହିବା ବାହୁଲ୍ୟ ମାତ୍ର । ତେବେ, ନବପ୍ରଜନ୍ମ ବା ତରୁଣ ପିଢ଼ିର କବି ନିଜ ମାଟି-ପାଣି-ପବନ ଆକାଶର କଥା ବେଶ୍ ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ ଭାବେ କହି ନିଜପଣ ଓ ନୂଆପଣ ପରିଚୟ ଦେଇ ଚାଲିଛନ୍ତି । ଏ ଅନୁସଙ୍ଗରେ ତରୁଣଙ୍କ ସହ ସମକାଳର ବରିଷ୍ଠ କବିଙ୍କ ମଧ୍ୟରେ ମୁଖ୍ୟତଃ କବି ଜୟନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା ଓ ହରପ୍ରସାଦ ଦାସଙ୍କୁ ଏକ ତୁଳନାତ୍ମକ ଅଧ୍ୟୟନ କରାଯାଇପାରେ । କାରଣ, ରାଜେନ୍ଦ୍ର ଓ ହରପ୍ରସାଦଙ୍କ କବିତାର ଶିଳ୍ପବିଭବ-ଆବେଗ ଏବଂ ଜୟନ୍ତଙ୍କ କବିତାର ଆତ୍ମିକ ବିଭବ ତରୁଣଙ୍କ କବିତା ଭଳି ତାରୁଣ୍ୟର ବେଗରେ ଗତି କରି ଚାଲିଛି ।



ସୁତରାଂ, ଜାତି, ଧର୍ମ ଓ ରାଜନୀତି ଉପରେ ଜୟନ୍ତ ଯେପରି ଭାବେ ନିଜର କାବ୍ୟିକ ପରିପ୍ରକାଶ ଘଟାଇଛନ୍ତି, ମାନବିକ ମୂଲ୍ୟବୋଧ, ଜାଗତିକ ଜିଜ୍ଞାସା ଓ ସାମାଜିକ ଅଙ୍ଗୀକାରବଦ୍ଧତାର ପରିଚୟ ଦେଇଛନ୍ତି ତାହା ଉଲ୍ଲେଖଯୋଗ୍ୟ । କିନ୍ତୁ କାବ୍ୟିକ ପରିପ୍ରକାଶ ଜମକ ଧରି ପାରୁନଥିବାରୁ ଏହାର ସ୍ୱର ଏତେଟା ତୀବ୍ର ଓ ପଥିକୃତ ହୋଇ ପାରୁନାହିଁ । ଏଥିପାଇଁ ବିଶେଷ ଚିନ୍ତିତ ହେବାର ଅବକାଶ ନାହିଁ । କାରଣ, ଜୟନ୍ତ ଇଂରାଜୀ କବିତାରୁ ଓଡ଼ିଆ କବିତାରେ ନିଜକୁ ମନୋନିବେଶ ରଖି ଯେଉଁ ଛଲାଙ୍ଗ୍ ମାରିବାର ପ୍ରତ୍ୟୟ ପୋଷଣ କରିଛନ୍ତି ସେଇଟା ତାଙ୍କର କମ୍ ବଡ଼ ସଫଳତା ନୁହେଁ । ଜୟନ୍ତଙ୍କ ବାଟରେ ଯାଇ ତରୁଣ କବି ଯଦି ସ୍ୱକୀୟତାର ପରାକାଷ୍ଠା ପ୍ରଦର୍ଶନ କରିବେ, ତାହା ହେଲେ ଏହା ଓଡ଼ିଆ କବିତା ପାଇଁ କେବଳ ମଙ୍ଗଳମୟ ହେବ ନାହିଁ କବି ଜୟନ୍ତଙ୍କ କଳ୍ପଲୋକର କମନୀୟତା ସଶକ୍ତ ଓ ସୁବିପୁଳ ହେବ ।

ପରିଶେଷରେ ଜୟନ୍ତଙ୍କ କବିତାରେ ଯେ ଦୋଷ ଦୁର୍ବଳତା ନାହିଁ ଏମିତି ନୁହେଁ, ଅଛି । କବିତାକୁ ପ୍ରକାଶ କରିବାର ସବୁଠାରୁ ବଳିଷ୍ଠ ମାଧ୍ୟମ ହେଉଛି ଭାଷା । ଭାଷା ଜରିଆରେ କବି ନିଜ ମନର ଭାବକୁ ପ୍ରକାଶ କରିଥାଏ । ଚିନ୍ତାଧାରା ଯେତେ ଉଚ୍ଚକୋଟୀର ହୋଇଥାଉନା କାହିଁକି, ବିଷୟବସ୍ତୁ ଚୟନରେ କବିଙ୍କ ମନନଶୀଳତା ଯେତେ ଆବେଗଦୀପ୍ତ ହୋଇଥାଉନା କାହିଁକି ଯଦି ଉପଯୁକ୍ତ ଭାଷା ଦେଇ ତା’ର ପରିପ୍ରକାଶ ନକରାଯାଏ ତାହା ପାଣିଚିଆ ଧରିବ ବା ଫିକା ପଡ଼ିଯିବ । କାରଣ କବିତା ଏକ ସୃଜନଶୀଳ କଳା । ଏ ବିଚାରରେ କବି ଜୟନ୍ତ ମହାପାତ୍ରଙ୍କ କବିତାର ବିଷୟବସ୍ତୁ ନିହାତି ମାମୁଲି ଓ ଦୈନନ୍ଦିନ ଜୀବନଚର୍ଯ୍ୟା ଓ ଘଟଣାପ୍ରବାହରୁ ଉଦ୍ଭବ ହୋଇଥିଲେ ହେଁ ଭାଷାର ସାନ୍ଦ୍ରତାରେ ଏତେଟା ଜମକ ଧରି ପାରି ନାହିଁ । କିନ୍ତୁ ଜୟନ୍ତଙ୍କ ଆତ୍ମିକ ସ୍ୱରର ତୀବ୍ରତା ଏବଂ ବ୍ୟକ୍ତିଚେତନାର ଜାଗତିକତା ଆଗରେ ଏଗୁଡ଼ିକ ଗୌଣ ମନେହୁଅନ୍ତି । ହୃଦୟଗ୍ରାହୀ ହୋଇ ଜୟନ୍ତଙ୍କ କବିତାକୁ ପାଠ କଲେ ତାଙ୍କ କବିତାର ଅସଲ ସ୍ୱାଦକୁ ଆସ୍ୱାଦ କରିହେବ ।





ପୋଟ୍ରେଟ୍ : ସଂଜୟ ରାଉଳ

ନିଜକୁ କେବେ ବଡ଼ ବୋଲି ଭାବିନି । ସେଥିପାଇଁ ମୋର ସ୍ତ୍ରୀ ଯିଏ ଆଉ ନାହାନ୍ତି, ସେ ସବୁବେଳେ କହୁଥିଲେ ମୋର ପାଦ ଯେମିତି ନିଜ ମାଟିରେ ଲାଗି ରହିଥାଉ । ମୁଁ ସର୍ବଦା ମନେକରେ ମୁଁ ଗୋଟିଏ ସାଧାରଣ ଲୋକ ।

**ଜଣେ କବି ଭାବେ ସାମାଜିକ ପ୍ରତିବଦ୍ଧତାକୁ କେମିତି ଦେଖନ୍ତି ? କବିତା ଜରିଆରେ ସାମାଜିକ ପରିବର୍ତ୍ତନ ଉପରେ ଆପଣଙ୍କର ବିଶ୍ୱାସ ରହିଛି କି ?**

ସମାଜର ଘଟଣାବଳୀ କୌଣସି ଅବ୍ୟବସ୍ଥାର ଏକ ପ୍ରତୀକାତ୍ମକ-ସୃଜନାତ୍ମକ ପ୍ରତିକ୍ରିୟା ହେଉଛି କବିତା । କବିତା ଜରିଆରେ ବିରାଟ ସାମାଜିକ ପରିବର୍ତ୍ତନ ଆଶା କରିବା ବୃଥା । ତେବେ କବିତା ସଚେତନ ମହଲରେ ଚିନ୍ତା ଉଦ୍ରେକକାରୀ ହୋଇପାରିବ, ସ୍ୱରହୀନଙ୍କୁ ଜାଗରୁକ କରିବାରେ ସହାୟକ ହୋଇପାରିବ । ଜଣେ ନିରଳସ କବି ସାମାଜିକ କର୍ମୀ ସାଜି ରାଜରାସ୍ତାକୁ ଓହ୍ଲାଇ ସ୍ଲୋଗାନ ଦେବା ଯେ ନିହାତି ଜରୁରୀ, ଏ କଥା ପ୍ରତି ମୁଁ ଏତେଟା ବିଶ୍ୱସ୍ତ ନୁହେଁ । ନିରବସାଧକ ଭାବେ ମୁଁ ମୋର ଉଦ୍‌ବେଳିତ ଭାବନାର କାବ୍ୟିକ ପରିପ୍ରକାଶ କରିଥାଏ । କୋଳାହଳ ମୋତେ ଭଲ ଲାଗେ ନାହିଁ । ମୁଁ ମୋର ଏକୁଟିଆ ମୋର ପଢ଼ା କୋଠରୀରେ ରହି ଲେଖାପଢ଼ା ଭିତରେ ନିଜକୁ ହଜାଇ ଦିଏ । ପୁସ୍ତକ ସହିତ ସଖ୍ୟଭାବ ଓ ବନ୍ଧୁତା କରିବାରେ ମୋର ଖୁସି । ମୋ କବିତାର କେଉଁ ଧାଡ଼ିଟିଏ ବା କୌଣସି ଭାବନା ଯଦି କାହାର ବିବେକ ଜାଗରୁକ କଲା ମୋର ଖୁସି କହିଲେ ନ ସରେ ।

**୧୯୭୬ରେ ଆପଣ ଦାରିଦ୍ର୍ୟ ଓ କ୍ଷୁଧାକୁ ନେଇ 'ହଙ୍ଗର୍' ଶୀର୍ଷକରେ ଏକ କବିତା ଲେଖିଥିଲେ । ଏଥିପାଇଁ ଆପଣ ପ୍ରଥମଥର ପାଇଁ ଇଂରଜୀ କବିତା ଜଗତରେ ଅଧିକ ଚର୍ଚ୍ଚାକୁ ଆସିଥିଲେ । ସେ ସମ୍ପର୍କରେ କିଛି କୁହନ୍ତୁ ?**

ପହିଲା ହୋଇ ଲେଖିଥିବା ଅନେକ କବିତା ମଧ୍ୟରୁ 'ହଙ୍ଗର୍' କବିତାକୁ ନେଇ ଦେଶ ବାହରେ ବେଶି ଚର୍ଚ୍ଚା ହୋଇଥିଲା । ମୋତେ ମଧ୍ୟ ବହୁତ ଛୁଇଁଥିଲା । ତାହା ସତକଥା ଉପରେ ଆଧାରିତ । ଗୋପାଳପୁରରେ ମୁଁ ଦେଖିଛି, ମାଛ ମାରି ପରିବାର ଚଳାଉଥିବା ଲୋକଟି ମାଛ ନ ପାଇବାରୁ ଭୋକ ମେଣ୍ଟାଇବା ପାଇଁ ନିଜ ଝିଅର ଦେହକୁ ବୃତ୍ତିରେ ଲଗାଇ ଦେଉଛି । ସେ କହୁଛି 'ଇଏ ମୋ ଝିଅ, ତାକୁ ମାତ୍ର ପନ୍ଦର ବର୍ଷ, ଥରେ ଚାଖିନିଅ' । ଅତି ମର୍ମସ୍ପର୍ଶୀ କଥା । ଆଉ କିଛି କରି ପାରଲିନି ବୋଲି କବିତା ଲେଖିଲି । ଯେଉଁ ଯେଉଁ ଘଟଣା ବା ଚରିତ୍ର ମୋ ଆତ୍ମାକୁ ଚହଲାଇ ଦିଅନ୍ତି ତାହାକୁ ନେଇ କବିତା ଲେଖିଥାଏ । ପ୍ରକୃତରେ  ମୁଁ ନିଜେ କବିତା ସୃଷ୍ଟି କରିନଥାଏ, ସମାଜ ଦ୍ୱାରା ସୃଷ୍ଟ ସ୍ଥିତି ମୋତେ କବିତା ଆଡ଼କୁ ନେଇଯାଏ ।

**'ଦ ଡୋର୍ ଅଫ୍ ପେପର୍' ହେଉଛି ଆପଣଙ୍କ ରଚିତ ପ୍ରବନ୍ଧ ଓ ସ୍ମୃତିକଥା ପୁସ୍ତକ । ଏଥିରେ ଗରିବୀ, ପ୍ରାକୃତିକ ବିପର୍ଯ୍ୟୟ, ବାତ୍ୟା ଆଦି ବିଷୟରେ ଅବତାରଣା ହୋଇଛି । ଏହାଛଡ଼ା ଗରିବୀ ଓ ଦାରିଦ୍ର୍ୟ ଏବଂ ଓଡ଼ିଆ ସଂସ୍କୃତି ଦୁଇଟି ସମାନ୍ତରାଳ ଭାବେ ଗତି କରିଛି ଆପଣଙ୍କ କବିତାରେ । 'ପାହିନି ରାତି' ପୁସ୍ତକରେ ଗୋଟିଏ ଛୋଟ ସହରର ଅନ୍ଧକାରର କଥା କୁହା ଯାଉଛି । ଏହାର ଅନ୍ତରୀଣ ଛନ୍ଦ ଓ ବର୍ଣ୍ଣନା ନିଆରା । ଅନ୍ଧାର ସହ ସଖ୍ୟଭାବ ସୃଷ୍ଟି କରିଛନ୍ତି । ମୋଟାମୋଟି କହିବାକୁ ଗଲେ ଗରିବୀ ଆଜନ୍ମ ଆପଣଙ୍କ ରକ୍ତଗତ, ମଜ୍ଜାଗତ ହୋଇରହିଛି । କେମିତି ଦେଖନ୍ତି ଦୈନ୍ୟତାକୁ ଜୀବନ ଓ କବିତାରେ ?**

ଥରେ ଶିମିଳିପାଳ ମୁଁ ଯାଇଥିଲି । ହିଂସ୍ରଜନ୍ତୁ ଅଭୟାରଣ୍ୟ କୁଲଡିହା ଓ ବରେହିପାଣିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଯାଇଥିଲୁ । ଏହା ବହୁ ଉଚ୍ଚରେ, ପାହାଡ଼ ଉପରେ । ପୁଲିସ୍‌ବାଲା ମୋତେ ନେଇକରି ଯାଇଥିଲେ ଗୋଟିଏ ଗ୍ରୁପ୍‌ରେ । ହେଲେ ଏକା ବୁଲିବାକୁ ମୋତେ ଭଲ ଲାଗେ । ଏଣୁ ସେମାନଙ୍କଠୁ କରଛଡ଼ା ହୋଇ ଏକା ବୁଲିବାକୁ ବାହାରିଲି । ଦେଖିଲି ପାଖରେ ଗୋଟିଏ ଝରଣା । ସେଇ ଝରଣାରେ ଜଣେ ମହିଳା ଗାଧୋଉଛି, ତା'ପାଖକୁ ତିନିବର୍ଷର ଲଙ୍ଗଳା ହୋଇ ପୁଅଟିଏ । ସେ ସ୍ତ୍ରୀଲୋକକୁ ଭଲ ଭାବରେ ଦେଖିଲି । ତା' ଆଖିରେ ସତେ ଯେମିତି ଦୁନିଆଯାକର ଦୁଃଖ ଭରିକି ରହିଛି । ଶେଥା ଓ ଖାଲୁଆ ହୋଇଯାଇଛି ତା'ର ଗାଲ । ଚମ ଧୁଡୁଧୁଡୁ ହୋଇଯାଇଛି । ମନେହେଉଛି ତା'କୁ ଷାଠିଏ ବା ସତୁରି ବର୍ଷ ହୋଇଛି । ହେଲେ ପ୍ରକୃତରେ ତା'କୁ ୧୮/୧୯ ବର୍ଷ ହୋଇଥିଲା । ସେମାନେ ଖାଇବା ପିଇବା ନ ପାଇ ଏପରି ହୋଇଛନ୍ତି । ମୁଁ ତା'କୁ ପଚାରିଲି, 'ଆରେ ମାଆ ଆଜି ତୁ କଣ ଖାଇଛୁ ?' କଣ ତରକାରୀ ହୋଇଛି ?' ସେ କହିଲା, 'ଭାତ କୁଆଡୁ ପାଇବି ! ଜଙ୍ଗଲରେ ଯାହା ଖୋଜି ପାଇବି ଖାଇବି । କେଉଁ ବାବୁମାନେ ଯଦି ଆସନ୍ତି ତିନିଚାରି ମାସରେ ଥରେ



ଭାତ, ଚାଉଳ ଟିକିଏ ଦେଇକି ଯାଆନ୍ତି । ଏସବୁ କଥା ନେଇ ମୋତେ ବହୁତ ଦୁଃଖ ଲାଗିଲା । ଏସବୁକୁ ନେଇ ମୁଁ କବିତା ଲେଖେ ।

**ଆପଣଙ୍କ ଆତ୍ମଜୀବନୀମୂଳକ ପୁସ୍ତକ 'ଭୋର୍ ମୋତିର ଫୁଲ' ଓଡ଼ିଆରେ ଲେଖା ଯାଇଛି । ଓଡ଼ିଆରେ ଯେତେ ଆତ୍ମଜୀବନୀ ଲେଖା ଯାଇଛି, ସେହି ତୁଳନାରେ ଏହା ଭିନ୍ନ । ଆପଣ କୌଣସି ସ୍ଥାନରେ ନିଜକୁ ମହାନାୟକ ବା ମହିମାମଣ୍ଡିତ କରିବା ଭାବନା ନେଇ ଏହାର କଥାବସ୍ତୁକୁ ଆଗୁସାର କରିନାହାନ୍ତି ।ଚାହିଁଥିଲେ ଆପଣ ଇଂରାଜୀରେ ଲେଖି ପାରିଥାଆନ୍ତେ । ଓଡ଼ିଆରେ ଲେଖିବା ପଛରେ କି ଅନିବାର୍ଯ୍ୟତା ଥିଲା ?**

ମୁଁ ସେମିତି ଅଧିକ ଆତ୍ମଜୀବନୀ ପଢ଼ି ନାହିଁ । ମୋର ଯେତେବେଳେ ଇଚ୍ଛା ହେଲା ମୋ କଥା ଲେଖିବାକୁ ମୁଁ ଭାବିଲି ମୋ ମନରେ ଯାହା ଅଛି, ମୋର ଦୁଃଖ ଯାହା ଅଛି, ମୁଁ ଯାହା କଷ୍ଟ ପାଇଛି ଜୀବନରେ, ସେହିସବୁ କଥା କାହିଁକି ନ ଲେଖିବି ! କାହିଁକି ଲେଖିବି କେଉଁ ବଡ଼ ଲୋକ ସାଙ୍ଗରେ ଭେଟିଥିଲି, ରାଷ୍ଟ୍ରପତି ଜୈଲ ସିଂହ ମୋତେ କ'ଣ ଦେଲେ । ସେସବୁରୁ ମୋତେ କ'ଣ ମିଳିବ ! ଏଇଠି ଯିଏ ମୋତେ ଟିକିଏ ଖୁସି ଦେଲା ସେଇ ଘଣ୍ଟାକର ମୁହୂର୍ତ୍ତକର ଖୁସି ମୋତେ କ'ଣ ଜୈଲ ସିଂହଙ୍କ ସମ୍ମାନ, ପଦ୍ମଶ୍ରୀ ମୋତେ ଖୁସି ଦେଇ ପାରିବ ? ଏଣୁ ମୋ ମନରେ ଯାହା ଆସିଲା, ତା'କୁ ଲିପିବଦ୍ଧ କରିବାକୁ ଚାହିଁଲି । ମୁଁ ଚାହିଁଥିଲେ ଇଂରାଜୀରେ ଲେଖି ପାରିଥାଆନ୍ତି; କିନ୍ତୁ ଚାହିଁଲି ମୋର ଜନ୍ମମାଟିର ଅଧିବାସୀ ଓଡ଼ିଆରେ ମୋର ଆତ୍ମଜୀବନୀକୁ ପଢ଼ନ୍ତୁ, ମୋର ମନର କଥା, ବ୍ୟଥାକୁ ବୁଝନ୍ତୁ ।

**ଆପଣ ଜଣେ ନିରଳସ ନିରବସାଧକ । ସଭାସମିତି ବା ବିଭିନ୍ନ ସାହିତ୍ୟିକ ଶିବିର ଆଦିରେ ପ୍ରାୟତଃ ଆପଣଙ୍କୁ ଦେଖିବାକୁ ମିଳେ ନାହିଁ । କବିତା ରଚନା ଓ କବିକର୍ମଙ୍କୁ ଆପଣ କେମିତି ଦେଖନ୍ତି ?**

ମୁଁ ବହୁ ବିଳମ୍ବରେ ଲେଖାଲେଖି ଆରମ୍ଭ କଲି । ଆଉ ଓଡ଼ିଶାରେ ମୁଁ ଏକା ଇଂରାଜୀରେ ଲେଖୁଥିଲି । ମୁଁ ନିଜେ ଲେଖାଲେଖି ପରେ ନିଜେ ପୋଷ୍ଟ ଅଫିସ୍ ଯାଇ ଚିଠି ପକାଏ । ଯଦି ମୁଁ ସମସ୍ତଙ୍କ ସହିତ ମିଶି ଗପସପ କିମ୍ବା ସାହିତ୍ୟସଭାକୁ ଯାଇ ମୋର କଥା କହି ଥାଆନ୍ତି, ଆଜି ଏତେ ବାଟରେ ପହଞ୍ଚି ପାରି ନଥାଆନ୍ତି । କବିତା ଲେଖିବା ମୋ ପାଇଁ ସାଧନା । ସେ ସାଧନା ମୋର ସ୍ୱପ୍ନ ଦେଖିବାର ଫଳଶ୍ରୁତି । ମୁଁ ପିଲାଦିନରୁ ସ୍ୱପ୍ନ ଦେଖୁଥିଲି । ସ୍ୱପ୍ନରେ ବି କବିତା ଆସୁଥିଲା । ସ୍ୱପ୍ନରେ ସ୍ୱପ୍ନରେ ମୁଁ କବିତାଯାତ୍ରା କରିଛି । କବିତା ହେଉଛି ପ୍ରକୃତି ଓ ପ୍ରବୃତ୍ତିର ଚିରାୟତ ସହଚର । କବିତାର ଧାରା ବୋଲି ସେମିତି କିଛି ନାହିଁ । ଯିଏ ନୂଆ ଚିତ୍ରକଳ୍ପ ଦେଇପାରିଲା ବା ନୂଆ କଥାଟିଏ କହିପାରିଲା କବିତାରେ ତାର ଗୁରୁତ୍ୱ ଅଧିକ । ମୁଁ ସର୍ବଦା ଚେଷ୍ଟା କରିଛି ନୂଆ କିଛି ଲେଖିବାକୁ । ସେଥିରେ ମୁଁ କେତେ ସଫଳ ତାହା ପାଠକ ଓ ସମାଲୋଚକମାନେ କହିଲେ ଭଲ ।

**ଆପଣଙ୍କ ସାରସ୍ୱତ ଜୀବନର ଉଷାକାଳକୁ ଋଦ୍ଧିମନ୍ତ କରିବାରେ ବାଲେଶ୍ୱରସ୍ଥିତ ଫକୀରମୋହନ ମହାବିଦ୍ୟାଳୟ ଏବଂ ବାଲେଶ୍ୱରର ଭୂମିକାକୁ ଆପଣ ଖୁବ୍ ଗୁରୁତ୍ୱ ଦିଅନ୍ତି । ଏ ସମ୍ପର୍କରେ କିଛି କୁହନ୍ତୁ ?**

ବାଲେଶ୍ୱରରେ ବହୁ ଇତିହାସର ନମୁନା ସବୁ ଅଛି ଚାରିଆଡ଼େ ବିକ୍ଷିପ୍ତ ହୋଇ । ସେଠାରେ ଥିବାବେଳେ ମୁଁ ବୁଲିବାକୁ ଯାଏ ସଞ୍ଜବେଳେ ଏକା ଏକା । ସେଠି ଗୋଟିଏ କବର ଥିଲା, ସାହେବମାନଙ୍କର । ବୁଲିବୁଲି ଦେଖିଲି, ଗୋଟିଏରେ ଲେଖାଅଛି ଅମୁକ ଝିଅର ନାଁ, ବୟସ ୧୮ ଏବଂ କଲେରାରେ ତା'ର ପ୍ରାଣ ଯାଇଛି । ଏମିତି ଚାରିପାଞ୍ଚଟି କବର ରହିଛି ବାଲେଶ୍ୱରରେ । ମୋତେ ଦୁଃଖ ଲାଗିଲା ଯେ ଦଶହଜାର ମାଇଲ୍ ବାଟ ଆସି ଏଠାରେ ମରିଛନ୍ତି । ଏହା ମୋତେ ଦୁଃଖ ଦେଲା । ତା'କୁ ନେଇ ମୁଁ ଗୋଟିଏ କବିତା ଲେଖିଥିଲି ।

**ଆପଣଙ୍କର ଏକ ସମୃଦ୍ଧ ବ୍ୟକ୍ତିଗତ ପାଠାଗାର ଥିଲା । ସେଥିରେ ଅନେକ ଉପାଦେୟ ତଥା ଦୁର୍ଲଭ, ଦୁର୍ମୂଲ୍ୟ ପୁସ୍ତକ ମଧ୍ୟ ଥିଲା । ହେଲେ ତାହାକୁ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଦାନ କରିଦେଇଛନ୍ତି । ଏପରି ଭାବନା ଆସିଲା କାହିଁକି ?**

ସାହିତ୍ୟ ସାଧନାର ଆଦ୍ୟ ଜୀବନରେ ବାଲେଶ୍ୱର ମୋତେ ଅନେକ କିଛି ଦେଇଛି । ମୋଟାମୋଟି କହିବାକୁ ଗଲେ ବାଲେଶ୍ୱର ମୋ ସାହିତ୍ୟ ଜୀବନର ଭିତ୍ତିଭୂମି । ସେଠାରେ ଅନୁବାଦ ଦିଗରେ ମଧ୍ୟ ମନ ବଳାଇଥିଲି । ମୋର ଇଚ୍ଛା ହେଲା ମୋ ଅନ୍ତେ ମୋର ଏହି ବିଶାଳ ପାଠାଗାରକୁ କିଏ ସମ୍ଭାଳିବ ! କ'ଣ ହେବ ତା'ର ଭବିଷ୍ୟତ ! ଅନେକ ଦୁର୍ଲଭ ଓ ଦୁର୍ମୂଲ୍ୟ ପୁସ୍ତକକୁ କୀଟ ଖାଇଯିବ ବା କିଏ ଓଜନରେ ବିକ୍ରି କରିଦେବେ, ଏହା ମୋତେ ଅସହ୍ୟ ହେଲା । ଏଣୁ ବାଲେଶ୍ୱର ମୋତେ ଯାହା ଦେଇଛି, ତା'ର ପ୍ରତିଦାନ ସ୍ୱରୂପ ନିଜର ଲାଇବ୍ରେରୀକୁ ଦାନ କରିଦେବାଟାକୁ ଶ୍ରେୟ ମଣିଲି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଯେଉଁ ଆଗ୍ରହ ଓ ଶ୍ରଦ୍ଧା ଦେଖାଇଲେ, ତାହା ମୋତେ ଏ ଦିଗରେ ଆଗେଇ ନେଲା ।

**କଟକ ଓ ବାଲେଶ୍ୱର ବ୍ୟତୀତ ଆପଣଙ୍କ କବି ଜୀବନ ପାଇଁ ସମ୍ବଲପୁର ଓ ଭୁବନେଶ୍ୱରର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଚାରି ସହର ଆପଣଙ୍କୁ କିପରି ଭାବେ ଋଦ୍ଧିମନ୍ତ କରିଛନ୍ତି ଏବଂ କବିତା ଲେଖିବା ପାଇଁ ଖୋରାକ ଯୋଗାଇଛନ୍ତି ?**

ମୋତେ ଭଲ ଲାଗେ ବୁଲିବାକୁ । ଓଡ଼ିଶାର ବହୁ ଜାଗା ମୁଁ ବୁଲିଛି । ସମ୍ବଲପୁର,ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଚାରିଆଡ଼େ ବୁଲିଛି । ତମେ ଯେଉଁ ଚାରି ସହରର କଥା କହୁଛ ଭିନ୍ନଭିନ୍ନ ଭାବେ ଏମାନେ ମୋତେ ଗଢ଼ିଛନ୍ତି । ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଏସବୁ ମାଟି ମୋତେ ସେମାନଙ୍କ କାଉଁରୀ ଆକର୍ଷଣରେ ସମ୍ମୋହିତ କରିଛନ୍ତି । ମୁଁ ପୁଲକିତ ହୋଇଛି ଏବଂ ମୋର ସାହିତ୍ୟ ପୁଷ୍ପିତ ହୋଇଛି ସବୁ ମାଟିର ବାସ୍ନା ପାଇ; କିନ୍ତୁ ଆଦ୍ୟ ଓ ଶେଷବିନ୍ଦୁ ଭାବେ କଟକରେ ହିଁ ମୁଁ କେନ୍ଦ୍ରୀଭୂତ ହୋଇ ରହିଛି ଏବଂ ଫେରି ଆସିଛି ମୋର ମୂଳକୁ ।

**ପାଟନା ବିଶ୍ୱବିଦ୍ୟାଳୟ(୧୯୪୯-୫୦)ରୁ ଆପଣ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ପାଟନା ବା ବିହାରକୁ ଆପଣ କେମିତି ଦେଖନ୍ତି ?**

ଆଜି ସମୟ ବହୁତ ବଦଳି ଯାଇଛି । ବିହାରର ସାଙ୍ଗମାନେ ଥରେ କହିଥିଲେ ତମେ ଭାତଖିଆଗୁଡ଼ା, ତମେ ଆମ ଚକ୍ରବର୍ତ୍ତୀ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକ କରି ଦେଇଥିଲ, ତମେ ପାଟନା ଆସି କ'ଣ ପାଠ ପଢୁଛ ! ଏପରି କହି ତାଚ୍ଛଲ୍ୟ କରୁଥିଲେ । ଆଜିକାଲି କହି ପାରିବେ ? ଖେଳ, ହକି, ସିନେମା,ଭାସ୍କର୍ଯ୍ୟ, ବାଲୁକା କଳା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଓଡ଼ିଆଙ୍କର କୃତିତ୍ୱ ବିହାରୀଙ୍କ ଠାରୁ ଅସାମାନ୍ୟ । ବିହାରୀଙ୍କ ଠୁ ବହୁ କ୍ଷେତ୍ରରେ ଓଡ଼ିଆମାନେ ଆଗୁଆ ।



**ଆପଣ ଉଭୟ ପରାଧୀନ ଓ ସ୍ୱାଧୀନ ଭାରତକୁ ଦେଖିଛନ୍ତି । ଉଭୟ ସମୟଖଣ୍ଡକୁ ନେଇ ଆପଣଙ୍କ ମନରେ କ'ଣ ସବୁ ଉଦ୍‌ବେଳନ ଆସିଥାଏ ? ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ କିପରି ସଂଯୋଜିତ କରିବାକୁ ଚାହିଁବେ !**

୧୯୪୭ ମସିହା ଅଗଷ୍ଟ ପନ୍ଦରରେ ଦେଶ ସ୍ୱାଧୀନ ହେବାବେଳେ ମୁଁ ବହୁତ ଖୁସି ହୋଇଥିଲି । ସେତେବେଳେ ବିହାରର ପାଟନାରେ ପଦାର୍ଥ ବିଜ୍ଞାନ ପଢୁଥିଲି । ଚାରି ମାସ ଆଗରୁ ସେଠାକୁ ଗାନ୍ଧିଜୀ ଆସିଥିଲେ । ସେଠାରେ ତାଙ୍କର ସଭାକୁ ମୁଁ ଯାଉଥିଲି । ପ୍ରାର୍ଥନା ସଭାକୁ ଯାଇ ଶୁଣୁଥିଲି । ଏତେ ପାଖରେ ଥିଲି ଯେ ହାତ ବଢ଼ାଇଥିଲେ ତାଙ୍କୁ ଛୁଇଁ ପାରିଥାଆନ୍ତି । ସେ କେବେ ନିଜକୁ ବଡ଼ କରି ଦେଖେଇ ହେଉନଥିଲେ । ତାଙ୍କ ପରି ନିଜକୁ ଛୋଟ ବୋଲି ଭାବିଲେ ମୋ ମନରେ ଶାନ୍ତି ଆସେ । ଗାନ୍ଧିଜୀଙ୍କ ଆସନରେ ଅନ୍ୟ କାହାକୁ ରଖି ପାରିବିନି । ଦେଶ ସ୍ୱାଧୀନ ହେବା ବେଳେ ଆମେ ଦେଖିଥିବା ସ୍ୱପ୍ନ ସତ ହୋଇ ପାରିନାହିଁ । ମନରେ କଷ୍ଟ ଦିଏ । ଆଜି ମଧ୍ୟ ଭାରତରେ ପ୍ରତିଦିନ ହଜାର ହଜାର ସଂଖ୍ୟକ ଶିଶୁ ମରୁଛନ୍ତି, ଲୋକେ ଖାଇବାକୁ ପାଇ ପାରୁନାହାନ୍ତି । ଓଡ଼ିଶାରେ ନଗଡ଼ା ଭଳି ଗାଁ ରହଛି ଓ କଳାହାଣ୍ଡି କଥା ସମସ୍ତଙ୍କୁ ଜଣା ।

**ଏକ ବ୍ୟକ୍ତିଗତ ପ୍ରଶ୍ନ । ଆପଣ କ'ଣ ସବୁ ଖାଇବାକୁ ଭଲପାଆନ୍ତି ? ଆପଣଙ୍କ କର୍ମଚଞ୍ଚଳ ରହିବା ପଛରେ କି କାରଣ ରହିଛି ? ୯୩ଟି ଫଗୁଣ ଅତିକ୍ରାନ୍ତ କରିଥିଲେ ହେଁ ଆପଣଙ୍କ ଯୁବସୁଲଭତା ଅନନ୍ୟ ? ନିଜକୁ ଶାରୀରିକ ସ୍ତରରେ ସୁସ୍ଥ ରଖିବା ପାଇଁ କିପରି ପ୍ରସ୍ତୁତ କରନ୍ତି ?**

ଖାଇବାରେ ମୋର ସେମିତି ଆଗ୍ରହ ନ ଥାଏ । ଯେତେବେଳେ ଯାହା ମିଳିଲା ଗ୍ରହଣ କରିଥାଏ । ଆଇଁଷ ବା ସେପରି ଦାମୀ ଖାଦ୍ୟ ପ୍ରତି ମଧ୍ୟ ମୋର ଆକର୍ଷଣ ନାହିଁ । ମୁଁ ମୋର ଦହିବରା ଆଳୁଦମ୍‌ରେ ଖୁସି ଥାଏ । ପକୁଡ଼ିରେ ଖୁସି ଥାଏ । ଅମରେଶ ପଟ୍ଟନାୟକ, ଅମିୟ ରଞ୍ଜନ ମହାପାତ୍ର ଆଉ ମୁଁ ଏକାଠି ସବୁବେଳେ ଯାଉ ନରାଜକୁ । ସେଠାରେ ଗୋଟିଏ ଭଲ ପକୁଡ଼ି ଦୋକାନ ଅଛି । ସେ ପକୁଡ଼ି ଛାଣିକି ଦିଏ । ଆମେ ଖୁସିରେ ଖାଇକି ଆସୁ । ମୋର ଏମିତି ଛୋଟ ଛୋଟ କଥାରେ ଖୁସି ଥାଏ । ମୋତେ କେହି ପଞ୍ଚତାରକା ହୋଟେଲ୍‌କୁ ନେଇ ଖୁଆଇଲେ ଖୁସି ପାଇ ପାରିବି ନାହିଁ । ସେଇ ନରାଜର ଛୋଟ ବେଞ୍ଚରେ ବସି ପକୁଡ଼ି ଖାଇକି ଆସିଲେ ମୋତେ ଖୁସି ମିଳେ । ମୋ ପାଖରେ ଥିବା ପଟାପୋଲରେ ଲୋକ ଖାଇବାକୁ ପାଉନଥିବେ, ମୁଁ ମଲ୍‌କୁ ଯାଇ ବଡ଼ବଡ଼ ବ୍ରାଣ୍ଡର ଲୁଗା କିଣିବି ! ! ଏଇଟା ମୋତେ ଭଲ ଲାଗେନି, ଏପରି କଲେ ନିଜର ବିବେକକୁ ଚାପୁଡ଼ା ମାରିବା ପରି ହେବ ।

ହଁ, ଏ ଯେଉଁ କର୍ମଚଞ୍ଚଳତାର କଥା କହୁଛ, ମୁଁ ସବୁବେଳେ ନିଜକୁ କାମରେ ବୁଡ଼ାଇ ରଖିଥାଏ । ଲେଖାପଢ଼ା ହିଁ ମୋର ଜୀବନ । ତା' ପାଇଁ ବୋଧହୁଏ ମୁଁ ଆଜି ପର୍ଯ୍ୟନ୍ତ ସକ୍ରିୟ ରହିଛି । ମନରେ କେବେ ନିଜକୁ ବୁଢ଼ା ମନେକରେ ନାହିଁ । ମୁଁ କାହାର ଅନିଷ୍ଟ ଚିନ୍ତା କରେ ନାହିଁ, ନିଜର ଧୂନ୍‌ରେ ଥାଏ ଏବଂ ଯାହା ମିଳେ ସେଥିରେ ସନ୍ତୁଷ୍ଟ ହୁଏ । ମୃତ୍ୟୁ ପ୍ରତି ମଧ୍ୟ ଭୟ ନାହିଁ । ମରିଗଲେ କ'ଣ ଗୋଟିଏ ହରାଇ ଦେବି ଏପରି ଭୀତତ୍ରସ୍ତ ଅବସ୍ଥାରେ ନାହିଁ । ଆଗକୁ ସେମିତି ବଡ଼ କିଛି ପାଇବି ଏ ଆଶା ବି ନାହିଁ ।

**ପ୍ରେମ ଆପଣଙ୍କ କବିତାର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ, ପ୍ରେମକୁ ଆପଣ କିପରି ଅର୍ଥରେ ଦେଖନ୍ତି, ଜୀବନରେ ପ୍ରେମ ଆପଣଙ୍କ ପାଇଁ କିପରି ମାନ୍ୟତା ରଖେ ?**

ପ୍ରେମ ମୋ ପାଇଁ ଦୁନିଆର ସବୁଠାରୁ ମୂଲ୍ୟବାନ ପଦାର୍ଥ । ପ୍ରେମ ନ ଥିଲେ କିଛି ନାହିଁ । ପ୍ରେମ ବିନା ଜୀବନ ବ୍ୟର୍ଥ, ଶୁଷ୍କ । ଘାସଫୁଲଠୁ ଆରମ୍ଭ କରି ସମସ୍ତଙ୍କୁ ପ୍ରେମ କରାଯାଇପାରେ । ମଣିଷର ପାଦ ଯେତେବେଳେ ନରମ ଘାସ ଉପରେ ପଡ଼େ ଓ ସେ ଦଳି ହୋଇଯାଏ, ତାହା ଯଦି ଆମ ମନକୁ ବାଧିଲା, ତେବେ ତାହା ହଁ ପ୍ରେମ । ପୃଥିବୀରେ ପ୍ରେମ ନଥିଲେ ଜୀବନ ନଥାଆନ୍ତା । ପ୍ରେମର ପରିଭାଷା ଏତେ ପରିବ୍ୟାପ୍ତ ଯେ ତାହା ପ୍ରେମ ଜାଣି ନ ଥିବା ଲୋକକୁ ଆଦୌ ବୁଝାଇ ହେବ ନାହିଁ । ଫୁଲ ପ୍ରତି ମୋର ଦୁର୍ବଳତା ରହିଛି । ଫୁଲକୁ ଦେଖିଲେ ମୋତେ ସବୁଠୁ ବେଶି ଖୁସି ଲାଗେ । ଫୁଲଙ୍କ ରଙ୍ଗବେରଙ୍ଗ ପାଖୁଡ଼ା ଓ ମନମୋହକ ବାସ୍ନା ମୋତେ ସବୁବେଳେ ଆକର୍ଷିତ କରି ଆସିଛି । ଫୁଲ ସହ ଜଡ଼ିତ ମୋର ଅନେକ ଅନୁଭୂତି ଅଛି । ଫୁଲକୁ ନେଇ ମୁଁ ସମ୍ମୋହିତ, ମନ୍ତ୍ରମୁଗ୍ଧ । ଫୁଲ ମୋ ଅତ୍ୟନ୍ତ ପ୍ରିୟ । ପ୍ରେମ ବହୁତ ପ୍ରକାର ଥାଏ । ଦେହଜ ଓ ପାର୍ଥିବ ପ୍ରେମ ଅଛି । ଏସବୁ ବାହାରେ ଆଉ ଗୋଟଏ ପ୍ରେମ ହେଲା ନୈସର୍ଗିକ ପ୍ରେମ । ତା'କୁ ଆମେ ଛୁଇଁ ପାରୁନୁ । ସେଥିପ୍ରତି ଆମର ତୃଷ୍ଣା ଅଧିକ ରହିବା ଜରୁରୀ ।

**ଆପଣଙ୍କ ଧର୍ମପତ୍ନୀ ରୁନୁ ମହାପାତ୍ର କବିତା ରଚନାରେ ଆପଣଙ୍କ ପାଇଁ କିପରି ପ୍ରେରଣାଦାୟିନୀ ଥିଲେ ? ତାଙ୍କର ସାହଚର୍ଯ୍ୟ ସମ୍ପର୍କରେ କିଛି କହିବେ କି ?**

ରୁନୁଙ୍କୁ ମୋ କବିତା ରଚନାର ଉତ୍ସ କହିବା ଠିକ୍ ହେବ ନାହିଁ । ତେବେ ତାଙ୍କର ସାହଚର୍ଯ୍ୟ ଓ ସହଯୋଗିତା ଯେ ମୋତେ କବିତା ରଚନା ପାଇଁ ଉଦ୍‌ବୁଦ୍ଧ କରିଛି । ରୁନୁ ମୋର ସବୁ ଦୁଃଖସୁଖର ସହଭାଗୀ ଥିଲେ । କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ସାହସ ଯୋଗାଉଥିଲେ । ମୁଁ ଯେପରି ପୁସ୍ତକକୀଟ ଏବଂ ପୁସ୍ତକକୁ ଜୀବନ କରି ରହିଥିଲି, ମନର ରଜା ବା ବାୟାରଜା ପରି ନିଜ ଭିତରେ ଏକଲାପଣକୁ ମାରୁଥିଲି ସେ ଭିତରେ ରୁନୁଙ୍କ ଯଥାର୍ଥ ସହଯୋଗିତା



ନଥିଲେ ମୁଁ ଆହୁରି ଏକା ହୋଇ ଯାଇଥାଆନ୍ତି । ଜୀବନର ସୂର୍ଯ୍ୟାସ୍ତ ପ୍ରହରରେ ସେ ମୋତେ ଛାଡ଼ିକି ଚାଲିଗଲେ । ସେହି ସମୟରେ ଖୁବ୍ ନିଜକୁ ନିଃସଙ୍ଗ ଓ ଅସହାୟ ମନେକରିଛି । ହେଲେ ପୁଣି ସ୍ୱାଭାବିକ ହେବାକୁ ଚେଷ୍ଟାକଲି ଏବଂ ପୃଥିବୀକୁ ସୁନ୍ଦର ଭାବେ ଦେଖିବା ଆରମ୍ଭ କଲି । ମଣିଷର ପ୍ରକୃତି ହାତ ପାଆନ୍ତାରେ ଥିବା ଜିନିଷକୁ ବିଶେଷ ଧ୍ୟାନ ଦିଏ ନାହିଁ । ତାହା ହାତ ପାହାନ୍ତାରୁ ଖସିଗଲେ ତା'କୁ ଝୁରି ହୁଏ । ମୋର ଅବସ୍ଥା ମଧ୍ୟ ସେହିପରି ।

**ଏକଦା ଆପଣ ଟେଲିଗ୍ରାଫ ପ୍ରକାଶିତ 'ଗ୍ରାଫିତି' ପତ୍ରିକାର କବିତା କର୍ଣ୍ଣର୍‌ର ସମ୍ପାଦନା କରୁଥିଲେ । ଦୀର୍ଘବର୍ଷ ହେବ ଅଣଲାଭେଚ୍ଛୁ ଇଂରାଜୀ ପତ୍ରିକା 'ଚନ୍ଦ୍ରଭାଗା'ର ସମ୍ପାଦନା କରିଆସୁଛନ୍ତି ଆପଣ । ଚନ୍ଦ୍ରଭାଗା ନାମକରଣ ପଛରେ କି କାରଣ ରହିଛି । ସମ୍ପ୍ରତି ଏହାର ଏକ ସଦ୍ୟ ସଂସ୍କରଣ ମଧ୍ୟ ପ୍ରକାଶ ପାଇଛି । ଏ ସମ୍ପର୍କରେ କିଛି କହିବେ କି ?**

୧୯୭୯ରେ ମୋର ଯୁବବନ୍ଧୁ ଦେବ ଏକ ମ୍ୟାଗାଜିନ୍ ପ୍ରକାଶ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଯାହାକି ମୁଖ୍ୟତଃ କବିତା ପ୍ରଧାନ ରହିବ । ଭାରତରେ ପତ୍ରିକାଟିଏ ବଞ୍ଚାଇବା, ସଚଳ କରାଇବା କଷ୍ଟସାଧ୍ୟ ବ୍ୟାପାର । ପୁଣି କବିତାଭିତ୍ତିକ ପତ୍ରିକାର ଅବସ୍ଥା ସଙ୍ଗୀନ । ଏ ସବୁ ସତ୍ତ୍ୱେ ଏକ ଗୁଣାତ୍ମକ ପତ୍ରିକା ପ୍ରକାଶ କରିବା ପାଇଁ ସଂକଳ୍ପବଦ୍ଧ ହେଲି । 'ଚନ୍ଦ୍ରଭାଗା' ପ୍ରକାଶନ ଦିଗରେ ମୋର ଦୁଇଟି ମୁଖ୍ୟ ଆଭିମୁଖ୍ୟ ଥିଲା । ପ୍ରଥମ ହେଉଛି, ସାରାବିଶ୍ୱର କବିଙ୍କୁ ଏଥିରେ ସ୍ଥାନ ଦେବି । ଦ୍ୱିତୀୟତଃ ଭଲ କବିତାକୁ ହିଁ ପ୍ରାଥମିକତା ଦିଆଯିବ । ପତ୍ରିକା ବଜାରକୁ ଆସିବା ପରେ ଅନେକ ତା'କୁ ଭଲ ପାଇଲେ । ଭାରତ ଓ ଆମେରିକାରେ ଏହାର ଆଦର ବଢ଼ିଲା । ତେବେ ଏହାର ପ୍ରକାଶନ ସୀମିତ ଥିଲା । ଏଥିପାଇଁ ଯେଉଁ ପରିମାଣର ଅର୍ଥର ଆବଶ୍ୟକତା ଥିଲା ତାହାର ଅଭାବ ଯୋଗୁଁ ପ୍ରକାଶନ ବନ୍ଦ ହୋଇଗଲା । ମୁଁ ଭାବିନେଲି ପତ୍ରିକା ପ୍ରକାଶ ମୋର ଏକ ମୁର୍ଖାମୀ ଥିଲା । ତେବେ ସେହି ମୁର୍ଖାମୀରୁ କିଛି ଶିକ୍ଷା ଲାଭ କରିନପାରି ପୁଣି ୨୦୦୦ରେ ଏହାର ପୁନରୁଦ୍ଧାର କଲି । କିଛିଦିନ ଚାଲିଲା । ପତ୍ନୀ ରୁନୁଙ୍କ ଦେହାନ୍ତ ପରେ ବନ୍ଦ ହୋଇଗଲା । ପୁଣି ୨୦୦୮ରୁ ସାମୟିକ ଭାବେ ପ୍ରକାଶ ପାଉଛି । ନାମକରଣ ନେଇ ଯାହା କହୁଛ, ମୁଁ ଖୁବ୍ ଭାବପ୍ରବଣ ମଣିଷଟିଏ । ମୋ ମାଟି, ମୋ ରାଜ୍ୟ ପ୍ରତି ମମତ୍ୱବୋଧ କାରଣରୁ ହୁଏତ ଏପରି ନାଁ ବାଛିଥିବି । କାରଣ ଯେତେବେଳେ ମୁଁ କୋଣାର୍କ ଯାଏ, ସେତେବେଳେ ଧଉଳି ଯାଏ, ସେଠି ଦେଖେ ଦୟାନଦୀ । ଚନ୍ଦ୍ରଭାଗା, କୋଣାର୍କ, ଧଉଳି, ଦୟାନଦୀ ଏସବୁ ସହିତ ଇତିହାସ ଜଡ଼ିତ ।

**ଇଂରାଜୀ ଭାଷାଭାଷୀ କବି ଭାବେ ଆପଣ ସାରା ବିଶ୍ୱକୁ ଭାରତୀୟ କବି ଭାବେ ପ୍ରତିନିଧିତ୍ୱ କରିଛନ୍ତି । ଏକଦା ନୋବେଲ ପାଇଁ ମଧ୍ୟ ଏକ ଅନୁଷ୍ଠାନ ପକ୍ଷରୁ ଆପଣଙ୍କ ନାଁ ସୁପାରିସ କରାଯାଇଥିଲା । ଭାରତ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ପଦ୍ମଶ୍ରୀ ସମେତ ପ୍ରାୟ ସମସ୍ତ ମର୍ଯ୍ୟାଦାଜନକ ପୁରସ୍କାର-ସମ୍ମାନ ଲାଭ କରିଛନ୍ତି । ଏଣେ ଦେଖିଲେ ଜଣେ ନିଆରା ଓଡ଼ିଆ କବି ଭାବେ ମଧ୍ୟ ଆପଣ ସୁଖ୍ୟାତ । ଆପଣଙ୍କର ସାତଟି କବିତା ପୁସ୍ତକ, ଆତ୍ମଜୀବନୀ 'ଭୋର୍ ମୋତିର ଫୁଲ' ପ୍ରକାଶ ପାଇଛି । ହେଲେ ଅଦ୍ୟାବଧି ଆପଣଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ କିମ୍ବା ଏହାର ସର୍ବୋଚ୍ଚ ପୁରସ୍କାର ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାରରୁ ବଞ୍ଚିତ ହେବାକୁ ପଡ଼ିଛି । ଏ ସମ୍ପର୍କରେ କିଛି କୁହନ୍ତୁ ?**

ପୁରସ୍କାର ପାଇଁ ମୁଁ ଲୋଖନା । ନିଜ ଖୁସି ପାଇଁ ଲେଖାଲେଖି କରେ । ଆଜି ବି ମୁଁ ଯେତେ ପୁରସ୍କାର ବା ସମ୍ମାନ ଲାଭ କରିଛି ତା'କୁ ଗୋଟେଇକି ରଖିବା ପାଇଁ ମୋ ପାଖରେ ସାମର୍ଥ୍ୟ ଥିଲା ପରି ଲାଗେ ନାହିଁ । ବୋଝ ପରି ଲାଗେ । ନିଜକୁ ଏସବୁଥିରୁ ମୁକ୍ତ ରଖିବାକୁ ଚାହେଁ । ସାର୍ ୱିଷ୍ଟର୍ଣ୍ଣ ଚର୍ଚ୍ଚିଲ ଯଥାର୍ଥରେ କହିଥିଲେ: ମେଡାଲ ଚକ୍‌ଚକ୍ କରେ, ହେଲେ ଏହା ଛାଇକୁ ମଧ୍ୟ ପ୍ରଦର୍ଶିତ କରେ । ଅତଏବ ପୁରସ୍କାରର ଛାଇରେ କବି ରହିଗଲା ମାନେ ସବୁ ସରିଗଲା । ରାଜ୍ୟ ସରକାର ବା ଓଡ଼ିଶା ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ବୋଧହୁଏ ଭାବୁଛନ୍ତି ମୁଁ ଭଲ ଲେଖୁନାହିଁ । କାହିଁକି ସରକାରୀ ସ୍ତରରେ କୌଣସି ସମ୍ମାନ, ସ୍ୱୀକୃତି ମିଳୁନାହିଁ ସେ ଉପରେ କିଛି କହିବା ଠିକ୍ ହେବ ନାହିଁ ।



**ଏକ ଖ୍ରୀଷ୍ଟିଆନ ପରିବାରରେ ଆପଣଙ୍କ ଜନ୍ମ । ଆପଣ କେବେ ଭାବନ୍ତି କି ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ହେଉଛି ?**


ଏମିତି ନାନା ଉଡ଼ାଖବର ଶୁଣିବାକୁ ମିଳେ ଯେ ଦେଶରେ କିଛି ସ୍ଥାନରେ ଖ୍ରୀଷ୍ଟିଆନଙ୍କ ଉପରେ ଆକ୍ରମଣ ଓ ଅତ୍ୟାଚାର ହେଉଛି । ଏହାର କୌଣସି ପ୍ରମାଣ ନାହିଁ । ମୋର ଜେଜେବାପା ଖ୍ରୀଷ୍ଟିଆନ ହୋଇ ଯାଇଥିଲେ । ୧୮୬୬ ମସିହା ଭୟଙ୍କର ଦୁର୍ଭିକ୍ଷରେ ଖାଇବାକୁ ତାଙ୍କୁ ମିଳିଲା ନାହିଁ । ମୁଠାଏ ଖାଇବା ପାଇଁ ଗାଁରୁ ୩୦-୪୦ କିଲୋମିଟର ଚାଲିକି ଯିବାକୁ ପଡୁଥିବା ଖୋଲା ଯାଇଥିବା ଖ୍ରୀଷ୍ଟିଆନ୍ ଶିବିରକୁ । ଜଣେ ଖାଇବାକୁ ପାଉନଥିବା ବେଳେ ଧର୍ମ ତା' ପାଇଁ କ'ଣ ? ହିନ୍ଦୁ ଧର୍ମ ପରିତ୍ୟାଗ କରି ଖ୍ରୀଷ୍ଟିଆନ୍‌କୁ ଆପଣାଇଲେ । ସେହି ସୂତ୍ରରେ ଆଜି ମୁଁ ଖ୍ରୀଷ୍ଟିଆନ୍ । ଆଜି ବି କିଏ କିଏ ମୋତେ 'କନ୍‌ଭର୍ଟ' ଆକ୍ଷେପ କଲେ ମନ ଦୁଃଖ ହୁଏ । କିଛିବର୍ଷ ପୂର୍ବେ ଖ୍ରୀଷ୍ଟମାସ ସମୟରେ କେତେକ ଚର୍ଚ୍ଚ ଉପରେ ଆକ୍ରମଣ ହେଲା । ତେବେ କଟକ, ଯେଉଁଠାରେ ମୁଁ ରହେ ସେଠାରେ କିଛି ହୋଇନାହିଁ । କଟକରେ ହିନ୍ଦୁ, ମୁସଲିମ ଓ ଖ୍ରୀଷ୍ଟିଆନ୍‌ଙ୍କ ମଧ୍ୟରେ ଏଠାରେ ଚମତ୍କାର ସଂହତି ରହିଛି, ଭାଇଚାରା ରହିଛି ।

**ଜଣେ ବରିଷ୍ଠ କବି ଭାବେ ଯୁବପିଢ଼ିର କବିଙ୍କୁ କେମିତି ଦେଖନ୍ତି ? ଯୁବପିଢ଼ିର କବିମାନେ ବରିଷ୍ଠଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି କି ? ସେ ଉପରେ କିଛି କୁହନ୍ତୁ ?**

ମୁଁ ମୋର ସମକାଳୀନ କବିଙ୍କ ଠାରୁ ସର୍ବଦା କିଛି ଅଲଗା ଲେଖିବାକୁ ଚେଷ୍ଟା କରିଥାଏ । ବିବରଣୀସର୍ବସ୍ୱ କବିତା ଲେଖୁଥିଲି । ଏହା ଲେଖିବା ପଛର କାରଣ ଥିଲା ଯେ କଥନିକାଧର୍ମୀ କବିତା ସହଜରେ ଲୋକଙ୍କ ପାଖକୁ ପହଞ୍ଚି ପାରିବ । ଏବେ ମୋର କବିତାର ଗଠନଗତ ଶୈଳୀ ବଦଳି ଯାଇଛି । କାଲି କ'ଣ ଲେଖିଥିଲି ତା'କୁ ଅନାଇ ବସି ଚୁପ୍ ବସିଯାଏ ନାହିଁ । ଆଜିରେ ବଞ୍ଚିବାକୁ ଅହରହ ଲାଗି ରହିଥାଏ ।

ଜଣେ ବରିଷ୍ଠ କବି ଯଦି ଯୁବପିଢ଼ିର କବିଙ୍କୁ ତା' ଆଡ଼କୁ ଆକୃଷ୍ଟ କରିପାରିଲା ସେଥିରେ ସାର୍ଥକତା ରହିଛି । ମୁଁ ଖୁସି ଯେ ଆଜିର ଯୁବ ଏବଂ ନବପିଢ଼ିର କବିମାନେ ମୋ ପାଖକୁ ଆସନ୍ତି, ଭାବ ଆଦାନପ୍ରଦାନ କରନ୍ତି । ସେମାନେ କହନ୍ତି ବର୍ତ୍ତମାନ ବରିଷ୍ଠମାନେ ଲେଖୁଥିବା କବିତା ତୁଳନାରେ ସେମାନଙ୍କ କବିତା କିପରି ଅଲଗା । ଯୁବପିଢ଼ିର କବିମାନଙ୍କ ସହ ଆଳାପ କରିବାର ମାଦକତା ନିଆରା । ଏହାଦ୍ୱାରା ମୋ ରକ୍ତରେ ମଧ୍ୟ ଯୁବ ଉର୍ଜା ଜାଗେ, ନିଜକୁ ବୁଢ଼ା ମନେକରେ ନାହିଁ, ସତେଜତାରେ ଆଗକୁ ଯିବାର ଅଫୁରନ୍ତ ଶକ୍ତି ମିଳେ । ଜଣେ ଜାଗରୁକ କବିଙ୍କୁ ପରାମର୍ଶ ବା ଉପେଦେଶ ଦେବା ମୁର୍ଖାମୀ, ତାଙ୍କ ସହିତ ଭାବ ବିନିମୟ କରା ଯାଇପାରେ । କାନ୍ଧକୁ କାନ୍ଧ ମିଳାଇ ଗୋଟିଏ ରାସ୍ତାରେ ଚଲା ଯାଇପାରେ, ଦୌଡ଼ା ଯାଇପାରେ ।

# ଅଳ୍ପରେ ଜୟନ୍ତ ମହାପାତ୍ର



- ନାମ : ଜୟନ୍ତ ମହାପାତ୍ର
- ଜନ୍ମ ତାରିଖ : ୨୨ ଅକ୍ଟୋବର ୧୯୨୮
- ଜନ୍ମସ୍ଥାନ : କଟକ ( ପିଟନ ସାହି)
- ମାଆ : ସୁଧାଂଶୁବାଳା ଦାସ
- ବାପା : ସାମୁଏଲ ମହାପାତ୍ର
- ପିତାମହ : ଚିନ୍ତାମଣି ମହାପାତ୍ର
- ପତ୍ନୀ : ରୁନୁ ମହାପାତ୍ର
- ପୁତ୍ର : ମୋହନ ମହାପାତ୍ର
- ଶିକ୍ଷା: ଷ୍ଟୁଆର୍ଟ ସ୍କୁଲ (ୟୁରୋପିଆନ ପ୍ରୋଟେଷ୍ଟାଣ୍ଟ୍ ସ୍କୁଲ), ରେଭେନ୍ସା ମହାବିଦ୍ୟାଳୟ, ପାଟଣା ବିଶ୍ୱବିଦ୍ୟାଳୟ
- ଡିଗ୍ରୀ : ଏମ୍ଏସ୍ସି (ପଦାର୍ଥ ବିଜ୍ଞାନ)
- ବୃତ୍ତି : ସହ-ସମ୍ପାଦକ: 'ଦ ଇଷ୍ଟର୍ଣ୍ଣ ଟାଇମ୍ସ୍', ଡେମନ୍ଷ୍ଟ୍ରେଟର୍, ରେଭେନ୍ସା ମହାବିଦ୍ୟାଳୟ, ଅଧ୍ୟାପକ: ପଦାର୍ଥ ବିଜ୍ଞାନ, ଫକୀରମୋହନ କଲେଜ୍, ଗଙ୍ଗାଧର ମେହେର କଲେଜ୍, ବିଜେବି କଲେଜ୍, ରେଭେନ୍ସା କଲେଜ୍, ୧୯୮୬ରେ ଅବସର ଗ୍ରହଣ
- ପ୍ରବୃତ୍ତି : ଇଂରାଜୀ ଉପନ୍ୟାସ ପଢ଼ିବା, ଆମେଚର୍ ଫଟୋଗ୍ରାଫି, ଇଂରାଜୀ ଓ ଓଡ଼ିଆରେ କବିତା, ଗଳ୍ପ, ଆତ୍ମଜୀବନୀ ଓ ପ୍ରବନ୍ଧ ରଚନା । ଇଂରାଜୀକୁ ପ୍ରାଚୀନ ରଚନା ଠାରୁ ଆଧୁନିକ ଓ ସାମ୍ପ୍ରତିକ ସାହିତ୍ୟର କେତେକ ଅନୁବାଦ, ଦୂରସ୍ଥାନ ଭ୍ରମଣ
- ଓଡ଼ିଆ କବିତା ପୁସ୍ତକ : ବଳି(୧୯୯୩), କହିବି ଗୋଟିଏ କଥା(୧୯୯୫), ବାୟାରଜା(୧୯୯୭), ଟିକିଏ ଛାଇ (୨୦୦୧), ଚାଲି(୨୦୦୬), ଯଦିବା ଗପଟିଏ (୨୦୦୮), କେବଳ ଭାଗ୍ୟ ହିଁ ମୋତେ ଜୀବନ ଦିଏ(୨୦୦୭), କବିତା ସମଗ୍ର(୨୦୧୮)
- ଇଂରାଜୀ ପୁସ୍ତକ : କ୍ଲୋଜ୍ ଦ ସ୍କାଏ, ଟେନ୍ ବାଏ ଟେନ୍(୧୯୭୧), ସ୍ୱୟମ୍ବର ଆଣ୍ଡ୍ ଅଦର୍ ପୋଏମ୍ସ୍( ୧୯୭୧), ଏ ଫାଦର୍ସ ଆୱାର(୧୯୭୬), ଏ ରେନ୍ ଅଫ୍ ରାଇଟ୍ସ୍(୧୯୭୬), ୱେଟିଂ(୧୯୭୯), ଦ ଫଲ୍ସ ଷ୍ଟାର୍ଟ(୧୯୮୦), ରିଲେସନ୍ସିପ୍ (୧୯୮୦), ଲାଇଫ୍ ସାଇନ୍ସ(୧୯୮୩), ଡିସ୍ପୋଜେସ୍ ନେଷ୍ଟସ୍(୧୯୮୬), ସିଲେକ୍ଟେଡ୍ ପୋଏମ୍ସ୍(୧୯୮୭), ବର୍ଡନ୍ ଅଫ୍ ୱେଭେସ୍ ଆଣ୍ଡ୍ ଫ୍ରୁଟ(୧୯୮୮), ଟେମ୍ପଲ୍ (୧୯୮୯), ଏ ହ୍ୱାଇଟ୍ନେସ୍ ବୋନ୍(୧୯୯୨), ଦ ବେଷ୍ଟ ଅଫ୍ ଜୟନ୍ତ ମହାପାତ୍ର (୧୯୯୫), ସାଡୋ ସ୍ପେସ୍ (୧୯୯୭), ବେର୍ ଫେସ୍(୨୦୦୦), ରାନଡମ୍ ଡିସେଣ୍ଟ(୨୦୦୫), ଦ ଲାଇ ଅଫ୍ ଡନ୍ସ୍ : ପୋଏମ୍ସ(୧୯୭୪-୨୦୦୮), ଲ୍ୟାଣ୍ଡ୍ (୨୦୧୩), ହେସିଟାଣ୍ଟ ଲାଇଟ୍ (୨୦୧୬), କଲେକଟେଡ ପୋଏମସ୍ (୨୦୧୮), ସ୍କାଏ ୱିଦାଉଟ୍ ସ୍କାଏ (୨୦୧୮)
- ଗଳ୍ପ : ଦ ଗ୍ରୀନ୍ ଗାର୍ଡେନର୍
- ପ୍ରବନ୍ଧ : ଡୋର୍ ଅଫ୍ ପେପର୍
- ଅନୁବାଦ : କାଉଣ୍ଟର୍ ମେଜର୍ସ୍, ୱିଙ୍ଗ୍ ଅଫ୍ ଦ ପାଷ୍ଟ: ପୋଏମ୍ସ୍, ସଙ୍ଗ୍ ଅଫ୍ କୁବ୍ଜା ଆଣ୍ଡ୍ ଅଦର୍ ପୋଏମସ୍, ଆଇ କାନ୍ ବଟ୍ ୱାଏ ସୁଡ୍ ଆଇ ଗୋ: ପୋଏମସ୍, ଭର୍ଟିକାଲ୍ ଅଫ୍ ଲାଇଫ୍, ତପସ୍ୱିନୀ: ଏ ପୋଏମ୍, ଡିସ୍କଭରି ଆଣ୍ଡ୍ ଅଦର୍ ପୋଏମ୍,ଏ ଟାଇମ୍ ଅଫ୍ ରାଇଜିଂ, ଓଡ଼ିଶା, ପାହିନି ରାତି, ଏଇଟ୍ ଟେଲ୍ସ୍ ଫ୍ରମ୍ ଫକିରମୋହନ
- ଆତ୍ମଜୀବନୀ : ଭୋର୍ ମୋତିର ଫୁଲ
- ସମ୍ପାଦକ: ସାଉଥ୍ ଆଣ୍ଡ୍ ୱେଷ୍ଟ୍, ଚନ୍ଦ୍ରଭାଗା, ଦ ଟେଲିଗ୍ରାଫ୍ (ପୋଏଟ୍ର କର୍ଣ୍ଣର), ଟେନ୍: ଦ ନ୍ୟୁ ଇଣ୍ଡିଆନ୍ ପୋଏଟ୍ସ୍
- ପୁରସ୍କାର/ସମ୍ମାନ : ଇଣ୍ଟର୍ନ୍ୟାସନାଲ୍ ହୁଜ୍ସ୍ ହୁ ଇନ୍ ପୋଏଟ୍ରି, ଲଣ୍ଡନ, ଜାକବ୍ ଗ୍ଲାଷ୍ଟେଇନ ମୋମୋରିଆଲ ଆୱାର୍ଡ (ପୋଏଟ୍ରି, ଚିକାଗୋ, ୧୯୭୬-୭୭), କଲ୍ଚରାଲ୍ ଆୱାର୍ଡ ଭିଜିଟର୍ (ଅଷ୍ଟ୍ରେଲିଆ, ୧୯୭୮), ସାହିତ୍ୟ ଏକାଡେମୀ ପୁରସ୍କାର(କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ, ୧୯୮୦), ପ୍ରଥମ ପୁରସ୍କାର (ଷ୍ଟଟିସ୍ ଇଣ୍ଟରନ୍ୟାସନାଲ ଓପନ ପୋଏଟ୍ର କମ୍ପିଟିସନ୍, ୧୯୯୦), ଗଙ୍ଗାଧର ଜାତୀୟ ପୁରସ୍କାର( ସମ୍ବଲପୁର ବିଶ୍ୱବିଦ୍ୟାଳୟ, ୧୯୯୪), ରାମକୃଷ୍ଣ ଜୟଦୟାଲ ହାର୍ମୋନି ଆୱାର୍ଡ(ନୂଆଦିଲ୍ଲୀ, ୧୯୯୪), ଭୈକୋମ ମହମ୍ମଦ ବାସିର ଚେୟାର(ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ, କୋଟ୍ଟାୟାମ, କେରଳ, ୧୯୯୬-୯୭), ହାର୍ମୋନି ଡିଗ୍ରୀ, ଡିଲିଟ୍( ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ୨୦୦୬), ବିଷୁବ ପୁରସ୍କାର(ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ ୨୦୦୮), ଡିଲିଟ୍( ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ, ୨୦୦୯), ପଦ୍ମଶ୍ରୀ (ଭାରତ ସରକାର, ୨୦୦୯), ଏଲେନ ତାପେ ପୋଏଟ୍ରି ଆୱାର୍ଡ( ଦ ସିଡ୍ନି ରିଭ୍ୟୁ, ଦ ୟୁନିଭର୍ସିଟି ଅଫ୍ ସାଉଥ୍, ସିଡ୍ନି, ଆମେରିକା, ୨୦୦୯), ସାର୍କ ସାହିତ୍ୟ ପୁରସ୍କାର (ନୂଆଦିଲ୍ଲୀ, ୨୦୧୨), ଉତ୍କଳରତ୍ନ (ଉତ୍କଳ ସାହିତ୍ୟ ସମାଜ, ୨୦୧୪), କହ୍ନେୟାଲାଲ୍ ଲାଇଫଟାଇମ୍ ପୋଏଟ୍ରି ଆୱାର୍ଡ( ଜୟପୁର ଲିଟ୍ରେଚର୍ ଫେଷ୍ଟିଭାଲ୍, ଜୟପୁର, ୨୦୧୭), ରେଭେନ୍ସା ରତ୍ନ (୨୦୦୭), ପୋଏଟ୍ ଲରେଟ୍ ଆୱାର୍ଡ( ଟାଟା ଷ୍ଟିଲ ଲିଭ୍, ୨୦୧୮)
- ଜୟନ୍ତଙ୍କ କୃତି ଆଧାରରେ ଗବେଷଣା ଓ ସମୀକ୍ଷା ଗ୍ରନ୍ଥ: ପୋଏଟି ଅଫ୍ ଜୟନ୍ତ ମହାପାତ୍ର (ବିବେକାନନ୍ଦ ଝା), ଦ ପୋଏଟ୍ରି ଅଫ୍ ଜୟନ୍ତ ମହାପାତ୍ର ( ବିଜୟ କୁମାର ଦାସ), ଦି ଇଣ୍ଡିଆନ ଇମାଜିନେସନ ଅଫ୍ ଜୟନ୍ତ ମହାପାତ୍ର (ଜୟଦୀପ ଷଡ଼ଙ୍ଗୀ ଓ ଗୌରୀଶଙ୍କର ଝା), ଜୟନ୍ତ ମହାପାତ୍ର: ଜୟ ଅଫ୍ ଲିଭିଂ ଆଣ୍ଡ ଲିଭିଂ ଇନ ହିଜ୍ ପୋଏଟ୍ରି (ଜୟଦୀପ ଷଡ଼ଙ୍ଗୀ), ପୋଏଟ୍ରି ଅଫ୍ ଜୟନ୍ତ ମହପାତ୍ର ଇମେଜରି ଆଣ୍ଡ୍ ଏକ୍ସପେରିଏନ୍ସିଆଲ୍ ଆଇଡେଣ୍ଟିଟି(ଜିନିଆ ମିତ୍ର), ଦି ପୋଏଟ୍ରି ଅଫ୍ ଜୟନ୍ତ ମହାପାତ୍ର: ଏ ଷ୍ଟଡି ଇନ୍ ଇମେଜରି(ଶିବଶଙ୍କର ନାଥ)
- ଠିକଣା: ତିନିକୋଣିଆ ବଗିଚା, କଟକ, ପିନ-୭୫୩୦୦୧, ଓଡ଼ିଶା

# ଜୟନ୍ତ ମହାପାତ୍ରଙ୍କ ବିଷୟରେ କେତୋଟି ଅଜ୍ଞଜଣା ମଜାକଥା


▶ଜୟନ୍ତ ମହାପାତ୍ର ହୁଏତ ଜଣେ ମହାନ କବି ହୋଇପାରନ୍ତି; କିନ୍ତୁ ତାଙ୍କ ଛୋଟଛୋଟ ବିଫଳତାର ଫର୍ଦ୍ଦ କିଛି କମ୍ ନୁହେଁ। ତାଙ୍କୁ ଯେତେବେଳେ ୧୩ ବର୍ଷ ହୋଇଥିଲା ସିନିୟର କେମ୍ବ୍ରିଜ୍‌ରେ ଦ୍ୱିତୀୟ ଶ୍ରେଣୀରେ ପାଶ୍ ହୋଇଥିଲେ। ବିଲାତରେ ପରୀକ୍ଷିତ ଇଂରାଜୀ ପେପର୍‌ରେ ଫେଲ ହୋଇଥିଲେ। ଜୟନ୍ତ ଇଣ୍ଟର୍ ମେଡିଏଟ୍ ପ୍ରଥମ ବର୍ଷ ବାର୍ଷିକ ପରୀକ୍ଷାରେ ଗଣିତ ଓ ଇଂରାଜୀରେ ଫେଲ୍ ହୋଇଥିଲେ। ତେବେ ଅଣ୍ଡର କନସିଡେରେସନ୍‌ରେ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିଲେ। ବିଏସ୍‌ସି ପରୀକ୍ଷାରେ ଉଚ୍ଚତର ଦ୍ୱିତୀୟ ଶ୍ରେଣୀରେ ଫିଜିକ୍ସ ଅନର୍ସ ସହ ଉତ୍ତୀର୍ଣ୍ଣ ହୋଇଥିଲେ। ସ୍ନାତକୋତ୍ତରରେ ମଧ୍ୟ ଫାଷ୍ଟ୍ ଡିଭିଜନ ତାଙ୍କ ଭାଗ୍ୟକୁ ଜୁଟିଲା ନାହିଁ, ଦ୍ୱିତୀୟ ଶ୍ରେଣୀରେ ସନ୍ତୁଷ୍ଟ ହେବାକୁ ପଡ଼ିଲା।

▶ପିଲାଦିନେ ଜୟନ୍ତ ନାନା ଭାବେ ସହପାଠୀଙ୍କ ଦ୍ୱାରା ଲାଞ୍ଛିତ ହୋଇଛନ୍ତି। ବାର ତେର ବର୍ଷ ବେଳକୁ ଘରୁ ନିଖୋଜ ହୋଇଯାଇ ମୁମ୍ବଇ ପଳାଇଥିଲେ ଟ୍ରେନ୍‌ରେ। ମୁମ୍ବଇରେ ଅନିର୍ଦ୍ଦିଷ୍ଟ ଭାବେ ବୁଲିବା ପରେ ହତାଶ ହୋଇ ହାଓ୍ୱଡ଼ା ରାସ୍ତା ଦେଇ ଫେରି ଆସିଥିଲେ କଟକ।

▶ଜୟନ୍ତ ଓଡ଼ିଆ ଲେଖିପଢ଼ି ଜାଣିନଥିବାରୁ ରେଭେନ୍ସାର ଇଂରାଜୀ ପ୍ରଫେସର ଶ୍ରୀମଦ ସାହୁଙ୍କ ଠାରୁ ଘରୋଇ ଭାବେ ଓଡ଼ିଆ ଶିଖିଥିଲେ। ଇଣ୍ଟର୍ମିଡିଏଟରେ ରେଭେନ୍ସା କଲେଜରେ ଓଡ଼ିଆ ମାତୃଭାଷା ବାଧ୍ୟତାମୂଳକ ଥିଲା ବୋଲି ହିଁ ତାଙ୍କୁ ଓଡ଼ିଆ ଶିଖିବାକୁ ପଡ଼ିଲା, ନଚେତ୍ ହୁଏତ ସେ ଆଜି ଓଡ଼ିଆରେ ଯେଉଁ ବାଣୀ ସାଧନା କରୁଛନ୍ତି, ସେଥିରୁ ବିରତ ରହିବାକୁ ପଡ଼ିଥାଆନ୍ତା।

▶୯ ଅଗଷ୍ଟ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନର ପ୍ରଭାବରେ ଜୟନ୍ତ ରେଭେନ୍ସା କଲେଜ୍‌ରୁ ଶ୍ରେଣୀ ବର୍ଜନ କରିଥିଲ। ଏହି ସମୟରେ ଲାଠି ଚାର୍ଜ ହୋଇଥିଲା।

▶ଜୟନ୍ତ ଏମ୍‌ଏସ୍‌ସି ପଢ଼ିବା ପାଇଁ ଏକାଧିକ ବିଶ୍ୱବିଦ୍ୟାଳୟରେ ଆବେଦନ କରିଥିଲେ ହେଁ ପରିଶେଷରେ ପାଟନା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ଏକ୍ସରେ ତାଙ୍କର ସ୍ୱତନ୍ତ୍ରପତ୍ର ଥିଲା। ପ୍ରାକ୍ଟିକାଲ୍ ପରୀକ୍ଷାରେ ଅପ୍ଟିକ୍ସ ପେପର୍ସରେ ଅକୃତକାର୍ଯ୍ୟ ହୋଇଥିଲେ। ଥିଓରି ପେପର ଡ୍ରପ୍ କରିଥିଲେ। ଏହି ସମୟରେ ପାଟନାରେ ଏକ



ମେସ୍‌ରେ ରହୁଥିଲେ ବନ୍ଧୁ ହିମାଂଶୁ ପଟ୍ଟନାୟକଙ୍କ ସହିତ। ଜୟନ୍ତ ପାଟନାରେ ସ୍ନାତକୋତ୍ତର ଫାଇନାଲ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଉଥିବା ବେଳେ ଦଙ୍ଗା ହେବାରୁ ଭୟରେ ପଳାଇ ଆସଥିଲେ କଟକକୁ।

▶ପାଟନା ଉତ୍କଳ ସମାଜର ବାର୍ଷିକ ଉତ୍ସବରେ ମଞ୍ଚସ୍ଥ ନାଟକରେ ଜୟନ୍ତ ଏକ ମହିଳା ଚରିତ୍ରରେ ଅଭିନୟ କରିଥିଲେ। ଅଭିନୟ ସଂଯୁକ୍ତ ଗୀତଟି ପାଇଁ କଣ୍ଠଦାନ ମଧ୍ୟ କରିଥିଲେ। 'ପିପୁଲ୍‌ସ୍ ଏଜ୍' ସାପ୍ତାହିକ ପତ୍ରିକାର ହକର୍ ହୋଇ ବିକ୍ରି କରିବାର ଅଭିଜ୍ଞତା ବି ରହିଛି ତାଙ୍କର।

▶ଜୟନ୍ତ ଲାଜକୁଳା ଓ ଶିଶୁସୁଲଭ ପ୍ରକୃତିର ହେଲେ ମଧ୍ୟ ପ୍ରଖର ପ୍ରେମିକ ପୁରୁଷ। ପ୍ରେମ ମାମଲାରେ ଦୁଃସାହସିକତା ଦେଖାଇଛନ୍ତି। ରେଭେନ୍ସା କଲେଜ ବିଜ୍ଞାନ ଛାତ୍ରୀ ଜ୍ୟୋସ୍ନାରାଣୀ ଦାସ (କବିଙ୍କ ଶ୍ରଦ୍ଧା ଡାକନାଁ ରୁନୁ) ପ୍ରେମରେ ପଡ଼ି ଯାଇଥିଲେ। ଜ୍ୟୋସ୍ନାଙ୍କ ପରିବାର ପକ୍ଷରୁ ଏହାକୁ ବିରୋଧ କରିଥିଲେ। ଏ ସତ୍ତ୍ୱେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ଦୁହେଁ। ବିବାହ ସମୟରେ ଜୟନ୍ତଙ୍କୁ ହୋଇଥିଲା ମାତ୍ର ୨୦ ବର୍ଷ। ମଜାର କଥା ହେଲା ଏକଦା ପତ୍ନୀ ଜ୍ୟୋସ୍ନାରାଣୀଙ୍କ ସହ ଛୁଟି କଟାଇବା ପାଇଁ ଜୟନ୍ତ ସୁବାରାଓ ମହାଜନଙ୍କ ଠାରୁ ୨୦୦ ଟଙ୍କା ଉଧାର ଆଣି କଲିକତା ବୁଲିବାକୁ ଯାଇଥିଲେ। ସେଠାରେ ଏକ ଶସ୍ତା ହୋଟେଲ୍‌ରେ ରହିଥିଲେ। ବୁଲା ଓ ଖିଆପିଆରେ ଯାହା ତ ଖର୍ଚ୍ଚ ହେଲା, ବହିକିଣାରେ ପଇସା ସରିଯିବାରୁ ପରିଭ୍ରମଣ ବନ୍ଦ କରିଦେଇ ଅଗତ୍ୟା ଘରକୁ ଫେରି ଆସିଲେ।

▶ଜୟନ୍ତ ତାଙ୍କର ପ୍ରଥମ କବିତା ପୁସ୍ତକ ନିଜର ପିତାଙ୍କୁ ଉତ୍ସର୍ଗ କରିଥିଲେ। ପ୍ରଥମ ବହିର କପି ହାତରେ ଧରି ପିତା ସାମୁଏଲ ଖୁସି ହୋଇଥିବା ବେଳେ ମାଆ କିନ୍ତୁ ଭର୍ତ୍ସନା କରିଥିଲେ; ଘରସଂସାର କାମ ସହିତ ନିୟମିତ ଗୀର୍ଜାରେ ଉପାସନା କରିବାକୁ ତାଗିଦ କରିଥିଲେ। ଏହା ଜୟନ୍ତଙ୍କୁ ଖୁବ୍ ବାଧିଥିଲା।

▶ଜୟନ୍ତଙ୍କ ଫଟୋଗ୍ରାଫି ପ୍ରତି ସଉକ ଥିଲା। ବମ୍ବେରେ ପ୍ରକାଶିତ 'ଫିଲ୍ମ ଇଣ୍ଡିଆ' ପତ୍ରିକାରେ ତାଙ୍କର ଫଟୋ ମୁଦ୍ରଣ ହୋଇଥିଲା। ଏହା ବ୍ୟୟବହୁଳ ଓ ସମୟ ସାପେକ୍ଷ ହୋଇଥିବାରୁ ଏଥିରୁ ନିବୃତ୍ତ ହେଲେ। କବିତା ଜଗତକୁ ଆସିବା ପୂର୍ବରୁ ଜୟନ୍ତ ପ୍ରଚୁର ସିନେମା ଦେଖୁଥିଲେ। ହଲିଉଡ୍ ଅଭିନେତ୍ରୀ ତଥା ମଡେଲ ମର୍ଲିନ ମୁନ୍‌ରୋଙ୍କ ସେ ମଧ୍ୟ ଥିଲେ ବଡ଼ ପ୍ରଶଂସକ। ମୁନ୍‌ରୋଙ୍କ ଅକାଳ ନିଧନରେ ଖୁବ୍ ଦୁଃଖୀ ହୋଇ ଯାଇଥିଲେ।

▶ଜୟନ୍ତଙ୍କ ମୁଣ୍ଡରେ ଥରେ ଶିକାର ନିଶା ଚଢ଼ିଥିଲା। ସାଙ୍ଗମାନଙ୍କ ସହ ବନ୍ଧୁକ ଧରି ରାତିରେ ବାରଙ୍ଗ ଜଙ୍ଗଲକୁ ଯାଇଥିଲେ। ହେଲେ ସେଠାରେ କିଛି ଜଙ୍ଗଲି ଜନ୍ତୁକୁ ଦେଖି ଭୟଭୀତ ହୋଇ ଫେରି ଆସିଥିଲେ।

▶ସମ୍ବଲପୁରରେ ଥିବା ସମୟରେ ଜୟନ୍ତ ଥରେ ପିକ୍‌ନିକ ଯାଇଥିଲେ ହୀରାକୁଦ ଡ୍ୟାମ୍। ପ୍ରକୃତି ଓ ପରିବେଶ ଭିତରେ ହଜିଯିବାକୁ ସ୍କଟ୍‌ରୁ ବାହାରି ଆସନ୍ତି ତ ସାଇଫନ୍ ଡ୍ୟାମ୍‌ରେ ଭାସି ଯାଇଥିଲେ। ସୌଭାଗ୍ୟକୁ ବନ୍ଧୁମାନେ ତାଙ୍କୁ ଖୁବ୍ କଷ୍ଟ କରି ଉଦ୍ଧାର କରିଥିଲେ।

▶ଜୟନ୍ତ ମହାପାତ୍ରଙ୍କ ବ୍ୟକ୍ତିତ୍ୱର ବଡ଼ ଗୁଣ ହେଉଛି ଯେ କାହା ଆଗରେ ନିଜର ଦୁଃଖ,କଷ୍ଟକୁ ସହଜରେ ପ୍ରକାଶ କରନ୍ତି ନାହିଁ। ନିଜେ ଦୁଃଖୀ ବୋଲି ପ୍ରଦର୍ଶନ କରନ୍ତି ନାହିଁ। ତାଙ୍କର ସଦା ହର୍ଷିତ ମୁଖମଣ୍ଡଳରୁ ସହଜରେ ଅନୁମାନ କରିହେବ ନାହିଁ ଯେ ଏ ମଣିଷ ଜଣକ ବ୍ୟକ୍ତିଗତ ଜୀବନରେ ଏକ କ୍ଷତିର ଖତିଆନ। ପିଲାଦିନେ ସାନଭାଇର ପୁଅ ଟୋନିର ମୃତ୍ୟୁ ତାଙ୍କୁ ଦାରୁଣ ଆଘାତ ଦେଇଥିଲା। ଜ୍ୟୋସ୍ନାଦେବୀଙ୍କ ପ୍ରଥମଗର୍ଭ ନଷ୍ଟ ହୋଇ ଯାଇଥିଲା। ସେଥିପାଇଁ ଜୟନ୍ତ ନିଜକୁ ଦାୟୀ ମନେକରନ୍ତି। ପତ୍ନୀଙ୍କ ବିୟୋଗ ପରେ ଏକମାତ୍ର ପୁତ୍ର ମୋହନଙ୍କ ମଧ୍ୟ କ୍ୟାନସର୍‌ରେ ବିୟୋଗ ଘଟିଛି। ସେ ଜୀବନଜୀବିକା ଅନ୍ୱେଷଣରେ ସର୍ବଦା ଘର ଠାରୁ ଦୂରରେ ସପରିବାର ରହୁଥିଲେ।

# କବିମଣିଷ ଜୟନ୍ତ ଓ ମୁଁ

୧୯୯୪ ମସିହାର କଥା । ଯେତେବେଳେ ଲ’ ପଢ଼ିବା ପାଇଁ କଟକ ଆସିଲି କୌଣସି ସାହିତ୍ୟିକଙ୍କ ସହ ମୋର ବ୍ୟକ୍ତିଗତ ପରିଚୟ ନଥିଲା । ତେବେ ସର୍ବପ୍ରଥମେ ଏଠାରେ ରହୁଥିବା ଦୁଇଜଣ କବିଙ୍କୁ ଦର୍ଶନ କରିବାର ଇଚ୍ଛା କରିଥିଲି । ଜଣେ ହେଲେ ଯୁଗ ପ୍ରବର୍ତ୍ତକ  କବି ସଚ୍ଚିଦାନନ୍ଦ ରାଉତରାୟ ଏବଂ ଅନ୍ୟ ଜଣେ ହେଉଛନ୍ତି ଇଂରାଜୀ କବିତାର ସାରସ୍ୱତ ତପସ୍ୱୀ ଜୟନ୍ତ ମହାପାତ୍ର । ତା’ର କାରଣ ହେଉଛି ଏହି କବିଦ୍ୱୟଙ୍କୁ ହିଁ ମୁଁ ଆଦର୍ଶସ୍ଥାନୀୟ ବିବେଚନା କରୁଥିଲି  ।

ସଚ୍ଚି ରାଉତରାୟଙ୍କୁ ସହଜରେ ତାଙ୍କ ବାସଭବନକୁ ଯାଇ ଦେଖା କଲି । ତାଙ୍କ ଘରର ଠିକଣା ପାଇବାରେ କିଛି ଅସୁବିଧା ନଥିଲା । ତେବେ ଜୟନ୍ତ ମହାପାତ୍ର ପ୍ରାୟ ସଭାସମିତିକୁ ଯାଉନଥିଲେ । ଜୟନ୍ତଙ୍କ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଉଥିବା କବିତାରେ ଉଲ୍ଲିଖିତ ‘ତିନିକୋଣିଆ ବଗିଚା’ ଠିକଣାକୁ ଆଧାର କରି ଦିନେ ତାଙ୍କୁ ଦେଖା କରିବା ପାଇଁ ବାହାରିଥିଲି । ତିନିକୋଣିଆ ଛକ ନିକଟରେ ପହଞ୍ଚି ସ୍ଥାନୀୟ କିଛି ଲୋକଙ୍କୁ ପଚାରିଲି କବି ଜୟନ୍ତ ମହାପାତ୍ରଙ୍କ ଘର କେଉଁଠି । କେହି କହିପାରିଲେ ନାହିଁ । କାରଣ ସ୍ଥାନୀୟ ସାଧାରଣ ଲୋକ ତାଙ୍କୁ କବି ସାହିତ୍ୟିକ ଭାବେ ବିଶେଷ ଜାଣନ୍ତି ନାହିଁ । ମନ ଉଣା କରି ଫେରି ଆସିଲି ।

ସେହି ସମୟରେ ‘କଥାକଥା କବିତାକବିତା’ ପତ୍ରିକାରେ କବି ଜୟନ୍ତଙ୍କ ଭାବଭବନ ସମ୍ପର୍କିତ ଆଲେଖ୍ୟଟି ପ୍ରକାଶ ପାଇଥାଏ । ସେଥିରେ ଉଲ୍ଲେଖଥାଏ ତିନିକୋଣିଆ ଛକ ପାଖ ଏକ ରାସ୍ତା କଡ଼ରେ ଯାହାଙ୍କ ଘର ଅଗଣାରେ ବାଉଁଶଗଛ ଭର୍ତ୍ତି ହୋଇରହିଛି ଓ ଆମ୍ବଗଛ ଅଛି, ସେ ଘରଟି ହେଉଛି କବି ଜୟନ୍ତ ମହାପାତ୍ରଙ୍କର । ତା’ ନାଁ ‘ଚନ୍ଦ୍ରଭାଗା’ । ଏଥର କବିଙ୍କୁ ଦେଖା କରିବାର ଲୋଭ ସମ୍ବରଣ କରପାରିଲି ନାହିଁ । ପତ୍ରିକାର ସେହି ଆଖ୍ୟାୟିକାକୁ ଖିଅ କରି ଏକ ବାସନ୍ତିକ ସନ୍ଧ୍ୟାରେ ତିନିକୋଣିଆ ଛକରେ କବିଙ୍କ ଘରକୁ ଠାବ କରି ପହଞ୍ଚିଲି । ‘ଚନ୍ଦ୍ରଭାଗା’ର ଗେଟ୍ ଖୋଲି ପଶିଲି ଭିତରକୁ । ଘର ଦୁଆର ମୁହଁରେ ଖୋଜିଲି କଲିଂବେଲ୍; କିନ୍ତୁ କଲିଂବେଲ୍ ବଦଳରେ କବାଟ ଜାଲିରେ ବନ୍ଧା ହୋଇଥିଲା କେତୋଟି ଛୋଟ ଛୋଟ ଘଣ୍ଟା ।  ଧାନବେଣୀ ମଧ୍ୟ ଝୁଲା ହୋଇଥାଏ । ନିଆରା ଏ ଦୃଶ୍ୟ, ଏକ ଅନନ୍ୟ ଅନୁଭବରେ ପୁଲକିତ ହେଲି । ଘଣ୍ଟା ବଜାଇବାରୁ ତନ୍ଦ୍ରାଚ୍ଛନ୍ନ ହୋଇ କବି ଆସିଲେ । ନମସ୍କାର ଜଣାଇ ପରିଚୟ ଦେଲି । ହେଲେ କବି କହିଲେ, “ଏବେ ମୁଁ ବ୍ୟସ୍ତ ଅଛି, ସମୟ ଦେଇ ପାରିବିନି । ଅନ୍ୟ କେବେ ଆସିବ, ଏଇ ହେଉଛି ମୋର ଫୋନ୍ ନମ୍ବର । କଲ୍ କରି ଆସିବ ।”

କିଛିଦିନ ପରେ ଏକ ରବିବାର ସନ୍ଧ୍ୟାରେ ଜୟନ୍ତ ସାର୍‌ଙ୍କୁ ଦେଖା କରିବା ପାଇଁ ଫୋନ କରି ତାଙ୍କ ଘରେ ପହଞ୍ଚିଲି । ଘଣ୍ଟି ବଜାଇବା ମାତ୍ରେ ଏଥର କବି ନୁହେଁ, ଆସିଲେ କବିପତ୍ନୀ । ଅଗଣା ବଗିଚାରେ ପଡ଼ିଥିବା ଚେୟାର୍‌ରେ ବସିବାକୁ କହିଲେ ଏବଂ ମୋ ସହିତ ବାର୍ତ୍ତାଳାପ ଆରମ୍ଭ କରିଦେଲେ । ଏକ କବିତା ଶୁଣାଇବାକୁ କହିଲେ । ସେହି ସମୟରେ ମୋର କବିତା ‘ପକ୍ଷୀ’ ପ୍ରକାଶ ପାଇ ବେଶ୍ ଚର୍ଚ୍ଚା ହେଉଥାଏ । କବିତାଟି ମୁଖସ୍ଥ ଥିଲା । କବିତା ଶୁଣାଇଲି । ତୁରନ୍ତ କବିପତ୍ନୀ ଉଠିଯାଇ ଜୟନ୍ତ ସାର୍‌ଙ୍କୁ ଡାକି ଆଣିଲେ ଏବଂ କହିଲେ, “ଦେଖ, ଇଏ ହେଉଛନ୍ତି କଳାହାଣ୍ଡିର କବି, କଟକରେ ପଢୁଛନ୍ତି, ଚମତ୍କାର କବିତାଟିଏ ଲେଖିଛନ୍ତି ।” ଆଉ ଥରେ ପକ୍ଷୀ କବିତା ସାର୍‌ଙ୍କୁ ଶୁଣାଇବାକୁ ମୋତେ କହିଲେ । ସାର୍ କବିତା ଶୁଣି ଏବଂ ‘ମାଆକୁ ଭାଗବଣ୍ଟା’ ସ୍ୱର ମୋ  ପରି ଜଣେ ତରୁଣ କବିଙ୍କ କବିତାରେ ଅନୁରଣିତ ହୋଇଥିବାରୁ  ମୁଗ୍ଧଚକିତ ହୋଇଗଲେ । ମୋ ମୁଣ୍ଡ ଉପରକୁ ତାଙ୍କର ଆଶୀର୍ବାଦର ହାତ ଆସିଲା । ‘ପକ୍ଷୀ’କୁ ଇଂରାଜୀରେ ଅନୁବାଦ କରିବା ପାଇଁ ନେଇଗଲେ । ପରବର୍ତ୍ତୀ ସମୟରେ ତାହା ୨୦୦୧ ମାର୍ଚ୍ଚ-ଏପ୍ରିଲ ସଂଖ୍ୟା ‘ଇଣ୍ଡିଆନ୍ ଲିଟ୍ରେଚର୍’ରେ ପ୍ରକାଶ ପାଇଥିଲା ।

ମୋଟାମୋଟି କହିବାକୁ ଗଲେ ପ୍ରଥମ ସାକ୍ଷାତରୁ ହିଁ ଜୟନ୍ତ ସାର୍ ମୋତେ  ଅନନ୍ୟ ସ୍ନେହଶ୍ରଦ୍ଧାର ଡୋରିରେ ବାନ୍ଧି ରଖିଲେ । ଆଜିଯାଏ ତାହା ଅତୁଟ ରହିଛି । ପରେ ବିଭିନ୍ନ ସମୟରେ ସାର୍‌ଙ୍କ ଘରକୁ ଯାଇ ସାହିତ୍ୟ ଆଳାପ କରି ଅଫୁରନ୍ତ ପ୍ରେରଣା ଓ ଊର୍ଜା ନେଇ ଫେରିଛି ।  ବିନା ଫୋନ୍‌ରେ ମଧ୍ୟ କୌଣସି ସମୟରେ ମୋତେ ତାଙ୍କ ଘରକୁ ଆସିବାର ସ୍ୱତନ୍ତ୍ର ଅନୁମିତି ଦେଇଥିଲେ । ବିଶେଷକରି ରୁନୁ ମାଉସୀ ମୋତେ ‘ପକ୍ଷୀକବି’ ସମ୍ବୋଧିତ କରି ମୋ ମୁହଁରୁ କବିତା ଶୁଣିବାକୁ ଆଗ୍ରହ ଦେଖାଇବାଟା ମୋତେ ଅଭିଭୂତ କରିଛି ।

ହଁ, ମୋର ପ୍ରଥମ କବିତା ସଙ୍କଳନ ‘ପକ୍ଷୀ’ ଲୋକାର୍ପିତ ହୋଇଥିଲା ଜୟନ୍ତ ସାର୍‌ଙ୍କ କରକମଳରେ । ପ୍ରଜାତନ୍ତ୍ର ପ୍ରଚାର ସମିତିର ମିନି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ସମାରୋହ ‘ସତୀର୍ଥ’ ଆନୁକୂଲ୍ୟରେ ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ପ୍ରଖ୍ୟାତ ସମାଲୋଚକ ପ୍ରଫେସର୍ ଦାଶରଥି ଦାସ ଆଲୋଚକ ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ ବିଶିଷ୍ଟ କବି ଡକ୍ଟର ଶୁଭେନ୍ଦୁ ମୁଣ୍ଡ । ତେବେ ମୋ ପାଇଁ ହୃଦୟରେ ସାଇତି ରଖିବା ପରି କଥା ଥିଲା ଯେ ଜୟନ୍ତ ସାର୍‌ଙ୍କ ଆସିବା ପାଇଁ ମୁଁ କାର୍ ବ୍ୟବସ୍ଥା ବା ଆଣିବାର କୌଣସି ବନ୍ଦୋବସ୍ତ କରିନଥିଲି । ସେ ଏକୁଟିଆ ସ୍କୁଟି ଚଳେଇ ଆସିଥିଲେ । ବୋଧହୁଏ ଏଇଟା ହେଉଛି ସାର୍‌ଙ୍କର ମୋ ପ୍ରତି ସ୍ନେହାନୁବନ୍ଧତାର ନିଦର୍ଶନ । ଏଠାରେ ଆଉ ଗୋଟିଏ ଘଟଣାକୁ ମଧ୍ୟ ଅବତାରଣା କରିବାର ଲୋଭ ସମ୍ବରଣ କରିପାରୁନି । ତାହାହେଲା, ଜୟନ୍ତ ସାର୍ ଯେତେବେଳେ କୌଣସି ସମ୍ମାନ-ପୁରସ୍କାର ଲାଭ କରନ୍ତି , ‘ପଦ୍ମଶ୍ରୀ’ ହେଉ କି ‘ସାହିତ୍ୟ



ମନୋଜ ମେହେରଙ୍କ ‘ପକ୍ଷୀ’ କବିତା ସଂକଳନ ଉନ୍ମୋଚନ ଉତ୍ସବରେ କବି ଜୟନ୍ତ ମହାପାତ୍ର

ଏକାଡେମୀ ଫେଲୋସିପ୍’, ‘ସମାଜ’ ପକ୍ଷରୁ ମୋତେ ତୁରନ୍ତ ଏକ ସାକ୍ଷାତକାର ପ୍ରସ୍ତୁତ କରିବା ପାଇଁ କୁହା ଯାଉଥିଲା । ଅନାଟକ୍ ପହଞ୍ଚେ ସାର୍‌ଙ୍କ ଘରକୁ । କେବେ ମନା କରିନାହାନ୍ତି । କିଛି ନ କହିଲେ କ’ଣ ହୁଅନ୍ତାନି ବୋଲି କହି ସ୍ୱଳ୍ପରେ ଇଙ୍ଗୀତ ଦେଇ ଦିଅନ୍ତି । କହନ୍ତି  ମନୋଜ୍, ତମକୁ ଯାହା ଭଲ ଲାଗିବ ଲେଖିଦେବ ମୋ ପାଇଁ, ମୋର କିଛି ଆପତ୍ତି ନାହିଁ ।

ସ୍ୱଭାବତଃ ଲାଜକୁଳା  ଓ ସାଦାସିଧା ପ୍ରକୃତିର ଜୟନ୍ତଙ୍କ ନୈକଟ୍ୟରୁ ଜମାରୁ ଜାଣିହୁଏ ନାହିଁ ତାଙ୍କ କାବ୍ୟାକାଶ ଓ ସମୁଦ୍ର ଏତେ ବିଶାଳ । ଉଭୟ କବିତା ଓ ଜୀବନରେ ଆବୁଡ଼ା ଖାବୁଡ଼ା ରାସ୍ତା  ବା ଅମଡ଼ାବାଟରେ ଯିବାର ଦୁର୍ବାର ଦୁଃସାହସିକତା ଦେଖାନ୍ତି । ସ୍ୱଭାବରେ ଯୁବସୁଲଭତା ଓ ଶିଶୁତ୍ୱର ଅପୂର୍ବ ସମ୍ମିଶ୍ରଣ ସହ ମିତଭାଷୀ ଓ ମିଷ୍ଟଭାଷୀ ଜୟନ୍ତ ପ୍ରିୟ ମଣିଷକବି । ସେ ନିଜକୁ କାହା ଉପରେ ଲଦି ଦିଅନ୍ତି ନାହିଁ ।  ପାଇବା ହରାଇବା, ଲାଭକ୍ଷତିର ହିସାବକୁ ଗୁରୁତ୍ୱ ନ ଦେଇ  ନିଜ ଖୁସିରେ ମଗ୍ନ ରହନ୍ତି । ସଦାବେଳେ କବିତାର ଆନନ୍ଦରେ  ସେ  ଅଧିର ଓ ଗତିଶୀଳ । ତାଙ୍କ ପରି ଜଣେ ସାରସ୍ୱତ ତପସ୍ୱୀଙ୍କ ସାନ୍ନିଧ୍ୟ ସାଙ୍ଗକୁ ସ୍ନେହାନୁରକ୍ତ ହେବା  ମୋ  ପାଇଁ ନିଶ୍ଚିତ ଭାବେ ସୌଭାଗ୍ୟର ବିଷୟ ଏବଂ ସମୟର ଅମୃତଫଳ ସଦୃଶ ।

**- ମନୋଜ କୁମାର ମେହେର**

# ଜନମନରେ ଜୟନ୍ତ

ଜୟନ୍ତ ମହାପାତ୍ରଙ୍କ କବିତା ଶୁଖିଲା ସମୟ ଗଛର ଶାଖାରୁ କଅଁଳି ଉଠିଥିବା କେନାଏ ଶାଗୁଆ ପତ୍ର ପରି । କେବେ କେବେ ଇତିହାସର ଗହ୍ୱରରୁ ଶେଷ ବିଦାୟ ନେବା ପୂର୍ବରୁ ନିଜର ବିଦାୟଗୀତି ପ୍ରସ୍ତୁତ କରିସାରିଥିବା କଢ଼ଟିଏ ପରି ଲାଗେ । ତାଙ୍କ କବିତା  ଶାଶ୍ୱତ ନ୍ୟାୟ ପରି ସବୁ ଶିଖର, ଉପତ୍ୟକା ଓ ନଦନଦୀରେ ସର୍ବତ୍ର ବିଦ୍ୟମାନ ଓ ପ୍ରବହମାନ ନ୍ୟାୟନିଷ୍ଠତା ଜୀବନରେଖା ପରି ଅବସ୍ଥାନ କରିଛି । ତାଙ୍କ କବିତାର ବିଶାଳ ଲ୍ୟାଣ୍ଡ୍‌ସ୍କେପ୍‌ରେ ଯେବେ ମୁଁ ପରିବ୍ରାଜକ ଭାବେ ବିଚରଣ କରେ ମୋର ଅନୁଭବ ହୁଏ ଏ ପୃଥିବୀକୁ ଯୁଗ ଯୁଗ ପାଇଁ ଏକ ଶାନ୍ତିବାର୍ତ୍ତା ଓ ଚୂଡ଼ାନ୍ତ ରାୟ ଦେବା ପାଇଁ ଶବ୍ଦମାନେ ଉତୁରି ଆସିଛନ୍ତି, ଆଜି ଯେଉଁ ସମୟରେ ଆମେ ଏକ ଗଳାକଟା ପ୍ରତିଯୋଗିତାପୂର୍ଣ୍ଣ ଓ ନିହାତି ଲଜ୍ଜାହୀନ, କଳୁଷତାପୂର୍ଣ୍ଣ ଓ ସ୍ୱାର୍ଥୀ ଶାଗୁଣାମୟ ପରିବେଶରେ ଜିଉଁଛୁ ।

**କେ ଜି. ଶଙ୍କର ପିଲାଇ,** ପ୍ରଖ୍ୟାତ କବି

ମହାପାତ୍ରଙ୍କ କବିତା ଶକ୍ତିର ଉତ୍ସ ହେଉଛି ତାଙ୍କର ଓଡ଼ିଶା । ଓଡ଼ିଶାର ମାଟି, ପାଣି, ପବନ ମହକ ହିଁ ମହାପାତ୍ରଙ୍କୁ ପ୍ରେରଣା ଯୋଗାଇ ଆସିଛି । କବିତା ଲେଖିବା ପାଇଁ ଏବଂ କବିତା ହିଁ ତାଙ୍କୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇ ପାରିଛି ।

**ଏସ୍.କେ ଦେଶାଇ,** ପ୍ରଖ୍ୟାତ ସମାଲୋଚକ

ମହାସାଗର ଓ ମହାଦେଶ ସେପାରିରୁ ଜୟନ୍ତଙ୍କ ନମ୍ର ଓ ଚିନ୍ତୋଦ୍ରେକାରୀ ପଦ୍ୟସମୂହ ଧୀର ସମୀରଣ ପରି ଭାସି ଆସି ମୋର କପାଳକୁ ଆଉଁଶି ଦିଏ ।

**ଥାନାସିସ୍ ଭାଲ୍‌ତୋନିସ୍,** ଏଥେନ୍ସ, ଗ୍ରୀସ୍

ଜୀବନର ଅଳ୍ପକିଛି ସମୃଦ୍ଧ ଓ ସଫଳ ଅଭିଜ୍ଞତା ମଧ୍ୟରେ ଓଡ଼ିଶାର କବି ଜୟନ୍ତ ମହାପାତ୍ରଙ୍କ ସହ ମୋର ସମ୍ପର୍କ ନିଆରା ।

**ଡକ୍ଟର ଆଲିସିଆ ମିରନ୍ଦା ହେଭିଆ,** କେନ୍ଦ୍ରୀୟ ଆମେରିକା

ଆମେ ଯେବେ କଥାବର୍ତ୍ତା ହେଲୁ, ମୋର ପ୍ରଥମ ଧାରଣା ହେଲା, ଏହି ମଣିଷ ଜଣକ ପ୍ରକୃତରେ ସ୍ୱର୍ଶକାତର, ସରଳ, ଓ ଦୟାର୍ଦ୍ରଚିତ୍ତ । ସମ୍ଭବତଃ ଏହି ଗୁଣରାଜି କେବଳ ମୋତେ ନୁହେଁ, ମୋ ପିଢ଼ିର ଅନ୍ୟସବୁ ମଣିଷଙ୍କୁ ଜୟନ୍ତଙ୍କ ପ୍ରତି ଆକର୍ଷିତ କରାଏ । ଜଣେ ଖୁବ୍ ସ୍ୱଚ୍ଛନ୍ଦରେ ତାଙ୍କ ସହ ମିଶିପାରେ ଓ କଥା ହୋଇପାରେ ବିନା ଦ୍ୱିଧାରେ । ସେ  ଜଣେ କବି କେବଳ ପଢ଼ିବା ପାଇଁ ନୁହେଁ, ଦେଖିବା ପାଇଁ ଓ ଅନୁଭୂତ ହେବା ପାଇଁ ମଧ୍ୟ । ପ୍ରକୃତରେ ଏକ ବିରଳ ପ୍ରତିଭା ।

**ଡକ୍ଟର ଏ. ଜୟପ୍ରଦା,** ସିକନ୍ଦରାବାଦ

ଜୟନ୍ତ ମହାପାତ୍ରଙ୍କ କବିତା ଭସ୍ମାବଶେଷରୁ, ପାଉଁଶରୁ, କବରସ୍ଥଳୀରୁ, ଶିଶୁର କ୍ଷୁଧାରୁ, ନାରୀର ଅସହାୟତାରୁ ଏବଂ ଜନ୍ମମାଟିର ଦରିଦ୍ର ଓ ନିଗୃହୀତମାନଙ୍କ ଚେତନାରୁ ଉତୁରି ଆସୁଥିବା ପାହାନ୍ତି, ବାସ୍ତବରେ ତାହା ସାରା ଦେଶର ।

**ଡକ୍ଟର ଅଞ୍ଜନା ନାଏର ଦେବ୍,** ଦିଲ୍ଲୀ ବିଶ୍ୱବିଦ୍ୟାଳୟ



ଇଂରାଜୀରେ ଲେଖୁଥିବା ଭାରତୀୟ କବିମାନଙ୍କ ମଧ୍ୟରେ ଜୟନ୍ତ ମହାପାତ୍ର ଜଣେ ଉତ୍ତୁଙ୍ଗ ପ୍ରତିମାନ । + + + ସମ୍ଭବତଃ ସେ ହେଉଛନ୍ତି ବିଦେଶୀ ସାହିତ୍ୟ ପତ୍ରିକାର ସବୁଠୁ ଅଧିକ ପ୍ରକାଶିତ ଭାରତୀୟ ଇଂରାଜୀ କବି । ସାହିତ୍ୟପତ୍ର ଓ ସମୀକ୍ଷକମାନଙ୍କ ଦ୍ୱାରା ତାଙ୍କର କାବ୍ୟିକ ଅବଦାନ ସ୍ୱୀକୃତ ହୋଇଛି ।

**ସୀତାକାନ୍ତ ମହାପାତ୍ର,** ପ୍ରଖ୍ୟାତ ଓଡ଼ିଆ କବି

ଆଖିର ତାରା ପରି ଦୁଇ ଛଳଛଳ ପାପୁଲି ଭିତରେ ଆଞ୍ଜୁଳାଏ ପ୍ରେମର ସହର... 'କଟକ' । ସେଇ ସହରରେ ଆବେଗଭରା ହୃଦୟତାର ସ୍ପନ୍ଦନ ହୁଏ 'ତିନିକୋଣିଆ ବଗିଚା' । କୋଟିଏ ଆଖିର ତାରା ପରି ସେଇଠି ରହନ୍ତି ଗୋଟିଏ 'କବି' । ଶିଶୁର ଦରୋଟି ହସ, ସରଳତାର ସୂକ୍ଷ୍ମ ତାରକସି ଓ କବିପଣର ତୁଙ୍ଗ ସ୍ୱାଭିମାନରେ ତିଆରି ବିଶ୍ୱମଣିଷର ଅସ୍ମିତା ସେ... ।



ତାଙ୍କୁ ନେଇ ମୋର କି ଗର୍ବ! ଭରପୂର ହେବାର କି ଅହଙ୍କାର! ସ୍ନେହର କି ସାର୍ଥକତା! ତାଙ୍କର ବିଶ୍ୱବିଦିତ ଅସ୍ତିତ୍ୱର କେଉଁ କୋଣରେ ମୁଁ ବି ପରିଚିତ ବିନ୍ଦୁଟିଏ ବୋଲି କେତେ ପୂର୍ଣ୍ଣତା ମୋର! ସେ ମୋ ମାଟିର, ମୋ ଭାଷାର, ମୋ ଭାବପ୍ରବଣତାର ପ୍ରିୟ କବି, କବି ଜୟନ୍ତ ମହାପାତ୍ର ।

ଥାଉ ମୋ କବି; ରୋଗ, ଶୋକ, ମୃତ୍ୟୁକୁ ଜୟ କୋଟି ପରମାୟୁର 'ଜୟନ୍ତ' ହୋଇ ଥାଉ ଚିରକାଳ ।

**ଡକ୍ଟର ଅପର୍ଣ୍ଣା ମହାନ୍ତି,** ବିଶିଷ୍ଟ ଓଡ଼ିଆ କବି

ଯାଦୁର ଏକ ନାଁ ଜୟନ୍ତ ମହାପାତ୍ର ବିଶ୍ୱସ୍ତରର ଜଣେ  ପ୍ରସିଦ୍ଧ କବି ହିସାବରେ ଆମର ଗର୍ବ ।



ତାଙ୍କର ଶିଶୁସୁଲଭ ଭାବ, ମନ, ଖୁବ୍ ସାନସାନ କଥାରେ, ଜିନିଷରେ ଖୁସିରେ ବିଭୋର୍ ହୋଇଯାଉଥିବା ବ୍ୟକ୍ତିତ୍ୱ ମୋତେ ମୁଗ୍ଧ କରିଛି । ତରୁଣ କବିମାନଙ୍କର ସିଏ ପ୍ରେରଣାର ଉତ୍ସ । ସରଳ ଓ ନିରହଙ୍କାରୀ ମଣିଷ । ସାର୍ ଓ ରୁନୁ ଅପା (ତାଙ୍କ ପତ୍ନୀ) ସହ ତାଙ୍କର ତିନିକୋଣିଆ ବଗିଚା ଘରେ ମୋର ଅନେକ ସମୟ ବିତିଛି । ଥରେ କେମିତି ମୋତେ ଓ ରୁନୁ ଅପାଙ୍କୁ ବିଶ୍ୱପ୍ରସିଦ୍ଧ କବିଙ୍କର ଅନେକ କବିତା ରାତି ଦୁଇଟା ଯାଏ ଶୁଣେଇଥିଲେ । ସାର୍‌ଙ୍କ ତୀକ୍ଷ୍ଣ ସ୍ମରଣଶକ୍ତି କଥା ଭାବି ମୁଁ ଆଶ୍ଚର୍ଯ୍ୟ ହୁଏ । ଜୟନ୍ତ ମହାପାତ୍ର ଏଇ ନାଁରେ ଗୋଟେ ଯାଦୁ ଅଛି, ଯାହା ତାଙ୍କ ପାଖକୁ ଆମ ପରି ମୁଗ୍ଧ ପାଠକଙ୍କୁ ଟାଣିନିଏ ।

**ପ୍ରବାସିନୀ ମହାକୁଡ଼,** ବିଶିଷ୍ଟ ଓଡ଼ିଆ କବି



ସମ୍ବେଦନଶୀଳତାର ଅବତାର ଜୟନ୍ତ ମହାପାତ୍ରଙ୍କ କବିତାରେ ବାସ୍ତବିକତା ସମ୍ପୂର୍ଣ୍ଣ ଭାବେ ପ୍ରସ୍ଫୁଟିତ । ଉପର ଠାଉରିଆ ହିସାବରେ ସେ କୌଣସି ଜିନିଷକୁ ଗ୍ରହଣ କରନ୍ତି ନାହିଁ । ସେ ବୃଥା ତତ୍ତ୍ୱରେ ଘାଣ୍ଟି ହେବା ମାନସିକତାରେ ଜମାରୁ ନାହାନ୍ତି । ସମ୍ଭବତଃ ଏ ବାସ୍ତବବାଦୀ ଗୁଣ ହେତୁ ମଣିଷକୁ, ସମାଜକୁ, ଜୀବନକୁ ସେ ଠିକ୍ ବୁଝି ପାରିଛନ୍ତି ଏବଂ ତଦ୍ ଅନୁଯାୟୀ ସମ୍ବେଦନଶୀଳ ଅଟନ୍ତି । ତାଙ୍କ କବିତାକୁ ପଢ଼ିଲେ ଲାଗିବ ଯେମିତି ସିଏ ଦାୟବଦ୍ଧତା ପାଇଁ ହିଁ ସମର୍ପିତ, ଯାହାକି ଗୋଟିଏ ସଚ୍ଚା କବି ପାଖରେ ଭରପୂର ହୋଇ ରହିବା କଥା ବୋଧହୁଏ ।

**ବାସୁଦେବ ସୁନାନୀ,** ବିଶିଷ୍ଟ ଓଡ଼ିଆ କବି



ଜୟନ୍ତ ଜିନ୍ଦାବାଦ, ଓଡ଼ିଆ କବିତାର ଏକ ଜୀବନ୍ତ କିମ୍ବଦନ୍ତୀ ଜୟନ୍ତ ମହାପାତ୍ର । ମଣିଷ ପରି ମଣିଷ । ଜଣେ ମଣିଷ ନ ହେଲେ ସେ ବା କି କବି ଯେ? ମୋର ଅହୋଭାଗ୍ୟ ଯେ ମୁଁ ଜୟନ୍ତ ମହାପାତ୍ରଙ୍କୁ ଦେଖିଛି, ତାଙ୍କୁ ଛୁଇଁଛି, ତାଙ୍କୁ ଶୁଣିଛି, ତାଙ୍କ ଘରକୁ ଯାଇଛି, ତାଙ୍କ ଇଂରେଜୀ କବିତାର ଓଡ଼ିଆ ଅନୁବାଦ କରିଛି । ମୋତେ ଲାଗେ, ଜୟନ୍ତ ମହାପାତ୍ର କବି ଭାବେ ନିଜେ ହିଁ ନିଜର ଉଦାହରଣ, ଶହେ ପ୍ରତିଶତ କବି । ତାଙ୍କୁ ଭେଟିଲେ, ତାଙ୍କ ସହ କିଛି ସମୟ ବିତେଇଲେ ଆପଣଙ୍କୁ ଲାଗିବ ଯେମିତି ଆପଣ ଜଣେ ଜୀବନ୍ତ କବିତାକୁ ଭେଟୁଛନ୍ତି, ସେତକ ହିଁ ପ୍ରାପ୍ତି, ଆନନ୍ଦ ।

ଓଡ଼ିଆ କବି ଭାବେ ନିଜ ପରିବାର ସହ, ନିଜ ଐତିହ୍ୟ, ସଂସ୍କୃତି ଆଉ ଇତିହାସ ସହ ନିଜକୁ ଯୋଡ଼ିବାର ପବିତ୍ର ସାହସ କେବଳ ଏ ସମୟରେ ଜୟନ୍ତ ମହାପାତ୍ର ହିଁ କରିଛନ୍ତି । ସାଧାରଣ ମଣିଷର ଇତିହାସ ହିଁ ଜୟନ୍ତ ମହାପାତ୍ରଙ୍କ କବିତା, ସେ ମଣିଷ ପୁଣି ମଳିମୁଣ୍ଡିଆ, କୋଣାର୍କ-ଗଢ଼ାଳି ଓଡ଼ିଆ ଓ ବିଶ୍ୱସ୍ତରୀୟ । ସେହି ଓଡ଼ିଆର ଅନ୍ୱେଷଣ ଏ ଯାଏ କରି ଚାଲିଛନ୍ତି ଏ କବି । କମ୍ କଥା ନୁହେଁ । ମୋର ସୌଭାଗ୍ୟ ଯେ ମୁଁ ଜୟନ୍ତ ମହାପାତ୍ରଙ୍କ ବହୁଚର୍ଚ୍ଚିତ କାବ୍ୟ 'ରିଲେସନସିପ୍'ର ଓଡ଼ିଆ ଅନୁବାଦ କରିଛି । ଜୟନ୍ତ ମହପାତ୍ର ମୋ ପାଇଁ କବି ନୁହନ୍ତି, ସେ ସେଇ ବେଦୁଇନ୍, ଯିଏ ଖେଦି ବୁଲୁଛି ସାରା ଓଡ଼ିଶା ।

**ଭାରତ ମାଝୀ,** ବିଶିଷ୍ଟ ଓଡ଼ିଆ କବି

# ଖୋଳତାଡ଼
## ଜୟନ୍ତ ମହାପାତ୍ର

ରାଜୁ ମୋର ନାଁ
ହଁ, ରାଜୁ । ଖାଲି ରାଜୁ ।
ସାଙ୍ଗିଆ ? ସାଙ୍ଗିଆ ନେଇ କ'ଣ ଅଛି ?
ପଚାରୁଛ ଯଦି, ହଉ ଲେଖିଦିଅ କିଛି...
ସାମଲ, ଡମ, ବେହେରା, ଯାହା କିଛି ଇଚ୍ଛା ତମର
କ'ଣ ମହାପାତ୍ର ଲେଖିଦେଲେ କିଛି ବଦଳିଯିବ
ନା ପଟ୍ଟନାୟକ, ବା ତ୍ରିପାଠୀ ?

ଘର ?
ହଁ, କ୍ୟାପିଟାଲ୍ ସିନେମା ପଛପଟେ
ପୋଖରୀ କଡ଼ରେ, ହାଡ଼ି ସାହିରେ
ପଚାମାଛ ଯୋଉଠି ବିକ୍ରି ହୁଏ ନା, ସେଇଠି ।
ମୁନିସିପାଲଟିର ନଳ ପାଖରେ
ରାଜୁ କହିଲେ ସମସ୍ତେ ଜାଣିବେ

କେବେଠୁ ଏଇଠି ଅଛି ?
ସବୁବେଳେ ତ ଏଇଠି ।
ବାବା, ଏଇଠି, ସେ ବି କେବେଠୁଁ ଗଲାଣି
ମା'କୁ ମନେ ନାଇ ଆଉ
କେବଳ ପିଉସୀ ଗୋଟିଏ, ସୀତା ନାଁ ଥିଲା ତା'ର
ସେ ବି ଏ ଗଲା ପୂନେଇଁ ରାତିରେ ଚାଲିଗଲା
ଗୋଡ଼ ଦୁଇଟି ଫୁଲି ଫୁଲି ଏଡ଼େ ଏଡ଼େ
ସେ ବଞ୍ଚିରହି କ'ଣ କରିଥାଆନ୍ତା ?
ଗଲା ଭଲା ହେଲା
ହଁ, ପିଲା ମୋର ଚାରୋଟି ।
ଆଉ ଗୋଟିଏ ହବ ଆର ବଇଶାଖକୁ ।
ଭାରିଜା ଗୋଟିଏ,  ଏତିକି ।
ଝିଅ ଦୁଇଟି ବଡ଼
ହଁ, ସ୍କୁଲରେ ନାଁ ଲେଖେଇଚି ସତ
ଯା'ନ୍ତି କେବେକେବେ
ପଢ଼ିଲେ ତ ଭଲ
ତେବେ ଦେଖ କ'ଣ ଅଛି ସେମାନଙ୍କ ଭାଗ୍ୟରେ

ସୁଇପର୍ ମୁଁ
ରାସ୍ତା ନର୍ଦ୍ଦମାର ମଇଳାରେ
ଘୁଅ ଗୋବରରେ ମୋର କାମ
ସେ ଘୁଅ ଚୁପୁଡ଼ିଲେ ମୋ ପିଲାଙ୍କ ଭାତ ବାହାରେ
ଓ ନର୍ଦ୍ଦମା ପଙ୍କରୁ ପଢ଼ା ସିଲେଟ ଖଡ଼ି

ସବୁଠୁ ଭଲ ହବ
ଲେଖିଦିଅ ରାଜୁ ସୁଇପର୍
ସେତିକି ଯଥେଷ୍ଟ
କାମ ମୋର ଆଉ କିଛି ନାଇଁ
କାହା ସାଙ୍ଗେ କ'ଣ ବା ଯାଏ ଆସେ ?
ଦିନର କାମ ସରିଗଲେ




ଯୋଗିଆ ଦୋକାନକୁ, ବାସ୍
ଥରେ ଥରେ ଯୋଗିଆ ଦୋକାନ ବନ୍ଦ ଥିଲେ
ଜାନକୀ ଅମ୍ମାର ଚାଳିଆର ଅନ୍ଧାରିଆ ପଛକୁ
ଆଉ କାହା ସଙ୍ଗେ କ'ଣ ଅଛି ?
ନିଦ ଟିକେ ଦରକାର ରାତିରେ ।
କାହାଠୁଁ କିଛି ନିଏ ନାଇଁ କି ଦିଏ ନାଇଁ
କାହାର କିଛି ଲୋଭ କରେ ନାଇଁ
କି ଚୋରି କରେ ନାଇଁ
କେବେ କେବେ ହଁ
କିଏ ସାଇକୁ ଭିଡିଓଟି ଆଣିଲେ
ଟିକେ ଶ୍ରୀଦେବୀ ଆଡ଼କୁ ମନ ପଳାଏ
ସେତିକି ।

ଆଉ ବୟସ ?
ବୟସ ପୁଣି କ'ଣ ?
ଗୋଟିଏ ତ ଜନମ, ଗୋଟିଏ ମରଣ
ସେତିକି
ପୁଣି ବୟସ ପଚାରୁଛ କ'ଣ ?
ହଁ, ରାଜୁ ଲେଖିଲ ତ ?
ଖାଲି ରାଜୁ । ଆଉ କିଛି ଦରକାର ନାଇଁ ।
ଖରା ବର୍ଷା ଶୀତ, ଖାଲି ରାଜୁ
ଭୋକର ଓଢ଼ଣା ଖସିଲେ ରାଜୁ
ନ ଖସିଲେ ବି ରାଜୁ
ଖାଲି ରାଜୁ ।

**('ବଳି' କବିତା ପୁସ୍ତକରୁ ସଂଗୃହୀତ)**



# ବର୍ଲିନ୍‌ର



# ବିବିଧତା

# ସହରର ନାଁ ବର୍ଲିନ୍


**ସୌରଭ ରଞ୍ଜନ ମହାପାତ୍ର**

ଏଲ୍‌ଜାସ୍ ଷ୍ଟ୍ରାସେ ୧୦, ଆଖେନ୍, ଜର୍ମାନୀ
ଫୋନ : +୪୯୧୭୬୨୨୬୭୬୩୬୯


ଫଟୋ ସୌଜନ୍ୟ : ଲେଖକ




ବର୍ଲିନ୍ କେବଳ ଏକ ସହର ନୁହେଁ । ବର୍ଲିନ୍ ବିଶ୍ୱ ଇତିହାସର ଏମିତି ଏକ ପୃଷ୍ଠା ଯାହାକୁ ଏତେ ସହଜରେ ଏଡ଼ାଇ ଯାଇ ହେବନି । ଏଇ ସହରରେ ଠିଆ ହେଇ ହେଇ ମାପିହେବ ପାପ ଆଉ ପୁଣ୍ୟର ଉଚ୍ଚତା, ଲୁହ ଆଉ ହସର ଦୂରତା, ସୃଜନ ଆଉ ଧ୍ୱଂସର ମାଦକତା ।

ଯେଉଁଠି ଦିନେ ଆଇନଷ୍ଟାଇନ ଆଉ ମ୍ୟାକ୍ସ ପ୍ଲାଙ୍କ୍‌ଙ୍କ ଭଳି ବିଖ୍ୟାତ ବୈଜ୍ଞାନିକମାନେ ପଦାର୍ଥ ବିଜ୍ଞାନରେ ଚମତ୍କାର ଆବିଷ୍କାର ସବୁ କରୁଥିଲେ, ସେଇଠି ସେଇ ସହରରେ ନାଜିମାନେ ଧ୍ୱଂସ ପରେ ଧ୍ୱଂସ କରି ଚାଲୁଥିଲେ । ଯେଉଁଠି ଦିନେ ପ୍ରେମ ଆଉ ପରିବାରର ଠୋ ଠୋ ହସ ଫୁଟି ଉଠିଥିଲା, ସେଇଠି ଠିଆ କରାଯାଇଥିଲା ବିଭାଜନର ବର୍ଲିନ୍ ପ୍ରାଚୀର । ଆଜି ଆସନ୍ତୁ ବୁଲିଯିବା ସେମିତି ଏକ ସହରକୁ ।

## ବ୍ରାଣ୍ଡେନ୍‌ବର୍ଗ ଫାଟକ

ପ୍ରଥମେ ସହରର ଏକ ସୁନ୍ଦର ଦ୍ୱାର ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ, ସେଇ ଗେଟ୍‌ର ନାଁ ହେଉଛି 'ବ୍ରାଣ୍ଡେନ୍‌ବର୍ଗର ଟୋର୍' ବା 'ବ୍ରାଣ୍ଡେନବର୍ଗ ଫାଟକ' । କୌଣସି ଯାତ୍ରୀ ଆସିଲେ ପ୍ରଥମେ ଏଇଠି ଅଟକି ଯାନ୍ତି ଆଉ ଲାଗି ପଡ଼ନ୍ତି ଫଟୋ ଡୋଳିବାରେ । ଏଇ ଗେଟ୍‌ଟି ଏକ ନିଓକ୍ଲାସିକାଲ୍ ସ୍ଥାପତ୍ୟ, ନିଓକ୍ଲାସିକାଲ୍ ସ୍ଥାପତ୍ୟ ହେଉଛି ନିଓକ୍ଲାସିକାଲ୍ ଆନ୍ଦୋଳନ ଦ୍ୱାରା ଉତ୍ପାଦିତ ଏକ ସ୍ଥାପତ୍ୟ ଶୈଳୀ ଯାହା ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ଇଟାଲି ଏବଂ ଫ୍ରାନ୍ସରେ ଆରମ୍ଭ ହୋଇଥିଲା । ପରେ ପାଶ୍ଚାତ୍ୟ ଜଗତର ଏକ ପ୍ରତିଷ୍ଠିତ ତଥା ପ୍ରତୀକାତ୍ମକ ସ୍ଥାପତ୍ୟ ଶୈଳୀରେ ପରିଣତ ହୋଇଥିଲା । ବ୍ରାଣ୍ଡେନ୍‌ବର୍ଗ ଫାଟକ ସବୁବେଳେ ପ୍ରମୁଖ ଉଭୟ ଶାନ୍ତ ଓ ଅଶାନ୍ତ ଐତିହାସିକ ଘଟଣାଗୁଡ଼ିକରେ ଏକ ସ୍ଥାନ ପାଇଥିଲା । କିନ୍ତୁ ଆଜି ୟୁରୋପୀୟ ଏକତା ଏବଂ ଶାନ୍ତିର ପ୍ରତୀକ ଭାବରେ ମଧ୍ୟ ବିବେଚନା କରାଯାଏ ।

ଏହି ଫାଟକ ଉପରେ ଥିବା ଚାରିଟି ଘୋଡ଼ା ବିଶିଷ୍ଟ ରଥକୁ 'କ୍ୱାଡ୍ରିଗା' କୁହାଯାଏ । ଏହି ରଥକୁ ଜଣେ ଦେବୀ ଚଳାଉଛନ୍ତି ଯେ ହେଉଛନ୍ତି ଭିକ୍ଟୋରିଆ । ୟେନା-ଆଓ୍ୱାର୍‌ଷ୍ଟେଡ୍ ଯୁଦ୍ଧରେ ୧୮୦୬ ପ୍ରୁସିଆନ୍ ପରାଜୟ ପରେ, ନେପୋଲିଆନ୍ ପ୍ରଥମେ ବ୍ରାଣ୍ଡେନ୍‌ବର୍ଗ ଗେଟ୍‌କୁ ଏକ ବିଜୟ ଶୋଭାଯାତ୍ରାରେ ବ୍ୟବହାର କରିଥିଲେ ଏବଂ ଏହାର 'କ୍ୱାଡ୍ରିଗା' ପ୍ୟାରିସ୍‌କୁ ନେଇଥିଲେ ।

ଦୀର୍ଘ ୮ ବର୍ଷ ପ୍ୟାରିସ୍‌ରେ ରହିଲା ପରେ ୧୮୧୪ରେ ନାପୋଲିଅନଙ୍କ ପରାଜୟ ଅନ୍ତେ କ୍ୱାଡ୍ରିଗା ବର୍ଲିନ୍‌କୁ ଅଣାଯାଇଥିଲା ଏବଂ ତାର ପୁନଃସ୍ଥାପନ ହେଲା । ଯେହେତୁ ଏହା ପ୍ୟାରିସ୍‌ରୁ ପୁଣି ଉଦ୍ଧାର କରାଯାଇଥିଲା ତେଣୁ ଏଇ ବ୍ରାଣ୍ଡେନ୍‌ବର୍ଗ ଗେଟ୍ ଯେଉଁ ସ୍ଥାନରେ ଅଛି ସେଇ ଛକର ନାମକୁ ପ୍ୟାରିସ୍‌ର ପ୍ଲାଟଜ୍ ବା 'ପ୍ୟାରିସ୍‌ର ଛକ' ବୋଲି ନାମକରଣ କରାଯାଇଛି । ଏଇ ଗେଟ୍‌ଟି ଯାହା ଆଜି ଏତେ ଆକର୍ଷଣୀୟ ଆଉ ସୁନ୍ଦର ଦିଶୁଛି, ସବୁବେଳେ କିନ୍ତୁ ଏମିତି ନଥିଲା । ଏହା



◀ ଲେଖକ ସୌରଭ ରଞ୍ଜନ ମହାପାତ୍ର

ଉପରେ ଅନେକ ଥର ଆକ୍ରମଣ ହେଇ ଭଙ୍ଗା ଯାଇଛି । କିନ୍ତୁ ପର ମୁହୂର୍ତ୍ତରେ ପୁଣି ଥରେ ତାକୁ ସୌନ୍ଦର୍ଯ୍ୟକରଣ କରାଯାଇଛି । ରାଜା ହୁଅନ୍ତୁ ବା ସରକାର, କେହି କଣ ନିଜ ପ୍ରବେଶପଥଟିକୁ ଅସୁନ୍ଦର କରି ଛାଡ଼ି ଦେଇପାରେ ?


ଏହି ଫାଟକ ପରେ ଆସନ୍ତୁ ନଜର ପକାଇବା ଅନ୍ୟ ଏକ ମୁଖ୍ୟ ଆକର୍ଷଣ ଉପରେ ଯାହା କୌଣସି ଟୁରିଷ୍ଟଙ୍କ ପାଇଁ ଏକ ଲୋମହର୍ଷଣକାରୀ ଦୃଶ୍ୟ ହେଇପାରେ । ଲୋମହର୍ଷଣକାରୀ କହିବାର କାରଣ ହେଲା ଏହା ଇତିହାସର ଏମିତି ଏକ ଘଟଣାକୁ ମନେ ପକାଏ ଯାହା ଚିନ୍ତା କଲେ ବି ଛାତି ଧଡ଼୍‌କିଯାଏ । ଜର୍ମାନୀ କହିଲେ ହିଟ୍‌ଲରଙ୍କ ନା ମନେପଡ଼େ ଆଉ ହିଟ୍‌ଲର୍ କହିଲେ ନାଜି ପାର୍ଟି ତଥା ତାଙ୍କର ଇହୁଦୀମାନଙ୍କ ପ୍ରତି ଅତ୍ୟାଚାର ଓ ଗଣହତ୍ୟାର କଥା ମନେପଡ଼େ । ଯଦିଓ ଆଜି ଜର୍ମାନୀ ସେଇ ବର୍ବରତାରୁ ମୁକ୍ତି ପାଇଛି ଏବଂ ସମସ୍ତ ବର୍ଗର ଲୋକମାନଙ୍କୁ କୋଳେଇ ନେଇଛି କିନ୍ତୁ ଇତିହାସକୁ କେହି କଣ ଲିଭେଇ ଦେଇପାରେ ! ସେ କଳା ଫର୍ଦ୍ଦ ହେଲେ ବି ସେମିତି ରହିଥାଏ ଆଉ ଆମକୁ ମନେ ପକାଉଥାଏ । ସେଇ ଇହୁଦୀମାନଙ୍କ ଗଣହତ୍ୟାକୁ ନେଇ ଏକ ମେମୋରିଆଲ୍ ବା ସ୍ମୃତି ସ୍ଥାନ ତିଆରି କରାଯାଇଛି ଠିକ୍ ସହର ମଝିରେ । ଏହା ଏକ ପ୍ରଶଂସନୀୟ କାମ । କାରଣ, ଆମେ ଇତିହାସର କଳା ଫର୍ଦ୍ଦଟିକୁ ସାଧାରଣ ଭାବେ ଦେଖେଇବାକୁ ପସନ୍ଦ କରୁନା, ତାକୁ ଘୋଡ଼େଇ ଦେଇ କେବଳ ଭଲ ଘଟଣାଗୁଡ଼ିକ ଦେଖେଇଥାଉ । ଜର୍ମାନ୍ ସରାକର ଚାହିଁଥିଲେ ଏଇ ଇହୁଦୀମାନଙ୍କ ଗଣହତ୍ୟାକୁ ଘୋଡ଼େଇବାକୁ ଚେଷ୍ଟା କରିପାରିଥାନ୍ତେ । କିଛି ନହେଲେ ଏହାକୁ ସର୍ବସାଧାରଣରେ ଦେଖେଇବାର ଅନ୍ତତଃ ପ୍ରୟାସ ତ କରିନଥାନ୍ତେ । କିନ୍ତୁ ବଡ଼ କଥା ଏଇଆ ଯେ ଏହି ବର୍ବରତାକୁ ମାନି ନବା ସହ ନିଜ ରାଜଧାନୀର ମଝିରେ ରଖିଛନ୍ତି । ଅର୍ଥାତ୍ ସେ ଏହି ଘଟଣା ଘଟିଥିବାର କଥାକୁ ସ୍ୱୀକାର କରିବା ସହ ଏଥିପ୍ରତି ତାଙ୍କର ଦୁଃଖ ପ୍ରକାଶ କରିବାକୁ ଚାହାନ୍ତି ।

୧୯୯୯ରେ ଦୀର୍ଘ ବିତର୍କ ପରେ, ଜର୍ମାନ ସଂସଦ ଏକ କେନ୍ଦ୍ରୀୟ ସ୍ମୃତି ସ୍ଥାନ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲା । ଏହାକୁ ଡିଜାଇନ୍ କରିବାକୁ ପ୍ରତିଯୋଗିତାରେ ନ୍ୟୁୟର୍କର ଆର୍କିଟେକ୍ଟ ପିଟର୍ ଆଇଜେନ୍‌ମ୍ୟାନ୍ ଜିତିଥିଲେ । ପରେ ୨୦୦୫ରେ ଏହି ସ୍ମାରକୀ ଆନୁଷ୍ଠାନିକ ଭାବରେ ଖୋଲା ଯାଇଥିଲା ।

୧୯,୦୦୦ ବର୍ଗ ମିଟର ବିଶିଷ୍ଟ ଏକ ସ୍ଥାନରେ, ଆଇଜେନ୍‌ମ୍ୟାନ୍ ବିଭିନ୍ନ ଉଚ୍ଚତାର ୨୭୧୧ କଂକ୍ରିଟ୍ ସ୍ଲାବ୍ ରଖିଥିଲେ । କ୍ଷେତ୍ରଟି ଦିନରାତି ଖୋଲିଥାଏ ଏବଂ ଚାରି ପାର୍ଶ୍ୱରୁ ପ୍ରବେଶ କରିହୁଏ । ଏଥିପାଇଁ କିଛି ପ୍ରବେଶ ଦେୟ ମଧ୍ୟ ନାହିଁ । ସ୍ମାରକଟି ସାମାନ୍ୟ ଢଳିକି ଅଛି । ଯେଉଁଠି ଠିଆ ହେଲେ ମଧ୍ୟ ଏହା ଏକ କଂକ୍ରିଟ୍ ସ୍ଲାବର ତରଙ୍ଗ ପରି ଦିଶେ । ଅସମାନ କଂକ୍ରିଟ୍ ଚଟାଣ ଅନେକ ପରିଦର୍ଶକଙ୍କୁ ଏକ ଅନିଶ୍ଚିତତାର ମୁହୂର୍ତ୍ତ ମନେ ପକେଇ ଦେଇଥାଏ । ସ୍ଥାପନର ଆକାରରେ ଏକ କେନ୍ଦ୍ରୀୟ ବିନ୍ଦୁର ଅଭାବ ଏକ ସ୍ମୃତିର ପାରମ୍ପରିକ ଧାରଣାକୁ ପ୍ରଶ୍ନ କରେ । ସ୍ମାରକ ତଳେ ସୂଚନା କେନ୍ଦ୍ର ଅଛି, ଯାହା ଥିମ୍ ରୁମ୍‌ରେ ନାଜି ଯୁଗର ଅପରାଧକୁ ଦଲିଲ୍ କରାଯାଇଛି ।

## ବର୍ଲିନ୍ ପ୍ରାଚୀର

ପୃଥିବୀରେ ଘଟିଥିବା ଅନେକ ବିଭାଜନ ଭିତରେ ବର୍ଲିନ୍ ପ୍ରାଚୀର ଏକ ଅନ୍ୟତମ ବିଷୟ । ସବୁଠୁ ଖୁସିର କଥା ଏଇଆ ଯେ ଆଜି ସେ ପ୍ରାଚୀର ମାଟିରେ ମିଶି ଯାଇଛି ଆଉ ବିଭାଜନଟି ଲୋପ ପାଇଛି । ବର୍ଲିନ୍ ସହର ବୁଲିଲା ବେଳେ ଦୁଇଟି ଧାଡ଼ିରେ ସଜା ହୋଇଥିବା ପଥର ଲକ୍ଷ୍ୟ କରିହୁଏ । ଏଇ ଦୁଇ ଧାଡ଼ିର ପଥର ହେଉଚି, ଯେଉଁଠାରେ ଦିନେ ବର୍ଲିନ୍ ପ୍ରାଚୀର ଥରେ ଠିଆ ହେଇଥିଲା । ପ୍ରାଚୀରଟି ଏକ କଂକ୍ରିଟ୍ ପ୍ରତିବନ୍ଧକ ଯାହା ପୂର୍ବ ବର୍ଲିନ୍ ଏବଂ ପୂର୍ବ ଜର୍ମାନୀରୁ ପଶ୍ଚିମ ବର୍ଲିନ୍‌କୁ ବିଭାଜିତ କରିଥିଲା । ହଁ, ଏବେ ଯଦିଓ ସେ ବିଭାଜନ ଆଉ ନାହିଁ ଏବଂ ସହରଟି ପୁନଃ ମିଳିତ ହୋଇଛି । କିନ୍ତୁ ଏହାର ଅତୀତକୁ ଏତେ ସହଜରେ ଭୁଲି ହେବ ନାହିଁ । ପଥରର ଧାଡ଼ି ଗୁଡ଼ିକ ରଖିବାର ଅର୍ଥ ହେଉଛି ଯେ ତୁମେ ବୁଲିବା ସମୟରେ ଇତିହାସର ଏହି ଖଣ୍ଡଟି ତୁମର ଚେତନାରେ ଦୃଢ଼ ଭାବରେ ଆସିବ । ଥରେ ଚିନ୍ତା କରି ଦେଖନ୍ତୁ ଯଦି ଆପଣ ଏକ ଭ୍ରମଣ ବା କର୍ମରେ ପୂର୍ବ ଜର୍ମାନୀ ଯାଇଛନ୍ତି ଏବଂ ଆପଣଙ୍କ ପରିବାର ପଶ୍ଚିମ ଜର୍ମାନୀରେ ରହିଛି, ତେବେ ଆପଣଙ୍କ ଫେରିବା ସମୟ ହେଲା ବେଳକୁ ବର୍ଲିନ୍ ପ୍ରାଚୀର ଠିଆ ହେଇଯାଇଛି ଏବଂ ଆପଣ ଆଉ ଆପଣଙ୍କ ପରିବାରକୁ ଭେଟିବାର କିଛି ପ୍ରଶ୍ନ ନାହିଁ । ଯଦି ଆପଣ ଏହି ପ୍ରାଚୀର ଦେଇ ଯିବାକୁ ଚେଷ୍ଟା କରନ୍ତି ତେବେ ଗୁଳିଟିଏ ନେଇପାରନ୍ତି । ଆହା କି କଷ୍ଟକର ସେ ସମୟ





ହେଇଥିବ ?

ଅଗଷ୍ଟ ୧୩, ୧୯୬୧ର ରାତ୍ରିରେ ନିର୍ମିତ ହୋଇଥିବା ବର୍ଲିନ୍ ପ୍ରାଚୀର (ଜର୍ମାନୀରେ ବର୍ଲିନ୍‌ର ମାଉଅର୍ ଭାବରେ ଜଣାଶୁଣା) ଦୀର୍ଘ ୨୮ ବର୍ଷ ଧରି ରହିଥିଲା । ଶେଷରେ ଯେତେବେଳେ ନଭେମ୍ବର ୯,୧୯୮୯ରେ ବର୍ଲିନ୍ କାନ୍ଥ ଖସିଗଲା, ଏହାର ବିନାଶ ଏହାର ସୃଷ୍ଟି ପରି ତତ୍‌କ୍ଷଣାତ୍ ହୋଇଗଲା । ଅର୍ଥାତ୍ ଏହା ରାତାରାତି ତିଆରି ହୋଇଥିଲା ଏବଂ ରାତାରାତି ବିନାଶ ହୋଇଥିଲା । ବର୍ଲିନ୍ ପ୍ରାଚୀର ସୋଭିଏତ୍ ନେତୃତ୍ୱାଧୀନ କମ୍ୟୁନିଷ୍ଟ୍ ଏବଂ ପାଶ୍ଚାତ୍ୟର ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ଲୌହ ପରଦା ଥିଲା । ଯେତେବେଳେ ଏହା ପଡ଼ିଲା ସମଗ୍ର ବିଶ୍ୱରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା ।

ଆସନ୍ତୁ ଜାଣିବା କାହିଁକି ହେଇଥିଲା ଏମିତି ଏକ ବିଭାଜନ ଆଉ ତାର ଇତିହାସ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷରେ, ସହଯୋଗୀ ଶକ୍ତିମାନେ ଜର୍ମାନୀକୁ ଚାରିଟି ଜୋନ୍‌ରେ ବିଭକ୍ତ କଲେ । ଜୁଲାଇ ୧୯୪୫ ପୋଷ୍ଟ୍‌ଡାମ୍ ସମ୍ମିଳନୀରେ ସହମତି ଅନୁସାରେ ଏହି ଚାରିଟି ଜୋନ୍‌କୁ ଆମେରିକା, ଗ୍ରେଟ୍ ବ୍ରିଟେନ୍, ଫ୍ରାନ୍ସ ଓ ସୋଭିଏତ୍ ୟୁନିୟନ ଦଖଲ କରିଥିଲେ । ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ମଧ୍ୟ ସମାନ କାର୍ଯ୍ୟ କରାଯାଇଥିଲା । ପରେ ପରେ ସୋଭିଏତ୍ ୟୁନିଅନ୍ ଏବଂ ଅନ୍ୟ ତିନୋଟି ସହଯୋଗୀ ଶକ୍ତି ମଧ୍ୟରେ ସମ୍ପର୍କ ଶୀଘ୍ର ବିଚ୍ଛିନ୍ନ ହୋଇଗଲା । ଫଳସ୍ୱରୂପ, ଜର୍ମାନୀ ଦଖଲର ସହଯୋଗୀ ବାତାବରଣ ପ୍ରତିଯୋଗୀ ତଥା ଆକ୍ରମଣାତ୍ମକ ହୋଇଗଲା । ଜଣାଶୁଣା ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହେଲା ୧୯୪୮ ମସିହା ଜୁନ୍ ମାସରେ ବର୍ଲିନ୍ ଅବରୋଧ, ଯେଉଁଥିରେ ସୋଭିଏତ୍ ୟୁନିଅନ୍ ପଶ୍ଚିମ ବର୍ଲିନରେ ପହଞ୍ଚିବା ବନ୍ଦ କରି ଦେଇଥିଲା । ଯଦିଓ ଜର୍ମାନୀର ଏକ ପୁନର୍ମିଳନ ଉଦ୍ଦେଶ୍ୟ ଥିଲା । ସହଯୋଗୀ ଶକ୍ତିମାନଙ୍କ ମଧ୍ୟରେ ନୂତନ ସମ୍ପର୍କ ଜର୍ମାନୀକୁ ପଶ୍ଚିମ ବନାମ ପୂର୍ବ ଏବଂ ଗଣତନ୍ତ୍ର ବନାମ କୁମ୍ୟୁନିଜିମ୍‌ରେ ପରିଣତ କଲା ।



୧୯୪୯ ମସିହାରେ, ଆମେରିକା, ଗ୍ରେଟ୍ ବ୍ରିଟେନ୍ ଏବଂ ଫ୍ରାନ୍ସ ଦଖଲ କରିଥିବା ତିନୋଟି ଜୋନ୍ ମିଳିତ ହୋଇ ପଶ୍ଚିମ ଜର୍ମାନୀ (ଫେଡ଼େରାଲ୍ ରିପବ୍ଲିକ୍ ଅଫ୍ ଜର୍ମାନୀ, କିମ୍ବା ଏଫ୍‌ଆରଜି) ଗଠନ ପାଇଁ ଜମାନୀର ଏହି ନୂତନ ସଂଗଠନ ସରକାରୀ ହେଲା । ସୋଭିଏତ୍ ୟୁନିଅନ ଦ୍ୱାରା ଅଧିକୃତ ଜୋନ୍ ଶୀଘ୍ର ପୂର୍ବ ଜର୍ମାନୀ



(ଜର୍ମାନ ଡେମୋକ୍ରାଟିକ୍ ରିପବ୍ଲିକ୍, କିମ୍ବା ଜିଡିଆର୍) ଗଠନ କରି ଅନୁସରଣ କଲା ।

ପଶ୍ଚିମ ଏବଂ ପୂର୍ବ ସମାନ ବିଭାଜନ ବର୍ଲିନରେ ଘଟିଥିଲା । ଯେହେତୁ ବର୍ଲିନ୍ ସହରଟି ସୋଭିଏତ୍ ଜୋନ୍ ଅଫ୍ ଅକ୍ୟୁପେସନ୍ ମଧ୍ୟରେ ଅବସ୍ଥିତ ଥିଲା, ପଶ୍ଚିମ ବର୍ଲିନ୍ କମ୍ୟୁନିଷ୍ଟ ପୂର୍ବ ଜର୍ମାନୀ ମଧ୍ୟରେ ଗଣତନ୍ତ୍ରର ଏକ ଦ୍ୱୀପ ପାଲଟି ଗଲା । ଏମିତି ଅନେକ ଛୋଟ ବଡ଼ କାରଣରୁ ପୂର୍ବ ଓ ପଶ୍ଚିମ ଜର୍ମାନୀକୁ ଅଲଗା ହବାକୁ ପଡ଼ିଲା ଓ ଠିଆ ହେଲା ଏଇ କଂକ୍ରିଟ ଆଉ ଲୌହ ପ୍ରାଚୀର ।

## ଇଷ୍ଟ ସାଇଡ୍ ଗ୍ୟାଲେରୀ

ଇଷ୍ଟ ସାଇଡ୍ ଗ୍ୟାଲେରୀ ହେଉଛି ବର୍ଲିନ୍ କାନ୍ଥର ଦୀର୍ଘତମ ବଞ୍ଚିଥିବା ବିଭାଗ । ବର୍ଲିନ୍ ପରିକ୍ରମା ସମୟରେ ଏହାର ଦୃଶ୍ୟଟି ସବୁଠୁ ମନୋରମ । ଯେଉଁ ପ୍ରାଚୀରଟି ଦିନେ ବିଭାଜନର ପ୍ରତୀକ ଥିଲା ସେ ଆଜି ସଜେଇ ହେଇଚି ବିଭିନ୍ନ କଳା ଆଉ ଆକୃତିରେ । ଘୃଣାର ସବୁଠୁ ବଡ଼ ଉତ୍ତର ପ୍ରେମ ଆଉ କଳାତ୍ମକ ଭାବନା ପ୍ରେମକୁ ଜାବୁଡ଼ି ରଖେ ବୋଲି ଆଜି ବର୍ଲିନ୍ ପ୍ରାଚୀର ଆମକୁ ଜଣେଇ ଦେଉଛି । ୧୯୯୦ରେ, ୨୦ରୁ ଅଧିକ ଦେଶରୁ ୧୦୦ରୁ ଅଧିକ କଳାକର ସେମାନଙ୍କ କଳା କାରନାମା ସହିତ କାନ୍ଥର ଏହି ପ୍ରସାରଣକୁ ସଜାଇଥିଲେ । ସବୁଠାରୁ ପ୍ରସିଦ୍ଧ ହେଉଛି ରୁଷର ନେତା ଲିଓନିଡ଼ ବ୍ରେଜ୍ନେଭ୍ ଏବଂ ପୂର୍ବ ଜର୍ମାନୀର ଏସ.ଇ.ଡି.ପାର୍ଟି ଚେୟାର୍‌ମ୍ୟାନ୍ ଏରିକ୍ ହୋନେକର୍‌ଙ୍କ ମଧ୍ୟରେ ଏକ ଚୁମ୍ବନକୁ ଚିତ୍ରଣ କରି 'ଭ୍ରାତୃ ଚୁମ୍ବନ' ଭାବରେ ଜଣାଶୁଣା ।

## ହମ୍‌ବୋଲ୍ଟ ୟୁନିଭର୍ସିଟି

ଜର୍ମାନୀକୁ 'ଲ୍ୟାଣ୍ଡ ଅଫ୍ ଆଇଡିଆଜ୍' ବୋଲି କୁହାଯାଏ । ତେବେ ଏଇ ବାକ୍ୟଟିର ପ୍ରମାଣ ପାଇବାକୁ ଆମକୁ ଖୁବ୍ ବେଶୀ ପରିଶ୍ରମ କରିବାକୁ ପଡ଼ିବନି । ଯଦି ଆମେ ନଜର ପକେଇବା ପୃଥିବୀର ଅନ୍ୟତମ ବିଶ୍ୱବିଦ୍ୟାଳୟ ହମବୋଲ୍ଟ ୟୁନିଭର୍ସିଟି ଉପରେ । ଏହି ୟୁନିଭର୍ସିଟି ପରିଦର୍ଶନ ମୋ ପାଇଁ ଥିଲା ସବୁଠୁ ଆକର୍ଷଣୀୟ । ତେବେ ଏଇ ୨୧୦ ବର୍ଷ ପୁରୁଣା ୟୁନିଭର୍ସିଟିର ଅତି ଉଚ୍ଚ ଅଟ୍ଟାଳିକା ନାହିଁ କି ଖୁବ୍ ପ୍ରଶସ୍ତ କ୍ୟାମ୍ପିନ୍ କିମ୍ବା ବଗିଚା ନାହିଁ । ଏଇଟି ପ୍ରସିଦ୍ଧ ଲାଭ କରିଛି କେବଳ ତାର ଜ୍ଞାନ ଓ ଗାରିମା ପାଇଁ ଗୋଟିଏ କି ଯୋଡ଼ିଏ ନୁହେଁ ସର୍ବମୋଟ ୫୭ ଜଣ ନୋବେଲ୍ ପୁରସ୍କାର ବିଜେତା ବୈଜ୍ଞାନିକ ଏଇ ବିଶ୍ୱବିଦ୍ୟାଳୟରୁ ପାଇଛନ୍ତି, ମ୍ୟାକ୍‌ପ୍ଲାଙ୍କ, ସ୍କୋଡିଂଜର୍, ଆଇଷ୍ଟାଇନ୍ ଆମେ ଶୁଣିଥିବା ଅନ୍ୟତମ ନାଁ ମାନେ ବି ଏଇ ବିଶ୍ୱବିଦ୍ୟାଳୟର ଅଂଶ ଅଟନ୍ତି, ବିଶ୍ୱବିଦ୍ୟାଳୟଟି ସହରର ମୁଖ୍ୟ ମାର୍ଗରେ ଅବସ୍ଥିତ । ପାଖାପାଖି ୨୦୦ଟି ଡିଗ୍ରୀ କୋର୍ସ ସହ ଚାଳିଶ ହଜାର ପିଲାଙ୍କୁ ନେଇ ଏହି ବିଶ୍ୱବିଦ୍ୟାଳୟ ଜର୍ମାନୀର ଏକ ଅନ୍ୟତମ ମୁଖ୍ୟ ପ୍ରତିଷ୍ଠାନ ।



ବର୍ଲିନ୍‌କୁ କେବଳ ଏକ ଐତିହାସିକ ସହର କହିବା ଠିକ୍ ନୁହେଁ । ଏଇ ସହରରେ ରହିଛି ଆହୁରି ଅନେକ ଆକର୍ଷଣୀୟ ଜିନିଷ । ଖାଦ୍ୟ ପେୟ, ପୋଷାକ କିଣାକିଣି, ମନୋରଂଜନ ପାର୍କ ଇତ୍ୟାଦି ମଧ୍ୟ ବର୍ଲିନ୍‌ର ଅନ୍ୟତମ ଆକର୍ଷଣ । ଏଇ ସହର ସନ୍ଧ୍ୟାରେ ଆଲୋକମାଳାରେ ଚମକି ଉଠେ । ବିଭିନ୍ନ ଦେଶ ବିଦେଶର ଲୋକମାନେ ବିଭିନ୍ନ ପ୍ରକାର ପୋଷାକ ପିନ୍ଧିଥାନ୍ତି । ଏଇ ବିଭିନ୍ନତା ଏଇ ସହରକୁ ଏକ ଅନନ୍ୟ ପରିଚିତି ଦିଏ । ଯେଉଁ ସହର ଦିନେ ବିଭାଜନ, ଘୃଣା ଆଉ ନାଜିବାଦର ପେଣ୍ଠସ୍ଥଳୀ ଥିଲା ସେ ଆଜି ସାଜିଛି ପ୍ରେମ, କଳାତ୍ମକ ଭାବନା, ନିରପେକ୍ଷତା ଓ ବନ୍ଧୁତାର ସହର ।

# ହାଇଦ୍ରାବା



# ପର ହୀରା



# ଗୋଲ୍‌କୋଣ୍ଡା ଫୋର୍ଟ

**ଲକ୍ଷ୍ମୀପ୍ରିୟା ଓଝା**

ବି-୪୦୧, ଦି ଆଟ୍‌ଲାଣ୍ଟିକ୍, ଏସ୍‌ଆର୍‌ପି ଗ୍ରାଉଣ୍ଡ୍-୯ ପାଖ,
ମକରପୁରା ରୋଡ଼୍, ବରୋଦା, ଗୁଜରାଟ-୩୯୦୦୧୦
ଫୋନ:୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା



ଲେଖିକା ଲକ୍ଷ୍ମୀପ୍ରିୟା ଓଝା

କୋହିନୁର, ନୁର୍-ଉଲ୍-ଏଦିନ୍, ଦରିଆ-ଏ-ନୁର୍, ହୋପ୍ ଡାଇମଣ୍ଡ୍, ରିଜେଣ୍ଟ୍ ଡାଇମଣ୍ଡ୍ ସାରା ବିଶ୍ୱର ମୁକୁଟ ମଣ୍ଡନ କରୁଥିବା ଏହି ଅମୂଲ୍ୟ ହୀରା ସବୁ ଯେ ଦିନେ ଭାରତରେ ଥିଲା ଭାବିଲେ ବିଶ୍ୱାସ ହୁଏନି । ଏହିସବୁ ହୀରା ବାହାରିଥିଲା ଏବେକାର ଭାରତର ଦକ୍ଷିଣରେ ଥିବା ତେଲେଙ୍ଗାନା ରାଜ୍ୟର କୋଲୁର୍ ମାଇନ୍ସରୁ । ଗୋଲ୍‌କୋଣ୍ଡା ସହରରେ କଟିଙ୍ଗ୍ ଓ ପାଲିସ୍ ହୋଇ ରପ୍ତାନୀ ହେଉଥିଲା ଗୋଲ୍‌କୋଣ୍ଡା ଫୋର୍ଟ ଭିତରୁ । ଗୋଲ୍‌କୋଣ୍ଡା ଥିଲା ପ୍ରାଚୀନ କାଳରେ ବିଶ୍ୱର ଏକମାତ୍ର ହୀରା ଉତ୍ପାଦନ ଆଉ ରପ୍ତାନୀର କେନ୍ଦ୍ର । ହାଇଦ୍ରାବାଦ ଟୁର୍ ସମୟରେ ଗୋଲ୍‌କୋଣ୍ଡା ହୋଟେଲ୍ ଲବିରେ ପଡ଼ିଥିବା ଏକ ପାମ୍ପଲେଟ୍‌ରୁ ଏତିକି ଜାଣିଲି । ଲବିରେ ଗୋଲ୍‌କୋଣ୍ଡା ଦୁର୍ଗର ଅନେକ ଫଟୋ । ହୋଟେଲ୍ ରୁମ୍ ଭିତରେ ପଶି ଫ୍ରେସ୍ ହେଇ ସିରିଶାକୁ ଫୋନ୍ କଲି । ଆମେ ଚେନ୍ନାଇରେ ଥିଲାବେଳେ ସେ ମୋ ପଡ଼ିଶା ଭାବେ ରହି ପାଖ କଲେଜ୍‌ରେ ଇଞ୍ଜିନିୟରିଂ କରୁଥିବା ତେଲୁଗୁ ଝିଅଟେ । ତା ବାପା ସେକ୍ରେଟେରିଏଟ୍‌ରେ କାର୍ଯ୍ୟାଧୀନ ଆଇଏଏସ୍ । ଆଗରୁ କହିଥିଲି ଯଦିଓ, ପହଞ୍ଚିବାର ଖବରରେ ଉତ୍ସାହିତ ହେଇ ସେପଟୁ ସେ କହିଲା, "ଆରେ ଆଣ୍ଟି ଆପଣ ଆସିଛନ୍ତି ନା ! ହାଇଦ୍ରାବାଦ ବୁଲେଇବା ଦାୟିତ୍ୱ ଆମର । କାଲି ସକାଳୁ ରେଡି ହେଇଯିବେ ଗୋଲ୍‌କୋଣ୍ଡା ଫୋର୍ଟ ଯିବା ।" ଯୋଜନା ମୁତାବକ ସିରିଶା ସକାଳୁ ସକାଳୁ ଗାଡ଼ିଧରି ପହଞ୍ଚିଗଲା । ସାଙ୍ଗରେ ପାଣି ବୋତଲ, ବିସ୍କୁଟ୍ ଆଉ କିଛି ଫଳ ମଧ୍ୟ ଆଣିଥାଏ । ପଚାରିଲାରୁ କହିଲା, "ବହୁତ ଚାଲିବାକୁ ପଡ଼ିବ ଆଉ ଭିତରେ ଖାଇବା ପିଇବାର ସେମିତି କିଛି ବ୍ୟବସ୍ଥା ନାହିଁ । ଅଗତ୍ୟା ନିଜର ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ କିଛି କିଛି ଖାଇବା ଜିନିସ ଆଣିଛି ।" ବାହାରି ଗଲୁ ଆମେ ।

ହାଇଦ୍ରାବାଦ ସହରରୁ ପ୍ରାୟ ୫ କିଲୋମିଟର ଦୂରରେ ଗୋଲକୁଣ୍ଡା ଫୋର୍ଟ । ବିଶାଳ ପରିସୀମା ଭିତରେ ଗ୍ରାନାଇଟିର ପାହାଡ଼ ଉପରେ ଅନେକ ଦୂରରୁ ଦେଖା ଯାଥିଲା ଗୋଲକୋଣ୍ଡା ଫୋର୍ଟ ଅଙ୍କା ବଙ୍କା ସର୍ପିଳ ଗତିର ବିଶାଳ ପାଚେରୀ ଭିତରେ । ପହଞ୍ଚିଲା ପରେ ଡ୍ରାଇଭର୍ ଗାଡ଼ି ରଖି ଦେଖାଇଦେଲା ଯିବା ପାଇଁ ରାସ୍ତା । କିନ୍ତୁ ଏ କ'ଣ ? ସବୁଆଡ଼େ ତ ବିଶାଳ ବିଶାଳ ପାଚେରୀ । ଯିବୁ କୁଆଡ଼େ ? ଯଦିଓ ସିରିଶା ହାଇଦ୍ରାବାଦରେ ରୁହେ, ତେବେ ସେ ଛୋଟ ଥିଲାବେଳେ ଯାଇଥିଲା । ତାପରେ ଆଉ ଆସିନି କହିଲା । ଆମ ଦୌଦୁଲ୍ୟମାନ ଅବସ୍ଥା ବୁଝିପାରି ପାଖରେ ଠିଆ ହେଇଥିବା ଲୋକଟେ କହିଲା, "ସେ ଯେଉଁ କାନ୍ଥ ଦେଖୁଛନ୍ତି ତା ସାଇଡ୍‌ରେ ଯାଆନ୍ତୁ କାନ୍ଥ ସେପଟେ ଦର୍‌ୱାଜା ଅଛି ।" ସତକୁସତ କାନ୍ଥ ପଛପଟେ ଥିଲା ବିଶାଳ ଦର୍‌ୱାଜା । ଏହା କିଲ୍ଲାର ଆଠଟି ଦରୱାଜା ମଧ୍ୟରୁ ପାହାଡ଼ର ସବା ତଳେ ଥିବା ଦର୍‌ୱାଜା । ଆଉରଙ୍ଗ୍‌ଜେବ କିଲ୍ଲା ଉପରେ ଏହି ଦର୍‌ୱାଜା ଦେଇ ବିଜୟ ପ୍ରାପ୍ତ କରିଥଲେ । ତେଣୁ ଏହାର ନାଁ 'ଫତେ ଦର୍‌ୱାଜା' ବା 'ବିଜୟ ଗେଟ୍' । ଗେଟ୍ ପାଖରେ ଠିଆ ହେଇଥିଲେ ଅନେକ ଗାଇଡ୍ । ସମସ୍ତେ ତତ୍ପର ଆମ ସହ ଯିବା ପାଇଁ । ଯଦିଓ ଜଣେ ମୁଖ୍ୟ କୋ-ଅର୍ଡିନେଟର୍ ନିଷ୍ପତ୍ତି ନିଏ କିଏ କାହା ସାଙ୍ଗେ ଯିବ । ଗେଟ୍ ସାମ୍ନାରେ ଏମିତି ଏକ କାନ୍ଥ କଥା ପଚାରିଲାରୁ କହିଲେ, "ବାହ୍ୟ ଶତ୍ରୁ ଆକ୍ରମଣ ସମୟରେ ସୈନ୍ୟବାହିନୀ ବା ଯୁଦ୍ଧ ହାତୀ ସିଧା ଗେଟ୍ ଭାଙ୍ଗି ଦୁର୍ଗ ଭିତରେ ନପଶିବାକୁ ଏପରି ବ୍ୟବସ୍ଥା ।" ଜଣେ ଦେଖେଇଦେଲା ଗୋଟେ ପଟେ ଲାଗିଥିବା ଲୁହାର ଗୋବ ସବୁକୁ । ଯୁଦ୍ଧ ହାତୀ ଠୁ ବଞ୍ଚିବା ପାଇଁ ଏ ବ୍ୟବସ୍ଥା । ଗାଇଡ୍ ହେବାକୁ ତତ୍ପର ବ୍ୟକ୍ତିଟି ପଇସାର ମୂଲଚାଲ ଭିତରେ କହିଲା, "ଦେଖନ୍ତୁ ସେଠିକି ଯିବାର ଅଛି । ଏଠୁ ଗୋଟେ କିଲୋମିଟର । ସେଠି ବୁଲି ସବୁ ଦେଖାଇଦେବି । ଗାଇଡ୍ ନ ନେଲେ କିଛି ଆପଣ ଜାଣି ପାରିବେନି । ଖାଲି ବୁଲିକି ଆସିବେ ଯାହା ।" ମୋତେ ଟାଣିନେଇ ଠିଆ କରେଇଦେଲା ଗେଟ୍‌ର ମଝିଆ ମଝି । କହିଲା, "ଏଇଠି ତାଳି ମାର, ସେ ଉପରେ ଯୋଉ ଲୋକ ଠିଆ ହେଇଛି ତାକୁ ଶୁଣାଯିବ । ସେ ତାଳି ଶବ୍ଦ ଶୁଣି ହାତ ହଲେଇବ ।" ଆଶ୍ଚର୍ଯ୍ୟ ଲାଗିଲା । ଆଖି ପାଉନଥିବା ଏବଂ କେତେ ଦୂରରେ କିଲ୍ଲା । ତା'ର ସବା ଉପର ମୁଣ୍ଡରେ ଠିକ୍‌ରେ ଦେଖା ଯାଉନଥିବା ଲୋକଟିଏ । ଏତେ ଦୂରରୁ କାହାର ତାଳି ଶବ୍ଦ ଶୁଭେ ଭଲା ! ଏମିତି ଗୁଲି ମାରୁଛି ଭାବି ତାଳି ମାରିଲି । ପ୍ରତ୍ୟୁତ୍ତରରେ ସେପଟୁ ହାତ ହଲେଇଲା ଲୋକଟି । ଗାଇଡ୍ କହିଲା, "ଏହା ହିଁ ଏହି ଦର୍‌ୱାଜାର ବିଶେଷତ୍ୱ ।" ଆଧୁନିକ ଟେକ୍ନୋଲଜି ନଥିବା ସମୟରେ ବିଜ୍ଞାନସମ୍ମତ କାରିଗରୀ କୌଶଳ । ଗେଟ୍ ପାଖରୁ ତାଳି ମାରିଲେ ଗୋଟେ କିଲୋମିଟର ଦୂର ମହଲର ସବୁଠୁ ଉଚ୍ଚ ପ୍ରାସାଦରେ ଏହାର ଧ୍ୱନି ଶୁଣାଯାଏ । କୌଣସି ବାହ୍ୟ ଶତ୍ରୁ ବା ଗୁପ୍ତ ସୂଚନା ଦେବା ପାଇଁ ସେ ସମୟରେ ଏମିତି ଟେକ୍ନୋଲୋଜିର ପ୍ରୟୋଗ ହେଇଥିଲା । ଜାଣି ଆଶ୍ଚର୍ଯ୍ୟ ଲାଗିଲା । ଗାଇଡ୍ କହିଲା, "ଏମିତି ଅନେକ କଥା ଅଛି ସାଙ୍ଗରେ ଆମକୁ ନେଲେ ଜାଣି ପାରିବେ ।" କିଲ୍ଲାକୁ ଅନେଇଲି । ଆଖି ପାଉନି । ବହୁତ ଦୂର । କୁଆଡ଼େ ଯିବ ମଧ୍ୟ ବୁଝା ପଡୁନି । ତେଣୁ ଟିକେଟ୍ କରି ଗାଇଡ୍ ନେଲୁ ।

ଆଗେ ଆଗେ ଚାଲିଥାଏ ଗାଇଡ୍ । ହାଇଦ୍ରାବାଦର ଖରା ସାଙ୍ଗକୁ ଲମ୍ବା ପାହାଡ଼ିଆ ରାସ୍ତା ।

ଚାଲିଲା ବେଳେ ଟିକେ କ୍ଳାନ୍ତି ଲାଗିଲା ବେଳକୁ ଗାଇଡ୍ ଶୁଣେଇବା ଆରମ୍ଭ କଲା କିଲ୍ଲାର ଇତିହାସ ।

କୋଣ୍ଡାପଲ୍ଲୀ କିଲ୍ଲାର ପଶ୍ଚିମ ଭାଗକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ କାକତିୟ ରାଜାଙ୍କ ଦ୍ୱାରା ଗୋଲ୍‌କୋଣ୍ଡା ଫୋର୍ଟ ନିର୍ମାଣ କରାଯାଇଥିଲା । ପରେ ରାଣୀ ରୁଦ୍ରମ୍ମା ଦେବୀ ଓ ତାଙ୍କ ଉତ୍ତରାଧିକାରୀ ପ୍ରତାପ ରୁଦ୍ରଙ୍କ ଦ୍ୱାରା କିଲ୍ଲାର ପୁନଃନିର୍ମାଣ ଓ ମଜଭୁତ୍ କରାଗଲା । ତାପରେ ତୋଗଲକି ସେନାକୁ ପରାସ୍ତ କରିବା ସହ ମୁସୁନିର ଶାଶକମାନେ କିଲ୍ଲା ଉପରେ ଆଧିପତ୍ୟ ବିସ୍ତାର କଲେ । ପରେ ମୁସୁନିର ଶାସକ କପୟ ଭୂପତି ସନ୍ଧି ସ୍ୱରୂପ ଗୋଲ୍‌କୁଣ୍ଡା ରାଜ୍ୟ ବାହମାନୀ ଶାସକକୁ ଦେଇ ଦେଲେ । ବାହମାନୀ ଶାସକ ତେଲେଙ୍ଗାନାର ଗଭର୍ଣ୍ଣର ଭାବରେ ସୁଲତାନ କୁଲି-କୁତୁବ-ଉଲ-ମୁଲକ ନାମକ ଜଣେ ବ୍ୟକ୍ତିଙ୍କୁ ଗୋଲକୋଣ୍ଡାର ଗଭର୍ଣ୍ଣର କରି ପଠେଇଲେ । ଏହି ସମୟରେ ଗୋଲ୍‌କୁଣ୍ଡାର ବିକାଶ ଆକାଶ ଛୁଇଁଲା । ସେ ସେଠାରେ ୧୫୧୮ ମସିହାରୁ ଶାସନ କଲେ । ବାହମାନୀ ଶାସନ ଦୁର୍ବଳ ହେଲା ପରେ ୧୫୩୮ରେ ସେ ନିଜକୁ ସ୍ୱାଧୀନ ଘୋଷଣା କରି କୁତୁବ୍‌ସାହି ରାଜବଂଶର ସ୍ଥାପନା କଲେ । ପ୍ରଥମରୁ ମାଟିରେ ବନିଥିବା କିଲ୍ଲାକୁ ପଥରରେ ବନାଇ ଏହାର ବିସ୍ତାର କରିବା ସହ ଏହାକୁ ସଶକ୍ତ କଲେ । ୧୫୯୦ ପର୍ଯ୍ୟନ୍ତ ଏହା କୁତୁବସାହି ରାଜବଂଶର ରାଜଧାନୀ ଥିଲା । ପରେ କୁତୁବସାହି ଶାସକ ହାଇଦ୍ରାବାଦ ସହର ପ୍ରତିଷ୍ଠା କରି ରାଜଧାନୀ ହାଇଦ୍ରାବାଦକୁ ସ୍ଥାନାନ୍ତରିତ କରିଥିଲେ ।


ମୋଗଲ ସମ୍ରାଟ ଆଉରଙ୍ଗ୍‌ଜେବ୍‌ଙ୍କ ଗୋଲକୋଣ୍ଡାର ସମ୍ପତ୍ତି ଉପରେ ଦୃଷ୍ଟି ପଡ଼ିଲା । ୧୬୮୭ ମସିହାରେ ଆଉରଙ୍ଗଜେବ୍ ଓ ସେ ସମୟରେ ଶାସକ ତାନାଶାହାଙ୍କ ସୈନ୍ୟବାହିନୀ ମଧ୍ୟରେ ୮ ମାସର ଯୁଦ୍ଧ ପରେ ଶେଷରେ ଅବଦୁଲ୍ଲା ପାନୀସର୍ଦ୍ଦାର ଖାଁ ବିଶ୍ୱାସଘାତକତା କରି କିଲ୍ଲାର ଦରଓ୍ୱାଜା ଖୋଲିଦେଲା । ଆଉରଙ୍ଗଜେବ୍ ଫତେ ଦରଓ୍ୱାଜା ବାଟ ଦେଇ କିଲ୍ଲାରେ ପ୍ରବେଶ କରି କିଲ୍ଲା ଉପରେ ବିଜୟ ପ୍ରାପ୍ତ କରିଥିଲା । ତାନାଶାହା ବନ୍ଦୀ ହେଇ ଦୌଲତବାଦରେ ବନ୍ଦୀର ଜୀବନ ଯାପନ କଲେ । ସେବେଠୁ କିଲ୍ଲା ଅବହେଳିତ ଅବସ୍ଥାରେ ରହିଲା । ମୋଗଲ ସାମ୍ରାଜ୍ୟର ପତନ ପରେ ୧୭୪୨ରୁ ୧୯୪୮ ମସିହା ଯାଏଁ ସ୍ୱାଧୀନ ଭାରତରେ ହାଇଦ୍ରାବାଦର ବିଳୟ ପର୍ଯ୍ୟନ୍ତ ହାଇଦ୍ରାବାଦର ନିଜାମଙ୍କ ପାଖରେ ଗୋଲ୍‌କୋଣ୍ଡା ଫୋର୍ଟ ରହିଲା । ଭାରତରେ ହାଇଦ୍ରାବାଦର ବିଳୟ ବେଳେ କାଳେ ନିଜାମଙ୍କର ସମସ୍ତ ସମ୍ପତ୍ତି ଭାରତ ସରକାର ନେଇଯିବେ ସେଇ ଭୟରେ ସେଇ ଭୟରେ ସେ ସମୟର ନିଜାମ ମୀର-ଓସମାନ-ଅଲିଖାଁ ନିଜର ୯୦କୋଟି ଟଙ୍କା ଲଣ୍ଡନର ପାକିସ୍ଥାନ ହାଇକମିଶନରଙ୍କ ପାଖରେ ଜମା କରିଦେଲେ । ପରେ ପାକିସ୍ଥାନ ଏହା ଉପରେ ଧିକାର ସାବ୍ୟସ୍ତ କରିବାକୁ ଲାଗିଲେ । ୧୯୫୪ ମସିହାରେ ନିଜାମ ନିଜର ପଇସା ମାଗତବାରୁ ପାକିସ୍ଥାନ ତାହା ଦେବକୁ ମନା କରିଦେଲା । ଭାରତ ସରକାରଙ୍କ ସହ ମିଳିତ ଉଦ୍ୟମରେ ନିଜାମ ୟୁକେ କୋର୍ଟରେ ଲଢ଼ି ଶେଷରେ ବିଜୟ ଲାଭ କଲେ । ୩୦୯କୋଟି ଟଙ୍କା (ଯାହା ୯୦କୋଟିରୁ ବଢ଼ି ବଢ଼ି ହୋଇଛି) ନିଜାମଙ୍କ ଉତ୍ତରାଧିକାରୀଙ୍କ ବୋଲି ୪ ଅକ୍ଟୋବର ୨୦୧୯ରେ ୟୁକେ କୋର୍ଟ ନିଜର ମତ ଦେଲା । ଏବେ ମଧ୍ୟ ସେ ପଇସା ବ୍ୟାଙ୍କ୍ ପାଖରେ ସୁରକ୍ଷିତ ଅଛି ।

ଗାଇଡ୍‌ର କଥା ଶୁଣିବା ସହ ଆମେ କିଲ୍ଲାକୁ ଦେଖିଦେଖି ଚାଲିଥାଉ । ପ୍ରାୟ ଦଶ କିଲୋମଟର ଧରି କିଲ୍ଲା ପରିବ୍ୟାପ୍ତ ଥିଲା । ତାକୁ ସୁରକ୍ଷା ଦେବାକୁ ତିନି ଲେୟାରର ଅଙ୍କାବଙ୍କା ଉଚ୍ଚ ବିଶାଳ ପାଚେରୀ । ତେଣୁ ସମ୍ପୂର୍ଣ୍ଣ କିଲ୍ଲା ଦେଖିବା ସମ୍ଭବ ନଥିଲା । ଗାଇଡ୍ କହିବା ହିସାବରେ ଅଲଗା ଅଲଗା ସମୟରେ ତିଆରି ହେଇଥିବା ଏହା ଚାରିଟି କିଲ୍ଲାର ସମ୍ମିଶ୍ରଣ । କିଲ୍ଲା ବାହାରକୁ ଯିବା ପାଇଁ ସମୁଦାୟ ୮ଟି ଗେଟ୍ । ବାଲ୍ ହିସାର ସବୁଠୁ ମୁଖ୍ୟ ଦରଓ୍ୱାଜା । ଏହି ବିଶାଳ ଦରଓ୍ୱାଜାରେ ସିଂହ, ମୟୂର ଆଦି ସୁନ୍ଦର କଳାକୃତି ଓ ସେ ସମୟର ରାଜକୀୟ ପ୍ରତୀକମାନ ଦେଖିବାକୁ ମିଳେ । ପାହାଡ଼ର ସବୁଠୁ ତଳଦେଶରେ ଫତେ ଦରଓ୍ୱାଜା । ଯେଉଁ ଦରଓ୍ୱାଜା ଦେଇ ଆମେ ଭିତରେ ପ୍ରବେଶ କରିଥିଲୁ । ଆର୍କିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା କିଲ୍ଲାର ରକ୍ଷଣାବେକ୍ଷଣ କରାଯାଉଛି ସୁନ୍ଦର ଭାବରେ । ତେବେ ବର୍ତ୍ତମାନ ଏହା ଖାଲି ବିରାଟ ଏକ ଖଣ୍ଡର୍ କହିଲେ ଚଳେ ।

ଏକ ତିନି ମହଲା ବିଶିଷ୍ଟ ଅଧାଭଙ୍ଗା ଘରକୁ ଦେଖାଇ ଗାଇଡ୍ କହିଲା, "ଏହା ଅସଲତ୍ ଖାନା । ଏଥିରେ ତୋପ, ବାରୁଦ, ବନ୍ଧୁକ ଆଦି ରଖା ଯାଉଥିଲା ।" ବଡ଼ବଡ଼ ଲୁହା ଜାଲି ଭିତରୁ ଦେଖିଲୁ ଅନେକ ଗୋଲାକାର ସୁନ୍ଦର ସୁନ୍ଦର ଛୋଟବଡ଼ ପଥରସବୁର ଭଣ୍ଡାର । ପାଖକୁ ଲାଗି ଅନେକ ତୋପ । ସେଇ ତୋପ ଭିତରେ ଏଇ ପଥରମାନଙ୍କୁ ପୂରାଇ ଲକ୍ଷ୍ୟ ସ୍ଥାନକୁ କ୍ଷେପଣ କରା ଯାଉଥିଲା । ଆଜିକାଲିର ତୋପ ଆଉ ସେକାଳର ତୋପ ଭିତରେ ଅନେକ ଫରକ । କେତେ ପରିଶ୍ରମୀ ଓ ଶକ୍ତିଶାଳୀ ନଥିଲେ ସେ ସମୟର ଲୋକ ସତରେ ! ପଥରକୁ ଗୋଲାକାର କାଟି ମସୃଣ କରି ତାକୁ ନେଇ ତୋପ ଭିତରେ ପୂରେଇବା କେତେ ଶ୍ରମସାପେକ୍ଷ ତାହା କେବଳ ଅନୁଭବରୁ ହିଁ



ବୁଝିହୁଏ । ଗାଇଡ୍ କହିଲା, ଦଶ କିଲୋମିଟର ପାଚେରୀ କଡ଼େ କଡ଼େ ୮୭ ତୋପ ଖାନା । ଏଥିରେ ତୋପ ସବୁ ରଖା ଯାଉଥିଲା ।" ଏବେ ମଧ୍ୟ ଅନେକ ତୋପ ଆମେ ଦେଖିବାକୁ ପାଇଲୁ । ତାଛଡ଼ା ତୀର ଆଦି ଚଳେଇବା ପାଇଁ ବର୍ଗାକାର ରନ୍ଧ୍ରସବୁ ପାଚେରୀ ଦେହରେ ଦେଖିବାକୁ ପାଉଁ । ଦୂରରୁ ଲୁଚି ରହି ଶତ୍ରୁକୁ ବିନାଶ କରିବା ପାଇଁ ଏମିତି ପ୍ରାୟ ସବୁ କିଲ୍ଲାରେ ଥାଏ । ଅନ୍ୟ କିଲ୍ଲାଠୁ ଗୋଟେ ବ୍ୟତିକ୍ରମ ଦେଖିଲୁ । ପାହାଡ଼ର ଚଟାଣ, ପଥର ଆଦିକୁ ନକାଟି ଯେଉଁ ଅବସ୍ଥାରେ ସେମାନେ ଅଛନ୍ତି ସେଇ ଅବସ୍ଥାରେ ରଖି ତାକୁ ଲଗାଇ କିଲ୍ଲାର ପାଚେରୀ ତିଆରି କରାଯାଇଛି । ଫଳରେ କିଲ୍ଲା ଆହୁରି ମଜଭୁତ ହେଇଛି ।



ପାହାଡ଼ର ସବୁଠୁ ଉଚ୍ଚରେ ଅଛି ବାରତ ଅଲ୍ଲୀ ମହଲ । ଯାହାର ଛାତ ଉପରୁ ଦେଖାଯାଏ ସମଗ୍ର ହାଇଦ୍ରାବାଦ ସହର । ଏହି ଛାତର ପାଚେରୀ ମଧ୍ୟରେ ମଧ୍ୟ ଅନେକ ବର୍ଗାକାର କଣା । ଯେଉଁଠୁ ଦେଖିହୁଏ ସମଗ୍ର କିଲ୍ଲାକୁ । ଏହା ଉପରକୁ ଯିବା ପାଇଁ ତିନି ଭାଗରେ ୩୬୨ ପଥରର ଶକ୍ତ ସିଡ଼ି । ଏହି ମହଲ ଭିତରେ ଅଛି ଗୋଟେ ଛୋଟ ମହାକାଳୀଙ୍କ ହିନ୍ଦୁ ମନ୍ଦିର । ଦେବୀ ଲାଗନ୍ତି ଭବ୍ୟ ଆଉ ପୂଜ୍ୟ । ସଜେଇ ହେଇଥାନ୍ତି ଲାଲ୍ ଓଢ଼ଣୀରେ । କୁତବଶାହି ଶାସକମାନେ କିଲ୍ଲା ଉପରେ ଅଧିକାର କଲା ପରେ ମଧ୍ୟ ଏହି ହିନ୍ଦୁ ମନ୍ଦିରକୁ ଭାଙ୍ଗି ନଥିଲେ । ଏଥିରୁ ସେମାନଙ୍କର ଧର୍ମ ସହିଷ୍ଣୁତା ମନୋଭାବର ପରିଚୟ ମିଳିଥାଏ । ଏବେବି ଦେବୀଙ୍କ ପାଖରେ ଫୁଲ, ଭୋଗ ଆଉ ଦୀପ, ଧୂପ ଦେଇ ସ୍ଥାନୀୟ ଲୋକେ ପୂଜା କରନ୍ତି । ନାରଙ୍ଗୀ ରଙ୍ଗରେ ପାଖରେ ଥିବା ଚଟାଣ ସବୁକୁ ରଙ୍ଗେଇ ଦୁର୍ଗାଙ୍କର ମୂର୍ତ୍ତି ଅଙ୍କା ଯାଇଛି ।

କିଲ୍ଲା ଭିତରେ ଅଛି ଗୋଟେ ମସ୍‌ଜିଦ୍ । ଯାହା ଦୋମିନାର୍ ବାଲା ମସ୍‌ଜିଦ୍ ନାମରେ ପରିଚିତ । ଇବ୍ରାହିମ୍ କୁଲି କୁତବଶାହା ୧୫୬୦ରେ ଏହି ମସ୍‌ଜିଦ୍ ନିର୍ମାଣ କରିଥିଲେ ।

ଆଉ ଗୋଟିଏ ଭଗ୍ନ ମହଲ ଭିତରକୁ ନେଇ ଗାଇଡ୍ କହିଲା, "ଏହା ଦିୱାନ୍-ଏ-ଖାସ୍ । ଏଠି ସୁଲତାନ ଅଧିକାରୀମାନଙ୍କ ସହ ମିଶି ମନ୍ତ୍ରଣା କରୁଥିଲେ ଏବଂ ଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଉଥିଲେ । ଏବେ ତାହା ନୀରବ ନିଥର ।" ଗୋଟେ ଜାଗାରେ ଠିଆ କରାଇ କହିଲା, "ଏଠି ନିଜର ରୁମାଲ୍‌କୁ ଟିକେ ଜୋର୍‌ରେ ଝାଡ଼ ।" ମୁଁ ରୁମାଲ୍‌କୁ ଟିକେ ଜୋର୍‌ରେ ଝାଡ଼ିଲା ପରେ ତା'ର ପ୍ରତିଶବ୍ଦର ତରଙ୍ଗ ସୃଷ୍ଟି ହେଲା । ମୁଁ ଆଶ୍ଚର୍ଯ୍ୟ ହୋଇ ଅନେଇଲାରୁ ଛାତ ଉପରକୁ ସେ ହାତରେ ଇଙ୍ଗିତ କଲା । ମହଲର ଛାତରେ ଆଜିକାର ପିଓପି ପରି ଫୁଲର ଚିତ୍ର ଭିତରେ ମଝିରେ କେଶର ପରି କିଛି ଅଛି । ଏଇଠି ଠିଆ ହେଇ ଫରିୟାଦି ତାର ଫରିୟାଦ୍ ଶୁଣାଇଲେ ଦୂରରେ ବସିଥିବା ରାଜା ତା କଥା ଶୁଣିବା ସହ ତା'ର ଗତିବିଧିରୁ ମଧ୍ୟ ଜାଣି ପାରୁଥିଲେ ସେ କେତେ ସତ କହୁଛି । ତା'ର ଛୋଟରୁ ଛୋଟ ହରକତ ମଧ୍ୟ ରାଜାଙ୍କୁ ଶବ୍ଦ ମାଧ୍ୟମରେ ଜଣା ପଡ଼ି ଯାଉଥିଲା । ବାଃ କି ଆଶ୍ଚର୍ଯ୍ୟ ଜନକ ଟେକ୍ନୋଲୋଜିର ପ୍ରୟୋଗ !

ବାରତ୍‌ଅଲ୍ଲୀରୁ ରାଣୀ ଅନ୍ତଃପୁର ବା ପ୍ରଜାଙ୍କ ରହୁଥିବା ଜାଗାକୁ ଯିବା ପାଇଁ ୨୮୦ଶିଡ଼ି । ଏଠି ଆଶ୍ଚର୍ଯ୍ୟ ଲାଗେ 'ରହବାନ' ବା ପାହାଡ଼ ଉପରକୁ ପାଣି ଉଠାଉଥିବାର କୌଶଳକୁ ଦେଖି । କିଲ୍ଲାର ଦକ୍ଷିଣରେ ବହେ ମୂଶୀନଦୀ । ପାହାଡ଼ର ପାଦଦେଶରୁ ୩୮୦ ଫୁଟ୍ ପାହାଡ଼ ଉପରକୁ ପାଣି ଉଠାଇବାକୁ କି ଚମତ୍କାର ବ୍ୟବସ୍ଥା । ପୁରୁଣା କାଳରେ ଚକ ଲଗେଇ କୂଅରୁ ପାଣି କାଢ଼ିଲା ପରି ତିନି ଭାଗରେ ପାଣି ଉଠାଯାଏ । ପ୍ରଥମେ ପାହାଡ଼ ପାଦଦେଶରୁ ପାଣି ଉଠାଯାଇ ଗୋଟେ ଟାଙ୍କିରେ ଭର୍ତ୍ତି ହୁଏ । ସେଠୁ ସେହି କୌଶଳ ପ୍ରୟୋଗ କରି ଦ୍ୱିତୀୟ ଓ ତୃତୀୟ ଟାଙ୍କିକୁ ପାଣି ପହଞ୍ଚା ଯାଉଥିଲା । ସେଠୁ କିଲ୍ଲାର ବିଶାଳକାୟ ମୁଖ୍ୟ ଟାଙ୍କିକୁ । ସେହି ମୁଖ୍ୟ ଟାଙ୍କିରୁ ଉଦ୍ୟାନ, ମହଲ ଆଦି କିଲ୍ଲାର ସମଗ୍ର ସ୍ଥାନକୁ ମାଟିର ପାଇପ୍ (ଯାହା ମାଟିତଳେ ପୋତା ମଧ୍ୟ ହୋଇଛି) ସାହାଯ୍ୟରେ ପାଣି ଯୋଗାଇ ଦିଆ ଯାଉଥିଲା । ଏତେ ବିଶାଳ ପାହାଡ଼ ଉପରକୁ ତଳୁ ପାଣି ଉଠେଇ ତାକୁ ସମଗ୍ର କିଲ୍ଲାରେ ପହଂଚେଇବା ସତରେ ଆଶ୍ଚର୍ଯ୍ୟ ଲାଗେ । ତାଛଡ଼ା ତେଲେଙ୍ଗାନା ଭଳି ଗରମ ରାଜ୍ୟର ପାହାଡ଼ ଉପରେ ମାଟିର ପାଇପ୍‌ରେ ପାଣି ପହଞ୍ଚାଇବା ଦ୍ୱାରା ପାଣି ଥଣ୍ଡା ରହୁଥିବ ନିଶ୍ଚୟ । ଅନେକ ଜାଗାରେ ମାଟିର ପାଇପ୍ ମାନ ଦେଖିଲୁ ।

ଅପେକ୍ଷାକୃତ ଟିକେ ଉଚ୍ଚାରେ ଥିବା ଗୋଟେ ଜର୍ଜର ଅବସ୍ଥାର ଖଣ୍ଡର ଆଡ଼କୁ ଗାଇଡ୍ ଯିବାକୁ ଉଦ୍ୟତ ହେଲା ବେଳକୁ ଆମେ ଯିବାକୁ ମନା କଲୁ । ସେ କହିଲା, "ଟିକେ କଷ୍ଟ କରି ଆସ ।" ଖାଲଢିପ ଦେଇ ଉପରକୁ ଉଠି ଦେଖିଲୁ ଛୋଟ ଘର ପରି ଜାଗାଟିଏ । ଯାହାର ଖାଲି କିଛି କାନ୍ଥ ବାକି ଅଛି । ଗୋଟେ ଛୋଟ ପାଣିର କୁଣ୍ଡଟିଏ । ମାଟିର ପାଇପ୍‌ର ଖୋଲା ଅଂଶ ମଧ୍ୟ

ଅଛି । ଗାଇଡ୍ କହିଲା, "ଏହା ତୁର୍କୀହଁମା ବା ସାହିହଁମା । ଏହି କୁଣ୍ଡରେ ଗରମ ଓ ଥଣ୍ଡା ପାଣି ଆସି ମିଶୁଥିଲେ ଦୁଇଟି ଅଲଗା ଅଲଗା ପାଇପ୍ ମାଧ୍ୟମରେ । ରାଣୀ ଗାଧୋଇ ସାରିଲା ପରେ ପାଣି ନିଷ୍କାସନର ବ୍ୟବସ୍ଥା ମଧ୍ୟ ଥିଲା । ସେ ଦେଖେଇ ନଥିଲେ କିଛି ବୁଝା ପଡ଼ିନଥାନ୍ତା । ସବୁତ ଜର୍ଜର ଅବସ୍ଥାରେ ।

ଏବେ ଥିଲା ରାଣୀ ମହଲ ବା ରଙ୍ଗ ମହଲର ଦେଖିବାର ପାଳି । ମହଲ କାନ୍ଥରେ ଅନେକ ଛୋଟ ଛୋଟ ଠଣା । ସେହି ଠଣାମାନଙ୍କରେ ରାଣୀଙ୍କର ପ୍ରସାଧନ ସାମଗ୍ରୀ ଯେମିତି କଳା, ଚନ୍ଦନ, ସିନ୍ଦୂର, ଅତର, ମେହେନ୍ଦି ଆଦି ରଖା ଯାଉଥିଲା । ରାଣୀମାନେ ଏହି ମହଲ ଭିତରେ ସାଜଶୃଙ୍ଗାର କରୁଥିଲେ । କେତେ ସାଜଶୃଙ୍ଗାର, ମହଙ୍ଗା ଆଭୂଷଣ, ହୀରାନୀଳା, ମୋତିମଣିକରେ ଭରି ନଥିବ ସେ ସମୟରେ ସତେ ଏ ମହଲ । ଏବେ ଖାଲି ରଂଗଛଡ଼ା କାନ୍ଥରେ ଗାଇଡ୍‌ର ଦୟାରେ ଦଣ୍ଡାୟମାନ ।

ତାପରେ ଦେଖିଲୁ ରାମଦାସ ବନ୍ଦୀଶାଳା । ପ୍ରଥମେ ଏହା ଗୋଦାମ ଥିଲା । ପରେ ଅବଦୁଲ ହାସନ ସାହା କୋର୍ଟର ରେଭେନ୍ୟୁ କଲେକ୍ଟର ରାମଦାସଙ୍କୁ ଏଠି ବନ୍ଦୀ କରି ରଖା ଯାଇଥିଲା । ବନ୍ଦୀର ଜୀବନ ଯାପନ ସମୟରେ ରାମଦାସ ବନ୍ଦୀଶାଳାର କାନ୍ଥରେ ଅନେକ ହିନ୍ଦୁ ଦେବଦେବୀଙ୍କର ମୂର୍ତ୍ତି ଖୋଦେଇ କରିଥିଲେ । ମୁଖ୍ୟତଃ ଏଥିରେ ଅଛି ହନୁମାନଙ୍କର ମୂର୍ତ୍ତି । ସବୁ ମୂର୍ତ୍ତିଙ୍କ ଦେହରେ ନାରଙ୍ଗୀ ରଙ୍ଗର ସିନ୍ଦୂରର ବହଳ ପ୍ରଲେପ । ଦୀପଟିଏ ଜଳୁଥିଲା ସେଠି । କିଛି ଲୋକ ଭକ୍ତିରେ ମୂର୍ତ୍ତିଙ୍କୁ ଛୁଇଁ ଛୁଇଁ ମୁଣ୍ଡିଆ ମଧ୍ୟ ମାରୁଥିଲେ ।

ଏହାଛଡ଼ା ସୁଲତାନାଙ୍କ ନିଜ ମହଲ କିଲବତ୍, ଖାଲି ବିନା ଛାତର ବିଶାଳ ବିଶାଳ କାନ୍ଥ ନେଇ ଠିଆ ହେଇଛି । ଏଠି ଗାଇଡ୍ ନଥିଲେ ବୁଝିବା କଷ୍ଟ କୋଉ ଜାଗା କଣ ବୋଲି । ରାଣୀମହଲର ଗୋଟେ କାନ୍ଥରେ ଧୀରେ ଫୁସ୍ ଫୁସ୍ ହେଇ କଥା ହେଲେ ଅନ୍ୟ କାନ୍ଥରେ କାନ ଡେରି ଆଉ ଜଣେ ସ୍ପଷ୍ଟ ଶୁଣି ପାରିବ । ଏହା ରାଣୀମାନଙ୍କ ଉପରେ ନଜର ରଖିବା ପାଇଁ ନା ରାଣୀମାନଙ୍କର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା, ତାହା ଅସ୍ପଷ୍ଟ । ତେବେ ଏମିତି ଟେକ୍ନୋଲୋଜି ଆଶ୍ଚର୍ଯ୍ୟରେ ପକାଏ । ଏହି ଜିଲ୍ଲାରୁ ନିର୍ଦ୍ଦନ୍ଦ୍ୱରେ ସେ ସମୟର ଭାରତୀୟ ବାସ୍ତୁକଳା ଓ ବାସ୍ତୁଶାସ୍ତ୍ରର ଅଭୂତପୂର୍ବ ପରିଚୟ ମିଳେ । ଅନେକ ରହସ୍ୟମୟୀ ସୁଡ଼ଙ୍ଗ କିଲ୍ଲାରେ ଥିଲା । ଯାହା ଦରବାର ହଲ୍ ଆଉ ବିଭିନ୍ନ ସ୍ଥାନରୁ ବାହାରି ପାହାଡ଼ର ପାଦଦେଶରେ ଓ ଅନେକଙ୍କ କହିବା ଅନୁସାରେ ଚାର୍‌ମିନାର୍‌ରେ ଖୋଲୁଥିଲା । କିନ୍ତୁ ଏବେ ପଥ ସବୁ ବନ୍ଦ ହେଇ ତାର ଚିହ୍ନବର୍ଣ୍ଣ ନାହିଁ ।

ଚାରି ଶହ ଶତାବ୍ଦୀ ପୂର୍ବ ସେ ସମୟର ସାହିବାଗ ଏବେ ବି ଅଛି । ସେ ସମୟରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଦୁର୍ଲଭ ଫୁଲମାନେ ଏ ବଗିଚାରେ ଶୋଭା ମଣ୍ଡନ କରୁଥିଲେ । ଦକ୍ଷିଣ ଭାରତୀୟ ଲୋକମାନେ ଖୁବ୍ ଫୁଲ ପ୍ରିୟ । ଏବେ ମଧ୍ୟ ପ୍ରାୟ ସମସ୍ତେ ମୁଣ୍ଡରେ ଫୁଲ ଲଗାନ୍ତି । ତାହା ତାଙ୍କ ସଧବାର ଲକ୍ଷଣ । ଏବେ ଆର୍କିଓଲୋଜିକାଲ୍ ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ଏହାକୁ ଯଦିଓ ଦେଖାଶୁଣା କରା ଯାଉଛି, ତେବେ ପୁରୁଣା ଗଛର ଚିହ୍ନବର୍ଣ୍ଣ ନାହିଁ । ଏହା ଭିତରେ ଘେରାଏ ବୁଲି ଆସିଲେ ଶାହିଗାର୍ଡ଼େନରେ ବୁଲିବାର ଆନନ୍ଦ ମନକୁ ଆହ୍ଲାଦିତ କରାଏ । ସେଇ ଆହ୍ଲାଦ, ଉଲ୍ଲାସକୁ ମନ ଭିତରେ ବାନ୍ଧି ରଖି ଫେରିବାକୁ ହୁଏ । ଦରୱାଜାରେ ରାଜବଂଶର ଶାସନ ଚିହ୍ନ ଓ ସ୍ଥାନେ ସ୍ଥାନେ ଖଣ୍ଡିତ ଅଭିଲେଖମାନ ମଧ୍ୟ ଦେଖିବାକୁ ମିଳେ ।

କୁତବସାହି ରାଜାଙ୍କ ମକୱାରା (ସମାଧି) ଏବେ ଭଗ୍ନ ଅବସ୍ଥାରେ । ସେଠିକି ଆଉ ଯିବାକୁ ଶକ୍ତି ନଥିଲା । ଶବ ସ୍ନାନାଗାର ମଧ୍ୟ ଅଛି । ହାଇଦ୍ରାବାଦକୁ ରାଜଧାନୀ ଚାଲି ଯାଇଥିଲେ ମଧ୍ୟ ସୁଲତାନମାନଙ୍କର ଶେଷ କର୍ମ ପାଇଁ ଏଇଠିକୁ ସେମାନଙ୍କୁ ଅଣା ଯାଉଥିଲା ।

ହାଇଦ୍ରାବାଦରେ ରହି ସେଠି ଓଲା, ଉବେର୍ ଭଡ଼ାରେ ନେଇଯିବା ସହଜ । ବସ୍ ଆଉ ଅଟୋ ମଧ୍ୟ ଚାଲେ, ହାଇଦ୍ରାବାଦର ମୁଖ୍ୟ ବସ୍‌ଷ୍ଟାଣ୍ଡରୁ । ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ କିଲ୍ଲା ଖୋଲାଥାଏ । ଟିକେଟ କରି ଭିତରକୁ ଯିବାକୁ ପଡ଼େ । ଯଦିଓ ସବୁ ଜାଗାରେ ପ୍ରାୟ ଫଳକ ଲାଗିଛି ତେବେ ଭଗ୍ନ କିଲ୍ଲାର ବିଶାଳତା ଦୃଷ୍ଟିରୁ ଗାଇଡ୍ ନେଲେ ଭଲ । ସହଜରେ ବୁଝି ହେବ ସବୁକଥା । ଆମ ପ୍ରାଚୀନ ଐତିହ୍ୟ, ସେ ସମୟର ଯନ୍ତ୍ରକୌଶଳ, ମାଟିରେ ମିଶି ସାରିଥିବା ପ୍ରାଚୁର୍ଯ୍ୟକୁ ଦେଖିଲେ ସତରେ ଦୁଃଖ ଲାଗେ । ଦିନେ ସମଗ୍ର ବିଶ୍ୱବଜାରରେ ଏକଛତ୍ର ଶାସନ କରୁଥିବା ହୀରା, ନୀଳା, ପନ୍ନା, ଦୁର୍ଲ୍ଲଭ ପଥର ଆଦିର କିଲ୍ଲା ଏବେ ଏକ ବିରାଟ ଖଣ୍ଡର । ଖାଲି ରଙ୍ଗହୀନ କିଛି ଦିୱାରକୁ ନେଇ ଦଣ୍ଡାୟମାନ । ପ୍ରତିପତ୍ତି, ବିଶ୍ୱାସଘାତକତା, ବିଦେଶୀ ଶାସକଙ୍କର ଭାରତକୁ ଛାରଖାର କରିବାର ଜ୍ୱଳନ୍ତ ନମୂନା ହୋଇ, ସମୟର କ୍ରୁର ହସକୁ ବରଦାସ୍ତ କରି ଆକାଶକୁ କୁର୍ଣ୍ଣିସ୍ କରିବା ମୁଦ୍ରାରେ ଚୁପ୍‌ଚାପ୍ ଠିଆ ହୋଇଛି ଗୋଲକୋଣ୍ଡା ଦୁର୍ଗ ।





# ଅମ୍ବାପଲ୍ଲୀର ଅନ୍ତର୍ଦାହ

# ଆତ୍ମକଥା : 'ଅମ୍ବାପଲ୍ଲୀ'ର


## ମଣୀନ୍ଦ୍ର କୁମାର ମେହେର

ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯


ଫଟୋ ସୌଜନ୍ୟ : ଲେଖକ
ପୃଷ୍ଠଚିତ୍ର : ସମରେନ୍ଦ୍ର ବେହେରା

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ। ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା। ଏଥର ସୁରେନ୍ଦ୍ର ମହାନ୍ତିଙ୍କ 'ଅମ୍ବାପଲ୍ଲୀ' ଗଳ୍ପରୁ ଅମ୍ବାପଲ୍ଲୀ ଚରିତ୍ରର ବିଶ୍ଳେଷଣ।**



▶ ଲେଖକ ମଣୀନ୍ଦ୍ର କୁମାର ମେହେର

ମହାନ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ କାଳଜୟୀ ଗଳ୍ପ 'ଅମ୍ବାପଲ୍ଲୀ'ର ନାୟିକା ମୁଁ। ଏ ବର୍ଷ ମୋର ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଉଛି। ଏହି ଅବସରରେ ମୁଁ ଯଦି ନିଜ ହୃଦୟର କଥା ନ କହିବି, ତାହେଲେ ଆଉ ଏପରି ସୁଯୋଗ ବା ପାଇବି କେବେ? ଆପଣମାନେ ସମସ୍ତେ ମୋ ଚରିତ୍ର ସହିତ ଘନିଷ୍ଠ ଭାବରେ ପରିଚିତ। ସୁରେନ୍ଦ୍ର ମହାନ୍ତି ମଧ୍ୟ ଯେପରି ନିଖୁଣ ଭାବରେ ନିର୍ମାଣ କରିଛନ୍ତି ମୋର ଚରିତ୍ରଟିକୁ, ତାହା କାହାକୁ ବା ଆଲୋଡ଼ିତ କରିଦେଇନାହିଁ! ତଥାପି ଆଉ କ'ଣ ମୋର କହିବାର ଅଛି ବୋଲି ଆପଣ ହୁଏତ ଭାବୁଥିବେ। ଲକ୍ଷ୍ୟ କରନ୍ତୁ, ସମଗ୍ର ଗଳ୍ପଟି ଭିତରେ ମୋ ମନକଥା କେତେବେଳେ ବା କହିବାର ସୁଯୋଗ ପାଇଲି ମୁଁ?

ଯେଉଁ ମୁହୂର୍ତ୍ତରେ ବୈଶାଳୀର ଲିଚ୍ଛବୀ ସଂଘର ପରିଷଦ କକ୍ଷକୁ ଯେତେବେଳେ ମୁଁ ପ୍ରବେଶ କଲି, ସେତେବେଳେ ସମଗ୍ର ସଭାକକ୍ଷଟି ନୀରବ ଓ ନିଃସ୍ପନ୍ଦ ହୋଇଯାଇଥିଲା। ପରେ ଜାଣିଲି ମୋର ପିତା ଅସିତବର୍ଣ୍ଣ ପୂର୍ବରୁ ମୋର ଜନ୍ମରହସ୍ୟ ସେଠାରେ ଉନ୍ମୋଚନ କରିଦେଇ ସାରିଛନ୍ତି। ମୁଁ ଯେ ଏକ ଉପେକ୍ଷିତ ଶିଶୁକନ୍ୟା ଓ ନିଃସନ୍ତାନ ଅସିତବର୍ଣ୍ଣ ମୋତେ ତାଙ୍କର ସୁକନ୍ୟା ଭାବରେ ଲାଳନପାଳନ କରିଥିଲେ- ଏକଥା ବର୍ଣ୍ଣିତ ହୋଇରହିଛି ଗଳ୍ପଟିରେ। ଛୋଟଟି ବେଳରୁ ମୋର ସୌନ୍ଦର୍ଯ୍ୟ ସମସ୍ତଙ୍କୁ କୁଆଡ଼େ ଅଭିଭୂତ କରିଦେଉଥିଲା। ମୋର ପିତା ମଧ୍ୟ ଏଥିପାଇଁ କମ୍ ଆନନ୍ଦ ଓ ଗୌରବ ଅନୁଭବ କରୁନଥିଲେ! ଅଥଚ ମୋତେ ଯେତେବେଳେ ଷୋହଳ ବର୍ଷ, ସେତେବେଳେ ମୋର ଏହି ପିତା ମୋ ସୌନ୍ଦର୍ଯ୍ୟକୁ ନେଇ ଦୁଶ୍ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ। ଆଶ୍ଚର୍ଯ୍ୟର କଥା, କେବଳ ମୋର ପିତା ନୁହନ୍ତି ସମଗ୍ର ବୈଶାଳୀ ନିମନ୍ତେ ମୁଁ ହେଲି ମୁଣ୍ଡବ୍ୟଥାର କାରଣ। ସେଦିନ ସଭାକକ୍ଷରେ ଗଣପୁରକ ଦୀପଙ୍କର ଯାହା କହିଲେ, ତାହା ଶୁଣି ମୋ ପାଦତଳରୁ ଖସି ଯାଉଥିଲା ମାଟି ଓ ମୁଣ୍ଡ ଉପରେ ଅଜାଡ଼ି ହୋଇପଡୁଥିଲା ସମଗ୍ର ଆକାଶର ଅକଳ୍ପନୀୟ ଦୁର୍ବିସହ ଭାର। ଦୀପଙ୍କର ସେଦିନ ସଭାକକ୍ଷରେ କହିଲେ ଯେ, "ଏହି ଅମ୍ବାପଲ୍ଲୀ ଲାଗି ବୈଶାଳୀର ସାଧାରଣତନ୍ତ୍ର ସଙ୍କଟାପନ୍ନ। ବିଦେହ, ମଲ୍ଲ ଓ ପଲାମ ପ୍ରଭୃତି ରାଜ୍ୟଗୁଡ଼ିକ ସମସ୍ତେ ଅମ୍ବାପଲ୍ଲୀ ପାଇଁ ଲାଳାୟିତ।" ଏ ଶବ୍ଦ କେତୋଟି ଶୁଣୁଶୁଣୁ କମ୍ପିତ ହୋଇ ଉଠିଲା ମୋର ସାରା ଶରୀର। ସେହି ସମ୍ମାନନୀୟ ଦୀପଙ୍କର ପୁନଶ୍ଚ କହିଥିଲେ ଯେ, "ଆମ୍ଭମାନଙ୍କ ଗୁପ୍ତଚରର ସମ୍ବାଦ ଯଦି ସତ୍ୟ ହୋଇଥାଏ, ମଗଧରାଜ ବିମ୍ବିସାର ଅମ୍ବାପଲ୍ଲୀକୁ ବଳାତ୍କାରରେ ମଗଧର ରାଜ ଅନ୍ତଃପୁରକୁ ନେବା ପାଇଁ ଉଦ୍ୟମ ଲଗାଇଛନ୍ତି। ବିମ୍ବିସାର ଯେପରି ଲମ୍ପଟ, ତାଙ୍କ ପକ୍ଷରେ ଏହା ଅସମ୍ଭବ ହୋଇନପାରେ। କିନ୍ତୁ ତାହା ହିଁ ଯଦି ହୁଏ, ବୈଶାଳୀ ସହିତ ରାଜଗୃହର ଯୁଦ୍ଧ ଅନିବାର୍ଯ୍ୟ, କାରଣ ବୈଶାଳୀ ଏ ହୀନ ଦସ୍ୟୁବୃତ୍ତିର ନିଶ୍ଚୟ ପ୍ରତିରୋଧ କରିବ। ମାତ୍ର ଏହାର ପରିଣତି ସୁସ୍ପଷ୍ଟ। ମଗଧର ବିପୁଳ ସାମରିକ ଶକ୍ତି ଆଗରେ ବୈଶାଳୀ ବା କେଉଁଦଣ୍ଡ ତିଷ୍ଠିବ? ତେଣୁ ମୋର, ଆପଣମାନଙ୍କ ସମ୍ମୁଖରେ ଜ୍ଞାପ୍ତି ହେଉଛି, ଚିରାଚରିତ ବିଧି ଅନୁସାରେ ଅମ୍ବାପଲ୍ଲୀକୁ ଏଠାରେ ଗଣିକା ଘୋଷଣା କରାଯାଉ।"


ଦୀପଙ୍କରଙ୍କର ଏ ଭାଷଣ ଶୁଣିବା ପରେ ମୋର ଅନ୍ତରାତ୍ମା ଯେପରି ଥରି ଉଠିଥିଲା, ସେ କଥା ବ୍ୟକ୍ତ କରିପାରିବି କି ଭାଷାରେ? ଏ ପୃଥିବୀରେ ପ୍ରତ୍ୟେକ ଯୁବତୀ ଯେପରି ସ୍ୱପ୍ନ ଦେଖେ, ତାହାର ଏକ ସୁନ୍ଦର ସଂସାର ଗଢ଼ିବା ପାଇଁ, ମୁଁ ସେହିପରି କେତେ କଳ୍ପନାରେ ଅଧୀର ହୋଇଛି। ଦିବସ ଓ ରାତ୍ରିର ସଚେତନ ଓ ଅଚେତନ ଅବସ୍ଥାରେ ଏକ ସୁନ୍ଦରତମ ନାୟକର ସ୍ପର୍ଶରେ ଶିହରିତ ହୋଇଛି ବାରମ୍ବାର। ବାପା ମୋତେ ଏହିପରି ଏକ ସୁଶାନ୍ତ, ସୁଶୀଳ ଯୁବକ ସହିତ ମୋର ହାତ ଛନ୍ଦିଦେବେ ବିବାହ ବେଦୀରେ- ଏ କଥା ମନେମନେ ଚିନ୍ତା କରି ଅପୂର୍ବ ପୁଲକ ଅନୁଭବ କରିଛି ଅବିରାମ ଭାବରେ। ବୈବାହିକ ଜୀବନରେ ସନ୍ତାନ-ପ୍ରାପ୍ତିର ଆନନ୍ଦ ବା କିଏ ସନ୍ଧାନ ନକରେ? ମୁଁ ତ ସବୁ ସାଧାରଣ ଝିଅଙ୍କ ପରି ପିଲାବେଳ ଠାରୁ ଯେତେବେଳେ ଖେଳୁଥିଲି ମଜାରେ ମଜାରେ ସେତେବେଳେ ଆମ ଘରେ ଥିବା କାଠ କଣ୍ଢେଇଟିକୁ କାଖ କରି ମୋର ପୁଅ ବୋଲି ଭାବୁଥିଲି ଓ ଦିନରାତି ଯତ୍ନ ନେଉଥିଲି ତା'ର ଠିକ୍ ମାଆଟିଏ ପରି। ଯେଉଁ ସମୟରେ ଦୀପଙ୍କରଙ୍କର ପ୍ରସ୍ତାବ ଶୁଣିଲି, ସେହି ମୁହୂର୍ତ୍ତରେ ମୋର ସବୁ ସ୍ୱପ୍ନ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଥିଲା। ଆଶ୍ଚର୍ଯ୍ୟର କଥା, ଏହି ପ୍ରସ୍ତାବଟିକୁ ସର୍ବ ସମ୍ମତି କ୍ରମେ ସେହି ପବିତ୍ର ସଭାଗୃହରେ ଗ୍ରହଣ କରିନିଆଗଲା। ସେତେବେଳର ମୋର ମନୋବସ୍ଥା ସଂପର୍କରେ ଗୋଟିଏ ବାକ୍ୟ ମାତ୍ର ଗାଳ୍ପିକ ଲେଖିଛନ୍ତି, ତାହା ହେଉଛି- "ବ୍ୟାଧଭୀତା ହରିଣୀ ପରି ଅମ୍ବାପଲ୍ଲୀ ଥରେ ଚାହିଁଲା ସଂଘର ସମବେତ

ସଦସ୍ୟମାନଙ୍କ ଆଡ଼େ ।" ଏ ବର୍ଣ୍ଣନା ପ୍ରକୃତରେ ଅକ୍ଷରେ ଅକ୍ଷରେ ସତ୍ୟ । କିନ୍ତୁ ମୁଁ ଆଶା କରୁଥିଲି, ସେ ସଭାକକ୍ଷରେ କାହାରି ନା କାହାରି ଦେହରେ ମାନବିକତାର ରକ୍ତ ପ୍ରବାହିତ ହେଉଥିବ ବୋଲି । ବ୍ୟାଧ-କବଳିତ ଏ ହରିଣୀଟିକୁ ରକ୍ଷା କରିବେ କେହି ନା କେହି - ଏ ଆଶା ମଧ୍ୟ ମୋ ମନରେ ଉଙ୍କି ମାରିଥିଲା । ଯେତେବେଳେ କେହି ବି ଏ ବିଷୟରେ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ, ନୈରାଶ୍ୟ-ଜର୍ଜରିତ ଆଖିରେ ଅନାଇଥିଲି ମୁଁ ମୋର ପୂଜ୍ୟ ପିତାଙ୍କୁ । ଅଥଚ ମୋ ପିତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯାଇଥିଲା ଏହାପରେ ଅନ୍ୟତମ ସଦସ୍ୟ ଶୀଳଭଦ୍ର କହି ଉଠିଥିଲେ ଯେ, "ବୈଶାଳୀର ସ୍ୱାର୍ଥ ପାଇଁ ଅମ୍ବାପଲ୍ଲୀ ସୁଦ୍ଧା ଏ ଜ୍ଞାପ୍ତିର ବିରୋଧ କରିବେ ନାହିଁ ।" ଆଶ୍ଚର୍ଯ୍ୟ କଥା ! ମୁଁ ବି କୌଣସି ବିରୋଧ କରିବି ନାହିଁ- ଏ ପ୍ରସ୍ତାବରେ- କିପରି ତାହା ଭାବି ପାରିଲେ ଶୀଳଭଦ୍ର ? ମୋର ସମଗ୍ର ଶକ୍ତି ସଂଗ୍ରହ କରି ଏ ପ୍ରସ୍ତାବର ପ୍ରତିବାଦ କରିବା ପାଇଁ ଯେତେବେଳେ ଉତ୍ତେଜିତ ହୋଇ ଉଠୁଥିଲି ମୁଁ, ସେତେବେଳେ ଗଣଧର କହି ଉଠିଲେ, "ପରମ ମାନ୍ୟାସ୍ପଦ ସଂଘର ସଦସ୍ୟଗଣ ! ଆପଣମାନଙ୍କ ନିର୍ଦ୍ଦେଶରେ ମୁଁ ଘୋଷଣା କରୁଛି, ଅମ୍ବାପଲ୍ଲୀ ଆଜିଠାରୁ ହେବ ଗଣଭୋଗ୍ୟା ଗଣିକା । ସୌନ୍ଦର୍ଯ୍ୟ ତାର ଅପରାଧ ।"

ନାରୀର ସୌନ୍ଦର୍ଯ୍ୟ ତା'ର ଅପରାଧ ? ଏ କଥା ଶୁଣିଲି ପ୍ରଥମ କରି । କୁଆଡ଼େ ଯେଉଁ ଯୁବତୀର ସୌନ୍ଦର୍ଯ୍ୟ ରାଜ୍ୟରେ ଅନ୍ତର୍ଦ୍ୱନ୍ଦ୍ୱରେ ବା ଅନ୍ୟ ରାଜ୍ୟ ଆକ୍ରମଣର କାରଣ ହେଉଥିଲା, ତାହା ପ୍ରତି ଏପରି ବିଚାର କରିବା ଥିଲା ସଂଘଶାସିତ ରାଜ୍ୟମାନଙ୍କର ଚିରାଚରିତ ବିଧି । ସତକଥା ଏହା ବିଧିଭୁକ୍ତ ବୋଲି ଜାଣିଲି ମୁଁ । ମାତ୍ର ମୋର ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ମଧ୍ୟ ମୋ ମୁଖରେ ପ୍ରତିବାଦର ଶବ୍ଦ ଉଚ୍ଚାରଣ କରାଇବାରେ ହୋଇଗଲେ ଅକ୍ଷମ । 'ଥେରୀଗାଥା'ରେ ମୋର ଯେଉଁ ଅଶ୍ରୁଳ ଜୀବନର ଆତ୍ମଦହନ ବର୍ଣ୍ଣିତ ହୋଇଛି ଓ ମୋର ନାରୀତ୍ୱ ମାତୃତ୍ୱର ଲୋଭନୀୟ ସମ୍ଭାବନା, ଆଶା ଓ ଆକାଂକ୍ଷା ଯେମିତି ଭୂଲୁଣ୍ଠିତ ହୋଇଛି, ତାହାର ବର୍ଣ୍ଣନା କରିଦେଲେ ସୁରେନ୍ଦ୍ର ମହାନ୍ତି ଅନାସକ୍ତ ଐତିହାସିକ ପରି । 'ଥେରୀଗାଥା'ରେ ଯେଉଁ ବର୍ଣ୍ଣନା ରହିଛି, ତାହା କ'ଣ ସୁରେନ୍ଦ୍ର ମହାନ୍ତିଙ୍କ ହୃଦୟକୁ ବିଦ୍ଧ କରିପାରିଲା ନାହିଁ ? ତାଙ୍କ ହୃଦୟରୁ କ'ଣ ମୋ ପାଇଁ ରକ୍ତ କ୍ଷରିତ ହେଲା ନାହିଁ ? ଏ ବିଷୟ କେବଳ ବର୍ଣ୍ଣନା କରିଦେଇ ସୁରେନ୍ଦ୍ର ମହାନ୍ତି ସେଦିନ ଅଟକି ଯାଇଥିଲେ ବୋଲି ନିଜର ଆତ୍ମବେଦନାକୁ ଆଜି ମୋତେ ପ୍ରକାଶ କରିବାକୁ ପଡୁଛି । ମୁଁ ଏ କଥା ଜାଣେ, ଯେ, କ୍ଷୁଦ୍ରଗଳ୍ପରେ ବର୍ଣ୍ଣନା ନୁହେଁ, ବ୍ୟଞ୍ଜନା ହିଁ ହେଉଛି ପ୍ରଧାନ । ସୁରେନ୍ଦ୍ର ମହାନ୍ତିଙ୍କ ରକ୍ତସ୍ନାତ ହୃଦୟର ଅଭିବ୍ୟଞ୍ଜନା ନିଶ୍ଚୟ ପ୍ରକଟିତ ହୋଇଛି ସାଙ୍କେତିକ ଭାବରେ । ତେବେ ମୋର ମନୋବେଦନାକୁ ଯଦି ଯଥୋଚିତ ଶବ୍ଦ ସଂଯୋଗରେ ଗଳ୍ପଟିରେ ପ୍ରକାଶ କରାଯାଇଥା'ନ୍ତା, ତା'ହେଲେ ଆପଣମାନଙ୍କ ପ୍ରତିଟି ରକ୍ତବିନ୍ଦୁ ପ୍ରତିବାଦ କରି ଉଠିଥା'ନ୍ତା ଏ ନିଷ୍ଠୁର ନିଷ୍ପତ୍ତିରେ । ମାତ୍ର ଦୁଇ ଚାରିଟି ବାକ୍ୟ ଭିତରେ ମୋର ମାନସିକ ଅସହାୟତା ଆଉ ମୋର ପ୍ରତିବାଦର ବହ୍ନିକଣା ଯଦି ବିଚ୍ଛୁରିତ ହୋଇ ଯାଇଥା'ନ୍ତା, ତା'ହେଲେ ଆପଣମାନେ କ'ଣ ଏତେ କାଳ ଧରି ନୀରବ ରହି ପାରିଥା'ନ୍ତେ ? ପୁରୁଷମାନଙ୍କ ନିର୍ମମ ଭୀରୁତା ଓ ନିଷ୍ଠୁର ହୃଦୟ କାହିଁକି ଦୋହଲି ଉଠୁନାହିଁ, ଏପରି ଅମାନବିକ ନିୟମ ବିରୁଦ୍ଧରେ ? ଆଉ ଆଜି ଭିନ୍ନ ପରିବେଶରେ ଠିକ୍ ଏହିପରି ବା ଏହାଠାରୁ ଅଧିକ ପୈଶାଚିକ ଆଚରଣ ବିରୁଦ୍ଧରେ ପୁରୁଷ ଅନ୍ତରରେ ପ୍ରଜ୍ୱଳିତ ହେଉ ନାହିଁ କାହିଁକି ପ୍ରଚଣ୍ଡ ଅଗ୍ନିଶିଖା ?

ସେହିଦିନ ଠାରୁ ନିରୁପାୟ ହୋଇ ଗ୍ରହଣ କରିନେଇଥିଲି ଏହି କଠୋର ନିଷ୍ପତ୍ତିକୁ, ଯାହା ଥିଲା ମୋର ବଳିଷ୍ଠ ମୌନପ୍ରତିବାଦ । ମୋ ଭିତରେ କାବ୍ୟ, କବିତା, ସାହିତ୍ୟ ଅଧ୍ୟୟନର ଆଗ୍ରହ ରହିଥିଲା ପ୍ରଚୁର । ସେହିପରି ସଙ୍ଗୀତ ଗାନ ଓ ନୃତ୍ୟରଚନାରେ ମୁଁ ଥିଲି ଅତୁଳନୀୟା । ମୋର ଏହି ଅନୁରାଗକୁ ଉଜ୍ଜୀବିତ କରି ରଖିଥିଲି ସାରା ଜୀବନ । ସେଥିପାଇଁ ସାଧାରଣ ଗଣିକା ଭାବରେ କେବଳ ନୁହେଁ, ଜଣେ ବିଦୂଷୀ ଲଳନା ଭାବରେ ମୋର ସ୍ଥାନ ଥିଲା ସଂପୂର୍ଣ୍ଣ ସ୍ୱତନ୍ତ୍ର ।

ଯେଉଁ ବିମ୍ବିସାର ଥିଲେ ବୈଶାଳୀ ପାଇଁ ଆତଙ୍କର କାରଣ, ସିଏ ପୁଣି ମଗଧରୁ ଆସି ବୈଶାଳୀରେ ହୋଇପାରିଥିଲେ କିପରି ମୋର ଅତିଥି, ଏ ନିୟମ ଜଣା ନାହିଁ ମୋତେ । ଯେଉଁଦିନ ମୋ ପରି ହତଭାଗିନୀକୁ ହେବା ପାଇଁ ପଡ଼ିଲା ଜନନୀ, ସେଦିନ କେଉଁ ଗୌରବ ନେଇ ଶିଶୁପୁତ୍ରଟିକୁ ମୁଁ ଛାତିରେ ଜାବୁଡ଼ି ଧରିଥା'ନ୍ତି ? ଶିଶୁଟିକୁ ଦେଖିବା ମାତ୍ରକେ ମୁଁ ତ ମମତାସକ୍ତ ହୋଇ ଯାଇଥା'ନ୍ତ । ସେଥିପାଇଁ ଅନ୍ତର କ୍ରନ୍ଦନ କରୁଥିଲେ ବି ଶିରୀମାକୁ ରୁକ୍ଷ କଣ୍ଠରେ ଆଦେଶ ଦେଇଥିଲି ତାକୁ ରାସ୍ତାକଡ଼ରେ ଫିଙ୍ଗି ଆସିବା ପାଇଁ । ମୁଁ ଯେ ସେହି ମୁହୂର୍ତ୍ତରେ ଦଳିତା ସର୍ପିଣୀ ପରି ଗର୍ଜନ କରିଥିଲି, ତାହା ମୋର ଗର୍ଜନ ନୁହେଁ; ତାହା ଥିଲା ମୋ ହୃଦୟର ଅସମ୍ଭାଳ କ୍ରନ୍ଦନ । ଲେଖକ ଲେଖିଛନ୍ତି- "ଅମ୍ବାପଲ୍ଲୀ ଆଜି ନେଲା ଯେପରି ନିଜର ପରିତ୍ୟକ୍ତ ଓ ଉପେକ୍ଷିତ ଜନ୍ମର ପ୍ରତିଶୋଧ ।" ମୋ ଦୁଇ ଆଖିରୁ ନିର୍ଗତ ଦୁଇଟି ଅଶ୍ରୁର ନିର୍ଝରକୁ ଲେଖକ ରୂପାୟିତ କରିଛନ୍ତି- ଏ କଥା ସତ୍ୟ । କିନ୍ତୁ ମୋର ଯେଉଁ ଉପେକ୍ଷିତ ଜୀବ, ତାହାର ପ୍ରତିଶୋଧ ନେବାର କ'ଣ ମାଧ୍ୟମ ବା ଅସ୍ତ୍ର ହୋଇପାରେ ଏ ନିଷ୍ପାପ



ଶିଶୁପୁତ୍ର ? ପ୍ରତିଶୋଧ ଏପରି ନିଆ ଯାଏ ? ମୁଁ ଏ ପର୍ଯ୍ୟନ୍ତ ବୁଝି ପାରୁନାହିଁ ମୋର ନବଜାତ ଶିଶୁ ସନ୍ତାନଟିକୁ ପରିତ୍ୟାଗ କରି କାହା ଉପରେ କିପରି ନେଲି ପ୍ରତିଶୋଧ ?

ସେହି ଶିଶୁ ପରବର୍ତ୍ତୀ କାଳରେ ବୈଦ୍ୟଶାସ୍ତ୍ରର ଧନ୍ୱନ୍ତରୀ ଗୌତମବୁଦ୍ଧଙ୍କର ଶିଷ୍ୟ ଶିରୋମଣି 'ଜୀବକ' ରୂପରେ ଆବିର୍ଭୂତ ହୋଇଥିବା କଥା ଜାଣିଲି ଗଳ୍ପ ପାଠ କରି । ସେହି ଜୀବକ ଏ ଅଭାଗିନୀର ପୁଣି ନିକଟବର୍ତ୍ତୀ ହେବେ, ଏ କଥା କଳ୍ପନାରେ ସୁଦ୍ଧା ଭାବି ପାରିଥା'ନ୍ତି କିପରି ? ମୋର ଉଦ୍ଭିନ୍ନ ଯୌବନ ଶିଥିଳ ପଡ଼ିଗଲା ଦିନେ । ଦାରୁଣ ବ୍ୟାଧିଗ୍ରସ୍ତ ହୋଇ ଚଳତ୍‌ଶକ୍ତି ରହିତା ହୋଇଗଲି ମୁଁ । ମୋର ନୃତ୍ୟଚପଳ ପାଦ ପାଷାଣ ପରି ହୋଇଗଲା ନିର୍ଜୀବ । ବନହରିଣୀର ଦୁଇ ଆଖିରେ ମୋର ମାଡ଼ିଗଲା ପରଳ । ଏହି ଅବସ୍ଥାରେ ଜୀବକଙ୍କ ତତ୍ତ୍ୱାବଧାନରେ ହେଲା ମୋର ଚିକିତ୍ସା । ମରଣମୁଖୀ ଏହି ଭାଗ୍ୟହୀନା ନାରୀ ଦେହରେ ପୁନଶ୍ଚ ଜୀବନ ଓ ଯୌବନର ଲାଳିତ୍ୟ ଫେରାଇ ଆଣିବାରେ ପ୍ରୟାସ କରିଥିଲେ ଜୀବକ । ତାଙ୍କର ସ୍ପର୍ଶରେ ଯେଉଁ ଅପୂର୍ବ ପୁଲକ ମୁଁ ଅନୁଭବ କଲି, ତାହା ଜନନୀ ହେବାର ଦୁର୍ଭାଗ୍ୟଜନକ ମୁହୂର୍ତ୍ତର ସୂକ୍ଷ୍ମ ଆହ୍ଲାଦଟିକକ ବୋଲି ଜାଣି ପାରିଲି ମୁଁ । ଜୀବକଙ୍କ ମା' ସମ୍ବୋଧନରେ ଯେଉଁ ମମତାର ଉପଲବ୍ଧିରେ ପ୍ରାଣ ମୋର ଆପ୍ଲୁତ ହୋଇ ଉଠୁଥିଲା, ସେଥିପାଇଁ ଜୀବକର ପରିଚୟ ଜିଜ୍ଞାସା କରିଥିଲି । ଅଥଚ ମୋର ଅନ୍ତରାତ୍ମା ହିଁ ମୋତେ ଜଣାଇ ଦେଇଥିଲା ଯେ, ସେ ମୋ ହୃଦୟର ଅବିଚ୍ଛେଦ୍ୟ ଅଙ୍ଗ । ବୁଦ୍ଧ-ଶିଷ୍ୟ ଭାବରେ ଜୀବକ ଅନୁଭବ କରିଥିଲେ ମଣିଷ ଜୀବନର ଏହି ବ୍ୟାଧି ବାର୍ଦ୍ଧକ୍ୟ ହେଉଛି ଚରମ ସତ୍ୟ । ଯୌବନ କ୍ଷଣସ୍ଥାୟୀ । ଏ ମହାନ ଉପଲବ୍ଧି ଯାହାଙ୍କ ପାଖୁ ସେ ଅର୍ଜନ କରିଥିଲେ, ସେ ହେଉଛନ୍ତି ସ୍ୱୟଂ ଗୌତମ ବୁଦ୍ଧ । ମୋ ଆଖିରୁ ଅଶ୍ରୁ ନିର୍ଗତ ହେଲେ ଜୀବକଙ୍କ ସାନ୍ତ୍ୱନାଦାୟକ ବାଣୀ ଆଉ ବୁଦ୍ଧଦେବଙ୍କ ତ୍ୟାଗପୂର୍ଣ୍ଣ ଜୀବନର କଥା ମୋତେ କରି ଦେଉଥିଲା ସ୍ଥିର ଓ ଅବିଚଳିତ ।

ଗଳ୍ପଟିର ଶେଷ ଭାଗରେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି, ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ହିଁ ବୈଶାଳୀକୁ ଆଗମନ କରୁଛନ୍ତି ଗୌତମ ବୁଦ୍ଧ ଓ ରାଜା ବିମ୍ବିସାର । ଜୀବକ ଯେତେବେଳେ ବୁଦ୍ଧ ଦର୍ଶନର ଅଭୀପ୍‌ସା ମୋ ଭିତରେ ଜାଗ୍ରତ କରିବାକୁ ଚାହୁଁଥିଲେ, ସେତେବେଳେ ମୋର ପରି ଗଣିକାଟିଏ ତାଙ୍କ ଦର୍ଶନର ଯୋଗ୍ୟା ନୁହେଁ ବୋଲି ଜାଣିଥିଲା । ଜୀବକଙ୍କର କି ଅକାଟ୍ୟ ଯୁକ୍ତି ! ଏହା ତ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରାଣର ପ୍ରତିବାଦ । ଜୀବକ କହିଥିଲେ ଯେଉଁମାନେ ସଂଘ ନାମରେ ନିଜକୁ ଓ ନିଜର ବିବେକକୁ ବଳି ଦେଇଛନ୍ତି, ସେମାନେ କେଉଁ ଗୁଣରେ ଗଣିକା ଠାରୁ ଉଚ୍ଚତର ? ସୁରେନ୍ଦ୍ର ମହାନ୍ତି ଯୁଗ ଯୁଗ ପାଇଁ ରଖିଗଲେ ତାଙ୍କର ଅମଳିନ କୀର୍ତ୍ତି ଏହା ମାଧ୍ୟମରେ । ଯେଉଁମାନେ ଏ ସଂସାରରେ ବିବେକ ବିକ୍ରି କରନ୍ତି, ତାଙ୍କ ଠାରୁ ଆଉ ନୀଚସ୍ତରର ହୋଇପାରେ କିଏ ? ଯେଉଁ ଦିନ ବୁଦ୍ଧଙ୍କ ଆଗମନର ମୁହୂର୍ତ୍ତ, ଠିକ୍ ସେହି ସମୟରେ ବୈଶାଳୀକୁ ଆସି ପହଞ୍ଚିଛନ୍ତି ରାଜା ବିମ୍ବିସାର । ବିମ୍ବିସାରଙ୍କ ସହିତ ଅମ୍ବପାଲୀଙ୍କ ହେବ ମିଳନର ନୂତନ ପର୍ବ ଆରମ୍ଭ, ଏଥିପାଇଁ ସଖୀ ସହଚରୀବୃନ୍ଦ ମୋତେ କି ଆଗ୍ରହରେ ସଜ୍ଜିତ କରିଦେଉଥିଲେ ସେଦିନ ! ଫାଲ୍‌ଗୁନ୍ ପୂର୍ଣ୍ଣିମାର ସାୟାହ୍ନ କାଳରେ ବିମ୍ବିସାର କେଳି ମନ୍ଦିରରେ ମୋ ପାଇଁ ଯେତେବେଳେ ଅପେକ୍ଷାରତ, ଠିକ୍ ସେତିକିବେଳେ ମୋ ଆତ୍ମାର ପ୍ରାର୍ଥନା ଶୁଣିପାରି ସ୍ୱୟଂ ବୁଦ୍ଧଦେବ ଉପସ୍ଥିତ ହୋଇଗଲେ ମୋର ନୃତ୍ୟ ମନ୍ଦିରରେ । ସୁରେନ୍ଦ୍ର ମହାନ୍ତି ସେହି ସମୟର ବାତାବରଣକୁ ଯେପରି ବର୍ଣ୍ଣନା କରିଛନ୍ତି, ତାହା ତାଙ୍କ ପରି ଉଚ୍ଚକୋଟୀର ସାହିତ୍ୟଶିଳ୍ପୀମାନେ ହିଁ କରିପାରନ୍ତି । ସତକୁ ସତ କବିର ବୀଣାବାଦନ ସ୍ତବ୍ଧ ହୋଇଯିବାର ବେଳ ତାହା । ମହାରାଜ ବିମ୍ବିସାର ବିସ୍ମୟ-ବିମୂଢ଼ ହୋଇଯିବାର ଲଗ୍ନ । ଲିଚ୍ଛବୀସଂଘର ସଦସ୍ୟମାନେ ହତଚକିତ ହୋଇଯିବାର କଳ୍ପନାତୀତ ଦୃଶ୍ୟ ତାହା ।

ଗୋଟିଏ ନିଭୃତ ସତ୍ୟ ଉନ୍ମୁକ୍ତ କରିଦେବି କି ଆପଣଙ୍କ ସମ୍ମୁଖରେ ? ତାହା ହେଲା- ଜୀବକ ମୋତେ ଯେଉଁ ନବଜୀବନ ଦାନ କରିଥିଲେ, ସେ ଜୀବନ ବୁଦ୍ଧଦେବଙ୍କର ପାଦପଦ୍ମରେ ଆଶ୍ରୟ ନେବା ପାଇଁ ଭିତରେ ଭିତରେ ହୋଇ ଯାଇଥିଲା ପ୍ରସ୍ତୁତ । ଜୀବକ ମୋ ଦେହରେ ଯେଉଁ ନବପୁଲକ ଓ ନବ-ସୌନ୍ଦର୍ଯ୍ୟ ସୃଷ୍ଟି କରିଥିଲେ, ତାହା ବୁଦ୍ଧ-ପ୍ରେମରେ ହୋଇ ଉଠିଥିଲା ଉଚ୍ଛଳ । ମୋର ଯେଉଁ ନୂତନ ଦୃଷ୍ଟିଶକ୍ତି ସେ ଫେରାଇ ଆଣିଥିଲେ, ତାହାର ଅସଲ ଉଦ୍ଦେଶ୍ୟ ଥିଲା ବୁଦ୍ଧ-ଦର୍ଶନରେ ସେହି ଚକ୍ଷୁ-ଯୁଗଳ ହେବ ପବିତ୍ର । ଯେତେବେଳେ ମୋ ପରି ଅପମାନିତା, ଉପେକ୍ଷିତା, ନିର୍ଯ୍ୟାତିତା ହତଭାଗିନୀ ପାଇଁ ସ୍ୱୟଂ ବୁଦ୍ଧଦେବ ନୃତ୍ୟ ମନ୍ଦିରରେ ଆତିଥ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ, ସେତେବେଳେ ବିଶ୍ୱମୋହିନୀ ବେଶରେ ଉନ୍ମାଦିନୀ ପରି ଛୁଟିଆସି ଲୋଟି ପଡ଼ିଥିଲି ମୁଁ ଧ୍ୟାନ-ନିମୀଳିତ-ଚକ୍ଷୁ ବୁଦ୍ଧଙ୍କ ପାଦ ତଳେ । ଏହି ଅପୂର୍ବ ମିଳନକୁ ମୁଁ କ'ଣ ବ୍ୟକ୍ତ କରିବା ସମ୍ଭବ ? ଏହା ପ୍ରକାଶ କରିପାରନ୍ତି ସିଏ, ଯାହାଙ୍କ ନାମ ସୁରେନ୍ଦ୍ର ମହାନ୍ତି । ଲେଖକ ଗୋଟିଏ ବାକ୍ୟରେ ହିଁ ପ୍ରକଟିତ କରି ଦେଇଛନ୍ତି ସେହି ମଙ୍ଗଳମୟ ଲଗ୍ନର ଶଙ୍ଖଧ୍ୱନିକୁ ଠିକ୍ ଏହିପରି: "ଏ ଯେପରି ପ୍ରବୃତ୍ତି ସହିତ ନିବୃତ୍ତିର, ମହାକାଳ ସହିତ ମୁହୂର୍ତ୍ତର, ଜୀବନ ସହିତ ନିର୍ବାଣର ମହାମିଳନ ।"

ସମବେତ ବୌଦ୍ଧଭିକ୍ଷୁଙ୍କ କଣ୍ଠସ୍ୱରରେ ପବିତ୍ର ହୋଇ ଉଠିଥିଲା ସେହି ସାନ୍ଧ୍ୟକାଳୀନ ସୁଷମା ।

ବୁଦ୍ଧଂ ଶରଣଂ ଗଚ୍ଛାମି ।
ଧର୍ମଂ ଶରଣଂ ଗଚ୍ଛାମି ।
ସଂଘଂ ଶରଣଂ ଗଚ୍ଛାମି ।

ଏହି ବର୍ଣ୍ଣନା ତ ଆପଣ ଗଳ୍ପଟିରେ ମଧ୍ୟ ପଢ଼ି ପାରିବେ । କିନ୍ତୁ ଏକ ଗହନତର ସତ୍ୟ ଉନ୍ମୋଚନ କରିଦେବାର ବ୍ୟାକୁଳତାକୁ ମୁଁ ଅବରୁଦ୍ଧ କରି ରଖି ପାରୁନାହିଁ । ଯେଉଁ ସୁରେନ୍ଦ୍ର ମହାନ୍ତି 'ଶାରୀପୁତ୍ର' ବା 'ମହାନିର୍ବାଣ' ପରି ଗଳ୍ପରେ ବୌଦ୍ଧ ଧର୍ମ ଓ ଦର୍ଶନ ବିପକ୍ଷରେ ସ୍ୱର ଉତ୍ତୋଳନ କରିଛନ୍ତି ବୋଲି ସାହିତ୍ୟ ସମାଲୋଚକମାନେ ବର୍ଣ୍ଣନା କରିଛନ୍ତି, ଏ କ'ଣ ସେହି ସୁରେନ୍ଦ୍ର ମହାନ୍ତି ? ଆପଣ ନିଜ ଅନ୍ତରକୁ ନିରୀକ୍ଷଣ କରି ଦେଖନ୍ତୁ ତ ଥରେ ମୁଁ କେବଳ ଲୋଟି ପଡ଼ିଲି ବୁଦ୍ଧଦେବଙ୍କ ଚରଣଯୁଗଳରେ ନା ମୋ ସହିତ ସମାନ ଅଧୀରତା ଆଉ ବ୍ୟାକୁଳତା ବହନ କରି ସୁରେନ୍ଦ୍ର ମହାନ୍ତି ମଧ୍ୟ ଆଶ୍ରୟ ଖୋଜିଛନ୍ତି ବୁଦ୍ଧଦେବଙ୍କ ପାଦପଦ୍ମରେ ? ଦିନେ ହୁଏତ ସେ ବୌଦ୍ଧ ଦର୍ଶନକୁ ଜୀବନ- ପରିପନ୍ଥୀ ବୋଲି ଭାବିଥିଲେ । ମାତ୍ର ସେ କ'ଣ ଭାବିଲେ, ତାହା ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ । ତାଙ୍କର ଅନ୍ତରାତ୍ମା ଯେଉଁ ଅଭୀପ୍‌ସାରେ ସ୍ପନ୍ଦିତ ହୋଇ ଉଠୁଥିଲା, ତାହା ହିଁ ହେଉଛି ସବୁଠୁ ଅଧିକ ଅର୍ଥ-ବ୍ୟଞ୍ଜକ । ଭୋଗବାଦୀ ଏ ସଂସାରରେ ସୁରେନ୍ଦ୍ର ମହାନ୍ତି ଯେଉଁ ତ୍ୟାଗର ଭାସ୍ୱର ପ୍ରତିମୂର୍ତ୍ତି ଆବିଷ୍କାର କରିଥିଲେ ନିଜ ଅନ୍ତଃସ୍ଥଳରେ, ସେ ହେଉଛନ୍ତି 'ଗୌତମବୁଦ୍ଧ' । ମୁଁ ଓ ମୋର ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ଉଭୟେ ଏକ ସଙ୍ଗରେ ବୁଦ୍ଧଦେବଙ୍କ ଚରଣାଶ୍ରିତ ହୋଇ ଲାଭ କରିଛୁ ଯେଉଁ ପରମ ଶାନ୍ତି ତାହା ପ୍ରକୃତରେ ଅବର୍ଣ୍ଣନୀୟ । ଆଜି ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ପାଳନ ବେଳେ ମୋର ଆତ୍ମାନୁଭବ ସହିତ ମୋର ଶ୍ରେଷ୍ଠସ୍ରଷ୍ଟାଙ୍କ ଅନ୍ତରାନୁଭୂତି ବ୍ୟକ୍ତ କରିଦେଇ ମୁଁ ଲାଭ କରୁଛି ଏପରି ମହତ୍ତର ପ୍ରଶାନ୍ତି, ଯାହାର ନିକଟବର୍ତ୍ତୀ ହେବା ପାଇଁ ଆପଣମାନଙ୍କ ମଧ୍ୟରେ ବି ସୃଷ୍ଟି ହେବ ଦିବ୍ୟ-ଆକାଂକ୍ଷା ।

ଏ ଶୁଭ ଅବସରରେ ପ୍ରଣିପାତ କରୁଛି ବୁଦ୍ଧଦେବଙ୍କ ପାଦପଦ୍ମରେ । ପ୍ରଣିପାତ କରୁଛି ମୋର ଅନନ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତିଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଓ ବିନମ୍ର ଶ୍ରଦ୍ଧା ଆଉ ଭକ୍ତି ଅର୍ପଣ କରୁଛି ଆପଣମାନଙ୍କ ପ୍ରତି ମୋର ପ୍ରିୟତମ ପୁତ୍ର ଜୀବକ ସହିତ ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ମଡେଲ୍ : ସୁକୀର୍ତ୍ତି କର
ଫଟୋଗ୍ରାଫି: ଭାସ୍ୱତୀ କର
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ଶିକ୍ଷା : ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର, ଏମ୍ଏଡ୍, ରିସର୍ଚ୍ଚ ସ୍କୋଲାର୍
ବୃତ୍ତି : ଅଧ୍ୟାପିକା
ମେକ୍ଅପ୍ : ଶାଶ୍ୱତୀ
ସ୍ଥାନ : ବାରବାଟୀ, ବାଲେଶ୍ୱର

ଲେଣ୍ଡର

# ଜୁଲାଇ - ୨୦୨୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

୧୨/୦୬/୨୦୨୧ : ଶ୍ରୀଗୁଣ୍ଡିଚା (ରଥଯାତ୍ରା)
୧୬/୦୬/୨୦୨୧ : ହେରାପଞ୍ଚମୀ
୨୦/୦୬/୨୦୨୧ : ବାହୁଡ଼ା ଯାତ୍ରା
୨୧/୦୬/୨୦୨୧ : ଇଦ୍‌ଜୁହା

**ଜାନୁଆରୀ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

**ଫେବୃଆରୀ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

**ମାର୍ଚ୍ଚ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

**ଅପ୍ରେଲ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

**ମଇ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

**ଜୁନ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

**ଜୁଲାଇ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

**ଅଗଷ୍ଟ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

**ସେପ୍ଟେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

**ଅକ୍ଟୋବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

**ନଭେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

**ଡିସେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

# ଦ୍ରୌପଦୀ-୫

## ପ୍ରଫୁଲ୍ଲ କୁମାର ମହାନ୍ତି



(ଗ୍ରନ୍ଥାଗାରରେ ଦ୍ରୌପଦୀ)
ପ୍ରାସାଦର ପୂର୍ବପଟେ ଫୁଲର ସହର
ଗୋଲାକାର ପରିଧି ମଧ୍ୟରେ ସୁଉଚ୍ଚ ଭବନ
ମହକା ପବନ ଆଉ ଆଲୁଅର ଭରା ଆନନ୍ଦରେ
ପୋଥିମାନେ ଜ୍ଞାନ ସୌରଭ ନେଇ ବିଦ୍ୟମାନ
ଥାକଥାକ ସଜ୍ଜିତ ବେଦୀରେ ଜୀବନ ସୋପାନ
ସନ୍ଧାନୀ ସଂସାରୀ ଯୋଗୀ ପାଇଁ ଭବ୍ୟ ନିମନ୍ତ୍ରଣ ।

ଆଚାର୍ଯ୍ୟ ସୁମନ୍ତ ସ୍ୱାଗତ କଲେ ମୁଖ୍ୟ ଦ୍ୱାରରେ
ଦ୍ରୌପଦୀ ପାଦ ଛୁଇଁ ପ୍ରଣାମ କଲା, ଆଚାର୍ଯ୍ୟ ମହାଶୟ
ମୁଁ ଏଠି ରାଜକନ୍ୟା ନୁହେଁ କେବଳ ବିଦ୍ୟାର୍ଥୀ
ମୁଁ ଖାଲି ଜାଣିବାକୁ ଚାହେଁ କଣ ଅଛି ଏଠି
ଅମୂଲ୍ୟ ସମ୍ପଦ ମଣିଷର ସନ୍ଧାନୀ ମନର କେଉଁ ଦୀପ୍ତି
ଅକ୍ଷରରେ ସମ୍ପାଦିତ ବିଶ୍ୱର ଅନବଦ୍ୟ ଭଣ୍ଡାର
ଆଚାର୍ଯ୍ୟ ମୁହୂର୍ତ୍ତେ ନିରେଖିଲେ ଶୁକ୍ଳବସ୍ତ୍ର ପରିହିତା
ଅସାମାନ୍ୟା ସୁନ୍ଦରୀ ଦ୍ରୌପଦୀର ନମ୍ରତାର ଜ୍ୟୋତି
ପ୍ରହରୀ ବିହୀନା ରାଜକୁମାରୀର ବିଦ୍ୟାପ୍ରୀତି
ଆସ- ଏପଟେ ରହିଛି ଋଗ୍‌ବେଦ ସାମ୍‌ଜର୍ଜୁ ସବୁ
ଉପନିଷଦ୍ ଧର୍ମଶାସ୍ତ୍ର ଅର୍ଥଶାସ୍ତ୍ର କାମସୂତ୍ର
ନାଟ୍ୟଶାସ୍ତ୍ର ନାଟକ, କାବ୍ୟ କବିତା, ଜ୍ୟୋତିଷଶାସ୍ତ୍ର
ଆଉ ଏ ପାଖେ ରହିଛି ସ୍ଥାପତ୍ୟ ଚିତ୍ରକଳା
ଯୁଦ୍ଧକଳା ଧନୁର୍ବିଦ୍ୟା ମଲ୍ଲଯୁଦ୍ଧ ଗଦାଯୁଦ୍ଧ
ବିବାହ ମନ୍ତ୍ର ତଥା ସଂପର୍କର ବିଶ୍ୱଚିତ୍ର:
ଆଚାର୍ଯ୍ୟ ! ପଚାରିଲା ଦ୍ରୌପଦୀ ମୁଁ ଦେଖୁଛି
ବ୍ରାହ୍ମୀ ସଂସ୍କୃତ ପାଲ୍ଲୀ ଆରବୀୟ ପୋଥି !
ହଁ ଏଠି ଦେଖ ବିଜ୍ଞାନ ଦର୍ଶନ, ପ୍ରାସାଦ
ମନ୍ଦିର ପରିଚାଳନା ବଜ୍ଞାନ ଯଜ୍ଞବିଧି ନୃତ୍ୟକଳା
ଆଉ ଯାଦୁବିଦ୍ୟା ରନ୍ଧନ କଳା ? ହସିଲେ ଆଶ୍ଚର୍ଯ୍ୟ
ସବୁ ଅଛି ରାଜଜେମା ମଣିଷ ମନର ସମସ୍ତ ବିଭବ

ଅଛି ଏହି ଭୂର୍ଜପତ୍ର ଗ୍ରନ୍ଥମାନଙ୍କରେ
ଗୃହସ୍ଥର କର୍ତ୍ତବ୍ୟ ଗୃହିଣୀର ସଂସାର ଧର୍ମ
ଆଉ ଏବେ ଆସିବ କିଛି
ଗ୍ରୀକ୍ ଭାଷାର କାବ୍ୟଦର୍ଶନ
କିନ୍ତୁ କାହାକୁ ତ ଦେଖୁନାହିଁ ଏଠି- ପୁଣି ହସିଲେ

ଆଚାର୍ଯ୍ୟ ସୁମନ୍ତ ହଁ ବେଳେବେଳେ ଆସନ୍ତି
ବିଦେଶୀ ପର୍ଯ୍ୟଟକ ଆଉ କିଛି ଆଶ୍ରମ ପାଠକ
ମନ୍ତ୍ରୀ ପାରିଷଦ ମଧ୍ୟ ଅସାନ୍ତି- ଦ୍ରୌପଦୀ ନିରାଶ ହେଲା
ଆଚାର୍ଯ୍ୟଙ୍କୁ ପ୍ରଣାମ କରି ବୁଲିଲା କିଛି ବେଳ
ଋଗ୍‌ଦେବ ଆଣି ବସିଗଲା କାଠ ଚଉକୀରେ
ତନ୍ମୟ ଲଗ୍ନରେ ପାଠ କଲା ଦୁଇଘଡ଼ି
ସତେ କି ପରୀକ୍ଷା ଦେବ
ଜୀବନ ତନ୍ତ୍ରର ମହାବେଦୀକାରେ ।


ଗାନ୍ଧାର କଳାର ପୋଥି ବି ଦେଖିଲା
ଭୋକଶୋଷ ବାଧୁ ନଥିଲା ଅପେକ୍ଷା କରିଥିବା
ସହଚରୀ ଅଳ୍ପକାର ଡାକ ମଧ୍ୟ ବାଜୁନଥିଲା ଡାକରେ
ଦ୍ରୌପଦୀ ନଥିଲା ପାଞ୍ଚାଳି କି କାମ୍ପିଲ୍ୟରେ
ଆକାଶରେ ସୂର୍ଯ୍ୟ ଢଳିବା ପର୍ଯ୍ୟନ୍ତ
ହାଲିଆ ଅପରାହ୍ନର ମଉକା ବିରକ୍ତିରେ ।

‘ଚିତ୍ରକାବ୍ୟ’, ଶିଶୁ ବିହାର,
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି




GAYATRI



ଚିତ୍ର : ଶିଳ୍ପୀ ଧର୍ମେନ୍ଦ୍ର ପ୍ରସାଦ

# ସମୟ : ଦୁଃସମୟ

**ଫନୀ ମହାନ୍ତି**

ସମୟର ନିର୍ଲ୍ଲଜ ମୁଖପତ୍ର
ମୁଁ, କି ବିକଳ ସ୍ଥିତାବସ୍ଥା ମୋର ।

ମୁଁ କି ଗୋଟେ ପରିତ୍ୟକ୍ତ
ପ୍ରାଚୀନ ଗ୍ରନ୍ଥର ଖଂଡ଼େ
କାଡ଼ବୋର୍ଡ଼ ଛବି, ନିଆଶୀ
ବିଧବା ପରି ପଡ଼ି ରହିଛି
ଜ୍ୟାମିତି ବହିର
ଏମିତି ଏକ ଉଭଟ ପୃଷ୍ଠାରେ
ଯେ ଯେଉଁ ଆଡ଼କୁ ଗଲେ ବି
ଫେରିବାକୁ ହେବ ମୋତେ ଦିନେ
ନା, ଦିନେ ଉଦାସ ଚକୋର ପରି
ଅବାକ୍-ବିସ୍ମୟରେ ।

ଶବ୍ଦଟିଏ ଲହୁଲୁହାଣ ହୋଇ
ଜନ୍ମନେଲା ବେଳକୁ କ୍ଷଣଟିଏ
ଗଡ଼ି ଯାଉଥିବ
ଶବ୍ଦଟିଏ ଭାଷାର ଡାଳରେ ଫୁଲ
ହୋଇ ଫୁଟିବା ପୂର୍ବରୁ କଢ଼ ଶୁଖି
ଝଡ଼ି ପଡୁଥିବ
ମଲା ମୂଷା ପରି ଚାରିକାତ ମେଲି
ପଡ଼ିଚି ଏଠି ମୁଁ ଭାଗ୍ୟର ଯନ୍ତାରେ
ଯେତେ ଦୂର ଆଖି
ଖୋଲି ଚାହିଁଲେ ବି
ସୀମା ସରହଦ ଦିଶୁନାହିଁ
ସୂର୍ଯ୍ୟାସ୍ତର ବିଦାୟ ଲଗ୍ନରେ ।

ରଙ୍ଗର ବୈଭବ କଣ ଜାଣୁନି
ମୁଁ, ଲୁହର ସୁର ଶୁଣି ପାରୁନାହିଁ

ଶବ୍ଦର ଧ୍ୱନି ମୋର
କାନରେ ବାଜୁନି
ଘରବାହୁଡ଼ା ଚଢ଼େଇର କିଚିରିମିଚିରି
କି, ପାହାଡ଼ ଝରଣାର କୁଳୁକୁଳୁ
ଗୁଞ୍ଜନ ଶୁଭୁନି,

ଅଜଣା ଭୟରେ ବିସ୍ଫାରିତ
ଚକ୍ଷୁ ଯୁଗଳ
ନିଃସଂଗତାରୁ ନିଃସଂଗତାକୁ ଯାତ୍ରା
ଅବଶିଷ୍ଟ ଜୀବନକାଳ ।

ଆଗରେ ପଛରେ
ବାମ ଓ ଡାହାଣରେ
ଲମ୍ବା ଲମ୍ବା ପାହୁଣ୍ଡ ପକେଇ
ଅରଣା ମହିଷୀ ପରି ଧାଉଁଚି
ମରଣ, କିଳିକିଳା ରଡ଼ିରେ ଗଗନ
ପବନ ମୁଖରିତ କରି ଆକାଶ
ମନ୍ଥନ କରୁଚି
ଦେଖ ଦେଖ ଅଶୁଭ ଶକୁନ ।

♥ ପୁଷ୍ପଧନୁ, ଭୁବନେଶ୍ୱର,
ଫୋନ:୯୯୩୭୯୬୧୮୭୮



ଫନୀ ମହାନ୍ତି

# ହରିମାଷ୍ଟ୍ରେଙ୍କ ଭାଓଲିନ୍: ଟ୍ରାଜେଡି ଟେନ୍‌ସନ୍

ଡକ୍ଟର ରାଧାରଂଜନ ପଟ୍ଟନାୟକ



▶ ଚିତ୍ର : ଶିଳ୍ପୀ ସୋଫିଆ ୟାସ୍‌ମିନ୍

ପାହାଡ଼ ସେପାଖ ଗାଁ ହରିଦାସପୁର
ସଭିଙ୍କର ପରିଚିତ ପ୍ରିୟ ହରିମାଷ୍ଟ୍ରେ
ରଫୁକରା ଉତ୍ତୀର୍ଣ୍ଣ ବୟସରେ
ବଜାଉଥିଲେ ଭାଓଲିନ୍
ଖୁବ୍ ସଉକରେ । ଖୁବ୍ ଆବେଗରେ
ରାତି ଅଛ ବାକିଥିବା ବର୍ଣ୍ଣବିଭା ଅଭିଆଡ଼ୀ
ଉଷାର ଫୁଙ୍ଗୁଲା ଦେହରେ ।

ଅଚାନକ ମୋରୋମ୍ ଢଳା ସଂଜରେ
କରୋନାର ନିବିଡ଼ ଆଲିଙ୍ଗନ
ମୃତ୍ୟୁ ପାଇଁ ଖୋଲିଦେଲା ଦ୍ୱାର
ମାଟିରୁ ଆକାଶ
ବର୍ଷାଭିଜା କାତର ଆଖିରେ
କଳାଛାଇ ଅନ୍ଧାର ଛାତିକୁ ଦୁଇଫାଳ କରି
ହରିମାଷ୍ଟ୍ରେଙ୍କ ଆଙ୍ଗୁଳି ସନ୍ଧିରୁ ଶୁଭିଲାନି ଆଗ ଭଳି
ଶାସ୍ତ୍ରୀୟ ରିଆଜର ମଧୁର ଆଶ୍ୱାସ ।

ବାହାରେ ଡେଣା ଭଙ୍ଗା ଦୁଃଖର ରାତି
ଭିତରେ ସମ୍ପତ୍ତି ସାଉଁଟାର ୪୫ଡିଗ୍ରୀ ତାତି
ପାପଗ୍ରସ୍ତ ଭୋକମାନେ ଲୁହର କବାଟ ଭାଙ୍ଗି ଓହ୍ଲାଇ ଆସିଲେ
କଷିବାକୁ ଗଣିତ ଖାତାରେ ମିଶାଣ ଫେଡ଼ାଣ
ନିର୍ବୋଧ ଆଖିମାନେ ବାରମ୍ବାର ମାପୁଥିଲେ
ଔଦ୍ଧତ୍ୟ ଇଚ୍ଛାର ଓଜନ ।


କିଛିଗୋଟେ ଅଘଟଣ ଘଟିବା ପୂର୍ବରୁ
ଭାଗ ଭାଗ ହୋଇଗଲା ଅଂଶଧନ
ଭିଟାମାଟି, କ୍ଷେତବାଡ଼ି, ବାସନ-କୁସନ
ହରିବଂଶ ପୋଥି, ଲକ୍ଷ୍ମୀପାଦ, ଗୁରୁବାର ମାଣ
ଏପରିକି
କିଏ ଶ୍ରାଦ୍ଧ ଦେବ ତାହା ବି ହୋଇଗଲାନୀତି ନିର୍ଦ୍ଧାରଣ ।

ବିଛାଇ ହୋଇ ପଡ଼ିଥିବା ସୁବର୍ଣ୍ଣ ଖରାରେ
ବିବର୍ଣ୍ଣ ଝରାପତ୍ରର ଦୀର୍ଘଶ୍ୱାସ
ଅସ୍ଥିର କରୁଥିବା ବେଳେ
ନଜରକୁ ଆସେ ନାହିଁ ତାରା ଓ ନକ୍ଷତ୍ର
ପାଚେରୀ ବାହାରେ କିନ୍ତୁ ହରିମାଷ୍ଟ୍ରେଙ୍କ ଫଟୋଚିତ୍ର
ଛୁଇଁବା ପାଇଁ ବ୍ୟସ୍ତ ବିବ୍ରତ
ନିଆଁଠୁ ଉତ୍ତପ୍ତ ଏଠି ସ୍ୱାର୍ଥର କୁହାଟ ।

ଭାଓଲିନ୍ ପାଇଁ ଆରମ୍ଭ ହେଲା
ହାଇଭୋଲ୍‌ଟେଜ୍ ଡ୍ରାମାର ଟ୍ରାଜେଡ଼ି ଟେନ୍‌ସନ୍
ମଝିଆ କହିଲା ମୁଁ ନେବି
ସାନ କହିଲା ମୁଁ ନେବି
ବାପାଙ୍କ ସ୍ମୃତିକୁ ସାଇତି ରଖିବି ଚିରକାଳ
ହୃଦୟର ନିଭୃତ ଥାକରେ
ଯଦିଓ ଭାଓଲିନ୍ ଚାଳନାର
ଅବୋଧପଣରେ ବିତୁଥିଲା ତମାମ୍ ଜୀବନ ।

ବଡ଼ କିନ୍ତୁ ଷ୍ଟାଚ୍ୟୁ ପରି ନୀରବରେ ଠିଆ
ନିଃସଙ୍ଗତାର ବିକଳ ପୃଥିବୀରେ ନିଜକୁ ଦୂରେଇ ବିଷାଦର ଛାୟାଛବି ପରି,
ଭାଓଲିନ୍‌ର ନୀରବିତ ଗଭୀର କ୍ଷତର ଆତୁରତା
ଭାଗ୍ୟ ଓ ଭୂଗୋଳର ସାହିତ୍ୟ ଖାତାରେ
ଆର୍ଦ୍ର ଆଖି ଶ୍ରାବଣର କଲମରେ
ଲେଖିହୋଇ ଯାଉଥିଲା ଭିଜାଭିଜା କରୁଣ କବିତା ।

ଭାଓଲିନ୍ ବଜାଇବାର ଉତ୍ତୁଙ୍ଗ ଉଡ଼ାଣ ପରେ ବି
ଜଣେ ନିର୍ବିବାଦ ମଣିଷ ଭଳି ଭାବନାର ଭାଗବତରେ
ନିଜ ସହ ନିଜେ ହେଉଥିଲା କଥା,
ଯେମିତିକି ସାରା ସଂସାରର
ପ୍ରତିଟି ଭାଓଲିନ୍‌ରେ ସେ ପାଇଯିବ ତା' ବାପାଙ୍କୁ
ଛଳ ଛଳ ହୃଦୟର
ଅପାଶୋରା ବାତ୍ସଲ୍ୟ ମମତା ।



▶ କବି ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ

♥ ସମ୍ପାଦକ: ବାଲେଶ୍ୱର ସାହିତ୍ୟ ସଂସ୍କୃତି କଳା ପରିଷଦ, ସଲ୍‌ଟ୍ ରୋଡ଼,
ସୁନହଟ, ବାଲେଶ୍ୱର-୭୫୬୦୦୧, ଫୋନ : ୯୪୩୮୨୯୦୦୭୨

# ଟୋପି

## ମାନସ ରଞ୍ଜନ ମହାପାତ୍ର



▲ ଚିତ୍ର : ଶିଳ୍ପୀ ସମରେନ୍ଦ୍ର ବେହେରା

ମାଗିଥିଲ ଯେଉଁ ଟୋପି
ଏବେ ନିଅ ।

ତୁମ ଲାଗି ସଜେଇ ରଖିଛି
ହରେକ୍ ରଙ୍ଗର ଟୋପି
ଦେଖ, ଏଇ ଟୋପି କାଲି ପିନ୍ଧୁଥିଲେ
ଇଂରେଜ ରଜା
ଏ ଟୋପି ଗାନ୍ଧୀ, ସେ ଟୋପି ନେହେରୁ
ତାପର ଟୋପିର ମାଲିକ ସୁଭାଷ ବୋଷ୍
ବାଆଁ ପଟକୁ ବୁଲ
ଦେଖିବ ଯେଉଁ ଟୋପି
ପିନ୍ଧୁଥିଲେ ତାକୁ ପଟେଲ୍ ଆଉ ଆଜାଦ୍
ତାଙ୍କ ପଛରେ ଥିଲେ ଯିଏ
ଏବେ ପେନସନ୍ ନେଇ ଘରେ ।

ଯା'ଠୁ ପୁରୁଣା ଟୋପି ଚାହଁ କି ?
ଭିତରକୁ ଚାଲ
ଏଠି ରଖିଛି ମୁଁ ଟୋପି
ହାରୁନ୍‌ଅଲ୍ ରସିଦ୍, ବାବର୍, ଲୁଇ
ଆଉ ମୁସୋଲିନୀଙ୍କର
ଆଉ କିଛି ଟୋପି ଥିଲା
ବହିଗଲା ମହାପ୍ରଳୟରେ
ପଗଡ଼ି ବି କିଛି ରଖିଛି, ଦେଖ
ସେଇ କାନ୍ଥରେ ଟଙ୍ଗା ଚାଦରକୁ
ମୁଣ୍ଡରେ ବାନ୍ଧି ଦେଖ
ଲାଗିବ ପୁରା ଶିବାଜୀ

କ'ଣ ଭଲ ଲାଗୁନି ଏ ଟୋପି ସବୁ
ବ୍ୟସ୍ତ ହୁଅନି, ମଗେଇ ଦେବି
ଥରେ ଖାଲି ଖୋଲା ଦିଲ୍‌ରେ କୁହ ଭାଇ
କେଉଁ ଟୋପି ବାନ୍ଧିବାକୁ ଚାହଁ
ତୁମେ ତ ଜାଣ ବନ୍ଧୁ ମୋର
ଟୋପିଟେ ମିଳିବା ବଡ଼ କଥାଟେ ନୁହଁ
ଆଜିକାଲି ।

♥ 'ଶୀଳା ଚିନ୍ମୟ', ମଧୁବନ ୬ଷ୍ଠ ଗଳି,
ଟିକରପଡ଼ା, ପୁରୀ-୭୫୨୦୦୨
ଫୋନ:୯୮୯୧୯୪୬୧୭୮



▲ ଫଟୋ ମାନସ ରଞ୍ଜନ ମହାପାତ୍ର

# ବନ୍ଧୁ ପ୍ରତି

## ସୁଧା ଦାଶ

ଡରିଗଲ କି ବନ୍ଧୁ ?
ମାଳମାଳ କଂକାଳ
ପରସ୍ତ ପରସ୍ତ ଅଂଧାର
ଚିତାଧୂଆଁରେ ଆକ୍ରାନ୍ତ ସଂଜ ଓ ସକାଳ
ପାଉଁଶ ତଳେ ଖୋଜା ଚାଲିଚି
ପରିଚୟ ଦେହର ।

ଦେହ ଯେ ଦେହ
ତାକୁ ଘର ବୋଲି କହି
ସାତ'ଶ ବାସ୍ତରୀ ଗଣ୍ଡି ସେ ଘରର
ଅହରହ ଘୁଣ ଚରୁଥାଇ ।

ଯେଉଁ ଦେହ
କାଲି ଥିଲା ପ୍ରିୟ
କାଲି ଥିଲା ବଂଚିବାର ଅନ୍ତିମ ଉପାୟ
ଆଜି କେମିତି ପାଲଟିଲା ଅପରିଚିତ
ଭୟଙ୍କର ଭୟ ।

ଡରିବନି କେମିତି,
ସମସ୍ତେ ଦୀପ ହାତରେ,
ସମସ୍ତେ ପ୍ରାର୍ଥନା ମୁଦ୍ରାରେ,
ସମସ୍ତେ ଅସଂଖ୍ୟ ଉପଚାରରେ
ସମସ୍ତେ ସତର୍କ ଓ ସଙ୍ଗରୋଧରେ ।

ମତେ ଜଣାନଥିଲା
ଥମିଗଲେ ମଣିଷର ଚଳପ୍ରଚଳ
ଏତେ ସୁନ୍ଦର ଦିଶେ ଆକାଶ
ଏତେ ପବିତ୍ର ଲାଗେ ପବନର ସ୍ପର୍ଶ
ଅସରନ୍ତି ଲୁହ ବର୍ଷା ସତ୍ତ୍ୱେ
ଏତେ ଶାନ୍ତ ଓ ମନୋରମ ଲାଗନ୍ତି
ଦୃଶ୍ୟମାନଙ୍କର ଅବଶେଷ ।

ମନ ଉଣା କରୁଚ କି ?
ତୁମ ଆଖି ଆଗରେ ତିଆରି ହେଉଚି ବୋଲି
ରୋଗଶୋକ, ଭୋଗାଭୋଗ
ଲୋଭର ପରୀକ୍ଷାଗାରରେ
ଖୋଜା ଚାଲିଚି ତୁମକୁ ପାରି
ଅମର ହେବାର ମାହେନ୍ଦ୍ର ଯୋଗ ।

ପଡ଼ିଚି ଯଦି ପଡ଼ିଥାଉ
ମନ୍ଦିରରେ ତାଲା
ଖୋଲିଚି ଯଦି ଖୋଲାଥାଉ ମଧୁଶାଳା
ଏଠି ତ ଆଠକାଳି ବାରମାସୀ
ତୁମକୁ ନେଇ ଠିଆପାଲା ।
ଆମେ ତ ବେପାରରେ ବଣା
ଆମ ନାଡ଼ିନକ୍ଷତ୍ର ସବୁ ତୁମକୁ ଜଣା ।

ଦେହକୁ ପଣ୍ୟ ରୂପ ଦେଇ
ବଜାରେ ବସାଇଲୁ ନେଇ
ବିକିଲୁ ସ୍ୱପ୍ନ ରକ୍ତ ଝାଳ
ଅସ୍ଥି କଂକାଳ ମେଦ ମଳ ।

ନା ତୁମର ଅଛି ଦେହ
ନା ଅଛି କ୍ଷତ ନା ରକ୍ତକ୍ଷରଣ
ତୁମେ ତ ବନ୍ଧୁ ଧନ୍ୱନ୍ତରୀ
ବୈଦ୍ୟ ନାରାୟଣ
ରୋଗ ତୁମେ ରୋଗୀ ତୁମେ
ତୁମେ ହିଁ ତ କାରଣ ନିଦାନ ।
ଆୟୁ ପରମାୟୁ ଦେହର ଖେଳ
ପାଣି ଫୋଟକାର କି' ଅବା ବଳ ।

ତଥାପି
କାହା ଦାୟରେ କେଜାଣି
ବାରମ୍ବାର ବାଧିକି ପଡୁଚ
ମୌନତାକୁ ମହୌଷଧି କରି
ସଂକ୍ରମଣ ଓ ସଂଗରୋଧରେ
ଭୋଗୁଚ କଷ୍ଟ
ଜାଣେ ଆମ ଅଣାୟତ୍ତ ଅହଂକାରକୁ
ତୁମର ଏ ଅଦୃଶ୍ୟ ଛାଟ ।

ଏତେକଥାକୁ
କାହାରି ନିଘା ନାହିଁ
ସମସ୍ତେ ବ୍ୟସ୍ତ ଖୋଜିବାରେ
ନିଜ ପାଇଁ
ମୁକୁଳି ଯିବାର ବାଟ ।

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ,
କେନ୍ଦୁଝର
ଫୋନ : ୯୪୩୭୪୩୦୪୦୬



▲ ଚିତ୍ର : ଶିଳ୍ପୀ ନୀତା ଶ୍ରୀବାସ୍ତବ (Neeta Shrivastava)



▶ ଫଟୋ ସୁଧା ଦାଶ

# ଗୋପପୁର

## ବାଦଲ ମହାନ୍ତି

ଯେଉଁଠି ବାରମାସ, ଛ'ଋତୁ
କେବଳ ବିରହ
ସେ କାଳେ ପ୍ରେମର ଭୂଖଣ୍ଡ,
କୃଷ୍ଣଶୂନ୍ୟ ଗୋପପୁର ?

ଶତ ଚକିତ, ହଜାରେ ଆଶ୍ଚର୍ଯ୍ୟ ହେଲେ ବି
ଏହା ଧ୍ରୁବତରା ପରି
ସତ୍ୟ ଓ ଅକାଟ୍ୟ, ଅଦ୍ଭୁତ !

କେତେ ଅବା ଦୂର
ମଥୁରାରୁ ଗୋପ ?
କାହିଁକି ଯାଇପାରେନା ମୁଁ
କେମିତି ବା ଯାଇ ପାରିଥାନ୍ତେ କୃଷ୍ଣ ?

ଯେଉଁଠି ରହନ୍ତି ଯଶୋଦା
ଯେଉଁଠୁ ଶୁଭେ,
ଉଠିଲୁ ଏଡ଼େ ବେଗୀ କାହିଁକିରେ ଦୁଃଖିଧନ
ଅବା ନିଧନ ସଂଖାଳି ମୋର ଦରିଦ୍ର ପସରା
ସେ ନଗ୍ରକୁ ଧନୀ କୃଷ୍ଣ ମନା !

ଅପତ୍ୟ ସ୍ନେହର ରାଜାଧିରାଜ
ଦୁଃଖ ବିଜୟୀ ମୁକୁଟ ବିହୀନ ସମ୍ରାଟ
ରାଜା ନନ୍ଦ ।
ମୋ ବାପା କହନ୍ତି,

ସଂସାରର ସବୁଠୁ ଉଜ୍ଜ୍ୱଳସୁଖ,
କାଳେ ପୁତ୍ର ସୁଖ ॥

କେବେ ଯଦି ମଥୁରା ଆଡୁ
ବହିବ ପବନ
ତମ ଥରଥର ହାତରେ
ମୋ ଦେହର ଲବଣୀ ଗନ୍ଧରୁ
ଫେରନ୍ତି ଗୋଧୂଳିର
ଚିତ୍ର ଆଙ୍କିନେବ
ସତରେ ବାପା !
ବାପା ହେବା ଭାରି କଷ୍ଟ ।

ଧନର ବଇରୀ ବନ୍ଧୁ
ଭାବ ଆଉ ଭାବପ୍ରବଣ ରାଜା
ବିପଦ ଦେଶକୁ
ଗୋପପୁରରୁ ଗୋଡ଼ କାଢ଼ିବନି
ପ୍ରିୟ ସଖା ସୁବଳ, ସୁଦାମା
ଏଠି ମୋ ଚଳିବା ଭାରି କଷ୍ଟ
ନିଜେ ବୁଝ, ନିଜ ଭଲମନ୍ଦ ।

ହେଲେ ରାଧା !
ବିଚାରୀ ଚିର ବିରହିଣୀ
ସହସ୍ର ଛିଦ୍ରର ମାଠିଆରେ
ଆଜି ବି ବୋହି ଆଣେ
କୃଷ୍ଣର ରାଜସୂୟ ଯଜ୍ଞ ପାଇଁ
ଯମୁନାରୁ ପାଣି ।
ବୁଝିଲି, ମହାଭାରତ ବିଜୟୀ କୃଷ୍ଣ




ଚିତ୍ର : ଶିଳ୍ପୀ ଧନଞ୍ଜୟ ପ୍ରସାଦ

ପ୍ରେମରେ କାହିଁକି ପରାସ୍ତ !

ହେ ଗୋପପୁରବାସୀ !
ଦେଖିବ ଯଦି ଆସ
ଛଳ ପ୍ରେମ, ମିଛ ସ୍ନେହ ସତ୍ତ୍ୱେ
ମଥୁରାରେ ସବୁ ଋତୁ
କେମିତି ବସନ୍ତ ବସନ୍ତ
ରୋଗାକ୍ରାନ୍ତ ସମୟ ଓ ଜୀବନକୁ ଧରି
ଗତି କରେ ପ୍ରାଣହୀନ ଅଭିଶପ୍ତ
ଅଥଚ, ଐଶ୍ୱର୍ଯ୍ୟମୟୀ ମଥୁରା କଟକ ॥

ଗୋପରେ ଗୋଟିଏ ଋତୁ ବିରହ, ବିରହ
ଘନକୃଷ୍ଣ ସ୍ମୃତି, ଜିଇଁବାର ଏକାନ୍ତ କାରଣ
ପ୍ରାଣ ପ୍ରତି ପ୍ରାଣର ଅହେତୁକ ଲୋଭ
ରୋଗ, ଶୋକ, ଯନ୍ତ୍ରଣାକୁ ଧୋଇ ନିଏ
ଯମୁନାର ଉଜାଣି ଭଳି ପରସ୍ପର ସ୍ନେହ ।

ଥାଅ, ମୋତେ ଛାଡ଼ି
ସମସ୍ତେ ସେଇଠି ଥାଅ
ବିଲୁପ୍ତ ହେଉ
ସ୍ୱାର୍ଥର ଦ୍ୱାରିକା ନଅର
ଶିଆଳିରେ ଝୁଲୁଥାଉ
ମୋ ଅଭିଶପ୍ତ ଦେହ ।

ସମର୍ପିତ ରାଧାପ୍ରେମେ
ଶ୍ୟାମଳ ହେଉଥାଉ
ମୋ ପ୍ରିୟ ଗୋପପୁର ।

ପ୍ଲଟ୍ ନଂ-୫୧୩, ନୂଆସାହି, ନୟାପଲ୍ଲୀ,
ଭୁବନେଶ୍ୱର-୭୫୧୦୧୨
ଫୋନ : ୯୭୭୮୦୩୫୭୬୭



କବି ବାଦଲ ମହାନ୍ତି



▲ ଚିତ୍ର : ଶିଳ୍ପୀ ସସ୍ମିତା ସାହୁ

# ମାଟି ଗୀତ

## ଦେବାଶିଷ ପାତ୍ର

ଏନ୍ତୁଡ଼ିଶାଳର ମାଟିରେ
ଝରି ପଡୁଥାଏ ମାତୃତ୍ୱ
ମାଟି ରୂପ ଦେଉଥାଏ
ପାହାଡ଼, ନଦୀ, ଝରଣା ଓ ଜଙ୍ଗଲ ।

ଦେଉଳବେଢ଼ାର ମାଟିରେ ଥାଏ
ଈଶ୍ୱରଙ୍କ ଜନ୍ମଜାତକ
ମଶାଣିର ମାଟିରେ ଥାଏ
ଗାଁର ଇତହାସ
ନଈକୂଳର ମାଟିରେ ଥାଏ
ଯେତେସବୁ ଭଲପାଇବା ।

ଲଙ୍ଗଳ ଚିରୁଥିବା ମାଟିର ସିଆରରେ
ଗର୍ଭେଇ ଉଠୁଥାଏ ଶସ୍ୟ
ମାଳିର ହାତ ମୁଠାକର ମାଟିରେ
ଧରି ଆସୁଥାଏ ଫୁଲର ରଙ୍ଗ
କୁମ୍ଭାରର ଆଙ୍ଗୁଳି ଚିପର ମାଟିରେ
ଆକାର ନଉଥାଏ ଯେତେସବୁ
ସଂପର୍କର ଘରକରଣା ।

ମାଟିରେ ପୁଣି ରୂପ ପାଏ ଈଶ୍ୱର
ବାରଙ୍ଗନାର ଅଗଣା ମାଟିରେ
ଗଢ଼ି ଉଠେ ଦେବୀର ମୃଣ୍ମୟ ମୂର୍ତ୍ତି
ଉଦ୍‌ବାସ୍ତୁକୁ ମିଳେ ବାସ୍ତୁ, ପୁଣି
ବାସ୍ତୁ ପାଇଁ ମାଟିରୁ ଜନ୍ମନିଏ ଗୋଟେ ବିଦ୍ରୋହ ।


ମାଟିର ମୂଲ ବୁଝିଥିବା ଲୋକଟା
ଯାବତ୍ ଚନ୍ଦ୍ରାକେ ମାଟି କାମୁଡ଼ି ପଡ଼ିଥାଏ
ମାଟିକୁ ବୁଝୁନଥିବା ଲୋକ
କେମିତି ଜାଣିବ ଯେ,
ଗୋଟେ ଆଁ ଭିତରେ ଥିବା
ମୁଠାଏ ମାଟିରେ ଅଛି ଗୋଟେ ବ୍ରହ୍ମାଣ୍ଡ ।

ଏବେ ଜାଣିଲ ନା'
ମାଟି ପାପ ନୁହେଁ ପୁଣ୍ୟ
ଅଖିଳ ଜୀବନ ଓ ମୁଠାଏ ଅନ୍ନ ।



▲ ଫଟୋ ଦେବାଶିଷ ପାତ୍ର

♥ ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ଫୋନ:୭୯୭୮୯୦୩୩୪୫




▲ ଚିତ୍ର : ଶିଳ୍ପୀ ସସ୍ମିତା ସାହୁ

# ଭିନ୍ନ ଏକ ରାଧା

## ସସ୍ମିତା ମେହେର

ସାରା ଆକାଶର ସ୍ୱପ୍ନ ମୁଣ୍ଡେଇ
ସ୍ମୃତି ସବୁକୁ ନିବୁଜ କୋଠରିରେ ବନ୍ଦ କରି
କେମିତି ସଂଗୋପି ଥାଆନ୍ତି ନିଜକୁ
ଏଇ ଦେଖ ମୁଁ ଖୋଲିଗଲି
ବିଛାଡ଼ି ହୋଇ ପଡ଼ିଲି
ମୋ ସ୍ୱପ୍ନରୁ ତୁମ ସ୍ୱପ୍ନକୁ ସଂଚରି ଗଲି
ପରିବ୍ୟାପ୍ତ ହେଉ ହେଉ ପୁଣି
ସଂକୋଚି ଗଲି
ଲାଖିଗଲି ତୁମ ପଲକରେ ।

ତୁମେ ପଲକ ପକେଇଲେ ହିଁ
ଏଠି ମୋର ରାତ୍ରି ଗାଢ଼ ହୁଏ
ଗାଢ଼ ହେଉଥାଏ ଭାବର ପ୍ରବାହ
ପ୍ରେମ ସଂଜ୍ଞା ନିରୂପଣ କରିବା ପାଇଁ
ନା ଆଉ ସମୟ ଅଛି
ନା ତୁମଠୁ ମୁକୁଳି ଆସିବାର ଇଚ୍ଛା
ତୁମ ସାଥେ ସାଥେ ତେଣୁ ତ
ପ୍ରଶ୍ୱାସରେ ଭରିଭରି ମଲ୍ଲିର ମହକ ବାଣ୍ଟେ
ଅଜସ୍ର ସମ୍ଭାବନାର ଫୁଲ ହୋଇ

ଫୁଟୁଥାଏ ପୁଣି ତୁମ ବଗିଚାରେ
ସକାଳର ବିଛଣାରୁ
ମଉଳା ମଲ୍ଲିର ବାସ୍ନା ନେଇ ବି
ଦିନକୁ ମୋର ସୁରଭିତ କରିବାର ପ୍ରୟାସରେ
ନିଜକୁ ସଜାଏ ।

ସଜାଡୁ ସଜାଡୁ ନିଜକୁ
କେବେ ପୁଣି ଭାଙ୍ଗୁଥାଏ ଭିତରେ ଭିତରେ
ପୁଣି ଥରେ ଗଢ଼ି ହେଉଥାଏ ନୂଆ
ନିଃସର୍ତ୍ତ ପ୍ରେମର ନିଆଁରେ
କିଏ କେବେ ଲିଭିଯାଏ ନାହିଁ
ଦିକ୍‌ଦିକ୍ ଜଳିବାର ଅଭୀପ୍ସାରେ
ତେଜୋଦୀପ୍ତା...
ହେଉଥିଲେ ପାଦେ ଅଗ୍ରସର
ଅଦୃଶ୍ୟ ହାତର ସ୍ପର୍ଶରେ
ହଜାରେ ଶକ୍ତି ସଞ୍ଚରେ
ଜିଉଥାଏ...ଜିଣୁଥାଏ...ବଞ୍ଚୁଥାଏ ତେଣୁ
ନିର୍ଲିପ୍ତତାରେ ବି ଲିପ୍ତା ।

କେବେ କେବେ ରାତିଟିଏ ଖୁବ୍ ଲମ୍ବା ଲାଗେ
ଝରକା ଫାଙ୍କରୁ ଜହ୍ନ ମୁରୁକି ମୁରୁକି ହସେ
ଦୂର ବଂଶୀସ୍ୱନ ତୁମ ହୃଦୟରୁ ଶୁଭେ
ତାରା ସବୁ ଖଟେଇ ହୁଅନ୍ତି
ରଜନୀଗନ୍ଧା ଖାଲି ବାସ୍ନା ବୋଳେନି
ସ୍ମୃତିସବୁକୁ ଖେଳେଇ ଦିଏ ଅଗଣାରେ
ସେଠି ସକାଳୁଆ ଅଳସ ପାଦ ଝୁଣ୍ଟିଯାଏ ଯେ
ସାରାଦିନ ଏକ ମିଠା ଯନ୍ତ୍ରଣାରେ
ନିଜକୁ ସନ୍ତୁଳିବାକୁ ହୁଏ ।

ପ୍ରାପ୍ତିର ପୂର୍ଣ୍ଣତା ଚନ୍ଦନର ଶୀତଳତା
ଅପ୍ରାପ୍ତିର ଦାବାନଳ ଜଳାଏ ବି କେବେ
ଭିତରେ ଭିତରେ କୁହୁଳିବାକୁ ବି ଭଲ ଲାଗେ କିନ୍ତୁ
ଧୂଆଁ ସବୁ ଉଠିବା ଆଗରୁ
ପି'ଯିବାର ଯେବେ ସାମର୍ଥ୍ୟଟିଏ ରହେ ।

♥ ବିବେକାନନ୍ଦ ନଗର, ସୋନପୁର
ଫୋନ:୯୪୩୭୯୭୭୩୮୭






▲ ଚିତ୍ର : ଶିଳ୍ପୀ ସମିତା ପାଣିଗ୍ରାହୀ

# ଶୋଇବାକୁ ଦିଅ

## ନଳିନୀ କୁମାର ପାଣିଗ୍ରାହୀ

ଏବେ ସବୁ ଶବ୍ଦ
ଗହୀର ନିଦରେ
ଶୋଇ ଯାଇଥିବା ବେଳେ,
କେମିତି ଦେବି ଯେ
ତୁମ ମର୍ଜିର ଶବ୍ଦ ?

ଏବେ ତ ହାଡ଼ର ବଂଶୀରେ
ଗୀତ ଗାଇବାର ବେଳ,
କେମିତି ତୋଳିବି
ତୁମ ମନ ପସନ୍ଦର ନାଦ ।


ସ୍ୱପ୍ନସବୁ ମଲା
ପ୍ରଜାପତିର ଡେଣାରେ
ଆଙ୍କି ଚାଲିଛନ୍ତି
ଅନ୍ଧାରର ଝୋଟି
ଜହ୍ନର ନିଆଁରେ ଏବେ
ସିଝୁଛି ଏ ମାଟି,
ତମେ ମୋତେ କୁହନାହିଁ

ଆଣିବାକୁ ସୁବର୍ଣ୍ଣ ହରିଣ
ଜୀବନର ସକାଳରେ
ଏବେ ବୟସର
କ୍ଳାନ୍ତ ଅପରାହ୍ନ ।

ନିଃଶ୍ୱାସ ପ୍ରଶ୍ୱାସରେ
ହଳାହଳ ବିଷ,
ବଂଶୀରେ, ବନ୍‌ସୀରେ,
ଜଳରେ, ଜାଳରେ
ମିଛର ଆଭାସ,

ତେଣୁ ମୁଁ କହୁଛି ସଖି
ଗହୀର ନିଦରେ ଶୋଇ
ଯାଇଥିବା ଶବ୍ଦକୁ
ସେମ୍‌ତି ଶୋଇବାକୁ ଦିଅ ।

♥ ଅଧ୍ୟାପକ: କଳିଂଗ ମହାବିଦ୍ୟାଳୟ,
ଜି. ଉଦୟଗିରି, କନ୍ଧମାଳ-୭୬୨୧୦୦
ଫୋନ:୯୪୩୮୦୦୯୯୭୬/୭୯୭୮୭୮୮୨୭୬



▲ କବି ନଳିନୀ କୁମାର ପାଣିଗ୍ରାହୀ

কাহাকু অমর, কাহাকু শহীদ,
কাহাকু করিপারে কালজয়ী আলেখ্য ।

কেবে বহিযাএ লুহ হোই
কেবে বুহাই দিএ রক্তর নই
কেবে বিশ্বাসঘাতকতার অন্ধপুতুলি
কেবে সহৃদয়ে নিএ সঙ্গোলি
কেবে ইন্দ্রধনুর তোরণ
কেবে জন্ম-মৃত্যুর সমীকরণ ।

সময় ত বেশ্ বহুরূপী, বলবান্
তাকু বুঝুবুঝু
পালটি যা'ন্তি সমস্তে
গোটিএ গোটিএ স্মৃতি চিহ্ন ।

♥ ভবানীপাটণা
ফোন:৯৪৩৯৪০০৩৪৮



▶ চিত্র : শিল্পা পটেল আর্ট

# সময় ত
## লিপ্সা পটেল

সময় ত...
সময় ত কান্থঘণ্টারু মুকুলি
চালিযাএ মো সহ দুইপাদ
তা' সহ পাদ বঢ়াউ বঢ়াউ
সে তরলি যাই
কেতেবেলে পালটি যাএ
অভিমান,
অভিলাষ,
অভিভূত করিবার এক মাধ্যম ।

কেবে সে আইমা' গপরু
ওহ্লেই আসি রবোটিক্ হাতরে বন্ধা
পুণি কেবে মঙ্গল গ্রহরে
খোজুথাএ কাহার সত্তা;

শূন্যরু সে অবতারি পারে
আউ এক অন্তরীক্ষ



▶ ফটো লিপ্সা পটেল

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

**୧୬**

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଗୋପବନ୍ଧୁ ଏକ ପ୍ରକାର ରିକ୍ତ ଓ ଚାପଗ୍ରସ୍ତ ହୋଇ ପଡ଼ନ୍ତି । ଏକ ପାଖରେ ମାର୍ଗଦର୍ଶକ ମୁକ୍ତିଆର ରାମଚନ୍ଦ୍ରଙ୍କର ପୁଣି ଆର ପାଖେ ପ୍ରାଣାଧିକା ପତ୍ନୀ ମୋତିର ଅକାଳ ବିୟୋଗ ତାଙ୍କୁ ଏକ ପ୍ରକାର ମାନସିକ ଭାବେ ନିଃସ୍ୱ କରିଦିଏ । ରାମଚନ୍ଦ୍ର ନାହାନ୍ତି ଭାବିଲେ ହୃଦୟ ମନ୍ଥି ହୋଇଯାଏ । ସେ ଆଉ ଦ୍ୱନ୍ଦ୍ୱରେ ପଡିଲେ ପୁରୀ ଦଇତାପଡା ସାହିର ସେ ଘରକୁ ଧାଇଁ ଯିବେ ନାହିଁ ଯେଉଁ ଘରେ ରାମଚନ୍ଦ୍ର ତାଙ୍କୁ ସେବା ଓ ତ୍ୟାଗର ଖଡ଼ି ଛୁଆଁଇ ଥିଲେ । କିଏ ବା ଆଉ ତାଙ୍କ ପରି ନିଜ ଅଣ୍ଟିରୁ କାଢି ନିଃସମ୍ବଳ ମଣିଷ ପାଇଁ ତାଙ୍କ ପରି ଅଜାଡି ଦେବ? କିଏ ବା ତାଙ୍କ ପରି ନିଜ ଭାଗକ ଖାଦ୍ୟ ଅନ୍ୟ ପାଇଁ ଛାଡି ଦେବ? ଆଉ କିଏ ଛାତ୍ର ଜଣେ ଦେଖିଲେ ତା ପାଖକୁ ଧାଇଁ ଯାଇ କହିବ, "ସରକାରୀ ଗୋଲାମ ହେବନି । ଦେଶକୁ ଭୁଲି ଧନ ପଛରେ ମାତିବନ ।" ଆଉ କିଏ ଦିନରାତି ଅନ୍ୟ ଭିତରେ ତ୍ୟାଗ ଓ ସେବାର ପ୍ରେରଣା ଦେବ? କେଉଁଠି ରୋଗୀଟିଏ ପଡ଼ିଥିଲେ କିଏ ଖାଇବା ପିଇବା ଭୁଲି ତା ପାଇଁ ଔଷଧ, ପଥି ବ୍ୟବସ୍ଥା କରିବ? ଆଉ କିଏ ବା ନିଜ ରୋଗ ଲୁଚାଇ ଅନ୍ୟ ମନରେ ଦମ୍ଭ ଦେବ? କାହା ମାନ ଅପମାନ ଉପରେ ଆଞ୍ଚ୍ ଆସିଲେ ଆଉ କିଏ ବା ତାଙ୍କ ପରି ନଖ ଦାନ୍ତ ଲଗାଇ ଯୁଝିବ? ରାମଚନ୍ଦ୍ର ତାଙ୍କ ଜୀବନର ଧ୍ରୁବତାରା । ଏ ଆବିଳ ସଂସାର ଜଳଧିରେ ତାଙ୍କ ଜୀବନର ଦିଗ ନିର୍ଣ୍ଣୟରେ ସେ ସହାୟକ ଥିଲେ । ତାଙ୍କୁ ଏବେ ତାଙ୍କ ନିର୍ଦ୍ଦେଶିତ ଦିଗରେ ଦୃଢ଼ ରହିବାକୁ ପଡିବ । ଆଉ ମୋତି? ସେ ତାଙ୍କ ଜୀବନର ଉହ୍ୟ ଆକର୍ଷଣ । ସଂସାର ସହ ଯୋଗସୂତ୍ର । ଶୋକ ବିଧୁରା,କୋହ ଆତୁରା ମା'ଟିଏ ପରି ସେ ବେଶି ଦିଶେ । ତାକୁ ସ୍ୱାମୀ ସୋହାଗ ଦେଖାଇ ପାରିନାହାନ୍ତି ସେ । ପାଠପଢା ଓ ସାମାଜିକ କାର୍ଯ୍ୟ ଭିତରେ ମୋତି ରହି ଯାଇଛି ଉହ୍ୟ, ଘରର ବାଡ଼ି କବାଟ ପରି । ଏବେ ତା ଅବର୍ତ୍ତମାନରେ ସଂସାର ସହ ଆଉ ଗୋଟିଏ ଡୋର ଛିଣ୍ଡିଗଲା ।

ଆଉ ଡୋର ଲଗାଇବାକୁ ଚେଷ୍ଟା କରିଥିଲେ ଅନ୍ୟମାନେ । ଥରେ ଗୋପବନ୍ଧୁ ଗାଁକୁ ଯାଇଥାନ୍ତି । ନାରଣ ଭାଇନା ଦାଣ୍ଡ ଦୁଆରେ ବସିଛନ୍ତି ଶୁଣି, ସେ ବାରି ଦୁଆର ବାଟେ ଘର ଭିତରକୁ ପଶିଲେ । ଆଗେ ବାରି ପଟେ ଘର ଭିତରକୁ ଗଲେ ମୋତି ଓଢଣା ପକାଇ ଓଳଗି ହେଉଥିଲା । ଆଜି ମୋତି ଠିଆ ହେଉଥିବା ଜାଗା କେମିତି ମାଡିମାଡି ପଡିଲା ।

ଝିଅ ରଙ୍ଗ ଓ କେତକୀ 'ନନା ଆସିଲେ' 'ନନା ଆସିଲେ' କହି ତାଙ୍କୁ କୁଣ୍ଢେଇ ଧରିଲେ । ଦିହିଁଙ୍କୁ କନ୍ଧୁଅ କରି ଭିତରେ କୋହ ଚାପି ଘରକୁ ଗଲେ ଗୋପ । କଣ ଟିକେ ପାଟିରେ ଦେଲା ପରେ ଡ଼କା ପକାଇଲେ ଭାଇନା ।

"ଗୋପ । ଗୋପ ।"

"ଆଜ୍ଞା ।"

"ଘର ଭିତରେ ଅନ୍ଧାରରେ ବସିଛୁ କାହିଁକି ବାରଣ୍ଡାକୁ ଆ ।"

ଗୋପ ଜାଣିଲେ ଭାଇନା କିଛି ଗୁରୁତ୍ୱପୂର୍ଣ୍ଣ କଥା କହିବାକୁ ଯାଉଛନ୍ତି । ପାଖରେ ବସି ଟିକେ ସଂକୋଚ କରି ପଚାରିଲେ, "ହଁ ଭାଇନା କୁହ ।"

ଛାୟାନ୍ଧକାରରେ ଠିଆ ହୋଇଥାନ୍ତି ତାଙ୍କର ବିମାତା ।

"କଣ କହୁଥିଲି କି ଗୋପ ବୋହୂ ତ ଏମିତି ଅକାଳରେ ଆମ ସମସ୍ତଙ୍କୁ ଛାଡି ଚାଲିଗଲେ । ମାସାଧିକ ହେଲାଣି ଆମେ ବଂଶ ଯାକ ଲୁହ ଝରାଉଥାଇଁ । ମୁକ୍ତିଆରେ ବି ଗଲେ । ବେଢି ଉପରେ କୋରଡ଼ା । ଏ ଲୁହ ତ ଶୁଖିବନି । ହେଲେ ସଂସାର ତ ଅଟକିବନି । ତୁ ଦ୍ୱିତୀୟ ବିବାହ ପାଇଁ ରାଜି ହୁଅ ।"

ଭାଇନାଙ୍କ ଠାରୁ ଏକଥା ଶୁଣିବେ ବୋଲି ଆଶା କରିଥିଲେ ଗୋପ । ଉତ୍ତରରେ କହିଲେ, "ଭାଇନା ନିଜର କମ ବୟସରେ ବହୁ କଥା ମୁଁ ଅଙ୍ଗେ ନିଭାଇ ସାରିଲିଣି । ନନା, ବୋଉ, ପୁଅ, ସ୍ତ୍ରୀ ଏ ସମସ୍ତଙ୍କୁ ହରାଇଲିଣି । ଆଉ ମନରେ ସ୍ତ୍ରୀ ସୁଖ ପ୍ରତି ଆଗ୍ରହ ନାହିଁ ।"

"ତୁ ସୁଖ ପାଇଁ ବିବାହ କର୍ ତା ତ ମୁଁ କହୁନି । ହେଲେ ତୋର ଦୁଇ ନାବାଳିକା ଝିଅ ରଙ୍ଗ, କେତକୀ ତ ପୁଣି ମଣିଷ ହେବେ ।"

ଗୋପ ଦେଖିଲେ ଭାଇନା ପିଲାଙ୍କ ଆଳରେ ତାଙ୍କୁ ପୁଣି ସଂସାରରେ ଛନ୍ଦିବାକୁ ଚାହୁଁଛନ୍ତି ।

"ନା ଭାଇନା ! ଅଦୃଷ୍ଟ ବୋଧେ ମୋ ଭାଗ୍ୟରେ ସଂସାର ସୁଖ ଲେଖିନାହିଁ । ବାକି ପିଲା ଦୁହିଁଙ୍କ କଥା କଣ ଅଟକି ଯିବ? ଆମେ ସମସ୍ତେ ପରା ଅଛେ ।"

"କେତେ ବା ବୟସ ତୋର ଗୋପ? ଅଠେଇଶ ଚାଲୁଥିବ । ରାଜା, ଜମିଦାର ତ ସ୍ତ୍ରୀ ଥାଉଁ ଥାଉଁ ଏକାଧିକ ବିବାହ କରୁଛନ୍ତି । ଆଉ ଏ ଯୌବନରେ ତୁ ବାବାଜୀଙ୍କ ପରି କଥା କହୁଛୁ?"

"ମୋତେ ବିଧାତା ସେମିତି ଗଢି ନାହାନ୍ତି ଭାଇନା । ମୋତିର ସ୍ମୃତି ଥାଉଁ ଥାଉଁ ମୋର ଦ୍ୱିତୀୟ ଭାର୍ଯ୍ୟା ଗ୍ରହଣ ଅସମ୍ଭବ ।"

ଏତିକି କହି ଗୋପ ଭାଇନାଙ୍କ ପାଖରୁ ଉଠି ଯାଇଥିଲେ । ଦିନେ ଦି'ଦିନ ପରେ ବାହାରି ଯାଇଥିଲେ କଟକ । ସେଠି ମଧ୍ୟ ଏ ବିବାହ କଥା ଉଠାଇଥିଲେ ତାଙ୍କର ପରମ ବନ୍ଧୁ ରଘୁ ।

ହୁଏତ ନାରଣ ଦାସେ ତାଙ୍କୁ ଏଥିପାଇଁ ଉସୁକାଇଥିଲେ । କାଳେ ସାଙ୍ଗ କହିଲେ ଗୋପ ରାଜି ହେବ ।

ରଘୁ ସେଇସବୁ କଥା ଦୋହରାଇଲେ ଯାହା ନାରଣ ଭାଇନା କହିଥିଲେ । ଅବଶ୍ୟ ସେଥିରେ ଟିକେ ବନ୍ଧୁ ସୁଲଭ ବ୍ୟଞ୍ଜନା ମିଶି କରି ଥିଲା ।

"ଦେଖ ମୋତିଙ୍କ ସ୍ମୃତି ସହିତ ଆଉ ଜଣେ ସ୍ତ୍ରୀ ପାଇଁ କଣ ତମ ହୃଦୟରେ ଜାଗା ନାହିଁ?"

ଗୋପବନ୍ଧୁଙ୍କର ଗାମ୍ଭୀର୍ଯ୍ୟ ଆଗରେ ଏ ଚଟୁଳତା ଚଳି ନଥିଲା । ରଘୁନାଥ କହିଥିଲେ, "ତୁମେ ଯେ ଏବେ ଯୌବନରେ ।"

ଜବାବ୍‌ରେ ଗୋପବନ୍ଧୁ କହନ୍ତି, "ତୁମ କକା ତଥା ଆମର ନମସ୍ୟ ମଧୁସୂଦନ ରାଓଙ୍କ କବିତା ମନେ ପକାଅ– ଯୁବତୀର ରକ୍ତାଧର ରମ୍ୟ ଜ୍ୟୋତି ନୟନର / ସ୍ୱର୍ଣ୍ଣ ଘନ ସମ ବକ୍ଷ ଚାରୁ ପଦ୍ମାନନ / ଇନ୍ଦ୍ରଧନୁ ଶୋଭା ସମ ପଳାନ୍ତି ବହନ ।"

ତାପରେ ବି ଅଧିକ ଆଲୋଚନା କରିବାରୁ ରଘୁନାଥଙ୍କୁ ଗୋପବନ୍ଧୁ କହିଥିଲେ, "ମୋତି ବଦଳରେ ମୁଁ ମରିଥିଲେ କଣ ତମେ ତା ପାଇଁ ବର ଖୋଜିଥାନ୍ତ ରଘୁ?"

ରଘୁନାଥ ହତବମ୍ଭ ହୋଇ ଉଠିଥିଲେ । ସେବେଠାରୁ ଗୋପ ଆଗରେ ତା'ର ପୁନର୍ବିବାହ କଥା ସେ ଆଉ କେବେ ଉଠାଇ ନାହାନ୍ତି ।

ଜୀବନ ତ କାହାକୁ ଚାହିଁ ବସେନା । ଲୁହ ଆଉ କୋହ ଭିତରେ ଗୋପବନ୍ଧୁ ପାଦ ଟାଣ କରିବାକୁ ଚେଷ୍ଟା କଲେ ।

ମଧୁବାବୁ, ଗୋକୁଳାନନ୍ଦ ଚୌଧୁରୀ ଓ ବୈକୁଣ୍ଠନାଥ ଦତ୍ତ ନାଁ କରା ଓକିଲ । କନିଷ୍ଠ ହିସାବରେ ସେ ସେମାନଙ୍କ ଠାରୁ ଆଇନ ବିଦ୍ୟାର ଅନେକ ସୂକ୍ଷ୍ମ କଥା ଶିକ୍ଷା କରନ୍ତି । ଗୋପବନ୍ଧୁ ଗୋକୁଳାନନ୍ଦଙ୍କ ସିରସ୍ତାରେ ଓକିଲାତି ଅଭ୍ୟାସ ଆରମ୍ଭ କରନ୍ତି । ମୋହରିର ପଦ୍ମନାଭ ଦାସ । ବୃତ୍ତି ଆରମ୍ଭ ବେଳେ ପୁଣି ମନେ ପଡେ ରାମଚନ୍ଦ୍ରଙ୍କ କଥା ।

ଥରେ ପୁରୀରେ ମୁକ୍ତିଆରଙ୍କ ଘରେ ଗପସପ ଚାଲିଥାଏ । ଜଗବନ୍ଧୁ ଓ ଗୋପବନ୍ଧୁ ବସିଥାନ୍ତି । ରାମଚନ୍ଦ୍ର କହିଲେ, "ତୁମେ ଦୁହେଁ ତ ସ୍ୱାଧୀନ ବୃତ୍ତି ଆଦରିବ । ଆଇନ ପଢୁଛ ।"

"ଆଜ୍ଞା ।" ଉତ୍ତର ଦେଲେ ଦୁହେଁ ।

"ଆଚ୍ଛା ପ୍ରବାଦ ଅଛି ଓକିଲମାନେ କଳାକୁ ଧଳା ଆଉ ଧଳାକୁ କଳା କରିବାରେ ସିଦ୍ଧହସ୍ତ । ତୁମେ ଦୁହେଁ କଣ ତା କରିବ?"

"ଏହାର ଅର୍ଥ ବା କଣ?"

"ମାନେ ଦାନାପାଣି ପାଇଁ ତୁମେ ମିଛକୁ ସତ ସାବ୍ୟସ୍ତ କରିବାକୁ ଯୁକ୍ତି କରିବ?"

ଉଭୟେ ଗୋପବନ୍ଧୁ ଓ ଜଗବନ୍ଧୁ ପରସ୍ପରକୁ ଚାହିଁ ରହିଥିଲେ । ତହୁଁ

ରାମଚନ୍ଦ୍ର ଦୁହିଁଙ୍କୁ ଚାହିଁ କହିଲେ, "ସତ୍ୟର ବାଟ ଖୁର ଧାର ପରି ତୀକ୍ଷ୍ଣ । ଦୁହେଁ ଶପଥ କର ସତର ପକ୍ଷ ନେବ । ଟଙ୍କା ମିଳିବ ବୋଲି ଗୁଣ୍ଡା, ଅପରାଧୀ, ଦୁର୍ନୀତି ପରାୟଣ ଲୋକଙ୍କ ସପକ୍ଷରେ ଲଢ଼ିବ ନାହିଁ ।"

ଦୁଇ ବନ୍ଧୁ ଯନ୍ତ୍ରଚାଳିତ ପରି ଶପଥ କରିଥିଲେ: ଆମେ ସତର ପକ୍ଷ ନେବୁ ।

ସେଇ ଶପଥ ବୃତ୍ତି ଆରମ୍ଭ କଲାବେଳକୁ ମନେପଡ଼ିଲା । ଗୋପବନ୍ଧୁଙ୍କ ଠାରେ ପେସା ଚଳାଇବାର ଆଗ୍ରହ ଦେଖାଗଲା ନାହିଁ । ଯୁବ ବଙ୍ଗାଳୀ ଓକିଲମାନଙ୍କ ସଂଗେ ଦେଶର ସମସ୍ୟା ଆଲୋଚନା ବଡ଼ କାମ ହେଲା । ମଧୁବାବୁ ଓ ଗୋକୁଳାନନ୍ଦଙ୍କ ସଂଗେ ଉତ୍କଳ ସମ୍ମିଳନୀ କାର୍ଯ୍ୟକ୍ରମ ଚର୍ଚ୍ଚା ଚାଲିଲା । ମକଦ୍ଦମା ଆସିଲେ ସେ ମୁଦେଇ ଓ ମୁଦଲାଙ୍କୁ ଏକାଠି କରି ନିଶାପ କଲେ । ଦୁହିଁଙ୍କ ଭିତରେ ଆପୋଷ କଥାବାର୍ତ୍ତା କରାଇ କହିଲେ- "ଦେଖ ବାବୁ ! ମକଦ୍ଦମା ଲଢ଼ି ଲାଭ କଣ ? ପଇସା ଭୂତ ଖାଇବା କଥା । କଳି ତୁଟେଇ ଦିଅ ।"



ଉତ୍କଳ ଗୌରବ ମଧୁସୂଦନ ଦାସ

କିଛି କଳି ଏମିତି ବି ତୁଟିଲା । କେହି କେହି ତାଙ୍କୁ ଥଟ୍ଟା କଲେ: "ଏମିତି ଲୋକ ଓକିଲ ହେଲେ କୁଳର ବେଉସା ବୁଡିବ ।"

ଦିନେ ମୋହରିର ପଦ୍ମନାଭ ଦାସ କଲେ ପ୍ରତ୍ୟକ୍ଷ ଅଭିଯୋଗ ।

"ଆପଣଙ୍କର ଗାଁରୁ ଚାଉଳ ଆସୁଛି । ପେଟ ପୋଷିବା ଚିନ୍ତା ନାହିଁ । ସେଥିପାଇଁ ଆପଣ ଏ ଆଦର୍ଶ ଦେଖାଉଛନ୍ତି । ହେଲେ ମୁଁ ଆଉ ମୋ ଭଳି ଗରିବମାନେ ଚଳିବେ କେମିତି ! ଆମର ତ ଦାନାପାଣି ବୁଡ଼ିଯିବା କଥା ।"

ଗୋପବନ୍ଧୁ ଚିନ୍ତିତ ହେଲେ । କହିଲେ, "ଆମେ ଚଳିବା ପଦ୍ମନାଭ । ମୁକ୍ତିଆରେ ତ ପୁଣି ସତର ପକ୍ଷ ନେଇ ପୁରୀରେ ଚଳୁଥିଲେ । ତେବେ ତୁମେ ଭଲ ଅର୍ଜି ଲେଖି ଶିଖ । ତା ତୁମ ପାଇଁ ଅତିରିକ୍ତ ରୋଜଗାରର ବାଟ ହେବ ।"

"ଭଲ ଅର୍ଜି ଆଉ କଣ ଆପଣେ ? ପକ୍ଷ ଯାହା କହିଲା ତା'ରି ଆଧାରରେ ତ ଅର୍ଜି ଲେଖାଯିବ ।" କହିଲେ ପଦ୍ମନାଭ ।

"ଆମର ଅନେକ ଓକିଲ ବା ମୋହରିର କାମଚଳା ଅର୍ଜି ଲେଖନ୍ତି । ଅର୍ଜି ଲେଖିବା କିନ୍ତୁ ଏକ ଜ୍ୟାମିତିକ କାର୍ଯ୍ୟ ।"

"ଜ୍ୟାମିତିକ ?"

"ହଁ । ତୁମେ ବିଦ୍ୟାଳୟରେ ଜ୍ୟାମିତି ପଢିଥିବ ।"

"ଆଜ୍ଞା ।"

"ଅର୍ଜି ଲେଖା ଜ୍ୟାମିତିର ଉପପାଦ୍ୟ ପରି । ସାମାନ୍ୟ କଥନ, ତା' ପରେ ବିଶେଷ କଥନ, ଆବଶ୍ୟକ ଥିଲେ ଅଙ୍କନ, ପ୍ରମାଣ୍ୟ ଶେଷରେ ବିଶ୍ଳେଷଣ ମାଧ୍ୟମରେ ପ୍ରମାଣ ।"

"ଅର୍ଜିର ତାହେଲେ ଏତେ ଗୁମର ?"

"ହଁ । ଏମିତି ବିଧିବଦ୍ଧ ଭାବେ, ତର୍କ ସମ୍ମତ କରି ଅର୍ଜି ଲେଖିଲେ ଲୋକେ ତୁମ ପାଖରୁ ଅର୍ଜି ଲେଖାଇବାକୁ ଧାଡି ବାନ୍ଧିବେ । ତୁମର ବି ଦି ପଇସା ହେବ । ମୋତେ ଆଉ ଖୁଣ୍ଟା ଦେବ ନାହିଁ ।"

କଥାଟି ପଦ୍ମନାଭଙ୍କ ମନକୁ ବେଶ୍ ପାଇଲା । ବିଭିନ୍ନ ଚାମ୍ବରରୁ ମଧ୍ୟ ଅର୍ଜି ଲେଖାଇବା ପାଇଁ ମହକିଲ୍‌ମାନେ ତାଙ୍କ ପାଖକୁ ଆସିଲେ ।

ଏମିତି ଓକିଲାତି ଚାଲିଥାଏ । ଅର୍ଥ ବି ଆସେ । ହେଲେ ଗୋପବନ୍ଧୁଙ୍କ ମନରେ ସନ୍ତୋଷ ନଥାଏ । ୧୯୦୭ର ବର୍ଷା ଋତୁ । ଅଗଷ୍ଟ ମାସ । ତଳ ମୁଣ୍ଡରୁ ପବନ ବହି ନଈଗୁଡିକର ଉପର ମୁଣ୍ଡକୁ ଖଲିଆରୀ ଗଲା । ଉପର ମୁଣ୍ଡରେ ନାହିଁ ନଥିବା ବର୍ଷା । ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା,ଖରସୁଆଁ ସବୁଥିରେ ବଢିପାଣି ବିପଦ ସଂକେତ ଟପିଲା । କାଠଯୋଡ଼ିରେ ପାଣି ପଚିଶ୍ ଫୁଟ୍ ଛୁଇଁଲା । ହଜାର ହଜାର ଲୋକ ଜମିଲେ ବନ୍ଧ ଉପରେ । କଟକ ସହର ଉବୁଟୁବୁ । କଲେଜ୍ ଛାତ୍ରାବାସର ପିଲାମାନେ ଜଗିଥାନ୍ତି କଚେରୀ ପାଖ । ବଳା ବନ୍ଧ ଦିଆ ଯାଉଥାଏ । ପାଣି ଛବିଶ୍ ଫୁଟ୍‌ରେ ପହଁଚିଲା । ତେବେ ଧୀରେ ପାଣି ଖସିଲା । ତାପରେ ଦିନକ ଭିତରେ ପାଣି ଧାରକୁ ଖସିଗଲା । ଲୋକେ କଥା ହେଲେ, ତଳେ ଦୁଇଟି ଘାଇ ଭାଙ୍ଗିବାରୁ ପାଣି ଖସିଲା । କଚେରୀ ପାଖରେ ଜଣେ ଛାତ୍ର ଆଉ ଜଣଙ୍କୁ କହିଲା, "ଆଉ ବଳା ବନ୍ଧ ଦେବା, ଜଗି ରହିବା ଦରକାର ନାହିଁ ।"

"ଠିକ କଥା ।"

"ଠିକ୍ ଯେ, ପାଣି ଏତେ ଜଲ୍‌ଦି କମିଲା । ପୁଣି ତଳ ମୁଣ୍ଡରେ ଦୁଇଟି ଘାଇ ହେଲା । ଯା'ର ରହସ୍ୟ କଣ କିଛି ମଗଜକୁ ପଶୁଛି ?"

"ନା । ଘାଇ ହେଲା ତ ପାଣି ଛାଡି ଗଲା ।"

"ହେଲେ ଘାଇ କେବଳ ତଳ ମୁଣ୍ଡେ କାହିଁକି ହେଲା ?"

"ମାନେ ?"

"ଆରେ ଗୋରା ସରକାର କଣ କଟକ ସହର ବୁଡିବାକୁ ଦିଅନ୍ତେ ? ତେଣୁ ତଳ ମୁଣ୍ଡେ ହେ ହେ ।"

"ଏମିତି କଥା ।"

"ଆରେ ସେମାନେ ତ ପୁଣି କଟକରେ ରହୁଛନ୍ତି ।"

ତା ପରେ ଦୁହେଁ ହସି ହସି ଚାଲିଗଲେ । କଟକ ସହର ଆକସ୍ମିକ ଭାବେ ରକ୍ଷା ପାଇବାରୁ ସହରରେ ବିଭିନ୍ନ ଜାଗାରେ ଏ ପ୍ରକାର କଥା ଶୁଣିବାକୁ ମିଳୁଥାଏ । ତେବେ ସହରରେ ଯାହା ବେଶୀ ଆତଙ୍କ ଖେଳାଇ ଥାଏ, ତା'ହେଲା ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀର ବଢି ।

ବ୍ରଜସୁନ୍ଦରଙ୍କ ମାଣିକ ଘୋଷ ବଜାର ପାଖ ରହିବା ଘରେ ବସିଥାନ୍ତି ଗୋପବନ୍ଧୁ, ବ୍ରଜସୁନ୍ଦର, ଅଭିରାମ ଓ ରେଭେନ୍ସା କଲେଜ୍‌ର କେତେଜଣ ଛାତ୍ର । ଏକ ପ୍ରକାର କାନ୍ଦ କାନ୍ଦ ସ୍ୱରରେ ଗୋପବନ୍ଧୁ କହୁଥାନ୍ତି, "ବୁଝିଲ ବ୍ରଜ, ମୁଁ ଯାହା ଖବର ପାଇଛି ଯାଜପୁର ଓ କେନ୍ଦ୍ରାପଡା ସବ୍‌ଡ଼ିଭିଜନ୍‌ରେ ସମ୍ପୂର୍ଣ୍ଣ ଜଳ ପ୍ରଳୟ ହୋଇଛି । ଲୋକ କ୍ଷୟ, ଗୋ କ୍ଷୟ ଅସୁମାରୀ । ଧାନଗଛ କଥା ଛାଡ ଲୋକଙ୍କ ଘର ଉପରେ ଅକାତ କାତ ପାଣି ।"

"ଆମେ କଣ କରି ପାରିବା ଗୋପ ?" ପଚାରିଲେ ବ୍ରଜ ।

"ଆମେ ବହୁତ କିଛି ତ କରି ପାରିବା ନାହିଁ । ତେବେ ଯାହା କରିବା କଥା ନ କରି ରହି ପାରିବା ନାହିଁ ।"

ଉତ୍ସୁକ ହୋଇ ଚାହିଁଥାନ୍ତି ରେଭେନ୍ସାର ଛାତ୍ରମାନେ ।

"ତଥାପି ଯୋଜନା ?"

ଗୋପଙ୍କ ଠାରୁ ଉତ୍ତର ଅପେକ୍ଷା କଲେ ଅଭିରାମ ।

"ଏବେ ପ୍ରାଥମିକ ଆବଶ୍ୟକତା ହେଉଛି ରିଲିଫ୍ । ସେଥିପାଇଁ ସଂଗଠିତ ଉଦ୍ୟମ ଦରକାର । ଆମେ ସେଣ୍ଟ୍ରାଲ୍ ୟଙ୍ଗ୍ ଉତ୍କଳ ଆସୋସିଏସନ୍ ନାମରେ ଏକ ଅନୁଷ୍ଠାନ କରିବା । ରେଭେନ୍ସା କଲେଜ୍‌ର ଅଧକ୍ଷ ଆର.ସଙ୍କ ସହ ମୁଁ

କଥାବାର୍ତ୍ତା କରିଛି । ଏପରି ଏକ ସଂଗଠନ ହେଲେ ତ'ର ସଭାପତି ଭାବେ ସେ ଆମକୁ ପ୍ରେରଣା ଦେବାକୁ ରାଜି ଅଛନ୍ତି । ଆମେ ସମସ୍ତେ କଟକ ସହରର ଗଳିକନ୍ଦି ବୁଲି ଚୁଡ଼ା, ଚାଉଳ, ଟଙ୍କା, ପୁରୁଣା ଲୁଗା ଯାହା ପାଇବା ସଂଗ୍ରହ କରିବା । ଲୋକେ ଏବେଳେ କାର୍ପଣ୍ୟ କରିବେ ନାହିଁ ।" ଗୋପବନ୍ଧୁଙ୍କର ଏ କଥାରେ ସମସ୍ତେ ଦିଗ ପାଇଲେ ।

"ହେଲେ ଆମେ ବା କେତେ ଯୋଗାଡି ପାରିବା ?" ଟିକେ ନିରାଶା ବିଜଡ଼ିତ ଥିଲା ବ୍ରଜଙ୍କର କଣ୍ଠ ।

"ନା ବ୍ରଜ ଇଏ ସେପରି ଭାବିବାର ବେଳ ନୁହେଁ । ଆମେ କେତେ କଣ ଦେଇ ପାରିବା ସେ ବଡ଼ କଥା ନୁହେଁ । ଆମେ ଲୋକଙ୍କ ପାଖେ ଠିଆ ହେଲେ ସେମାନଙ୍କ ମନରେ ଦମ୍ଭ ଫେରି ଆସିବ । ସେମାନେ ଜାଣିବେ ଯେ ଏ ବିପଦ ବେଳାରେ ତାଙ୍କର ଭାଇମାନେ ତାଙ୍କ ସହ ଅଛନ୍ତି ।"


ଆଣ୍ଡ୍ରିଉ ଫ୍ରେଜର୍

ପିଲାମାନଙ୍କ ମନକୁ ବି ଏକଥା ଘେନିଲା । ଗୋପବନ୍ଧୁଙ୍କୁ ଆଉ ରାତିରେ ନିଦ ନଥିଲା । ତା ପରଦିନ ସମସ୍ତେ ଅଧକ୍ଷ ମି.ସଙ୍କୁ ଭେଟିଲେ । ଗୋପବନ୍ଧୁ ଆଉ ଥରେ ସର୍ବ ସମକ୍ଷରେ ତାଙ୍କୁ ସେଣ୍ଟ୍ରାଲ ୟଙ୍ଗ ଉତ୍କଳ ଆସୋସିଏସନର ଆଭିମୂଖ୍ୟ ସୂଚାଇବା ସହିତ ଅନୁଗ୍ରହ କରି ତା'ର ସଭାପତି ପଦ ମଣ୍ଡନ କରିବାକୁ ଅନୁରୋଧ କଲେ । ମି. ସ କହିଲେ, 'you have said about it before . It's a matter of pride on my part to be a part of such an organisation. I expect my students and ex students to perform an effective relief operation'.ଗୋପ ହେଲେ ସଂଗଠନର ସାଧାରଣ ସମ୍ପାଦକ । ଯଦିଓ ସଂଗଠନର ଅନେକ ସାଂସ୍କୃତିକ ଆଭିମୁଖ୍ୟ ବି ଥିଲା ବର୍ତ୍ତମାନ ପରିସ୍ଥିତିରେ ସମସ୍ତଙ୍କ ନଜର ଥିଲା କେନ୍ଦ୍ରାପଡା ଓ ଯାଜପୁର ପାଇଁ ରିଲିଫ୍ ।

ବ୍ରଜ, ଗୋପ ଓ ଅଭିରାମଙ୍କ ସହିତ ମିଶିଲେ କଲେଜ୍ ପିଲାମାନେ । କଟକର ଗଳିକନ୍ଦି ବୁଲି ବୁଲି ମାଗିଲେ ଚୂଡା,ଚାଉଳ,ପଇସା ଏମିତିକି ପାଲଟା ଲୁଗାପଟା । ପ୍ରାୟ ଲୋକେ ସ୍ୱଇଚ୍ଛାରେ କିଛି ନା କିଛି ଦେଉଥାନ୍ତି । ଜଣେ ବ୍ୟବସାୟୀ ଗୋପବନ୍ଧୁଙ୍କ ଆଡ଼କୁ ନଚାହିଁ କହିଲା, "ରିଲିଫ୍ ତ ସରକାରଙ୍କ କାମ । ସେ ତୁଲାଇବେ ।"

ଗୋପବନ୍ଧୁ ତାକୁ ଧୀର ଗଳାରେ ଉତ୍ତର ଦେଲେ, "ତୁମ ଭାଇ ଯଦି ନଈରେ ବୁଡି ଯାଉଥାଏ ତୁମେ କଣ ସରକାରଙ୍କୁ ଅପେକ୍ଷା କରିବ ନା ନିଜେ ପହଁରି ତା ପାଖକୁ ଯିବ ?"

ଏ ପଦକ କଥାରେ କଣ ଥିଲା କେଜାଣି ଲୋକଟି ରିଲିଫ୍ ପାଇଁ ହାତ ଖୋଲି ଦାନ କଲା । ଗୋପବନ୍ଧୁ ମଧ୍ୟ ଉତ୍କଳର ସର୍ବମାନ୍ୟ ନେତା ମଧୁବାବୁଙ୍କୁ ନିବେଦନ କଲେ ସ୍ୱଚକ୍ଷୁରେ ବନ୍ୟାଞ୍ଚଳ ପରିଦର୍ଶନ ପାଇଁ । ମଧୁବାବୁ ବନ୍ୟାଞ୍ଚଳ ପରିଦର୍ଶନ କରି ଆସି ବଡ଼ ବ୍ୟଥିତ ହେଲେ । ସେ ଓ ଗୋପବନ୍ଧୁ ନିୟମିତ ଧୋଇ ଅଞ୍ଚଳର କରୁଣ ସ୍ଥିତି ବିଷୟରେ ଇଂରାଜୀ ଖବରକାଗଜ 'ଦ ଷ୍ଟେଟସ୍‌ମ୍ୟାନ୍'ରେ ଲେଖିଲେ ।

ତେଣେ ଗୋପବନ୍ଧୁ ଓ ତାଙ୍କ ସହଯୋଗୀମାନେ ବନ୍ୟାଞ୍ଚଳରେ ରହିଲେ । ଡଙ୍ଗାରେ ଯିବାବେଳେ ସାପ ମୁଣ୍ଡ ଛିଣ୍ଡି ଗଲା ପରି ସୁଅ ଦେଖି ଗୋପ ବିବ୍ରତ ହୁଅନ୍ତି । ଠାଏ ଠାଏ ଦେଖନ୍ତି ଭାସି ଯାଉଥିବା ଚାଳ । ଚାଳ ଉପରେ ବସିଛନ୍ତି ଦୁଇ ଜଣ ଲୋକ । ଉପରୁ ବର୍ଷା । ସେମାନେ ଏକ ପ୍ରକାର କାଇଲା ହୋଇ ଯାଇଥାନ୍ତି । ଦେହ ଥରୁଥାଏ । ବ୍ୟଥିତ ଗୋପ ନାଉରୀକୁ କହନ୍ତି, "ଆରେ ଦେଖ ଦେଖ ମୋ ଭାଇମାନଙ୍କ ଅବସ୍ଥା । ଓହୋ । ସେମାନେ କେମିତି ସେଠି ଅଛନ୍ତି । ଡଙ୍ଗା ଜଲ୍‌ଦି ନିଅ । ସେ ଚାଳ ଉପରେ ତ ସାପ ବି ଅଛନ୍ତି ।"

ନାଉରୀ ନାଆ ପହଞ୍ଚାଏ । ଗୋପଙ୍କ ସହଯୋଗୀଙ୍କ ସହାୟତାରେ ସେମାନଙ୍କୁ ଡ଼ଙ୍ଗାକୁ ଅଣାଯାଏ । ଦ୍ୱିତୀୟ ଲୋକ ଜଣକ ଚାଳରୁ ଓହ୍ଲାଇଲା ବେଳକୁ ଚାଳରୁ ଫଣା ଟେକେ ତମ୍ପ ସାପ । ସଁ ସଁ ଗରଜେ । ଗୋପବନ୍ଧୁ ଲୋକଟିକୁ ଆଉଁଶି କହନ୍ତି, "ଓହୋ ପ୍ରାଣ ରହିଗଲାରେ ବାବୁ । ସାପ ତୁମ କାହାର କ୍ଷତି କରିନି ?"

"ସାପ ସହିତ ଆମେ ଦି'ଦିନ ଦି'ରାତି ରହିଛୁ । କିଛି କରିନି ଆମର ।'

"ହଁ ପ୍ରଳୟ ବେଳାରେ ସମସ୍ତେ ଏକା ଭେଳାରେ ।"

ଏତିକି କହି ଗୋପବନ୍ଧୁ ଲୋକ ଦୁହିଁଙ୍କର ଖାଇବା ବ୍ୟବସ୍ଥା କରନ୍ତି । ସେମାନେ ତଥାପି ଥରୁଥାନ୍ତି । ଜଣେ କିଏ କହେ ବର୍ଷା ଓ ବଢି ଦେଢ଼ଶୁର ଭାଇବୋହୂ । ବର୍ଷା ହେଲାଣି ମାନେ ବଢି ଛାଡିବ । ଆଉ ଜଣେ କହେ ପ୍ରଳୟ ବେଳାରେ ସବୁ ଓଲଟା ଘଟେ ।

ଏତେବେଳେ ଦୂରରୁ ଦିଶେ ଗୋଟିଏ ଗଛ, ବୁଡି ରହିଛି ଅଧା ପର୍ଯ୍ୟନ୍ତ । ପାଣିର ତୋଡ ପ୍ରଖର । ତା'ଉପରେ ଦରବୁଢ଼ୀ ଜଣେ । ଗୋପ ଏକ ପ୍ରକାର ଉନ୍ମାଦ ପରି ପାଟି କଲେ, "ଆରେ ଦେଖ ଦେଖ ମୋ ମାଆର ଅବସ୍ଥା । ଲୁଗା ଖଣ୍ଡେ ବଡ଼ାଅରେ । ନିଅ ନିଅ ଡଙ୍ଗା ସେଠିକୁ ନିଅ । ଆଲୋ ମୋ ମା' ତୁ କି ଅବସ୍ଥା ନହୋଇଛୁ । ଆ ଡ଼ଙ୍ଗାକୁ ଚାଲିଆ ।"

ସ୍ତ୍ରୀଲୋକ ଜଣକ ଆସିବାର ଅଳ୍ପ ସମୟ ପରେ ଗଛ ଉପୁଡି ପଡି ଭାସି ଯାଏ । ସମସ୍ତେ ସମ୍ମିଳିତ ଭାବେ କହନ୍ତି, "ହେ ଭଗବାନ ।" ଡଙ୍ଗା ମଧ୍ୟ ସୁଅରେ କିଛି ବାଟ ତଡି ହୋଇଯାଏ ।

"ତୋର ଆଉ ସବୁ କିଏ ଅଛନ୍ତି ଲୋ ମା ?" ପଚାରନ୍ତି ଗୋପବନ୍ଧୁ ।

"ମୋର ବର ଝିଅ, ପୁଅ କିଏ କୁଆଡ଼େ ଗଲେ କେଜାଣି । ସାରା ଗାଁ ତ ପାଣି ତଳେ ।"

"ହେ ଜଗନ୍ନାଥ କେତେ ମୁଣ୍ଡ ଯାଇନଥିବ ତା ହେଲେ ।" ଏମିତି ବିପନ୍ନଙ୍କ ଉଦ୍ଧାର କାର୍ଯ୍ୟ ଚାଲେ । ରହିବା ଜାଗାକୁ ଫେରିଲେ ଚୂଡା, ଚାଉଳ, ଗୁଡ଼ ଇତ୍ୟାଦି ବଣ୍ଟା ଯାଏ । ଠାଏ ଠାଏ ରନ୍ଧା ଖାଦ୍ୟର ବ୍ୟବସ୍ଥା ମଧ୍ୟ ହୋଇଥାଏ । କାହା କାହାକୁ ପୁରୁଣା ଲୁଗା ମଧ୍ୟ ଦିଆଯାଏ । ଲୋକେ ଭୋକ ବିକଳରେ ଶୃଙ୍ଖଳା ରଖି ପାରନ୍ତିନି ।

ପାଣି ଆସ୍ତେ ଛାଡିବା ସହିତ ବିଭିନ୍ନ ସ୍ଥାନରେ ପଚା ମୁର୍ଦ୍ଦାର ପଡିଥିବାର ଦେଖାଯାଏ । ଗାଇଗୋରୁ ଏମିତିକି ବିଲୁଆ କୁକୁରଙ୍କ ଶବ ବି ପଡିଥାଏ । ଏ ଦୃଶ୍ୟ ଦେଖି ଗୋପବନ୍ଧୁ ସ୍ୱଗତୋକ୍ତି କରନ୍ତି, "ହେ ଭଗବାନ ! ମୋ ଭାଇ ଭଉଣୀମାନଙ୍କର ଏଇ ଅବସ୍ଥା । ତମେ ବଡ଼ ଦେଉଳରେ ଅଛ କି ନାହିଁ ।"

ସେଦିନ ରାତିରେ ବ୍ରଜସୁନ୍ଦର ଡାକନ୍ତି, "ଦାସେ ଆସ ଦି'ଟା କଣ ବସିଯିବା ।"

"ରୋଷେଇ ସରିଲାଣି ।"

"ହଁ । କିବା ରକ୍ଷା ? ବଗଡ଼ା ଉଷୁନାକୁ ପାଣି ଡାଲ୍‌ମା ।"

"ପିଲାମାନେ ଖାଇଲେଣି ।"

"ଆମେ ନ ବସିଲେ କଣ ସେମାନେ ବସିବେ ?"

"ଓହୋ ହଉ ଚାଲ ।"

ବ୍ରଜ ଖାଇବା ଠି ଦେଖିଲେ ଦାସେ ବସିଛନ୍ତି ସିନା । ହେଲେ ହାତ ପାଟିକୁ ଯାଉନି ।

ତା ପରଦିନ ଠାଏ ଦେଖା ହୁଅନ୍ତି ଶଶୀଭୂଷଣ ଓ ଗୋଦାବରୀଶ ।

"ତୁମେ କେଉଁ ପାଖେ କାମ କରୁଛ ?" ପଚାରନ୍ତି ଗୋପବନ୍ଧୁ ।

"ଆମେ ଆଳି ପଟେ ଅଛୁ । ଶଶୀଦା, ମୁଁ ଓ ଦୁଇଜଣ ବଙ୍ଗାଳୀ ପିଲା ।" ଉତ୍ତର ଦେଲେ ଗୋଦାବରୀଶ ।

"ସେଠିକା ଅନୁଭୂତି କଣ ?"

"ମୁଁ ଶୁଣିଥିଲି ଆପଣେ ଘର ପୋଡ଼ି ଠାରୁ ବିପତ୍ତି ନାହିଁ । ଏଠିକୁ ଆସି ଜାଣୁଛି ଧୋଇ ଠାରୁ ବିପତ୍ତି ନାହିଁ । ଘର ପୋଡି ଗଲେ ଗଛ ମୂଳେ ରହି ହେବ । ହେଲେ ବଢ଼ି ବେଳେ ଗଛ ମୂଳେ ସୁଦ୍ଧା ପନ୍ଦର କୋଡ଼ିଏ ଦିନ ପାଣି ରହେ ।"

"ଆଚ୍ଛା ଆଳିର ଜମିଦାର କିଛି କରୁଛନ୍ତି ।"

"ସେମିତି କିଛି ନାହିଁ । ପବନ ଖାଇବାକୁ ବାହାରିଲେ ଲୋକେ ତାଙ୍କୁ ହାତ ଯୋଡୁଛନ୍ତି । କିନ୍ତୁ ଆମକୁ ଦେଖିଲେ ପେଟ ଦେଖାଇ ମାଗୁଛନ୍ତି । ଖାଇବାକୁ ନପାଇ ଲୋକେ କଙ୍କାଳସାର ହେଲେଣି ।" କହିଲେ ଗୋଦାବରୀଶ ।

"ସେଇ ତ ଚିନ୍ତା । ଏ ବଢ଼ି ଦୁର୍ଭିକ୍ଷ ଆଡ଼କୁ ଗଲାଣି ।"

"ତୁମେ ରହୁଛ କେଉଁଠି ?"

"ଆଳି ଡାକ ବଙ୍ଗଳାରେ । ସେଠି ସରକାରଙ୍କ ତରଫରୁ ଜଣେ ସବ ଡେପୁଟୀ ବଢ଼ି କାମରେ ଅଛନ୍ତି । ସେ ଆମକୁ ଗୋଟିଏ କୋଠରୀ ଛାଡ଼ିଛନ୍ତି ।"

"ଆପଣ ଭାବୁଛନ୍ତି କି ଲୋକଙ୍କ ଏ ଦୁଃଖରେ ସରକାର ତରଳିବେ । ଏମାନେ ଅସ୍ତ୍ରର ଭାଷା ବୁଝନ୍ତି ଗୋପବନ୍ଧୁ ବାବୁ । ସେଥିପାଇଁ ତ ଆମେ ସଶସ୍ତ୍ର ବିପ୍ଳବ ସପକ୍ଷରେ ଚଳାଇଛୁ ଗୋପନ ଅଭିଯାନ ।" ଏତିକି କହିଥିଲେ ଶଶୀଦା । ତାପରେ ଦୁହେଁ ଚାଲି ଯାଇଥିଲେ ।

ବନ୍ୟା ବିଷୟରେ 'ଷ୍ଟେଟ୍‌ସମ୍ୟାନ୍'ରୁ ଜାଣିଲା ପରେ ଦୁର୍ଭିକ୍ଷର ଆଶଙ୍କା ଅନୁଭବ କଲା ପରେ ବାହାରୁ ସାହାଯ୍ୟ ଆସିଲା । ତେବେ ସରକାରଙ୍କ ମତିଗତି ଜାଣିବା ଲାଗି ଗୋପବନ୍ଧୁ ଫେରିଲେ । କଟକ ଆସି ଜାଣିଲେ ମଧୁବାବୁ ସରକାରୀ ସାହାଯ୍ୟ ପାଇଁ ବାରମ୍ବାର ଦାବି ଜଣାଉଛନ୍ତି । ହେଲେ ସରକାର ଶୁଣୁନାହାନ୍ତି । ଛୋଟ ଲାଟ୍ ଫ୍ରେଜର୍ କଟକ ଆସିଥିଲେ । ମଧୁବାବୁ ତାଙ୍କୁ ଭେଟି ଯାଜପୁର ଓ କେନ୍ଦ୍ରାପଡାର ଦୁଃସ୍ଥିତି ବିଷୟରେ ଜଣାଇଲେ ।

କହିଲେ, 'It is going to be famine like situation' .

ଉତ୍ତରରେ କାଳେ ଫ୍ରେଜର୍ କହିଥିଲେ, 'you are unnecessarily exaggerating the matter Mr. Das.' ସରକାରଙ୍କ ହୃଦୟହୀନତା ସମସ୍ତଙ୍କୁ ବାଧିଲା ।

କଟକରେ ଏଥିଲାଗି ପ୍ରତିବାଦ ତେଜିଲା । କଟକ ମୁନିସିପାଲିଟି ପଡ଼ିଆରେ ଗଣ ପ୍ରତିବାଦର ଆୟୋଜନ କରାଗଲା । ଏ ସଭାରେ ବିଲାତ ପାର୍ଲିଆମେଣ୍ଟର ସଭ୍ୟ ନେଭିନସନ୍ ଉପସ୍ଥିତ ଥିଲେ । ମଧୁବାବୁ ଚାହୁଁଥିଲେ ବନ୍ୟାକ୍ଲିଷ୍ଟଙ୍କ ଦୁଃଖ ଜଣେ ଗୋରାଲୋକ ବୁଝନ୍ତୁ । ସରକାର କରିଥିବା ଅନ୍ୟାୟ କଥା ବିଲାତରେ କୁହନ୍ତୁ । ଧୋଇ ଅଞ୍ଚଳର କିଛି ଅସ୍ଥି କଙ୍କାଳସାର ଲୋକଙ୍କୁ ସଭାରେ ଉପସ୍ଥିତ କରା ଯାଇଥିଲା । ମଧୁବାବୁ ଯେତେବେଳେ ପ୍ରତ୍ୟକ୍ଷଦର୍ଶୀ ଗୋପବନ୍ଧୁଙ୍କୁ ତାଙ୍କ ରିଲିଫ୍‌କାଳୀନ ଅନୁଭୂତି କହିବାକୁ ସୂଚାଇଲେ ଗୋପବନ୍ଧୁଙ୍କର ବାକ୍ ସ୍ଫୁରଣ ହେଲା ନାହିଁ । ସେ ଯାହା ଦେଖିଥିଲେ ତାକୁ କଣ କଥାରେ କହିହେବ ? ଯେଉଁ ଉପାସୀ କଙ୍କାଳମାନଙ୍କୁ ଦେଖୁଛନ୍ତି ସେମାନଙ୍କୁ କଣ ଭାଷଣ ଲୋଡ଼ା । ସେ କେବଳ ଧାରଧାର ଲୁହ ଝରାଇ ଦୀର୍ଘ ସମୟ କାନ୍ଦିଲେ । ସେ କାନ୍ଦରେ ପଥର ତରଳି ଯିବ । ତାଙ୍କ କ୍ରନ୍ଦନ ଦେଖି ନେଭିନସନ୍ ମଧ୍ୟ ରୁମାଲ୍‌ରେ ଆଖି ପୋଛିଲେ । ହୃଦୟଙ୍ଗମ କଲେ କେନ୍ଦ୍ରାପଡା ଓ ଯାଜପୁରର ବନ୍ୟା ବିପ୍ଳାତ । ସେଦିନ ଲୋକେ ବୁଝିଲେ ଗର୍ଜନ ବଦଳରେ ଲୁହ ବି ପ୍ରତିବାଦର ଭାଷା ହୋଇପାରେ ।




ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



## ଜୟନ୍ତୀ ରଥ

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



◄ ଲେଖିକା ଜୟନ୍ତୀ ରଥ

# ୩ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଲିପିତତ୍ତ୍ୱବିଦ୍, ସଂସ୍କୃତଜ୍ଞ, ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଅଧିନରେ କାମ କରିବାର ସୌଭାଗ୍ୟ ମିଳିଥିଲା ତାଙ୍କୁ । ରାଜଗୁରୁ ମହାଶୟ କନିଷ୍ଠ ସହକର୍ମୀମାନଙ୍କୁ ପଢ଼ିବା ପାଇଁ ଲେଖିବା ପାଇଁ ସବୁବେଳେ ଉତ୍ସାହିତ କରୁଥିଲେ । ସେତେବେଳେ ସମସ୍ତ କର୍ମଚାରୀ ମାସିକ କାର୍ଯ୍ୟ ବିବରଣୀ ଦାଖଲ କରୁଥିଲେ ନିଜ ନିଜ ଉପରିସ୍ଥ ଅଧିକାରୀଙ୍କ ନିକଟରେ । ସେହି ନିୟମ ଅନୁସାରେ କୁମୁଦିନୀ ନାନୀ ତାଙ୍କ ବିବରଣୀ ପେଶ କରୁଥିଲେ ରାଜଗୁରୁଙ୍କ ପାଖରେ । ରାଜଗୁରୁ ମନଯୋଗ ଦେଇ ପଢୁଥିଲେ ସେଇ ବିବରଣୀ । କୁମୁଦିନୀ ନାନୀ ପଢ଼ିଥିବା ବହି ଓ ଲେଖିଥିବା ପ୍ରବନ୍ଧ ଉପରେ ତନ୍ନ ତନ୍ନ ଆଲୋଚନା କରୁଥିଲେ । ପ୍ରାଚୀନତମ ବ୍ରାହ୍ମୀ ଲିପିର ବିବର୍ତ୍ତନ, ଓଡ଼ିଆ ଲିପିର କ୍ରମବିକାଶ- ଏସବୁ ଥିଲା ରାଜଗୁରୁଙ୍କ ନଖଦର୍ପଣରେ । କାଳକୁ କାଳ ବଦଳୁଥିବା ଅକ୍ଷରକୁ ନିଜ ଆୟତ୍ତକୁ ଆଣିବାରେ ନିବିଷ୍ଟ ଥିଲେ ସେ । ଏ ବିଦ୍ୟା ସହଜ ସାଧ୍ୟ ନଥିଲା ଆଦୌ । ରାଜଗୁରୁ ଦବିଯିବାର ଲୋକ ନଥିଲେ । ତାଙ୍କର ଜ୍ଞାନତୃଷ୍ଣା ଥିଲା ଅପରିସୀମ । ସେଇ ତୃଷ୍ଣା ମେଣ୍ଟେଇବାକୁ ସେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ । ପଢ଼ିବାକୁ ବସିଲେ ତାଙ୍କର ସମୟ ଜ୍ଞାନ ରହୁ ନଥିଲା । ଅପରାହ୍ନ ପାଞ୍ଚଟା ସଂଗ୍ରହାଳୟ ବନ୍ଦ ହେବା ସମୟ । ଜଣ ଜଣ ହୋଇ ସମସ୍ତେ ଚାଲି ଯାଆନ୍ତି । ଅନ୍ଧାର ନଇଁ ଆସେ । ରାଜଗୁରୁଙ୍କ ପାଖେ କାମ କରୁଥିବା ଅର୍ଦ୍ଦଳି ଲାଇଟ୍ ଜାଳି ନିରବରେ ବସି ରହେ । ଛଅଟା, ସାତଟା । ଦିନେ ଦିନେ ଆଠଟା ବାଜି ଯାଏ । ହଠାତ୍ ଧ୍ୟାନ ଭଙ୍ଗେ ରାଜଗୁରୁ ଚମକି ଉଠି ଚାହାଁନ୍ତି ଚାରିପଟକୁ । ଅର୍ଦ୍ଦଳି କାଳିନ୍ଦୀ ମୁହଁ ପୋତି ବସିଥାଏ । "ତମେ କାହିଁକି ବସିଚ ଏତେବେଳ ଯାଏଁ ?" ବ୍ୟସ୍ତ ବିବ୍ରତ ହୋଇ ପଚାରନ୍ତି ରାଜଗୁରୁ । "ସାର୍, ଆପଣଙ୍କୁ ଛାଡ଼ି ମୁଁ କେମିତି ଯାଇଥାନ୍ତି । କବାଟ, ଝରକା କିଏ ବନ୍ଦ କରିଥାନ୍ତା ?" ଅର୍ଦ୍ଦଳିର ବିନମ୍ର ଉତ୍ତର । "ଓହୋ- ମତେ ଡାକି ଦେଇଥାନ୍ତ ନା ?" ସହାନୁଭୂତିରେ ବିଚଳିତ ହୋଇ ଉଠେ ତାଙ୍କ ସ୍ୱର । ଅର୍ଦ୍ଦଳିର କାନ୍ଧରେ ସସ୍ନେହ ହାତ ଥାପି କହନ୍ତି- "ମୁହଁ ଖୋଲି ନ କାନ୍ଦିଲେ ମାଆ ପରା ଛୁଆକୁ ଖାଇବାକୁ ଦିଏନି । ମୁହଁ ଖୋଲି କହିବ ନା !"

ଅଫିସ୍‌ର ଅନ୍ୟ ସାଥୀଭାଇ କାଳିନ୍ଦୀକୁ ଥଟ୍ଟା କରନ୍ତି, "ବୁଢ଼ା ତତେ କିମିଆଁ କରିଚି କି ଭାଇ । ଭୋକଶୋଷ ଭୁଲି ଏତେ ବଡ଼ କୋଠାଟାରେ ରାତି ଜଗୁଆଳୀ ପରି ବସି ରହୁଚ ।"

– "କଣ କରିବି ଭାଇ । ଏକୁଟିଆ ତାଙ୍କୁ ଛାଡ଼ି ଯିବାକୁ ମନ ବଳୁନି । ସେ ଯାହା ପଢୁଛନ୍ତି, ଲେଖୁଛନ୍ତି ସବୁ ଆମର ଭଲ ପାଇଁ । ଆମ ପିଲାମାନେ ପଢ଼ିବେ ତାଙ୍କ ଲେଖା । ଜାଣିବେ କେତେ ଅଜଣା କଥା ।" କାଳିନ୍ଦୀର ଏଇ କଥାକୁ ସମର୍ଥନ ଜଣାଏ ସହକର୍ମୀ ତାରିଣୀ । କହେ, "ବଡ଼ ଧର୍ମ କାମ କରୁଚ ସଙ୍ଗାତ । ତମକୁ ଧର୍ମଦେବତା ଜଗିବେ ।" କାଳିନ୍ଦୀକୁ ଧର୍ମଦେବତା ଜଗିଲେ କି ନାଇଁ ସେ ହିସାବ ରଖିନାହିଁ ବେବି । କିନ୍ତୁ ଏକଥା ସତ ଯେ ଏଇ କାଳିନ୍ଦୀମାନେ ଇତିହାସରେ ବେନାମୀ ହୋଇ ରହି ଯାଆନ୍ତି । ସେମାନଙ୍କ ଅବଦାନ ଅଶ୍ରୁତ ରହିଯାଏ ।

କୁମୁଦିନୀ ନାନୀଙ୍କ ବର୍ଣ୍ଣନାରେ ସୀମିତ ହୋଇ ରହିଲା ନାହିଁ ରାଜଗୁରୁଙ୍କ କୃତି, କୀର୍ତ୍ତି, ବିସ୍ମୃତ ବ୍ୟକ୍ତିତ୍ୱ । ଅବଲୀଳା କ୍ରମେ ରାଜଗୁରୁଙ୍କ ସହ ପାରିବାରିକ ସମ୍ପର୍କ ଯୋଡ଼ି ହୋଇଗଲା ବେବିର । ରାଜଗୁରୁଙ୍କ ଗେହ୍ଲା ନାତୁଣୀ ସସ୍ମିତା ବେବି ଘରକୁ ବୋହୂ ହୋଇ ଆସିଲା, ବେବିର ଉପର ଭାଇ ରମେଶ (ନୀଲୁ) ସହିତ ବିବାହ ସୂତ୍ରରେ ଆବଦ୍ଧ ହୋଇ । ବେବିର ପାଞ୍ଚ ଭାଉଜଙ୍କ ମଧ୍ୟରୁ ସସ୍ମିତା (ମିତା)ଥିଲେ ଚତୁର୍ଥ ଭାଉଜ ।

ମିତା ଭାଉଜ ପ୍ରଗଳ୍‌ଭ ହୋଇ ଗପନ୍ତି ଜେଜେବାପାଙ୍କ ଜୀବନଚର୍ଯ୍ୟା । ତାମ୍ରଶାସନ, ଶିଳାଲେଖର ପାଠୋଦ୍ଧାର ଭିତରେ ବୁଡ଼ି ରହି ଇତିହାସର କେତେ ହଜିଲା ଖିଅକୁ ଆବିଷ୍କାର କରିଛନ୍ତି ରାଜଗୁରୁ । ତାଙ୍କର ବିଦ୍‌ବତ୍ତା, ତାଙ୍କ ଅନୁଶୀଳନରେ ମୁଗ୍ଧ ହୋଇ ଭାରତର ବିଭିନ୍ନ ପ୍ରାନ୍ତରୁ, ଭାରତ ବାହାରୁ ଜର୍ମାନୀ, ଫ୍ରାନ୍ସ, ସ୍ୱିଡେନ୍‌ରୁ ବଡ଼ବଡ଼ ଗବେଷକମାନେ ଆସୁଥିଲେ ତାଙ୍କ ପାଖକୁ । ସମସ୍ତଙ୍କୁ ସେ ଅକୁଣ୍ଠିତ ଚିତ୍ତରେ ସ୍ୱାଗତ କରୁଥିଲେ । ଗବେଷଣାରେ ଆଗେଇ ଯିବାକୁ ପ୍ରେରଣା ଦେଉଥିଲେ ।

ବିଦେଶୀ ଲୋକ- ବିଧର୍ମୀ, ମ୍ଳେଚ୍ଛ । ସେମାନଙ୍କ ସହ ମିଳାମିଶାକୁ ସହଜରେ ଗ୍ରହଣ କରିପାରୁ ନଥିଲେ ତାଙ୍କ ପତ୍ନୀ ତାରାମଣି । ଏଇ ବହିପତ୍ର, ଅକ୍ଷରପାଠ ଯୋଗୁଁ ସ୍ୱାମୀ ତାଙ୍କୁ ଅଣଦେଖା କରୁଥିଲେ ବୋଲି ତାଙ୍କ ମନରେ କ୍ଷୋଭ ରହୁଥିଲା । ଏଣେ ଧର୍ମ ନଷ୍ଟ କରୁଥିଲେ ବୋଲି ତାଙ୍କର ଅଭିଯୋଗ ରହୁଥିଲା । ସେ ସ୍ୱାମୀଙ୍କୁ ଛୁଉଁ ନଥିଲେ । ଅଲଗା ରାନ୍ଧି ଖାଉଥିଲେ । ତଥାପି ବେଳେବେଳେ ମନ ବୁଝୁ ନଥିଲା । ସ୍ୱାମୀ ଖାଇ ବସିବା ବେଳେ ଟିକିଏ ଦୂରରେ ଛିଡ଼ା ହୋଇ ତାଙ୍କ ଥାଳି ଉପରେ ନିଜ ହାତ ରନ୍ଧା ତରକାରୀ ଢାଳି ଦେଉଥିଲେ । ପତ୍ନୀଙ୍କ ଏଇ ଅବଜ୍ଞା ଭାବରେ ବିରକ୍ତି ପ୍ରକାଶ କରୁନଥିଲେ

ରାଜଗୁରୁ । କ୍ରୋଧକୁ ସେ ଜୟ କରିଥିଲେ ଜୀବଦ୍ଦଶାରେ ।



ସ୍ୱାମୀଙ୍କର ଉଦାସୀନତା ଅତିରିକ୍ତ ଅଧ୍ୟୟନ ଅନୁରକ୍ତିରେ ବିରକ୍ତ ହୋଇ ଥରେ ସ୍ୱାମୀଙ୍କର ହାତଲେଖା ବହୁତ କାଗଜପତ୍ର ଚୁଲିରେ ପୂରେଇ ପୋଡ଼ି ଦେଇଥିଲେ ତାରାମଣି । ରାଜଗୁରୁ ମହାଶୟ ପରେ ଏ କାଣ୍ଡ ଜାଣି ଦୁଃଖରେ ଭାଙ୍ଗି ପଡ଼ିଥିଲେ । ମାତ୍ର କିଛି ପ୍ରତିକ୍ରିୟା ପ୍ରକାଶ କରି ନଥିଲେ ।

ପରିଣତ ବୟସରେ ବି ସାଧନା ଅବ୍ୟାହତ ରଖିଥିଲେ ସେ । ସଂଗ୍ରହାଳୟରେ କାର୍ଯ୍ୟର ଅବଧି ନିର୍ଦ୍ଦିଷ୍ଟ ସମୟ ସୀମାରୁ କିଛି ମାସ କମ୍ ଥିଲା ବୋଲି ଶେଷ ପର୍ଯ୍ୟନ୍ତ ତାଙ୍କୁ ପେନ୍‌ସନ୍ ମିଳିଲା ନାହିଁ ।

ସଂସ୍କୃତି ପ୍ରେମୀ, ଇତିହାସପ୍ରେମୀ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କୁ ଶ୍ରୀମନ୍ଦିରର ଶିଳାଲେଖ ଅଧ୍ୟୟନ କରିବା ପାଇଁ ନିଯୁକ୍ତି ଦେଲେ ବାସଭବନ ସହାୟକ ଓ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ସହ । ଭଗ୍ନ ଦେହ । ହୁଇଲ୍ ଚେୟାର୍‌ରେ ବସି ବସି ଗ୍ରୀଷ୍ମ ଶୀତର ପ୍ରକୋପକୁ ବେଖାତିର କରି ସେ ଶିଳାଲେଖସବୁର ପାଠୋଦ୍ଧାର କରି ଦୁଇଖଣ୍ଡ ବଡ଼ ପୁସ୍ତକ ପ୍ରଣୟନ କରିଥିଲେ ।

ଆତ୍ମଜୀବନୀ 'ମୋ ଜୀବନ ସଂଗ୍ରାମ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ଇତିହାସକୁ ତାଙ୍କର ଅନନ୍ୟ ଅବଦାନ ପାଇଁ ଭାରତ ସରକାର ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ । ତେବେ ଏ ପୁରସ୍କାର, ଏ ସମ୍ମାନ ଠାରୁ ସେ ଥିଲେ ଯଥେଷ୍ଟ ଉର୍ଦ୍ଧ୍ୱରେ । ଓଡ଼ିଆ, ତାମିଲ, ତେଲୁଗୁ, ସଂସ୍କୃତ ଭାଷାରେ ପ୍ରବୀଣ ଏହି ବିଜ୍ଞ, ସାରସ୍ୱତ ପୁରୁଷ ଅଜସ୍ର ଅଭିଲେଖ ପାଠ କରି ଓଡ଼ିଶାର ଇତିହାସର ନୂତନ ଦିଗନ୍ତ ଆବିଷ୍କାର କରିଥିଲେ । ତାଙ୍କର ଏହି ବିପୁଳ ଅବଦାନ ସଂପର୍କରେ ସଚେତନ ଓଡ଼ିଆ ଅବଗତ । ମାତ୍ର ତାଙ୍କର ଏ ଜାତି ଗଠନରେ ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା, ସେ ସମ୍ପର୍କରେ ସମସ୍ତେ ଜାଣନ୍ତି ନାହିଁ । ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ବ୍ରିଟିଶ୍ ସରକାରଙ୍କ ସମ୍ମୁଖରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଯେଉଁ ଦାବି ଉପସ୍ଥାପନ କରିଥିଲେ ସେ ଦାବିର ଚିଠା ପ୍ରସ୍ତୁତ କରିଥିଲେ ଯୁବକ ସତ୍ୟନାରାୟଣ । ନବ ଉତ୍କଳର ଅନ୍ୟତମ ନିର୍ମାତା କୃଷ୍ଣଚନ୍ଦ୍ର ଗଜପତିଙ୍କର ସେ ଥିଲେ ଘନିଷ୍ଠ ସହଯୋଗୀ, ବନ୍ଧୁ । ଓଡ଼ିଆ ଭାଷା ଆନ୍ଦୋଳନର ସେ ଥିଲେ ଜଣେ ନିରଳସ, ନିରବଚ୍ଛିନ୍ନ କର୍ମୀ । ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଆୟୋଜିତ ସଭା ସମିତିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦେଇଥିବା ଜ୍ୱାଳାମୟୀ ଭାଷଣ ଶୁଣି ଅନୁପ୍ରାଣିତ ହୋଇଥିଲେ ରାଜଗୁରୁ । ଉତ୍କଳ ସମ୍ମିଳନୀର ସଭାରେ ସ୍ୱେଚ୍ଛାସେବୀ ଭାବେ କାମ କରୁଥିବା ତରୁଣ ରାଜଗୁରୁଙ୍କ ଉତ୍ସାହ,ଉଦ୍ଦୀପନା ଗୋପବନ୍ଧୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ସେଇ ଅଳ୍ପ ବୟସରୁ ସେ ଖାରବେଳ, କଳିଙ୍ଗ ବିଜୟ ଆଦି ଦେଶାତ୍ମବୋଧକ ନାଟକ ରଚନା କରିଥିଲେ ।

ଆଗରୁ ରାଜଗୁରୁଙ୍କୁ ସ୍ମରଣ କଲାବେଳେ ବେବିଙ୍କୁ ଦିଶୁଥିଲା ଶୁଭ୍ର ଧୋତି, ପଂଜାବୀ ପିନ୍ଧିଥିବା, ସାମାନ୍ୟ ଆଗକୁ ଝୁଙ୍କି ଚାଲୁଥିବା ଜଣେ ପକ୍ୱକେଶୀ ବୃଦ୍ଧ । ତାଙ୍କ ଜୀବନର ଆଦ୍ୟକାଳକୁ ଅବଲୋକନ କଲା ପରେ ସେ ରାଜଗୁରୁଙ୍କ ଭିତରେ ଆବିଷ୍କାର କରିଥିଲା ଜଣେ ତେଜସ୍ୱୀ, ଅଦମ୍ୟ ଇଚ୍ଛାଶକ୍ତି ସଂପନ୍ନ, ସ୍ୱାଧୀନଚେତା ଉଦ୍ଦାମ ଯୁବକଙ୍କୁ । ଜୀବନରେ ବହୁ ପ୍ରତିକୂଳ ପରିସ୍ଥିତି ଥିଲା । ଗୋଟିଏ ସମ୍ଭ୍ରାନ୍ତ ପରିବାରର ଆର୍ଥିକ ଅବସ୍ଥା ଦୋହଲି ଯାଇଥିଲା । ଘରେ ଥିଲେ କଳହପ୍ରିୟା ବିମାତା, ଯାହାଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ପତ୍ନୀ ବାରମ୍ବାର ପିତ୍ରାଳୟ ଚାଲି ଯାଉଥିଲେ । ତାରାମଣିଙ୍କ ବାପା ଥିଲେ ଭିକାରୀ ମିଶ୍ର । ସେ ଥିଲେ ପାରଳାଖେମୁଣ୍ଡିର ଦ୍ୱିତୀୟ ଗ୍ରାଜୁଏଟ୍ । ମଞ୍ଜୁଷା ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ । ଅଞ୍ଚଳର ବିଶିଷ୍ଟ ନାଗରିକ ଭାବରେ ତାଙ୍କର ଖ୍ୟାତି ଥିଲା । ଅବଶ୍ୟ ତାରାମଣିଙ୍କ ବିବାହ ବେଳେ ସେ ଜୀବିତ ନଥିଲେ । ଟାଇଫଏଡ୍ ଜ୍ୱରରେ ଆକ୍ରାନ୍ତ ହୋଇ ଅକାଳରେ ପ୍ରାଣତ୍ୟାଗ କରିଥିଲେ । ତେବେ ବାପଘରର ଜୋର୍ ଥିଲା ତାରାମଣିଙ୍କର । ତାଙ୍କ କକେଇ ବଳଭଦ୍ର ମିଶ୍ର ଗଞ୍ଜାମର ଦ୍ୱିତୀୟ ଏମ୍.ବି.ବି.ଏସ୍. ଡାକ୍ତର । ତାଙ୍କ ଭାଇ ଅଭିମନ୍ୟୁ ମିଶ୍ର ପରବର୍ତ୍ତୀ କାଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପଦ ମଣ୍ଡନ କରିଥିଲେ । ବାପ ଘରେ ଆତ୍ମୀୟ ସ୍ୱଜନଙ୍କ ଗହଣରେ ରହି ନିଜର ଦୁଃଖ ଭୁଲିବାକୁ ଚେଷ୍ଟା କରୁଥିଲେ । ଏଣେ ରାଜଗୁରୁ ନିଃସଙ୍ଗ ସମୟକୁ ବିନିଯୋଗ କରୁଥିଲେ ସାରସ୍ୱତ ସାଧନାରେ । ଏତେ ମଗ୍ନ ରହୁଥିଲେ ସାଧନାରେ ଯେ ଘର ସଂସାର କଥା ଭାବିବାକୁ ଅବସର ପାଉନଥିଲେ । ଦୁଃସାଧ୍ୟ ରୋଗାକ୍ରାନ୍ତ ହୋଇ ବଡ଼ପୁଅ ଅକାଳରେ ଆରପୁରକୁ ଚାଲିଗଲା । ସଂସାର ଜଞ୍ଜାଳ ବଢ଼ିଲା । ଅର୍ଥ ଉପାର୍ଜନର ନିର୍ଦ୍ଦିଷ୍ଟ ପନ୍ଥା ନ ରହିଲେ ସଂସାର ଚଳେଇବା ଅସମ୍ଭବ ମନେହେଲା । ଅଗତ୍ୟା କଳାହାଣ୍ଡିର ସଂସ୍କୃତି ଅନୁରାଗୀ ମହାରାଜାଙ୍କ ଅଧୀନରେ ପ୍ରତ୍ନତତ୍ତ୍ୱ ବିଭାଗରେ ଚାକିରି କଲେ । ପରେ ପରେ ରାଜ୍ୟ ମିଶ୍ରଣ ହେଲା । ତାଙ୍କ ଜନ୍ମସ୍ଥାନ ପାରଳାଖେମୁଣ୍ଡି, କଳାହାଣ୍ଡି ଓଡ଼ିଶା ସହିତ ମିଶିଲା ।





ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ହେଲା । ରାଜଗୁରୁ ଭୁବନେଶ୍ୱର ଆସି ସଂଗ୍ରହାଳୟର ଲିପିତତ୍ତ୍ୱ ବିଭାଗର ସଂଗ୍ରାହାଧ୍ୟକ୍ଷ ଭାବରେ ଯୋଗ ଦେଲେ । ସଂସାର ଚଳେଇବା ପାଇଁ ଚାକିରି କଲେ । ମାତ୍ର ସଂସାରୀ ହୋଇ ପାରିଲେ ନାହିଁ । କର୍ମଯୋଗୀ ସତ୍ୟ ନାରାୟଣ, ଜ୍ଞାନଯୋଗୀ ସତ୍ୟ ନାରାୟଣଙ୍କ ଜୀବନ ଥିଲା ଗୃହୀ ସନ୍ନ୍ୟାସୀର ଜୀବନ । ଅନାସକ୍ତ, ସ୍ଥିର, ସ୍ୱୀମନ ପରିବର୍ତ୍ତନ ପାଇଁ ତାଙ୍କ ଭାଇଭାଉଜଙ୍କ ସହ ତୀର୍ଥାଟନରେ ଯାଉଥିଲେ । ଭାରତର ବହୁ ଦର୍ଶନୀୟ ସ୍ଥାନ ଭ୍ରମଣ କରୁଥିଲେ । ସେଥିପାଇଁ କେବେ ତାରାମଣିଙ୍କୁ ବାରଣ କରୁନଥିଲେ । ଅଭିଲେଖରୁ ସୂର୍ଯ୍ୟାସ୍ତ ସ୍ତବ, ଦେବୀଙ୍କ ସ୍ତବ ପଢ଼ି ନାତିନାତୁଣୀମାନଙ୍କୁ ଦେଉଥିଲେ ଅଭ୍ୟାସ କରି ପଢ଼ିବା ପାଇଁ ।




କାଳର ପ୍ରବାହରେ ଶିଳା ବକ୍ଷରେ ଅସ୍ପଷ୍ଟ ହୋଇ ଯାଇଥିବା ଅକ୍ଷରକୁ ନେଇ ଦିନ ପରେ ଦିନ ଘାରି ହେଉଥିଲେ । କୌଣସି ନିର୍ଣ୍ଣୟରେ ପହଞ୍ଚି ପାରୁ ନଥିଲେ । 'ମନୋରମା', 'ଓଡ଼ିଆ ଭାଷାର ଉପଭାଷା', 'ନାଗ ଇତିହାସ', 'ଓଡ଼ିଆ ଲିପିର କ୍ରମ ବିକାଶ', Inscriptions the Orissa (vol-1,2,3,4,5) Inscriptions of the Gangas (Vol-1,2) ଆଦି ପୁସ୍ତକର ରଚୟିତା । ଏହି ନିରଳସ ଅକ୍ଷରସାଧକଙ୍କ ସାହା ହେଉଥିଲେ ନୀଳାଚଳ କେଶରୀ ଶ୍ରୀଜଗନ୍ନାଥ । ସ୍ୱପ୍ନରେ ଉଭା ହୋଇ ସେ କ୍ଲିଷ୍ଟ ଅକ୍ଷର ସବୁକୁ ପଢ଼ି ଦେଉଥିଲେ । ଅଚିରେ ଦୂର କରି ଦେଉଥିଲେ ତାଙ୍କର ଦ୍ୱନ୍ଦ୍ୱ,ଦ୍ୱିଧା । ସହଜରେ ବିଶ୍ୱାସ ନହେଲା ଭଳି ବହୁ ଅଭାବନୀୟ ଘଟଣା ଘଟୁଥିଲା ତାଙ୍କ ନିତିଦିନର ଜୀବନରେ ।

ଶ୍ରୀମନ୍ଦିର ଶିଳାଲେଖ ପାଠୋତ୍ସବ ବେଳର କଥା । ସେ କାହାରିକୁ କିଛି କହିନଥାନ୍ତି । ଦୈବାତ୍ ଚିକ୍କଣ କାଳିଆ ଯୁବକଟିଏ ରସଗୋଲା ଭର୍ତ୍ତି ଆଟିକାଟିଏ ଧରି ଘରେ ପହଞ୍ଚେ ଅପରାହ୍ନ ସମୟରେ । କିଏ ପଠେଇଲା– କେଉଁଠୁ ଆସିଲା– ଏ ପ୍ରଶ୍ନର ଉତ୍ତର ଦେବାକୁ ତର ସହେନି ତାର ।

ସେଇ ଯୁବକର ମିଠା ହସରୁ ମହାପ୍ରଭୁଙ୍କର କରୁଣା ବାରି ପାରନ୍ତି ରାଜଗୁରୁ । ଅବସନ୍ନ, ଜରାଜୀର୍ଣ୍ଣ ଦେହ ନେଇ ହୁଇଲ୍ ଚେୟାର୍‌ରେ ବସି ଶିଳାଲେଖ ପଢୁଥିବା ମଣିଷର କଥା ଆଉ କିଏ କାହିଁକି ଭାବିବାକୁ ଯିବ ।

ମାଣିକ ଗଉଡୁଣୀଠୁ ଦହି ଖାଇ ମୁଦି ଦେଇ ଯାଇଥିଲେ ମହାପ୍ରଭୁ । ଛଦ୍ମବେଶରେ ଆସି ମହାକବି ଜୟଦେବ ଅଧା ଲେଖିଥିବା ଶ୍ଲୋକର ପଦ ପୂରଣ କରି ଦେଇଥିଲେ । ଇତିହାସରୁ ସତ୍ୟକୁ ଉଦ୍ଧାର କରିବା ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ଶ୍ରୀମନ୍ଦିର ବେଢ଼ାରେ ଗ୍ରୀଷ୍ମର ଦାହ, ଶୀତଦିନର ହେମାଳ ପବନ, ଅଚାନକ ବର୍ଷାର ପ୍ରହାରକୁ ଖାତିର ନକରି ଅକ୍ଷର ପଢୁଥିବା ମଣିଷଟିକୁ ଟିକିଏ ସ୍ନେହ ଆଦରର ପରଶ କ'ଣ ଦେଇ ନଥାନ୍ତେ ଠାକୁରେ ? ମିତା ଭାଉଜଙ୍କଠୁ ଶୁଣିଥିବା କଥା ଅବିଶ୍ୱାସ କରେ ନାହିଁ ବେବି । ତାଙ୍କ ଜୀବନ ଓ କୃତିକୁ ନେଇ ଏକ ପୁସ୍ତକ ରଚନା କରିବାର ଅଭିଳାଷ ଥିଲା ତା' ମନରେ । ସେଥିପାଇଁ ତାଙ୍କ ଜନ୍ମମାଟି ପାରଳାଖେମୁଣ୍ଡି ସେ ଦୁଇଥର ଯାଇଥିଲା । ସେଇ ପବିତ୍ର ମାଟିକୁ ମଥାରେ ଛୁଆଁଇଥିଲା । ସେଠାରେ ତାଙ୍କର କନିଷ୍ଠ ପୁତ୍ର, ପୁତ୍ରବଧୂ, ପୌତ୍ର, ପୌତ୍ରବଧୂଙ୍କ ଶଦ୍ଧର ଆତିଥ୍ୟ ଅଭିଭୂତ କରିଥିଲା ବେବିକୁ । ରାଜଗୁରୁଙ୍କ କୁଳଦେବତା ଗୋପୀନାଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲା ବେବି । ରାଜଗୁରୁଙ୍କ ବହୁମୁଖୀ ପ୍ରତିଭାକୁ ନେଇ ବେବି ଇଂରାଜୀରେ ଲେଖିଥିବା ବହି'Contribution of Dr S.N. Rajguru to History and Culture of Odisha' ପ୍ରକାଶ ପାଇଲା ୨୦୧୯ରେ । ସଂଗ୍ରହାଳୟର ୬୧ତମ ପ୍ରତିଷ୍ଠା ଦିବସରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଏହାକୁ ଲୋକାର୍ପିତ କରିଥିଲେ ।

# ଓଡ଼ିଆ କବିତା
# ଚାରିଙ୍କେ ଚାରି



କବି କୋଲାଜ୍ : ରୁନୁ ମହାନ୍ତି, ସୂର୍ଯ୍ୟ ମିଶ୍ର, ଶ୍ରୀଦେବ, ସମରେନ୍ଦ୍ରନାଥ ମହାପାତ୍ର

# ଆଲୋକିତ କାବ୍ୟସ୍ୱର

## ॥ ଭାଗ : ୨ ॥

**ଇପ୍‌ସିତା ଷଡ଼ଙ୍ଗୀ**

ଫ୍ଲାଟ୍ ନଂ-୩୦୩, ବ୍ଲକ୍-ଏ, ପଣ୍ଡା ରେସିଡେନ୍ସି,
ବିଜେଇଏମ୍ ସ୍କୁଲ-୨ ପାଖ, ସତ୍ୟଭାମାପୁର,
ଭୁବନେଶ୍ୱର-୭୫୨୧୦୦
ଫୋନ:୯୯୩୮୩୭୦୨୮୯/୯୮୬୧୩୩୩୯୪୪
ଫଟୋ ସୌଜନ୍ୟ : ଲେଖିକା

**'ରେବତୀ' ପାଇଁ ଏକ ଫିଚରଧର୍ମୀ ଆଲୋଚନା ପ୍ରସ୍ତୁତ କରିବା ପାଇଁ ଅଗ୍ରଜ କବି ତଥା ଏ ପତ୍ରିକାର ନିର୍ବାହକ କୃଷ୍ଣ କୁମାର ମହାନ୍ତିଙ୍କ ବାରମ୍ବାର ତାଗିଦାକୁ ସମ୍ମାନ ଦେଇ ଏ ଆଲୋଚନାଟି ଗତ ଅପ୍ରେଲ ସଂଖ୍ୟାରୁ ଲେଖିବାକୁ ଆରମ୍ଭ କଲି । ପ୍ରତି ଦୁଇ ମାସରେ ଥରେ ଚାରିଜଣ କବିଙ୍କ ମୁଗ୍ଧ ଆଲୋଚନା କରୁଛି ଓ କରିବି । କୌଣସି ପ୍ରକାରର ଆଧାର ଏହି କ୍ରମର ନିର୍ଣ୍ଣାୟକ ନୁହେଁ । ଏକ ମୁଗ୍ଧ ପାଠକୀୟ ଦୃଷ୍ଟି ଏହି ଆଲୋଚନା ଓ କ୍ରମର ଆଧାର । ଏଠାରେ ଆଲୋଚିତ ହୋଇଥିବା ପିଢିର କବିଙ୍କ କବିତା ସେତିକି ଭାବରେ ଆଲୋଚିତ ହୋଇ ନଥିବାରୁ ମୁଁ ଏହି ପିଢ଼ିର କାବ୍ୟଧାରାକୁ ମୋ ଆଲୋଚନାର ପ୍ରସଙ୍ଗ ଭାବରେ ବାଛିଛି । ପ୍ରଥମ ଭାଗରେ କବି ବିରଜା ବଳ, ସୁଚେତା ମିଶ୍ର, କୃଷ୍ଣ କୁମାର ମହାନ୍ତି, ଚିରଶ୍ରୀ ଇନ୍ଦ୍ରସିଂଙ୍କ କବିତା ଆଲୋଚିତ ହୋଇଥିବା ବେଳେ ଏଥର କବି ଶ୍ରୀଦେବ, ସୂର୍ଯ୍ୟ ମିଶ୍ର, ସମରେନ୍ଦ୍ରନାଥ ମହାପାତ୍ର ଓ ରୁନୁ ମହାନ୍ତିଙ୍କୁ ନେଇଛି । ଏମାନଙ୍କ କବିତା ଭିନ୍ନ ଦିଗ, ଶୈଳୀ ଓ ବିଷୟବସ୍ତୁକୁ ନେଇ ସମୃଦ୍ଧ ।**




ପ୍ରଚଳିତ ଧାରା କିଛି ଦିନ କିଛି ବର୍ଷ ରହିଲା ପରେ ବଦଳିବାକୁ ବାଧ୍ୟ ହୁଏ । ଏ ଧାରାଟି ଯେକୌଣସି କ୍ଷେତ୍ରର ହେଉନା କାହିଁକି । ଆମ କବିତା, ବର୍ଣ୍ଣାଢ଼୍ୟ ଶବ୍ଦ ପ୍ରୟୋଗର ଏକ ଚମତ୍କାର ପ୍ରୟୋଗଶାଳା ଥିଲା, ଥିଲା ବି ହତାଶା, ଏବଂ ବ୍ୟକ୍ତିଗତ ଦୁଃଖବୋଧର ବିସ୍ତୀର୍ଣ୍ଣ ଗ୍ୟାଲେରୀ । ପରେପରେ ଏହାର ପ୍ରୟୋଗ ଓ ପ୍ରଦର୍ଶନ ଆଉ ରୋଚକ ଲାଗୁ ନଥିବାବେଳେ, ଯେଉଁ କତିପୟ କବିଙ୍କ ଲେଖନୀ ଚଳଚଞ୍ଚଳ ହୋଇ, ଏକ ନୂତନ ଧାରା ପ୍ରୟୋଗର ବାଟ ଦେଖାଇଥିଲା ତନ୍ମଧ୍ୟରୁ କବି **ଶ୍ରୀଦେବ** (୧୯୫୮) ଅନ୍ୟତମ ।

ମାନବବାଦୀ ଭାବଭୂମିର ଭିତ୍ତିପ୍ରସ୍ତର ଧରି କବିତା ଜଗତକୁ ଓହ୍ଲେଇଥିବା ବେଳେ କବି ଶ୍ରୀଦେବ ନିଜ ପିତାଙ୍କ ଆଦର୍ଶ ଓ ନାଟ୍ୟଧାରା ସହ ଏକାତ୍ମ ଥିଲେ । ଯଦିଓ ତାଙ୍କ ଆଦ୍ୟକାଳର କବିତାରେ ପ୍ରେମ ସଂବେଦନା ଏକ ମୁଖ୍ୟ ଅବବୋଧ ଥିଲା, ଧୀରେ ଧୀରେ ତାଙ୍କ କାବ୍ୟସ୍ୱର କିନ୍ତୁ ସାମାଜିକ ବିଧି ବ୍ୟବସ୍ଥାର ରୁଗ୍‌ଣ ଦିଗ ପ୍ରତି ସଚେତନଶୀଳ ହୋଇ ଉଠିଥିଲା । ଆଦର୍ଶର ମୃତ୍ୟୁ ପ୍ରତି ଅସହ୍ୟ ଘୃଣା, ମଣିଷ ପ୍ରତି ଅମାନବୀୟ ଅତ୍ୟାଚାରକୁ ଦେଖି ସହ୍ୟ କରି ନପାରିବାର ଚେତନାବୋଧରୁ ତାଙ୍କ କବିତା ସ୍ରୋତସ୍ରାବୀ ହୁଏ । ଏବଂ ଏହି ସ୍ୱର ପରବର୍ତ୍ତୀ ସମୟରେ ଶାଣିତରୁ ଶାଣିତତର ହୋଇ ଚାଲିଲା ।

ସାମାଜିକ ଅଙ୍ଗୀକାରବୋଧ ପ୍ରତି ଯଥେଷ୍ଟ ମାତ୍ରାରେ ସଚେତନ କବି ଶ୍ରୀଦେବଙ୍କ କବିସତ୍ତା, ତାଙ୍କ କବିତାରେ ଜଣେ ଭୁକ୍ତଭୋଗୀର ଗଞ୍ଜଣା ବୟାନ କରେ । ସେ କୁହନ୍ତି, କବିତା ହେଉ କି ଜୀବନ, ଅପାରମ୍ପରିକ ଢଙ୍ଗରେ ଜିଏଇଁ ରଖିବା ମୌଳବାଦୀ ଏବଂ ପାରମ୍ପରିକ ସମାଜକୁ ଶ୍ରୁତିକଟୁ ଓ ଦୃଷ୍ଟିକଟୁ ହୋଇପାରେ...ମାତ୍ର ତାହାର ଅଦ୍ଭୁତ ସୌନ୍ଦର୍ଯ୍ୟ ଆକର୍ଷଣୀୟ । ସରଳ ଛଳନା ରହିତ ନିଛକ ଜୀବନର 'ଆକର୍ଷଣୀୟ ଅଦ୍ଭୁତ ସୌନ୍ଦର୍ଯ୍ୟ'କୁ ଯେଉଁ ନଜରରେ କବି ଶ୍ରୀଦେବଙ୍କ ଶବ୍ଦ ଉଖାରେ, ତା'ର ଶାଣିତ ଧାରର ଔଜ୍ଜଲ୍ୟରେ ଏ ସମୟର କବିତା ଜାଜ୍ଜୁଲ୍ୟମାନ ହେଉଥାଏ । 'ରୁମାଲ୍ ଭିତରେ ମୃତ୍ୟୁ'ହେଉ କି ହେଉ 'ନିଦ' ବା 'ଚିତ୍ରର ନାଁ ମୃତ୍ୟୁ' କବିତାରେ ମାନବୀୟ ଯନ୍ତ୍ରଣାକୁ କବି ସୀମିତ ଶବ୍ଦ, ସୂକ୍ଷ୍ମ ଶାଣିତ ବ୍ୟଙ୍ଗ ଏବଂ କଳାତ୍ମକତାର ମାଧୁର୍ଯ୍ୟରେ ସଜେଇ ଥାଆନ୍ତି । ତାଙ୍କ ନିଆରା ଶୈଳୀର ଶବ୍ଦ ପ୍ରୟୋଗ ଏବଂ ନାଟକୀୟତା କବିତା ପଢ଼ିବା ସମୟରେ ତାହା ମଂଚରେ ପରିବେଷଣ କଲା ପରି ମନେହୁଏ । ଏହାଦ୍ୱାରା କବିତାର ସଂପ୍ରେଷଣକ୍ଷମଶୀଳତା ବୃଦ୍ଧି ପାଇଥାଏ ଏବଂ ପାଠକ ମନ ଭିତରେ ଏହା ଏକ ଅଦ୍ଭୁତ ଛାପ ଛାଡ଼ି ପାରିବାରେ ସମର୍ଥ ହୋଇଥାଏ । 'ଚାଷବାସ' କବିତାରେ କବିଙ୍କ ପ୍ରୟୋଗ ଲକ୍ଷ୍ୟ କରାଯାଇପାରେ- "ଗୁର୍କୀ ! ନିଅ ନିଅ / ମୋ ଘର ତଳି ଖଣ୍ଡକ / ମୋ ଚାଷ ଜମିତକ / ମୋ ଆମ୍ବ ବଗିଚା / କୋଇଲିର ଗୀତ / ନିଅ / ତମେ ତ କହିଥିଲ / ଏତକ ନେଲେ / ଦବ ଲକ୍ଷେ.../ ଗୁର୍କୀ କହିଲେ: / ନାଇଁରେ ବନମାଳୀ, / ଘର ତ ଦେଲୁ / ତୋ ତିର୍ଲା ଦେ / ଆଉ ଲକ୍ଷେ ନେ ।"

ଚାଷବାସକୁ ଆଧାର କି ଜୀବନ ବଂଚୁଥିବା ମାଟି ମଣିଷ ଖୁବ୍ ସରଳ । ସେଇ ସରଳତାର ସୁଯୋଗ ସମସ୍ତେ ନେଇଥାଆନ୍ତି । ତା' ବିଶ୍ୱାସ ତା ମୁଣ୍ଡକୁ ଛାତ, ଖରାବର୍ଷାର ସାହା- ଘର ସହ ଗୁର୍କୀ ତା' ପୁରୁଷତ୍ୱ, ତା' ଆତ୍ମସମ୍ମାନ, ତା' ଆଗପଛର ସାହା- ସ୍ତ୍ରୀକୁ ବି ଝାଂପି ନେଇଯିବାର ଏ ଯନ୍ତ୍ରଣାସିକ୍ତ ଜୀବନ କାହାଣୀ କବିଙ୍କ ଲେଖନୀ, ଉପସ୍ଥାପନ ଶୈଳୀରେ ଆଖି ସାମ୍ନାରେ ଦୃଶ୍ୟାୟିତ ହେଲା ପରି ମନେହୁଏ । ସ୍ୱରର ତୀର୍ଯ୍ୟକତାରେ ଯେ କେହି ବିଦୀର୍ଣ୍ଣ ହୋଇଯିବା ନିଶ୍ଚିତ- ପାଠକ, ଗୁର୍କୀ, ସରକାର... ।

ବିଷୟବସ୍ତୁ, ଶବ୍ଦଚୟନ ପରି କବି ଶ୍ରୀଦେବଙ୍କ ଶବ୍ଦ ବ୍ୟବହାରର କୋଟି ନିଆରା । କଥିତ ଶୈଳୀରେ ଲିଖିତ ତାଙ୍କ କବିତାରେ ଅମୂର୍ତ୍ତ ଭାବ ପାଇଁ ଫୁଟି ଉଠିଥିବା ଶବ୍ଦ ଚିତ୍ରର ଅନନ୍ୟତା ଲକ୍ଷ୍ୟ କରାଯାଇପାରେ । ଉପମା,  ଉପମେୟ ନିବିଡ଼ ଭାବରେ ଶ୍ରୀଦେବୀୟ । ଯେମିତି- 'ମଣିଷ ପେଟରେ ଭୋକର ଅନ୍ଧାର', 'ଠୋପେ ବି ନାହିଁ କାକର / ଗଜେନ୍ଦ୍ର ଗାଁ ମରୁଭୂମି ଖପୁରୀର ଖରା' ବା ହେଉ, 'ଗଛ ଗଣ୍ଠି ଗଣ୍ଠି ପରି / ସମସ୍ତ ଦୁଃଖ / କୁରାଢ଼ି ମାରିଲେ / ଚଟା ଛିଟିକେ / ହାତରୁ ଖସ୍ରି / ଆଉ କା' ଦିହରେ ଦାଗ କରେ ।' (ଦୁଃଖ) - ଅନ୍ତଃକରଣରେ  ଅନୁଭବ ଚଟା ଛିଟ୍‌କି, ମନ ଭିତରେ ଯେଉଁ ଅଲିଭା ଦାଗ ସୃଷ୍ଟି କରିପାରେ, ତାହା ଅନନ୍ୟ ।

'ପାଣ୍ଡୁଲିପି' କବିତାରେ ବରେଣ୍ୟ କବି ସଚ୍ଚିଦାନନ୍ଦ ରାଉତରାୟ ଲେଖିଥିଲେ, "ଧରଣୀର ରାଜପଥେ ଚାଲୁଚାଲୁ / ପଥଚାରୀ ମୁହିଁ / ଯେ ବ୍ୟଥା ବାଜିଛି କାନେ / ମଣିଷର ଅପମାନ ଛୁଇଁ / ଦେଇଛି ତାହାକୁ ବାଣୀ"... । କବି  ଏଠାରେ ଜୀବନର ବାଟ ଚାଲୁ ଚାଲୁ ଯେଉଁ

ଯନ୍ତ୍ରଣାସିକ୍ତ, ଅତ୍ୟାଚାରିତ, ଶୋଷିତ ମଣିଷର ବ୍ୟଥା କଥା ଶୁଣିଛନ୍ତି, ତାଙ୍କୁ ଶବ୍ଦାୟିତ କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି । ଶ୍ରୀଦେବଙ୍କ କବିତାରେ, କବି ନିଜେ ହିଁ ଅତ୍ୟାଚାରିତ, ଶୋଷିତ, ଅବହେଳିତ ସରଳ ମାଟିର ମଣିଷଟି ବୋଲି ତାଙ୍କ ପ୍ରତ୍ୟେକ ଅନୁଭବରେ, ପ୍ରତ୍ୟେକ ଅଭିବ୍ୟକ୍ତିରେ, ପାଠକକୁ ବିଶ୍ୱାସ ଦେଇ ପାରିଛନ୍ତି । ଯେଉଁଠି ଗୁର୍କୀ, ଚାଷୀର ସମ୍ମାନ, ସ୍ୱାଭିମାନ, ତା'ସ୍ତ୍ରୀର ଇଜ୍ଜତ, ପେଟର ଭୋକ ଆଢୁଆଳରେ ଲୁଟେ, ଯେଉଁଠି, "ଖଣ୍ଡେ ଗଛ ଡାଳରେ / ଚିପୁଡ଼ି ହୋଇ ଶୁଖୁଥାଏ / ଜାତୀୟ ପତାକା ପରି / ଗଜେନ୍ଦ୍ର ଗାମୁଛା / ସେ ନିଜେ ଓ ଆଉ କିଛି ସ୍ଲୋଗାନ", ଯେଉଁଠି "ଘରଡିହ ବନ୍ଧକି ଦେଲିନି ତ / ଦେଲି ଜୀବନ / ବଦଳରେ ନେଲି ଗୌଣେ ଧାନ / ମହାଜନ ! / ତାହା ହିଁ ମୋ ଭାଗ୍ୟର ଦେଣ ।", ଯେଉଁଠି "ପୋଡ଼ି ଦେଲି ପିଲାଦିନୁ ଏଯାଏଁ / ଯେତେ ମୋର ବହିଖାତା"ର ଚରିତ୍ରମାନେ ଦେଖା ଯାଆନ୍ତି, ସେଇଠି ଦିଶି ଯାଆନ୍ତି କବି ଶ୍ରୀଦେବ ।

ଲାଗେ ବର୍ଷ ବର୍ଷ ଧରି କଲମର ଲଙ୍ଗଳ ଧରି ଶବ୍ଦର ବିଲରେ ସେ କେବଳ କବିତା ହିଁ ଚାଷ କରନ୍ତି । ସରଳ, ପରିଶ୍ରମୀ, ମାଟି ମଣିଷର ମୂଲ୍ୟବାନ ଜୀବନ ଗୀତକୁ ସ୍ମରଣ କରି କରି । ଲାଗେ ସେ ବର୍ଷ ବର୍ଷ ଧରି ଶବ୍ଦ ମାୟାରେ ଘୂରି ଘୂରି ତିଆରି କରିବାରେ ବ୍ୟସ୍ତ ଥାଆନ୍ତି "ନୂଆ ସାମିଆନା ଘେରା ଏକ ସଂସାର" ଯେଉଁଠି ସେ ସବୁଜ ସ୍ୱପ୍ନ କେରାଏ ଦେଖେଇ ପଚାରନ୍ତି "କେମିତି ହୁଅନ୍ତା / ମାଟିକୁ ରଖିଲେ ସୁରକ୍ଷିତ / ଆସନ୍ତାକାଲିର ଛାତିରେ / ଧାନବିଲର ଚିତ୍ରାଙ୍କନ ଆଙ୍କିଲେ / କେମିତି ଦିଶନ୍ତା ଆମ ଗାଁ ଭୂଗୋଳ / ଓ ତୁମ ଅର୍ଖିତ ଭାରତ ?"


ଡଃ ଶ୍ରୀଦେବ


ଶେଷରେ ସେ ଜୀବନ ବଂଚିବାର ତରିକା ବି ଠିକେ ଠିକେ ଶିଖେଇ ଦିଅନ୍ତି କବିତାରେ । ହଜେଇ ଦିଅନ୍ତି, ଜୀବନଠୁ ଛଳନାକୁ ଅଲଗା କରି କୁହନ୍ତି- "କବି କୁମ୍ଭାରର ଛବିଳ-ଚଟୁଳ କଥା ଆଉ ଶୁଣନି / ଯେ ଯୁଆଡ଼େ ପାରୁଚ ଦୌଡ଼ ! ଯୁଦ୍ଧ ଘୋଷଣା ସରିଚି / ଗାଣ୍ଡିବ ତମ ହାତରେ ବି ଅଛି । / ଦୌଡ଼ ! / ପାରୁଚ ତ ଜିତିବା ପାଇଁ / ନତୁବା ମରିବା ପାଇଁ / ଦୌଡ଼ ।"

କବି ଶ୍ରୀଦେବଙ୍କ କବିତାରେ ଶବ୍ଦବସାଣର ଚମତ୍କାରିତା ହେଉଛି, ଯେତେବେଳେ ସେ କୌଣସି ପ୍ରେମ କି ମାନବୀୟ ସମ୍ବେଦନା ପ୍ରେମ ବିଷୟକୁ ଉପସ୍ଥାପନ କରିଥାନ୍ତି କବିତାରେ, ତା'ର ଗତିଶୀଳତାକୁ ଲକ୍ଷ୍ୟ କରାଯାଇପାରେ । ଏହା ଯେତକି କୋମଳ, ସେତିକି ମସୃଣ ମଧ୍ୟ । ମାତ୍ର ଯେବେ ସେ କୌଣସି ମାନବ ଅଧିକାର ବା ତା' ଉପରେ ହେଉଥିବା ଅତ୍ୟାଚାରର କଥା କହୁଥା'ନ୍ତି, ଶବ୍ଦର ଅଗ୍ନିବର୍ଷୀ ତେଜ, ସାମ୍ନାରେ ଥିବା ଶୋଷକକୁ ଜାଳିପୋଡ଼ି ନଷ୍ଟ କରିଦେବାର ଶକ୍ତି ରଖେ । କବିଙ୍କ ଶାଣିତ ବ୍ୟଙ୍ଗ ସ୍ୱରଟି ଅତ୍ୟାଚାରିତ ମଣିଷର କ୍ଷତ ଉପରେ ମଲମ ଲଗଉଥାଏ ତ ଶୋଷକର କ୍ଷତ ଉପରେ ଲୁଣ ପରି ଝରି ପଡୁଥାଏ ।

କବି ଶ୍ରୀଦେବ ତାଙ୍କ କବିତାରେ ଖୁବ୍ କମ୍‌ରେ ଅନେକ କିଛି ବଖାଣି ପାରୁଥିବା ଶବ୍ଦମାନଙ୍କୁ ଏମିତି ଖଂଜି ଥା'ନ୍ତି, ସେଠୁ ସେ ଶବ୍ଦଙ୍କୁ ବାଦ୍ ଦେଲେ କବିତାରୁ ଅନେକ କିଛି ହଜିଗଲା ପରି ମନେହୁଏ । ନିଜ ସ୍ୱର, କବିତାର ବିଷୟବସ୍ତୁ, ଶବ୍ଦ ବ୍ୟବହାରରେ ଚମତ୍କାରିତା, ସଂକ୍ଷିପ୍ତ ପଦ ବ୍ୟବହାର ଏବଂ ସର୍ବୋପରି ଭାବନାର ନିରବଧି ଗତିଶୀଳତା ପାଇଁ ଶ୍ରୀଦେବ ସର୍ବଦା ସ୍ମରଣୀୟ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଯେତେବେଳେ ବହୁ ବିବିଧ ଆଦର୍ଶରେ ପ୍ରଭାବିତ ଥିଲା, ବିଦେଶୀ, ପ୍ରତିବେଶୀ ସାହିତ୍ୟ ଧାରାର ଅନୁସରଣ ଏବଂ ଅନୁଶୀଳନ ପରିଲକ୍ଷିତ ହେଉଥିଲା ଆମ କବିତାରେ । ସେଇ ସମୟରେ ଯେଉଁ କିଛି କବି ଏ ଧାରାରୁ ଅଲଗା ହୋଇ ନିଜର ଏକ ଅଲଗା କାବ୍ୟାଦର୍ଶକୁ ଅନୁସରଣ କରି ଓଡ଼ିଆ କବିତାକୁ ଏକ ନବପଲ୍ଲବ ଦେବାକୁ ଚେଷ୍ଟା କରିଥିଲେ, ସେମାନଙ୍କ ମଧ୍ୟରେ କବି **ସୂର୍ଯ୍ୟ ମିଶ୍ର** (୧୯୬୦) ଅନ୍ୟତମ । କବିଙ୍କ ମତରେ ତାଙ୍କ ଭାବାବେଗକୁ ଆକ୍ରାନ୍ତ କରି ରଖିବା ପରି କିଛି ଦୃଷ୍ଟି, କିଛି ଅନୁଭବ ପହଂଚିଲେ, ତଦ୍‌ଜନିତ ମନଃସ୍ଥିତି ଉଚ୍ଛନ୍ନ ହୋଇଉଠିଲେ ତାଙ୍କୁ କବିତା ନିର୍ମାଣର ଭୂମି ମିଳିଯାଏ । ଦୀର୍ଘ ସମୟ ଧରି ଏପରି ଏକ 'ରସଦଶା' ବା ପାଗଳପ୍ରାୟ ଅବସ୍ଥାରୁ ଆଦୌ ମୁକ୍ତି ମିଳୁ ନଥିବା ଅବସ୍ଥା, ତାଙ୍କ ପାଇଁ ଏକ ବିଶେଷ ଭୂମି ସତ, ମାତ୍ର ଯେବେ ଏପରି ଏକ ଉତ୍କୃଷ୍ଟ ଭୂମିରେ ତାଙ୍କ କବିତା ସଂପୂର୍ଣ୍ଣ ଉତୁରି ଉଠି ଆସି ପାରେନାହିଁ, ଏକ ଗ୍ଲାନି ଓ ଲାଂଛନାରେ କବି ଲତ୍‌ପତ୍ ହୁଅନ୍ତି । ଏବଂ ସେହି ଦୃଶ୍ୟ, ଅନୁଭବ କି ଅବବୋଧର ପୁନଃନିର୍ମାଣ ପର୍ଯ୍ୟନ୍ତ ଭୂମିକୁ ଅପରିବର୍ତ୍ତିତ ରଖିବା ନିମନ୍ତେ କବିଙ୍କ ପ୍ରୟାସ ଜାରି ରହିଥାଏ । ଏହି ଅସଂପୂର୍ଣ୍ଣତାର ଅବସ୍ଥା ଏକ ସାଧନାମଗ୍ନ ତପସ୍ୱୀର ସାଧନା ଜାରି ରହିଥିବା ଅବସ୍ଥା, ଯେଉଁଠି କବିଟିଏ ଏକାମ୍ ହୋଇ କବିତା ସୃଜନରେ ଏକ ଆଧ୍ୟାତ୍ମିକ ଶାନ୍ତି ଲଭୁଥାଏ । ସେ ମାର୍ଗ ଏବଂ ଶିଖରକୁ ସ୍ପର୍ଶ କରିବାର ନିଷ୍ଠା ଓ ତଲ୍ଲୀନତା କବି ସୂର୍ଯ୍ୟ ମିଶ୍ରଙ୍କୁ ତାଙ୍କ ଶବ୍ଦାନୁଭବକୁ ଏକ ଅପୂର୍ବ କାନ୍ତି ଦେଉଥାଏ ।

'ଅନ୍ତର୍ଦେହ' ଓ 'ବହିର୍ଦେହ' ମଧ୍ୟରେ ଭାଷାସୂତ୍ରରେ ସଂଘଟିତ ଏହି ଯାତ୍ରା ତାଙ୍କ କବିତାରେ ପ୍ରତିଫଳିତ ଯାହାକୁ କବି ଐଶ୍ୱରୀୟ ମନେ କରନ୍ତି । କବିତା ତାଙ୍କ ପାଇଁ ନିଜ ଭିତରୁ ସୃଷ୍ଟ ଏକ ବିସ୍ଫୋରଣ, ଏକ ଯାତ୍ରା, ଏକ ଆତସବାଜିର ଫଳଶ୍ରୁତି । ସେଥିପାଇଁ ତାଙ୍କ କବିତାର ବିସ୍ତୀର୍ଣ୍ଣ କାନ୍‌ଭାସ୍‌ରେ ମଣିଷ ଜୀବନର ଦ୍ୱନ୍ଦ୍ୱ, ସଂକଟ, ସଂଘର୍ଷ, ସମସ୍ୟା, ବ୍ୟବସ୍ଥାର ବିଫଳତା, ଅମାନବିକତା ସର୍ବୋପରି ମଣିଷର ଆର୍ତ୍ତି ପ୍ରତିଫଳିତ ହୋଇଥାଏ । ନୈରାଶ୍ୟ, ଯନ୍ତ୍ରଣାକୁ କବି ଚମତ୍କାର ଶବ୍ଦ ବିନ୍ୟାସରେ ରୂପ ଦିଅନ୍ତି ସତ ମାତ୍ର ତାଙ୍କ କବିତାର ଶେଷ ଏକ ସଜଳ ସକାରାତ୍ମକତା ଆଡ଼କୁ ଯାତ୍ରରେ ଶେଷ ହେଉଥାଏ ।


ଡଃ ସୂର୍ଯ୍ୟ ମିଶ୍ର

କବି ଶ୍ରୀ ମିଶ୍ରଙ୍କ କବିତା ବିଭିନ୍ନ ପ୍ରକାରର ଧାରଣାକୁ ବିଷୟବସ୍ତୁ ଆକାରରେ ଚୟନ କରିଥାଏ । କବିଙ୍କ ଗଭୀର ଅନୁଶୀଳନ ଏବଂ ଦାର୍ଶନିକତାର ପ୍ରତିଫଳନ ସେ ଅବବୋଧକୁ ଗାମ୍ଭୀର୍ଯ୍ୟ ପ୍ରଦାନ କରୁଥାଏ । ଯେମିତି 'ବିଫଳତା' କବିତାରେ, "ଖୁବ୍ ବିଶ୍ୱାସ ରଖିଚି ସାଧନା ଉପରେ / ସ୍ୱପ୍ନ ଉପରେ ରଖିଚି ଅହଂକାର / ଜୀବନ ଉପରେ ବନ୍ଧୁତା ଓ ଭଲ ପାଇବା;/ ଘୃଣା ଓ ଈଶ୍ୱର ମୋର ପ୍ରତିବେଶୀ,/ ସୂର୍ଯ୍ୟ ଓ ସକାଳ ଏବଂ

ଆସନ୍ତାକାଲି ବୋଧହୁଏ ତମ ପାଇଁ ସ୍ତୋତ୍ର ।" ଦୃଷ୍ଟିଭଙ୍ଗୀର ସ୍ୱଚ୍ଛତା ଏବଂ ତୀର୍ଯ୍ୟକ କଥନ ଶୈଳୀ ତାଙ୍କ କବିତାର ଅନନ୍ୟ ବିଭବ । ସେ ହେଉ 'ପ୍ରେମ' (ପ୍ରେମ ତୁମେ କେମିତି ଦର୍ପଣ / ଦାଉ ଦାଉ ଜଳେ ଯେଉଁଠାରେ / ମୋର ଅତୀତ, ଭବିଷ୍ୟ, ପୁଣି ନିତ୍ୟ ବର୍ତ୍ତମାନ), ଅବା 'ଦୁଃଖ ଭୋଗ' ("ଯେ, ଦେହ ଦୁର୍ଗଟେ ପରି / ଦୁଃଖର ଦୁର୍ଜୟ ହାଡ଼ରେ ତିଆରି /...କୋଉ ଚୋଟରେ କି ଗୁଳିଗୋଳାରେ ଦବିଯିବାର ନୁହେଁ / ବିଷାଦର ବିରଳ ବୈଦୁର୍ଯ୍ୟକୁ / ଚାହିଁ ରହେ ଗୋପନରେ / ସ୍ୱପ୍ନର ପୁଲକରେ / ଜୀବନ ପ୍ରତି ଏକ ତରଫା ପ୍ରେମରେ ।"); ଅବା ହେଉ 'ବିଗତ' ପରି ଏକ ଭାବବୋଧ ("ବହୁଦିନ ତଳେ / ଆମେ ଲୁଚକାଳି ଖେଳିଥିଲେ ଜହ୍ନ ଆଲୁଅରେ / ଇତିହାସକୁ ଅଥର୍ବ କରି ଝୁଲାଇ ଦେବାକୁ / ପ୍ରତିଷ୍ଠାର କ୍ରୁଶ କାଠରେ ।") କବିଙ୍କ ଦୃଷ୍ଟିଭଙ୍ଗୀର ସ୍ୱାତନ୍ତ୍ର୍ୟ, ଶବ୍ଦଚିତ୍ର, ସାହସ ଏବଂ ବକ୍ତବ୍ୟର ସାବଲୀଳତା ପାଠକକୁ ଜଡ଼େଇ ରଖେ । ସାଂଗୀତିକତା ତାଙ୍କ କବିତାର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । କବି କୁହନ୍ତି, କବିର ସଂଗୀତ ସଚେତନତା କବିତା ରଚନାରେ ଏମିତି ସାହାଯ୍ୟ କରେ ଯେ, ତା'ର କବିତାକୁ ସେଥିରୁ ଧ୍ୱନିଗୁଣ ମିଳିପାରେ । ଏହାଦ୍ୱାରା କବିତାରେ ସୌନ୍ଦର୍ଯ୍ୟ ବିଧାନ ହୋଇଥାଏ । ବ୍ୟକ୍ତିତ୍ୱ ଭିତରେ ନଷ୍ଟ ସଂହତିର ପୁନଃ ପ୍ରତିଷ୍ଠା କ୍ଷେତ୍ରରେ ସଂଗୀତ ଏକ ବିଶେଷ ଭୂମିକା ତୁଲାଏ ।

ଶେଷରେ, 'କବିତାର କଥା' ଏବଂ 'କବିତା: ମିଛ କଥା' ପରି ଦୁଇଟି କବିତା ବିଷୟରେ ଉଲ୍ଲେଖ କରିବି । ପ୍ରଥମ କବିତା 'କବିତାର କଥା'ରେ କବି ଆଧୁନିକ ଓଡ଼ିଆ କବିତାର ଇତିହାସକୁ ସଂକ୍ଷିପ୍ତରେ ଯେମିତି ଟୋକି ଧରିଛନ୍ତି । ସଂପୂର୍ଣ୍ଣ କବିତାଟି ଛଅଟି ପଦରେ ବିଭକ୍ତ । "ଆଜିକାଲି କବିତାର ମୁହଁ ବଡ଼ ଅସହାୟ ଦିଶେ"ରୁ ଆରମ୍ଭ କବିତାର ଯାତ୍ରା, ତା'ର ଅସହାୟତାକୁ ବର୍ଣ୍ଣନା କରେ ଓ ସ୍ଥିର କରେ ଫେରାର୍ ହେବାକୁ ଛି' କରି ଦେଇ ମଣିଷଙ୍କ ହାତଅଙ୍କା ଚିତ୍ରମୟ ଲୋଭ । ଦିନ ଥିଲା କବିତା 'ନୌକାବିହାର'ରେ ସ୍ମୃତି ସାଉଁଟି ଥିଲା । (ଏଇଠି କବି ମାୟାଧର ମାନସିଂହ ଓ ତାଙ୍କ ସମୟ ମନେ ପଡ଼ିଯାଏ) "ଅଧରାତିରେ ଚାହୁଁଥିଲା ପୋଖରୀରେ ଫୁଟିଥିବା କଇଁ" । ପୁଣି 'ଗୁଳିମାଡ଼େ ପ୍ରାଣ ଦେବା ଅମାନିଆ ପିଲାର ଚିତ୍କାରେ / ସହଭାଗ ହେଉଥିଲା ଆପଣାର କାନ୍ଦକୁ ମିଶାଇ ।" (ଏଠି କବି ସଚ୍ଚି ରାଉତରାୟଙ୍କ ସମୟ ମନେ ପଡ଼ିଯାଏ ।) ଧୀରେ ଧୀରେ ସମୟ ବଦଳିଛି । କବିତା ବି ଯନ୍ତ୍ରର ରାଜୁତି ତଳେ ଚାପି ହୁଏ, ନିଜକୁ ବଦଳାଏ । ସେଥିରେ ବି ସ୍ଥାନପାଏ ଖବରକାଗଜରେ ପୃଷ୍ଠା ମଣ୍ଡନ କରୁଥିବା ଯାବତୀୟ ଘଟଣା ଦୁର୍ଘଟଣା । କବିତାର ମନ ତଳେ ଏବେ ଆଉ ଦୀପ ନୁହେଁ, ଉଡ଼େ ପାଉଁଶର ଫୁଲ । ଏତେ ସବୁ ରୂପାନ୍ତର ଭିତରେ, କବିତାକୁ ନିଛାଟିଆ ଲାଗେ । ତା' ଭିତରେ ଦ୍ୱନ୍ଦ୍ୱ ଆସେ କୁନିକୁନି କୋମଳ ପାହୁଣ୍ଡେ / ସତେ କ'ଣ ଲଂଘି ହେବ । / ଏତେ ଦୁଃଖ... ?

କବିତା କିନ୍ତୁ ସେଇ ଯିଏ ଜୀବନକୁ ଜୀବନ ଦିଏ । କବି କୁହନ୍ତି, "ଏତେ ବିଷାଦରେ କିନ୍ତୁ / ଜୀବନକୁ ଅସ୍ୱୀକାର କରିବାର ପାଗଳାମୀ ନାହିଁ କବିତାର / ସ୍ୱାଦ ଅଛି ଜିଇଁବାରେ ଅସହାୟ ହୋଇ / ସେସବୁକୁ ବାଦ୍ ଦେଲେ ନୂତନତା ଲାଗେ ଅବାନ୍ତର ।" ସେଇଥିପାଇଁ କି କ'ଣ "ନିଜର ଛାତିକୁ ବେଶି ଦୃଢ଼ କରୁଚି କବିତା.../ ଅବିନାଶୀ ଆତ୍ମା ପରି ନିଶ୍ଚୟ ଜିଇଁବ ସିଏ / କାଳକାଳାନ୍ତରେ" ଠିକ୍ କବିଙ୍କ କବିତା ପରି ।


ସେମିତି ଦ୍ୱିତୀୟ କବିତାକୁ ନେଇ 'କବିତା: ମିଛକଥା' । ପାଠକ ପାଇଁ ଦୀପ ସଦୃଶ ଯେମିତି । ଏଇ ଯେମିତି– "କବିତା ମିଛ କଥା ଲେଖିବାର ଏକ ଅଜବ ଆଗ୍ରହ / ଛାଇର ଛାଇ ତିଆରି କରି କବିତା ଖୁବ୍ ଖୁସି ।" ଏବଂ ଏହାର ଶେଷ– "ହଁ, ଏତେ ମିଛ କଥା ପଢ଼ନ୍ତି ଯେଉଁମାନେ / ସେମାନେ ଘାଣ୍ଟି ହେଉଥା'ନ୍ତି ଚିରକାଳ ମିଛରେ / ଜାଣନ୍ତି: ମିଛର ମହାର୍ଣ୍ଣବ ମନ୍ଥନରୁ / ମିଳି ଯାଇପାରେ ସତ୍ୟ, ଅସତ୍ୟ, ଅର୍ଦ୍ଧସତ୍ୟ / ଯାହା– ସବୁନେଇ ରାସ୍ତାକୁ ଓହ୍ଲାଇବ ଜୀବନ / ଅବାନ୍ତରକୁ କରିବା ପାଇଁ ଅର୍ଥପୂର୍ଣ୍ଣ ।" ମିଛ ବା ଭ୍ରମ ଓ ସତ୍ୟ ଉଭୟ ଜୀବନ ସ୍ୱରୂପ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ଯେଉଁଠି ଭ୍ରମ ହିଁ ସବୁ ସତ୍ୟ ଆଧାର, ସେଠି କବିତା ହିଁ ଜୀବନ ।

ବିଶାଳ କାନ୍‌ଭାସ୍, ବ୍ୟଂଜନା-ଧର୍ମୀ ଶବ୍ଦସଜ୍ଜା, ସାଂଗୀତିକତା, ତୀକ୍ଷ୍ଣ ଦୃଷ୍ଟିଭଙ୍ଗୀ ତଥା ପ୍ୟାଥୋସ୍‌ର ସାବଲୀଳ ସଜ୍ଜୀକରଣ ଓ ଶେଷକୁ ସକାରାତ୍ମକତାର ଆବାହନ କବି ସୂର୍ଯ୍ୟ ମିଶ୍ରଙ୍କ କବିତାର ଅନନ୍ୟ ବିଭବ ।

ଓଡ଼ିଆ କବିତାରେ ଜୀବନର ଅନ୍ୱେଷଣ ଓ ନିଃସଙ୍ଗତା ପରି ଭାବବସ୍ତୁକୁ ନେଇ ନିଜର ଏକ ଗମ୍ଭୀର ଆବେଦନରେ କବିତାକୁ ଋଦ୍ଧିମନ୍ତ କରିଥିଲେ କବି **ସମରେନ୍ଦ୍ରନାଥ ମହାପାତ୍ର** (୧୯୬୨) । ତାଙ୍କ କବିତା ପ୍ରତ୍ୟେକ ସ୍ଥିତାବସ୍ଥାରୁ ମୁକ୍ତିର ଆଲୋକ ଆଡ଼କୁ ଯାତ୍ରାର କବିତା । ସେଇଥିପାଇଁ କି କ'ଣ ମୁକ୍ତି ସାମ୍ନାରେ ଜୀବନ ବଂଚିବାର କବଚକୁ ତୁଚ୍ଛ କରିପାରେ ତାଙ୍କ କାବ୍ୟସତ୍ତା । ସେଇଥିପାଇଁ ସେ ଉଚ୍ଚାରଣ କରନ୍ତି, "ହୁଂକାରୁ ବାହାରି ଆସି ମୁଁ / ଶ୍ୱେତ ବିହଙ୍ଗ ପରି ଉଡୁଚି / ମତେ ଆଉ କବଚ ଦିଅନା /ଜାଣିଚି, ବିସ୍ଫୋରଣ ହୁଏ ବି କେତେ / ନିଆଁ ଲାଗିଲେ ସୁଡ଼ଙ୍ଗ ଭିତରେ ।"

ସମରେନ୍ଦ୍ରଙ୍କ କାବ୍ୟସତ୍ତା ନିଜ ସମୟର ସାମାଜିକ ଅବ୍ୟବସ୍ଥା, ଅନୀତି, ମନୁଷ୍ୟ ଜାତିର ନୈତିକ ଅଧୋଃପତନ ଆଦିକୁ ଲକ୍ଷ୍ୟ କରେ ଖୁବ୍ ପାଖରୁ । ତତ୍‌ସଂଲଗ୍ନ ପରିଣତିକୁ ନିରୀକ୍ଷଣ କରେ ଖୁବ୍ ନିବିଡ଼ ଭାବରେ । ତା'ର କାବ୍ୟିକ ପରିପ୍ରକାଶରେ ସମରେନ୍ଦ୍ର ନଷ୍ଟାଲଜିକ୍ ହୋଇପଡ଼ନ୍ତି । ତାଙ୍କ ବକ୍ତବ୍ୟରେ ଦାର୍ଶନିକତା ସହ ପ୍ୟାଥୋସ୍‌ର ସମ୍ମିଶ୍ରଣ ଦେଖିବାକୁ ମିଳେ, ଯେମିତି: "ମନ୍ଦିର ଚୂଡ଼ାରୁ ଖସି ପଡୁଛି ଦଧିନଉତି / ରାଜପ୍ରାସାଦରୁ ନିଖୋଜ ଜ୍ୟାମିତି / ଆଜିଯାଏଁ ସୁରକ୍ଷିତ ଥିବା ଖଣ୍ଡେ ଦର୍ପଣ / ଭାଙ୍ଗି ଯାଉଚି ସବୁ ଦୃଶ୍ୟକୁ ସାଇତି ।"

ସାଂପ୍ରତିକ ପରିସ୍ଥିତିରେ ସବୁ ପ୍ରକାରର ବିସଂଗତି ସମରେନ୍ଦ୍ରଙ୍କ କାବ୍ୟପ୍ରାଣକୁ ଆନ୍ଦୋଳିତ କରେ । ସବୁ କିଛି ଠିକ୍‌ଠାକ୍ ଚାଲିଥାଉ– ଏ ପ୍ରକାରର ବିଚାରବୋଧରେ ହୁଏତ କବିଟିଏ ସନ୍ତୁଷ୍ଟ ହୋଇଥାଆନ୍ତା । ମାତ୍ର ଏମିତି ନ ଘଟି ପାରିବାର ନିଦାଘରେ ତାଙ୍କ ପ୍ରତିକ୍ରିୟାକୁ ଲକ୍ଷ୍ୟ କରାଯାଇପାରେ, "ଦାଉ ଦାଉ ନିଆଁରେ ଚାଲିଚି / କାଳିସୀ ନାଗିଲା ପରି, ଝଡ଼ବର୍ଷାରେ ମୁଁ ନାଚିଚି / ପ୍ରଚଣ୍ଡ ପାଗଳ ପରି, ପାପୁଲିଏ ଆକାଶରେ ମୁଁ ବାନ୍ଧିଚି ସୂର୍ଯ୍ୟକୁ ।"


▲କବି ସମରେନ୍ଦ୍ରନାଥ ମହାପାତ୍ର

କବି ସମରେନ୍ଦ୍ର ନିଜ କବିତାରେ, ଜୀବନର ଯାତ୍ରାପଥରେ କାବ୍ୟସତ୍ତା ଭୋଗିଥିବା ଅନେକ ଅସହାୟତାର ଶବ୍ଦଚିତ୍ରକୁ ଖୁବ୍ ଚମତ୍କାର ବାଗରେ ଚିତ୍ରିତ କରିପାରନ୍ତି । ଚମତ୍କାର ବିସଂଗତିକୁ ଏକାଠି ସଜାଇ, ଏକ ଅଦ୍ଭୁତ କଳାତ୍ମକତାର ସ୍ପର୍ଶ ଦେଇ ପାରନ୍ତି ସିଏ । ଏଇ ଯେମିତି, "ପଥର ହେବାଟା ଏତେ କଷ୍ଟ ବୋଲି ଜାଣିଥିଲେ / ଭଲ ପାଇ ନଥା'ନ୍ତି ପର୍ବତର / ମୌନତାକୁ ।"

ତାଙ୍କ ମୌଳିକତାକୁ ଦର୍ଶାଇବାକୁ ଯାଇ କବି ଅଜୟ ପ୍ରଧାନ ଉଲ୍ଲେଖ କରନ୍ତି, "ଅଶୀ ଦଶକରେ ଓଡ଼ିଆ କବିତାରେ ପରିଲକ୍ଷିତ 'ଶଙ୍କା' ବିରୋଧରେ କବିଙ୍କ ସାମର୍ଥ୍ୟର ସ୍ୱର ଶୁଭେ ।" କବି ସମରେନ୍ଦ୍ରଙ୍କ ଉଚ୍ଚାରଣ, "ଶୃଙ୍ଗ ନୁହେଁ/ ଶେଷତମ ଆକାଂକ୍ଷା / ଓହ୍ଲଉଚି ମୁଁ ଶୀର୍ଷରୁ ଭୂମିକୁ ।" ଏକ କାଳ୍ପନିକ

ଶିଖରର ଭ୍ରମରେ, ଲକ୍ଷ୍ୟରେ ଅନେକ କବି ପାହାଡ଼ ଚଢ଼ନ୍ତି ସତ, କିନ୍ତୁ କେତେ ବା ଓହ୍ଲାଇ ପାରନ୍ତି ଶୀର୍ଷରୁ ଭୂମିକୁ! ସମରେନ୍ଦ୍ର ଏ ଦୃଷ୍ଟିରୁ ନିଜର ନିଆରା ପଣଟି ଜାହିର କରିବାକୁ ଚେଷ୍ଟା କରିଛନ୍ତି । ଶୃଙ୍ଗକୁ ଚଢ଼ିବାର ଅଦମ୍ୟ ସାହସ, ଶୀର୍ଷରୁ ଭୂମିକୁ ବା ଶେଷରୁ ପୁଣି ଆରମ୍ଭକୁ ଫେରିବାର ଆକାଂକ୍ଷା ସହିତ ଆଉ ଏକ ଶକ୍ତିଶାଳୀ ଅଭିବ୍ୟକ୍ତି– "ଭୟ ନାହିଁ ନର୍କକୁ ସ୍ୱର୍ଗକୁ"ରୁ କବିଙ୍କ କାବ୍ୟସତ୍ତାର ପ୍ରରିଣତିକୁ ଖାତିର୍ ନକରିବାର ମାନସିକତା ଓ ଆତ୍ମବିଶ୍ୱାସ ସୁସ୍ପଷ୍ଟ । ନିଜ ସ୍ୱପ୍ନ ପ୍ରବଣତାରୁ କାବ୍ୟମାନସର ଉତ୍ତରଣ ପରବର୍ତ୍ତୀ ସମୟର କବିତାରେ ଲକ୍ଷ୍ୟ କରା ଯାଇପାରେ । ସ୍ୱପ୍ନଭଙ୍ଗର ବାସ୍ତବତାରେ ମ୍ରିୟମାଣ କବି ପୁଣିଥରେ ସାନ୍ତ୍ୱନା ପାଇଁ, ଯନ୍ତ୍ରଣାର ଉପଶମ ପାଇଁ ଫେରି ଆସନ୍ତି ଶବ୍ଦମାନଙ୍କ ନୀରବତା, ମୌନ ଅଭିସାରକୁ । କବିଙ୍କ କାବ୍ୟସ୍ୱର ଏକା ଏକା ବିକ୍ରମାର୍କ ପରି ସମୟ ସହ ଚାଲିଛି, ଶୃଙ୍ଗ ଚଢ଼ିଛି, ଓହ୍ଲାଇଛି ତଳକୁ, ଏବଂ ନିଜେ ନିଜେ ଆତ୍ମବିଶ୍ୱାସ ଓ ସାହସରେ ଲଢ଼ିଛି ଜୀବନ ଯୁଦ୍ଧ । ସାଂପ୍ରତିକ ଘଟଣାବଳୀକୁ ନେଇ ନିଜର ଆବେଦନକୁ ପୂର୍ଣ୍ଣ କରିଛି; ଖଟିଖିଆ, ଗରିବ ମଣିଷର ସ୍ୱର ପାଲଟିଛି ।

ଯଦିଓ ସେ ସନ୍ଦିହାନ ବର୍ତ୍ତମାନ ସମୟରେ ମଣିଷଙ୍କ ସ୍ଖଳିତ ପ୍ରବୃତ୍ତି ଓ ଚରିତ୍ର ଦେଖି– "କିଏ ଶୁଣିବ ଆଜି ଗୋଟେ ନିରୁତା କବିର କଥା–.../ କବିକୁ ଯେ ଭତ୍ତା ଦେବ ନେତା,/ କାନ୍ଧରେ ପକାଇବ ଗାମୁଛା / ହାତରେ ଦେବ ମାନପତ୍ର ଓ ଛତା.../ କବି ନିଜେ ଦୟା ପ୍ରାର୍ଥୀ / ସେଠି କବିତାର କି ଅସହାୟ ସ୍ଥିତି ।"

ସଂପ୍ରତି ପ୍ରଚଳିତ ସାମାଜିକ ବିଧିବ୍ୟବସ୍ଥା ଭିତରେ କଳାର ଚକରେ ନିଜ ସୃଜନକୁ ଆକାର ଦେଉଥିବା ପ୍ରତ୍ୟେକ ଶିଳ୍ପୀର ଅବସ୍ଥା ଏମିତି ଦାରୁଣ । କବି ସମୟର ଚିତ୍ର ତୋଳି ଦେଇ ସ୍ଥିର ଅଟକି ରହି ଯାଇନାହାନ୍ତି, ଯାହା ସମରେନ୍ଦ୍ରଙ୍କର କବିତାର ବିଶେଷତ୍ୱ । ସମସ୍ୟା, କରୁଣ ବ୍ୟବସ୍ଥାର ବିକଳାଙ୍ଗ ସ୍ୱରୂପକୁ ଚିହ୍ନେଇ ଦେଇ, ତା' ଭିତରୁ ସମାଧାନର ନୂତନ ସୂର୍ଯ୍ୟୋଦୟଟିଏ ବି ରଖି ଦେଇଛନ୍ତି ଆମ ଆଗରେ । କବି କହୁଛନ୍ତି, "କବିତା ଲେଖୁଚ ତ ଲେଖ / ..../ ତୁମ ଶବ୍ଦ ସାନ୍ଦ୍ରତା ଓ ଭାବର ଗାମ୍ଭୀର୍ଯ୍ୟ ଠାରୁ / ଯଥେଷ୍ଟ ଊର୍ଦ୍ଧ୍ୱରେ ନେତାଙ୍କ ଭାଷଣର ଉଚ୍ଚତା ।" ତେଣୁ କବିତା ଯେ ବଦଳେଇ ଦେବ ଜଗତ, ଏକଥା ଭାବନା ।

କବି ସମରେନ୍ଦ୍ରଙ୍କ କବିତାମାନେ ଯଥାର୍ଥରେ 'ଜୀବନର ବାସ୍ତବ ଗାଥା' ପରିବେଷଣ କରିବାରେ ଯେ ସମର୍ଥ– ଏହା ଯେ କୌଣସି ପାଠକ ଅନୁଭବ କରି ପାରିବେ । ତାଙ୍କ ସୃଜନର ମହାକାବ୍ୟିକ ଶକ୍ତିରେ କବିତାସବୁ ଅନ୍ତରାତ୍ମାକୁ ସ୍ପର୍ଶ କରି ଆଉ ଏକ କଳ୍ପଲୋକରେ ପହଞ୍ଚାଇ ଦେଇ ପାରନ୍ତି ଓ ହୃଦୟ ଭିତରେ ପ୍ରତିଧ୍ୱନିଟିଏ ସୃଷ୍ଟି କରି ପାରିବାର ଆକାଂକ୍ଷାଟେ ଜାଗ୍ରତ କରାଇ ପାରନ୍ତି । ତାଙ୍କ କବିତାର ଅର୍ଥରେ ଜୀବନ ଜିଇଁବା ଏକ ପ୍ରଚେଷ୍ଟା ଛଡ଼ା ଅନ୍ୟ କିଛି ନୁହେଁ, ଜୀବନ ଏକ ଅମୀମାଂସିତ ସିଦ୍ଧାନ୍ତ ଛଡ଼ା ଅନ୍ୟ କିଛି ନୁହେଁ, ଜୀବନ ଏକ ନୂଆ ବ୍ୟବସ୍ଥାକୁ ଆହ୍ୱାନ କରିବା ଛଡ଼ା ଅନ୍ୟ କିଛି ନୁହେଁ ।" (ଡକ୍ଟର ଗୌତମ ଜେନା)

ଏଡ୍‌ନା ସେଣ୍ଟ୍ ଭିନ୍‌ସେଣ୍ଟ୍ ମିଲେ, ବିଶିଷ୍ଟ ଆମେରିକୀୟ କବି ଏକଦା କହିଥିଲେ ପ୍ରେମିକପ୍ରେମିକାମାନେ ନିଶ୍ଚିତ ଭାବରେ ଯନ୍ତ୍ରଣା ପାଇବା ଉଚିତ୍, ଯେଉଁ ଅନୁଭବକୁ ସେମାନେ ପରିଶୁଦ୍ଧ କରି ନିଜ ମହାନ କବିତାର ସ୍ୱର୍ଣ୍ଣପାତ୍ରକୁ ଭରି ଦେଇ ପାରିବେ । ଓଡ଼ିଆ କବିତା ଜଗତ ଯେତେବେଳେ ପ୍ରେମ ସଂପର୍କିତ କବିତା ଦେଖୁଥିଲା, ସେତେବଳେ, ଏହା ବିଭିନ୍ନ ପ୍ରକାରର ଛଳନାର ଆବରଣରେ କିଛି ଲୁଚା କିଛି ଖୋଲା ଅବସ୍ଥାରେ ପରିବେଷିତ ହେଉଥିଲା । ନିଜ ପ୍ରେମ ଜୀବନକୁ ନେଇ ଏକ ଖୋଲାପଣ ଖୁବ୍ କମ୍ କାହା କବିତାରେ ଦେଖିବାକୁ ମିଳୁଥିଲା । ଏ ଭିତରେ ନାରୀ କବିଟିଏ ମୁକ୍ତ କଣ୍ଠରେ ନିଜ ଜୀବନ ଓ ତା' ପ୍ରେମକୁ ନେଇ ମୁକ୍ତ ଭାବବୋଧର କବିତା ଲେଖିବା ବେଳେ କିଛି ଭ୍ରୂକୁଂଚନର ଶିକାର ହୋଇଥିବେ । ମାତ୍ର ଏସବୁ ସତ୍ତ୍ୱେ ନିଜ ମୁକ୍ତ ଭାବନାକୁ ନିଜ କବିତାରେ ସ୍ଥାନ ଦେଇ ନିଆରା କବିତାର ସ୍ୱାଦ ଦେଇ ପାରିଥିଲେ କବି **ରୁନୁ ମହାନ୍ତି**(୧୯୬୬) । ସେ କୁହନ୍ତି, କବିତା ଏକ ସୂକ୍ଷ୍ମକଳା, ଯେପରି ଖୁବ୍ ସଂକୀର୍ଣ୍ଣ ରାସ୍ତାରେ ଝିଅଟିଏ ସାଇକେଲ୍ ସର୍ କରି ଚଲେଇ ନେଇଯାଏ । ତେଣୁ ତ କଷ୍ଟକର ନିଶ୍ଚୟ । ହେଲେ କଷ୍ଟ ପାଉଥିବା ପ୍ରାଣକୁ କବିତା ଭାରି ଆଉଁଷି ଦିଏ । ଆଶ୍ୱାସନା ଦିଏ ।

'ବାଜେ ଝିଅ', 'ରାଧା ନୋଳିଆଣି', 'ସହଜ ସୁନ୍ଦରୀ', 'ମୋହିନୀ' ପରି କବିତା ସଂକଳନର ସ୍ରଷ୍ଟା ରୁନୁ ମହାନ୍ତିଙ୍କ କବିତାର ଯାତ୍ରା ଡେରିରେ ଆରମ୍ଭ ହେଲେ ହେଁ ସେ ନିଜ କବିତାରେ 'ପ୍ରେମାବେଗ'କୁ ହିଁ ଅଧିକ ଗୁରୁତ୍ୱ ଦେଇଛନ୍ତି । ତାଙ୍କ କବିତା ଆବେଗର ଉଦ୍‌ବେଳନରୁ ହିଁ ସୃଷ୍ଟ । ତାଙ୍କ ମତରେ ଆବେଗ ହିଁ ଅଠା ଭଳି କାମ କରେ । 'ପ୍ରେମାବେଗ' ହିଁ ଆତ୍ମାକୁ ସବୁଠୁ ଅଧିକ ଆନ୍ଦୋଳିତ କରେ । କୋଟି ମଣିଷକୁ ଛୁଇଁଯିବା ତାଙ୍କ ପାଇଁ ମହାନ କର୍ମ ହୋଇଥିବାରୁ, ସେ ନିଷ୍ପ୍ରାଣ ଶବ୍ଦ ବଦଳରେ, ନିଛକ ଅନୁଭବର ଶବ୍ଦକୁ ଖଂଜି କବିତା ଗଢ଼ନ୍ତି ଏବଂ ମତ ରଖନ୍ତି– "ପ୍ରେମ ଯୋଗୁଁ ଆକାଶ ସୁନ୍ଦର ଲାଗେ, ପୃଥିବୀ ସୁନ୍ଦର ଲାଗେ । ପ୍ରେମକୁ ପାପ ବୋଲି କେଉଁ ଋଷୀ କହି ନାହିଁ । ପ୍ରେମ ସମ୍ପର୍କରେ ମୁକ୍ତ ଭାବେ କବିତା କି ଗଦ୍ୟରେ ଲେଖିବା କୌଣସି ପ୍ରକାରରେ ଅଗୌରବର ବିଷୟ ନୁହେଁ ।

କବି ରୁନୁ ମହାନ୍ତି ନିଜ ଉକ୍ତିରେ କୁହନ୍ତି 'କଷ୍ଟ ପାଉଥିବା ପ୍ରାଣ' ଏବଂ 'ପ୍ରେମାବେଗ'କୁ ନେଇ ତାଙ୍କ ନୈସର୍ଗିକ ବ୍ୟାକୁଳତାର ପୃଷ୍ଠଭାଗରେ ଜୀବନର ଯେଉଁ ଯନ୍ତ୍ରଣା ନିହିତ ଥାଏ, ତାହା ଅନ୍ବେଷହୁତେ ଏ ସମୟର ପ୍ରତ୍ୟେକ ନାରୀ ଭୋଗେ । ନାରୀ ସ୍ୱାଧୀନତା, ସଶକ୍ତିକରଣ, ବାମାବାଦ ଆଦି ଅନେକ ନାରୀ ମୁକ୍ତ ପାଇଁ ପନ୍ଥାର ଗାଥା ଗାଉଥିବା ଆଦର୍ଶମାନ କେତେ ବା ଦୃଶ୍ୟମାନ ହୁଏ ନାରୀମାନଙ୍କ ପ୍ରକୃତ ଜୀବନରେ ? ବିବାହ ପରେ ପ୍ରେମକୁ ନେଇ ବଂଚିବା, ଘାରିହେବା ବା ପ୍ରେମକବିତା ଲେଖିବା ଯେଉଁଠି ଏକ ଅପରାଧ ବୋଲି ଗଣତି ହୁଏ, ସେଠି ଏସବୁ 'ବାଦ', ଏସବୁ ଆଦର୍ଶର ଅର୍ଥ କ'ଣ ବା ଥାଏ! ରୁନୁଙ୍କ କବିତା ଏମିତି ଏକ ବିଚାରବୋଧ ଠାରୁ ମୁକ୍ତି ପାଇଁ ବାଟ ଖୋଜୁଥାଏ । ଦମ୍ଭରେ ନିଜ ପ୍ରେମର ଦୋହା ଗାଉଥାଏ, ଶୃଙ୍ଗାର ରସରେ ନିଜକୁ ସ୍ୱପ୍ନ ସୁନ୍ଦରୀର ସ୍ଥାନରେ ରଖି ଜୀବନ ବଂଚି ଯାଉଥାଏ ଏକ କାଳ୍ପନିକ ସୌନ୍ଦର୍ଯ୍ୟମୟୀ ପୃଥିବୀରେ । କବି 'ମୋହିନୀ', 'ସହଜସୁନ୍ଦରୀ' 'ଚନ୍ଦ୍ରମୁଖୀ' ଆଦି କବିତାରେ ଯେଉଁ ନାରୀକୁ ଉପସ୍ଥାପିତ କରିଛନ୍ତି, ନିଜ ପ୍ରେମର ତଲ୍ଲୀନତାରେ, ସେ ତାକୁ ଏକ ସାଧାରଣ ସ୍ତରରୁ ଏକ ଊର୍ଦ୍ଧ୍ୱ ସ୍ତରକୁ ନେଇ ପାରିଛନ୍ତି । 'ଚନ୍ଦ୍ରମୁଖୀ' କବିତାରେ ସଂପୂର୍ଣ୍ଣ ଏକ ମାନବୀୟ ପ୍ରେମ ବା ଆକର୍ଷଣ କଥା ପ୍ରାରମ୍ଭରେ ଥିବା ବେଳେ,ଶେଷ ବେଳକୁ ସେ ତାକୁ ଏକ ଅପାର୍ଥିବ ସ୍ତରକୁ ତୋଳି ନେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ହେଉଛି– ପ୍ରେମର ବର୍ଣ୍ଣନାରେ କବି ମୁକ୍ତ ଓ ଛଳନାରହିତ । କୌଣସି ଆଟୋପ ନଥାଇ ସେ ପ୍ରେମ



▲କବି ରୁନୁ ମହାନ୍ତି

ଆବେଦନକୁ କେବଳ ପ୍ରେମ ଆବେଦନ ଭାବରେ ରଖିଛନ୍ତି ପ୍ରେମିକା-ପ୍ରେମିକ ଭିତରେ । କୌଣସି ମିଥ୍‌ର ସାହାଯ୍ୟ ନେଇ ପୁରୁଷୋତ୍ତମଙ୍କ ଆଟୋପରେ ଘୋଡ଼େଇ ଦେଇ ନାହାନ୍ତି, ସାଧାରଣ ପ୍ରେମିକର ଅସାଧାରଣ ପ୍ରେମକୁ । ତାଙ୍କ କବିସତ୍ତା କେବଳ ନାରୀର ଦୃଷ୍ଟିଭଙ୍ଗୀରୁ ଯେ ପ୍ରେମାବେଗକୁ କବିତାରେ ପରଷି ଦିଏ ତା'ନୁହେଁ, ପ୍ରେମିକ-ପୁରୁଷଟିର ଦୃଷ୍ଟିଭଙ୍ଗୀକୁ ମଧ୍ୟ ସମୋତ୍ତୀର୍ଣ୍ଣ ଭାବେ ଚିତ୍ରିତ କରିପାରେ ।

ପାରମ୍ପରିକ ନାରୀଧର୍ମ ନାଁରେ ନାରୀଟିଏ ଅନେକ ମାନସିକ ଓ ଶାରୀରିକ ଅତ୍ୟାଚାର ଭୋଗେ । ଏଇ ପରମ୍ପରାର ପାଳନ ଭିତରେ ସମାଜ ଏମିତି ମିଶେଇ ଦେଇଥାଏ ନାରୀଟିକୁ ଯେ ସେ ଏସବୁ ବାହାରେ ତା' ଜୀବନ ବିଷୟରେ ଚିନ୍ତା କରିବାର ସୁଯୋଗ ପାଇନଥାଏ । ଆଜିର ଏ ସମୟରେ, ରୁନୁଙ୍କ କବିତାର ନାରୀ ନିଜକୁ ମୋହିନୀ ଭାବରେ ଘୋଷଣା କରି ନିଜ କବିତାରେ, ନିଜ ପାଇଁ ସୁଖମୟ ପୃଥିବୀର କଳ୍ପନା କରିପାରେ । ଏବଂ ତା' ଭିତରେ, ଯାବତୀୟ ଦୁଃସହ ଯନ୍ତ୍ରଣା, ବିଶ୍ୱାସଘାତକତାକୁ ସେ ଭୁଲିଯାଇପାରେ । କୋମଳମନର ସୂକ୍ଷ୍ମକାରିଗରୀରେ ସେ ବି ତା' କଳ୍ପନାର ରାଜକୁମାର ସହ ପ୍ରଣୟ ରଚନା କରେ । ତାଙ୍କ କାବ୍ୟସ୍ୱର, ନାରୀଜୀବନରେ ପବିତ୍ର, ସ୍ୱଚ୍ଛ ପ୍ରେମ ପାଇଁ ବ୍ୟାକୁଳତା ସଂପର୍କରେ ମତ ରଖେ, ଏବଂ ଯାହା ସଂପର୍କର ଊର୍ଦ୍ଧ୍ୱରେ ।

କବିଙ୍କ କାବ୍ୟଚେତନାରେ ନାରୀଟିଏ ସାଧାରଣ ନାରୀ ଭାବରେ ବଂଚୁଥାଏ । ସମର୍ପଣରେ, ସରଳତାରେ, ବିଶ୍ୱାସରେ ବିଶ୍ୱାସ ରଖିଥିବା ଏହି ପ୍ରେମିକ ସତ୍ତାଟି ନିଜ ପ୍ରେମର ପ୍ରାପ୍ତିକୁ ନେଇ ଚିନ୍ତିତ ନୁହେଁ । ସେ ଜାଣେ ସେ ଚାଲୁଥିବା ପଥ ବନ୍ଧୁର, ତଥାପି ସେ କଣ୍ଟକିତ ପଥରେ ପ୍ରାପ୍ତି-ଅପ୍ରାପ୍ତିର ଆଶା ବିନା ସେ ଆଗେଇ ଥାଏ । ଯାବତୀୟ ସାଂସାରିକ ଯାତନା ସତ୍ତ୍ୱେ ଯେଉଁ ସରଳତାର ସହ, ଯେଉଁ ନୈସର୍ଗିକତାର ସହ କବି ଶବ୍ଦ ସଂଯୋଜନା କରନ୍ତି, ତାହା ପାଠକକୁ ଛୁଇଁଯାଏ ।

ଶୈଳୀ ଦୃଷ୍ଟିରୁ ଦେଖିଲେ, ସହଜ ଶବ୍ଦର ଏକ ଭିନ୍ନ ପ୍ରକାରର ବ୍ୟବହାର, କବିତାକୁ ଏକ ମଧୁରତା ପ୍ରଦାନ କରେ । ସରଳ ବାକ୍ୟ ବିନ୍ୟାସ କବିତାର ଚରମ ଭାବରେ ପହଂଚାଇବା ସହଜ କରିଦିଏ । ତାଙ୍କର ଗୋଟିଏ ଗୋଟିଏ କବିତା ବେଳେବେଳେ ଏକ ପ୍ରତୀକ ଭାବରେ ଉଭା ହୋଇଥାଏ । ଶବ୍ଦ ପ୍ରୟୋଗରେ ସାବଲୀଳତା ଏବଂ ଭାବର ଗଭୀରତା ତାଙ୍କ ସ୍ୱରକୁ ସାନ୍ଦ୍ରତା ପ୍ରଦାନ କରୁଥାଏ । କଷ୍ଟବୋଧ ମାଧ୍ୟମରେ ପ୍ରେମ ଏବଂ ପ୍ରେମକୁ ସାଧନ କରି ଏକ ଊର୍ଦ୍ଧ୍ୱ ଅନୁଭବର ଉପଲବ୍ଧି ତାଙ୍କ କବିତାରୁ ପାଠକ ସଂଦର୍ଶନ କରିପାରେ ।






# ଆବେଗର ଫୁଲ

# ରାକ୍ଷୀଫୁଲ କୃଷ୍ଣକମଳ


**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ଲେଖିକା



▶ଲେଖିକା ଶ୍ୱେତା ରାଉତ

କମଳ ଫୁଲ ବା ପଦ୍ମଫୁଲକୁ ଈଶ୍ୱରଙ୍କ ଏକ ଅବତାର ବୋଲି କୁହାଯାଏ । ପ୍ରାଚୀନକାଳରୁ କମଳକୁ ଯୋଗ ଓ ଶୁଦ୍ଧତାର ପ୍ରତୀକ ଭାବେ ଗ୍ରହଣ କରାଯାଇଛି । ସାଧୁସନ୍ଥମାନେ କୁହନ୍ତି କମଳର ଗୁଣକୁ ଯଦି ମନୁଷ୍ୟ ଗ୍ରହଣ କରେ ବା ଧାରଣ କରେ ତେବେ ସାରା ସଂସାରରେ ସେ ଫୁଲ ପରି ଫୁଟି ବାସ ଚହଟାଇ ପାରିବ । ସଂସାରରେ ରହି ପ୍ରାଣୀ କମଳର ଗୁଣ ଧାରଣ କରିବା ଉଚିତ୍ । ପଦ୍ମ ଯେମିତି ପଙ୍କକାଦୁଅରେ ଫୁଟି ନିଜର ଗୁଣ ଦ୍ୱାରା ଶୁଦ୍ଧ ଓ ପବିତ୍ର ରହିପାରେ, ଠିକ୍ ସେମିତି ସଂସାରରେ ବେଳେବେଳେ ଯେକୌଣସି ସ୍ଥାନରେ ବି କେହି ମଇଳା ଅର୍ଥାତ୍ ମନ୍ଦ, ଅପବାଦ, ଘୃଣା, ତିରସ୍କାର ପ୍ରାପ୍ତ କରିଥାନ୍ତି, ସେ ସ୍ଥାନରେ ଅଧୈର୍ଯ୍ୟ ନହୋଇ ନିଜର ଗୁଣ ଓ ଶୁଦ୍ଧ ବିଚାର ଦ୍ୱାରା ନିଜକୁ କମଳ ପରି ଦିବ୍ୟ ଓ ସ୍ୱତନ୍ତ୍ର ରଖି ପାରିବେ । ମନୁଷ୍ୟର ଅନ୍ତର୍ଚକ୍ଷୁ ଉପରେ ନିର୍ଭର କରେ ସେ ମଇଳା ଦେଖି ଭୟଭୀତ ହେବ କିମ୍ବା କମଳର ଦିବ୍ୟତା ଦେଖି ଉଲ୍ଲସିତ ହେବ । ଏହି ଦିବ୍ୟ କମଳର ଅନେକ ପ୍ରଜାତି ଭିତରୁ ଏକ ଦିବ୍ୟକମଳ ଲତାଜାତୀୟ ପୁଷ୍ପ ରହିଛି 'କୃଷ୍ଣକମଳ' । ଏହାର ସାତ ପ୍ରକାର ଲତା ପାଇଁ କୁହାଯାଏ ଏହା ମନୁଷ୍ୟର ସାତଟି ମୌଳିକ ଚକ୍ରର ମାନ୍ୟତା ପରିପ୍ରକାଶ କରେ । କେହି କେହି କୃଷ୍ଣକମଳକୁ ମହାଭାରତ ଫୁଲ ବୋଲି କହିଥାନ୍ତି । କାରଣ ମହାଭାରତ କାଳର ସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଯେପରିକି କୌରବ, ପାଣ୍ଡବ, ବ୍ରହ୍ମା, ବିଷ୍ଣୁ, ମହେଶ ଏବଂ ଭଗବାନ କୃଷ୍ଣ ଏହି ଫୁଲର ଗଠନ ଭିତରେ ସମାହିତ । 'କୃଷ୍ଣକମଳ'ର ସୃଷ୍ଟି କୃଷ୍ଣଙ୍କର ସମ୍ପୂର୍ଣ୍ଣ କାହାଣୀ ବର୍ଣ୍ଣନା କରେ, ତେଣୁ ସେ ଶ୍ରୀକୃଷ୍ଣଙ୍କର ଅତିପ୍ରିୟ ଫୁଲ କୁହାଯାଏ । ଏହି ଫୁଲ ତିନିମାସରେ ଥରେ ପୁରୁଷୋତ୍ତମ ମାସରେ ଫୁଟିଥାଏ । ଭଲ ଭାବେ କୃଷ୍ଣକମଳ ଫୁଲକୁ ଲକ୍ଷ୍ୟ କଲେ ଦେଖାଯାଏ ଏଥିରେ ଥିବା ବାଇଗଣୀ ରଙ୍ଗର ସରୁ ସରୁ ପାଖୁଡ଼ା ସଂଖ୍ୟା ୧୦୦ ଯାହା କୌରବଙ୍କୁ ସୂଚିତ କରେ, ଏହା ଉପରେ ସବୁଜ ରଙ୍ଗର ପାଞ୍ଚଟି ଖାଡ଼ି ଭଳି ରହିଥାଏ ଯାହା ପାଞ୍ଚ ପାଣ୍ଡବଙ୍କୁ ସୂଚିତ କରନ୍ତି । ଫୁଲର ଆକୃତି ରଥର ଚକ ବା ଚକ୍ର ଭଳି ହୋଇଥାଏ । ତେଣୁ କୃଷ୍ଣ କମଳ ମହାଭାରତ ସହିତ ସାମଞ୍ଜସ୍ୟତା ରଖୁଥିବାରୁ ତାକୁ ମହାଭାରତ ଫୁଲ ବୋଲି ମଧ୍ୟ କୁହାଯାଇଥାଏ ।

## କୃଷ୍ଣକମଳ

କୃଷ୍ଣ କମଳ ଏକ ଲଟା ଜାତୀୟ ପୁଷ୍ପ । ଏହାର ବନସ୍ପତିକ ନାମ 'ପାସିଫ୍ଲୋରା ଫୋଏଟିଣ୍ଡା' । ଏହା ଫାସୀ ଫ୍ଲୋରାସୀ ବଂଶର ଉଦ୍ଭିଦ । ଭାରତର ସମସ୍ତ ପାହାଡ଼ିଆ କ୍ଷେତ୍ରରେ ଏହି ଫୁଲ ଅଧିକ ମାତ୍ରାରେ ଫୁଟୁଥିବାର ଦେଖିବାକୁ ମିଳେ । ଏହାର ମୁଖ୍ୟ ଦୁଇ ପ୍ରଜାତି ହେଲେ ଜଙ୍ଗଲୀ କୃଷ୍ଣକମଳ (ଫାସିଫ୍ଲୋରା ଫୋଏଟିଡା), କୃଷ୍ଣକମଳ (ପାସିଫ୍ଲୋରା ଏଡୁଲିସ୍) । ଏହି ଫୁଲ ଦେଖିବାକୁ ଖୁବ୍ ସୁନ୍ଦର ଓ ରାକ୍ଷୀ ସଦୃଶ ହୋଇଥିବାରୁ ଅନେକେ ଏହାକୁ ରାକ୍ଷୀଫୁଲ ବୋଲି କହିଥାନ୍ତି । ଜଙ୍ଗଲୀ କୃଷ୍ଣକମଳର ରଙ୍ଗ ଈଷତ୍ ହଳଦିଆ, ଗୋଲାପୀ, ରକ୍ତବର୍ଣ୍ଣ ଅଥବା ବାଇଗଣୀ ହୋଇଥାଏ । ଏହାର ଫଳ ଗୋଲାକାର ବା ଅଣ୍ଡା ଭଳି ଓ ପାଚିବା ସମୟରେ ଗାଢ଼ ବାଇଗଣୀ ବର୍ଣ୍ଣ କଠିନ ଆବରଣଯୁକ୍ତ ରସଦାର ହୋଇଥାଏ । ଏହାର ମଞ୍ଜି କଳା । କୃଷ୍ଣକମଳ ବା ରାକ୍ଷୀଫୁଲର ରଙ୍ଗ କୃଷ୍ଣରଙ୍ଗ ଅଥବା ବାଇଗଣୀ ରଙ୍ଗ ହୋଇଥାଏ । ଏହି ଉଦ୍ଭିଦ ପାଇଁ ବାୟୁଯୁକ୍ତ ଆର୍ଦ୍ର ମାଟି ଅନୁକୂଳ ହୋଇଥାଏ । ଏହା ସକାଳର ସୂର୍ଯ୍ୟକିରଣ ଅଧିକ ଆବଶ୍ୟକ କରେ ଏବଂ ସୂର୍ଯ୍ୟାସ୍ତ ସମୟର ଖରା ଠାରୁ ଦୂରେଇ ରଖିଲେ ଭଲ । ଏହା ୧୨୦ - ୨୪୦ ସେଣ୍ଟିଗ୍ରେଡ୍ ତାପମାତ୍ରା ଆବଶ୍ୟକ କରେ । ଏହାକୁ ବସନ୍ତ ଋତୁ ପରେ ପରେ ଲଗାଇଲେ ଗ୍ରୀଷ୍ମ ସମୟକୁ ଲଟାପତ୍ର ମାଡ଼ି ଖୁବ୍ ଝଙ୍କାଳିଆ ହୋଇଥାଏ ଓ ବର୍ଷାଋତୁ ସମୟରେ ଏହା ଅଧିକ ମାତ୍ରାରେ ଫୁଲ ଫୁଟିଥାଏ । ଫୁଲଗୁଡ଼ିକ ଝୁମୁକା ବା ରାକ୍ଷୀ ଭଳି ଲଟାରେ ଝୁଲି ରହିଥାଏ । ବର୍ଷକୁ ଦୁଇଥର ଯେକୌଣସି ଜୈବିକ ସାର ପ୍ରୟୋଗ କରାଯାଇଥାଏ । କୃଷ୍ଣକମଳ କେବଳ ବାଇଗଣୀ ନୁହେଁ ଅନେକ ରଙ୍ଗର, ଯଥା- ଧଳା, ନାଲି, ସବୁଜ, ଗୋଲାପି, ହଳଦିଆ, ନୀଳ ଓ ବାଇଗଣୀ ରଙ୍ଗର ଦେଖିବାକୁ ମିଳେ । କୃଷ୍ଣକମଳର ୫୦୦ ରୁ ଅଧିକ ପ୍ରଜାତି ରହିଛି ।

## କୃଷ୍ଣକମଳର ପ୍ରଜାତି

ପ୍ରାକୃତିକ ପରିସର ବାହାରେ ମଧ୍ୟ କୃଷ୍ଣକମଳର ଅନେକ ପ୍ରଜାତି ରହିଛି । ଶହ ଶହ ହାଇବ୍ରିଡ୍ର ନାମକରଣ କରାଯାଇଛି । ଫୁଲ, ଫଳ, ପତ୍ର ପାଇଁ ହାଇବ୍ରିଡାଇଜିଂ ସମ୍ପ୍ରତି ବ୍ୟାପକ ଭାବରେ କରାଯାଇଛି ଏବଂ ଚାଷଗୁଡ଼ିକ ରୟାଲ୍ ହର୍ଟିକଲଚରାଲ ସୋସାଇଟି ଗାଡେନ୍ ମେରିଟ୍ ପୁରସ୍କାର ହାସଲ କରିଛି । ଭିକ୍ଟୋରିଆନ୍ ଯୁଗରେ କୃଷ୍ଣକମଳର ଏକ ପ୍ରଜାତି 'ଏକ୍ସୋନାଇନେସିସ୍'ର ୱିଙ୍ଗ୍ -ଷ୍ଟେମ୍ ଆବେଗ ଫୁଲ (P. Alata) ନୀଳ ଆବେଗ (P. Caerula) ଅନେକ ହାଇବ୍ରିଡ୍ ସୃଷ୍ଟି କରି ବହୁ ଲୋକପ୍ରିୟ ହୋଇଥିଲା । ଆଣ୍ଡେସ୍ ପର୍ବତରେ ଶୀତଳ ଭୂମଧ୍ୟସାଗରୀୟ ଜଳବାୟୁ ପାଇଁ କୃଷ୍ଣକମଳ ବା ପାସିଫ୍ଲୋରା ଖୁବ୍ ଉର୍ବର ହୋଇ ବଢ଼ିଥାଏ । ଠିକ୍ ସେମିତି କାର୍ଲିଫର୍ନିଆର 'ମେଣ୍ଟେରୀ ବାଇ' ସାନ୍ ଫ୍ରାନିସ୍କୋ ଏବଂ ଆମେରିକାର ପଶ୍ଚିମ ଉପକୂଳର କାନାଡ଼ା, ସ୍ୱିଡେନ୍ର ମାଲ୍ମୋ ସେଣ୍ଟ୍ରାଲ୍ ଷ୍ଟେସନ୍ରେ ନୀଳ ଆବେଗଫୁଲ

ବା ବ୍ଲୁ ପାସିଫ୍ଲୋରା ବିଶାଳ ଆକାରରେ ଲଟା ମାଡ଼ିଥାଏ । ପାସିଫ୍ଲୋରା ଉପରେ ଗବେଷଣାରତ ଛାତ୍ରମାନେ ଏକ ବିଶେଷ ଗବେଷଣା କରିଛନ୍ତି ଯେ ଏହା 'କ୍ଲୋରୋପ୍ଲାଷ୍ଟ' ବଂଶର ଉଦ୍ଭିଦ ଓ ଏହି ପ୍ରଜାତିରୁ 'ପି ବାଇଫ୍ଲୋରା'ର ଦୁଇ ପ୍ରକାର କୃଷ୍ଣକମଳ ଉତ୍ପନ୍ନ ହୁଏ । ଫରାସୀମାନେ ଏହି ଫୁଲକୁ 'ଲା ଫାମିଲା ପାସିଫ୍ଲୋରା' କହିଥାନ୍ତି । କୃଷ୍ଣକମଳକୁ ନେଇ ଜେନିଭାଇଭ୍ ହୁରିଏଟ୍‌ଙ୍କ ଦ୍ୱାରା ସଫଳ ଶିଶୁ ପୁସ୍ତକ ସିରିଜ୍ ଏବଂ ଏକ ଆନିମେଟେଡ୍ ସିରିଜ୍ ମଧ୍ୟ ଆଧାରିତ । ଏହା ଇଂରାଜୀରେ ଅନୁବାଦ କରାଯାଇ 'ଦି ବେଲ୍ ଫ୍ଲାୱାର' (The Bell Flower) ନାମକରଣ କରାଯାଇଚି ।

## ମିଠା ଗ୍ରାନାଡିଲା (P. Liguluris)

ମିଠା ଗ୍ରାନାଡିଲା କୃଷ୍ଣକମଳର ଅନ୍ୟ ଏକ ବହୁଳ ପ୍ରଜାତି । ଆଫ୍ରିକା ଏବଂ ଅଷ୍ଟ୍ରେଲିଆର ଅଧିକାଂଶ ସ୍ଥାନରେ ଏହାର ଫଳ (ପ୍ୟାସନ୍ ଫ୍ରୁଟ୍) ଅଧିକ ମିଳିଥାଏ । ସାଉଥ୍ ଆଫ୍ରିକା ଲୋକମାନେ ଦ୍ୱନ୍ଦ୍ୱରେ ପଡ଼ି ଏହି ପ୍ରଜାତିକୁ 'ଗ୍ରାନାଡିଲା' ବୋଲି କହିଥାନ୍ତି ଏବଂ ଏହାର ଫଳ ସେଠାରେ 'ପି. ଇଡୁଲସ' ନାମରେ ବିକ୍ରି ହୋଇଥାଏ ।

## ମାୟପପ୍ (P. Incarnata)

ମାୟପପ୍ ଦକ୍ଷିଣ ପୂର୍ବ ଆମେରିକାର ଏକ ସାଧାରଣ ପ୍ରଜାତି ଏହା ପ୍ରାୟତଃ ଟ୍ରପିକାଲ୍ ସବ୍‌ଟ୍ରପିକଲ ପ୍ରତିନିଧି । ଅବଶ୍ୟ ଅଧିକ ଟ୍ରପିକଲ ସମ୍ପର୍କୀୟଙ୍କ ପରି ଏହି ନିର୍ଦ୍ଦିଷ୍ଟ ପ୍ରଜାତିଗୁଡ଼ିକ ମୂଳ ମରିବା ପୂର୍ବରୁ ୨୦୦ ସେଣ୍ଟିଗ୍ରେଡ୍‌ରୁ ୪୦ ଫାରେନହାଇଟ୍ ପର୍ଯ୍ୟନ୍ତ ଥଣ୍ଡାକୁ ସହ୍ୟ କରିବା ପାଇଁ ଯଥେଷ୍ଟ ଶକ୍ତ ଥାଆନ୍ତି । ଏହି ଫୁଲ ପେନ୍‌ସିଲଭାନିଆ ଠାରୁ ଉତ୍ତରରେ ଅବସ୍ଥିତ ଏବଂ ସେଠାରେ ବୋଷ୍ଟନ୍ ଓ ଚିକାଗୋ ଭଳି କୃଷ୍ଣକମଳର ଚାଷ କରାଯାଇଥାଏ । ଏହାର ଫଳ ଅଣ୍ଡାକୃତି ଓ ଅଳ୍ପ କୀଟନାଶକ ଯୋଗୁଁ ଲୋକପ୍ରିୟ ହୋଇଥାଏ । ସେଠାରେ ଏହି ଫଳକୁ 'ଜଏଣ୍ଟ ଗ୍ରାନାଡିଲା' ବା 'ମାରାକୁଜା' (P. Foetida) ବୋଲି କହିଥାନ୍ତି । ଏହିଫଳ ଦକ୍ଷିଣ ପୂର୍ବ-ଏସିଆରେ ଅଧିକ ଲୋକପ୍ରିୟ । ମାୟପପ୍ କୃଷ୍ଣକମଳ ଫୁଲକୁ ପ୍ରବାସୀ ଭାରତୀୟମାନେ ପାରମ୍ପରିକ ଔଷଧ ଭାବେ ବ୍ୟବହାର କରନ୍ତି । ମାୟପପ୍‌ର ଶୁଖିଲା ପତ୍ରକୁ 'ଚା' ତିଆରି ପାଇଁ ବ୍ୟବହାର କରିଥାନ୍ତି । ଯୁକ୍ତରାଷ୍ଟ୍ରରେ କୃଷ୍ଣକମଳ ବା ଫ୍ୟାସନ୍ ଫ୍ଲାୱାରକୁ ସାଧାରଣତଃ ଖାଦ୍ୟରେ ଉପଯୋଗ କରିବାକୁ ନିରାପଦ (GRAS) ଭାବେ ସ୍ୱୀକୃତିପ୍ରାପ୍ତ ଶ୍ରେଣୀଭୁକ୍ତ କରାଯାଇଛି । ପାସିଫ୍ଲୋରା ବା କୃଷ୍ଣକମଳର ଆକର୍ଷଣୀୟ ମହକଯୁକ୍ତ ଆଚ୍ଛାଦିତ ପାଖୁଡ଼ା ଏକ ଭିଜିକିସ୍ ତରଳ ପଦାର୍ଥ ନିର୍ଗତ କରେ । ଅନେକ ଛୋଟ କୀଟପତଙ୍ଗ ଏଥିରେ ଲାଗିଥାଏ ଏବଂ ପ୍ରୋଟଜ୍ ଓ ଏସିଡ୍ ଫସ୍‌ଫଟେଜ୍ ଦ୍ୱାରା ସମୃଦ୍ଧ ଗୋସ୍ ହଜମ କରିଥାଏ । ତେଣୁ ଏହି ଫୁଲ ଏକ ପ୍ରୋଟୋକର୍ନିଭସ୍ ଉଦ୍ଭିଦ ପରି ମନେହୁଏ ।

## ପି. ପିନାଟିଷ୍ଟିପୁଲର

କୃଷ୍ଣକମଳର ଅନ୍ୟ ଏକ ପ୍ରଜାତି ଭେନେଜୁଏଲା ଠାରୁ ୨୫୦୦ ରୁ ୩୮୦୦ ମି. ଉଚ୍ଚତା ମଧ୍ୟରେ ଏବଂ କେନ୍ଦ୍ରୀୟ ଉପକୂଳରେ ଏକ ବିରାଟ ଲତାବୃକ୍ଷ ଚିଲିର ଭୂମଧ୍ୟସାଗରୀୟ ଜଙ୍ଗଲରେ ଦେଖାଯାଏ । ଏହି ପ୍ରଜାତିର କୃଷ୍ଣକମଳକୁ 'ପି. ପିନାଟିଷ୍ଟିପୁଲାର' ବୋଲି କୁହାଯାଏ । ଏହି ଫୁଲର ରଙ୍ଗ ଲାଲ୍, ଗୋଲାପୀ ଓ ପାଖୁଡ଼ା ମସୃଣ ହୋଇଥାଏ । ଏହା ବ୍ୟତୀତ କୃଷ୍ଣକମଳର ୫୫୦ ପ୍ରଜାତି ଫୁଲ ରହିଛି, ତନ୍ମଧ୍ୟରୁ କେତୋଟି ଲୋକପ୍ରିୟ ପ୍ରଜାତି ହେଉଛି ଆଟ୍ରୋକ୍ଲିନିଆ ବୋରିଏକ୍ସ, ଆସେଫାନେଥସ୍ ବୋରୀ, ଜ୍ୟୋତିର୍ବିଜ୍ଞାନ ଲାମ୍, ବାଲଓ୍ୱିନାରାଫ୍, ସେରାଟୋସେପାଲମ୍ ଓଏରେଷ୍ଟ, ସିଏକା ମେଡିକ୍, ଡୋକାଲୋବା ଏମ୍, ରୋଏମ୍, ଡିସ୍‌ମା ଲାବିଲ, ଗ୍ରାନାଡିଲାମିଲ୍, ହୋଲଙ୍ଗିଆ କେ. ମୋନାକ୍ଟିନେମା ବୋରୀ, ମୁରୁକୁଜା ମେଡିକ, ପେଣ୍ଟାରିଆ, ପୋଗେଣ୍ଡୋରା ପି.ଆଇ.ଏଚ୍., ଟକ୍ ସୋନିଧା ଜୁସ୍, ଟେଟ୍ରା, ପାଥାରିୟା, ଟେଟ୍ରା ଷ୍ଟାଇଲସ୍ ବାର୍ବ ରୋଡର ଓ ଆହୁରି ଅନେକ ।

## କୃଷ୍ଣକମଳର ନାମକରଣ

କୃଷ୍ଣକମଳକୁ ଅନେକ ସ୍ଥାନରେ ଅନେକ ନାମରେ ନାମିତ କରନ୍ତି । ଏହାର ବନସ୍ପତିକ ନାମ 'ପାସିଫ୍ଲୋର ଇନ୍‌କାରାନାଟା' ଓ 'ପାସିଫ୍ଲୋରା ପୋଟିଣ୍ଡା' । ଇଂରାଜୀରେ ଏହାକୁ ପ୍ୟାସନ୍ ଫ୍ଲାୱାର୍, ରନିଂପପ୍, ପରପଲ ଗ୍ରାନାଡିଲା, ଷ୍ଟିକିଂ ପ୍ୟାସନ୍ ଫ୍ଲାୱାର, ସଂସ୍କୃତରେ ବନ୍ୟ କୃଷ୍ଣକମଲ, ହିନ୍ଦୀରେ ମହାଭାରତ ଫୁଲ୍ ରାକ୍ଷୀ ଫୁଲ, ଜଙ୍ଗଲୀ କୃଷ୍ଣକମଲ, ଝୁମ୍‌କା ଲତା, କନ୍ନଡରେ କୁକ୍‌ଲିବଲି, ମରାଠୀରେ ବେଲଘାଣୀ, ମାଲାୟଲମ୍‌ରେ ପୁଚାବେକହମ୍, ଚାଦେୟନ, ତାମିଲରେ ସିରୁପୂନାଇକ୍କଲୀ, ସୁପରିଷା ବଲ୍ଲି, ତେଲଗୁରେ ତେିଲଲାକୁମୀକୀ, ବଙ୍ଗଳାରେ ଝୁମକା ଲୋଟା, ମଣିପୁରରେ ଲାମ, ରାଧୀକନଚୋମ, ଗୁଜୁରାଟୀରେ କୃଷ୍ଣକମଲ, ନେପାଳୀରେ ଘଡ଼ି ଫୁଲ ତୁର୍କୀରେ ଚାର୍କଫେଲେକ୍, ଉତ୍ତରପ୍ରଦେଶରେ ପଞ୍ଚପାଣ୍ଡବ ଫୁଲ ଓ ଓଡ଼ିଶାରେ କୃଷ୍ଣକମଳ, ରାଧାତମାଳ କହିଥାନ୍ତି ।

## ଖ୍ରୀଷ୍ଟଧର୍ମରେ ନୀଳ କୃଷ୍ଣକମଳ (P. Caerulea)

ଯେମିତି ଆମେ ହିନ୍ଦୁମାନେ କୃଷ୍ଣକମଳକୁ 'ମହାଭାରତ ଫୁଲ' କହି ଫୁଲ ଭିତରେ ମହାଭାରତ ସମୟର ବର୍ଣ୍ଣନାକୁ ଦର୍ଶାଇ ଧାର୍ମିକ ବିଶ୍ୱାସ ଅନୁଯାୟୀ



ପ୍ରଭୁ ଶ୍ରୀକୃଷ୍ଣଙ୍କର ପ୍ରିୟ ଫୁଲ ଭାବେ ବିବେଚନା କରୁ, ଠିକ୍ ସେମିତି ଖ୍ରୀଷ୍ଟଧର୍ମରେ କୃଷ୍ଣକମଳର ଆକୃତି ପ୍ରକୃତି ଅନୁଯାୟୀ ଖ୍ରୀଷ୍ଟିଆନମାନେ କୃଷ୍ଣକମଳକୁ ପ୍ରଭୁ ଯୀଶୁଙ୍କ ଭାବାର୍ଥ ସହିତ ଯୋଡ଼ି ଏହାକୁ 'ପ୍ୟାସନ୍ ଫ୍ଲାୱାର୍' ବା 'ଆବେଗ ଫୁଲ' କହିଥାନ୍ତି । ଯୀଶୁଙ୍କର ଆବେଗ ଏଥିରେ ଅନ୍ତର୍ନିହିତ ଥାଏ ବୋଲି ବିବେଚନା କରାଯାଏ । ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ସ୍ପେନୀୟ ଖ୍ରୀଷ୍ଟିଆନ୍ ମିଶନାରୀମାନେ ଏହି ଉଦ୍ଭିଦର ଅନନ୍ୟ ଭୌତିକ ସଂରଚନାକୁ ଗ୍ରହଣ କରିଥିଲେ । ବିଶେଷକରି ଏହି ଫୁଲର ବିଭିନ୍ନ ଅଂଶକୁ ଯୀଶୁଙ୍କ କ୍ରୁଶ ଚଢ଼ିବା ଅନ୍ତିମ ଦିନର ପ୍ରତୀକ ଭାବେ ବିବେଚନା କରାଯାଏ ।



ନୀଳରଙ୍ଗର କୃଷ୍ଣକମଳକୁ ଖ୍ରୀଷ୍ଟିଆନ୍‌ମାନେ ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ସମୟ ସହିତ ପ୍ରତୀକାତ୍ମକ ଭାବେ ଗ୍ରହଣ କରନ୍ତି । କୃଷ୍ଣକମଳର ପତ୍ରଗୁଡ଼ିକ ପବିତ୍ର ଲାନ୍ସକୁ ପ୍ରତିନିଧିତ୍ୱ କରେ, ଟେଣ୍ଡ୍ରିଲଗୁଡ଼ିକ ଖ୍ରୀଷ୍ଟଙ୍କ ପତାକା ଉତ୍ତୋଳନରେ ବ୍ୟବହୃତ ଚାବୁକକୁ ଦର୍ଶାଏ । ଦଶଟି ପେଟପତ୍ର, ସମାଧି ଏବଂ ଦଶଜଣ ବିଶ୍ୱସ୍ତ ପ୍ରେରିତଙ୍କୁ ପ୍ରତିନିଧିତ୍ୱ କରନ୍ତି । (ସେଣ୍ଟ୍ ପିଟର୍‌ଙ୍କୁ ଅସ୍ୱୀକାରକାରୀ ଓ ବିଶ୍ୱାସଘାତକ ଯିହୁଦା ଇସ୍କାରିଓଟକୁ ବାଦ୍ ଦେଇ) । ଫୁଲର ରେଡିଆଲ୍ ଫିଲାମେଣ୍ଟ୍ ଯାହା ଶହେରୁ ଅଧିକ ହୋଇପାରେ ଏବଂ ଫୁଲରୁ ଫୁଲ ମଧ୍ୟରେ ଭିନ୍ନ ହୋଇପାରେ ତାହା କଣ୍ଟାର ମୁକୁଟକୁ ଦର୍ଶାଇଥାଏ । ଚଲାଇସ୍ ଆକୃତିର ଓଭାରି ଏହାର ବେଣ୍ଟ ସହିତ ଏକ ହାତୁଡ଼ି କିମ୍ବା ପବିତ୍ର ଗ୍ରେଲ୍‌କୁ ଦର୍ଶାଇଥାଏ । ତିନିଟି ଷ୍ଟିଗ୍‌ମାକୁ ତିନିଟି ନଖ ଓ ସେମାନଙ୍କ ତଳେ ଥିବା ପାଞ୍ଚଟି ଷ୍ଟିଗ୍‌ମାକୁ ପାଞ୍ଚଟି କ୍ଷତ ଭାବେ ଦର୍ଶାଇଥାଏ । ଫୁଲର ନୀଳ ଏବଂ ଧଳା ରଙ୍ଗ ସ୍ୱର୍ଗ ଓ ଶୁଦ୍ଧତାକୁ ପ୍ରତିପାଦିତ କରେ । ଏଥିସହ ତିନିବର୍ଷର ମନ୍ତ୍ରଣାଳୟ ପ୍ରତୀକ ଭାବରେ ଫୁଲ ତିନିଦିନ ଧରି ଖୋଲା ରହିଥାଏ ବା ଫୁଟି ରହିଥାଏ ଏବଂ ତିନିବର୍ଷରେ ଥରେ ଫୁଟିଥାଏ । ସେହି ସମୟରୁ ହିଁ କୃଷ୍ଣକମଳକୁ ଯୀଶୁଙ୍କ ପ୍ରତୀକାତ୍ମକ ଫୁଲ ଭାବେ ନିଆଯାଇଛି ।

ସ୍ପେନ୍‌ରେ ଏହି କୃଷ୍ଣକମଳକୁ 'ଏସ୍ପିନା ଦେକ୍ରିଷ୍ଟୋ' (ଖ୍ରୀଷ୍ଟଙ୍କ କଣ୍ଟା) ବୋଲି କହିଥାନ୍ତି । ପୁରାତନ ଜର୍ମାନ ନାମାନୁସାରେ 'ଖ୍ରୀଷ୍ଟସ୍ କ୍ରୋନ୍' (ଖ୍ରୀଷ୍ଟଙ୍କ ମୁକୁଟ), 'ଡନ୍ କ୍ରୋନ୍' (କଣ୍ଟା ମୁକୁଟ), 'ଖ୍ରୀଷ୍ଟସ୍ ଷ୍ଟସ୍' (ଖ୍ରୀଷ୍ଟଙ୍କ ପୁଷ୍ପ) 'ଯୀଶୁ ଲିଡ୍‌ଜେନ୍' (ଯୀଶୁଙ୍କ ଉତ୍ସାହ) 'ମାର୍ଟେର' (ଆବେଗ) ଏବଂ 'ମହରପଟ୍ଟସଷ୍ଟର୍ଜ' (ମାତେଶ୍ୱରୀଙ୍କ ତାରା) ନାମରେ ନାମିତ କରାଯାଇଛି । ରୋମାନ୍ କାଥୋଲିକ୍ ହୃଦୟ ବାହାରେ କୃଷ୍ଣକମଳରେ ଆକୃତି ଏକ ଘଣ୍ଟାର ଚେହେରାକୁ ମନେ ପକାଇଦିଏ । ଏହି ଫୁଲ ଇସ୍ରାଏଲରେ 'ଘଣ୍ଟାଫୁଲ' (Clock Flower) ଓ ଗ୍ରୀସ୍‌ରେ 'ଘଣ୍ଟା ଉଦ୍ଭିଦ' (ପୋୟୋଇୟା) ଭାବରେ ଜଣାଶୁଣା । ଜାପାନରେ ମଧ୍ୟ ଏହି ଫୁଲକୁ 'ଟୋକିସ୍' (ଘଣ୍ଟା ଉଦ୍ଭିଦ) କହିଥାନ୍ତି ଓ ହାୱାଇନ୍ ଭାଷାରେ 'ଲିଲିକୋ' କହିଥାନ୍ତି ।

ଭାରତରେ ପ୍ୟାସିଫ୍ଲୋରାକୁ କୃଷ୍ଣକମଳ, କର୍ଣ୍ଣାଟକ-ମହାରାଷ୍ଟ୍ରରେ କୃଷ୍ଣକମଳ ଓ ଉତ୍ତରପ୍ରଦେଶରେ ଏହାକୁ 'ପଞ୍ଚପାଣ୍ଡବ ଫୁଲ' କୁହାଯାଏ । ଫୁଲର ରେଡିଆଲ୍ ଫିଲାମେଣ୍ଟ୍ ୧୦୦ ସଂଖ୍ୟା ବିଶିଷ୍ଟ କୌରବଙ୍କୁ, ତିନୋଟି ଆଚ୍ଛର ବ୍ରହ୍ମା, ବିଷ୍ଣୁ, ମହେଶଙ୍କୁ, ପାଞ୍ଚଟି ଆଚ୍ଛର ପଞ୍ଚୁପାଣ୍ଡବଙ୍କୁ, କେନ୍ଦ୍ରରେ ଥିବା ଏକମାତ୍ର କଢ଼ି ସଦୃଶ ଦିବ୍ୟମୟ ଶ୍ରୀକୃଷ୍ଣଙ୍କୁ ଓ ଫୁଲର ରଙ୍ଗ କୃଷ୍ଣଙ୍କ ରଙ୍ଗ ସହିତ ତୁଳନା କରି ଏହାକୁ ଭାରତରେ ମହାଭାରତର ପ୍ରତିକାତ୍ମକ ଫୁଲ ଭାବେ ଗ୍ରହଣ କରାଯାଇଛି । ଉତ୍ତରପେରୁ ଏବଂ ବୋଲିଭିଆରେ କୃଷ୍ଣକମଳର ଫଳକୁ 'ତୁମ୍ବୋ' କୁହାଯାଏ । ପେରୁର ତୁମ୍ବସ୍ ଅଞ୍ଚଳର ନାମ ଅନୁସାରେ ନାମକରଣ ହୋଇଥିବାର ଜଣାପଡ଼େ, ତୁର୍କୀରେ ଏହାକୁ ରୋଟାଫର୍ଚ୍ଚୁନାର ଆକୃତିକୁ ସ୍ମରଣ କରି 'ଚାକି ଫେଲେକ' କହିଥାନ୍ତି ।

## ଆୟୁର୍ବେଦରେ କୃଷ୍ଣକମଳର ବ୍ୟବହାର

ପତଞ୍ଜଳି ଯୋଗ ପୀଠର ଆୟୁର୍ବେଦିକ ବିଶେଷଜ୍ଞ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ପରାମର୍ଶ ଅନୁଯାୟୀ କୃଷ୍ଣକମଳର ଅନେକ ଆୟୁର୍ବେଦୀୟ, ଯଥା: ଆଣ୍ଟି-ଇନ୍‌ଫ୍ଲାମେଟୋରି, ଆଣ୍ଟି-କନ୍‌ଭଲ୍‌ସାଣ୍ଟ, ଆଣ୍ଟି - କୋରାଲାଷ୍ଟ, ସେଣ୍ଟ୍ରାଲ୍ ନର୍ଭସ ସିଷ୍ଟମ, ଡିପ୍ରେଜାଣ୍ଟ, ଡିଉରେଟିକ୍, ହାଇପୋନେଟିକ୍, ଆଣ୍ଟିସେପ୍ଟିକ୍ ଗୁଣମାନ ରହିଛି । ଏହାର ଫଳ କଫନାଶକ ଓ ଶୋଥନାଶକ ହୋଇଥାଏ । ଏହା ପୋଷକ, ଅମ୍ଳ, ମଧୁର, ଅବସାଦକ ତଥା ତୈଳାକ୍ତ ହୋଇଥାଏ । ଏହାର ପତ୍ର କଷା, ଉତ୍ତେଜକ ଓ ବଳକାରକ ହୋଇଥାଏ । ଏହା ଅକ୍ସିଡେଟିଭ୍ କାର୍ଯ୍ୟକଳାପ ପ୍ରଦର୍ଶିତ କରିଥାଏ । ଏହାର ପତ୍ରକୁ ବାଟି ମଥାରେ ଲଗାଇଲେ ମୁଣ୍ଡ ବିନ୍ଧା, ପାମା, କ୍ରନିକ୍, ଅଲସର, କ୍ଷତରୁ ଉପଶମ ମିଳେ । ଏହାର ପତ୍ରକୁ ବାଟି ଆଖି ଚାରିକଡ଼ରେ ପ୍ରୟୋଗ କରିବା ଦ୍ୱାରା ଆଥାଇଟସ୍ ହ୍ରାସ ହୁଏ । ଏହାକୁ ଦାନ୍ତରୋଗ ଓ ଭିଟାମିନ୍ ସି ଅଭାବରୁ ହେଉଥିବା ରୋଗରୁ ପ୍ରତିକାର ପାଇବାକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଏହାର ପତ୍ରର ରସକୁ ପାଣିରେ ମିଶାଇ ୧୦-୧୫ ମିଲିଲି ମାତ୍ରାରେ ପିଇଲେ ଅନିଦ୍ରା ରୋଗ ଦୂର ହୁଏ ଓ ନିଦ ଭଲହୁଏ । ଉଚ୍ଚ ରକ୍ତଚାପରୁ ଉପଶମ ପାଇଁ ମଧ୍ୟ କୃଷ୍ଣକମଳର ପତ୍ରକୁ ବ୍ୟବହାର କରାଯାଏ ।

## ଏଲୋପାଥିରେ କୃଷ୍ଣକମଳ

କୃଷ୍ଣକମଳରୁ ତିଆରି ଅନେକ ଔଷଧ, ଯଥା- ସୋଲାରି ପ୍ୟାସନ୍ ଫ୍ଲାୱାର (Solawry passion flower), ଟ୍ୱିଙ୍ଗିସ୍ ସ୍ଲିପ୍ (Twingis sleep), ଅର୍‌ଗାନିକ୍ ନାଇଟି ନାଇଟି (organic nighty night), ପ୍ୟାସନ୍ ଫ୍ଲାୱାର କ୍ୟାପ୍‌ସୁଲ୍, ପ୍ୟାସନ୍ ଫ୍ଲାୱାର ପାଉଡର (Hawalion herbal) ନେଚର୍‌ସ୍



ପ୍ଲସ୍ ପ୍ୟାସନ୍ ଫ୍ଲାୱାର ଏକ୍ସଟ୍ରାକ୍ଟ, ପ୍ୟାସନ୍ ଫ୍ଲାୱାର ଡ୍ରପସ୍, ପ୍ୟାସନ୍ ଫ୍ଲାୱାର ଅଏଲ, ଫ୍ଲାସିଫୋରା ପାରାଡାଇଜ୍ ହର୍ବ ଏବଂ ପ୍ୟାସନ୍ ଫ୍ଲାୱାର୍ ଟି ମଧ୍ୟ ଉପଲବ୍ଧ ହୋଇଥାଏ । କୃଷ୍ଣକମଳ ସାଧାରଣତଃ ସର୍ଜରୀ ପୂର୍ବରୁ ହାଇପରଆକ୍ଟିଭିଟି ବା ଚିନ୍ତାରୁ ମୁକ୍ତି, ଅନିଦ୍ରା ଚାପ, ଯନ୍ତ୍ରଣା, ଅଦୃଶ୍ୟତା, ମାଂସପେଶୀ କଷ୍ଟ,ନିଶା ପ୍ରତ୍ୟାହାର ସହିତ ଜଡ଼ିତ ଲକ୍ଷଣରୁ ମୁକ୍ତି ଏବଂ ଅସ୍ତ୍ରୋପଚାର ପୂର୍ବରୁ ଚିନ୍ତା ଓ ସ୍ନାୟୁ ହ୍ରାସ ପାଇଁ ଔଷଧ ଭାବେ ବ୍ୟବହାର କରାଯାଏ । ଯଦିଓ କୃଷ୍ଣକମଳର ନିରାପତ୍ତା ଓ କାର୍ଯ୍ୟକାରିତା ଉପରେ ଯଥେଷ୍ଟ ଅଧ୍ୟୟନ ବା ଗବେଷଣା କରାଯାଇନାହିଁ ତଥାପି ଅନୁସନ୍ଧାନରୁ ଏହା ସୂଚିତ କରେ ଯେ ଚିନ୍ତା, ଅନିଦ୍ରା ଓ ସ୍ନାୟୁଜନିତ ରୋଗର ଚିକିତ୍ସାରେ ଏହା ଉପଯୋଗୀ ହୋଇଥାଏ । କୃଷ୍ଣକମଳର ମାତ୍ରା ଅଧିକ ହେଲେ ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ଏଥିରେ ଥିବା ତତ୍ତ୍ୱଗୁଡ଼ିକ ଅଧିକ ନିଦ କରାଇଥାଏ । ଆମ ଶରୀରରେ ଯେହେତୁ ସିଡେଟିଭ୍‌ର ପ୍ରଭାବ ସମାନ କରିଥାଏ, ତେଣୁ ସିଡେଟିଭ୍ ସହିତ କୃଷ୍ଣକମଳର ଔଷଧ ମିଶାଇ ସେବନ କଲେ ଏହା ମାତ୍ରାଧିକ ହେବା କାରଣରୁ ଶରୀର ପ୍ରତି କ୍ଷତିକାରକ ହୋଇଥାଏ । ସାଧାରଣତଃ ଏଥିରେ ଥିବା ତତ୍ତ୍ୱଗୁଡ଼ିକ ଅଧିକ ନିଦ କରାଇଥାଏ । ଆମ ଶରୀରରେ ଯେହେତୁ ସିଡେଟିଭ୍‌ର ପ୍ରଭାବ ସମାନ କରିଥାଏ, ତେଣୁ ସିଡେଟିଭ୍ ସହିତ କୃଷ୍ଣକମଳର ଔଷଧ ମିଶାଇ ସେବନ କଲେ ଏହା ମାତ୍ରାଧିକ ହେବା କାରଣରୁ ଶରୀର ପ୍ରତି କ୍ଷତିକାରକ





ହୋଇଥାଏ । ସାଧାରଣତଃ କୃଷ୍ଣକମଳ ସହିତ ଯେଉଁ ସିଡେଟିଭ୍ ଆମେ ବ୍ୟବହାର କରିବା ଉଚିତ୍ ନୁହେଁ ତାହା ହେଲା ପେଣ୍ଟୋବାର୍ବିଟଲ, ଫେନୋବାର୍ବିଟଲ, ସେକ୍ ବାର୍ବିଟଲ୍, କ୍ଲୋନେପାମ୍, ଲୋରକେପାମ୍, ଜୋଲ୍ପିଡେମ୍ ଇତ୍ୟାଦି । ଦାନ୍ତର ସର୍ଜରୀ ସମୟରେ ୩୦ ମିନିଟ୍ ପୂର୍ବରୁ ୨୬୦ ରୁ ୧୦୦୦ ମିଲିଗ୍ରାମ୍‌ର କୃଷ୍ଣକମଳର ଏକ୍ସଟ୍ରେକ୍ଟର ଔଷଧ ଦିଆଯାଇଥାଏ ଅଥବା ୭୦୦ ମିଲିଗ୍ରାମ୍ ବାଲା ୫ ଏମ୍.ଏଲ୍. ସିରପ୍ ସର୍ଜରୀ ପୂର୍ବରୁ ଦିଆଯାଇଥାଏ । କୃଷ୍ଣକମଳର ଔଷଧ ଦୋକାନରେ, ବଜାରରେ କ୍ୟାପ୍ସୁଲ, ଟାବଲେଟ୍, ତେଲ, ପାଉଡର ଓ ଫୁଲ ଆକାରରେ ଉପଲବ୍ଧ ହୋଇଥାଏ । ଏହି ଫୁଲର ଔଷଧ ପିଲାମାନଙ୍କୁ ନିର୍ଦ୍ଧାରିତ ମାତ୍ରାରେ ଡାକ୍ତରଙ୍କ ପରାମର୍ଶକ୍ରମେ ଦେବା ଉଚିତ୍ । ଯଦିଓ ଏହା ଏକ ଲାଭଦାୟକ ଔଷଧି ତଥାପି ଏହାର ଓଭର ଡୋଜ୍ ବା ଅଧିକ ମାତ୍ରା ଶରୀର ପାଇଁ କ୍ଷତିକାର ହୋଇପାରେ ।

## ହୋମିଓପାଥିରେ କୃଷ୍ଣକମଳ

ଆର୍ଯୁବେଦ ଓ ଏଲୋପାଥି ଭଳି ହୋମିଓପାଥି ଚିକିତ୍ସାରେ କୃଷ୍ଣକମଳ ଖୁବ୍ ଫଳପ୍ରଦ ଓ ପାର୍ଶ୍ୱ ପ୍ରତିକ୍ରିୟାହୀନ ଔଷଧ ଭାବେ କାର୍ଯ୍ୟ କରିଥାଏ । ହୋମିଓପାଥି ଔଷଧଗୁଡ଼ିକ ମଧ୍ୟରେ ଫ୍ଲାସିଫୋରା ଇନ୍‌କାରନାଟା (Passiflora incarnata) ପାସିଫ୍ଲୋରା ଏସ୍.ବି.ଏଲ୍. ମଦର ଟିନକ୍‌ଚର (Passiflora S.B.L. mother aencture) ମଦର ଟିନକ୍‌ଚର ବେରବେରିସ୍ ଭଲପାରିସ୍ (Mother tencture Belguris Valgaris ପାସିଫ୍ଲୋରା ଇନ୍‌କାରାନାଟା ଡ୍ରପସ୍ ପ୍ରମୁଖ ଔଷଧ ଭାବେ ଗ୍ରହଣ କରାଯାଏ । ପାସିଫ୍ଲୋରାର ଡ୍ରପସ୍ ସାଧାରଣତଃ ନିଦ୍ରାହୀନତା, ଚିଡ଼ିଚିଡ଼ାପଣ, ଲହରାକାଶ, ଲିଭର ସମସ୍ୟା, ମାଂସପେଶୀୟ ଯନ୍ତ୍ରଣା ପାଇଁ ଲାଭପ୍ରଦ ହୋଇଥାଏ । ଏହି ଔଷଧକୁ ୧୦ ବୁନ୍ଦା ପାଣିରେ ମିଶାଇ ଦିନକୁ ତିନିଥର ନେବାକୁ ପଡ଼ିଥାଏ । ଏହାର ଉପଯୋଗ, ସମୟସୀମା ଓ ମାତ୍ରା ଡାକ୍ତରଙ୍କ ପରାମର୍ଶ କ୍ରମେ ନେବା ଉଚିତ୍ ।


## କୃଷ୍ଣକମଳ ତେଲର ବ୍ୟବହାର

କୌଣସି ରାସାୟନିକ ପଦାର୍ଥ ବ୍ୟବହାର ନକରି ଏଲିଟ୍ୟୁଡ ପ୍ୟାସନ୍ ଫ୍ରୁଟ୍ (ମାରାକୁଜା) ତେଲକୁ କୃଷ୍ଣକମଳ ମଞ୍ଜିରୁ ଉତ୍ପନ୍ନ କରାଯାଇଥାଏ । ଏହି ତେଲ ଫ୍ୟାଟି ଏସିଡ୍ ଓ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର ହୋଇଥାଏ । ସାଧାରଣ ତ୍ୱଚାର ଯତ୍ନ ଓ ଏକ ପୌଷ୍ଟିକ ମକସରାଇଜର ଭାବେ ଉପଯୋଗ କରାଯାଏ । ବୟସ ଦାଗ, ଚର୍ମର ତ୍ୱଚାପଣ, ତୈଳାକ୍ତ ତ୍ୱଚାର ଉପଚାର ପାଇଁ ଲାଭଦାୟକ ହୋଇଥାଏ । କୃଷ୍ଣକମଳ ମଞ୍ଜିର ତେଲରେ ଭିଟାମିନ୍ 'ଏ' ଏବଂ 'ସି' ଆବଶ୍ୟକ ଫାଟି ଏସିଡ୍, ତାମ୍ବା, ମ୍ୟାଗ୍ନେସିୟମ, ଫସ୍‌ଫରସ୍, କ୍ୟାଲସିୟମ, ଲାଇକୋପିନ୍ ଓ କେରୋନାଏଡ୍ ଭରପୁର ରହିଥାଏ । ଏହି ତେଲ ଖୁବ୍ ପତଳା ହୋଇଥାଏ ଓ ଏହାକୁ ଏକ ଭଲ ରସାୟନ ଭାବେ ନିଆଯାଏ । ଏହା ତ୍ୱଚାରେ ଖୁବ୍ ସହଜରେ ପ୍ରବେଶ କରି ତ୍ୱଚାକୁ ମସୃଣ ବନେଇଥାଏ ଓ ମଏଷ୍ଟରାଇଜର ଭାବେ କାମ କରିଥାଏ । ଏହି ତେଲରେ ୭୨.୬% ଲିନୋଲିକ୍ ଏସିଡ୍ ରହିଥାଏ ଯାହାକି ଓମେଗା-୬ ଫାଡ଼ଟି ଏସିଡ୍ ହୋଇଥାଏ । ଏହା 'ମାରାକୁଜା' ତେଲକୁ ନିଃସନ୍ଦେହ ପୃଥିବୀର ଲିନୋଲିକ୍ ଏସିଡ଼ର ସବୁଠାରୁ ଉତ୍ତମ ସ୍ରୋତ ଗୁଡ଼ିକରୁ ଅନ୍ୟତମ ଭାବେ ବିବେଚନା କରାଯାଏ । ଏହା ଏକ ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ ଏବଂ ତ୍ୱଚାକୁ ବିଭିନ୍ନ ସଂକ୍ରମଣରୁ ବଞ୍ଚାଉଥିବା ଫଳପ୍ରଦ ତୈଳ ଅଟେ । ଏହି ତେଲ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ହୋଇଥାଏ ।



ପୃଷ୍ଠଚିତ୍ର : ଶିଳ୍ପୀ ଅପର୍ଣ୍ଣା ଦେ

# ଅନୁ




## ଆଲୋକ କୁମାର ବାରିକ
ସରସତିଆ, ଔପଦା, ବାଲେଶ୍ୱର-୭୫୬୦୪୯
ଫୋନ:୭୯୭୮୫୭୯୯୨୯

ଚିତ୍ର : ଶିଳ୍ପୀ ଇପ୍‌ସିତା ଦେ

ବୈଶାଖ ମାସର ମୁଣ୍ଡ ଫଟା ଖରା । ଦିନ ୧୧ରୁ ଘରୁ ବାହାରିବା ମୁସ୍କିଲ । ରାସ୍ତାଘାଟ ସବୁ ଖାଁ ଖାଁ । ଖରା ତ ନୁହେଁ, ବାହାରେ ସତେ ଯେମିତି ଅଗ୍ନି ବର୍ଷା ହେଉଛି । ପାଣିପାଗ ବିଭାଗ ପକ୍ଷରୁ ଏନେଇ ସପ୍ତାହ ତଳୁ ସତର୍କତା ଜାରି ହୋଇଥିଲା । ପ୍ରାୟ ସପ୍ତାହ ଧରି ଏଭଳି ଟାଣ ଖରା ହେବ । ସକାଳ ୧୦ଟା ପରେ ଘରୁ ନବାହାରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରା ଯାଇଥିଲା । ମୋଟ୍ ଉପରେ କହିବାକୁ ଗଲେ ଏହି ସପ୍ତାହକୁ ନେଇ ଲୋକେ ମଧ୍ୟ ସଚେତନ ହୋଇଥିଲେ । ସରକାରଙ୍କ ଏହି ସବୁ ସତର୍କତା ସତ୍ତ୍ୱେ ମୁଁ ରିପୋର୍ଟିଂ ପାଇଁ ବାହାରକୁ ବାହାରିଥିଲି । ପ୍ରତିଯୋଗିତାମୂଳକ ସମୟରେ ନିଜର ଚାକିରିକୁ ସୁରକ୍ଷିତ କରିବା ପାଇଁ ପୂର୍ବରୁ ଏମିତି ଅନେକଥର ଦୁଃସାହାସିକ କାମ କରିଥିଲି । ଟାଣ ଖରାକୁ ନେଇ ସାଧାରଣ ଲୋକେ ଘରେ ରହୁଥିବାବେଳେ ଦିନ ମଜୁରିଆ, ବାଟ ଭିକାରି କେମିତି ଜୀବନଯାପନ କରୁଛନ୍ତି, ତା' ଉପରେ ଏକ ଷ୍ଟୋରି କରିବାକୁ ଯୋଜନା କରିଥିଲି ।

ସମୟ ମଧ୍ୟାହ୍ନ । ସହରର ସବୁ ଜନଗହଳି ସ୍ଥାନ, ବସ୍ ଷ୍ଟାଣ୍ଡ ବୁଲିସାରି ମୁଁ ପହଂଚିଥିଲି ରେଳ


ଗାଳ୍ପିକ ଆଲୋକ କୁମାର ବାରିକ

ଷ୍ଟେସନରେ । ସବୁ ସ୍ଥାନ ଭଳି ରେଳ ଷ୍ଟେସନ ବି ଥିଲା ଖାଁ ଖାଁ । ହାତଗଣତି କିଛି ଯାତ୍ରୀ, ଦୁଇତିନିଜଣ ବୁଲା ଭିକାରିଙ୍କୁ ଛାଡ଼ି ଦେଲେ ଆଉ ସବୁଠି ଶୂନଶାନ ରାଜୁତି କରୁଥିଲା । ଭିକାରିଙ୍କ ମଧ୍ୟରୁ ଜଣେ ବୁଢ଼ିଟିଏ ଥିଲା । ବୟସ ପାଖାପାଖି ୬୦ । ସଳଖ ହୋଇ ଛିଡ଼ା ହୋଇପାରୁ ନଥିଲା । ନଇଁ ନଇଁ ଚାଲୁଥିଲା । ଯତ୍ନ ଅଭାବରୁ ଦେହର ଚମ ବିବର୍ଣ୍ଣ ଦେଖା ଯାଉଥିଲା । ଗୋରା ତକତକ ଦେହକୁ ଝୋଟ ଭଳି ଦେଖା ଯାଉଥିବା ନୁଖୁରା ବାଳଗୁଡ଼ାକ ତା ମୁହଁ ସାରା ଏତେତେଣେ ପଡୁଥିଲା । ସେଠାରେ ବସିଥିବା ଯାତ୍ରୀଙ୍କୁ ହିନ୍ଦି-ଓଡ଼ିଆ ମିଶାମିଶି ଖଣ୍ଡି ଓଡ଼ିଆରେ ସେ ଖାଇବା ପାଇଁ ମାଗୁଥିଲା । ସେମାନେ ସବୁ ତା' ଉପରେ ଦୂର୍‌ଦୂର୍, ଖିନ୍‌ଖିନ୍ ହେଉଥିଲେ । ଏହି ଦୃଶ୍ୟ ମତେ ପ୍ରଭାବିତ କରିଥିଲା । ମୁଁ ସେହି ବୁଢ଼ୀ ପାଖକୁ ଗଲି । ସମସ୍ତଙ୍କ ଭଳି ସେ ମତେ ମଧ୍ୟ ଖାଇବାକୁ ମାଗିଲା । ମୁଁ ତାଙ୍କୁ ଟଙ୍କା ଦେବା ଉଦ୍ଦେଶ୍ୟରେ ନଥିଲି । କାରଣ ମୁଁ ଜାଣିଥିଲି ଅଧିକାଂଶ ଭିକାରି ଖାଇବା ଆଳରେ ଟଙ୍କା ମାଗନ୍ତି । ପରବର୍ତ୍ତୀ ସମୟରେ ଏହି ଟଙ୍କାରେ ସେମାନେ ନିଶାପାଣି କରନ୍ତି । ମୁଁ ସେହି ବୁଢ଼ିକୁ ଟଙ୍କା ନ ଦେଇ ତା ପାଇଁ ଏକ ମିଲ୍ କିଣି ଦେବାକୁ କହିଲି । ସେ ଖୁସି ହେଲା । ତାକୁ ରେଳ ଷ୍ଟେସନରେ ଅପେକ୍ଷା କରିବାକୁ କହି ମୁଁ ମିଲ୍ ଆଣିବା ପାଇଁ ହୋଟେଲ୍‌କୁ ବାହାରିଲି ।

"ବାବୁ, ଦୁଇଟା ମିଲ୍ ଆଣିବ" ପଛପଟୁ ସେ କହିଲା ।

"ଦିଇଟା ମିଲ୍ !' ମୁଁ ଆଶ୍ଚର୍ଯ୍ୟ ହେଲି ।

"ହଁ ବାବୁ । ମୋର ଆଉ ମୋ ବୁଢ଼ାର ।" ସେ ଧୀର କଣ୍ଠରେ କହିଲା ।

"ବୁଢ଼ା କାହିଁ ?" ମୁଁ ବିରକ୍ତିର ସହ ପ୍ରଶ୍ନ କଲି ।

"ସେ ଆଉ ମାଗି ପାରୁନି । ବର୍ଷେ ହେବ ବିଛଣାରେ ପଡ଼ିଛି ।" କାନ୍ଦ କାନ୍ଦ ସ୍ୱରରେ ସେ କହିଲା । ତା' କଥାରେ ଆଦୌ ଛଳନା ନ ଥିବା ମତେ ହୃଦ୍‌ବୋଧ ହେଲା । ତାକୁ ଅପେକ୍ଷା କରିବାକୁ କହି ୨ଟି ମିଲ୍ ଆଣିବା ପାଇଁ ମୁଁ ହୋଟେଲ୍‌କୁ ଗଲି ।

ହୋଟେଲ୍‌ରୁ ଫେରି ଦେଖିଲି ବୁଢ଼ୀକୁ ଯେଉଁଠି ଅପେକ୍ଷା କରିବାକୁ କହିଥିଲି, ସେଠାରେ ହିଁ ଅପେକ୍ଷା କରିଥିଲା । ଚାତକ ଭଳି ମୋ ଆସିବା ବାଟକୁ ଚାହିଁ ବସିଥିଲା । ମତେ ଦେଖିବା ପରେ ତା ଦେହରେ ସତେ ଯେମିତି ଜୀବନ ପଶିଲା । ତା ହାତକୁ ଦୁଇଟି ମିଲ୍ ବଢ଼ାଇ ଦେଲି । କୋଟିନିଧି ପାଇବା ଭଳି ସେ ନେଲା । ଟାକୁଆ ଗାଲର ହସ ହିଁ ତା' ଖୁସିକୁ ବୟାନ୍ କରୁଥିଲା ।

"ମାଉସୀ କେଉଁଠି ରହୁଛୁ ?"ମୁଁ ପ୍ରଶ୍ନ କଲି । ମୋ ମୁହଁରୁ 'ମାଉସୀ' ଡାକ ଶୁଣିବା ପରେ ଆବାକ୍ ହୋଇ ମୋ ମୁହଁକୁ ଚାହିଁ ରହିଥିଲା । ସତେ ଯେମିତି ଏହି ନାମରେ କେବେ କେହି ଡାକି ନାହାନ୍ତି ।

"କିଛି କହିଲନି ଯେ ?" ମୁଁ ଆଉ ଥରେ ପ୍ରଶ୍ନ

## କାହାଣୀ ପଛର କାହାଣୀ

**ଜଣେ ସାମ୍ବାଦିକ ଭାବେ ପ୍ରତିଦିନ ମୁଁ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସେ । ଅନେକ ଲୋକଙ୍କ ସମସ୍ୟା ଶୁଣେ । ସେଥିମଧ୍ୟରୁ ଅଧିକାଂଶ ସମସ୍ୟା ମନଗଢ଼ା କହାଣୀ, ପ୍ରହେଳିକା ଭଳି ଲାଗେ । କିନ୍ତୁ ତା ଭିତରୁ କିଛି ହାତଗଣତି ଲୋକଙ୍କ କରୁଣ କାହାଣୀ ମତେ ପ୍ରଭାବିତ କରେ । ଯେମିତି ଏ ଗଳ୍ପର ନାୟିକାଙ୍କ ଜୀବନ କାହାଣୀ । ତାଙ୍କ ନିକଟରୁ ତାଙ୍କ ବିଷୟରେ ସବୁ ଶୁଣିବା ପରେ ଏହାକୁ ନେଇ ଗପ ଲେଖିବାକୁ ଚିନ୍ତା କଲି ।**

ଦୋହରାଇଲି । ତଥାପି ସେ ଥିଲା ନିରବ । କେବଳ ଷ୍ଟେସନ ଶେଷ ଭାଗ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ।

"ମୁଁ ତୁମ ଘରକୁ ଯାଇପାରିବି ?" ମୁଁ ପୁନଶ୍ଚ ପ୍ରଶ୍ନ କଲି । ମୋ ପ୍ରଶ୍ନ ଶୁଣିବା ପରେ ସେ ପୂର୍ବ ଭଳି ନିରବ ରହିଲା । ଭାବୁଥିଲା ବୋଧହୁଏ ମୁଁ ତାଙ୍କ କଥାର ସତ୍ୟତା ଜାଣିବାକୁ ଚାହୁଁଛି । ମୁଁ ମଧ୍ୟ ତାହା ଜାଣିବାକୁ ଚାହୁଁଥିଲି । ଏମିତି କିଛି ସମୟ ନିରବ ବିତିଗଲା । ପରେ ସେ ଆଗେ ଚାଲିଲା । ମତେ ପଛେ ପଛେ ଆସିବାକୁ ଇସାରା ଦେଲା । ମୁଁ ତାକୁ ଅସୁସରଣ କଲି ।

ଷ୍ଟେସନର ଶେଷମୁଣ୍ଡରେ ଥିଲା ଅପନ୍ତରା ଏକ ଜାଗା । ସେଠାରେ ପାଦଚଲା ସରୁ ରାସ୍ତାରେ ସେ ଗଡ଼ିଲା । ତା' ପଛରେ ମୁଁ । ପ୍ରାୟ ୨ଶହ ମିଟର ଯିବା ପରେ କଳା ଛିଡ଼ା ପଲିଥିନି ଘୋଡ଼ା ହୋଇଥିବା ଏକ ଭଙ୍ଗା କୁଡ଼ିଆ ପାଖରେ ସେ ଛିଡ଼ା ହେଲା । ଛିଡ଼ା କାର୍ଟୁନ୍‌ରେ ତିଆରି ଗୋଟିଏ କୁଡ଼ିଆ । ଚାଳ ଉପରେ ପଡ଼ିଥିଲା ଖଣ୍ଡେ ଛିଡ଼ା ପଲିଥିନ । ଭଙ୍ଗାଟିଣରେ ତିଆରି ହୋଇଥିଲା କବାଟ । ବୁଢ଼ିଟି ସେହି କୁଡିଆ ଭିତରେ ପଶିଲା । ମୁଁ ବାହାରେ ଛିଡ଼ା ହେଲି ।

"କିଏ ?" ଜଣେ ବୟସ୍କ ଲୋକର ଅସ୍ପଷ୍ଟ ସ୍ୱର ଘର ଭିତରୁ ଭାସି ଆସିଲା ।

"ମୁଁ ।" ବୁଢ଼ି ଉତ୍ତର ଦେଲା ।

"ଗେହ୍ଲୀ, ଆଜି ଏତେ ଶୀଘ୍ର ଆସିଗଲୁ ଯେ ? ଖାଇବାକୁ କିଛି ମିଳିଲା ? ବହୁତ ଭୋକ ହେଉଛି ।" ବୟସ୍କ ଲୋକ ଜଣକ ଧଇଁସଇଁ ହୋଇ ଅସ୍ପଷ୍ଟ ସ୍ୱରରେ କହିଲା ।

"ହଁ ମିଳିଛି । ଜଣେ ବାବୁ ଆଜି ଆମକୁ ଦୁଇଟା ମିଲ୍ ଦେଇଛନ୍ତି । ତୁ ବ୍ୟସ୍ତ ହଅନା ଗେହ୍ଲା । ଏଇନେ ତତେ ଖାଇବାକୁ ଦେବି ।" ଘର ଭିତରେ ଖାଦ୍ୟ ପୁଡ଼ିଆକୁ ରଖୁରଖୁ ବୁଢ଼ି କହିଲା । ପରେ ଅଧା ଉଲଗ୍ନ ହୋଇ ବିଛଣାରେ ଶୋଇଥିବା ସେହି ବୁଢ଼ା ଲୋକଟାକୁ ଉଠାଇଲା । ତାକୁ ଭଲ ଭାବେ ଲୁଗା ପିନ୍ଧାଇ ଦେଲା । ମୁହଁ ଧୋଇ ଦେଲା । ପରେ ତାଙ୍କୁ ତା କୋଳରେ ବସାଇ ନିଜ ହାତରେ ଖୁଆଇଲା । ସତେ ଯେମିତି ଜଣେ ଅସୁସ୍ଥ ଛୋଟ ପିଲାଟିକୁ ମାଆ ନିଜ କୋଳରେ ବସାଇ ଚିକିତ୍ସା କରୁଛି । ମୁଁ ସେମିତି ବାହାରେ ଛିଡ଼ା ହୋଇ ସ୍ୱାମୀ-ସ୍ତ୍ରୀର ଏହି ଅନାବିଳ ଭଲ ପାଇବାକୁ ଏକ ଲୟରେ ଦେଖୁଥିଲି ।

ଏହା ଭିତରେ ଅଧଘଣ୍ଟା ବିତି ଯାଇଥିଲା । ମୁଁ ସେମିତି ବାହାରେ ଛିଡ଼ା ହୋଇଥିଲି । ବୁଢ଼ି ମାଉସୀ ଜଣକ ମତେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲା । ମୁଁ ଯାଇନି ବୋଲି ଜାଣିବା ପରେ ନିଜକୁ ଲଜ୍ଜିତ ଅନୁଭବ କଲା । ତା' ସହ କିଛି କଥା ହେବି ବୋଲି କହିଲି । ବାଧ୍ୟବାଧକତାରେ ମାଟିର ପିଣ୍ଡାରେ ଚଟେଇଟିଏ ପକାଇ ଦେଇ ପୁଣିଥରେ କୁଡ଼ିଆ ଭିତରକୁ ପଶିଗଲା । ଏମିତିକି ବସିବାକୁ ପଦୁଟିଏ ବି କହିଲାନି । ମୁଁ ସେମିତି ସେଠାରେ ବସିଥିଲି । ବୁଢ଼ୀ ମାଉସୀ ତା' ସ୍ୱାମୀଙ୍କ ସହ ଧିରେ ଧିରେ କଥା ହେଉଥିବା ଶୁଣିଲି ।

"ଗେହ୍ଲା, ତୁ ଏବେ ଶୋଇଯା । ବାହାରେ ଜଣେ ବାବୁ ବସିଛନ୍ତି । ତାଙ୍କ ସହ କଥା ହେବା ପରେ ମୁଁ ଖାଇବି ।" ବୁଢ଼ି ମାଉସୀ ବୁଢ଼ା ମୁଣ୍ଡର ବାଳ ସାଉଁଳେଇ କହିଲା ।

"ଠିକ୍ ଅଛି । ତୁ ଶୀଘ୍ର ଖାଇଦେବୁ । ବେଶୀ ଡେରି କରିବୁନି । ନିଆଁଲଗା ରୋଗଟା ମତେ ନେଉନି କି ଛାଡୁନି । ମୁଁ ତ ଏମିତି ଦହଗଂଜ ହେଉଛି, ହେଲେ ଜଣେ ଲୋକକୁ ଦହଗଂଜ କରି ମାରୁଛି ।" ବୁଢ଼ାଲୋକଟି କାନ୍ଦ କାନ୍ଦ କଣ୍ଠରେ କହିଲା ।

"ଥାଉ ଗେହ୍ଲା । ଆଉ ସେମିତି ପଦୁଟିଏ କହିବୁନି । ମତେ କଷ୍ଟ ହେବ ।" ବୁଢ଼ି ମାଉସୀ ଜଣକ ଅଭିମାନଭରା କଣ୍ଠରେ କହିଲେ । ବୁଢ଼ା ବି ମାନିଗଲା । ଆଉ ପଦୁଟିଏ କିଛି ବି କହିଲାନି । ସେ ଶୋଇବାକୁ ଚେଷ୍ଟା କଲା ।

"କଣ ହେଲା ବାବୁ, ଏଯାଏଁ ଯାଇ ନାହାନ୍ତି ଯେ ? ମୁଁ ମିଛ କହିନି ପ୍ରମାଣ ପାଇବା ପରେ ତ ଆପଣ ପଳାଇ ଯିବାର ଥିଲା । ଏତେ ସମୟ ଏଠାରେ ଅପେକ୍ଷା କରିଛନ୍ତି ?" ନିଜ ଦୁଃଖକୁ ଛାତି ତଳେ ଚାପି କୃତ୍ରିମ ହସି ବୁଢ଼ୀ ମାଉସୀ ପଚାରିଲା ।

"ମାଉସୀ, ମୁଁ ମଉସା ଆଉ ତମ ବିଷୟରେ କିଛି ଜାଣିବାକୁ ଚାହୁଁଛି ।" ମତେ କହିବ ? ମୁଁ ପ୍ରଶ୍ନ ପଚାରିଲି ।

"ଆମ ବିଷୟରେ ଜାଣିଲେ କ'ଣ ହେବ । ଏମିତି ତ ଆମେ ୪୫ବର୍ଷ କାଟି ସାରିଲୁଣି । କେହି ବି ଜଣେ ଆମ ବିଷୟରେ ଜାଣିବାକୁ ଚାହିଁନି । ଏବେ ଆଉ ବର୍ଷ କେଇଟା । ମରିବା ସମୟରେ ଜାଣି କ'ଣ ହେବ ।" ଦୀର୍ଘ ଶ୍ୱାସଟିଏ ମାରି ସେ କହିଲା ।

"ତଥାପି... ।" ସେମାନଙ୍କ ବିଷୟରେ ମୁଁ ଶୁଣିବାକୁ ଆହୁରି ଆଗ୍ରହ ପ୍ରକାଶ କଲି ।

"ସେସବୁ କଥା ଶୁଣି ଲାଭ ମିଳିବନି । ଖାଲି ଏତିକି ଜାଣନ୍ତୁ ବାବୁ ମୁଁ ଜଣେ ହିନିକପାଳି । କେଉଁ ଜନ୍ମରେ କି ପାପ କରିଥିଲି, ଏ ଜନ୍ମରେ ତା'ର ପ୍ରାୟଶ୍ଚିତ କରୁଛି ।" ଆଖିରୁ ଝରି ଆସୁଥିବା ଅମାନିଆ ଲୁହକୁ ପୋଛୁ ପୋଛୁ ସେ ଉତ୍ତର ଦେଲା ।

"ମାଉସୀ, ତୁ ଯଦି ମତେ ନିଜର ବୋଲି ଭାବୁଥାଉ, ତେବେ ତ' ବିଷୟରେ କହିବୁ । ନଚେତ କହିବା ଆବଶ୍ୟକ ନାହିଁ ।" ଏହା କହିବା ସହ ମୁଁ ବସିବା ସ୍ଥାନରୁ ଉଠିଲି ।

"ବସନ୍ତୁ ବାବୁ । ମରିବା ପୂର୍ବରୁ ଜୀବନରେ ଘଟିଥିବା କିଛି ଅକୁହା କଥା କାହା ପାଖରେ ନ କହିଲେ ଆତ୍ମା ଶାନ୍ତି ପାଇବନି । ଯଦି ତୁମେ ଶୁଣିବା ପାଇଁ ଚାହୁଁଚ, ତେବେ ମୋର କହିବାର ଅସୁବିଧା କେଉଁଠି ?" ଏହା କହିବା ସହ ଘରୁ ଖଣ୍ଡେ ଚଟିଆ ଆଣି ମୋ ଠାରୁ ଖଣ୍ଡେ ଦୂରରେ ପକାଇ ବସିଲା । ପରେ ଆଖିରୁ ଲୁହ ପୋଛି ତା ଜୀବନର ଅକୁହା କାହାଣୀ ବର୍ଣ୍ଣନା କଲା ।

"ପ୍ରାୟ ୫୦ ବର୍ଷ ତଳର କଥା ବାବୁ । ମତେ ସେତେବେଳେ ୧୦ରୁ ୧୨ବର୍ଷ । ପାକିସ୍ତାନ ଠାରୁ ଅଲଗା ହୋଇ ସ୍ୱତନ୍ତ୍ର ବାଂଲାଦେଶ ଗଠନ ପାଇଁ ଆରମ୍ଭ ହୋଇ ଯାଇଥିଲା ଆନ୍ଦୋଳନ । ପ୍ରାୟ ୯ମାସ ଧରି ଏହି ଆନ୍ଦୋଳନ ଚାଲିବା ପରେ ବାଂଲାଦେଶକୁ ସ୍ୱତନ୍ତ୍ର ରାଷ୍ଟ୍ରର ଅନୁମତି ମିଳିଲା । ସୀମା ନିର୍ଦ୍ଧାରଣ ପୂର୍ବରୁ ଉଭୟ ରାଷ୍ଟ୍ରର ଲୋକ ନିଜ ଇଚ୍ଛା ମୁତାବକ ସ୍ଥାନରେ ରହିବାକୁ ନିର୍ଦ୍ଦେଶ ଦିଆଗଲା । ସେତେବେଳେ ମୋ ପାପା କରାଚିରେ ଜଣେ ସଫଳ ଚମଡ଼ା ବ୍ୟବସାୟୀ । ବାପାଙ୍କ ନାମ ଥିଲା ହାଇଦର ଅଲ୍ଲୀ ଖାଁ । ଜେଜେଙ୍କ ପୈତୃକ ଘର ଥିଲା ଅହମ୍ମଦାବାଦ । ଢାକାରେ ଯାଇ ସେ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ପାପା ବଡ଼ ହେବା ପରେ ଏହି ବ୍ୟବସାୟରେ ଯୋଗ ଦେଲେ । ବ୍ୟବସାୟକୁ ଶୀର୍ଷରେ ପହଞ୍ଚି ଥିଲେ । ସେଠାରେ ଆମେ ଘରଦ୍ୱାର କରି ସ୍ଥାୟୀ ଭାବେ ବସବାସ କରୁଥିଲୁ । ପାପା ବି ଅହମ୍ମଦାବାଦରେ ବିବାହ କରିଥିଲେ । ସେଠାରେ ଆମର ବି ନିଜସ୍ୱ ଜମିବାଡ଼ି ଥିଲା । କକା ପୁଅମାନେ ଜମିବାଡ଼ି ଦେଖାଶୁଣା କରୁଥିଲେ । ଜେଜେ, ଜେଜେମା, ପାପା, ଅମ୍ମି, ଆମେ ଚାରି ଭଉଣୀ, ୨ ଭାଇଙ୍କୁ ନେଇ ଆମର ଥିଲା ହସଖୁସିର ସଂସାର । ଦୁଇ ଭାଇ ବଡ଼ । ସେମାନେ ମଧ୍ୟ ବାପାଙ୍କୁ ବ୍ୟବସାୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସରକାରଙ୍କ ଏଭଳି ଘୋଷଣା ପରେ ପାକିସ୍ତାନ କିମ୍ବା ବାଂଲାଦେଶରେ ନ ରହି ନିଜ ଦେଶକୁ ଫେରିବା ପାଇଁ ଜେଜେ, ଜେଜେ ମାଆ ବାପାଙ୍କୁ ପ୍ରସ୍ତାବ ଦେଲେ । ସେହି ସମୟରେ ବହୁ ବାଂଲାଦେଶୀ ଭାରତକୁ ମଧ୍ୟ ଆସୁଥିଲେ । ପାପା ଆଉ ଅମ୍ମି ମଧ୍ୟ ଏହି ପ୍ରସ୍ତାବରେ ରାଜି ଥିଲେ । ମାତ୍ର ଦୁଇ ବଡ଼ ଭାଇ ଏହାକୁ ବିରୋଧ କରିଥିଲେ । ଢାକାରେ ଆମ ଭାଇଭଉଣୀ ୬ଜଣଙ୍କ ଜନ୍ମ । ପିଲାବେଳୁ ସେହି ପାଣିପବନରେ ବଢ଼ିଥିଲୁ । ଏହି ସବୁ କାରଣରୁ ବାଂଲାଦେଶରେ ରହିବା ପାଇଁ ଦୁଇ ଭାଇ ଜିଦ୍ ଧରିଥିଲେ । ଜେଜେବାପା, ବାପା ଅନେକ ବୁଝାଇବା ପରେ ସେମାନେ ବୁଝିଥିଲେ । ଅହମ୍ମଦାବାଦ୍‌ରେ ସେହି ବ୍ୟବସାୟ ପୁଣିଥରେ ଆରମ୍ଭ କରିବାକୁ ଜେଜେ ପରାମର୍ଶ ଦେଇଥିଲେ । ଅନେକ ବୁଝାଇବା ପରେ ୨ ଭାଇ ବୁଝିଥିଲେ । ଶେଷରେ ନିଷ୍ପତ୍ତି ହୋଇଥିଲା, ଏଠାରେ ସବୁ ସମ୍ପତ୍ତି ବିକ୍ରି କରି ସବୁଦିନ ପାଇଁ ସ୍ୱଦେଶ (ଭାରତ) ଫେରିଯିବା ପାଇଁ ।

ସେହି ଅନୁଯାୟୀ ଆମର ପ୍ରସ୍ତୁତି ଚାଲିଲା । ଅହମ୍ମଦାବାଦରେ ଆମ ନିଜ ଘର ହୋଇଥିଲେ ହେଁ ଭାଇଭଉଣୀ କେବେ ସେଠାକୁ ଯାଇନଥିଲୁ । ଭାରତ ଫେରିବା ଖୁସିରେ ଆମେ ଚାରି ଭଉଣୀ ଆତ୍ମହରା ହୋଇଯାଇଥିଲୁ । ଭାରତକୁ ଆସିବା ନେଇ ବାପା, ଭାଇ ଜୋରଦାର ପ୍ରସ୍ତୁତି ଚଳାଇଥିଲେ । ଏତେବଡ଼ ବ୍ୟବସାୟକୁ ହଠାତ ବନ୍ଦ କରିବା, ସେଠାରେ କୋଠା ଘରକୁ ବିକ୍ରି କରିବା ପାଇଁ କିଛି ସମୟ ଲାଗିଥିଲା । ଏହା ଭିତରେ ଉଭୟ ଦେଶ ପକ୍ଷରୁ ଜାରି ହୋଇଥିବା ସମୟ ସୀମା ସରି ଯାଇଥିଲା । ପଶ୍ଚିମବଙ୍ଗ ସୀମା ପାର୍ କରି ଭାରତକୁ ପ୍ରବେଶ କରିବା ଉପରେ ମଧ୍ୟ କଟକଣା ଲାଗିଥିଲା । ଏହା ସତ୍ତ୍ୱେ ଦଲାଲ ମାଧ୍ୟମରେ ବାଂଲାଦେଶରୁ ଶହଶହ ଲୋକ ଭାରତକୁ ଯାଉଥିଲେ । ବାଂଲାଦେଶ ସୀମା ଦେଇ କଲିକତା, ପରେ ଅହମ୍ମଦାବାଦ ଆସିବା ପାଇଁ ବାପା, ଭାଇମାନେ ଦଲାଲ ଠିକ୍ କରିଥିଲେ । ଏଥିପାଇଁ ସେମାନଙ୍କୁ ମୋଟା ଅଙ୍କା ଟଙ୍କା ମଧ୍ୟ ଦିଆ ଯାଇଥିଲା । ଶେଷରେ ସେହି ପ୍ରତୀକ୍ଷିତ ସମୟ ଆସିଥିଲା । ଏକ ଅନ୍ଧାର ରାତିରେ ଆମେ ଭାଇଭଉଣୀ ଢାକାରୁ ବିଦାୟ ନେଇ କଲିକତା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲୁ ।" ଏହା କହିବା ପରେ ମାଉସୀ ବୋହି ଯାଉଥିବା ଲୁହକୁ ପୋଛିବା ସହ କିଛି ସମୟ ନିରବରେ ବସିଲେ ।

"ତା ପରେ କ'ଣ ହେଲା", ମୁଁ କଥା ଯୋଡ଼ିଲି ।

"କଣ ଆଉ ହେବ ବାବୁ ? ସେବେଠାରୁ ମୋ ଭାଗ୍ୟର ବିଡ଼ମ୍ବନା ଆରମ୍ଭ ହେଲା ।" ସେ କାନ୍ଦ କାନ୍ଦ ହୋଇ କହିଲେ ।

"ମୁଁ କିଛି ବୁଝି ପାରୁନି । ଦୟା କରି ଖୋଲି କରି ସବୁ କହିବୁ ?" ମୁଁ କହିଲି । ଆଖିରୁ ଝରି ଆସୁଥିବା ଆମାନିଆ ଲୁହକୁ ପୋଛି ସେ ପୁଣି ଥରେ ତା'ର କରୁଣ କାହାଣୀ ଆରମ୍ଭ କଲା ।

"ସେହି ଅନ୍ଧାର ରାତିରେ ଆମେ ଭାରତ-ବାଂଲାଦେଶ ସୀମାରେ ପହଂଚି ଯାଇଥିଲୁ । ଆମକୁ ସୀମା ପାର କରାଇବା ପାଇଁ ଆମ ଦଲାଲ୍ ମଧ୍ୟ ସେଠାରେ ପହଞ୍ଚି ସାରିଥିଲା । ପରେ ଆମକୁ ଭାଗ ଭାଗ କରାଗଲା । ସୀମା ପାର ପାଇଁ ସମସ୍ତଙ୍କୁ ଜଣେ ଜଣେ ଲୋକ ନେବାକୁ ଆସିଥିଲେ । କଥା ଥିଲା ଆମେ ସବୁ ଅଲଗା ଅଲଗା ଯିବୁ । ବାଂଲାଦେଶ ସୀମା ପାର ହୋଇ ପଶ୍ଚିମବଙ୍ଗ ସୀମାର ଏକ ସ୍ଥାନରେ ପୁନଶ୍ଚ ଏକତ୍ରିତ ହେବୁ । ସେଠାରୁ କଲିକତା । ପରେ କଲିକତାରୁ ଆମେ ସିଧା ଅହମ୍ମଦାବାଦ ଯିବୁ । ଯୋଜନା ମୁତାବକ ଆମେ ସବୁ ଅଲଗା ଅଲଗା ହୋଇଗଲୁ । ମତେ ଜଣେ ଦଲାଲ୍ ନେଲା । ଅନ୍ୟମାନେ ବି ଜଣେ ଜଣେ ଦଲାଲଙ୍କ ସହ ଗଲେ । ବାସ୍ ତାହା ଥିଲା ମୋ ପରିବାର ସଦସ୍ୟଙ୍କ ସହ ମୋର ଶେଷ ଦେଖା ।" ଏହା କହିବା ସହ ସେ ଗୁମୁରି ଗୁମୁରି କାନ୍ଦିବା ଆରମ୍ଭ କଲେ । ମୁଁ ତାଙ୍କୁ ବୁଝାଇଲି । କିଛି ସମୟ ପରେ ପୁଣି ସେ ଆଉ ଥରେ ନିଜର ଅସମ୍ପୂର୍ଣ୍ଣ କାହାଣୀ ଆରମ୍ଭ କଲେ ।

"ସେଦିନ ରାତିରେ ଦଲାଲ୍ ଜଣକଙ୍କ ମତେ ମୋ ପରିବାର ସଦସ୍ୟଙ୍କଠାରୁ ଅଲଗା କରିବା ପରେ ଏକ ଜଙ୍ଗଲ ରାସ୍ତାରେ ଆଣିଲା । ଘଂଚ ଜଙ୍ଗଲରେ ସେମାନଙ୍କ ସହ ୩ରୁ ୪ ଘଣ୍ଟା ଚାଲିଲି । ବୋଧହୁଏ ଆମେ ବାଂଲାଦେଶ ସୀମା ଟପି ଭାରତରେ ଥିଲୁ । ଭୋର୍ ସମୟରେ ମତେ ଆଣିଥିବା ଦଲାଲ୍ ଜଣକ ଆଉ ତିନିଜଣ ଦଲାଲ୍‌ଙ୍କୁ ହସ୍ତାନ୍ତର କଲା । ଆଉ କିଛି ବାଟ ଗଲା ପରେ ମୁଁ ମୋ ପରିବାର ସହ ମିଶିବି ବୋଲି କହି ସେହି ଦଲାଲ୍ ଜଣକ ଫେରିଗଲା । ଆଗ ଦଲାଲ୍‌ଙ୍କ କହିବା ଅନୁସାରେ ମୁଁ ଏହି ୩ ଜଣଙ୍କ ସହ କାର୍‌ରେ ବସିଲି । କାର୍‌ର ବେଗ ଯେତେ ଅଧିକ ହେଉଥାଏ, ପରିବାର ସଦସ୍ୟଙ୍କ ସହ ମିଶିବାର ଉତ୍କଣ୍ଠା ସେତିକି ଅଧିକ ହେଉଥିଲା । ଏମିତି ଘଂଟାଏ ବିତିଗଲା । ତଥାପି ସେମାନେ ମତେ ମୋ ପରିବାର ଲୋକଙ୍କ ସହ ମିଶାଇ ନ ଥିଲେ । ସନ୍ଦେହ ହେବାରୁ ସେମାନଙ୍କୁ ପଚାରିଲି । ସେମାନେ ଉତ୍ତର ନ ଦେଇ ପରସ୍ପର ମଧ୍ୟରେ ହସାହସି ହେଉଥିଲେ । ସେମାନଙ୍କ ଏଭଳି ଆଚରଣକୁ ନେଇ ମୋର ସନ୍ଦେହ ହେଲା । ପରିବାର ସହ ମିଶିବା ପାଇଁ ମୁଁ ଜିଦ୍ କଲି । କିଛି ସମୟ ଭିତରେ ପରିବାର ଲୋକଙ୍କ ସହ ମିଶିବି ବୋଲି ସେମାନେ କହିଲେ । ମାତ୍ର ସେମାନଙ୍କ ହାବଭାବ ମତେ କିଛି ଠିକ୍ ଲାଗିନଥିଲା । ଏକ ଭୁଲ୍ ରାସ୍ତାରେ ଯାଉଥିବା ମୋର ହୃଦ୍‌ବୋଧ ହେଲା । ପରିବାର ସଦସ୍ୟଙ୍କୁ ମନେ ପକାଇ ଖୁବ୍ ଜୋର୍‌ରେ କାନ୍ଦିଲି । ମୋ କାନ୍ଦ ସେହି କାର୍ ଭିତରେ ହିଁ ସୀମିତ ଥିଲା । ଏମିତି କାନ୍ଦୁ କାନ୍ଦୁ କେତେବେଳେ ଯେ ଶୋଇ ଯାଇଥିଲି ଜାଣି ନଥିଲି ।

କାହାର ଡାକରେ ନିଦ ଭାଙ୍ଗିଲା । ଏକ ପୁରୁଣା କୋଠା ଘର ନିକଟରେ କାର୍ ଅଟକିଥିଲା । କାର୍‌ରୁ ଓହ୍ଲାଇବା ପାଇଁ ମତେ ଜଣେ ମହିଳା ଡାକିଲା । ମୁଁ ଆଶ୍ଚର୍ଯ୍ୟ ହେଲି । ଭାବିଲି ସେ ଘରେ ବୋଧହୁଏ ମୋ ପରିବାର ଲୋକ ଅଛନ୍ତି । ମାତ୍ର ସେଠାରେ କେହି ବି ଚିହ୍ନା ଲୋକ ନ ଥିଲେ । ମୋ ଠାରୁ ବଡ଼

ବୟସର ସବୁ ଝିଅ ଥିଲେ । ସେମାନଙ୍କ ବେଶଭୂଷା, ଚାଲି ଚଳନ ସବୁ ଅଲଗା ଲାଗୁଥିଲା । ମୁଁ ମୋ ପରିବାର ଲୋକଙ୍କ କଥା ପଚାରିଲି । ସନ୍ଧ୍ୟାରେ ସେମାନେ ଏଠାକୁ ଆସିବେ କହି ଏହି ୩ ଜଣ ଲୋକ ବିଦାୟ ନେଲେ । ମତେ ସେହି ମହିଳାଜଣକ ଏକ ଘରକୁ ନେଲା । ସେଠାରେ ପଡ଼ିଥିବା ଖଟ ଉପରେ ବସାଇଲା । ଖାଇବାକୁ ଦେଲା । ଭୋକ ଲାଗୁଥିବାରୁ କିଛି ବିଚାର ନ କରି ଖାଇଲି । ପରେ ଆଖି ପତା ମୁଦି ହୋଇଗଲା । ଶୋଇପଡ଼ିଲି ।

କାହାର କବାଟ ଠକ୍‌ଠକ୍ ଶବ୍ଦରେ ନିଦ ଭାଙ୍ଗିଲା । ପ୍ରାୟ ରାତି ହୋଇଯାଇଥିଲା । ମୋ ସାମ୍ନାରେ ସେହି ସ୍ତ୍ରୀଲୋକ ଜଣକ ଥିଲା । "ଶୀଘ୍ର ପିନ୍ଧି ପକା । ଅଧଘଂଟାକ ଭିତରେ ସେମାନେ ଆସୁଛନ୍ତି ।" କିଛି ଡ୍ରେସ୍ ମତେ ଦେଇ ସେ କହିଲା । ମୁଁ ଭାବିଲି ମୋ ପରିବାର ଲୋକ ବୋଧହୁଏ ଆସୁଛନ୍ତି । ଖୁସିରେ ମୁଁ ସେହି ଡ୍ରେସ୍ ସବୁ ପିନ୍ଧିଲି । ଠିକ୍ ଅଧଘଂଟା ପରେ ସେହି ସ୍ତ୍ରୀଲୋକଜଣକ ମତେ ଆଉ ଏକ କୋଠରୀକୁ ନେଲା । ସେଠାରେ ମୋ ପରିବାର ଲୋକ ଥିବେ ବୋଲି ଆନନ୍ଦର ସହ ଗଲି । ମାତ୍ର ସେଠାରେ କେହି ନଥିଲେ । ଦୁଇଜଣ ଅଜଣା ବୟସ୍କ ଲୋକ ଥିଲେ । ସେମାନେ ମୋ ପରିବାର ଲୋକ ନୁହଁନ୍ତି ବୋଲି ମୁଁ ସେହି ସ୍ତ୍ରୀଲୋକଟିକୁ କହିଲି । ସେ ଜୋର୍‌ରେ ହସିଲା । ଆଜି ଠାରୁ ସେମାନେ ହିଁ ମୋ ପରିବାର ଲୋକ ହେବେ ବୋଲି ସେ କହିଲା । ମୁଁ କିଛି ବୁଝି ପାରିଲିନି । ମୋ କାନରେ ସେ ଚୁପ୍‌ଚୁପ୍ ସବୁ କହିଲା । ତା କଥା ଶୁଣିବା ପରେ ମୋ ଗୋଡ଼ ତଳୁ ମାଟି ଖସୁଥିବା ଅନୁଭବ କଲି ।

ପରେ ଜାଣିଲି ପରିବାର ଲୋକଙ୍କ ସହ ମିଶାଇବା ଆଳରେ ଦଲାଲ୍ ୩ଜଣ ମତେ କଲିକତାର ବଡ଼ବଜାରରେ ଥିବା ଏକ ବେଶ୍ୟାଳୟ (ରଙ୍ଗକୋଠି)ରେ ବିକ୍ରି କରି ଦେଇଛନ୍ତି । ସେହି ରଙ୍ଗକୋଠିର ଏହି ସ୍ତ୍ରୀଲୋକଜଣକ ମାଲିକାଣୀ । ମତେ ପଣବନ୍ଦୀ ରଖି ସେମାନେ ମୋଟା ଅଙ୍କର ଟଙ୍କା ନେଇଛନ୍ତି । ଏହି ଦୁଇଜଣ ବୟସ୍କ ଲୋକ ମୋର ପ୍ରଥମ ଗ୍ରାହକ । ସେମାନେ ମଧ୍ୟ ମୋଟା ଅଙ୍କର ଟଙ୍କା ଦେଇ ଏଠାକୁ ଆସିଛନ୍ତି । ସବୁ ଶୁଣିବା ପରେ ମୁଁ ବହୁତ କାନ୍ଦିଲି । ସେହି ସ୍ତ୍ରୀଲୋକର ଗୋଡ଼ ଧରି ନେହୁରା ହେଲି । ମାତ୍ର ସେ କିଛି ଶୁଣିବା ଅବସ୍ଥାରେ ନଥିଲା । ମତେ ବହେ ଗାଳି ଦେବା ସହ ସେମାନଙ୍କ ନିକଟରେ ଛାଡ଼ି ଦେଇ ବାହରପଟୁ କବାଟ ବନ୍ଦ କରି ଦେଇ ଚାଲିଗଲା ।" ଏହା କହିବା ପରେ ସେ ଦୀର୍ଘନିଶ୍ୱାସ ନେଲେ । କିଛି ସମୟ ଗୁମ୍ ରହିଲେ ।

"ତା ପରେ କ'ଣ ହେଲା ମାଉସୀ", ମୁଁ ସବୁ ଘଟଣା ଜାଣିବାକୁ ଆଗ୍ରହ ପ୍ରକାଶ କଲି ।

"ଆଉ କଣ ହେବ! ଯାହା ହୁଏ ତାହା ହିଁ ହେଲା । ବଳିକୁ ଯିବା ପୂର୍ବରୁ ଛେଳିର ଯେମିତି ଅବସ୍ଥା ହୁଏ, ସେମିତି ଭୟରେ ମୁଁ ଥରୁଥିଲି । ସେହି ଦୁଇ ବୟସ୍କ ଲୋକ ନିକଟରେ ବହୁତ ଅନୁନୟ, ବିନୟ ହେଲି । ମାତ୍ର ସେହି କାମାନ୍ଧମାନେ କିଛି ବି ଶୁଣିନଥିଲେ । ଜଣକ ପରେ ଜଣେ ମତେ ଝୁଣିଝୁଣି ଖାଇଗଲେ । ଅସହ୍ୟ ଯନ୍ତ୍ରଣାରେ ମୁଁ ଚିତ୍କାର କରୁଥିବା ବେଳେ ସେମାନେ ନିଜ ଦେହର ସୁଖ ମେଣ୍ଟାଇବାରେ ବ୍ୟସ୍ତ ଥିଲେ ।" ଏହା କହିବା ପରେ ସେ ଭୋ ଭୋ ହୋଇ କାନ୍ଦିଲେ ।

**ଆଖିରୁ ଲୁହ ପୋଛି ପୁନଶ୍ଚ ସେ ନିଜର ଅବଶିଷ୍ଟ ଦୁଃଖଦ କାହାଣୀ ବର୍ଣ୍ଣନା କଲା । ଏହି ଘଟଣା ଘଟିବା ପରେ ମୁଁ ନିଜକୁ ଅସହାୟ ମନେ କଲି । ସେଠାରେ ମୋର କେହିବି ନିଜର ଲୋକ ନ ଥିଲେ । ସେଠାରେ ମୁଁ ଥିଲି ସମ୍ପୂର୍ଣ୍ଣ ନୂଆ । ମୋ ସହ ଯାହା ସବୁ ଘଟି ଯାଉଥିଲା ତାହା ସେହି ରଙ୍ଗ କୋଠିର ଚାରି କାନ୍ଥ ଭିତରେ ହିଁ ରହୁଥିଲା । ପ୍ରତିଦିନ ଏମିତି ସବୁ ପରିସ୍ଥିତି ସାମ୍ନା କରିବାକୁ ପଡୁଥିଲା । ପ୍ରଥମ ୬ ମାସ ମତେ ବହୁତ କଷ୍ଟ ହେଉଥିଲା । ପରବର୍ତ୍ତୀ ସମୟରେ ଏହା ମୋର ନିତିଦିନିଆ ଘଟଣା ପାଲଟିଗଲା । ମୋ ପରିଚୟ ମଧ୍ୟ ବଦଳି ଯାଇଥିଲା । ଅବଶିଷ୍ଟ ଜୀବନ ଏଠାରେ ଜଳିଜଳି ମରିବା ପାଇଁ ମୋ ଭାଗ୍ୟରେ ଲେଖାଥିବା ମନକୁ ବୁଝାଇ ଦେଲି ।**

"ମଉସାଙ୍କ ସହ କେମିତି ଦେଖା ହେଲା ?" ମୁଁ ପ୍ରଶ୍ନ କଲି ।

ଆଖିରୁ ଲୁହ ପୋଛି ପୁନଶ୍ଚ ସେ ନିଜର ଅବଶିଷ୍ଟ ଦୁଃଖଦ କାହାଣୀ ବର୍ଣ୍ଣନା କଲା । "ଏହି ଘଟଣା ଘଟିବା ପରେ ମୁଁ ନିଜକୁ ଅସହାୟ ମନେ କଲି । ସେଠାରେ ମୋର କେହିବି ନିଜଲୋକ ନଥିଲେ । ସେଠାରେ ମୁଁ ଥିଲି ସମ୍ପୂର୍ଣ୍ଣ ନୂଆ । ମୋ ସହ ଯାହା ସବୁ ଘଟି ଯାଉଥିଲା ତାହା ସେହି ରଙ୍ଗକୋଠିର ଚାରି କାନ୍ଥ ଭିତରେ ହିଁ ରହୁଥିଲା । ପ୍ରତିଦିନ ଏମିତି ସବୁ ପରିସ୍ଥିତି ସାମ୍ନା କରିବାକୁ ପଡୁଥିଲା । ପ୍ରଥମ ୬ ମାସ ମତେ ବହୁତ କଷ୍ଟ ହେଲା । ପରବର୍ତ୍ତୀ ସମୟରେ ଏହା ମୋର ନିତିଦିନିଆ ଘଟଣା ପାଲଟିଗଲା । ମୋ ପରିଚୟ ମଧ୍ୟ ବଦଳି ଯାଇଥିଲା । ଅବଶିଷ୍ଟ ଜୀବନ ଏଠାରେ ଜଳିଜଳି ମରିବା ପାଇଁ ମୋ ଭାଗ୍ୟରେ ଲେଖା ଥିବା ମନକୁ ବୁଝାଇ ଦେଲି ।

ସେହି ରଙ୍ଗକୋଠିରେ କିଛିବର୍ଷ ଏମିତି ପ୍ରତିଦିନ ମରି ମରି ଜିଇଁବା ପରେ ସେହି ସ୍ତ୍ରୀଲୋକ ଜଣକ ମତେ ଆଉ ଏକ ରଙ୍ଗକୋଠି ମାଲିକାଣୀକୁ ବିକି ଦେଲା । ସେତେବେଳକୁ ମୋର ବୟସ ବଢ଼ି ଯାଇଥିଲା । ଏହି ରାସ୍ତାରେ ମୋ ନାମ ବି ବହୁତ ହୋଇଯାଇଥିଲା । ବିଶେଷ କରି ମୋ ସାନ୍ନିଧ୍ୟ ପାଇବା ପାଇଁ ବୁଢ଼ା ପାଖରୁ ଭେଣ୍ଡା, ଧନୀ ଠାରୁ ଗରିବ ପର୍ଯ୍ୟନ୍ତ ସବୁ ପାଗଳ ହେଉଥିଲେ । ବଡ଼ବଡ଼ ଅଫିସର, ନେତା,ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ, ଶିଳ୍ପପତି ପର୍ଯ୍ୟନ୍ତ ସମସ୍ତଙ୍କ ସହ ରାତି କାଟିବାକୁ ମତେ ପଡୁଥିଲା । ବଦଳରେ ରଙ୍ଗକୋଠି ମାଲିକାଣୀ ଅନେକ ଟଙ୍କା ରୋଜଗାର କରୁଥିଲା । ମୋ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଚାକରବାକର ଠାରୁ ଆରମ୍ଭ କରି ସିକ୍ୟୁରିଟି ଗାର୍ଡ ପର୍ଯ୍ୟନ୍ତ ମତେ ଦିଆ ଯାଇଥିଲା । ମାସର ପ୍ରାୟ ଅଧିକାଂଶ ଦିନ ମତେ ବଡ଼ବଡ଼ ହୋଟେଲ୍‌ରେ ନେତା, ମନ୍ତ୍ରୀ, ଏମ୍‌ଏଲ୍ଏ, ପୁଲିସ୍, ଆଇଏଏସ୍, ଆଇପିଏସ୍, ବଡ଼ବଡ଼ ଚାକିରିଆଙ୍କ ଠାରୁ ଆରମ୍ଭ କରି ବହୁ ପ୍ରଭାବଶାଳୀ ଲୋକଙ୍କ ବେଡ୍‌ରେ ରାତି କାଟିବାକୁ ପଡୁଥିଲା । ମୋ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରା ଯାଇଥିଲା । ସବୁ ପ୍ରକାରର ଗ୍ରାହକଙ୍କୁ କେମିତି ଆକୃଷ୍ଟ କରାଯାଇ ପାରିବ ସେହି ସବୁ କୌଶଳ ମୁଁ ଜାଣି ଯାଇଥିଲି । ସେହି ରଙ୍ଗକୋଠିରିରେ ଏ ବୁଢ଼ା ଚାକର ଭାବେ କାମ କରୁଥିଲା । ମୋ ବୁଝାସୁଝା କରିବା ପାଇଁ ତାକୁ ଦାୟିତ୍ୱ ଦିଆ ଯାଇଥିଲା । ମୋ' ଠାରୁ ସେ ୨ ବର୍ଷ ସାନ ଥିଲା । ତା'ର ଭଦ୍ର ବ୍ୟବହାର ମତେ ଆକୃଷ୍ଟ କରିଥିଲା । ପ୍ରଥମେ ତାଙ୍କ ସହ ଏମିତି ଦେଖା ଚାହାଁ ହୁଏ । ପରବର୍ତ୍ତୀ ସମୟରେ ମୁଁ ତା' ସହ କଥାବାର୍ତ୍ତା ଆରମ୍ଭ କରିଥିଲି । ପରେ ଆମେ ଦୁଇ ବନ୍ଧୁ ହୋଇ ଯାଇଥିଲୁ । କେତେବେଳେ ଏହି ବନ୍ଧୁତା ପ୍ରେମରେ ରୂପ ନେଇଥିଲା ଜାଣିନଥିଲୁ । ପରିସ୍ଥିତି ଚାପରେ ପଡ଼ି ପ୍ରତିଦିନ ବେଶ୍ୟା ସିନା ଅନ୍ୟମାନଙ୍କ ଦେହର ସୁଖକୁ ମେଂଟାଏ, ହେଲେ ତା'ର ବି ଦେହ, ମନ ବୋଲି କିଛି ଅଛି ନା ବାବୁ ? ଜାଣିନି କେଉଁଦିନ ଏହି ବୁଢ଼ାକୁ ଅଜାଣତରେ ମନ ଦେଇ ଦେଲି । ମୁଁ ଜଣେ ବେଶ୍ୟା ବୋଲି ଜାଣି ବି ସେ ମତେ ବହୁତ ଭଲ ପାଉଥିଲା । ମୋର ବହୁତ ଯତ୍ନ ନେଉଥିଲା । ମୋ ସେବାରେ କୌଣସି ବି ତ୍ରୁଟି କରୁ ନଥିଲା । ମୋ ଜୀବନରେ ଘଟି ଯାଇଥିବା ସବୁ କଥା ଗୋଟି ଗୋଟି କରି ତା' ଆଗରେ କହିଲି । ମତେ ବିବାହ କରି ଏହି କଳଙ୍କିତ ରାସ୍ତାରୁ ସବୁଦିନ ପାଇଁ ମୁକ୍ତି ଦେବ ବୋଲି ସେ ପ୍ରତିଶ୍ରୁତି ଦେଲା । ପରେ ଆମେ ବିବାହ କରିବାକୁ ନିଷ୍ପତ୍ତି ନେଲୁ । ଏକ ଅନ୍ଧକାର ରାତିରେ ଲୁଚି ଆମେ ସେହି କୋଠି ଛାଡ଼ି ପଳାଇ

ଆସିଲୁ ।” ଏହା କହିବା ପରେ ସେ କିଛି ସମୟ ପାଇଁ ଦମ୍ ନେଲା ।

“ପରେ ଉଭୟଙ୍କ ଜୀବନ ନିଶ୍ଚିତ ଭଲରେ କଟିଥିବ । ନୁହେଁ ?” ମୁଁ ପୁନଶ୍ଚ ପ୍ରଶ୍ନ କଲି ।

“ଯାହା ଜୀବନରେ ଦୁଃଖ ଲେଖା ଅଛି, ଯେତେ ଖୋଜିଲେ ବି ତାକୁ ସୁଖ ମିଳେନି । ଯେମିତି ମୁଁ ।” ଲୁହ ପୋଛୁ ପୋଛୁ ସେ କହିଲା ।

“ମାନେ ?” ମୁଁ ନ ବୁଝିବା ଭଳି ପ୍ରଶ୍ନ କଲି ।

“ମାନେ ଆଉ କ’ଣ । ତୁମ ମଉସାକୁ ବାହା ହେବା ପରେ ସେମାନଙ୍କ ଘରକୁ ଗଲୁ । ପିଲାବେଳୁ ତା’ ମାଆ ମରିଯାଇଥିଲେ । ସବାତ ମାଆ ପାଖରେ ବହୁ ଦୁଃଖ କଷ୍ଟରେ ବଡ଼ ହୋଇଥିଲା । ମୁଁ ଜଣେ ବେଶ୍ୟା ବୋଲି ଜାଣିବା ପରେ ତା ସାବତ ମାଆ, ବାପା, ଭାଇ, ଭଉଣୀ ସବୁ ବିରୋଧ କଲେ । ଏମିତି ସେହି ଗାଁ ଲୋକ ବି ଆମକୁ ରହିବାକୁ ଦେଲେନି । ବାଧ୍ୟ ହୋଇ ଆମେ ଗାଁ ଛାଡ଼ି ଏହି ସହରକୁ ଆସିଲୁ । ଯାହ ସଂଚୟ ଅର୍ଥ ଥିଲା ସେଥିରେ ଜାଗା କିଣି ଘରଟେ କଲୁ । ସେ କାମ ଧନ୍ଦା କରି ଯାହା ରୋଜଗାର କରୁଥିଲା ସେଥିରେ ଆମେ ଚଳି ଯାଉଥିଲୁ । ଆମର ଗୋଟିଏ ପୁଅ ମଧ୍ୟ ହୋଇଥିଲା । ଭଲ ପଢୁଥିଲା ମୋ ପୁଅ । ଶ୍ରେଣୀରେ ପ୍ରଥମ ହେଉଥିଲା । ପୁଅ ପାଠ ପଢ଼ି ଚାକିରି କଲେ ଦୁଃଖ ଯିବ ବୋଲି ଆମେ ବାପା-ମାଆ ସ୍ୱପ୍ନ ଦେଖିଥିଲୁ । ସେଥିପାଇଁ ତା ବାପା ଦିନରାତି ଏକାକାର କରି ଖଟୁଥିଲା । କୌଣସିରେ ତା’ର ଅଭାବ ରଖୁନଥିଲା । ହସଖୁସିରେ ଆମ ସୁଖର ସଂସାର ଚାଲିଥିଲା ।

ପୁଅକୁ ୧୬ ବର୍ଷ ହୋଇଥିଲା । ନୂଆନୂଆ କଲେଜ୍ ଯାଉଥିଲା । ତା’ର ଜଣେ ସାଙ୍ଗର ବଡ଼ ଭାଇଙ୍କ ବିବାହ ଥିଲା । ସାଙ୍ଗପିଲାଙ୍କ ସହ ମିଶି ବିବାହ ଭୋଜି ଖାଇବାକୁ ସେମାନଙ୍କ ସହ ତାଙ୍କ ଘରକୁ ଯାଇଥିଲା । ଫେରୁଥିବା ବେଳେ ଗାଡ଼ି ଦୁର୍ଘଟଣାରେ ତା’ର ମୃତ୍ୟୁ ହେଲା । ପୁଅର ମୃତ୍ୟୁରେ ଆମେ ବୁଢ଼ାବୁଢ଼ୀ ହୁହେଁ ଭାଙ୍ଗି ପଡ଼ିଥିଲୁ । ଏହି ଦୁଃଖଦ ଘଟଣାକୁ ମାସେ ପୂରି ନଥିଲା । ଆମେ ରହୁଥିବା ବସ୍ତି ଦେଇ ଓଭର ବ୍ରିଜ୍ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ପାଇଁ ଜାଗା ଚିହ୍ନଟ ହେଲା । ସେହି ରାସ୍ତା ଆମ ଘର ଦେଇ ଯାଇଥିଲା । ସରକାରୀ ଯାଗା ଛାଡ଼ିବା ପାଇଁ ଆମକୁ ସେମାନେ ଗୋଟିଏ ମାସ ସମୟ ଦେଇଥିଲେ । କ୍ଷତିପୂରଣ ଦିଆଯିବ ବୋଲି ମଧ୍ୟ କୁହା ଯାଇଥିଲା । ଏତେ ଅଳ୍ପ ସମୟ ଭିତରେ ଘର ତିଆରି କରି ସ୍ଥାନାନ୍ତର ହେବା ପାଇଁ ଆମ ପାଖରେ ଅର୍ଥ ନ ଥିଲା । ବାରମ୍ବାର ନେହୁରା ହେବା ପରେ ସେମାନେ ବୁଲ୍‌ଡୋଜର୍ ଲଗାଇ ଆମ ଘର ଭାଙ୍ଗି ଦେଲେ । ଆମେ କାଳେ ସରକାରୀ ଜାଗାରେ ଘର ତିଆରି କରିଥିବା ସେମାନେ କାଗଜପତ୍ର ଦେଖାଇବା ସହ ସହାୟତା ରାଶି ଦେଲେନି । ଆମ ପାଖରେ ଆଉ ସଂଚିତ ଅର୍ଥ ନ ଥିଲା । ସେବେଠାରୁ ସହରର ବିଭିନ୍ନ ସ୍ଥାନରେ ଏଭଳି ଅସ୍ଥାୟୀ ଘର କରି ରହୁଛୁ ।” ସେ ନିରବ କଣ୍ଠରେ କହିଲେ ।



“ଆପଣ ଏବେ ନିଜ ଗାଁକୁ ଫେରୁନାହାନ୍ତି ?” ମୁଁ ପ୍ରଶ୍ନ କଲି ।

“ଦୀର୍ଘ ୩୫ ବର୍ଷ ହେବ ଗାଁ ଛାଡ଼ିଛୁ । ସାବତ ମାଆର ପୁଅମାନେ ଆମ ଭାଗ ସମ୍ପତ୍ତି ସବୁ ଖାଉଛନ୍ତି । ଗାଁ ଲୋକଙ୍କ ସହ ଆମର ଆଉ କୌଣସି ସମ୍ପର୍କ ନାହିଁ । ଭାବୁଥିଲୁ ପୁଅ ବଡ଼ ହେଲେ ଗାଁକୁ ଫେରିବୁ । ପୁଅ ତ ଅଧା ବାଟରେ ଆମକୁ ପର କରି ଚାଲିଗଲା । ଆଉ କାହିଁକି ଗାଁକୁ ଫେରିବୁ ? ବୟସ ଚାଲିଗଲାଣି । ଆଉ ଦିନ କେଇଟା । ମଉସାକୁ ବାହା ହେବା ପରଠୁ ସେ ମତେ ଘରୁ ପାଦ କାଢ଼ିବାକୁ ଦେଇନି । ଦିନରାତି ଗଧ ଭଳି ଖଟି ମତେ ପୋଷିଛି । କି ରୋଗ ହେଲା କେଜାଣି ତା ଗୋଡ଼ ହାତ ଅଚଳ ହୋଇଯାଇଛି । ବସି ଉଠି ପାରୁନି । ଭାବିଥିଲି କାମ କରି ତାକୁ ଡାକ୍ତର ଦେଖାଇବି । ହେଲେ ସେଥପାଇଁ ୧୦ ଘଂଟା ବାହାରେ ରହିବାକୁ ହେବ । କେତେ ବେଳେ ତା’ର କଣ ହେବ କିଏ ଜାଣିଛି । ଶେଷ ସମୟରେ ଯଦି ତା’ ମୁହଁରେ ପାଣି ଟୋପାଏ ଦେଇ ନ ପାରିଲି, ତେବେ ମୋ ସ୍ତ୍ରୀ ଜୀବନକୁ ଧିକ୍ । ଏଭଳି ପରିସ୍ଥିତିରେ ମୁଁ ବାହାରେ ଯାଇ ଭିକ ନ ମାଗିଲେ ଆଉ କ’ଣ କରିବି ବାବୁ ତୁମେ କୁହ ? ଦିନ ଥିଲା ଆମ ଘରେ ଦଶ ଦଶଟା ଚାକର ଥିଲେ । ଆମେ ଯାହା ଖାଇ ପିଙ୍ଗି ଦେଉଥିଲୁ, ତାହାକୁ ନେଇ ଲୋକେ ଖାଉଥିଲେ । ଆଜି ଦେଖ ମୋର କି ପରିସ୍ଥିତି ।” ଏହା କହିବା ପରେ ଆଖି କୋରଡ଼ରୁ ବହି ଆସିଥିବା ଦୁଇ ଟୋପା ଲୁହକୁ ମୋ ଅଜାଣତର ପୋଛିବାକୁ ଚେଷ୍ଟା କଲେ । ତାଙ୍କୁ ଆଶ୍ୱାସନା ଦେବା ପାଇଁ ମୋ ପାଖରେ କୌଣସି ଉତ୍ତର ନ ଥିଲା ।

ମୁଁ ଘଣ୍ଟା ଦେଖିଲି । ଅପରାହ୍ନ ଦୁଇଟା । ଏହା ଭିତରେ ସେଠାରେ ଦେଢ଼ଘଣ୍ଟା ରହି ଯାଇଥିଲି ।

କିଛି ଜରୁରୀ କାମ ଥିବାରୁ ମୁଁ ଆସିବାକୁ ବାହାରିଲି । ବାହାରିବା ବେଳେ ୫ଶହ ଟଙ୍କିଆ ନୋଟ୍‌ଟିଏ ମାଉସୀ ହାତକୁ ବଢ଼ାଇ ଦେଲି । ସମୟ ମିଳିଲେ ନିଶ୍ଚିତ ଆସି ତାଙ୍କୁ ଭେଟିବି ବୋଲି ପ୍ରତିଶ୍ରୁତି ଦେଲି । ସେ ଟଙ୍କା ନେଉ ନଥିଲେ । ରାଣନିୟମ ପକାଇ ତାଙ୍କୁ ଟଙ୍କା ରଖିବାକୁ ବାଧ କଲି । ପରେ ତାଙ୍କ ନିକଟରୁ ବିଦାୟ ନେଲି । ଆସିବା ବେଳେ ମାଉସୀ ଲୁହଭିଜା ଆଖିରେ ସେମିତି ଏକ ଲୟରେ ମତେ ଚାହିଁ ରହିଥିଲା ।

॥୨॥

ଏହା ଭିତରେ ଆଉ କିଛି ମାସ ବିତି ଯାଇଥିଲା । କାର୍ଯ୍ୟବ୍ୟସ୍ତତା ଯୋଗୁଁ ମୁଁ ସେହି ମାଉସୀଙ୍କ କଥା ଭୁଲି ଯାଇଥିଲି । ତାକୁ ଆଉ ଦେଖା କରିବାକୁ ମଧ ଯାଇ ନ ଥିଲି । ସେଦିନ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ବନ୍ଧୁଙ୍କୁ ଭେଟିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି । ସର୍ଜରୀ ୱାର୍ଡରେ ସେ ଥିଲେ । ତାଙ୍କୁ ଦେଖା କରି ଫେରୁଥିଲି । କାହା ଡାକରେ ମୁଁ ଅଟକି ଗଲି । ପରିଚିତ ଲାଗୁଥିଲା କଣ୍ଠସ୍ୱର । ମୁଁ ପଛକୁ ବୁଲି ଦେଖିଲି । ମୋ ସାମ୍ନାରେ ସେହି ମାଉସୀ ଛିଡ଼ା ହୋଇଥିଲା ।

"ବାବୁ, ତୁମକୁ ଦେଖି ଚିହ୍ନି ପାରିଲି ବୋଲି ଡାକିଲି ।" ଧୀର ସ୍ୱରରେ ସେ କହିଲା ।

"ତୁ ଏଠି କ'ଣ କରୁଛୁ ?" ମୁଁ ପ୍ରଶ୍ନ କଲି

"ମଉସାଙ୍କ ଦେହ ଭୀଷଣ ଖରାପ ହେଲା । ୧୫ ଦିନ ହେବ ତାକୁ ଏଠାରେ ଭର୍ତ୍ତି କରିଛି । ପାଣି ଟୋପେ ବି ଢୋକୁନି । ତା ପାଖରେ ସେମିତି ଜଗି ବସିଛି । ଡାକ୍ତରଖାନା ପକ୍ଷରୁ ମିଳୁଥିବା ଖାଦ୍ୟ ଆଣିବା ପାଇଁ ଆସିଥିଲି । ତୁମକୁ ଦେଖିଲି । ଡାକିବିନି ବୋଲି ଭାବୁଥିଲି । କେଜାଣି କାହିଁକି ଡାକି ଦେଲି ଜାଣିନି ।" ସେ ମୁହଁକୁ ତଳକୁ କରି କହିଲା ।

"ଚାଲ୍ ମଉସାଙ୍କୁ ଦେଖା କରିବାକୁ ଯିବା" ସୌଜନ୍ୟ ଦୃଷ୍ଟିରୁ ମୁଁ କହିଲି ।

ବିନା ପ୍ରତିବାଦରେ ସେ ଆଗେ ଆଗେ ଚାଲିଲା । ମୁଁ ତା ପଛେ ପଛେ ଚାଲିଲି । ମେଡିସିନ ୱାର୍ଡର ଏକ ବେଡ୍ ତଳେ ଥିବା ଚଟାଣରେ ଜଣେ ଜରାଜୀର୍ଣ୍ଣ ବୃଦ୍ଧ ମଇଳା ବେଡ୍‌ସିଟ୍‌ରେ ଶୋଇଥିଲେ । ସେଦିନ ଅନ୍ଧାରୁଆ ଘରେ ମଉସାକୁ ମୁଁ ଭଲ ଭାବେ ଦେଖି ପାରିନଥିଲି । ମାତ୍ର ଏଥର ତାଙ୍କୁ ଠିକ୍ ଦେଖୁଥିଲି । ଖାଦ୍ୟାଭାବରୁ ତାଙ୍କର ସବୁ ହାଡ଼, ପିଞ୍ଜରା ଗଣି ହୋଇଯାଉଥିଲା ।

"ବାବୁ, ତୁମେ ସେଦିନ ଆସିବା ପରଠୁ ତାଙ୍କର ଦେହ ଅଧିକ ଖରାପ ହେଲା । କଥାବାର୍ତ୍ତା କରି ପାରିଲାନି । ପାଖରେ ଟଙ୍କା ନଥିଲା । ତୁମେ ଦେଇଥିବା ସେହି ୫ଶହ ଟଙ୍କାରେ ଗୋଟିଏ ଅଟୋ କରି ଏଠାକୁ ଆଣିଲି ।" ମୁଁ କିଛି ନ କହିବା ପୂର୍ବରୁ ସେ କହିଲା ।

"ବ୍ୟସ୍ତ ହେବାର ନାହିଁ । ମଉସାର କିଛି ହେବନି ।" ତାକୁ ଆଶ୍ୱାସନା ଦେଲି । ପରେ ସେହି ୱାର୍ଡରେ ଥିବା ଆଟେଡାଂଟଙ୍କ ସହ କଥା ହେଲି । ମୋ ପରିଚୟ ଜାଣିବା ପରେ ସେ ତୁରନ୍ତ ଏକ ବେଡ୍ କରି ଦେଲା । ପରେ ମଉସାକୁ ସେ ବେଡ୍‌କୁ ନେଲି । ବେଡ୍‌ଟିଏ ପାଇଁ ୧୫ ଦିନ ହେଲା ସମସ୍ତଙ୍କ ନିକଟରେ ନେହୁରା ହେଲେ ବି କେହି ଶୁଣୁନଥିବା ମାଉସୀ ଅଭିଯୋଗ କଲା । ସବୁ ଶୁଣିଲି । ପରେ ମଉସାଙ୍କ ରୋଗ ବିଷୟରେ ଆଟେଡେଂଟକୁ ପଚାରିଲି । ତା' ପେଟରେ ଅଲ୍‌ସର୍ ହୋଇ ତାହା କ୍ୟାନ୍‌ସର୍‌ର ରୂପ ନେଇଥିବା ସେ କହିଲେ । ତାହା ସହ ପାରାଲିସିସ୍ ବି । ଏବେ କ୍ୟାନ୍‌ସର୍ ଲାଷ୍ଟ ଷ୍ଟେଜ୍ । ଅତି ବେଶୀରେ ୨ କିମ୍ବା ୩ ଦିନରେ ତାଙ୍କ ମୃତ୍ୟୁ ହେବ ବୋଲି ସେ କହିଲେ । ଆଟେଣ୍ଡାଣ୍ଟଙ୍କ ନିକଟରୁ ସବୁ ଶୁଣିବା ପରେ ମାଉସୀଙ୍କ ନିକଟକୁ ଆସିଲି । ମଉସାଙ୍କ ବିଷୟରେ ସବୁ ଜାଣିବି ମିଛ ଆଶ୍ୱାସନା ଦେଲି । ସବୁ ଶୁଣି ମାଉସୀ ହସିଲା ।

"ଦେଖ ବାବୁ, ମଉସା ଜୀବନ ତମାମ୍ ମୋର ବୋଝ ବୋହି ଆସିଥିଲା । ଜଣେ ବେଶ୍ୟାକୁ ସ୍ତ୍ରୀର ପରିଚୟ ଦେଇଥିଲା । ପୁଅ ମରିବା ପରେ ଅନେକଥର ଭାବିଛି ଆତ୍ମହତ୍ୟା କରିବି, ମାତ୍ର ପାରିନି । ମୋ ପାଇଁ ତୁମ ମଉସାଙ୍କ ତ୍ୟାଗ କଥା ମନେ ପଡ଼ିଲେ ଇ ନିଜ ନିଷ୍ପତ୍ତିରୁ ବାରମ୍ବାର ଓହରି ଆସିଛି । ମୋ ଜୀବନରେ ସୁଖ ନାହିଁ ବାବୁ । ଅଭିଶାପ ନେଇ ମୁଁ ଜନ୍ମ ହୋଇଛି । ମୋ ପାଇଁ ଜଣେ ଅବହେଳାରେ ମରିବ ତାହା ମୁଁ ଚାହେଁନା । ମଉସା ବଂଚିଥିବା ଯାଏଁ ମୁଁ ତାଙ୍କ ସେବା କରିବି । ମଉସା ଆଖି ବୁଜିଲେ ମୁଁ ମୋ ଶେଷ ନିଷ୍ପତ୍ତି ନେବି ।" ଏହା କହିବା ସହ ସେ ଲୁହ ପୋଛିଲା । ମଉସାର କିଛି ହେବନି ବୋଲି ତାଙ୍କୁ ମିଛ ଆଶ୍ୱାସନା ଦେଲି । ପ୍ରତିଦିନ ମେଡିକାଲ୍ ଆସି ଦେଖା କରିବି ବୋଲି କହିଲି । ମୋ କଥା ଶୁଣି ତା ଶୁଖିଲା ମୁହଁରେ କିଛି ସେକେଣ୍ଡ ପାଇଁ ହସ ଫୁଟି ଉଠିଲା । ପରେ ତା ନିକଟରୁ ମୁଁ ବିଦାୟ ନେଲି । ପୂର୍ବ ଭଳି ଲୁହ ଛଳଛଳ ଆଖିରେ ସେ ମତେ ବିଦାୟ ଦେଲା ।

ସେଦିନ ଅଫିସ୍ ଆସିବା ପରେ ହେଡ୍ ଅଫିସ୍ ଭୁବନେଶ୍ୱରରୁ ମତେ ମେଲ୍ ଆସିଥିଲା । ଏକ ଜରୁରୀ ୧୦ ଦିନିଆ ଟ୍ରେନିଂ ପାଇଁ ମତେ ସେଠାକୁ ଯିବା ପାଇଁ ଡକା ଯାଇଥିଲା । ପରଦିନ ମୁଁ ଭୁବନେଶ୍ୱର ଯାଇଥିଲି । କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ମାଉସୀ କଥା ଭୁଲି ଯାଇଥିଲି । ଏଭଳି ଦୁଃଖ ସମୟରେ ସେ ମତେ ଅପେକ୍ଷା କରି ବସିଥିବ । ହେଲେ ମୁଁ ଯାଉନି । ଭାବିଥିବ ମୁଁ ତାକୁ ଠକି ଦେଇଛି । ଏମିତି ଅନେକ କଥା ଭାବି ମୁଁ ନିଜକୁ ଦୋଷୀ ମଣୁଥିଲି । ଟ୍ରେନିଂ ସରିଲା । ବାଲେଶ୍ୱରରେ ପହଂଚିବା ବେଳକୁ ରାତି ଏଗାର । ପରଦିନ ସକାଳୁ ସହଳ ମୁଁ ହସ୍ପିଟାଲ୍ ଯାଇଥିଲି । ବେଡ୍‌ରେ ମଉସା ନଥିଲେ । ମାଉସୀର ଦେଖା ବି ମିଳିନଥିଲା । ସେହି ୱାର୍ଡରେ ତନ୍ନତନ୍ନ କରି ସେମାନଙ୍କୁ ଖୋଜିଲି । ପାଇଲିନି । ପରେ ଆଟେଣ୍ଡାଣ୍ଟଙ୍କ ସହ କଥା ହେଲି । ତିନିଦିନ ତଳେ ସେହି ପେସେଣ୍ଟ ମରି ଯାଇଥିବା ସେ କହିଲେ । ନିଜ ରେଜିଷ୍ଟର୍ ଭିତରେ ରଖିଥିବା ଚିଠି ଖଣ୍ଡେ ମତେ ଦେଲେ । ତାଙ୍କୁ କେହି ଖୋଜିଲେ ଏହି ଚିଠି ଖଣ୍ଡକ ଦେବାକୁ ସେ କହି ଯାଇଥିବା କହିଲେ । ହିନ୍ଦୀରେ ଲେଖା ହୋଇଥିବା ଚିଠି ଖୋଲି ମୁଁ ପଢ଼ିଲି । ତା'ର ସାରାଂଶ ଥିଲା ଏମିତି:

"ବାବୁ, ତୁମେ ବ୍ୟସ୍ତ ଲୋକ ମୁଁ ଜାଣିଛି । ସେଥିପାଇଁ ବୋଧହୁଏ ଦେଖା କରିବାକୁ ଆସି ପାରୁନ । ଆଉ ବି ଆସିବା ଦରକାର ନାହିଁ । ତମ ମଉସାର ମୃତ୍ୟୁ ହୋଇଛି । ମଉସାର ସତ୍କାର ସାରିବା ପରେ ମୁଁ ମୋ ଜାଗାକୁ ଚାଲିଯିବି । ମତେ ଆଉ ଏହି ସହରରେ କେବେ ପାଇବନି । ଏତେ ବଡ଼ ଦୁନିଆରେ ଜଣେ ଲୋକ ହଜିଗଲେ କିମ୍ବା ମରିଗଲେ ତୁମର କିଛି ଫରକ ପଡ଼ିବନି । ଶେଷଥର ପାଇଁ ଏତିକି କହିବି, ମୋ ପୁଅକୁ ହରାଇଥିଲି । ତୁମକୁ ଦେଖିବା ପରେ କାହିଁକି କେଜାଣି ମୋ ପୁଅର ଉପସ୍ଥିତିକୁ ଅନୁଭବ କରୁଥିଲି । ଭାରତରେ ଆସି ଧୋକା ପରେ ଧୋକା ଖାଇବା ପରେ ଏଠାକାର ଲୋକଙ୍କ ଉପରେ ମୋର ବିଶ୍ୱାସ ତୁଟି ଯାଇଥିଲା । କିନ୍ତୁ ତମ ମଉସା, ଆଉ ତୁମ ସଂସ୍ପର୍ଶରେ ଆସିବା ପରେ ମୋର ସେହି ଧାରଣା ଭୁଲ୍ ପ୍ରମାଣିତ ହୋଇଛି । ଏଠି ସବୁ ଲୋକ ଖରାପ ନୁହଁନ୍ତି । ଆଶା କରୁଛି ମୋ ପ୍ରାୟଶ୍ଚିତ ସମୟ ସରି ଆସୁଛି । ତୁମେ ଯେଉଁଠି ରହ ଭଲରେ ରହ । ଆମ ଧର୍ମରେ ଆର ଜନ୍ମ ବୋଲି କିଛି ନାହିଁ । ତୁମ ଧର୍ମରେ ସାତ ଜନ୍ମ ଥିବା ମୁଁ ଶୁଣିଛି । ଯଦି ସେମିତି କିଛି ଥାଏ, ତେବେ ଈଶ୍ୱର କରନ୍ତୁ ଆଗ ଜନ୍ମରେ ତୁମେ ମୋର ପୁଅ ହୋଇ ଜନ୍ମ ନିଅ । ଯେଉଁଠି ରୁହ ଭଲରେ ରୁହ । ତୁମର ଜଣେ ସ୍ନେହକାଙ୍ଗାଳୁଣୀ ମାଆ ।"

ଆଟେଣ୍ଡାଣ୍ଟ ପାଖରୁ ଚିଠି ପଢ଼ି ସାରିବା ପରେ ମୁଁ ନିଜକୁ ସମ୍ଭାଳି ପାରିଲିନି । ମା...ଉ...ସୀ ବୋଲି କହି ଜୋର୍‌ରେ ଭୋ ଭୋ ହୋଇ କାନ୍ଦିଲି । ମୋର ଏଭଳି ଅବସ୍ଥା ଦେଖିବା ପରେ ଆଟେଣ୍ଡାଣ୍ଟ ଜଣକ ଆଶ୍ଚର୍ଯ୍ୟାନ୍ୱିତ ହୋଇ ମତେ ଚାହିଁ ରହିଥିଲା । କାନ୍ଦି କାନ୍ଦି ସେଦିନ ହସ୍ପିଟାଲ୍‌ରୁ ଫେରିଲି । ତା'ର ସେହି ଭଙ୍ଗାକୁଡ଼ିଆକୁ ଗଲି । ସେଠାରେ ଘରର କବାଟ ଖୋଲା ଥିଲା ଓ ଘର ଭିତରେ କେହି ବି ନଥିଲେ । ତମାମ୍ ସହର ବୁଲି ତାକୁ ଖୋଜିଲି । ପାଇଲିନି । ଏବେବି ଏହି ସହର ପ୍ରତିଟି ଗଳିକନ୍ଦିରେ ମାଉସୀଙ୍କୁ ଖୋଜୁଛି । ତା'ର ଆଉ ଦେଖା ମିଳୁନି । ମୁଁ ବି ଖୋଜିବା ଛାଡ଼ିନି । ମାଉସୀଙ୍କୁ କଥା ଦେଇ କଥା ରଖି ନଥିବାରୁ ମୁଁ ଏଯାଏଁ ଅନୁତାପ କରୁଛି । ଖବରକାଗଜରେ ଅଜଣା ମହିଳାଙ୍କ ଶବ ଉଦ୍ଧାର ଖବର ପ୍ରକାଶିତ ହେଲେ ଆଗ୍ରହର ସହ ପଢୁଛି । ପୁଅ ହିସାବରେ ଅନ୍ତିମ ସତ୍କାର କରିବା ପାଇଁ ସେଠାକୁ ଯାଉଛି । ପରେ ନିରାଶ ହୋଇ ଫେରୁଛି ।

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



|| ଭାଗ-୧୭ ||



**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୩୦୦୩
ଫୋନ୍ : ୯୦୪୦୦୦୩୧୨୩

ଫଟୋ ସୌଜନ୍ୟ : ଲେଖକ

# ଆସନ୍ନ (ମୋଗଲ) ପତନର ଝଙ୍କାର

ନୀଳଶୈଳର ନିଃସଙ୍ଗ ନାୟକ ଆଖି ବୁଜିଲେ ନରସିଂହପୁରରେ ସଂପୂର୍ଣ୍ଣ ନିଃସ୍ୱ ହୋଇ ।

ନା ରାଜ୍ୟ ଥିଲା, ନା ସିଂହାସନ ।

ପାଖରେ ନା ପାତ୍ର-ମନ୍ତ୍ରୀ ଥିଲେ, ନା ପତ୍ନୀ କି ପ୍ରେମିକା ।

କେହିବି ତ ନଥିଲେ, ଯାହାଙ୍କ ସାମ୍ନାରେ ସେ ସଂଖୋଳି ପାରିଥାନ୍ତେ ତାଙ୍କ ସ୍ମୃତି, ଘଟଣା-ଦୁର୍ଘଟଣା ବିଜଡ଼ିତ ତାଙ୍କ ଜୀବନର ଅଜସ୍ର କାହାଣୀ ।

ଜୀବନର ଶେଷଦିନମାନଙ୍କରେ ରାମଚନ୍ଦ୍ର ଦେବ ପଛକୁ ଯେତେ ଫେରି ଚାହୁଁଥିଲେ, ତାଙ୍କୁ ସବୁକିଛି ଧୂଆଁଳିଆ ଦିଶୁଥିଲା ।

ସତେ ଅବା ଗୋଟେ ନପାହୁଥିବା ରାତିର ସବା ଶେଷ ପ୍ରହରରେ ଦେଖିଥିବା ସ୍ୱପ୍ନର ସେ ଥିଲେ ଅବାଂଛିତ ନାୟକ ।


ସତରେ କ'ଣ ସେ ସବୁ ଘଟିଗଲା, ଯାହାକୁ ସେ ଏତେ ନିବିଡ଼ ହୋଇ ଦେଖିଲେ ଓ ଭୋଗିଲେ । ନା ସବୁ କିଛି ଥିଲା ଗୋଟେ ଲମ୍ବା କାଳରାତ୍ରିର ଦୁଃସ୍ୱପ୍ନ ! ମୁଣ୍ଡ ଗୋଳମାଳିଆ ଧରେ । ଯେତେ ମନେ ପକେଇବାକୁ ଚେଷ୍ଟା କଲେ କିଛି ବି ମନେ ପଡ଼େନି । ତକି ଖାଁର ଆକ୍ରମଣ, ଯୁଦ୍ଧରେ ବିଶ୍ୱାସଘାତକତା ଓ ପରାଜୟ, ବାରବାଟୀ ଦୁର୍ଗରେ ବନ୍ଦୀ ଜୀବନ, ଧର୍ମ ପରିବର୍ତ୍ତନ ଓ ରିଜିଆ ବେଗମ୍ଙ୍କୁ ବିବାହ, ବିଦ୍ରୋହ ଓ ମହାପ୍ରଭୁଙ୍କୁ ରାତାରାତି ନେଇ ପାତାଳି କରିବା ଏବଂ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂରତିଙ୍କୁ ପୁନଃସ୍ଥାପିତ କରିବା- ଏଇସବୁ କ'ଣ ଘଟିଗଲା ଏଇ କିଛି ବର୍ଷ ଭିତରେ । ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ କୁଆଡୁ ଆସିଲା ଏତେ ସାମର୍ଥ୍ୟ ତାଙ୍କ ଭିତରେ ଯେ ହାତଗଣତି କିଛି ସେବକ ଓ ପାଇକଙ୍କ ବଳରେ ସେ ପରାକ୍ରମଶାଳୀ ମୋଗଲ ସାମ୍ରାଜ୍ୟ ଆଖିରେ ଧୂଳି ଦେଇ ମହାପ୍ରଭୁଙ୍କୁ ଲୁଚେଇ ରଖି ପାରିଲେ ଏତେଦିନ ! ସବୁ କିଛି ସେଇ କାଳିଆ ଠାକୁରର ଲୀଳା, ସେ ନ ଚାହିଁଥିଲେ କ'ଣ, ଏ ସବୁ ସମ୍ଭବ ହୋଇଥାଏ । ସେ ହିଁ ଜଗତ ନିୟନ୍ତା । ସେ ହିଁ ଏ ମହାନାଟକର ମହାନାୟକ ।

ମହାପ୍ରଭୁ ଶ୍ରୀମନ୍ଦିରରେ ସୁରକ୍ଷିତ, ତେଣିକି ସିଂହାସନରେ ଯିଏ ବସୁ, ପରବାଏ ନାହିଁ । ବହୁତ ଭୋଗିଲେ, କ୍ଷମତା, ଏଣିକି ବିଦାୟ ନେବାର ବେଳା । ରାମଚନ୍ଦ୍ରଙ୍କ ଅଜାଣତରେ ତାଙ୍କ ଆଖିରୁ ଲୁହ ବୋହିବାରେ ଲାଗିଥିଲା ଅବିରତ । ଏ ଲୁହ ଅହଙ୍କାରର ନୁହେଁ, ସମର୍ପଣର । ମୁକ୍ତି ପାଇବା ପାଇଁ ଆକୁଳ ପ୍ରାର୍ଥନାର । ଏମିତି ଅତୀତର କଥା ଭାଳୁଭାଳୁ ଲୁହ ଗଡ଼ଉ ଗଡ଼ଉ, କେତେବେଳେ ଯେ ରାମଚନ୍ଦ୍ରଙ୍କ ଆଖି ମୁଦି ହୋଇ ଯାଇଛି, ସେ ନିଜେ ବି ଜାଣି ପାରି ନାହାନ୍ତି । ଏ ଥିଲା ଶେଷ ନିଦ୍ରା । ନରସିଂହପୁରର ବୀର ମାଟିରେ ଓଡ଼ିଆ ଜାତିର ପରମ ବୀର ରାମଚନ୍ଦ୍ର ଦେବ ବିଦାୟ ନେଲେ ସବୁଦିନ ପାଇଁ ।

ଏଣେ ମୋଗଲଙ୍କ ସହାୟତାରେ ଖୋର୍ଦ୍ଧା ଗାଦିରେ ବସିଲେ ପଟିଆର ରାଜା ପଦ୍ମନାଭ ଦେବ । ପଟିଆ ଗୋଟେ ଗଡ଼ଜାତ ବି ନଥିଲା । ଭୁବନେଶ୍ୱର ଉପକଣ୍ଠରେ ଗୋଟେ ବଡ଼ ଗାଁ ମାତ୍ର । ପଦ୍ମନାଭ ଦେବଙ୍କୁ ସେ ଦୃଷ୍ଟିରୁ ରାଜା ନକହି ଜମିଦାର କହିଲେ କିଛି ଭୁଲ୍ ହେବ ନାହିଁ । ଜମିଦାର ହେଲେ ମଧ୍ୟ କଟକ ଦରବାରରେ ତାଙ୍କ ଯାଆସ ଲାଗି ରହିଥିଲା ନିୟମିତ । ଯାଉଣୁ ଆସୁଣୁ ସେ କଟକ ଯାଉଥିଲେ । ନାଏବ ନାଜିମ୍ଙ୍କ ଆଗରେ କୁର୍ଣ୍ଣିସ କରି ଭେଟି ଚଢ଼େଇବା ପାଇଁ । ତେଲନୋଳା କଥା ଓ ମାଗଣା ଭେଟି କାହାକୁ ବା ଭଲ ନ ଲାଗେ । ଆଉ ଭୁରି ଭୁରି ପ୍ରଶଂସା କରିବାରେ ପଦ୍ମନାଭଙ୍କ ସରି ଆଉ କେହି ନଥିଲେ । ଚିକ୍କଣ କଥା, ଠଣ ଠଣ ସୁନା ମୋହର ଓ ଜରିଦାର ପଶମ କନା ଜରିଆରେ ପଦ୍ମନାଭ ମୋଗଲ ଦରବାରର ପ୍ରିୟପାତ୍ର ବନି ଯାଇଥିଲେ । କୌଣସି ଗୋଟେ ଆଳରେ ଗଜପତି ବଂଶର ଉତ୍ତରାଧିକାରୀକୁ ବରଖାସ୍ତ କରି ଖୋର୍ଦ୍ଧା ସିଂହାସନରେ ପଟିଆର ପଦ୍ମନାଭ ଦେବଙ୍କୁ ବସେଇ ଶାସନ ଓ ପ୍ରଶାସନକୁ ସଂପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖିବା ଥିଲା ମୋଗଲ ନାଏବ ନାଜିମ୍ଙ୍କ ଉଦ୍ଦେଶ୍ୟ । ସେଇଥିପାଇଁ ଜଗନ୍ନାଥ ପ୍ରାଣ ରାମଚନ୍ଦ୍ର ଦେବଙ୍କୁ ଶାସନ ଗାଦିରୁ ତଡ଼ିବା ପରେ, ତାଙ୍କ ପୁତ୍ର ବୀର କେଶରୀ ଦେବଙ୍କ ସିଂହାସନରେ ନ ବସେଇ ତେଲମରା କୁଚକ୍ରି ପଦ୍ମନାଭ ଦେବଙ୍କ ମୁଣ୍ଡରେ ଗଜପତି ଶିରପା ଭିଡ଼ା ହେଲା । ପଦ୍ମନାଭଙ୍କୁ କେହି ପସନ୍ଦ କରୁନଥିଲେ । ନା ମନ୍ଦିରର ପଣ୍ଡିତ, ସେବାୟତ, ନା ରାଇଜର ଲୋକେ । ଅଧାରୁ ଅଧିକ ତ ପଦ୍ମନାଭଙ୍କୁ ଜାଣି ବି ସୁଦ୍ଧା ନଥିଲେ । ଅସରପା ଗୋଟେ ଚଢ଼େଇ, ଆଉ ପଦ୍ମନାଭ ଗୋଟେ ରାଜା ! ଧେତ୍ ।

ପଦ୍ମନାଭଙ୍କୁ ପଟିଆର ଲୋକେ ହାଡ଼େ ହାଡ଼େ ଚିହ୍ନିଥିଲେ । ସାମ୍ନାରେ ମୁଣ୍ଡ ନୁଆଁଉଥିଲେ ସିନା, ପଛରେ କାରିଆପିନ୍ଧା ଠକ ଓ ଧପ୍ପାବାଜ ବୋଲି ଯାଚ୍ଛାତା ଶୋଧୁଥିଲେ । କୂଟକପଟରେ କେତେ କେତେ ଲୋକଙ୍କ ସର୍ବସ୍ୱ ଲୁଟିଥିଲେ ପଦ୍ମନାଭ, ଇୟତ୍ତା ନାହିଁ । ପରଧନ ଖାଇ ଖାଇ ପଦ୍ମନାଭଙ୍କ ଅନ୍ତଲ ପେଟ ଓହଳି ପଡ଼ିଥିଲା ତଳକୁ । କାନକୁ କାନ ହୋଇ ପଟିଆ ରାଜାଙ୍କ କୃତି ଓ କୀର୍ତ୍ତି ସାରା ରାଇଜରେ ବ୍ୟାପି ଯାଇଥିଲା । ଲୋକେ ନିଶ୍ଚିତ ଥିଲେ ଯେ, ପଦ୍ମନାଭ ଦି-ଚାରି ବର୍ଷ ସିଂହାସନ ବସିଗଲେ, ପୁରା ରାଇଜଟାକୁ ସମର୍ପି ଦେବେ ମୋଗଲଙ୍କ ପାଦ ତଳେ । ସେଥିପାଇଁ ପଦ୍ମନାଭଙ୍କୁ ଗଜପତି ଆସନରେ ବସେଇବା ବିରୁଦ୍ଧରେ ସାରା ରାଜ୍ୟରେ ଗୋଟେ ଚାପା ବିଦ୍ରୋହ ମୁଣ୍ଡ ଟେକୁଥିଲା । କାହିଁ ବୀର ରାମଚନ୍ଦ୍ର, କାହିଁ କପଟୀ ପଦ୍ମନାଭ ?

ଏଣେ ଖୋର୍ଦ୍ଧା ସିଂହାସନର ଅସଲି ଦାବିଦାର ରାମଚନ୍ଦ୍ର ପୁତ୍ର ବୀରକିଶୋର କେତେବେଳେ ଅନୁଗୋଳ ମାଳ ତ କେତେବେଳେ ଚକାପାଦ ଜଂଗଲରେ ଘୁରି ବୁଲୁଥିଲେ ଦିଗହଜା ନକ୍ଷତ୍ରଟେ ଭଳି । ପାଖରେ ଧନ ନଥିଲା କି ସୈନ୍ୟସାମନ୍ତ ନଥିଲେ । ଜୀବନର ଏହି ଘଡ଼ିସନ୍ଧି ଅବସ୍ଥାରେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ଘୁମୁସର ରାଜା ଘନଭଂଜ । ଖୋର୍ଦ୍ଧା ରାଜ୍ୟ ଅଧିକାର କରିବା





ରାଜା ବୀରକେଶରୀ ଦେବ

ପାଇଁ ତାଙ୍କୁ ଯଥେଷ୍ଟ ସୈନ୍ୟସାମନ୍ତ ଯୋଗେଇ ଦେଇଥିଲେ । ଘୁମୁସର ରାଜାଙ୍କଠୁ ସୈନ୍ୟବଳ ସଂଗ୍ରହ କରି ବୀରକେଶରୀ ଦେବ ମାଡ଼ି ଚାଲିଲେ ତାଙ୍କ ଗନ୍ତବ୍ୟ ଖୋର୍ଦ୍ଧା ରାଜ୍ୟ ଅଭିମୁଖେ । ନୟାଗଡ଼, ଖଣ୍ଡପଡ଼ା ଆଦି ପାର ହୋଇ ବୀର କେଶରୀ ଦେବ ପ୍ରବେଶ କଲେ ଅନୁଗୋଳ ଗଡ଼ଜାତର, ଯେଉଁଠି ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିଲା । ଅନୁଗୋଳ ରାଜ୍ୟ ମଧ୍ୟ ବୀରକେଶରୀଙ୍କୁ ସୈନ୍ୟ ସାହାଯ୍ୟ ଯୋଗେଇ ଦେଲେ । ଖୋର୍ଦ୍ଧା ଆକ୍ରମଣ କରିବା ଠିକ୍ ପୂର୍ବରୁ ବଡ଼ମ୍ବା ସୀମା ବୈଦ୍ୟେଶ୍ୱରଠି ଓଡ଼ିଶାର ନାଏବ୍ ନାଜିମ୍ ମୁର୍ସିଦ୍ କୁଲି ଖାଁ ବୀର କିଶୋରଙ୍କୁ ଟିକା ଶିରୋପାରେ ବିଭୂଷିତ କରି ଖୋର୍ଦ୍ଧା ସିଂହାସନ ଉପରେ ଥିବା ତାଙ୍କ ଦାବିକୁ ସ୍ୱୀକୃତି ଦେଲେ । ମାଦଳା ପାଞ୍ଜିରେ ଏ ସମ୍ପର୍କରେ ଲେଖା ଅଛି ।

"ଅନୁଗୁଳ ସୀମା ରାଣୀଭୂଇଁରେ ଏ ବୀରକିଶୋର ଦେବେ ମହାରାଜଙ୍କ ୪ଅଙ୍କ ଋଷଭ ୧ ଦିନକେ ନବାବ ମୁସସ୍ତ କୁଲି ଖାଁ ଠାରୁ ମୁଖରସ ଅଲିଖାଁ ବଡ଼ମ୍ବା ସୀମା ବୈଦ୍ୟଶ୍ୱର ଠାରେ ଟୀକା ଶିରୋପା ଦେଇ ଖୁରୁଧା ଶ୍ରୀନଗର ବିଜେ କରାଇଲେ । ପଟିଆ ପଦ୍ମନାଭ ଦେବେ ପଳାଇ ପଟିଆରେ ରହିଲେ । ଏ ପଦ୍ମନାଭ ଦେବ ଭୋଗ କଲେ ୩ ବର୍ଷ ।"

ଗଜପତି ଆସନରେ ବସିବା ପରେ ବୀର କେଶରୀ ଦେବ ଘୁମୁସର ରାଜା ଘନ ଭଂଜଙ୍କୁ ତାଙ୍କ ସାହାଯ୍ୟର ପ୍ରତିଦାନ ସ୍ୱରୂପ 'କ୍ଷତ୍ରିୟବର' ପଦବୀରେ ମଣ୍ଡିତ କରିଥିଲେ । ଏଥିରେ ଲେଣଦେଣ ନଥିଲା, ଥିଲା ନିଃସର୍ତ୍ତ ବନ୍ଧୁତାର ଅପୂର୍ବ ନିଦର୍ଶନ । ଏହାକୁ ସ୍ମରଣୀୟ କରି ରଖିବା ପାଇଁ ଘନ ଭଂଜ କ୍ଷତ୍ରିୟବରପୁର ନାମରେ ଗୋଟିଏ ବ୍ରାହ୍ମଣ ଶାସନ ଦାନ କରିଥିଲେ । ସେ ଶାସନ ଗାଁ ଆଜି ବି ଅଛି । ଦାନହୀନ, ନିଃସ୍ୱ, ସିଂହାସନଚ୍ୟୁତ ହେଲେ ମଧ୍ୟ ଖୋର୍ଦ୍ଧା ଗଜପତିଙ୍କୁ ଓଡ଼ିଶାର କୋଣ ଅନୁକୋଣରେ ସମ୍ମାନ ମିଳୁଥିଲା; ଅଯାଚିତ ଆଶ୍ରୟ ମଧ୍ୟ ମିଳି ଯାଉଥିଲା । ଏ ସମ୍ମାନ ଗଜପତି ହେବା କାରଣରୁ ଯେତିକି ମିଳୁଥିଲା, ତତୋଧିକ ମିଳୁଥିଲା କାଳିଆ ସାଆନ୍ତର ପ୍ରତିନିଧି ହେବା କାରଣରୁ ।

ଏଣିକି ବୀରକେଶରୀ ଦେବ ଖୋର୍ଦ୍ଧା ସିଂହାସନରେ ବସିଲେ । ଖଣ୍ଡାଶାଳ ଶ୍ରୀମନ୍ଦିରେ ମହାପ୍ରଭୁ ବିରାଜୁଥିଲେ । ସତେ ଅବା ମୋଗଲ ଓ ଖୋର୍ଦ୍ଧା ଗଜପତିଙ୍କ ମଧ୍ୟରେ ଏକ ଅଲିଖିତ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ନା ମୋଗଲ ଶ୍ରୀମନ୍ଦିର ବ୍ୟାପାରରେ ମୁଣ୍ଡ ଖେଳେଇବେ, ନା ଖୋର୍ଦ୍ଧା ମୋଗଲ ବିରୋଧରେ ବିଦ୍ରୋହ କରିବ । ଗାଦିରେ ବସିବା ପରେ ବୀରକେଶରୀ ଚାରିବର୍ଷର ମାହାସୁଲ ବାବଦକୁ ଅଠର ଲକ୍ଷ ଟଙ୍କା ମୁର୍ସିଦ କୁଲି ଖାଁଙ୍କ ପାଖକୁ ପଠେଇଥିଲେ ।

ତେଣେ ବଙ୍ଗର ମୋଗଲ ଦରବାରରେ ଚକ୍ରାନ୍ତ ଓ ଷଡ଼ଯନ୍ତ୍ରର ନୂଆ ନୂଆ ପର୍ବ ସଂଘଟିତ ହେବାରେ ଲାଗିଥିଲା । କ୍ଷମତା ଓ ସିଂହାସନ ପାଇଁ ପୁଣିଥରେ ରକ୍ତର ହୋରି ଖେଳ ଆରମ୍ଭ ହୋଇଯାଇଥିଲା । ୧୭୩୯ରେ ନାଜିମ୍ ସୁଜାଉଦ୍ଦିନଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ସରଫରାଜ ଖାଁ ବଂଗ, ବିହାର ଓ ଓଡ଼ିଶାର ନାଏବ ନାଜିମ୍ ହେଲେ । ଶାସନ ସମ୍ଭାଳିବାର ସାମର୍ଥ୍ୟ ତାଙ୍କର ନଥିଲା । ଶତ୍ରୁ ପକ୍ଷଙ୍କୁ ପ୍ରତିହତ କରିବାର ପରାକ୍ରମ ବି ନଥିଲା । ପିତାଙ୍କ ମୃତ୍ୟୁ ପରେ



ନବାବ୍ ଆଲିବର୍ଦ୍ଦି ଖାଁ

ଅଚାନକ ତାଙ୍କୁ କ୍ଷମତା ମିଳିଗଲା, ଯାହାର ବୋଝ ମୁଣ୍ଡେଇବାକୁ ସେ ଆଦୌ ପ୍ରସ୍ତୁତ ନଥିଲେ । ତାଙ୍କ ଦୁର୍ବଳତାର ସୁଯୋଗ ନେଇ ଏକଦା ବିଶ୍ୱସ୍ତ କର୍ମଚାରୀ ଥିବା ଆଲିବର୍ଦ୍ଦି ଖାଁ ଷଡ଼ଯନ୍ତ୍ରର ବ୍ୟୁହ ରଚନା କଲେ । ସରଫରାଜଙ୍କୁ ହତ୍ୟା କରାଗଲା ଏବଂ ବଙ୍ଗର ନବାବ ପଦ ଅକ୍ତିଆର କଲେ ଆଲିବର୍ଦ୍ଦି ଖାଁ । ମାତ୍ର ବର୍ଷକ ଭିତରେ ବଙ୍ଗ ଦରବାରରେ ଏଭଳି ପଟ୍ଟ ପରିବର୍ତ୍ତନ ଘଟିଲା ଯାହାକି ପୂର୍ବ ଭାରତରେ ମୋଗଲ ଆଧିପତ୍ୟ ପାଇଁ ପତନର କାରଣ ହୋଇଥିଲା । ବଙ୍ଗ ନବାବ ଗାଦି ଦାଖଲ କରିବା ପରେ ଆଲିବର୍ଦ୍ଦି ଓଡ଼ିଶାର ନାଏବ ନାଜିମ୍ ପଦରେ ନିଜ ପୁତୁରା ସୟିଦ୍ ଅହମ୍ମଦଙ୍କୁ ନିଯୁକ୍ତି ଦେଲେ । ହେଲେ, ମୃତ ସରଫରାଜଙ୍କ ଭିଣୋଇ ଏବଂ ନିଜ ଚତୁର ଗୋଟି ଚାଳନା ବଳରେ ଖୋର୍ଦ୍ଧା ଗଜପତିଙ୍କ ବିଶ୍ୱାସ ହାସଲ କରିଥିବା ମୁର୍ସିଦ୍ କୁଲି ଖାଁ ଆଲିବର୍ଦ୍ଦିଙ୍କ ବଶ୍ୟତା ସ୍ୱୀକାର କରିବାକୁ ପ୍ରସ୍ତୁତ ନଥିଲେ । ସେ ବିଦ୍ରୋହ ଘୋଷଣା କଲେ । ଏ ବିଦ୍ରୋହ ପଛରେ ଖୋର୍ଦ୍ଧା, ଗଜପତି ବୀର କେଶରୀଙ୍କ ପ୍ରଚ୍ଛନ୍ନ ସମର୍ଥନ ରହିଥିଲା । ବିଦ୍ରୋହକୁ ଦମନ କରିବା ପାଇଁ ଆଲିବର୍ଦ୍ଦି ଓଡ଼ିଶା ଅଭିଯାନ ଆରମ୍ଭ କଲେ । ମୟୂରଭଂଜ ସୀମାରେ ବୁଢ଼ାବଳଙ୍ଗ ନିକଟର ଫୁଲୱାରି ଘାଟିରେ ଆଲିବର୍ଦ୍ଦି ଓ ମୁର୍ସିଦ୍ କୁଲିଙ୍କ ସେନା ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା । କୁଟ କପଟ ବିଦ୍ୟାରେ ସିଦ୍ଧହସ୍ତ ଆଲିବର୍ଦ୍ଦି ମୁର୍ସିଦଙ୍କ ବଛା ବାଛ ସେନାପତିଙ୍କୁ ଲାଂଚ ଦେଇ କରାୟତ୍ତ କରି ନେଇଥିଲେ । ତେଣିକି ମୁର୍ସିଦଙ୍କୁ ପରାଜୟ ଭୋଗିବାକୁ ପଡ଼ିଲା କ୍ଷମତାନ୍ଧ ଆଲିବର୍ଦ୍ଦି ହାତରେ । ପରାଜୟ ଘଟିଲା ସିନା, ପ୍ରାଣ ରହିଗଲା । ମହାପ୍ରଭୁଙ୍କୁ ଶ୍ରୀ ମନ୍ଦିରରେ ପୁନଃସ୍ଥାପିତ କରିବାରେ ସାହାଯ୍ୟ କରିଥିବା ମୁର୍ସିଦଙ୍କ ପ୍ରତି ଶ୍ରଦ୍ଧା ଓ ଭଲ ପାଇବା ଥିଲା କତିପୟ ଓଡ଼ିଆଙ୍କର । ସେମାନଙ୍କ ସାହାଯ୍ୟରେ କୌଣସି ମତେ ପ୍ରାଣରକ୍ଷା କରି ବାଣେଶ୍ୱର ବନ୍ଦରରୁ ଜାହାଜ ଚଢ଼ି ମୁର୍ସିଦ ପଳେଇଲେ ମୁସଲିପଟ୍ଟମ୍ ।

ମୁର୍ସିଦ କୁଲି ଖାଁଙ୍କ ଏହି ଘୋର ଦୁର୍ଦ୍ଦିନ ସମୟରେ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ବନ୍ଧୁ ଗଜପତି ବୀରକେଶରୀ ଦେବ । ମୁର୍ସିଦଙ୍କ ରାଣୀ ହୁରଦନ ବେଗମ୍, ଝିଅ ୟାହା ଖାନ୍ ଓ ଅନ୍ତଃପୁରର କିଛି ବିଶ୍ୱସ୍ତ ଦାସ-ଦାସୀଙ୍କୁ ବୀରକେଶରୀଙ୍କ ସେନାପତି ମୁରାଦ ଖାଁ ବାରବାଟୀ ଦୁର୍ଗରୁ ନିରାପଦରେ ନେଇ ଗଂଜାମର ଇଚ୍ଛାପୁରରେ ପହଞ୍ଚାଇ ଦେଇଥିଲେ । ଇଚ୍ଛାପୁରରୁ ସେମାନେ ମୁସ୍‌ଲିପଟ୍ଟମ୍ ଯାଇ ମୁର୍ସିଦଙ୍କ ସହ ମିଳିତ ହୋଇଥିଲେ । ଯଦିଓ ବୀରକେଶରୀ ଜାଣିଥିଲେ ଯେ, ମୁର୍ସିଦଙ୍କୁ ସାହାଯ୍ୟ କରିବା କାରଣରୁ ସେ ଆଲିବର୍ଦ୍ଦିଙ୍କ ରୋଷର ଶୀକାର ହେବେ, ତେବେ ବି ବିପଦରେ ବନ୍ଧୁର ହାତ ଛାଡ଼ି ଦେବା ଭଳି କୃତଘ୍ନ ସେ ନଥିଲେ । ତାଙ୍କ ଦେହରେ ପ୍ରବାହିତ ହେଉଥିଲା ବୀର ଗଜପତିଙ୍କ ରକ୍ତ ।

ମୋଗଲଙ୍କ ପରସ୍ପର ଭିତରେ ଗୋଳ ଥମୁ ନଥିଲା । ଏହି ଗୋଳ ହିଁ ତାଙ୍କ ପାରମ୍ପରିକ ଶତ୍ରୁ ମରହଟ୍ଟାଙ୍କ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଥିଲା ଓଡ଼ିଶାରେ ମୋଗଲଙ୍କ ଦିନକାଳ ସରି ସରି ଆସୁଥିଲା ।

# ବର୍ଷାଦିନିଆ ପରିଧାନ



# ବର୍ଷାଦିନିଆ ପରିଧାନ


## ସ୍ୱାଗତିକା ସେଠୀ

କେଶରୀ ଏନ୍‌କ୍ଲେଭ୍, ଏ-୧୦୫
ୟୁନିଟ-୮, ନୂଆପଲ୍ଲୀ, ଭୁବନେଶ୍ୱର-୧୨
ଫୋନ୍:୯୪୩୭୮୧୫୫୪୦




ହାତରେ ବାମ୍ଫ ଉଠା ଚା' କପ୍ ସାଙ୍ଗକୁ ଗରମା ଗରମ ପକୁଡି । ଝରକା ବାହାରେ ରିମ୍‌ଝିମ୍ ବର୍ଷା, ସେଥିରେ ପୁଣି ମନକୁ ଆସିଯାଏ କବିର କାଳଜୟୀ ସୃଷ୍ଟି । କବିର ବର୍ଷା ଋତୁ ବର୍ଣ୍ଣନା ଆମକୁ ସ୍ୱପ୍ନ ରାଇଜକୁ ଉଡାଇ ନିଏ । ଆଖି ଦେଖି ପାରୁନଥିବା ପରିବେଶରେ ଆମକୁ ଭିଜାଏ, ଭସାଏ । ବାଃ ! ହେଲେ ବାସ୍ତବର ତେଲଲୁଣ ଦୈନନ୍ଦିନ ଜୀବନକୁ ଫେରି ଆସିଲା ବେଳକୁ ତୁଟିଯାଏ କାବ୍ୟିକ ମୋହ । ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ । ଯେପରିକି କାଦୁଅ ପଚପଚ ରାସ୍ତାଘାଟ, ସନ୍ତସନ୍ତିଆ ପରିବେଶ ଆଉ ଏସବୁ ସହିତ ଆମ ଓଡିଶାର ଆର୍ଦ୍ରତା (ହ୍ୟୁମିଡିଟି) ।

ଓଡିଶାର ଭୌଗୋଳିକ ସ୍ଥିତି ଅନୁସାରେ ଏହା ଗ୍ରୀଷ୍ମପ୍ରଧାନ ଓ ବର୍ଷାଦିନରେ ଆର୍ଦ୍ରତା ଏଠାରେ ଖୁବ୍ ଅଧିକ । ତେଣୁ ସମସ୍ତଙ୍କ ପାଇଁ କପାବସ୍ତ୍ର ପିନ୍ଧିବା ଆରାମଦାୟକ ହୋଇଥାଏ । ହେଲେ ବର୍ଷାଦିନରେ ବାହାରକୁ ଯିବା ମାନେ କିଛି ପରିମାଣରେ ଲୁଗାପଟା ଓଦା ହେବା ଥୟ । ସେଇଥିରେ ପୁଣି ଓଦା ଲୁଗାପଟା ଠିକ୍‌ରେ ନ ଶୁଖିବା ଖୁବ୍ ଅସହଜ କରିଥାଏ । ତେଣୁ ମନରେ ପ୍ରଶ୍ନ ଆସେ କେଉଁ ପ୍ରକାର ପୋଷାକ ପିନ୍ଧାଯିବା କଥା ।

କପାବସ୍ତ୍ର ଓ ଲିନେନ୍ ପିନ୍ଧିବାକୁ ଆରାମଦାୟକ ହୋଇଥିବା ସ୍ଥଳେ ବର୍ଷାଦିନରେ ଏହା ଶିଘ୍ର ଶୁଖି ନଥାଏ । ତେଣୁ ଆମେ ପୋଷାକ ପିନ୍ଧିଲା ବେଳେ ସହଜରେ ଶୁଖି ଯାଉଥିବା କପଡା ବ୍ୟବହାର କରିବା ଉଚିତ, ଯେପରିକି ପଲିକଟନ୍, ଜର୍‌ଜେଟ୍, ନାଇଲନ୍, ସିଫନ୍, ପଲିଷ୍ଟର୍ ଆଦି । ଝିଅମାନେ ପାଶ୍ଚାତ୍ୟ ପୋଷାକ ପିନ୍ଧୁଥିଲେ ପୋଷାକ ଅପେକ୍ଷାକୃତ କମ୍ ଓଦା ହୋଇଥାଏ । ହେଲେ ଜଣେ ଯଦି ପାରମ୍ପରିକ ପୋଷାକ ପିନ୍ଧିବାକୁ ଚାହିଁବ, ତେବେ ନିମ୍ନଲିଖିତ କେତୋଟି କଥା ମନରେ ରଖିବାକୁ ହେବ ।



ବାହାରକୁ ଗଲାବେଳେ ରାସ୍ତାଘାଟର ପାଣି ହେଉ ବା ଚାଲିକି ଗଲା ବେଳେ ନିଜ ଚପଲ୍‌ର ପାଣି ଛିଟିକା ଅବା ଗାଡିମଟରର ପାଣିକାଦୁଅ ଛିଟିକା, କିଛିନାକିଛି ପ୍ରକାରରେ ଆମ ପୋଷାକ କାଦୁଅ ହୋଇଥାଏ । କୁର୍ତ୍ତା ପିନ୍ଧୁଥିଲେ ଧ୍ୟାନ ଦେବାକୁ ହେବ ଯେପରି ତାହା ଅଧିକ ଘେର ହୋଇ ନଥିବ । ଅଧିକ ଘେର ଥିବା କୁର୍ତ୍ତା ସହଜରେ ଶୁଖି ନଥାଏ । ଫିଟେଡ୍ କୁର୍ତ୍ତା ଓ ସର୍ଟ କୁର୍ତ୍ତା ପିନ୍ଧିଲେ ମଧ୍ୟ ଜଣେ ଆକର୍ଷଣୀୟ ଦେଖା ଯିବ । ସରାରା, ସାଲୁଆର୍,ପଟିଆଲା, ପଲାଜୋ, ଲଙ୍ଗ୍ ସ୍କଟ୍ ଆଦି ନ ପିନ୍ଧି ଚୁଡିଦାର୍, ଲେଗିଙ୍ଗ୍‌ସ୍, ଜେଗିଙ୍ଗ୍, ଜିନ୍ସ, ଫିଟେଡ୍ ସ୍କଟ୍, ଏ ଲାଇନ୍ ସ୍କଟ୍ ଆଦି ସହ କୁର୍ତ୍ତା କିମ୍ବା ଟପ୍ ମ୍ୟାଚ୍ କରି ପିନ୍ଧିଲେ ଖୁବ୍ ସୁନ୍ଦର ଲାଗିବ । କାରଣ ରାସ୍ତାରେ ଚାଲିଲା ବେଳେ ଏହା କମ୍ କାଦୁଅ ହୋଇଥାଏ ।



ବର୍ଷାଦିନରେ ଓଢଣି ବ୍ୟବାହାର ନ କରି ତା' ବଦଳରେ ସ୍କାର୍ଫ କିମ୍ବା ଷ୍ଟୋଲ୍ ବ୍ୟବହାର କରିବା ଭଲ । ଓଢଣି କେବେ କେବେ ରାସ୍ତାରେ ଘୋଷାରି ହୋଇ ମାଟି ହେବାର ସମ୍ଭାବନା ଅଧିକ ଥାଏ । ଝିପ୍‌ଝିପ୍ ବର୍ଷାରେ ଓଢଣି ପରି ସ୍କାର୍ଫ ଓ ଷ୍ଟୋଲ୍ ମୁଣ୍ଡକୁ ରକ୍ଷା ମଧ୍ୟ କରିଥାଏ । ବର୍ଷା ଦିନେ ଅଧିକ ଢିଲା ପୋଷାକ ପିନ୍ଧିବା ଅନୁଚିତ୍ । କାରଣ ଏହା ଓଦା ହୋଇଗଲେ ଦେହରେ ଗୁଡାଇ ହୋଇ ଖୁବ୍ ଅସହଜ ମନେ ହୁଏ । ତେଣୁ ଠିକ୍ ଫିଟିଙ୍ଗ୍‌ର କୁର୍ତ୍ତା ପିନ୍ଧିବା ଉଚିତ । ସବୁବେଳେ ତଳେ ଆସ୍ତରଣ ଥିବା(ଲାଇନିଙ୍ଗ୍) ଥିବା ପୋଷାକ ପିନ୍ଧିବା ଉଚିତ୍ । ଓଦା ହେଲେ ଅନ୍ତର୍ବସ୍ତ୍ର ଦେଖାଯିବାର ସମ୍ଭାବନା ନଥାଏ ।

ବର୍ଷାଦିନେ ମେଘାଚ୍ଛନ୍ନ ଆକାଶକୁ ଇନ୍ଦ୍ରଧନୁ ଚମକାଇଲା ପରି ଗୋଲାପୀ, ହଳଦିଆ, କମଳା, ନୀଳ, ସବୁଜ, ବାଇଗଣୀ ପରି ଉଜ୍ଜ୍ୱଳ ରଙ୍ଗର ପରିଧାନ ପରିବେଶକୁ ସୁନ୍ଦର କରିଦିଏ । ଯଦି ଏସବୁ ଆପଣଙ୍କ ପସନ୍ଦ ରଙ୍ଗ ନୁହେଁ ତେବେ ଆପଣ କଳା ଓ ଗାଢ ରଙ୍ଗର ପୋଷାକ ମଧ୍ୟ ପିନ୍ଧି ପାରିବେ । ଏଥିରେ ପାଣି ଦାଗ ସହଜରେ ଜଣା ପଡେ ନାହିଁ । ଏହି ସମୟରେ ଧଳା, ଅଫ୍ ହ୍ୱାଇଟ୍, ବେଜ୍ ପରି ରଙ୍ଗ ନ ପିନ୍ଧିବା ଉଚିତ୍ । କାରଣ ଏଥିରେ ଦାଗ ଖୁବ୍ ଶିଘ୍ର ଜଣାପଡେ ଓ ସହଜରେ ଦାଗ ଯାଏନି ମଧ୍ୟ ।



ଏହି ଋତୁରେ ଗୋଟିଏ ରଙ୍ଗ କପଡାର ପୋଷାକ ନ ପିନ୍ଧି ବିଭିନ୍ନ ପ୍ରିଣ୍ଟ୍ ଯଥା: ଜଙ୍ଗଲ୍ ପ୍ରିଣ୍ଟ୍, ଫୁଲଫଳ କିମ୍ବା ଆବ୍‌ଷ୍ଟ୍ରାକ୍ଟ ଆଦି ପ୍ରିଣ୍ଟ୍ ଥିବା କପଡାର ପୋଷାକ ପିନ୍ଧିଲେ ଏଥିରେ ସହଜରେ ପାଣି ବା କାଦୁଅ ଛିଟା ଜଣା ପଡେନାହିଁ । ଯେଉଁମାନେ ଶାଢି ପିନ୍ଧିବାକୁ ଭଲ ପା'ନ୍ତି ସେମାନେ ବର୍ଷାଦିନେ ପ୍ରିଣ୍ଟେଡ୍ ସିଫନ୍, ଜର୍ଜେଟ୍ ଆଦି ଶାଢି ମଧ୍ୟ ବ୍ୟବହାର କରି ପାରିବେ । ଏହି ସମୟରେ ଅଧିକ ଏମ୍ବ୍ରୋଡରୀ ଓ ଜରି ଥିବା ପୋଷାକ ବା ଶାଢି ନ ପିନ୍ଧିବା ଉଚିତ୍ । କାରଣ ଏମ୍ବ୍ରୋଡରୀ ଓ ଜରିରେ କାଦୁଅ ପଶିଗଲେ ତାହା ସହଜରେ ବାହାରେ ନାହିଁ ଓ ସେଗୁଡ଼ିକ ନଷ୍ଟ ହୋଇଯାଏ ।

ବର୍ଷାଦିନରେ ଗର୍ଜିଅସ୍ ଦିଶିବା ପାଇଁ ଲମ୍ବା କି ଘେରବାଲା ପୋଷାକ ପିନ୍ଧିବାରେ ହୁଏତ ଅସୁବିଧା ଥାଇପାରେ । ସେଇଥି ପାଇଁ ଏ ସମୟରେ ପୋଷାକ ପରିବର୍ତ୍ତେ ଆକ୍ସେସୋରୀ ଉପରେ ଧ୍ୟାନ ଦେବା ଉଚିତ୍ । ନିଜ ମୁହଁକୁ ମାନିଲା ପରି ବଡ କିମ୍ବା ଲମ୍ବା କାନଫୁଲ ପିନ୍ଧିଲେ ଭଲ ଦିଶେ । ବେକରେ ଯଦି କିଛି ଭାରି ହାର ପିନ୍ଧୁଛନ୍ତି ତେବେ କାନରେ କିଛି ଛୋଟ ପିନ୍ଧନ୍ତୁ । ଅଫିସ୍ ଯାଉଥିବା କିମ୍ବା ପାଣିକୁ ବେଶି ଏକ୍ସପୋଜ୍ ହେଉଥିବା ଲୋକ ପ୍ଲାଷ୍ଟିକ୍ କିମ୍ବା ରବର୍‌ର ଘଣ୍ଟା ଓ ଆକ୍ସେସୋରୀ ପିନ୍ଧି ପାରିବେ । ଏଗୁଡିକ ମଧ୍ୟ ସମାନ ଭାବରେ ମନଲୋଭା । ବାହାରକୁ ଗଲାବେଳେ ୱାଟର୍‌ପ୍ରୁଫ୍ କାଜଲ୍, ଆଇଲାଇନର୍ ଓ ମସ୍କରା ବ୍ୟବହାର କରିବା ଉଚିତ୍ ଯାହାକି ପାଣିରେ ବୋହି ଯାଇ ନଥାଏ ।



ବାହାକୁ ଗଲାବେଳେ ଚମଡାର ବ୍ୟାଗ୍ ଓ ପର୍ସ ବ୍ୟବହାର ନକରିବା ଭଲ । କାରଣ ଚମଡା ଓଦା ହୋଇଗଲେ ସହଜରେ ଶୁଖେନି ଓ ଏକ ଦୁର୍ଗନ୍ଧ ବାହାରିଥାଏ । ତା' ବଦଳରେ କପଡା, ପ୍ଲାଷ୍ଟିକ୍, ରେକ୍ସିନ୍‌ର ବ୍ୟାଗ୍ ଓ ପର୍ସ ବ୍ୟବହାର କରନ୍ତୁ । ସେହିପରି ଚମଡା ଚପଲ୍ ଓ ଜୋତା ବଦଳରେ ପ୍ଲାଷ୍ଟିକ୍, ରେକ୍ସିନ୍ ଆଦିର ଚପଲ୍ ଜୋତା, ଯାହାକି ପାଦକୁ ବର୍ଷାରୁ ସଠିକ୍ ସୁରକ୍ଷା ଦେଉଥିବ, ପିନ୍ଧିବା ଉଚିତ୍ । ବର୍ଷାଋତୁରେ ଦିନବେଳା ବାହାରେ ଖରା ନଥିଲେ ମଧ୍ୟ ସନ୍‌ସ୍କ୍ରିନ୍‌ର ବ୍ୟବହାର କରିବା ଉଚିତ୍ ।

ଏମିତି କିଛି କିଛି ଛୋଟମୋଟ ଜିନିଷର ଧ୍ୟାନ ରଖିଲେ ଆମେ ନିଜକୁ ବର୍ଷା ଦିନରେ ମଧ୍ୟ ସୁସ୍ଥ ସୁନ୍ଦର ରଖି ପାରିବା ।



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୧୨

# ପୁରୁଷଙ୍କ ଉପରେ ଘରୋଇ ହିଂସା ହେଲେ କ'ଣ କରିବେ ?




**ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫


ଆମ ସମାଜରେ ଅଧିକାଂଶ ସ୍ଥଳେ ଦେଖିବାକୁ ମିଳୁଛି ପୁରୁଷଙ୍କ ଉପରେ ମଧ୍ୟ ଘରୋଇ ହିଂସା ହେଉଛି । ସେମାନେ ମଧ୍ୟ ଅତ୍ୟାଚାରିତ ହେଉଛନ୍ତି । ତେବେ ଏପରି କ୍ଷେତ୍ରରେ ସେମାନେ କ'ଣ କରିବେ ? ସେମାନଙ୍କ ପାଖରେ ଆଇନର କି ବିକଳ୍ପ ବ୍ୟବସ୍ଥା ରହିଛି ଆସନ୍ତୁ ଜାଣିବା ।

ଆମ ସମାଜରେ ମହିଳାଙ୍କ ଉପରେ ଯେପରି ଘରୋଇ ହିଂସା ହେଉଛି ଠିକ୍ ସେପରି ପୁରୁଷଙ୍କ ଉପରେ ମଧ୍ୟ ହେଉଛି । ଏପରି ଅନେକ କେସ୍ ସାମ୍ନାକୁ ଆସିଛି । କିନ୍ତୁ ସର୍ବପ୍ରଥମ ସତ୍ୟଟି ହେଲା ଆମ ସମାଜରେ ଆଜି ବି କୌଣସି ପତ୍ନୀ ଶାରୀରିକ ସ୍ତରରେ ଏତେ ଶକ୍ତିଶାଳୀ ହୋଇ ନଥାଏ ଯେ ସେ ପୁରୁଷଙ୍କ ଉପରେ ହିଂସାତ୍ମକ ଅତ୍ୟାଚାରର ପ୍ରତିରୋଧ କରିପାରିବ । ହିଂସାର ମଧ୍ୟ ଭିନ୍ନ ଭିନ୍ନ ସ୍ୱରୂପ ରହିଛି । ସର୍ବପ୍ରଥମେ ଆମେ କାହାକୁ ପୁରୁଷଙ୍କ ଉପରେ ହେଉଥିବା ଘରୋଇ ହିଂସା ବୋଲି ମାନିବା, ଆସନ୍ତୁ ଜାଣିବା ।

- ଯଦି କୌଣସି ବ୍ୟକ୍ତି ଶ୍ୱଶୁର ଘର ତରଫରୁ କିମ୍ବା ନିଜ ପତ୍ନୀଙ୍କ ପାଖରୁ ଧମକ ଦେଉଛନ୍ତି; 'ଯଦି ତୁମେ ମୋ କଥା ନଶୁଣିବ ମୁଁ ସୁଇସାଇଡ୍ କରିନେବି' ନଚେତ୍ 'ଯଦି ତୁମେ ମୋ କଥା ନମାନିବ ମୁଁ ୪୯୮ ମୋକଦ୍ଦମାରେ ଫସାଇ ଦେବି' ଭଳି ଯଦି ଆପଣଙ୍କ ସହ ହେଉଥାଏ, ତେବେ ଏଇଟା କ୍ରିମିନାଲ ଇଣ୍ଟିମିଡେସନ୍ (Criminal Intimidation) ବା ଅପରାଧିକ ଧମକି ଅଟେ । ଏଇଥିପାଇଁ ଆପଣ ନିଜେ ପୋଲିସ୍ ଷ୍ଟେସନ୍‌କୁ ଯାଇ Camplain କରିପାରିବେ ।


ସର୍ବପ୍ରଥମେ ଏପରି ଧମକ ବିପକ୍ଷରେ ପ୍ରମାଣ ଯୋଗାଡ଼ କରନ୍ତୁ ତା'ପରେ ପ୍ରମାଣ ସହ ପୋଲିସ୍ ଷ୍ଟେସନ୍ ନିହାତି ଯାଆନ୍ତୁ ।

- ଯଦି ଆପଣଙ୍କ ସହ ମାର୍‌ପିଟ୍ ହେଉଛି ତେବେ ଆପଣ କ୍ୟାମେରା ଦ୍ୱାରା ହେଉ କିମ୍ବା ଫୋନ୍‌ରେ ରେକର୍ଡ଼ କରିନେଇ ପୋଲିସ୍‌କୁ Complain କରନ୍ତୁ । କାରଣ ଏହା ଏକ ପ୍ରକାର ଅପରାଧ । ସେ ମହିଳା ହୁଅନ୍ତୁ କି ପୁରୁଷ, ଅପରାଧ ପାଇଁ ଦଣ୍ଡ ସମସ୍ତଙ୍କର ସମାନ ।


- ତୃତୀୟରେ ଯଦି ଆପଣଙ୍କ ସହ ପତ୍ନୀଙ୍କର ବୈବାହିକ ସମ୍ବନ୍ଧ ଭଲ ନାହିଁ, ଯଥା- ଆପଣ ଦୁଇଜଣଙ୍କ ମଧ୍ୟରେ ସ୍ୱାମୀସ୍ତ୍ରୀ ସମ୍ପର୍କ ଭଲ ନାହିଁ ଏବଂ ପତ୍ନୀ ଆପଣଙ୍କ ସହ କଥା ହେଉନାହାଁନ୍ତି କିମ୍ବା ପତ୍ନୀଙ୍କ ଓଲଟାସିଧା କାମରେ ଆପଣ ଅବସାଦରେ ରହୁଛନ୍ତି, ତେବେ ଏହା ଏପରି ଏକ ମାନସିକ ଯନ୍ତ୍ରଣା ଯେଉଁଠୁ ଆପଣଙ୍କୁ ବାହାରିବାକୁ ପଡ଼ିବ ।

ଆପଣ କଥା ହୋଇ ଆପଣଙ୍କ ସମ୍ପର୍କକୁ ବଞ୍ଚାଇବାକୁ ସମସ୍ତେ ଚେଷ୍ଟା କରି ମଧ୍ୟ କିଛି ଫାଇଦା ଯଦି ହେଉନି କିମ୍ବା ପତ୍ନୀ କୌଣସି ମତେ ବଦଳୁ ନାହାଁନ୍ତି ତେବେ ଆପଣ ନିକଟସ୍ଥ ଭଲ ଓକିଲ ପରାମର୍ଶ ନେଇ ଆପଣଙ୍କ କେସ୍ ସମ୍ପର୍କରେ ଉତ୍ତମ ଭାବେ ଆଲୋଚନା କରି ଡିଭୋର୍ସ ପିଟିସନ୍ ଫାଇଲ୍ କରି ଅଲଗା ହୋଇପାରିବ ।





# କଦଳୀ କୁହୁକ



# ରୋନାଲିସାଙ୍କ ରୋଷେଇ



**ରୋନାଲିସା ପଣ୍ଡା**
ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
ଫୋନ: ୭୦୦୮୪୮୬୭୩୮

ଫଟୋ ସୌଜନ୍ୟ : ଲେଖିକା

## କଞ୍ଚାକଦଳୀ ଚୋପା ଚଟଣି



**ଆବଶ୍ୟକ ସାମଗ୍ରୀ :** ୨ଟା କଞ୍ଚା କଦଳୀର ଚୋପା, ଚଉଠ କପ୍ କଞ୍ଚା ବାଦାମ୍, ଚଉଠ କପ୍ ତେନ୍ତୁଳି ମଣ୍ଡ, ଜିରା ୨ ଚାମଚ୍, କଞ୍ଚା ଲଙ୍କା ୨ଟା, ଭୃସୁଙ୍ଗା ପତ୍ର ଚଉଠ କପ୍, ୧ ଚାମଚ୍ ତେଲ, ତଥା ଲୁଣ ଓ ଚିନି ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟେ କରେଇରେ ଟିକେ ତେଲ ଦେଇ ସେଥିରେ ଜିରା, କଦଳୀ ଚୋପା, ବାଦାମ ଓ ଭୃସୁଙ୍ଗା ପତ୍ର ଦେଇ ଭାଜନ୍ତୁ । ଟିକେ ଭାଜି ହୋଇଗଲେ ଚୁଲି ବନ୍ଦ କରି ଦିଅନ୍ତୁ । ଗ୍ରାଇଣ୍ଡରରେ ଭଜା ତକ ଦେଇ ସେଥିରେ କଞ୍ଚା ଲଙ୍କା ପକାଇ ଚଳାନ୍ତୁ । ତେନ୍ତୁଳି ମଣ୍ଡ, ଚିନି ୩ ଚାମଚ ଓ ୧/୨ ଚାମଚ୍ ଲୁଣ ପକାଇ ଭଲଭାବରେ ବାଟି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଦଳୀ ଚୋପା ଚଟଣୀ ।

## କଦଳୀ ବରା ତରକାରୀ

**ଆବଶ୍ୟକ ସାମଗ୍ରୀ :** କଞ୍ଚା କଦଳୀ ୨ଟା, ବେସନ ୬ ଚାମଚ୍, କଟା ପିଆଜ ୨ଟା, ଅଦାରସୁଣ ବଟା ୪ ଚାମଚ୍ । କଟା ଟମାଟୋ ୨ଟା, ଗରମ ମସଲା ୧ ଚାମଚ୍, ତେଜପତ୍ର ୨ଟା, ଜିରା ଗୁଣ୍ଡ ଲଙ୍କା ଗୁଣ୍ଡ ଓ ଧନିଆ ଗୁଣ୍ଡ ୧ ଚାମଚ୍ ଲେଖାଏଁ । ଲୁଣ, ହଳଦୀ ଗୁଣ୍ଡ ସ୍ୱାଦ ଅନୁସାରେ । ତେଲ ରୋଷେଇ ଓ ଛାଣୁବା ପାଇଁ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଲର୍‌ରେ କଦଳୀର ଚୋପା ଛଡ଼ାଇ ତାକୁ ସିଝାଇ ନିଅନ୍ତୁ । କଦଳୀକୁ ଚକଟି ସେଥିରେ ୫ ଚାମଚ୍ ବେସନ, ଟିକେ ହଳଦୀ, ଟିକେ ଲୁଣ, ୧ ଚାମଚ୍ ବଟା ମସଲା ଓ ଗୋଟେ କଟା ପିଆଜ ଦେଇ ଗୋଲ୍ ଗୋଲ୍ କରି ଛାଣି ରଖନ୍ତୁ । କରେଇରେ ତେଲ ଗରମ କରି ଜିରା ଫୁଟାଇ ସେଥିରେ ପ୍ରଥମେ ତେଜପତ୍ର ପିଆଜ ଦେଇ ଭାଜନ୍ତୁ । ସେଥିରେ ଲଙ୍କା, ଜିରା, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଧୀରେ ଧୀରେ ଭାଜନ୍ତୁ । ଏହାପରେ ସେଥିରେ ବଟା ମସଲା ଓ କଟା ଟମାଟୋ ପକାଇ ଭାଜନ୍ତୁ ଓ ଲୁଣ ପକାଇ ସିଝିବାକୁ ଦିଅନ୍ତୁ । ଏହାପରେ ଗୋଟେ ଚାମଚ୍ ବେସନ ଓ ମସଲା ଗୁଣ୍ଡ ପକାନ୍ତୁ । ଗୋଟେ ଗ୍ଲାସ୍ ପାଣି ପକାଇ ମସଲାକୁ ଫୁଟାଇବାକୁ ଦିଅନ୍ତୁ । ପାଣି ଫୁଟିଗଲେ, କଦଳୀ ବରା ଗୁଡ଼ିକ ସେଥିରେ ପକାଇ ୨ ମିନିଟ୍ ପରେ ଚୁଲି ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଦଳୀ ବରା ତରକାରୀ ।

## ହେଲଦି କଦଳୀ ସେକ୍

**ଆବଶ୍ୟକ ସାମଗ୍ରୀ :** ପାଚିଲା କଦଳୀ ୪ଟା, ଦହି ୧ କପ୍, ଲେମ୍ବୁ ରସ ୧ ଚାମଚ, ମହୁ ୧ ଚାମଚ, ନଡ଼ିଆ କୋରା ଓ ବର୍ଣ୍ଣଭିଟା ଗୁଣ୍ଡ ସଜେଇବା ପାଇଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ରାଇଣ୍ଡରରେ ପାଚିଲା କଦଳୀକୁ ଗ୍ରାଇଣ୍ଡ୍ କରି ପେଷ୍ଟ୍ ପ୍ରସ୍ତୁତ କରନ୍ତୁ । ସେଥିରେ ଦହି, ଲେମ୍ବୁ ରସ ଓ ମହୁ ପକାଇ ଗ୍ଲାସ୍‌ରେ ପକାନ୍ତୁ । ତା ଉପରେ ନଡ଼ିଆ ଓ ବର୍ଣ୍ଣଭିଟା ପକାଇ ସର୍ଭ କରନ୍ତୁ ହେଲ୍‌ଦି କଦଳୀ ସେକ୍ ।



## ଭାପା କଞ୍ଚା କଦଳୀ

**ଆବଶ୍ୟକ ସାମଗ୍ରୀ :** କଞ୍ଚା କଦଳୀ ୨ଟା, ଧଳା ସୋରିଷ ୪ ଚାମଚ, ଜିରା ୧ ଚାମଚ, କଞ୍ଚା ଲଙ୍କା ୪ଟା, କଳାଜିରା ୧ ଚାମଚ୍, ହଳଦୀଗୁଣ୍ଡ, ଲୁଣ ସ୍ୱାଦ ଅନୁସାରେ, ସୋରିଷ ତେଲ ରୋଷେଇ ପାଇଁ । ଦହି ୫ ଚାମଚ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଦଳୀ ଚୋପା ଛଡ଼ାଇ ସେଥିରେ ହଳଦୀ ଗୋଳାଇ ତାକୁ ଟିକେ ଦରସିଝା କରି ଛାଣି ରଖନ୍ତୁ । ଗୋଟେ ଟିଫିନ୍ ବକ୍ସରେ ସୋରିଷ, ଜିରା ବଟା, ହଳଦୀ ଗୁଣ୍ଡ, ଲୁଣ, ଦହି ଓ କଳାଜିରାକୁ ଗୋଳାନ୍ତୁ । ସେଥିରେ କଦଳୀକୁ ପକାନ୍ତୁ ଓ ୪ଚାମଚ୍ ସୋରିଷ ତେଲ ଓ କଞ୍ଚା ଲଙ୍କା ଦେଇ ଗୋଳାଇ ଦିଅନ୍ତୁ । ଗୋଟେ ବଡ଼ କରେଇରେ ପାଣି ଫୁଟାଇ ସେଇ ଟିଫିନ୍ ବକ୍ସକୁ ବନ୍ଦ କରି ତାକୁ ସେଇ କରେଇରେ ବସାଇ ଦିଅନ୍ତୁ ଓ ତାକୁ ୧୫ ମିନିଟ୍ ପାଇଁ ବାମ୍ଫରେ ଷ୍ଟିମ୍ କରନ୍ତୁ । ଥଣ୍ଡା ହୋଇଗଲେ ବକ୍ସ ଖୋଲି ଗରମ ଗରମ ସର୍ଭ କରନ୍ତୁ କଦଳୀ ଭାପା ।



# ଓଡ଼ିଆ ଘରର ରୋଷେଇ



# ସ୍ୱାତୀଦୀପାଙ୍କ ରୋଷେଇ




**ସ୍ୱାତୀଦୀପା ସ୍ୱାଇଁ**

ଅତିଥି ଅଧ୍ୟାପିକା: ଇତିହାସ ବିଭାଗ,
ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର
ଫୋନ: ୭୩୭୭୮୦୭୬୦୦

ଫଟୋ ସୌଜନ୍ୟ : ଋତୁରାଜ ଦାସ


## ସେଗଡାଲୁ



**ଆବଶ୍ୟକ ସାମଗ୍ରୀ :** ୩ କପ୍ ଚାଉଳ ଚୁନା, ୩ ଚାମଚ୍ ମୁଗ ଡାଲି, ଜୁଆଣି ୧୦ଗ୍ରାମ, ଭୃଷଙ୍ଗ ପତ୍ର ୫ଟି, ହେଙ୍ଗୁ, ଧଳାରାଶି ୨୦ଗ୍ରାମ୍, ସୁଜି ୩ ଚାମଚ, କଟା କଞ୍ଚା ଲଙ୍କା ୪ଟି, ଲୁଣ ସ୍ୱାଦ ଅନୁସାରେ, ୧ ଚାମଚ ହଳଦୀ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଡ଼ ପାତ୍ରରେ ଚାଉଳ ଚୁନା ନେଇ, ସେଥିରେ ମୁଗଡାଲି, ଜୁଆଣି, ଭୃଷଙ୍ଗ ପତ୍ର ହେଙ୍ଗୁ, ଧଳାରାଶି, ସୁଜି, କଟା କଞ୍ଚା ଲଙ୍କା, ଲୁଣ ସହ ୬ କପ୍ ପାଣି ଢାଳି ଭଲ ଭାବେ ମିଶେଇ ଦିଅନ୍ତୁ । ତା'ପରେ ଗ୍ୟାସ୍ ଅନ୍ କରି ବେଶୀ ଆଞ୍ଚ ଦେଇ ଫୁଟିବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ, । ଫୁଟିବା ଆରମ୍ଭ ହେଲେ ଆଞ୍ଚ କମେଇ ଦେଇ ଘାଟନ୍ତୁ । ନ ଘାଣ୍ଟିଲେ ଚାଉଳ ଚୁନା ସହ ମିଶିଥିବା ସାମଗ୍ରୀ କରେଇରେ ଲାଗିଯିବାର ସମ୍ଭାବନା ଅଛି । ଜନ୍ତୁଣି ବହଳିଆ ହେବାକୁ ଲାଗିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏବେ ସିଝା ଜନ୍ତୁଣିକୁ ଗୋଟିଏ ପାତ୍ରରେ କାଢ଼ି ଦେଇ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ତା'ପରେ ହାତରେ ଚକଟି ଭଲ ଭାବେ ମିଶେଇବା ପରେ ଛୋଟ ଛୋଟ ଗୁଳା କରିଦିଅନ୍ତୁ । ଗୁଳାଗୁଡ଼ିକ ରାଶି ଉପରେ ମଡ଼େଇ ଦିଅନ୍ତୁ । ହାତରେ ଅଳ୍ପ ତେଲ ଲଗେଇ ବେଲଣା ପିଢ଼ାରେ ଲମ୍ବା ଲମ୍ବା କରି ବେଲନ୍ତୁ, ତା'ପରେ ହାତରେ ଦୁଇ ପଟକୁ ବନ୍ଦ କରି ଦେଇ ଗୋଲାକାର ରୂପ ଦିଅନ୍ତୁ । କରେଇରେ ରିଫାଇନ୍ ତେଲ ଗରମ ହେଲା ପରେ ଗୁଳାଗୁଡ଼ିକ ଛାଡ଼ି ଦେଇ ହାଲ୍‌କା ହଳଦିଆ ରଙ୍ଗ ଆସିବା ପର୍ଯ୍ୟନ୍ତ ଛାଣି ନିଅନ୍ତୁ । ଏବେ ଖାଇବା ପାଇଁ ହେଇଗଲା ପ୍ରସ୍ତୁତ ଗରମ୍ ଗରମ୍ ସେଗଡାଲୁ ।

## ପୁଳିହରା

**ଆବଶ୍ୟକ ସାମଗ୍ରୀ :** ଦୁଇ କପ୍ ଅରୁଆ ଚାଉଳ, କଞ୍ଚା ବୁଟଡାଲି ୩ ଚାମଚ୍, ବିରି ଡାଲି ୧ ଚାମଚ୍, କଞ୍ଚା ବାଦାମ୍ ୧୦ଟି, କାଜୁ ୧୦ଟି, ସୋରିଷ ୧ ଚାମଚ୍, କଞ୍ଚା ଲଙ୍କା ୩ଟି, ଶୁଖିଲା ଲଙ୍କା ୩ଟି, ତେନ୍ତୁଳି ରସ ଅଧା କପ୍, ଲୁଣ, ହଳଦୀ, ଧଣିଆ ପତ୍ର, ଭୃଷଙ୍ଗ ପତ୍ର, ଛୋଟ ଅଦାଖଣ୍ଡ, ହେଙ୍ଗୁ, ୫ ଚାମଚ୍ ରିଫାଇନ୍ ତେଲ, ଡାଳିମ୍ବ ମଂଜି ।

**ପ୍ରସ୍ତୁତି ପ୍ରଣାଳୀ:** ଦୁଇ କପ୍ ଅରୁଆ ଚାଉଳକୁ ପ୍ରଥମେ ଭାତ କରି ଦିଅନ୍ତୁ । ପ୍ୟାନ୍‌ରେ ୫ ଚାମଚ୍ ରିଫାଇନ୍ ତେଲ ପକେଇ ସୋରିଷ ଫୁଟେଇ ଦିଅନ୍ତୁ । ତା'ପରେ ସେଥିରେ କଞ୍ଚା ବାଦାମ୍, ବିରି ଡାଲି, ବୁଟ ଡାଲି ଓ କାଜୁ ପକେଇ ହାଲ୍‌କା ଲାଲ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏହାପରେ ସେଥିରେ ଅଦା ଛେଚା, ତିନୋଟି ଶୁଖିଲା ଲଙ୍କା, କଞ୍ଚା ଲଙ୍କା, ହେଙ୍ଗୁ ଓ ଭୃଷଙ୍ଗ ପତ୍ର ପକେଇ ଭାଜନ୍ତୁ । ପୂର୍ବରୁ ଥିବା ତେନ୍ତୁଳି ରସକୁ ଏବେ ପ୍ୟାନ୍‌ରେ ଢାଳି ଦିଅନ୍ତୁ, ସ୍ୱାଦ ଅନୁଯାୟୀ ଲୁଣ, ହଳଦୀ ଗୁଣ୍ଡ ପକେଇ ତେନ୍ତୁଳି ରସ ମରି ଆସୁଥିବା ସମୟରେ ଆଗରୁ ଥିବା ଭାତ ପ୍ୟାନ୍‌ରେ ଢାଳି ଦିଅନ୍ତୁ । ଏହାପରେ ଧଣିଆ ପତ୍ର ଦେଇ ଭଲ ଭାବରେ ମିଶେଇ / ଗୋଳେଇ ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ପୁଳିହରା । ବର୍ତ୍ତମାନ ଏହାକୁ ଗୋଟିଏ ସର୍ଭିଂ ପ୍ଲେଟ୍‌କୁ କାଢ଼ି ଆଣି ତା' ଉପରେ ଡାଳିମ୍ବ ମଂଜି ଓ ଭଜା କାଜୁ ଦେଇ ସଜେଇ ଦିଅନ୍ତୁ ।



# ଲେଖକର ଲକ୍ଷ୍ୟ

***Dont aim for success if you want it; just do what you love and believe in, And it will come naturally.- David Frost***

ସଫଳତା ସ୍ୱତଃ ଆସିଥାଏ । ନିଜର ଲକ୍ଷ୍ୟ ଏହା ଉପରେ ସ୍ଥିର ନରଖି ନିଜର କାର୍ଯ୍ୟକୁ ନିଷ୍ଠା ଓ ବିଶ୍ୱାସର ସହ କରି ପାରିଲେ, ସଫଳତାର ସ୍ପର୍ଶ ଛାଏଁ ମିଳିଥାଏ । ଫଳାଫଳକୁ ଚିନ୍ତା ନକରି ନିଷ୍ଠାପର ରୂପେ କର୍ମ କରିବାକୁ ଗୀତା ମଧ୍ୟ ଆମକୁ ପରାମର୍ଶ ଦିଏ । ଜୀବନର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିରିକୃତ ଥାଏ । ଏହାକୁ ସ୍ଥୁଳ ଅର୍ଥରେ ଖୋଜିଲେ ମିଳେ ନାହିଁ । ଜୀବନର ଲକ୍ଷ୍ୟ ଚେତନାର ଗହନରେ ନିହିତ । ଆମେ କିନ୍ତୁ ତାକୁ ଖୋଜୁନା । ଜୀବନର ସ୍ଥୁଳ ପରିଚୟ ଭିତରେ ଆବଦ୍ଧ ରହି ଚେତନାର ସେଇ ସୂକ୍ଷ୍ମ ସ୍ତର ଠାରୁ ଆମେ କିନ୍ତୁ ଅପହଞ୍ଚ ରହିଯାଉ । ଫଳତଃ ଲକ୍ଷ୍ୟଭ୍ରଷ୍ଟ ହୋଇ ବିଫଳତାର ଚରମ ଆଘାତରେ ଜୀବନକୁ ସଠିକ୍ ଭାବେ ବୁଝିବା ପରିବର୍ତ୍ତେ ବହୁ ଦୂରକୁ ଚାଲି ଆସୁ । ଆମେ ସ୍ଥୁଳତଃ ଅହଂ ଦ୍ୱାରା ପରିଚାଳିତ ହୋଇ ଯାବତ୍ କାର୍ଯ୍ୟ କରିଥାଉଁ । ସୁତରାଂ ଏ କଥା ସତ୍ୟ ଯେ, ଅହଂଚାଳିତ ପ୍ରତ୍ୟେକଟି କାର୍ଯ୍ୟ ଅଜ୍ଞାନ ଓ ପାପାଚାରର ଫଳଶ୍ରୁତି । ଭାଗବତ ହିଁ ଆମକୁ ଏକଥା ସୂଚିତ କରେ । ଯଦି ଭାଗବତ ସତ୍ୟ, ତେବେ ଭଗବାନଙ୍କ ସଂକଳ୍ପ ଅନୁସାରେ ଆମେ ବା ପ୍ରତ୍ୟେକଟି ମଣିଷ ନିର୍ଦ୍ଦିଷ୍ଟ କର୍ମ କରିବା ନିମନ୍ତେ ସଂକଳ୍ପବଦ୍ଧ । ଭଗବାନଙ୍କ ସଂକଳ୍ପ ଅନୁସାରେ ଆମେ କର୍ମ କରିଲେ ଯାଇ ଲକ୍ଷ୍ୟସ୍ଥଳରେ ଉପନୀତ ହେବାର ସମ୍ଭାବନା ଆମର ସେତିକି ନିକଟତର ହେବ । କିନ୍ତୁ ସଚରାଚର ଆମେ ଆମ ଜୀବନଚର୍ଯ୍ୟାରେ ଏତେ କ୍ଷୀପ୍ର ଥାଉଁ ଯେ, ଫଳପ୍ରାପ୍ତିର ଆଶା ମଧ୍ୟ କ୍ଷୀପ୍ରତର ହୋଇଥାଏ । କିନ୍ତୁ ଭୁଲିଯିବା ଉଚିତ ନୁହେଁ, ଭଗବାନଙ୍କ ପ୍ରଦତ୍ତ କର୍ମ ସମ୍ପାଦନ ଠାରୁ ଆମେ ଦୂରେଇ ଯାଇ ନିଜର କାମନା ଚରିତାର୍ଥ ନିମିତ୍ତ ଯାବତୀୟ କର୍ମରେ ଆୟୁଷ ସାରିଦେଉଁ । ସତେ ଯେପରି ଏହା ହିଁ ଆମର କର୍ମ ! ଭଗବାନଙ୍କ ସଂକଳ୍ପ ଅନୁସାରେ କର୍ମ କରିବାକୁ ହେଲେ ବ୍ୟକ୍ତିଗତ କାମନା ବା ଲାଳସା ପରିହାର କରି ନିଷ୍କାମ କର୍ମରେ ନିଜକୁ ନିୟୋଜିତ କଲେ ହିଁ ଲକ୍ଷ୍ୟପ୍ରାପ୍ତିର ସଠିକ ମାର୍ଗ ମିଳିବ, ଲକ୍ଷ୍ୟ ନୁହେଁ । ଲକ୍ଷ୍ୟପ୍ରାପ୍ତିର ସଠିକ୍ ମାର୍ଗ ପାଇବା ହିଁ ବଡ଼କଥା । ଆମର ଏ ଜୀବନ ଅଜ୍ଞାନତାରେ ଭରପୂର । ଏ ଜୀବନକୁ 'ଦିବ୍ୟ-ଜୀବନ' କରିବା ହିଁ ଆମର ଲକ୍ଷ୍ୟ । ଏ 'ଲକ୍ଷ୍ୟ'କୁ ଆମେ ଆତ୍ମସ୍ଥ କରିବା ଦରକାର ।

ଏବେ ପ୍ରସଙ୍ଗକୁ ଆସିବି । ଆମେ ଯେଉଁମାନେ ଲେଖାଲେଖି ଭଳି ଏକ ଶାଶ୍ୱତ ଓ ସାରସ୍ୱତ କର୍ମରେ ଲିପ୍ତ, ଆମେ କ'ଣ ସେଇ ଦିବ୍ୟ ସଂକଳ୍ପ ଦ୍ୱାରା ପରିଚାଳିତ ! ହଁ, ଏହି ସାରସ୍ୱତ କର୍ମ ପଶ୍ଚାତ୍‌ରେ ଏକ ଈଶ୍ୱରୀୟ ସଂକଳ୍ପ ବିଦ୍ୟମାନ । ଅନ୍ୟଥା କତିପୟ ମଣିଷର ଭାଗ୍ୟରେ ଲେଖକ ହେବାର ସୌଭାଗ୍ୟ ଓଜାଡ଼ି ହୋଇ ପଡ଼ନ୍ତା କିପରି ! ସୁତରାଂ ଆମେ ଲେଖକମାନେ ସେଇ ସଂକଳ୍ପର ସଠିକ୍ ମାର୍ଗ ଅନୁସରିବା ଉଚିତ । କିନ୍ତୁ ଆମେ ସେପରି ମାର୍ଗ ଠାରୁ ବିଚ୍ୟୁତ ହୋଇ ନିଜସ୍ୱ କାମନା ବା ଅଭୀପ୍‌ସାର ଚରିତାର୍ଥ କରିବାକୁ ଆଗଭର ହେବା ଫଳରେ ଲେଖକୀୟ ଲକ୍ଷ୍ୟଟି ଧିରେ ଧିରେ ଅପହଞ୍ଚ ହୋଇଯାଏ । ଆମର ଲେଖକୀୟ ସତ୍ତାଟି ସେଇ ଈଶ୍ୱରୀୟ ସଂକଳ୍ପର ଧାରାନୁସରଣ ନକରି ମନ୍ଥର ହୋଇପଡ଼େ । ଲେଖକର କ୍ରିୟାଶୀଳତା ନିଷ୍କ୍ରିୟ ହୋଇଯିବା ଫଳରେ ସେ ମୃତବତ୍ କେବଳ 'ସାଧାରଣ ମଣିଷ'ଟିଏ ପରି ବଞ୍ଚେ ।

ଆଜିର ସମୟରେ ସାରସ୍ୱତ ସାଧନାକୁ କେହି 'ସାଧନା' ଭାବରେ ଗ୍ରହଣ ନକରିବା ହିଁ ବିଡ଼ମ୍ବନାର ବିଷୟ । ରାତାରାତି ଲେଖକର ପରିଚିତି ପାଇବା ଭଳି ଏକ 'କାମନା'ର ବଶବର୍ତ୍ତୀ ହେବା ଫଳରେ ଲେଖକ ତା'ର ଲକ୍ଷ୍ୟ ସ୍ଥଳର ନିର୍ଭୁଲ୍ ମାର୍ଗରେ ପହଞ୍ଚିବା ପରିବର୍ତ୍ତେ ନିଜ ଅସ୍ତିତ୍ୱ ହରାଉଛି । ଲେଖକ ହେବା କୌଣସି  ବିଶ୍ୱବିଦ୍ୟାଳୟର ଡିଗ୍ରୀ ପାଇବା ନୁହେଁ କି ଗୁରୁକୁଳ ପରମ୍ପରାର ଆଶୀର୍ବାଦ ପ୍ରାପ୍ତି ନୁହେଁ । ଏହା ଈଶ୍ୱରଙ୍କ  ପ୍ରଦତ୍ତ ଏକ ବିଶେଷ ସ୍ଫୁରଣ ଯାହା ଦୈବୀ କୃପା ବିନା ଅସମ୍ଭବ । ଅଥଚ ସାମ୍ପ୍ରତିକ ସମୟରେ ସାହିତ୍ୟର ଯେଉଁ ଧାରାରେ ଆମେ ଗତିଶୀଳ, ସେଠି ସତେ ଯେମିତି 'ସାହିତ୍ୟିକର ପରିଚୟ ପ୍ରାପ୍ତି' ଏକ ସହଜ ବର୍ଣ୍ଣବୋଧ ଶିକ୍ଷା ! ଯେକେହି ଯାହାବି ଲେଖି ଫେସ୍‌ବୁକ୍ ବା ସମରୂପୀ ମିଡ଼ିଆରେ (ଯାହାର କେହି ସମ୍ପାଦକ ବା ବିଚାରକ ନଥାନ୍ତି) ପ୍ରକାଶ/ ପ୍ରସାର କରିଦେଲେ, ସେ ସେହିକ୍ଷଣରୁ ଲେଖକ ହେଇଗଲା ବୋଲି ଭାବିବା ଭଳି ଏକ ଭ୍ରମ ବା ମାୟାନ୍ଧକାରରେ ରହିବା ଅନୁଚିତ । ସାମାଜିକ ସ୍ୱୀକୃତି, ପତ୍ରପତ୍ରିକାର ସ୍ୱୀକୃତି, ସର୍ବୋପରି ପାଠକୀୟ ସ୍ୱୀକୃତି ଭଳି ଅନେକ କଥାକୁ ଗୁରୁତ୍ୱ ଦେବାକୁ ପଡ଼ିବ । କିନ୍ତୁ ସେପରି ହେଉଛି କି ?

ଏବେ ତ ଲେଖକର ଲକ୍ଷ୍ୟ କହିଲେ ବୋଧହୁଏ ପୁରସ୍କାର ପ୍ରାପ୍ତ ହିଁ ବୁଝାଏ । କାରଣ କିଛିବର୍ଷର ଲେଖାଲେଖି ପରେ (ଏବେ ଲେଖାଲେଖିର ବର୍ଷେ ନ ପୂରୁଣୁ ମଧ୍ୟ ପୁରସ୍କାର ଭେଳା ଭେଳା) ଲେଖକ ଆଉ ଲେଖାଲେଖିରେ ମନ ନଦେଇ, କେମିତି ଗୋଟେଯୋଡ଼େ ପୁରସ୍କାର ନିଜ ନାଁରେ ଆସିବ, ସେଥିପାଇଁ ଲାଗି ପଡ଼େ । ଯେଉଁମାନେ ସାମାନ୍ୟ ସ୍ୱାଭିମାନୀ, ସେମାନେ ବି ମନେମନେ ଭାବି ହୁଅନ୍ତି ନତୁବା ସଭାସମିତିରେ ଓଗାଳି ପକାନ୍ତି ନିଜର ଅସନ୍ତୋଷ ଟିକକ । ଅର୍ଥାତ୍ ସେମାନଙ୍କ ମନ ଭିତରେ ମଧ୍ୟ କୋଉଠି ନା କୋଉଠି ସେଇ ଲକ୍ଷ୍ୟଟି ବସା ବାନ୍ଧିଥାଏ, ତା' ହେଉଛି ପୁରସ୍କାର । ସବୁଠୁ ମଜାର କଥା ହେଲା, ପୁରସ୍କାର ପାଇବା ବେଳେ ଯେଉଁ ଲେଖକଟି ନିଜ ପ୍ରତିକ୍ରିୟାରେ 'ଏ ପୁରସ୍କାର ମୋତେ ଆହୁରି ଦାୟିତ୍ୱଶୀଳ କରିଦେଲା' ଭଳି ଦାୟିତ୍ୱହୀନ ମନ୍ତବ୍ୟ ଦିଅନ୍ତି, ପରବର୍ତ୍ତୀ କାଳରେ ଦେଖାଯାଏ, ସାହିତ୍ୟରୁ ସେ ହିଁ ସନ୍ନ୍ୟାସ ନେଇ ଘରକୋଣେ ବସିଥାନ୍ତି । ଅର୍ଥାତ୍ ପୁରସ୍କାର ପ୍ରାପ୍ତି ହିଁ ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ ।

ଆଶ୍ଚର୍ଯ୍ୟ ଲାଗେ, 'ରେବତୀ' ଶୀର୍ଷକ ଏକ ଗପ ଲେଖିଥିବା ଫକୀରମୋହନ କେତେ ପୁରସ୍କାର ପାଇଥିଲେ ? ଅଥଚ ତାଙ୍କ ଲେଖା ତ ଆଜି ବି ପଢୁଛୁ ଆମେ । କାରଣ ସେ ପାଠକଙ୍କ ପାଇଁ ଲେଖୁଥିଲେ । ଆମେ ପାଠକଙ୍କ ପାଇଁ ଲେଖି ପାରିବା ନାହିଁ ! ପାଠକମାନେ କ'ଣ ଗୋଟେ ଲେଖକର ଲେଖାକୁ ପୁରସ୍କାର ପ୍ରାପ୍ତିର ଆନନ୍ଦ ଠାରୁ ଆହୁରି ଉଚ୍ଚକୁ ନେଇ ପାରିବେ ନାହିଁ ? ପାରିବେ । କିନ୍ତୁ ଆମ ଲେଖକଙ୍କ ପାଖରେ ପାଠକଙ୍କୁ ପରଷି ଦେବା ପାଇଁ ନା ଅଛି ଧୈର୍ଯ୍ୟ ନା କଞ୍ଚାମାଲ୍ । 'ଫାଷ୍ଟ୍‌ଫୁଡ୍'ର ଏ ଯୁଗରେ ସାହିତ୍ୟକୁ ଆଉ 'ଫାଷ୍ଟ୍' କରାନଯାଉ, ନହେଲେ ସାହିତ୍ୟରୁ କମି କମି ଆସିବ ପାଠକଙ୍କ ଆସ୍ଥା ଓ ବିଶ୍ୱାସ । ଥରେ ଏ ଦିଗରେ ଭାବିବା ଆସନ୍ତୁ ।



**HIGHLAND**

*A Highland Group Entity*




# HIGHLAND DE LA MER PVT. LTD

Alupur, O.T Road, Balasore, Odisha, India - 756001

sales@highlanddelamer.in, + 91 - 9861201752

**www.highlanddelamer.in**


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
sales@highlandmarine.in, + 91 - 9861201752
www.highlandmarine.in

The **REBATI AMA MATIRA SWARA** ● July 2021 Vol - 3 Issue - 9 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**

Editor : **Subasini Jena**